ନଚିକେତାର ଚୈତ୍ୟ

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

Digitized by srujanika@gmail.com

ସାହିତ୍ୟକୁ ଦାର୍ଶନିକ ଜଟିଳତାରେ ନ ଦେଖି ଜୀବନର କଲ୍ୟାଣକର ପ୍ରୟୋଜନ ଭାବରେ ଶ୍ରୀଯୁକ୍ତ ଶାସ୍ତ୍ରୀ ବିବେଚନା କରିଛନ୍ତି ।

- ଗୌରୀକୁମାର ବ୍ରହ୍ମା

ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ସାଂସ୍କୃତିକ ଇତିହାସର ଧର୍ମକେନ୍ଦ୍ରିକ ବିକାଶ ସମ୍ପର୍କରେ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ତଥ୍ୟାତ୍ମକ ଓ ତତ୍ତ୍ୱନିଷ୍ଠ ବିଚାର ଅନ୍ୟାନ୍ୟ ଆଲୋଚନାମାନଙ୍କୁ ଅନେକ ପରିମାଣରେ ଆଲୋକିତ କରିପାରିଛି ।

- ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି

ସଂସ୍କୃତି, ଧର୍ମ, ଆଧ୍ୟାତ୍ମିକ ପ୍ରସଙ୍ଗ ଉପରେ ଏକାଧିକ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ରଚନା କରି ସେ ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି ।

-ଅଧ୍ୟାପକ ଶ୍ରୀ. ପଠାଣି ପଟ୍ଟନାୟକ

ଏ ଜାତିକୁ ଦିଗ୍‌ଦର୍ଶନ ଦେବାପାଇଁ ଜଣେ ବାଗ୍ମୀ ଭାବେ ସେ ଓଡ଼ିଆ ପ୍ରାଣରେ ଯେଉଁ ସ୍ଥାନ ସୃଷ୍ଟି କରିଛନ୍ତି, ଯେଉଁ ସାଂସ୍କୃତିକ ଚେତନା ସୃଷ୍ଟି କରି ଏ ଜାତିର ଐତିହ୍ୟ ଓ ସ୍ୱାଭିମାନକୁ ଭାରତୀୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠା କରିଛନ୍ତି, ତାହା ଏ ଜାତି କେବେ ଭୁଲିପାରିବ ନାହିଁ ।

-ଡକ୍ଟର ଧରଣୀଧର ନାଥ

Digitized by srujanika@gmail.com

ନଚିକେତାର ଚୈତ୍ୟ

Digitized by srujanika@gmail.com

Digitized by srujanika@gmail.com

ନଚିକେତାର ଚୈତ୍ୟ

(ଆତ୍ମଜୀବନୀ)

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

Digitized by srujanika@gmail.com

ନଚିକେତାର ଚୈତ୍ୟ

(ଆତ୍ମଜୀବନୀ)

ଲେଖକ	ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ
ସଂକଳନ ଓ ସଂପାଦନା	ଡକ୍ଟର ଧରଣୀଧର ନାଥ ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା
ପ୍ରକାଶକ	ବିଜୟିନୀ ପବ୍ଲିକେଶନ୍ସ ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ - ୧୨
ପ୍ରଥମ ପ୍ରକାଶନ	୧୫ ଏପ୍ରିଲ ୨୦୧୫
ପ୍ରଚ୍ଛଦ	ଦିଲୀପ
ମୁଦ୍ରଣ	ସଙ୍ଗୀତା ପ୍ରିଣ୍ଟର୍ସ, କଟକ

Nachiketara Chaitya

(Autobiography)

Writer	**Dr. Dolagobinda Shastri**
Compiled & Edited by	**Dr. Dharanidhar Nath** Former President, Board of Secondary Education & Director, Secondary Education, Odisha
Publisher	**Bijayinee Publications** Shankarpur, Arunodaya Market Cuttack - 12, ODISHA Tel. : 0671-2328723, 9439241471
First Edition	15 April, 2015
Cover Art	Dilip
Printed at	Sangeeta Printers, Cuttack

Price : ₹ 200 ISBN : 978-93-84763-28-2

Digitized by srujanika@gmail.com

ନ ସଂଦୃଶେ ତିଷ୍ଠତି ରୂପମସ୍ୟ

ନ ଚକ୍ଷୁଷା ପଶ୍ୟତି କଶ୍ଚନୈନମ୍

ହୃଦା ମନୀଷା ମନସାଭିକ୍ଳୃପ୍ତୋ

ଯ ଏତଦ୍ ବିଦୁରମୃତାସ୍ତେ ଭବନ୍ତି ।

କଠୋପନିଷଦ : ୩/୯

[ଏହି ଅଚିନ୍ତ୍ୟ ଏବଂ ଅବ୍ୟକ୍ତ ସ୍ୱରୂପ ପରମେଶ୍ୱରଙ୍କର ବାସ୍ତବିକ ସ୍ୱରୂପ ନିଜର ସମ୍ମୁଖରେ ପ୍ରତ୍ୟକ୍ଷ ବିଷୟକ ରୂପରେ ସ୍ଥିତ ନାହାନ୍ତି । ଏହାଙ୍କୁ କେହି ମଧ୍ୟ ଚର୍ମଚକ୍ଷୁ ଦ୍ୱାରା ଦେଖିପାରନ୍ତି ନାହିଁ । ମନ ଦ୍ୱାରା ବା ମନନ ସାମର୍ଥ୍ୟ ଦ୍ୱାରା ବାରମ୍ବାର ଚିନ୍ତନ ଦ୍ୱାରା ଧ୍ୟାନରେ ଅଣା ହୋଇଥିବା ସେ ପରମାତ୍ମା ନିର୍ମଳ ଓ ନିଶ୍ଚଳ ହୃଦୟରେ ବିଶୁଦ୍ଧ ବୁଦ୍ଧି ଦ୍ୱାରା ଦେଖାଯାନ୍ତି । ଯେଉଁମାନେ ଏହାଙ୍କୁ ଜାଣନ୍ତି, ସେମାନେ ଅମର ଅର୍ଥାତ୍ ଜନ୍ମମୃତ୍ୟୁ ରହିତ ହୋଇ ମୁକ୍ତ ହୋଇଯାନ୍ତି ।]

Digitized by srujanika@gmail.com

Digitized by srujanika@gmail.com

ଆମୁଖ

ଭାରତୀୟ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ଏକ ଅସମାହିତ ରହସ୍ୟହେଉଛି କଠୋପନିଷଦ । ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଥିବା ଭାରତୀୟ ଗ୍ରନ୍ଥମାନଙ୍କ ମଧ୍ୟରେ ଏହା ଅଗ୍ରଗଣ୍ୟ । ପ୍ରଥମେ ପାର୍ଶୀ ଭାଷାର ଅନୁବାଦରୁ ହିଁ ବିଭିନ୍ନ ୟୁରୋପୀୟ ଭାଷାମାନଙ୍କରେ କଠୋପନିଷଦର ଆବିର୍ଭାବ ବିଶ୍ୱମାନସର ନୂଆ ନୂଆ ଦିଗନ୍ତକୁ ଉଦ୍‌ଭାଷିତ କଲା । ରାଜା ରାମମୋହନ ରାୟ ଏହାର ଇଂରାଜୀ ଅନୁବାଦ କରାଇଥିଲେ । ସାର ଏଡ଼ମଣ୍ଡ ଆ୍‌ରନୋଲଡ଼ (Sir Edmond Arnold) କଠୋପନିଷଦର ମୌଳିକ ତତ୍ତ୍ୱ ଉପରେ 'ଦି ସିକ୍ରେଟ୍ ଅଫ ଡ଼େଥ୍' (The Secret of Death) ଏବଂ ଏମରସନ୍ 'ଇମୋର୍ଟାଲିଟି' (Immortality) ପ୍ରବଂଧ ରଚନା କରିଥିଲେ । କଠୋରପନିଷଦର ଯେଉଁ ଶ୍ଳୋକଟି ସ୍ୱାମୀ ବିବେକାନନ୍ଦଙ୍କୁ ଅଧ୍ୟାତ୍ମିକ ଅନ୍ୱେଷଣ ଦିଗରେ ଅନୁପ୍ରାଣିତ କରିଥିଲା ତାହା ହେଉଛି-

ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟବରା ନ୍ନିବୋଧତ

କ୍ଷୁରସ୍ୟଧାର ନିଶିତା ଦୁରତ୍ୟୟା ଦୁର୍ଗମପଥଃ ତତ୍‌କବୟୋ ବଦନ୍ତି (୩.୧୪)

ଆମେରିକୀୟ ଲେଖକ ସମରସେଟ୍ ମମ୍ ୧୯୩୮ ମସିହାରେ ରମଣ ମହର୍ଷିଙ୍କୁ (୧୮୭୮-୧୯୫୦) ସାକ୍ଷାତ କଲାପରେ ଏହି ଶ୍ଳୋକଟିର ଅନ୍ତର୍ନିହିତ ଗାମ୍ଭୀର୍ଯ୍ୟ, ଗଭୀରତା ଓ ସାଂଙ୍କେତିକ ତାତ୍ପର୍ଯ୍ୟକୁ ଆଧାରକରି ରଚନା କରିଥିଲେ 'ଦି ରେଜର୍‌ସ ଏଜ୍' (The Razor's Edge) । କଠୋନିଷଦର ସବୁଠାରୁ ଆଲୋଚିତ ଚରିତ୍ରଟି ହେଉଛି ନଚିକେତା । ବାଳକ ନଚିକେତାଙ୍କ ପିତା ରାଜର୍ଷି ବାଜଶ୍ରବାଙ୍କ ଗୋଦାନକୁ ଦେଖି ତାଙ୍କ ହୃଦୟରୁ ପ୍ରଶ୍ନସୃଷ୍ଟି ହୋଇଛି, ତାକୁ ପିତା କାହାକୁ ଦାନ କରିବେ ? ଏହି ପ୍ରଶ୍ନରେ କ୍ଷୁବ୍ଧ ହୋଇ ଯମକୁ ଦେବାପାଇଁ ପିତା କହିବାମାତ୍ରେ ସେ ଯମପୁରକୁ ଗଲେ ଓ ତିନିଦିନ ପରେ ଯମଙ୍କ ସହିତ ସାକ୍ଷାତ ଲାଭକଲେ । ଯମ ତାଙ୍କୁ ତିନୋଟି ବର ପ୍ରଦାନ କରିଛନ୍ତି । ନଚିକେତାଙ୍କ ତୃତୀୟ ପ୍ରଶ୍ନଥିଲା ଯମ ଦେବତାଙ୍କ ଠାରୁ ମୃତ୍ୟୁର ରହସ୍ୟ ଜାଣିବା । ଯମ ନଚିକେତାଙ୍କ ଆଗରେ ଜୀବନ ମୃତ୍ୟୁର ରହସ୍ୟ ବଖାଣିଲେ, ଓ ବ୍ରହ୍ମଜ୍ଞାନ ବୁଝାଇଦେଲେ । ପରିଣତିରେ ନଚିକେତା ଲାଭକଲେ ଆତ୍ମ ପ୍ରତ୍ୟୟ । ଏହି ଆତ୍ମ ପରିଚୟ ଲାଭକରିବାହିଁ

Digitized by srujanika@gmail.com

ବ୍ୟକ୍ତିର ଅନୁସନ୍ଧିତ୍ସୁ ମନର ଶ୍ରେଷ୍ଠସିଦ୍ଧି । ଶତାବ୍ଦୀ ଶତାବ୍ଦୀ ଧରି ଜିଜ୍ଞାସୁ ନଚିକେତାର ଆଦର୍ଶ ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି । ଡ଼କ୍ଟର ଶାସ୍ତ୍ରୀ ଏପରି ଏକ ଚରିତ୍ର ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ । ବାଳକ ନଚିକେତାର ସାହସ, ସତ୍ୟ ଜାଣିବାପାଇଁ ଜିଜ୍ଞାସା ଡ଼କ୍ଟର ଶାସ୍ତ୍ରୀଙ୍କ ସଂଘାତପୂର୍ଣ୍ଣ ଜୀବନରେ ଥିଲା ଶ୍ରେଷ୍ଠ ଅନ୍ୱେଷା । ଜୀବନର ଯାତ୍ରାପଥରେ ଅନେକ ଜ୍ଞାନୀ, ଗୁଣୀ, ବିଦ୍ୱାନ, ସାଧୁ ସନ୍ଥଙ୍କ ସହ ତାଙ୍କର ସାକ୍ଷାତ ହୋଇଛି, ଆଲୋଚନା ହୋଇଛି ତଥାପି ନିଜ ସତ୍ୟରେ ସେ ଅଟଳ ରହିଛନ୍ତି । ସେଥିପାଇଁ ସେ ଲେଖିଥିବା ଆତ୍ମଲିପିର ନାଁ ହେଇଥିଲେ 'ନଚିକେତାର ଚୈତ୍ୟ' । ଏହି ଚରିତ୍ର ତାଙ୍କୁ ଦେଇଥିଲା ଦିବ୍ୟାନନ୍ଦ । ତାଙ୍କ ଜୀବନକୁ ସତତ ଶିହରିତ କିରିଥିଲା । ସେଇ ଆନନ୍ଦ ପାଠକ ମାନଙ୍କ ମଧ୍ୟରେ ବାଣ୍ଟିବାଥିଲା ଉଦ୍ଦେଶ୍ୟ । ସେଥିପାଇଁ ଆତ୍ମଲିପିର ମୁଖବନ୍ଧରେ ବାପା ଲେଖିଛନ୍ତି- 'ଜନମାନସର ମଙ୍ଗଳ ତଥା ମୋର ଆତ୍ମୀୟ ବନ୍ଧୁ ମାନଙ୍କର ସର୍ବାଙ୍ଗୀନ ସୁଖପାଇଁ ଏହି ପୁସ୍ତକଟିକୁ ମୁଁ ରଚନା କରିଛି । ଏହାକୁ ପାଠକରି ଛାତ୍ରଛାତ୍ରୀମାନଙ୍କର, ଗବେଷକ/ ଗବେଷିକା, ପାଠକ/ପାଠିକା ମାନଙ୍କର କିଛି କାର୍ଯ୍ୟରେ ଆସିପାରିଲେ ମୁଁ ନିଜକୁ ଧନ୍ୟମନେକରିବି' ।

ସାଧାରଣତଃ ଜୀବନର ଦଗ୍ଧ ଅନୁଭବର କାହାଣୀ, ଭଗ୍ନହୃଦୟର ବିଳାପ ଆଧ୍ୟାତ୍ମିକ ଉତ୍ତରଣ ଆଦିର ଗୋଟିଏ ସମାଜ ମନସ୍କ ଦସ୍ତାବିଜ ହେଉଛି ଆତ୍ମଲିପି । ଅନୁଭୂତି, ଉତ୍ସାହ, ଉଦ୍ଦୀପନା, ସଂଘର୍ଷ, ତାଡ଼ନା, ଆତ୍ମପରୀକ୍ଷା, ଆତ୍ମଆବିଷ୍କାରର, ପ୍ରତିବେଦନଟିଏ ହେଉଛି ଆତ୍ମଚରିତ । ଗାନ୍ଧିଜୀ କିମ୍ବା ନେଲସନ୍ ମାଣ୍ଡେଲାଙ୍କ ପରି ସତ୍ୟପାଇଁ ସଂଘର୍ଷ ଓ ଜାତିପାଇଁ ସାଲିସହୀନ ସଂଗ୍ରାମ ଆମ ସାହିତ୍ୟରେ ପ୍ରାୟ ନାହିଁ । କିନ୍ତୁ ଫକୀରମୋହନ, ନୀଳକଣ୍ଠ, ଗୋଦାବରୀଶ, ଗୋବିନ୍ଦ ମିଶ୍ର, ଲକ୍ଷ୍ମୀନାରାୟଣ ସାହୁଙ୍କ ଆତ୍ମଚରିତରୁ ଜାତି ପାଇଁ ସଂଘର୍ଷର ଆଭାସ ମିଳେ । ଓଡ଼ିଆ ସାହିତ୍ୟର ଆତ୍ମଲିପି ରଚନା କ୍ଷେତ୍ରରେ ଡ଼କ୍ଟର ଶାସ୍ତ୍ରୀଙ୍କର 'ନଚିକେତାର ଚୈତ୍ୟ' ଏକ ବ୍ୟତିକ୍ରମ । ଘଟଣାବଳୀର ଏହା କେବଳ ଏକ ଦସ୍ତାବିଜ ନୁହେଁ ଅକାଟ୍ୟଯୁକ୍ତିର ସହ ସେ ପ୍ରମାଣ କରିଛନ୍ତି ଯେ- 'ଶ୍ରୀ ଚୈତନ୍ୟ ରାୟରାମାନନନ୍ଦଙ୍କୁ ରାଗାତ୍ମିକା ପ୍ରେମ ଭକ୍ତି ସାଧନାର ଗୁରୁରୂପେ ବରଣ କରି ତାଙ୍କର ଶିଷ୍ୟତ୍ୱ ଅଙ୍ଗୀକାର କଲେ । ଏସଂପର୍କରେ ଶ୍ରୀଳ ଶ୍ରୀଧର ମହାରାଜ ସ୍ୱରଚିତ- Search for Krishna Reality The beauitful ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେଉଁରୂପାନୁଗ ପ୍ରେମଭକ୍ତି ସାଧନାକୁ ଶ୍ରୀଚୈତନ୍ୟ ରୂପ ସନାତନ- ଶ୍ରୀଜୀବ ପ୍ରଭୃତି ଷଡ଼୍‌ଗୋସ୍ୱାମୀଙ୍କ ଦ୍ୱାରା ବହୁଳ ପ୍ରଚାର କରାଇଥିଲେ ତାହାଯେ ସେ ରାୟରାମାନନ୍ଦଙ୍କ ଠାରୁ ଶିକ୍ଷାକରିଛନ୍ତି, ଏହାସେ ଏକାଧିବାର ନିଜ ମୁଖରେ ବ୍ୟକ୍ତ କରିଛନ୍ତି' । ପୁନଶ୍ଚ କଲିକତାର ବାଗ୍‌ବଜାର ସାତ ନମ୍ବର ସୀତାକାନ୍ତ ବାନାର୍ଜୀ ଲେନ୍‌ର ଅଭୟ ଚରଣ ଦେଙ୍କ (ଇସ୍କନର ପ୍ରତିଷ୍ଠାତା

Digitized by srujanika@gmail.com

ଏ.ସି.ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ) ଦୋ ମହଲାର ଚାରୋଟି କୋଠରୀରେ ଶ୍ରୀଳ ଶ୍ରୀଧର ମହାରାଜ ଚାରି ପାଞ୍ଚ ଜଣ ବ୍ରହ୍ମଚାରୀଙ୍କୁ ରଖି ସଂସ୍କୃତ ଚତୁଷ୍ପାଠୀ ସ୍ଥାପନ କଲେ । ଡ଼କ୍ଟର ଶାସ୍ତ୍ରୀଙ୍କୁ ଏଠାରେ ବ୍ରହ୍ମଚାରୀମାନଙ୍କୁ ହରିନାମାମୃତ, ବ୍ୟାକରଣ, କାବ୍ୟ, ଛନ୍ଦ ପ୍ରଭୃତି ପଢ଼ାଇବାକୁ କହିଲେ । ଏହି ପାଠପଢ଼ା ସହ ଇସ୍କନର ପ୍ରତିଷ୍ଠାତାଙ୍କ ଉପରେ ଡ଼କ୍ଟର ଶାସ୍ତ୍ରୀଙ୍କ ପ୍ରଭାବ ଆଜି ଗବେଷଣାର ବିଷୟ । ଏ ବିଷୟରେ ଡ଼କ୍ଟର ଶାସ୍ତ୍ରୀ ନିଜ ଆତ୍ମଲିପିରେ ଉଲ୍ଲେଖ କରିଛନ୍ତି- 'ଅଭୟଦାଙ୍କ ସହିତ ନଚିକେତାର ମଝିରେ ମଝିରେ ଅନ୍ତରଙ୍ଗ ଆଳାପ ହେଉଥିଲା । ସଂସ୍କୃତ ବ୍ୟାକରଣ ବା ସାହିତ୍ୟରେ ତାଙ୍କର ଗଭୀର ଜ୍ଞାନ ନଥିଲେ ମଧ୍ୟ ସାଧାରଣ ଭାବରେ ସେ ବହୁ ସଂସ୍କୃତ ଶ୍ଳୋକର ମର୍ମାର୍ଥ ଅନୁଭବ କରିପାରୁଥିଲେ । ହୁଏତ ଗୁରୁକୃପା ଦ୍ୱାରା ସମ୍ଭବ ହୋଇଥିଲା । ତାଙ୍କର ବୟସ ସେତେବେଳେ ବୋଧହୁଏ ୪୫-୫୦ । ନଚିକେତାଠାରୁ ସେ ବୟସରେ ଅନେକ ବଡ଼ । ତଥାପି ତାଙ୍କ ପ୍ରତି ତାଙ୍କର କିଛିଟା ଗୌରବ ବୋଧ ଥିଲା । ତେଣୁ ସମଧର୍ମି ଭାବରେ ବିଶ୍ରମ୍ଭାଳାପରେ ବାଧା ନଥିଲା ।

ପଙ୍ଗୁଲଙ୍ଘୟତେ ଗିରିଂ, କାକେରେ ଗରୁଡ଼କରେ ଐଛେ ଦୟାମୟ- ଦିନେ ଏଇ ଦୁଇ ପଂକ୍ତି ନେଇ ଆଲୋଚନା ଚାଲିଥିଲା । ଅଭୟଦା କାନ୍ଦୁକୁ ଆଉଜି ତଳକୁ ମୁହଁକରି ବସି ଶୁଣୁଥିଲେ । ହଠାତ୍ କହି ଉଠିଲେ, ପଣ୍ଡିତ ମହାଶୟ, ଏଟାକି ସମ୍ଭବ ? ପ୍ରଶ୍ନ ଶୁଣି ନଚିକେତା କହିଲା- ଗୁରୁ କୃପା ଓ ଭଗବତ୍‌କୃପା ହେଲେ ସବୁ ସମ୍ଭବ । ଅସମ୍ଭବ କିଛି ନାହିଁ । (ମହତ୍ କୃପୟା ଏବ, ଭଗବତ୍ କୃପାଲେଶାଦ୍‌ବା) ଆମେ ଯେ କିଛି କିଛି କରୁ ତା' କ'ଣ ଆମ ଯୋଗ୍ୟତା ଦ୍ୱାରା ହୁଏ ? ତା ଯଦି ହେଉଥାନ୍ତା ତେବେ ଆମେ ସମୟ ସମୟରେ ସାମାନ୍ୟ ହାଓ୍ୱାରେ ଏତେ ଦୋହଲି ଯାଆନ୍ତୁ କାହିଁକି ? ବେଳେ ବେଳେ ଯେଗ୍ୟତା ଦ୍ୱାରା ସମ୍ଭବ କାର୍ଯ୍ୟମଧ୍ୟ ବିଫଳ ହୁଏ କାହିଁକି ? ଅଭୟଦା ଟିକିଏ ହସିଲେ । ସେ ନିଜ କଥା ହିଁ ଭାବିଥିଲେ' । ଏପରି ଐତିହାସିକ ଘଟଣାବଳୀ ଗବେଷକମାନଙ୍କୁ ନିଶ୍ଚିତ ଭାବରେ ସାହାଯ୍ୟ କରିବ ।

ଜୀବନରେ ସେ ଅନେକ ଧୋକା ଖାଇଛନ୍ତି । କିନ୍ତୁ କୃଷ୍ଣ ପ୍ରେମରେ ନିଜକୁ ହଜାଇ ଦେଇ ସବୁ ଭୁଲି ଯାଇଛନ୍ତି । ଆଇ.ଏ ପଢୁଥିଲାବେଳେ ପ୍ରଫେସର ମୁଖାର୍ଜୀ ତାଙ୍କୁ କହିଥିଲେ- It is better to be cheated by believing others than to commit a sin against God by disbelieving others. ଅର୍ଥାତ୍ ଅନ୍ୟକୁ ବିଶ୍ୱାସକରି ପ୍ରତାରିତ ହେବା ବରଂ ଭଲ, କିନ୍ତୁ ଅନ୍ୟକୁ ଅବିଶ୍ୱାସ କରି ଭଗବାନଙ୍କ ନିକଟରେ ଅପରାଧି ହେବ ଉଚିତ୍ ନୁହେଁ । ରେଭେନ୍‌ସା କଲେଜରେ ଅଧ୍ୟାପକ ଥିବାବେଳେ ଜଣେ ଅଧ୍ୟାପକ ଅନ୍ୟ ଏକ କଲେଜରୁ ବଦଳି ହୋଇ ଆସିଲେ । ପାରିବାରିକ ଅବସ୍ଥା

Digitized by srujanika@gmail.com

ଖରାପ ହୋଇଥିବା ଯୋଗୁଁ ତାଙ୍କୁ ସାହଯ୍ୟ କଲେ । ମୁଖ୍ୟ ମନ୍ତ୍ରୀଙ୍କ ନିକଟକୁ ଯାଇ ତାଙ୍କର ବଦଳି ଆଦେଶ ରଦ୍ଦ କଲେ । କିନ୍ତୁ ସେହି ଅଧ୍ୟାପକ ଜଣକ ତାଙ୍କର ସର୍ବନାଶ ପାଇଁ ଜାଲ ବିଛାଇଲେ । କୌଣସି ଅଦୃଶ୍ୟ ହସ୍ତର କୃପାରେ ବିପଦ ଟଳିଗଲା । ଏପରି ସମୟରେ କବି ଗୁରୁ ରବୀନ୍ଦ୍ରନାଥ ଟଗୋରଙ୍କ ପ୍ରାର୍ଥନା ଗୀତ ତାଙ୍କୁ ସଦାବେଳେ ଆତ୍ମ ସନ୍ତୋଷ ହେଉଥିଲା । କବି ଗୁରୁ ରବୀନ୍ଦ୍ରନାଥ ଟାଗୋର ନିଜର ପ୍ରାର୍ଥନା ଗୀତରେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ କି ସଂସାରରେ କ୍ଷତି ହିଁ ସହିବାକୁ ପଡ଼େ, ଧୋକା ଖାଇବାକୁ ପଡ଼େ, ତେବେ ଏହି ସମୟରେ ପ୍ରଭୁ ମୋତେ ଏମିତି ଶକ୍ତି ଦିଅନ୍ତୁ ମୁଁ ଆପଣଙ୍କୁ ଯେପରି ସନ୍ଦେହ ନ କରେ ।

ସଂସାର ଲଭିଲେ କ୍ଷତି ପାଇଲେ ସୁଦ୍ଧୁ ବଂଚନା
ତୋମାକେ ଘେନ ନକରି ସଂଶୟ ।

ବାପା ସବୁକଥା ନିଜ ଆତ୍ମଲିପିରେ ଲେଖିନାହାଁନ୍ତି । ତାଙ୍କର ଲୋକାଭିମୁଖୀ ଓ ସଂଘର୍ଷମୟ ଜୀବନର ଅନେକ ଅନାଲୋଚିତ ଦିଗ ଉପରେ ପ୍ରଫେସର ପଠାଣି ପଟ୍ଟନାୟକ, ଡକ୍ଟର ବୈଷ୍ଣବ ଚରଣ ସାମଲ, ଡକ୍ଟର ବାସୁଦେବ ଦାସ ଓ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀଙ୍କ ରଚିତ ପ୍ରବନ୍ଧ ଗୁଡ଼ିକୁ ପାଠକ ଏବଂ ଗବେଷକମାନଙ୍କ ନିମିତ୍ତ ଏହି ଆତ୍ମଲିପିରେ ସ୍ଥାନିତ କରାଯାଇଛି ।

ବାପାଙ୍କ ଆତ୍ମଲିପିର ଡ଼ିଟିପି ସରିଥିଲା । ଜୀବଦଶାରେ କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ଏହା ପ୍ରକାଶିତ ହୋଇପାରିନଥିଲା । ତାର ନକଲ ମୁଁ ଶ୍ରୀ ଶ୍ୟାମସୁନ୍ଦର ଶାସ୍ତ୍ରୀ ଓ ଡକ୍ଟର ସାବିତ୍ରୀ ଶାସ୍ତ୍ରୀଙ୍କ ଠାରୁ ପାଇଥିଲି । ଏହା ସହିତ ଅନେକ ଚିଠିପତ୍ର ମୋତେ ଡକ୍ଟର ସାବିତ୍ରୀ ଶାସ୍ତ୍ରୀ ଯୋଗାଇ ଦେଇଛନ୍ତି । ଏହାକୁ ସମ୍ପାଦନା କରିବା କ୍ଷେତ୍ରରେ ମୋତେ ଜୟଶ୍ରୀ ଶାସ୍ତ୍ରୀ, ଶୁଭସୁନ୍ଦର ଶାସ୍ତ୍ରୀ, ଅଧ୍ୟାପକ ରାଜ କିଶୋର ଶର୍ମା, ଅଧ୍ୟାପକ ରମେଶ ଚନ୍ଦ୍ର ନାଥଶର୍ମା, ମଂଜୁଶ୍ରୀ ଶାସ୍ତ୍ରୀ, ଚୌଧୁରୀ ସତ୍ୟଦାସ, ଗୀତାଶ୍ରୀ ଶାସ୍ତ୍ରୀ ପ୍ରମୁଖଙ୍କ ସାହାର୍ଯ୍ୟପାଇଁ ମୁଁ ସେମାନଙ୍କ ନିକଟରେ ଋଣୀ । ଚୌଧୁରୀ ସତ୍ୟଦାସ ଏବଂ ଝିଅ ଚୌଧୁରୀ ଶ୍ୱେତାଦାସ (ପୂଜା) କେତେକ ଉପାଦେୟ ଫଟୋ ଓ ସାର୍ଟିଫିକେଟର ନକଲ ମୋତେ ଯୋଗାଇ ଦେଇଛନ୍ତି । ବିଭିନ୍ନ ସମୟରେ ସ୍ୱାମୀ ଶିବନାଥ, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଡକ୍ଟର ବୈଷ୍ଣବ ଚରଣ ସାମଲ, ଡକ୍ଟର ବାସୁଦେବ ଦାସ, ଡକ୍ଟର ପ୍ରକାଶ କୁମାର ପରିଡ଼ା ଓ ପ୍ରକାଶକ ଦିଲୀପ କୁମାର ବେଉରାଙ୍କୁ ସେମାନଙ୍କ ଶ୍ରଦ୍ଧାମୟ ପରାମର୍ଶ ପାଇଁ କୃତଜ୍ଞତା ଜଣାଉଛି ।

- ଡକ୍ଟର ଧରଣୀଧର ନାଥ

Digitized by srujanika@gmail.com

କଥା ଦୁଇପଦ

ଅତୀତ ଜୀବନ କାଳର ବିସ୍ମୃତି ଓ ସ୍ମୃତି ଏ ଦୁଇଟିର ସାର୍ଥକତା ବର୍ତ୍ତମାନ ଓ ଭବିଷ୍ୟତ ଜୀବନକାଳରେ ପୂରାପୂରି ଅନୁପଯୋଗୀ, ଏହା କେହି କହିପାରିବେ ନାହିଁ । ବର୍ତ୍ତମାନ ଓ ଭବିଷ୍ୟତ ଜୀବନଚର୍ଯ୍ୟାରେ କିଛି ଭୁଲିଯିବା ଯେଉଁ ପରିମାଣରେ ଉପଯୋଗୀ, କିଛି ନ ଭୁଲିବା ମଧ୍ଯ ସେଇ ପରିମାଣରେ ଉପଯୋଗୀ ।

ଅତୀତଟା ଯଦି ଚେର ମୂଳ ହୁଏ, ପରବର୍ତ୍ତୀ କାଳଟା ବୃଦ୍ଧ, ସମୃଦ୍ଧି ଓ ଊର୍ଦ୍ଧ୍ୱଗତି । ଚେର-ମୂଳରୁ ବିଚ୍ୟୁତ ହେଲେ ଯାହା ହୁଏ ତାହା ନ କହିବା ଭଲ । ଆଉ ଚେର ମୂଳରେ ହିଁ ଅଟକି ଗଲେ ସେ ଜୀବନକୁ ଆଉ ଜୀବନ କୁହାଯିବ ନାହିଁ ।

ପ୍ରତ୍ୟେକ ମନୁଷ୍ୟ ସଂସାରକୁ ଆସିଥାଆନ୍ତି ଯିବା ପାଇଁ । ସମସ୍ତେ ଦିନେ ନା ଦିନେ ଯିବେ । ଏହା ହେଉଛି କାଳର ଚକ୍ର । ଏ ନିୟତି-ଚକ୍ରକୁ କେହି ଅସ୍ୱୀକାର କରିପାରିବ ନାହିଁ । ମାତ୍ର ଜୀବନ କାଳ ମଧ୍ୟରେ କିଛି କିଛି ଘଟଣା ଘଟିଯାଏ; ତାହା ସ୍ମୃତି ହୋଇ ରହିଯାଏ- ଯେଉଁ ସ୍ମୃତିକୁ ସଂସାର ସବୁଦିନ ପାଇଁ ମନେ ରଖିଥାଏ । ସେହି ସ୍ମୃତିକୁ ପାଳନ କରିବା ସହିତ ସମାଜର ମଂଗଳ ନିମିତ୍ତ କିଛି ନୀତି-ନିୟମ ପ୍ରସ୍ତୁତ ହୋଇଥାଏ । ସେହି ସ୍ମୃତିକୁ ମନେ ରଖିବା ପାଇଁ ଯେଉଁ ଦିବସକୁ ପାଳନ କରାଯାଏ, ତାହା ହେଉଛି ମାନବ ସମାଜ ପାଇଁ ସ୍ୱତନ୍ତ୍ର ଦିବସ ।

ଚାଲୁ ଚାଲୁ ଯେଉଁ ଜୀବନଟା ଅଟକିଯାଏ ତାହା ନିର୍ଜୀବ ଶିଳାଖଣ୍ଡ ମାତ୍ର । ସେ ଜୀବନ ଥାଇ ନ ଥିବାରେ ପାର୍ଥକ୍ୟ ବିଶେଷ କିଛି ନାହିଁ । ଆଧୁନିକ ଯୁଗର 'ବନସାଇ' ସଉକ ଯା, ପ୍ରାୟ ସେଇଆ । ଥରେ ଅବସରପ୍ରାପ୍ତ ଜଣେ ବନ୍ଧୁ ତାଂକ ପ୍ରାସାଦସଂଲଗ୍ନ ପ୍ରମୋଦ ଉଦ୍ୟାନଟିକୁ ବୁଲାଇ ଦେଖାଇଲେ । ପଥର କୁଣ୍ଡରେ ବହୁବିଧ ଫଳ, ପୁଷ୍ପ, ସୌରଭ ଓ ଶୀତଳ ଛାୟାପ୍ରଦ ବୃକ୍ଷଗୁଡ଼ିକୁ ସଯତ୍ନଲାଳିତ ଅବସ୍ଥାରେ ଦେଖାଇଲେ ।

କଲିକତା ଶିବପୁର ବଟାନିକାଲ ଗାର୍ଡେନର ୨୫୦ ବର୍ଷର ବିଶାଳ ବଟବୃକ୍ଷ ଦେଖିଥିଲି । ଏବେ ମଧ୍ୟ ପାରାଦୀପ-କଟକ ରେଲଲାଇନ୍‌ର ଗୋରେଖନାଥ ଷ୍ଟେସନର ଅଦୂରବର୍ତ୍ତୀ ଗୋରେଖଗାଦିର ୮ / ୧୦ ଏକର ବ୍ୟାପୀ ବଟବୃକ୍ଷ ମଧ୍ୟ ଦେଖାଯାଏ ।

Digitized by srujanika@gmail.com

କିନ୍ତୁ ବନ୍ଧୁବରଙ୍କ ପ୍ରମୋଦ ଉଦ୍ୟାନରେ ଦୁଇଫୁଟ ଉଚ୍ଚର ସ୍ନେହଲାଳିତ ବଟବୃକ୍ଷଟିଏ ଦେଖି ପଚାରିବାରେ ଜାଣିଲି ତାହା ପ୍ରାୟ ୫ / ୬ ବର୍ଷ ହେବ ସେମିତି ରହିଛି । ବନ୍ଧୁବରଙ୍କୁ ଧନ୍ୟବାଦ ଜଣାଇ ବାହୁଡ଼ି ଆସିଲି ।

'ନଚିକେତାର ଚୈତ୍ୟ' କ'ଣ କେବଳ ଅତୀତ ଜୀବନର ରୋମନ୍ଥନ ? କ'ଣ କେବଳ ଆତ୍ମ-ପ୍ରଖ୍ୟାପନ-ପ୍ରଚେଷ୍ଟା ? ? - ଏ ଦୁଇଟିରେ ଅନ୍ୟର କ'ଣ ଯାଏ ? ? ଅତୀତରେ କେତେ କେତେ ମନୀଷୀ- କ୍ଷଣଜନ୍ମା- ଯୁଗଜନ୍ମା- ମହାମାନବଗଣ ନିଜର ଜୀବନୀ ଲିପିବଦ୍ଧ କରିଗଲେଣି । ଏଇମାତ୍ର ସେ ଦିନର ସାରା ପୃଥିବୀର ଆବାଳବୃଦ୍ଧବନିତା ମାନବ ସମାଜ ହୃଦୟରେ ଏକ ରୋମାଞ୍ଚକ ସ୍ନେହ- ଶ୍ରଦ୍ଧା ସାଧ୍ୱସଭରା ଆସନ ରଖିଗଲେ ଯେଉଁ ମହାମାନବ ମହାତ୍ମାଗାନ୍ଧି, ନିଜ ଦେଶରେ ଗତ ୬୩ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ସେଇ ଗାନ୍ଧିଜୀଙ୍କୁ ପୂରାପୂରି ବିସର୍ଜନ ଦେଇ ସାରିଲେଣି ।

ଛାଡ଼ନ୍ତୁ ସେକଥା । ଜନସମାଜର ମଂଗଳ ତଥା ମୋର ଆତ୍ମୀୟ ବନ୍ଧୁବାନ୍ଧବମାନଙ୍କର ସର୍ବାଙ୍ଗୀଣ ସୁଖପାଇଁ ଏହି ପୁସ୍ତକଟିକୁ ମୁଁ ରଚନା କରିଛି । ଏହାକୁ ପାଠ କରି ଛାତ୍ରଛାତ୍ରୀମାନଙ୍କର, ଗବେଷକ / ଗବେଷିକାମାନଙ୍କର, ପାଠକ / ପାଠିକାମାନଙ୍କର କିଛି କାର୍ଯ୍ୟରେ ଆସିପାରିଲେ ମୁଁ ନିଜକୁ ଧନ୍ୟ ମନେ କରିବି । ପରମେଶ୍ୱର ଭଗବାନ ଜନସମାଜର ମଂଗଳ କରନ୍ତୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ମୋର ଶତବାର ପ୍ରାର୍ଥନା ।

- ବିନୀତ ଲେଖକ

Digitized by srujanika@gmail.com

ଘାଟେଇ ଯାରା ଯାବାର ତାରା କଖନ ଗେଛେ ଘର ପାନେ
ପାରେ ଯାରା ଯାବାର ଗେଛେ ପାରେ
ଘରେଓ ନହେ ପାରେ ଓ ନହେ, ଯେଜନ ଆଛେ ମାଝଖାନେ
ସନ୍ଧ୍ୟା ବେଲାୟ କେ ଡେକେ ନେୟ ତାରେ ।।
ଫୁଲେର ବାର ନାଇଁକୋ ଆର, ଫସଲ ଯାର ଫଲଲ ନା
ଚୋଖେର ଜଲ ଫେଲତେ ହାଁସି ପାୟ
ଦିନେର ଆଲୋ ଯାର ଫୁରାଲୋ, ସାଁଝେର ଆଲୋ ଜ୍ୱଲନା
ସେଇ ବସେଛେ ଘାଟେର କିନାରାୟ ।
ଓରେ ଆୟ
ଆମାୟ ନିୟେ ଯାବି କେରେ
ବେଲାଶେଷେର ଶେଷ ଖେୟାୟ ।।

- ରବୀନ୍ଦ୍ରନାଥଙ୍କ "ଖେୟା"

Digitized by srujanika@gmail.com

ପ୍ରାକ୍ କଥନ

ଏହା କୌଣସି ବ୍ୟକ୍ତି ବିଶେଷର ଆତ୍ମ ଜୀବନୀ ବୋଲି ବିବେଚିତ ନ ହୋଇ ପ୍ରତ୍ୟେକ ଶୈଶବରୁ ଘଟ ପରିବର୍ତ୍ତନ ପର୍ଯ୍ୟନ୍ତ ଏକ ଅମ୍ଳ-ମଧୁର ବକ୍ର-ବନ୍ଧୁର ଜୀବନ ଯାତ୍ରାପଥର ଚିତ୍ରାଙ୍କନ ରୂପେ ସୁଧୀପାଠକ ହୃଦୟରେ କିଞ୍ଚିତ୍ ପ୍ରୀତି ରଞ୍ଜିତ ସ୍ଥାନ ଲାଭ କଲେ ଏ ଲେଖକର ଶ୍ରମ ସାର୍ଥକ ହେବ । ଇତି ।

ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ।

- ବିନୀତ ଲେଖକ

Digitized by srujanika@gmail.com

ଉପୋଦ୍‌ଘାତ

ଆମାର ମାଥା ନ ତକରେ ଦାଓ ହେ ତୋ
ଚରଣ ଧୂଲାର ତଲେ
ସକଲ ଅହଂକାର ହେ ଆମାର
ଡୁବାଓ ଚୋଖେର ଜଲେ ।

ନିଜେରେ କରିତେ ଗୌରବଦାନ
ନିଜେରେ କେବଳି କରି ଅପମାନ
ଆପନାରେ ଶୁଧୁ ଘେରିୟା ଘେରିୟା
ଘୂରେ ମରି ପଲେ ପଲେ
ସକଲ ଅହଂକାର ହେ ଆମାର
ଡୁବାଓ ଚୋଖେର ଜଲେ ।

ଆମାର ନା ଯେନ କରି ପ୍ରଚାର
ଆମାର ଆପନ କାଜେ
ତୋମାର ଇଚ୍ଛା କରୋ ହେ ପୂର୍ଣ୍ଣ
ଆମାର ଜୀବନ ମାଝେ
ଯାଚି ହେ ତୋମାର ପରମକାନ୍ତି
ଆମାର ଆଡ଼ାଲ କରିୟା ଦାଡ଼ା
ହୃଦୟ ପଦ୍ମ ଦଲେ ।

ସକଲ ଅହଂକାର ହେ ଆମାର
ଡୁବାଓ ଚୋଖେର ଜଲେ ।
ଆମି ବହୁବାସନାୟ ପ୍ରାଣପଣେ ଚାଇ
ବଞ୍ଚିତ କରେ ବାଁଚାଲେ ମୋରେ ।

Digitized by srujanika@gmail.com

ଏ କୃପା କଠୋର ସଞ୍ଚିତ ମୋର
ଜୀବନ ଭରେ
ନ ଚାହିତେ ମୋରେ ଯା କରେଛ ଦାନ
ଆକାଶ, ଆଲୋକ, ତନୁ, ମନ ପ୍ରାଣ
ଦିନେ ଦିନେ ତୁମି ନିତେଛ ଆମାୟ
ସେ ମହାଦାନେରଇ ଯୋଗ୍ୟ କରେ
ଅତି ଇଚ୍ଛାର ସଂକଟ ହତେ
ବାଁଚାୟେ ମୋରେ ।

ବାଜସନେୟ ନଚିକେତା ମାତ୍ର ପାଞ୍ଚବର୍ଷ ବୟସରେ ଯମରାଜାଙ୍କଠାରୁ ଯେଉଁ ପ୍ରଶ୍ନଗୁଡ଼ିକର ଉତ୍ତର ପାଇଥିଲା, ଏଇ ଏକବିଂଶ ଶତାବ୍ଦୀର ୮୫ ବର୍ଷ ପାର ହୋଇଥିବା ନଚିକେତା ସହସ୍ର ଚନ୍ଦ୍ରଦର୍ଶନ ପରେ ହୁଏ ସେଇ ପ୍ରକାର କିଛି ପ୍ରଶ୍ନର ଉତ୍ତର ସଦୃଶ ଯାହା ଚାହିଁଥିବ, ତାହା ବିଶ୍ୱକବି ରବୀନ୍ଦ୍ରନାଥଙ୍କ ନିମ୍ନ ଭାଷାରେ ହିଁ ପ୍ରକାଶ କରାଯାଇପାରେ ।

ଆମାର ମାଥା ନ ତକରେ ଦାଓ ହେ ତୋମାର
ଚରଣ ଧୂଲାର ତଲେ
ସକଲ ଅହଂକାର ହେ ଆମାର
ଡୁବାଓ ଚୋଖେର ଜଲେ ।

ଆମି ବହୁବାସନାୟ ପ୍ରାଣପନେ ଚାଇ
ବଞ୍ଚିତ କରେ ବାଁଚାଲେ ମୋରେ ।

ଏ କୃପା କଠୋର ସଞ୍ଚିତ ମୋର
ଜୀବନ ଭରେ
ନା ଚାହିତେ ମୋରେ ଯା କରେଛ ଦାନ
ଆକାଶ, ଆଲୋକ, ତନୁ, ମନ ପ୍ରାଣ
ଦିନେ ଦିନେ ତୁମି ନିତେଛ ଆମାୟ
ସେ ମହାଦାନେରଇ ଯୋଗ୍ୟ କରେ
ଅତି ଇଚ୍ଛାର ସଂକଟ ହତେ
ବାଁଚାୟେ ମୋରେ ।

Digitized by srujanika@gmail.com

ଏ ଯେ ତବ ଦୟ ଜାନି ଜାନି ହାୟ
ନିତେ ଚାତ ବଲେ ଫିରାଓ ଆମାୟ
ପୂର୍ଣ୍ଣ କରିୟା ଲବେ ଏ ଜୀବନ
ତବ ମିଳନେରଇ ଯୋଗ୍ୟ କରେ
ଆଧା-ଇଚ୍ଛାର ସଂକଟ ହେତ
ବାଁଚାୟେ ମୋରେ ।

ଓ ଗୋ ବର ଓ ଗୋ ବଁଧୂ
ଜାନ ଜାନ ତୁମି- ଧୂଲାୟ ବରିୟା
ଏ ବାଲା ତୋ ମାରି ବଧୂ ।

ରତନ ଆସନ ତୁମି ଏରି ତରେ
ରେଖେଛ ସାଜାୟେ ନିର୍ଜନ ଘରେ
ସୋନାର ପାତ୍ରେ ଭରିୟା ରେଖେଛ
ନନ୍ଦନବନ ମଧୁ
ଓ ଗୋ ବର ଓ ଗୋ ବଁଧୂ

- ଦୋଳଗୋବିନ୍ଦ ଶାସ୍ତ୍ରୀ

Digitized by srujanika@gmail.com

ସୂଚୀ

■ ନଚିକେତାର ଚୈତ୍ୟ ୨୧-୧୧୭

ବାଲ୍ୟ ଶିକ୍ଷା

ନଚିକେତା ଭଗବାନଙ୍କୁ ଦେଖିଲା

ରାୟ ରାମାନନ୍ଦ ଓ ଚୈତନ୍ୟଙ୍କ ମିଳନସ୍ଥଳୀ

ଅସଲ ପରୀକ୍ଷା

ନଚିକେତା ବି ପୁଣ୍ଡରିକ

ବନିଶୀ ଥୋପୀ

ଅଭିନୟର ସ୍ଥାୟିତ୍ୱ କେତେ ???

ସୁଅ ମୁହଁରେ ପତର

ଘିଅ ନିଆଁ ପାଖାପାଖି...

ସେଇ ପ୍ରଭୁ ଧନ୍ୟ

କଲେଜରେ ଛାତ୍ର ଜୀବନ

ତୋମାର ଏତବଡ଼ ସାହସ୍!!

ମହାନ୍ ମହତ୍ୟୈବ କରୋତି ବିକ୍ରମମ୍

ସାତନମ୍ବର ସୀତାକାନ୍ତ ବ୍ୟାନାର୍ଜୀଲେନ; ଅଭୟଦା

East and West can meet : When ??

ରେଖାର ରେଖା- ଅଲିଭା ରେଖା

ପ୍ରକୃତ ପ୍ରେମର ସଂଜ୍ଞା କ'ଣ ?

ପ୍ରଥମ ଚାକିରି

ସବୁ ଆଖି ଦେବା କ'ଣ ସତ ??

Digitized by srujanika@gmail.com

"ଘରେ ଆଇବୁଡ଼ୋ ମେୟେ ଆଛେ"
ଶିକ୍ଷକ ଜୀବନର ଆରମ୍ଭ
ବି ପୂର୍ବକ ବହଧାତୁ
ନିୟତ କୁରୁ କର୍ମାଣି
ସ୍ୱଭାବୋ ନୈବ ମୁଚ୍ୟତେ
ଆତ୍ମସନ୍ତୋଷ : ନିଷେଧ ଓ କାମ୍ୟ
ସାଲକିଆର ଶିକ୍ଷକ - ଜୀବନ
ଆଇ. ସି. ଏସ୍
ବୈଦିକ ସାମ୍ୟବାଦ
ଓଡ଼ିଶାରେ ଶିକ୍ଷକ ଜୀବନ
ଗୋଧୂଳି ଲଗ୍ନ

■ ସାରସ୍ୱତ ସ୍ମୃତିଲିପି ୧୧୯-୧୬୫

➭ ଜ୍ଞାନତପସ୍ୱୀ ଡକ୍ଟର ଅଧ୍ୟାପକ ଦୋଳଗୋବିନ୍ଦ ଶାସ୍ତ୍ରୀ
ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ ୧୨୧

➭ ସ୍ମୃତି ସାନ୍ତ୍ୱନା ଓ ଆତ୍ମବିକାଶର ମର୍ମଲିପି : ନଚିକେତାର ଚୈତ୍ୟ
ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ୧୨୩

➭ ସ୍ପର୍ଦ୍ଧା ଓ ପାଣ୍ଡିତ୍ୟର ସାରସ୍ୱତ ସାଧକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ
ଡକ୍ଟର ବାସୁଦେବ ଦାସ ୧୩୦

➭ ଧ୍ୟେୟ ଓ ଶ୍ରେୟବୋଧର ସାରସ୍ୱତ ସାଧକ ଦୋଳଗୋବିନ୍ଦ : ଏକ ଆକଳନ
ଡକ୍ଟର ସନ୍ତୋଷ ତ୍ରିପାଠୀ ୧୩୮

➭ ବାଗ୍ମୀ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ
ଡକ୍ଟର ଧରଣୀଧର ନାଥ ୧୪୮

■ ଇଂରାଜୀ ଅନୁବାଦ ୧୬୭-୧୯୮

ଗୋରକ୍ଷନାଥଙ୍କ ସିଦ୍ଧସିଦ୍ଧାନ୍ତପଦ୍ଧତି, ଗୋରକ୍ଷସଂହିତା, ଗୋରକ୍ଷବୋଧ ପ୍ରଭୃତି...

Digitized by srujanika@gmail.com

■ **ପରିଶିଷ୍ଟ** ୧୯୯-୨୩୨

ପରମାର୍ଥ ଯାତ୍ରାପଥ

ସାହିତ୍ୟକୃତି

ସମ୍ମାନ ଓ ପୁରସ୍କାର

ଚିଠିପତ୍ର

ଚିତ୍ରେ ଜୀବନ

●

Digitized by srujanika@gmail.com

ନଚିକେତାର ଚୈତ୍ୟ

ରାଜର୍ଷି ବାଜଶ୍ରବାଙ୍କ ପାଞ୍ଚବର୍ଷର ପୁତ୍ର ନଚିକେତା । ଯେଉଁ ଗାଈ ଏତେ ବୁଢ଼ୀ ହେଲାଣି ଯେ, ସେ ଘାସ, କୁଟା, ତୋରାଣି ବି ଖାଇବାକୁ ଅସମର୍ଥ, ଦୁଧ ଦେବା ଦୂରର କଥା, ଏପରି ଗାଈକୁ ବ୍ରାହ୍ମଣଙ୍କୁ ଦାନ କରୁଥିବାର ଦେଖି ପିତାଂକୁ ପଚାରିଦେଲେ- "ମୋତେ କାହାକୁ ଦାନ କରିବେ ? ଏଇ ପ୍ରଶ୍ନ ସେ ବାରମ୍ବାର ପଚାରିବାରୁ ପିତା ବାଜଶ୍ରବା ରାଗିଯାଇ କହିଲେ "ତୋତେ ଯମକୁ ଦେବି ।"

ସଂଗେ ସଂଗେ ନଚିକେତା ଯମପୁରୀକୁ ଯାଇ ତିନିଦିନ ଅପେକ୍ଷା କଲା ପରେ ଯମଙ୍କୁ ପଚାରିଥିଲେ- ମୃତ୍ୟୁ ପରେ ଆତ୍ମାର ଗତି, ଜୀବନର ଗତି ତା'ପରେ କ'ଣ ହୁଏ ଇତ୍ୟାଦି ଅତି ଗୂଢ଼ ରହସ୍ୟର କଥା ।

ଠିକ୍ ସେହିପରି ଆଉ ଗୋଟିଏ ପାଞ୍ଚ ବର୍ଷର ବାଳକ ପ୍ରହ୍ଲାଦଙ୍କ ଉକ୍ତି-

"କୌମାର ଆଚରେତ୍ ପ୍ରାଜ୍ଞଃ ଧର୍ମାନ୍ ଭାଗବତାନ୍ ଇହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟଧ୍ରୁବମର୍ଥଦମ୍" ।। (ଭା ୭-୬-୧)

ପାଞ୍ଚବର୍ଷ ବୟସର ବାଳକ ପ୍ରହ୍ଲାଦ ଏ କଥାଟି କହିଥିଲେ ନିଜ ସାଂଗସାଥୀଙ୍କୁ । ଅସୁର ରାଜପରିବାରର ସହପାଠୀମାନଂକୁ ଆଶ୍ଚର୍ଯ୍ୟ ଲାଗିଲା ପ୍ରହ୍ଲାଦଙ୍କଠାରୁ ଏଇପରି ଭକ୍ତିଭାବର ଆଲୋଚନା ଶୁଣି, ସାଂଗ ସାଥିଏ ପଚାରିଲେ- "ତୁମେ ତ ଆମରି ସାଂଗରେ ଜନ୍ମିଲ, ବଢ଼ିଲ, ପୁଣି ଏବେ ଆମ ସହିତ ପଢୁଛ; ଏତେ କଥା କେଉଁଠୁ ଶିଖିଲ ?"

ପ୍ରହ୍ଲାଦ କହିଲେ- "ମୁଁ ଯେତେବେଳେ ମାତୃଗର୍ଭରେ ଥିଲି, ସେତେବେଳେ ଦେବର୍ଷି ନାରଦ ମା'ଙ୍କୁ ଲକ୍ଷ୍ୟ କରି ଏସବୁ ହରିକଥା କହିଥିଲେ କେବଳ ମୋତେ

Digitized by srujanika@gmail.com

ଶୁଣାଇବା ପାଇଁ, ମୋର ଉପଲବ୍ଧି ପାଇଁ । ସେସବୁ କଥା ମୋର ମନେ ଅଛି, ତମମାନଙ୍କୁ କହୁଛି ।"

ବୁଦ୍ଧିମାନ୍ ପିଲା ତ ବାଲ୍ୟକାଳରୁ ହିଁ ଭାଗବତ ଧର୍ମ ଆଚରଣ କରିଥାଏ । କିନ୍ତୁ ଆଜିର ନଚିକେତା ତାର ପିଲାଦିନର ସବୁ କଥା ମନେ ରଖିପାରି ନାହିଁ । କେବଳ ଏତିକି ମାତ୍ର ମନେ ପଡୁଛି- ତା ଜନ୍ମ ସମୟରେ ସେ ମୁଲକରେ ଏକପ୍ରକାର ଦୁର୍ଭିକ୍ଷ ପଡ଼ିଥିଲା । ମା' କ୍ଷୀର ନ ହେବାରୁ ସମକାଳୀନ ଏକ ପ୍ରସୂତି ତାକୁ କ୍ଷୀର ଦେଇ ବଞ୍ଚେଇ ଥିଲେ । ବୋଧହୁଏ ଏଇ ଘଟଣା ତାର ଭାବୀ ଜୀବନର ବିଚାରଧାରାକୁ ବିଶେଷ ପ୍ରଭାବିତ କରିଥିଲା; କାରଣ, ହେତୁ ହେବା ବୟସରୁ ତା'ର ବିଚାରଧାରାରେ ଏକ ବିଶିଷ୍ଟ ମନୋଭାବ ଆବୋରି ରହିଥିଲା, ତା'ର ଜୀବନ ତା ନିଜ ପାଇଁ ନୁହେଁ, ଅନ୍ୟ ପାଇଁ । ସୁତରାଂ ସେ କେବଳ ଦେହ ଧାରଣ ପାଇଁ ଯେତିକି ଦରକାର ସେତିକି ନେବ, ଅଧିକ ଗ୍ରହଣ କରିବ ନାହିଁ । ଯାହା କିଛି ଅଧିକ ଆସିବ, ତାହା ଅନ୍ୟ ପାଇଁ । ତା ନିଜ ପାଇଁ ନୁହେଁ । ଏକଥା ତାକୁ କେହି କହି ନ ଥିଲେ, କୌଣସି ସାଧୁ ବା ଶାସ୍ତ୍ରରୁ ଏ ଉପଦେଶ ପାଇ ନ ଥିଲା । ପାଇଲା ଭଳି ବୟସ ବା ପରିବେଶ ତାର ନ ଥିଲା । ବହୁ ପୂର୍ବରୁ ତା ମନରେ ଏପରି ଏକ ଅଦ୍ଭୁତ ଚିନ୍ତା କିପରି ପଶିଲା, ତା ସେ ଆଜି ସୁଦ୍ଧା ଚଉରେଇପାରି ନାହିଁ । ତେବେ ମନେ ପଡୁଛି- ବାଲ୍ୟକାଳରୁ ନିଜ ବାପାଙ୍କଠାରୁ ଦୈନିକ ସନ୍ଧ୍ୟାରେ ନଡ଼ିଆ ଛପା ଉପରେ ତୁଳସୀ ଚଉରା ମୂଳେ ବସି କେତେକ ସଂସ୍କୃତ ଶ୍ଳୋକ ଆବୃତ୍ତିର ଅଭ୍ୟାସ ରଖିଥିଲା, ଯଦିଓ ଅର୍ଥ ବୁଝିବାର ଇଚ୍ଛା ବା ମାନସିକ ଯୋଗ୍ୟତା ତାର ଆସି ନ ଥିଲା ।

ସେତେବେଳେ ଗ୍ରାମରେ ଥିଲା ପ୍ରାଇମେରୀ ସ୍କୁଲଟିଏ, ସେଠିକୁ ଖଣ୍ଡିଏ ଖବର କାଗଜ ଆସୁଥିଲା । ଉପର ଓଳି ଗ୍ରାମର ମୁରବିମାନେ ଆସି ସ୍କୁଲ୍‌ରେ ଏକତ୍ର ହେଉଥିଲେ । ହେଡ୍‌ପଣ୍ଡିତ ଖବରକାଗଜ ପଢ଼ି ଶୁଣାଉଥିଲେ । ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆସିବା, ୨/୪ ଦିନ ଧରି ତାଂକର ସଭାସମିତି ଇତ୍ୟାଦିର ସମ୍ବାଦ ପଢ଼ା ହେଉଥାଏ । ନଚିକେତା ଥିଲା ପ୍ରଥମ ଶ୍ରେଣୀର ଛାତ୍ର, ସମ୍ବାଦ କିଛି ବୁଝେନା, କେବଳ ମହାତ୍ମାଗାନ୍ଧି ଶବ୍ଦଟି ବାରବାର ଶୁଣେ । ଦିନେ ସକାଳେ ତା'ର ମା' ଦାଣ୍ଡ ଦୁଆରେ ଗୋବରପାଣି ଛିଞ୍ଚି ପହଁରାରେ ଦାଣ୍ଡ ଖରକୁଥିଲେ । ନଚିକେତା ତା' ପଛରେ କାନିଧରି ପଚାରି ଚାଲିଥିଲା-

ମା- ମହାତ୍ମାଗାନ୍ଧି କିଏ କହିଲୁ ?

ମା' ବା କ'ଣ ବୁଝେ ନା ଜାଣେ !

ପୁଅର ଏ ଅଝଟପଣିଆ, ଏକଜିଦିଆ ପ୍ରଶ୍ନ ଶୁଣି ବିରକ୍ତ ହୋଇ କହି ପକାଇଥିଲା- 'ସେ ଭଗବାନ୍' ।

Digitized by srujanika@gmail.com

ବାସ୍, ସେତିକି । ନଚିକେତା ଆଉ ପଚାରି ନାହିଁ । ମାଇନର ସ୍କୁଲରୁ ବୃତ୍ତିପରୀକ୍ଷାରେ ପାସ୍‌କରି ନଚିକେତା କଟକ ଆସି ହାଇସ୍କୁଲ୍‌ରେ ପଢ଼ିଲା, ସେତେବେଳେ ଶୁଣିଲା, ପୁରୀଘାଟ କାଠଯୋଡ଼ି ନଦୀ ବାଲିରେ ମହାତ୍ମା ଗାନ୍ଧି ସଭା କରୁଛନ୍ତି । ଏହା ୧୯୩୪ ଖ୍ରୀ:ଅ: କଥା । ଏ ଯାତ୍ରାହିଁ ମହାତ୍ମା ଗାନ୍ଧିଙ୍କର ଓଡ଼ିଶାରେ ୫ମ ଓ ଶେଷ ପଦଯାତ୍ରା ।

ଦିନ ଦି'ପ୍ରହରରେ ନଚିକେତା ସେଇ ବାଲିପଠାରେ ପହଞ୍ଚିଲା । ସେଠାରେ ଗୋଟିଏ ଗଛମୂଳରେ ଛଣର ତିଆରି ଚାଳଘରଟିଏ । ତା' ସାମନାରେ ଚାନ୍ଦୁଆତଳେ ୬୦ / ୭୦ ଭଦ୍ରମହିଳା ବସିଛନ୍ତି । ଛଣକୁଡ଼ିଆର ତାଟି କବାଟ ବନ୍ଦ । ଶୁଣିଲା, ମହାତ୍ମାଗାନ୍ଧି ବିଶ୍ରାମ କରୁଛନ୍ତି ।

ନଚିକେତା ପଛଧାଡ଼ିରେ ଟିକିଏ ଭିତରକୁ ଯାଇ ବସିଲା । ଘଣ୍ଟାଏ ପରେ ତାଟି ଖୋଲିଗଲା ।

ଆଣ୍ଠୁନୁଚା ଲୁଗା ଦୋକଛି ମରା, ସାରା ଦେହ ଖାଲି; ଅଣ୍ଟାରୁ ସୂତାବନ୍ଧା ହାତଘଣ୍ଟାଟିଏ ଝୁଲୁଛି- ମହାତ୍ମାଗାନ୍ଧି ବାହାରି ଆସିଲେ ।

ସମସ୍ତଙ୍କର ଠିଆ ହୋଇ 'ଜୟ ମହାତ୍ମା ଗାନ୍ଧି କି ଜୟ' ଶବ୍ଦ ଉଛୁଳି ପଡ଼ିଲା । ଗାନ୍ଧିଜୀ କଣ ସବୁ କହିଲେ- ସମସ୍ତେ ବସିଗଲେ ।

ନଚିକେତା ଭଗବାନ୍‌ଙ୍କୁ ଦେଖିଲା

ଟିକିଏ ପରେ ଗାନ୍ଧିଜୀ ହାତ ପତେଇ ଆଗକୁ ଆଗକୁ ଆସୁଥାଆନ୍ତି । ତାଂକ ଡାହାଣ ପାଖରେ ଦୁଇଜଣ ଗୋଟିଏ ଚାଦର ମେଲେଇ ଧରିଥାଆନ୍ତି- ବସିଥିବା ମହିଳାମାନେ ଜଣ ଜଣ କରି ଠିଆ ହୋଇପଡୁ ଥାଆନ୍ତି- ହାତରୁ, ବେକରୁ, ମୁଣ୍ଡରୁ ଗହଣା ସବୁ କାଢ଼ି ଗାନ୍ଧିଜୀଙ୍କ ହାତରେ ଦେଉଥାଆନ୍ତି । ଗାନ୍ଧିଜୀ ସେଇ ଚାଦରରେ ପକେଇ ଦେଇ ସେମିତି ହାତପତେଇ ଚାଲୁ ଚାଲୁ ନଚିକେତା ପର୍ଯ୍ୟନ୍ତ ଆସିଗଲେ- ନଚିକେତା ଠିଆହୋଇପଡ଼ିଲା । ପକେଟରେ ହାତ ପୂରେଇ ସେକାଳର ସପ୍ତମ ଏଡ଼୍‌ଉଆଡ଼ଙ୍କ ଚନ୍ଦାମୁଣ୍ଡିଆ ବଡ଼ ତମ୍ବାପଇସାଟିଏ ମାତ୍ର ପାଇ ଭଗବାନ୍‌ଙ୍କ ହାତରେ ଦେଲା- ଖାଲି ଦେଲା ନାହିଁ; ଭଗବାନ୍‌ଙ୍କୁ ଛୁଇଁବ !! କ'ଣ କମ୍ କଥା !!

ସେ ନିଜ ହାତ ପାପୁଲିକୁ ଭଲକରି ନିଠେଇ ଭଗବାନ୍‌ଙ୍କ ହାତରେ ଚାପିଧରିଲା- ଭଗବାନ୍‌ଙ୍କ ଓଠରେ ମୃଦୁ ହସର ଝଲକ- ମଝିରେ ଗୋଟିଏ ଦାନ୍ତ ନାହିଁ- ସେ ଛବିର ସ୍ମୃତି ଏବେ ବି ନଚିକେତାର ଚିତ୍ତରେ ଅମ୍ଳାନ ରହିଛି-

ଶ୍ରୀମଦ୍‌ଭଗବଦ୍ ଗୀତାର ବିଶ୍ୱରୂପ ଦର୍ଶନକାଳୀନ ପଂକ୍ତି-

Digitized by srujanika@gmail.com

ଯଦ୍‌ଯଦ୍ ବିଭୂତିମତ୍‌ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶ - ସମ୍ଭବମ୍ । ।

ହେ ଅର୍ଜୁନ ! ଯେଉଁ ଯେଉଁ ବ୍ୟକ୍ତିଙ୍କ ମଧ୍ୟରେ କିଛି ବିଶେଷ ଗୁଣ ବା ଦକ୍ଷତା ଦେଖୁଚ, ସେ ସମସ୍ତ ମୋରି ତେଜ ବା ଅଂଶ । ମୁଁ ତା' କୌଣସି ଉଦ୍ଦେଶ୍ୟ ସାଧନ ନିମିତ୍ତ ଦେଇଥାଏ । ତେବେ କାଲିପରି ମନେ ପଡୁଛି- ଚତୁର୍ଥ ଶ୍ରେଣୀରେ ପଢ଼ିଲାବେଳେ 'ଧର୍ମଶିକ୍ଷା' ବୋଲି ସପ୍ତାହରେ ଗୋଟିଏ କ୍ଲାସ୍ ଥିଲା । ସେଇ କ୍ଲାସ୍‌ରେ ରାମାୟଣ, ମହାଭାରତ, ଭାଗବତ, ବାଇବେଲ, କୋରାନ ପ୍ରଭୃତି ଧର୍ମଗ୍ରନ୍ଥରୁ ଭଗବାନ୍‌ଙ୍କ ପ୍ରତି ଶ୍ରଦ୍ଧାଭକ୍ତି ସମ୍ବନ୍ଧିତ ଗଳ୍ପ, ଭକ୍ତଚରିତ, ମହାପୁରୁଷ ଓ ମୁନିଋଷିମାନଂକର ଜୀବନୀରୁ ପିଲାଂକ ମନଲାଖି କାହାଣୀ ଶୁଣାଉଥିଲେ । ଶିକ୍ଷାପ୍ରଦ ଉପଦେଶ ସବୁ ପିଲାଂକୁ ବୁଝାଇ ଦିଆଯାଉଥିଲା । ସେ ବେଳ ଥିଲା ବ୍ରିଟିଶ ସରକାରଂକ ରାଜତ୍ୱ ।

ସେତେବେଳେ ତ ଧର୍ମନିରପେକ୍ଷତା ଶବ୍ଦ ମଧ୍ୟ ପିଲାମାନଂକ କାନରେ ପଡ଼ିନଥିଲା । ଇଂରେଜ ସାହେବଂକ ଶାସନକାଳ । ମଧୁବାବୁଙ୍କ ବର୍ଣ୍ଣବୋଧରୁ ପିଲାଏ ପଢୁଥିଲେ, ମୁଖସ୍ଥ କରି ଗାଉଥିଲେ-

ଆକାଶ ଦିଶେ କି ସୁନ୍ଦର
ତାହାକୁ ରଚିଲେ ଈଶ୍ୱର
ବାଲ୍ୟକାଳୁ ଧର୍ମ ଧନ ମୁଁ ସଂଚିବି
ଏ ଜୀବନ ଅନିଶ୍ଚିତ

ଏ ସବୁ ଗୀତ ଦ୍ୱିତୀୟ-ତୃତୀୟ ଶ୍ରେଣୀ ପାଠବେଳୁ ପିଲାଂକ ମୁଖସ୍ଥ ଥିଲା । ସ୍ୱାଧୀନତାର ୬୩ ବର୍ଷ ପରେ ବି ଧର୍ମନିରପେକ୍ଷତାର ଅଦ୍‌ଭୁତ ବ୍ୟାଖ୍ୟା ଶୁଣିବାକୁ ମିଳୁଚି । ଏ ଦେଶରେ ଏବେ ଧର୍ମନିରପେକ୍ଷତା କହିଲେ କେବଳ ମାତ୍ର ଗୋଟିଏ କଥା ବୁଝାଏ-.

ହିନ୍ଦୁ ବ୍ୟତୀତ ଅନ୍ୟ ଧର୍ମାବଲମ୍ବୀମାନେ ଯାହା ଇଚ୍ଛା ତାହା କରିପାରିବେ । ଅସଂଖ୍ୟ ହିନ୍ଦୁ ମନ୍ଦିର ଭାଂଗିବେ, ଅସଂଖ୍ୟ ହିନ୍ଦୁଙ୍କୁ ବାସଚ୍ୟୁତ କରିବେ, ବିଶ୍ୱ-କୁଖ୍ୟାତ ଆତଂକବାଦୀମାନଂକୁ ପ୍ରକାଶ୍ୟରେ ପ୍ରଶଂସା କରିବେ, ତାଂକ ସପକ୍ଷରେ ଆନ୍ଦୋଳନ କରିବେ- ଆଇନ ଅମାନ୍ୟ କରିବେ । କିନ୍ତୁ ଆମର ଜନପ୍ରତିନିଧିଗଣ ସେ ସବୁ ପ୍ରତି ଆଖିବୁଜି କାନରେ ତୁଳାଦେଇ ବସିବେ ।

କିନ୍ତୁ ଯଦି କୌଣସି ହିନ୍ଦୁ ବା ହିନ୍ଦୁଗୋଷ୍ଠୀ କୌଣସି ଭଂଗା, ପରିତ୍ୟକ୍ତ ମସ୍‌ଜିଦ୍ ବା ଚର୍ଚ୍ଚ ଆଖ୍ୟାର ଦୁଇଚାରିଟା ତାଳପତ୍ର ଚାଳଘରକୁ ପୋଡ଼ିଦେଲେ, ସେ ବେଳକୁ କେବଳ ଭାରତବର୍ଷ କାହିଁକି ସମଗ୍ର ବିଶ୍ୱର ତଥାକଥିତ ଧର୍ମନିରପେକ୍ଷ ରାଷ୍ଟ୍ରନାୟକ ଓ ଧର୍ମଗୁରୁମାନେ ବି ଭାରତବର୍ଷରେ ହିନ୍ଦୁଗୁଡ଼ାକ ସଂକୀର୍ଣ୍ଣ ମୌଳବାଦୀ- ଫଣ୍ଡାମେଣ୍ଟାଲିଷ୍ଟ, ଆତଂକବାଦୀ ବୋଲି ସାରା ବିଶ୍ୱରେ ଚହଳ ପକାଇଦେବେ ।

Digitized by srujanika@gmail.com

ପୁଣି ହିନ୍ଦୁ କେବଳ ଗୋଟିଏ ସ୍ତ୍ରୀ ଓ ଦୁଇଟି ସନ୍ତାନରୁ ବେଶି ହେଲେ ଦଣ୍ଡନୀୟ; ସରକାରୀ କର୍ମରୁ ବିତାଡ଼ିତ ହେବ । କିନ୍ତୁ ଯେକୌଣସି ଅଣହିନ୍ଦୁ ସେ ଚାରିଟା ସ୍ତ୍ରୀର ସ୍ୱାମୀ ୪×୪= ୧୬ଟା ସନ୍ତାନର ଜନକ ହେଲେ ବି କୌଣସି ଭାରତୀୟ ପିଙ୍ଗଳକୋର୍ଡ଼ର କଟକଣା ତା ପ୍ରତି ଲାଗୁ ହେବ ନାହିଁ; ଆମେ ଯେ ଧର୍ମନିରପେକ୍ଷ !!

ଏ ଦେଶ ୬୩ବର୍ଷ ପୂର୍ବେ ଧର୍ମ ଭିତ୍ତିରେ ବିଭକ୍ତ ହୋଇଗଲା । କାଶ୍ମୀର ପ୍ରଦେଶର ଯେତିକି ଅଂଶ ଭାରତବର୍ଷରେ ରହିଛି, ସେଠାରୁ ଲକ୍ଷ ଲକ୍ଷ ହିନ୍ଦୁ ପଣ୍ଡିତ ବିତାଡ଼ିତ ହୋଇ ଏବେ ମଧ୍ୟ ଆଶ୍ରୟସ୍ଥଳୀରେ କାଳ୍ କାଟୁଛନ୍ତି, ସେମାନଂକର ଘରବାଡ଼ିସବୁ ବେଦଖଲ ହେଲାଣି । ଦିନକ ପାଇଁବି ସେମାନଂକ ପାଇଁ ବିଦେଶର ରାଷ୍ଟ୍ରନାୟକ ତ ଦୂରର କଥା, ଭାରତବର୍ଷର 'ଧର୍ମନିରପେକ୍ଷ' ରାଜନୈତିକ ଦଳ ବା ଦଳପତିଗଣ ମଧ୍ୟ ଟିକିଏ ହେଲେ କୌଣସି ଆନ୍ଦୋଳନ, ଧର୍ମଘଟ, ରାସ୍ତାବନ୍ଦ, 'ଚକାବନ୍ଦ' ତ ଦୂରର କଥା ବିଧାନସଭା ବା ଲୋକସଭାରେ ଏ ପ୍ରସଂଗ ଆଲୋଚନାର ନାଁ ମଧ୍ୟ ଧରନ୍ତି ନାହିଁ ।

ଆଉ କେତେଟା ବର୍ଷ ପରେ ପୁନଶ୍ଚ କେତେ ଯେ ପାକିସ୍ଥାନ- ଖୀରସ୍ତାନର ଉଦ୍ଭବ ହେବ, ତାହାର ସୂଚନା ଏବେଠାରୁ ମିଳିଲାଣି ।

ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ପାର୍ଶୀ, ଶିଖ, ଜୈନ ଇତ୍ୟାଦି କେତେ ଧର୍ମ-ଗୋଷ୍ଠୀର ବ୍ୟକ୍ତି ତ ମିଳିମିଶି ବେଶ୍ ଭଲରେ ଚଳୁଥିଲେ ବି କେତେକ ନେତାଂକ ଗାଦି ଲୋଭରୁ ଏକେତ ଦେଶ ତିନିଖଣ୍ଡ ହେଲାଣି; ଏବେ ଏମିତି ଧର୍ମନିରପେକ୍ଷତା (? ?) ଆଉ କିଛି ଦିନ ଚାଲିବାକୁ ଦେଲେ ଦେଶ ଯେ କେତେ ଖଣ୍ଡ ହେବ ତା କହିବା ସମ୍ଭବ ନୁହେଁ । ୧୨୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତରେ କିନ୍ତୁ ଭାରତର ରାଜନୈତିକ ଦଳ ଓ ନେତାମାନେ କେବଳ ଗୋଟିଏ କଥା ଜାଣନ୍ତି - ସେମାନେ ସଂଖ୍ୟାଲଘୁ (ଅଣହିନ୍ଦୁ ଓ ଅସବର୍ଣ୍ଣ ହିନ୍ଦୁ) ଭୋଟ ବଳରେ ଆଗାମୀ ବଂଶଧରଂକ ପାଇଁ ଅର୍ଥ ଓ ସମ୍ପଦ ସଂଚୟ କରିଯିବେ । ଦେଶର ସୁଖ ଓ ଦେଶବାସୀଙ୍କ ସୁଖସମୃଦ୍ଧି ସେମାନଂକ ନିକଟରେ ଅତି ଗୌଣ । କିନ୍ତୁ ସେମାନେ ଭୁଲିଯାଆନ୍ତି, ଦୁଇତିନି ପିଢ଼ି ତ ଦୂରର କଥା, ହୁଏତ ତାଂକରି ପରବର୍ତ୍ତୀ ପିଢ଼ି ଅଧାବୟସ ପୂର୍ବରୁ ଭିଟାମାଟି ଛାଡ଼ି କେବଳ ପ୍ରାଣଟି ଧରି ଅନ୍ୟତ୍ର ଉଦ୍‌ବାସ୍ତୁ ଜୀବନଯାପନ କରୁଥିବେ । ହିନ୍ଦୁର ସଂଖ୍ୟା ଦୁଇଟି ବଢ଼ିଲା ବେଳକୁ ଅଣହିନ୍ଦୁର ସଂଖ୍ୟା ଦଶଟି ବଢ଼ିଥିବ, ଅଣହିନ୍ଦୁର ସଂଖ୍ୟା ଅଧିକ ହେଲେ ବର୍ତ୍ତମାନର କାଶ୍ମୀରବାସୀଙ୍କ ଗଣମତ ହିଁ ମୁଖ୍ୟ ପ୍ରସଂଗ ହେବା ଅବସ୍ଥା ଆସି ଯାଇଥିବ । ଏସବୁ ନଚିକେତା ଜୀବନର ସାୟାହ୍ନରେ ଅନୁଭବ କରୁଛି । ସମୟର ପ୍ରତିଲୋମ ଗତିରେ ସବୁ ଜଳଜଳ ହୋଇ ଦିଶୁଛି ।

Digitized by srujanika@gmail.com

ନଚିକେତାର ଚତୁର୍ଥ ଶ୍ରେଣୀ ପାସ୍ ପରେ ପଞ୍ଚମ ଶ୍ରେଣୀରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେ ସବୁ ବିଷୟରେ (କେବଳ ଖେଳ ଛାଡ଼ି) ପ୍ରଥମ ପୁରସ୍କାର ଗୁଡ଼ିକ ପାଇଲା । ତା' ସହିତ ତାର ଦୁଇ ମାମୁ (ମା'ଙ୍କର ସାବତ ମା'ଙ୍କର ପୁତ୍ର) ଗୋଟିଏ ଶ୍ରେଣୀରେ ପଢୁଥିଲେ । ତିନିଜଣ ମିଶି ପୁରସ୍କାରଗୁଡ଼ିକ ବୋହି ନେଇ ମାମୁଁଘରେ ପହଂଚିଲେ । ସେଇ ରାତିଠାରୁ ନଚିକେତା ଓ ତାର ନିଜମାମୁଙ୍କୁ ଆଉ ଖାଇବାକୁ ମିଳିଲା ନାହିଁ । ସେମାନଂକୁ ମାମୁମାନଂକଠାରୁ ଭିନ୍ନେ କରି ଦିଆଗଲା । ଦୁଇତିନିଦିନ ଏକପ୍ରକାର ଉପବାସରେ ରହିଲା ପରେ ନଚିକେତା ବାପାଂକୁ ଚିଠି ଲେଖିଲା- ସେ ଆଉ ପଢ଼ିବ ନାହିଁ । ତାକୁ ଘରକୁ ନେଇଯାଆନ୍ତୁ । ଏଇ ପୁରସ୍କାର ପାଇବା ହିଁ ନଚିକେତା ପାଇଁ କାଳ ହେଲା ।

ତା' ପରଦିନ ବାପା ଆସିଲେ । ସ୍କୁଲର ସମସ୍ତ ଶିକ୍ଷକ ନଚିକେତା ସହିତ ଦେଖାହେବା ପୂର୍ବରୁ ବାପାଂକୁ ବିଦାୟ କରିଦେଲେ, ତାଂକୁ କହିଦେଲେ ଯେ "ନଚିକେତା ଆମର ପୁଅ, ତା' କଥା ଆମେ ବୁଝିବୁ ।"

ସ୍କୁଲ ଛୁଟି ପରେ ସହକାରୀ ପ୍ରଧାନ ଶିକ୍ଷକ ଯୋଗେଶବାବୁ କହିଲେ, "କାଲି ତୁମ ବହିପତ୍ର, ଲୁଗାପଟା ନେଇ ସ୍କୁଲ୍‌କୁ ଆସିବ, ମୋ ସାଂଗରେ ମୋ ଘରକୁ ଯିବ ।"

ତା' ପରଦିନ ତାଂକ ସାଂଗରେ ନଚିକେତା ତାଂକ ଘରକୁ ଗଲା । ଦୋମହଲାର ଗୋଟିଏ କୋଠରିରେ ନଚିକେତାର ଶୋଇବା ଓ ପଢ଼ିବାର ବ୍ୟବସ୍ଥା ହେଲା । ସ୍କୁଲକୁ ଯିବା ଆଗରୁ ଯୋଗେଶ ସାର ଓ ନଚିକେତା ଖାଇବାକୁ ବସନ୍ତି । ଯୋଗେଶ ସାର୍‌ଙ୍କୁ ତାଂକ ମା ଏବଂ ନଚିକେତାକୁ ଗୁରୁପତ୍ନୀ ଖୁଆଇ ଦିଅନ୍ତି । ଗୁରୁମା' ଦିନେ ନଚିକେତାକୁ ସ୍ନେହରେ କହିଲେ, "ଖୋକା! ତୁମି ଆମାର ପ୍ରଥମ ଛେଲେ । ତୋମାକେ ଆମି ଏମ.ଏ. ଶେଷ ପର୍ଯ୍ୟନ୍ତ ପଢ଼ାବ ।"

ସାରଙ୍କ ପିତା ଥିଲେ ସେ ଗ୍ରାମର ଜମିଦାର । ଇଉନିୟନ ବୋର୍ଡ଼ର ପ୍ରେସିଡେଣ୍ଟ । ବିରାଟ ଠାକୁରବାଡ଼ି । ମନ୍ଦିରରେ ରାଧାକୃଷ୍ଣ ବିଗ୍ରହ । ପ୍ରତ୍ୟେକ ଦିନ ସକାଳ ଆରତି ହୁଏ । ନଚିକେତା ଦର୍ଶନ କରେ, ସେ ଯୁଗଳ ବିଗ୍ରହର କମନୀୟ ମାଧୁର୍ଯ୍ୟ ନଚିକେତାକୁ କି ଏକ ଅଜ୍ଞାତ ଆକର୍ଷଣରେ ଟାଣିନିଏ । ଦୋ ମହଲାର ଛୋଟ ସିଡ଼ି ଘରେ ନଚିକେତା ଗୋଟିଏ ରାଧାକୃଷ୍ଣଙ୍କ ଯୁଗଳ ଛବି ରଖି ତାର ପୂଜା ନିଜେ ଆରମ୍ଭ କରିଦେଲା । ସକାଳୁ ଗାଧୋଇ ନିଜ ଠାକୁରଘରେ ବସି ସେ ପୂଜା କରେ ।

× × ×

Digitized by srujanika@gmail.com

ଏମିତି ମାସେ ଖଣ୍ଡେ ଯାଇଚି, ଦିନେ ସାର ଖାଇବସି ନଚିକେତାକୁ ଖୋଜିଲେ । ଦୋମହଲା ଘର ବାରଣ୍ଡା, ଛାତ, ଭିତର ଖଞ୍ଜା, ବାହାର ଖଞ୍ଜା, କଚେରି ଖଞ୍ଜା, ବାଡି, ପୋଖରୀ ଘାଟ- ସବୁ ଖୋଜାହେଲା । ନଚିକେତା ମିଳିଲା ନାହିଁ । ସାର ଏକାକୀ ସ୍କୁଲ୍ ଗଲେ ।

ପ୍ରାୟ ୧୨ଟା ୧ଟା ବେଳେ ସାରଙ୍କ ସାନଭଉଣୀ ଟୁକାଦିଦି କାହିଁକି କେଜାଣି ଦୋମହଲା ଶିଡ଼ି ତଳ ଘରର ପରଦା ଟେକି ଦେଖନ୍ତି- ନଚିକେତା ଆଖିବୁଜି ବସିଛି । ହଲେଇ ଦେଇ ଟୁକାଦିଦି ତାକୁ ତଳକୁ ଟାଣିନେଇ ଖୁଆଇଲେ ।

ସ୍କୁଲ ଛୁଟି ପରେ ସାର ଆସିଲେ, ତାଂକୁ ସବୁ କଥା କୁହାଗଲା । କେହି କିଛି ନଚିକେତାକୁ କହିଲେ ନାହିଁ ।

ସାର ଗୋପନରେ ନଚିକେତାର ବାପାଙ୍କୁ ଡକାଇ ତାର ଜାତକ ଦେଖି କହିଥିଲେ- "ଏ ଟୋକା ଘରୁ ପଳେଇବ । ତାକୁ ଜଗିଥାଅ ।"

ଏସବୁ କଥା ସାର ବହୁବର୍ଷ ପରେ ନଚିକେତାର ସାଲକିଆ ଭଡ଼ାଘରେ ରହି କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ରରେ ଏମ.ଏ. ପଢୁଥିବା ସମୟରେ ନଚିକେତାକୁ କହିଥିଲେ ।

ରାଧାକୃଷ୍ଣ ଉପାସନାର ଭିତ୍ତି ପଡ଼ିବା ସହ ବଂଗଳା ପଢ଼ିବା ଲେଖିବା ଅଭ୍ୟାସ ମଧ୍ୟ ଏଇ ସମୟରୁ ନଚିକେତା ଆରମ୍ଭ କରିଦେଇଥିଲା । ପଞ୍ଚମ ଶ୍ରେଣୀରେ ପଢ଼ିବା ଦିନଠାରୁ ନଚିକେତା ବଂଗଳା ଭାଷା ଶିଖି ସାରିଥିଲା । ରବୀନ୍ଦ୍ରନାଥ, ବଂକିମଚନ୍ଦ୍ର, ଶରତଚନ୍ଦ୍ର ପ୍ରଭୃତିଙ୍କର ବହିଗୁଡ଼ିକ ମଧ୍ୟ ପଢ଼ିଥିଲା । ମାଇନର ସ୍କୁଲରେ ବା ସ୍ଥାନୀୟ ସାମାଜିକ ପର୍ବ ଉତ୍ସବାଦିରେ ଯେଉଁସବୁ ନାଟକ ମଂଚସ୍ଥ ହେଉଥିଲା, ନଚିକେତା ସ୍ତ୍ରୀ-ପୁରୁଷ ଉଭୟ ଭୂମିକାରେ ଅଭିନୟ କରି ସ୍ଥାନୀୟ ଅଧିବାସୀମାନଂକଠାରୁ ଖୁବ୍ ସ୍ନେହ-ପ୍ରୀତି ଆକର୍ଷଣ କରିପାରିଥିଲା ।

ଭକ୍ତକବି ମଧୁସୂଦନ ରାଓଙ୍କର ପୁତ୍ର ସୁକାନ୍ତ ରାଓ ସେତେବେଳେ କଟକ ଜିଲ୍ଲା ସ୍କୁଲ୍ ଇନିସ୍‌ପେକ୍ଟର ଥିଲେ । ସେ ସ୍କୁଲ୍ ପରିଦର୍ଶନ କରିବାକୁ ଆସିଲେ । ସେଥିପାଇଁ ସ୍କୁଲ୍‌ରେ ଖୁବ୍ ବିରାଟ ଆୟୋଜନ ହୋଇଥାଏ । ପିଲାଂକଦ୍ୱାରା ଦୁଇଟି ନାଟକ ଅଭିନୟର ବ୍ୟବସ୍ଥା ହୋଇଥାଏ । ଦିନରେ ଯେଉଁ ନାଟକଟି ଅଭିନୀତ ହୋଇଥିଲା, ସେଥିରେ ଧନୀ ଜମିଦାରଙ୍କ କଲେଜ ପଢୁଆ ଯୁବକ ପୁତ୍ରର ଅତ୍ୟାଚାରପୀଡ଼ିତ ଗୋଟିଏ ଦରିଦ୍ର ଚାଷୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ସନ୍ଧ୍ୟାର ନାଟକରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପୁତ୍ର ସପ୍ତମ ଶ୍ରେଣୀ ଛାତ୍ର ବସନ୍ତ କିଶୋର ବଳ ମୁଖ୍ୟ ନାୟକ ଓ ନଚିକେତା ମୁଖ୍ୟ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ନାଟକକୁ ବାସ୍ତବମୁଖୀ କରିବାକୁ

Digitized by srujanika@gmail.com

ବେଦୀରେ ବର କନ୍ୟାର ବିବାହ ଏବଂ ବିବାହର ପରବର୍ତ୍ତୀ ସମୟରେ ଶାଶୂଘର ଯିବାବେଳେ କନ୍ୟାରୂପୀ ନଚିକେତା ବାହୁନି କାନ୍ଦୁ କାନ୍ଦୁ ଭାବାବେଗରେ ଷ୍ଟେଜ ଉପରେ ମୂର୍ଚ୍ଛିତ ହୋଇ ପଡ଼ିଥିଲା । ଏହି ଦୁଇ ଚରିତ୍ରର ସ୍ୱଭାବସୁଲଭ ଅଭିନୟ ଦ୍ୱାରା ସେ ଗ୍ରାମର ଅଧିବାସୀମାନଂକର ଅତ୍ୟନ୍ତ ସ୍ନେହର ପାତ୍ର ହୋଇ ଉଠିଥିଲା ।

ସେଇ କାନ୍ଦଣା ଗୀତର ପଦଟିଏ ନଚିକେତାର ଏବେବି ଜୀବନର ସାୟାହ୍ନରେ ମନେପଡ଼େ:-

ଦୂବ ବଢୁଥାଏ କାକର ପାଇ ବୋଉଲୋ
ମୁଁ ବି ବଢୁଥିଲି ସେନେହ ପାଇ ବୋଉଲୋ
ଖରାକୁ କାକର ସହଇ ନାହିଁ ବୋଉଲୋ
ଅଲ୍ୟଣୀ ପଣ ମୋ, ରହିବ ନାହିଁ ବୋଉଲୋ ।

ଏହି ପଦଟି ଗାଉ ଗାଉ ନଚିକେତା ଭାବାବେଗରେ ମୂର୍ଚ୍ଛା ଯାଇଥିଲା ସିନା ଅର୍ଥ କଣ ସେତେବେଳେ ବୁଝି ନ ଥିଲା । ନବୋଢ଼ା ପ୍ରିୟ ବିରହବିଧୁରା କିଶୋରୀର ଏ ଯେଉଁ ବେଦନାବୋଧ ତା' ଅନୁଭବ କରିବାର ମାନସିକ ପରିପକ୍ୱତା ତାର ନ ଥିଲା । ପରେ କଲିକତାରେ ଶିକ୍ଷକତା ବୃତ୍ତିରେ ଥିଲା ବେଳର ଗୋଟିଏ ଘଟଣା ବାରମ୍ବାର ମନେପଡ଼େ ।

ବଡ଼ବଜାର ପୋସ୍ତା ରାଜବାଟିର ଉତ୍ତର ଦିଗ ରାସ୍ତାରେ ବେଲୁଡ଼ ମଠର ସନ୍ନ୍ୟାସୀ କାନାଇ ମହାରାଜ ଗୋଟିଏ ପାଞ୍ଚମହଲା ଘର ଭଡ଼ାରେ ନେଇ ଭାରତର ପ୍ରତ୍ୟେକ ପ୍ରଦେଶର କିଛି କିଛି ଛାତ୍ରଙ୍କୁ ରଖି ବିଭିନ୍ନ କଲେଜମାନଙ୍କରେ ପାଠ ପଢ଼ାଇବାର ଦାୟିତ୍ୱ ନେଉଥିଲେ । ସେମାନଂକର ଯାବତୀୟ ଖର୍ଚ୍ଚ ସେ ନିଜେ ବହନ କରୁଥାନ୍ତି । ଏପିରିକି ଛୁଟିରେ ଘରକୁ ଯିବାଆସିବା, ମଝିରେ ମଝିରେ ଶିକ୍ଷାପ୍ରଦ ସିନେମା ଦେଖାଇବା ଇତ୍ୟାଦିର ଖର୍ଚ୍ଚ ମଧ୍ୟ ସେ ତୁଲାଇଥାନ୍ତି । ଦିନେ ସେ ନଚିକେତା ପାଖରେ ଦୁଃଖ ପ୍ରକାଶ କଲେ- ଓଡ଼ିଶାର କୌଣସି ଛାତ୍ର ଏପର୍ଯ୍ୟନ୍ତ ରଖିପାରି ନାହାନ୍ତି । ତାଂକର କିଛି ଓଡ଼ିଆ ଛାତ୍ର ଦରକାର, ବହୁଗ୍ରାମ ସ୍କୁଲର ସହ ପ୍ରଧାନଶିକ୍ଷକ ଯୋଗେଶଚନ୍ଦ୍ର ମିତ୍ର ସେତେବେଳେ ତା' ପାଖରେ ରହି କୋଲକତା ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରୁଥାଆନ୍ତି । ସେ ତାଂକର ୩ /୪ ଜଣ ପୂର୍ବତନ ଛାତ୍ରଙ୍କୁ ଅଣାଇ କାନାଇ ମହାରାଜଂକ ଛାତ୍ରାବାସରେ ରଖାଇଦେଲେ । ସେହି ଛାତ୍ରବାସରେ ଅନ୍ୟାନ୍ୟ ପ୍ରଦେଶର ଛାତ୍ରମାନଙ୍କର ଦେଖାଦେଖି ଓଡ଼ିଆ ଛାତ୍ରମାନେ ମଧ୍ୟ ଗୋଟିଏ ଓଡ଼ିଆ ପତ୍ରିକା ଛପାଇବାର ବ୍ୟବସ୍ଥା କଲେ । ଓଡ଼ିଆରେ ଏକ ପ୍ରବନ୍ଧ ଲେଖିବା ପାଇଁ ନଚିକେତାଂକୁ ଅନୁରୋଧ କରାଗଲା ।

Digitized by srujanika@gmail.com

ଷଷ୍ଠ, ସପ୍ତମ ଶ୍ରେଣୀରେ ନଚିକେତା ପଢ଼ିଲାବେଳେ ଶ୍ରୀ ଚନ୍ଦ୍ରମୋହନ ମହରଣାଙ୍କର କଥାବଳୀ ଓ ମିଶନ ହାଇସ୍କୁଲରେ ପାଠ୍ୟପୁସ୍ତକ ରୂପେ ପଢ଼ିଥିଲା- ପାଟନା ବୋର୍ଡ଼କର୍ତ୍ତୃକ ତାର ପାଠ୍ୟପୁସ୍ତକ । ଏହା ବ୍ୟତୀତ ଅନ୍ୟ କୌଣସି ଓଡ଼ିଆ ପୁସ୍ତକ ବା ଓଡ଼ିଆ କାବ୍ୟକବିତା ପଢ଼ିବାର ସୁଯୋଗ ତାର ନ ଥିଲା । ହାଇସ୍କୁଲ ପରୀକ୍ଷା ପରଦିନଠାରୁ ଓଡ଼ିଶା ଛାଡ଼ି କଲିକତା, ଢାକା, ନବଦ୍ୱୀପ ପ୍ରଭୃତି ସହରରେ କେବଳ ବଂଗଳା ଭାଷାରେ ଲେଖାଲେଖି କରୁଥିଲା । କଲିକତାରେ ଆଇ.ଏ., ବି.ଏ ଛାତ୍ର ଭାବରେ ବଂଗଳା ଏମ୍.ଆଇ.ଏଲ୍. ନେଇଥିଲା ।

ସେହି ଓଡ଼ିଆ ଛାତ୍ରମାନଂକୁ ଓଡ଼ିଶାର କୌଣସି କବିଙ୍କର କିଛି କବିତା ପୁସ୍ତକ ଦେବାକୁ ନଚିକେତା କହିବାରୁ ସେମାନେ ପଲ୍ଲୀକବି ନନ୍ଦକିଶୋର ବଳଙ୍କର ଚାରି / ପାଞ୍ଚୋଟି କବିତା ପୁସ୍ତକ ଦେଇ ତତ୍‌ସଂପର୍କରେ ଗୋଟିଏ ଆଲୋଚନାମୂଳକ ପ୍ରବନ୍ଧ ଲେଖିବାକୁ କହିଲେ । ଏଥିପୂର୍ବରୁ ବଂଗଳା ସାହିତ୍ୟର ରବୀନ୍ଦ୍ରନାଥ, ବଂକିମଚନ୍ଦ୍ର, ଶରତଚନ୍ଦ୍ର, ମାଇକେଲ ମଧୁସୂଦନ ପ୍ରଭୃତି ଖ୍ୟାତନାମା ସାହିତ୍ୟରଥୀମାନଂକର ସାହିତ୍ୟ କୃତିଗୁଡ଼ିକ ପଢ଼ିବା, ପଢ଼ାଇବା, ତତ୍‌ସଂପର୍କରେ ଆଲୋଚନାମୂଳକ ପ୍ରବନ୍ଧାଦି ଲେଖିବା ଓ ବକ୍ତୃତା ଦେବାରେ କିଛି ଖ୍ୟାତି ମଧ ଲାଭ କରିଥିଲା । ଶ୍ରୀଧାମ ମାୟାପୁରରେ ଆଶ୍ରମବାସ କାଳରେ ସେଠାରୁ ପ୍ରକାଶିତ ଦୈନିକ ପତ୍ରିକାର ଦୁଇ ବର୍ଷରୁ କିଛି ଅଧିକ କାଳ ସଂପାଦକର ଦାୟିତ୍ୱ ମଧ୍ୟ ନଚିକେତା ତୁଲାଇଥିଲା ।

ପୁନଶ୍ଚ କଲିକତାରେ ଆଇ.ଏ. ପଢ଼ିଲାବେଳେ ଦୁଇ ବର୍ଷ କଲେଜ ପତ୍ରିକା ସଂପାଦକ ରୂପେ ବଂଗଳା ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧାଦି ମଧ ଲେଖିଥିଲା ।

ବର୍ତ୍ତମାନ ପଲ୍ଲୀକବି ନନ୍ଦକିଶୋରଂକର କେତୋଟି କବିତା ପୁସ୍ତକ ପଢ଼ିସାରିବା ପରେ ତା' ଭିତରେ ଗୋଟିଏ କବିତାରେ ନଚିକେତା ଦେଖିଲା,

ମେଘ ବରଷିଲା ଟୁପୁରୁ ଟାପୁରୁ
କେଶୁର ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।

ଏହି ପଦ ଦୁଇଟି ପଢ଼ି ସ୍ତବ୍ଧ ହୋଇଗଲା । କିଛିକ୍ଷଣ ପାଇଁ ନଚିକେତାର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । କାରଣ ଏ ରସର କବିତାକୁ ବ୍ୟବହାର କରି ବଧୂବେଶିନୀ ନଚିକେତା ଷ୍ଟେଜରେ ଦର୍ଶକମାନଂକୁ କନ୍ଦାଇ ଦେଇଥିଲା । ଯେଉଁ ଦେଶରେ ଲେଖାପଢ଼ା ଜାଣି ନ ଥିବା ଗୋଟିଏ କିଶୋରୀ ବାଳିକା ଏତେ ମର୍ମସ୍ପର୍ଶୀ ଭାବଗର୍ଭ ପ୍ରିୟ ବିରହ ବିଧୁରା ପ୍ରୋଷିତ- ଭର୍ତ୍ତୃକା ନାୟିକାର ହୃଦୟର ବିଚ୍ଛେଦ ବେଦନାକୁ ଏତେ ସରଳ ତରଳ

Digitized by srujanika@gmail.com

ଲଳିତ ଭାଷାରେ ବ୍ୟକ୍ତ କରି ବାହୁନି କାନ୍ଦିପାରେ ଏବଂ ଯାହାର ଅଭିନୟ ମାତ୍ର କରି ସେ ନିଜେ ମୂର୍ଚ୍ଛିତ ହୋଇପଡ଼ିଥିଲା, ସେ ଦେଶର ସେ ଭାଷାର ସାହିତ୍ୟ କେତେ ଉନ୍ନତ, କେତେ ମାର୍ମିକ- ଏଇ ଦେଶର ମାଟିରେ ଯେ ନଚିକେତାର ଜନ୍ମ - ଏହା ଚିନ୍ତାକରି ହୃଦୟର ଉଲ୍ଲାସରେ ସେ ନାଚିଉଠିଥିଲା ।

ଲେଖା ସଂଗ୍ରହ କରି ପିଲାମାନେ ପ୍ରଥମେ ହୃଦାନନ୍ଦ ମଲ୍ଲିକ (ଧାମନଗର ଶ୍ରୀ ମାନସରଂଜନ ମଲ୍ଲିକଙ୍କର ପିତା)ଙ୍କର ବୌବାଜାର ଷ୍ଟ୍ରୀଟରେ ଅଗ୍ରଣୀ ପ୍ରେସରେ ଦିଆହୋଇଥିଲା । କିନ୍ତୁ ହୃଦାନନ୍ଦବାବୁ ସେହି ପ୍ରେସକୁ ଶ୍ରୀଯୁକ୍ତ ଜଗଦୀଶ ପାଣିଙ୍କୁ ଦେଇ ଧାମନଗର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଚାଲିଆସିଲେ । ପିଲାମାନେ ଶେଷରେ ବହୁ କଷ୍ଟରେ ତାଂକ ଠାରୁ ପ୍ରବନ୍ଧଗୁଡ଼ିକୁ ଆଣି ପ୍ରେମଚାନ୍ଦ ବରାଳ ଷ୍ଟ୍ରିଟରେ ଶ୍ରୀଯୁକ୍ତ ଯଦୁମଣି ପରିଜାଙ୍କର କୋଣାର୍କ ପ୍ରେସ୍‌ରେ ଛପାଇଲେ । ସେହି ପତ୍ରିକାର ଖଣ୍ଡେ କପି ନଚିକେତାକୁ ଦେଇଥିଲେ । ଏହା ଥିଲା ତାର ପ୍ରଥମ ଓଡ଼ିଆ ଲେଖା ।

ଓଡ଼ିଆ ଓ ବଂଗଳାରେ ଅନେକ ଲେଖା ସେ ଲେଖିଛି । ମାୟାପୁରରେ ମିଶନର ଦୈନିକ ପତ୍ରିକାର ସମ୍ପାଦକ ଦାୟିତ୍ୱରେ ଦୁଇ ତିନିବର୍ଷ ଥାଇ ବି ଅନେକ ଲେଖିଛି; କିନ୍ତୁ ତାର ଏହି ପ୍ରଥମ ଓଡ଼ିଆ ଲେଖାଟି ତାକୁ ଏତେ ଆନନ୍ଦ ଦେଇଥିଲା ଯେ ସେ ତାକୁ ସାଇତି ରଖିଥିଲା । ବର୍ତ୍ତମାନ ମିଳିଲା; କିନ୍ତୁ ଏ ପ୍ରବନ୍ଧ ନଚିକେତାର ଆଗ ପ୍ରବନ୍ଧ ନୁହେଁ । ବୋଧହୁଏ ଅଗ୍ରଣୀ ପ୍ରେସ୍‌ରେ ପ୍ରଥମ ପ୍ରବନ୍ଧ ଛପାହୋଇଥିଲା । ତାପରେ ଶ୍ରୀ ଜଗଦୀଶ ପାଣି ହୁଏତ ତାହା ଖୋଜି ପାଇ ନ ଥିଲେ । ଏବେ ଯେଉଁ ପ୍ରବନ୍ଧଟି ପାଇଲା ତାହା ନଚିକେତାର ଦ୍ୱିତୀୟ ଓଡ଼ିଆ ଲେଖା ।

ଏହାପରେ ସେ କୋଲକତାରେ ବହୁ ଚେଷ୍ଟାକରି ଦେବଦୁର୍ଲଭ ଦାସଂକର ରହସ୍ୟ ମଂଜରୀ, ଉପେନ୍ଦ୍ର ଭଂଜଙ୍କର ବୈଦେହୀଶ ବିଳାସ, ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ପ୍ରକାଶିତ ପ୍ରାଚ୍ୟ ପ୍ରତିଷ୍ଠାନରୁ ଉପେନ୍ଦ୍ରଭଂଜ, ଅଭିମନ୍ୟୁ ସାମନ୍ତସିଂହାର, ଦୀନକୃଷ୍ଣ ଓ ବିଭିନ୍ନ ସ୍ଥାନରୁ ରାଧାନାଥ, ଗଂଗାଧର, ଫକୀରମୋହନ ପ୍ରଭୃତିଙ୍କର କିଛି କିଛି ବହି ସଂଗ୍ରହ କରି ପଢ଼ିବାକୁ ଲାଗିଲା ।

ଏ ସମସ୍ତ ପଢ଼ିବା ଫଳରେ ତାର ଭାବନାରାଜ୍ୟରେ ଏକ ବିପ୍ଲବର ଝଡ଼ ଆରମ୍ଭ ହୋଇଗଲା । ବଂଗାଳୀ ହେବାର ମୋହ ତୁଟିଗଲା । ହାଓଡ଼ାର ଘରଦ୍ୱାର, ଖ୍ୟାତି ପ୍ରଶଂସା ସବୁ ତା' ପାଖରେ ଅସାର ଓ ଅସହ୍ୟ ବୋଧ ହେଲା । କୋଲକାତାରେ ସଂସ୍କୃତ ଓ ସାମ୍ବାଦିକତାରେ ଏମ୍. ଏ.; କାବ୍ୟ, ବ୍ୟାକରଣ, ପୁରାଣ, ସାଂଖ୍ୟ, ନ୍ୟାୟ, ବେଦାନ୍ତ ଏବଂ ନବଦ୍ୱୀପ ଓ ଢାକାରେ ଏକାଧିକ ଶାସ୍ତ୍ରୀ ଉପାଧି ପ୍ରଭୃତି ନଚିକେତା ପାଇଁ ବ୍ୟାଧି ମନେହେଲା ।

Digitized by srujanika@gmail.com

ଭାବିଲା ଓଡ଼ିଶାକୁ ଫେରିଯିବ, ଶ୍ରୀଜଗନ୍ନାଥଙ୍କର ଦେଶ ତଥା ଏତେ ବଡ଼ ମହାନ୍ ସାହିତ୍ୟ କୃତି ସମୃଦ୍ଧ ଦେଶର ମାଟିରେ ତା'ର ଜନ୍ମ, ଜନ୍ମଭୂମିକୁ ଫେରିଯିବ ।

"ଆମରା ଉଡ଼େ ନଇ, ବାଙ୍ଗାଲୀ"- ପିଲାମାନଙ୍କର ଏଇ ଭାବୋଦ୍ଦୀପକ ଗୌରବବୋଧକ ପରିଚୟର ସମ୍ଭାବନା ରଖିବ ନାହିଁ ।

× × ×

ଶ୍ରୀଚୈତନ୍ୟ ଚରିତାମୃତରୁ ଦେଖିଥିଲା, ଶ୍ରୀଚୈତନ୍ୟ ମହାପ୍ରଭୁ କିପରି ସନ୍ନ୍ୟାସ ପରେ ବୃନ୍ଦାବନ ଯିବାର ଛଳନା କରି ଶ୍ରୀକ୍ଷେତ୍ରକୁ ଆସିଥିଲେ, ରାଜମହେନ୍ଦ୍ରୀର ଗୋଦାବରୀ ତଟରେ ରାୟ ରାମାନନ୍ଦଙ୍କଠାରୁ ପ୍ରେମଭକ୍ତି ସାଧନ-ସାଧ୍ୟ ତତ୍ତ୍ୱର ପରାକାଷ୍ଠା ଶ୍ରବଣ କରି ତାଂକୁ ଉଲ୍ଲସିତ ଚିତ୍ତରେ ଆଲିଙ୍ଗନ କରି ମୂର୍ଚ୍ଛିତ ହୋଇପଡ଼ିଥିଲେ ଓ ସ୍ୱରୂପ ଦାମୋଦରଙ୍କ ସହ ଶ୍ରୀ ରାୟ ରାମାନନ୍ଦ ଓ ଶିଖି ମହାନ୍ତି ଏବଂ ତାଂକ ଭଗିନୀ ମାଧବୀ ଦେବୀଙ୍କୁ ନିଜର ସାଢ଼େ ତିନି ଜଣ (ସ୍ୱରୂପ ଦାମୋଦର ବ୍ୟତୀତ ଆଉ ଅଢ଼େଇଜଣ ଓଡ଼ିଆ-ରାୟ ରାମାନନ୍ଦ, ଶିଖି ମହାନ୍ତି ଓ ତାଂକର ଭଗ୍ନୀ ମାଧବୀ ଦେବୀ) ଶ୍ରେଷ୍ଠ ଅନ୍ତରଂଗ ରୂପେ ଗ୍ରହଣ କରିଥିଲେ । ଏ ସମସ୍ତ କଥା ବାରବାର ତା'ର ମନରେ ଆନ୍ଦୋଳିତ ହେଲା ।

ରକ୍ତ ଓଡ଼ିଆ ଥିବାରୁ ହିଁ ତିନି ପୁରୁଷ ଅନ୍ୟ ଦେଶରେ ରହି ମଧ୍ୟ ଏଠାକୁ ଫେରି ଆସିବା ପାଇଁ ଶ୍ରୀଚୈତନ୍ୟଙ୍କର ମନର ଡାକ- କେତେ ଛଳନା!! କେତେ ଚାତୁରୀ ଭିତରେ ତାଂକର ଏଇ ସବୁ ଅଭିନୟ ସିନା!! ଏବେ ସେଇସବୁ ପୂର୍ବ ପ୍ରସଂଗକୁ ମନେପକାଇ ଭାବି ବସେ ।

କଟକ ମିଶନ ହାଇସ୍କୁଲରେ ମଧ ସଂସ୍କୃତ ନାଟକରେ ମୁଖ୍ୟ ଭୂମିକାରେ ଅଂଶଗ୍ରହଣ କରି 'ଏଇ ନଚିକେତା' ପ୍ରଶଂସିତ ହୋଇଥିଲା । ସଂସ୍କୃତଶିକ୍ଷକ ଶ୍ରୀ ମାୟାଧର ଦାସ ସ୍ୱରଚିତ ସଂସ୍କୃତ ବ୍ୟାକରଣ ନିଜେ ପଢ଼ାଉଥିଲେ । ସେତେବେଳେ ସେଇ ବ୍ୟାକରଣ ହିଁ ଓଡ଼ିଶାର ଯାବତୀୟ ହାଇସ୍କୁଲରେ ଏକମାତ୍ର ସଂସ୍କୃତ ବ୍ୟାକରଣ ରୂପେ ପାଠିତ ହେଉଥିଲା ।

ପଣ୍ଡିତ ମାୟାଧର ଦାସ କ୍ଲାସ୍‌ରେ ପାଠ ଆରମ୍ଭ କରିବା ପୂର୍ବରୁ ଗୋଟିଏ ଶ୍ଳୋକ ବ୍ଲାକ୍‌ବୋର୍ଡ୍‌ରେ ଲେଖି ତା'ର ଅର୍ଥ ବୁଝାଇ ଦେଉଥିଲେ ଏବଂ ଖାତାରେ ଶ୍ଳୋକଟି ଲେଖି ନେବାକୁ କହୁଥିଲେ । ତନ୍ମଧ୍ୟରୁ ନିମ୍ନ ଦୁଇଟି ଶ୍ଳୋକ ନଚିକେତାର ସେଇ ସମୟଠାରୁ ମୁଖସ୍ଥ ହୋଇଯାଇଥିଲା ।

କୃଷ୍ଣ ତ୍ୱଦୀୟ ପାଦପଙ୍କଜପଂଜରାନ୍ତଂ
ଅଦ୍ୟୈବ ମେ ବିଶତୁ ମାନସରାଜହଂସଃ

Digitized by srujanika@gmail.com

ପ୍ରାଣପ୍ରୟାଣସମୟେ କଫବାତପିତ୍ତୈଃ
କଣ୍ଠାବରୋଧନ- ବିଧୌ ସ୍ମରଣଂ କୁତସ୍ତେ ।।
ମଜ୍ଜନ୍ମନଃ ଫଳମିଦଂ ମଧୁକୈଟଭାରେ
ମତ୍ପ୍ରାର୍ଥନୀୟ ମଦନୁଗ୍ରହ ଏଷ ଏବ
ତ୍ୱଦ୍‌ଭୃତ୍ୟ- ଭୃତ୍ୟ ପରିଚାରକ- ଭୃତ୍ୟ- ଭୃତ୍ୟ-
ଭୃତ୍ୟସ୍ୟ ଭୃତ୍ୟ ଇତି ମାଂ ସ୍ମର ଲୋକନାଥ ।।

ସେତେବେଳେ ଏଇ ଶ୍ଳୋକ ଦୁଇଟିର ଅର୍ଥ ବୁଝି ନ ଥିଲା ନଚିକେତା । ଭକ୍ତିପଥର ସାଧକର ଏହା ଯେ ଏକାନ୍ତ ପ୍ରାର୍ଥନା ଏବଂ ସାଧନାବିଚାରର ମୂଳମନ୍ତ୍ର ଥିଲା, ଏହା ବହୁପରେ ସେ ଟିକିଏ ବୁଝିଥିଲା ।

ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ସେ କଟକ ଆସି ନେତାଜୀଙ୍କ ଜନ୍ମଗୃହ ଜାନକୀନାଥ ଭବନ (ଅଧୁନା ନେତାଜୀ ସେବାସଦନ) ନିକଟରେ ରହୁଥିଲା । ନିକଟରେ ବାଉଁଶଗଳିରେ ସଚ୍ଚିଦାନନ୍ଦ ମଠ । ଯେ ଯେତେ ଦିନ ରହେ, ପ୍ରତ୍ୟେକ ଦିନ ଅପରାହ୍ନରେ ମଠକୁ ଯାଏ । ସନ୍ନ୍ୟାସୀ ବ୍ରହ୍ମଚାରୀମାନଂକ ସହିତ ଆଳାପ କରେ, ହରିକଥା ଶୁଣେ । ରେଭେନ୍‌ସା କଲେଜର ପ୍ରଫେସର ନିଶିକାନ୍ତ ସାନ୍ୟାଲ ଭକ୍ତିସୁଧାକର ସଂଧ୍ୟାପୂର୍ବରୁ ବାହାରେ ବସି ସମାଗତ ପିଲାମାନଂକୁ ହରିକଥା କହନ୍ତି ।

ନଚିକେତା ଜିଲ୍ଲା ବୃତ୍ତି ପରୀକ୍ଷାରେ ମାସିକ ପାଂଚଟଂକା ବୃତ୍ତିଲାଭ କରି କଟକ ମିଶନ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ମାଟ୍ରିକ ପାଠ ଆରମ୍ଭ କଲା । ବୃତ୍ତିପ୍ରାପ୍ତ ଛାତ୍ର ହିସାବରେ ତା'ର ପ୍ରାୟ ଯାବତୀୟ ବ୍ୟୟ ସ୍କୁଲ୍‌ର ପ୍ରିନିସ୍‌ପାଲ୍ ଏଡୁଇନ୍ ଥିଓଡ଼ର ରାଇଡର ସାହେବ ବହନ କଲେ । ନିରାମିଷ ଆହାର ଇତ୍ୟାଦିର ସୁବିଧା ମଧ କଲେ । ଦୈନିକ ବାଉଁଶଗଳି ମଠକୁ ଯିବା ଓ ମଠର ଶାସ୍ତ୍ରପାଠ, କୀର୍ତ୍ତନ ଓ ଅନ୍ୟାନ୍ୟ ସେବା ସହିତ ପାଠପଢ଼ା ଚାଲିଥାଏ ।

ଅଷ୍ଟମ ଶ୍ରେଣୀରେ ଛାତ୍ର ଥିବା ଅବସ୍ଥାରେ ନଚିକେତା ମିଶନ ସ୍କୁଲର ଖ୍ରୀଷ୍ଟିୟାନ୍ ଛାତ୍ରାବାସରେ ରହୁଥିଲା । ହିନ୍ଦୁ ହଷ୍ଟେଲରେ ଖାଉଥିଲା । ସ୍କୁଲ୍‌ର କ୍ଲାସ୍ ଆରମ୍ଭ ହେବା ଆଗରୁ ସମବେତ ପ୍ରାର୍ଥନାରେ ବାଇବେଲ ପାଠ ଓ ଦଶଆଜ୍ଞା (Ten Commandments) ଆବୃତ୍ତି ପରେ ପଢ଼ା ଆରମ୍ଭ ହେଉଥିଲା । ପ୍ରତି ରବିବାର ସକାଳେ ବାପ୍‌ଟିଷ୍ଟ ଚର୍ଚ୍ଚକୁ ଯିବା, ବାର୍ଷିକ ପରୀକ୍ଷା, ବାଇବେଲ ପରୀକ୍ଷାରେ ପ୍ରଥମ ହେବା ଇତ୍ୟାଦି ସହ ନଚିକେତା ସ୍କୁଲ୍ ଛୁଟି ପରେ ବାଉଁଶଗଳି ସଚ୍ଚିଦାନନ୍ଦ ମଠକୁ ପ୍ରତ୍ୟହ ଯାଉଥିଲା । ସେଠାରେ କୂଅରୁ ପାଣି କାଢ଼ି ତୁଳସୀ ବଗିଚାରେ ପାଣିଦେବା ଇତ୍ୟାଦି କିଛି ସେବାକାର୍ଯ୍ୟ ପରେ ପ୍ରଫେସର ନିଶିକାନ୍ତ ସାନ୍ନ୍ୟାଲଙ୍କଠାରୁ ହରିକଥା ଶୁଣିବା ଏକ ଦୈନନ୍ଦିନ ରୁଟିନ ଥିଲା ନଚିକେତାର ।

Digitized by srujanika@gmail.com

ସେତେବେଳେ ମଠରୁ ପରମାର୍ଥୀ ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ନଚିକେତା ବେଳେବେଳେ ସେହି ପତ୍ରିକାର ପ୍ରୁଫ୍ ଦେଖୁଥିଲା । ପରମାର୍ଥୀ ପ୍ରେସ୍‌ରେ ପ୍ରେସ୍‌ର ଅନ୍ୟାନ୍ୟ କାର୍ଯ୍ୟର ପ୍ରାଥମିକ ଅଭିଜ୍ଞତା ଲାଭ କରିଥିଲା ।

ଏପ୍ରିଲ ମାସ ଶେଷରେ ନଚିକେତା ୯ମ ଶ୍ରେଣୀରେ ପଢ଼ିବା ସମୟରେ ଗ୍ରୀଷ୍ମଛୁଟିରେ ପୁରୀର ପୁରୁଷୋତ୍ତମ ମଠକୁ ଯାଇଥିଲା । ଶ୍ରୀକ୍ଷେତ୍ରର ମହୋଦଧିର ଅନନ୍ତ ନୀଳିମା, ଶ୍ରୀଜଗନ୍ନାଥଙ୍କ ବିଶାଳ ମନ୍ଦିର ଭିତରେ ତ୍ରିମୂର୍ତ୍ତିଙ୍କ ଅପୂର୍ବ ଶୋଭାସମ୍ଭାର ନଚିକେତା ଏଇ ପ୍ରଥମଥର ପାଇଁ ଜୀବନରେ ପ୍ରତ୍ୟକ୍ଷ କରିବାର ସୌଭାଗ୍ୟ ପାଇଥିଲା । ତା'ସହିତ ମଠରେ ପ୍ରଭୁପାଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କର ଦର୍ଶନ, ହରିନାମାଶ୍ରୟ ତା'ର ଜୀବନର ଗତିପଥକୁ ଏକ ନିର୍ଦ୍ଦିଷ୍ଟ ପନ୍ଥାରେ ପ୍ରତିଷ୍ଠିତ କରିଦେଲା । ତା'ର ଅନୁଭବ ହେଲା- ସେ ଯେପରି ଅଭୀଷ୍ଟ ପଥର ସନ୍ଧାନ ପାଇଛି- ଏଇ ପଥହିଁ ତା'ର ଏକମାତ୍ର ଅବଲମ୍ବନ । ବାକି ସବୁ ଆନୁଷଙ୍ଗିକ ଘଟଣାବଳୀ । ବାକି ସମସ୍ତ ବ୍ୟକ୍ତି ମଧ୍ୟ ତା'ର ପଥଯାତ୍ରାର ସାମୟିକ ସଂଗୀ ।

ପୁରୀରୁ ଫେରିଆସିବା ପରେ ନଚିକେତା ହିନ୍ଦୁ ହଷ୍ଟେଲରେ ଖାଇବାରେ ଅସୁବିଧା ବୋଧକଲା । କାରଣ ହରିନାମ ନେବା ପରେ ପିଆଜରସୁଣ ଖାଇବା ନିଷେଧ । ହଷ୍ଟେଲରେ ତାହା ସମ୍ଭବ ହେବ ନାହିଁ । ଏଥିପାଇଁ ସେ ପ୍ରିନ୍ସପାଲ୍ ଥିଓଡର ସାହେବଙ୍କୁ ନିଜର ଅସୁବିଧା କଥା ଜଣାଇଲା । ସେ ମଧ ଅସହାୟ ବୋଧକଲେ । ମଠରେ ଶ୍ରୀ ଯତିଶେଖର ଦାସ ରହୁଥାଆନ୍ତି । ପ୍ରିନ୍‌ସିପାଲ ତାଂକୁ ଡାକି ମଠରେ ଦୁଇବେଳା ଖାଇବାର ବନ୍ଦୋବସ୍ତ କରିବାକୁ ଅନୁରୋଧ କଲେ ।

ଏପରି ବ୍ୟବସ୍ଥାଟି ପୂର୍ବରୁ ପରିକଳ୍ପିତ ଥିଲା । ଯତିଶେଖର ପ୍ରଭୁଙ୍କ ସହିତ ବନ୍ଦୋବସ୍ତ ହୋଇ ସାରିଥିଲା । କେବଳ ପ୍ରିନ୍‌ସପାଲଙ୍କୁ ସମ୍ମତ କରାଇବା ପାଇଁ ତାଙ୍କୁ ଅସୁବିଧାର କଥା କୁହାଯାଇଥିଲା ।

ନଚିକେତା ଏଣିକି ସ୍କୁଲ୍ ଯିବା ପୂର୍ବରୁ ଏବଂ ରାତିରେ ନଅଟା ବେଳେ ମଠକୁ ଆସି ପ୍ରସାଦ ପାଇ ଯାଉଥିଲା । କ୍ରମଶଃ ଏଇ ଯାତାୟାତରେ ଅସୁବିଧା ହେଲା । ଶେଷକୁ ପ୍ରିନ୍‌ସିପାଲଙ୍କ ଅନୁମତି ନେଇ ନଚିକେତା ମଠରେ ବାସ କରିବା ଆରମ୍ଭ କଲା ।

ଇତିମଧ୍ୟରେ ତା' ପ୍ରତି ଆକୃଷ୍ଟ ଏବଂ ସହାନୁଭୂତିସମ୍ପନ୍ନ ବ୍ୟକ୍ତିଗଣ ବୁଝିସାରିଥିଲେ ଏ ଖୁବ୍ ଶୀଘ୍ର ଘର ଛାଡ଼ି ଆଶ୍ରମବାସ ଉଦ୍ଦେଶ୍ୟରେ ନିରୁଦ୍ଦିଷ୍ଟ ହୋଇଯିବ । ସେଥିପାଇଁ ମାଟ୍ରିକ୍ ପରୀକ୍ଷା ଶେଷଦିନ ତା'ର ସାଙ୍ଗସାଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ପରୀକ୍ଷା ପରେ ପରେ ସେମାନେ ଯେପରି ତାଙ୍କୁ ସାଙ୍ଗରେ ଧରି ଘରକୁ ନେଇଯିବେ ।

Digitized by srujanika@gmail.com

କିନ୍ତୁ ସେମାନଙ୍କର ସବୁ ଯୋଜନା ପଣ୍ଡ କରି ନଚିକେତା ପରୀକ୍ଷା ଶେଷ ହେବା ପରେ ପରେ କଟକ ଷ୍ଟେସନରେ କଲିକତା ଟ୍ରେନ୍‌ରେ ଏକାକୀ ଚାଲିଗଲା । କେହି କୌଣସି ସନ୍ଧାନ କରିପାରିଲେ ନାହିଁ । ପ୍ରଥମେ କଲିକତା ମଠ, ତା'ପରେ ନଦୀୟା ଶ୍ରୀମାୟାପୁର ଏବଂ ପରେ ପୂର୍ବବଙ୍ଗ ଢାକାମଠକୁ ଯାଇ ଏହିପରି ପ୍ରାୟ ଏକବର୍ଷକାଳ ବୁଲି ପୁନଶ୍ଚ ଶ୍ରୀମାୟାପୁର ମଠରେ ଅବସ୍ଥାନ କଲା ।

ଶ୍ରୀଚୈତନ୍ୟଦେବଙ୍କ ଜନ୍ମସ୍ଥାନ ଶ୍ରୀଧାମ ମାୟାପୁର । ଏଠାରେ ପ୍ରାୟ ଏକ ମାଇଲ ଲମ୍ବ ରାସ୍ତାର ପୂର୍ବପାର୍ଶ୍ୱରେ ଆଠଟି ମନ୍ଦିର, ଦକ୍ଷିଣରେ ଗୋଟିଏ ହାଇସ୍କୁଲ୍, ପଶ୍ଚିମ ପାର୍ଶ୍ୱରେ ସେତେବେଳେ ଶ୍ରୀମାୟାପୁର, ମଠ ବା ଅନ୍ୟାନ୍ୟ ମଠରୁ ସନ୍ନ୍ୟାସୀ, ବ୍ରହ୍ମଚାରୀମାନେ ମଝିରେ ମଝିରେ କଟକ ମଠକୁ ଆସୁଥିଲେ । କାରଣ ପ୍ରଫେସର ସାନ୍ୟାଲ ଭକ୍ତିସୁଧାକର ପ୍ରଭୁ ସମଗ୍ର ମିଶନର ଜଣେ ଉନ୍ନତ ସାଧକ ଓ ପଥପ୍ରଦର୍ଶକ ଶିକ୍ଷାଗୁରୁ ହିସାବରେ ସମସ୍ତଙ୍କର ପୂଜ୍ୟ ଥିଲେ । ସେମାନେ ନଚିକେତା ସହିତ ମଧ୍ୟ ଆଳାପ କରୁଥିଲେ । ଉପଦେଶ ଦେଉଥିଲେ । କିନ୍ତୁ କଥାବାର୍ତ୍ତା ସମୟରେ ସେମାନେ ବଂଗଳାରେ କହୁଥିବା ସମୟରେ ନଚିକେତା କେବଳ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିଲା । ସେମାନେ ବେଳେବେଳେ ପଚାରୁଥିଲେ- "ତୁମେ ତ ବଂଗଳା ଲେଖି, ପଢ଼ି କହି ଜାଣ । ଆମ ସାଂଗରେ ବଂଗଳା ଭାଷାରେ କଥାବାର୍ତ୍ତା କରୁ ନାହଁ କାହିଁକି ? ତା'ର ଉତ୍ତରରେ ନଚିକେତା କହୁଥିଲା, "ମୁଁ ଯେତେବେଳେ ବଂଗଦେଶକୁ ଯିବି ସେତେବେଳେ ବଂଗଳାରେ କଥାବାର୍ତ୍ତା କରିବି । ଆପଣମାନେ ଓଡ଼ିଶାକୁ ଆସିଛନ୍ତି, ଏ ଦେଶର ଭାଷାରେ କଥାବାର୍ତ୍ତା ନ କଲେ ଏ ଦେଶବାସୀଙ୍କ ହୃଦୟ ଜିଣିବେ କିପରି ?"

ଏପରି ଉତ୍ତରରେ ସେମାନେ ଖୁବ୍ ଆନନ୍ଦିତ ହେଉଥିଲେ ଏବଂ ଓଡ଼ିଆରେ କଥା କହିବାକୁ ଚେଷ୍ଟା କରୁଥିଲେ ।

ନଚିକେତା ଓଡ଼ିଶା ଛାଡ଼ିବା ପରେ ଦୀର୍ଘ ୨୪ବର୍ଷ ବଂଗଦେଶର କଲିକତା, ନବଦ୍ୱୀପ, ଢାକା, ନାରାୟଣଗଂଜ, ମେଦିନୀପୁର, ବର୍ଦ୍ଧମାନ, ବୀରଭୂମି ପ୍ରଭୃତି ସହରମାନଂକୁ ବିଭିନ୍ନ ସମୟରେ ଯାଉଥିଲେ ମଧ୍ୟ ମୁଖ୍ୟତଃ ବେଶି ସମୟ ଶ୍ରୀଧାମ ମାୟାପୁରରେ ହିଁ ରହୁଥିଲା ।

ଶ୍ରୀଧାମ ମାୟାପୁରରେ ମଠବାସୀ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ଘରସଂସାର ତ୍ୟାଗୀ ଭକ୍ତ ମିଳି ପ୍ରାୟ ଶଏ ପଚାଶ । ମୂଳମଠ ଶ୍ରୀଚୈତନ୍ୟ ମଠ ହିଁ ମିଶନର ମୂଳ ମଠ । ତା'ର ପ୍ରତ୍ୟକ୍ଷ ପରିଚାଳନାରେ ଆଖପାଖ ପ୍ରାୟ ପନ୍ଦରଟି ମଠର ସେବା ଚଳୁଥାଏ । ଚୈତନ୍ୟମଠର ସୁପରିଣ୍ଟେଣ୍ଡେଣ୍ଟ ହିଁ ସେ ସମସ୍ତ ମଠର ଯାବତୀୟ ବ୍ୟୟଭାର, ପରିଚାଳନା, ସେବକନିୟୋଗ, ସେବକ ପରିବର୍ତ୍ତନ ଇତ୍ୟାଦି ଦାୟିତ୍ୱ ତୁଲାଇଥାଆନ୍ତି । ସାଧାରଣତଃ

Digitized by srujanika@gmail.com

ସୁପରିଣ୍ଟେଣ୍ଡେଣ୍ଟଙ୍କ ସହକାରୀ ବ୍ରହ୍ମଚାରୀ ହିଁ କାର୍ଯ୍ୟତଃ ସମସ୍ତ ବ୍ୟବସ୍ଥାପନା କରନ୍ତି । ମଠର ମୁଖ୍ୟକର୍ତ୍ତା ଭକ୍ତି କେବଳ ଔଡୁଲୋମୀ ମହାରାଜ କେବଳ ପରାମର୍ଶ ବା ବିଶେଷ ପରିସ୍ଥିତିରେ ଆଦେଶ ପ୍ରଦାନ କରନ୍ତି ।

ନଚିକେତାର ବୟସ ସେତେବେଳେ ୨୦ /୨୧ । ସେଇ ବୟସରେ ସେ ମଠର ମୁଖ୍ୟ ପରିଚାଳକଙ୍କ ସହକାରୀ ରୂପେ ସେବାକାର୍ଯ୍ୟ ଆରମ୍ଭ କଲା ।

ସର୍ବଦା ସବୁଆଡ଼କୁ ନଜର ଦେବାକୁ ହୁଏ । ୬୦ / ୭୦ଜଣ ସେବକଙ୍କର ଦୈନିକ ବାସ, ବସ୍ତ୍ର ଓ ଖାଦ୍ୟପେୟର ସଂସ୍ଥାନ; ସ୍ଥାନୀୟ ସାଧୁମାନଙ୍କର ବିଶେଷ ବ୍ୟବସ୍ଥା, ସମସ୍ତ ମନ୍ଦିର ଓ ବିଗ୍ରହମାନଙ୍କର ଯଥାବିଧି ସେବାପୂଜା, ରୋଗୀମାନଙ୍କର ପରିଚର୍ଯ୍ୟା, ୬୦ /୭୦ ଟି ଗାଈବାଛୁରୀମାନଙ୍କର ସେବାଯତ୍ନ, ଦୈନିକ ପତ୍ରିକା ଓ ପ୍ରେସର କାର୍ଯ୍ୟ ଦେଖାଶୁଣା ତଥା ପ୍ରତ୍ୟେକ ମାସରେ ଗୋଟିଏ ଦୁଇଟି ଉତ୍ସବ ସହସ୍ରାଧିକ ଭକ୍ତମାନଙ୍କର ବାସ ଓ ପ୍ରସାଦ ବ୍ୟବସ୍ଥା ଇତ୍ୟାଦି ଯାବତୀୟ କାର୍ଯ୍ୟର ସବୁ ଦାୟିତ୍ୱ ନଚିକେତାଙ୍କୁ ହିଁ ସମ୍ଭାଳିବାକୁ ପଡ଼ିଲା । ମୁଖ୍ୟ ଅଧିକାରୀ ସ୍ୱାସ୍ଥ୍ୟ-କାରଣରୁ କେବଳ ହରିନାମ ମାଳା ଜପ ଓ ହରିକଥା କୀର୍ତ୍ତନରେ ସମୟ କଟାନ୍ତି ।

ଏତେପ୍ରକାର ଗୁରୁଦାୟିତ୍ୱ, ଦିବାରାତ୍ରି ୧୮ଘଣ୍ଟା ପରିଶ୍ରମର ଫଳ ବୃଥା ଯାଇ ନାହିଁ । ମିଶନର ପ୍ରଧାନ ଆଚାର୍ଯ୍ୟଦେବ ମଝିରେ ମଝିରେ ଶ୍ରୀଚୈତନ୍ୟ ମଠକୁ ଆସି ପନ୍ଦରଦିନ ବା ମାସେକାଳ ରହନ୍ତି । ସେ ଥିବା ସମୟରେ ନଚିକେତାର ସେବାଦକ୍ଷତା ଶୁଣନ୍ତି, ଲକ୍ଷ୍ୟ କରନ୍ତି । କ୍ରମଶଃ ତାଙ୍କର ସ୍ନେହ ଓ କୃପାଦୃଷ୍ଟି ନଚିକେତାଙ୍କୁ ତାଙ୍କ ଚରଣରେ ଏକାନ୍ତ ଭାବରେ ଆକର୍ଷଣ କରିନେଲା । ଏହାପୂର୍ବରୁ ୧୯୪୦ ଠାରୁ ପ୍ରତ୍ୟହ ସକାଳେ ସେ ନଚିକେତାଙ୍କୁ ଡକାଇ ପୂର୍ବଦିନ ଆସିଥିବା ସମସ୍ତ ଚିଠିର ଉତ୍ତର କହନ୍ତି, ନଚିକେତା ଟିପି ନିଏ, ପରେ ବଂଗଳା ଭାଷାରେ ଉତ୍ତର ଲେଖି ନିଜେ ତାଂକ ନାମ ଦସ୍ତଖତ କରି ଠିକଣା ଲେଖି ପଠାଏ ।

କ୍ରମଶଃ ଏ ସଂପର୍କ ନିବିଡ଼ ହେଲା । ଦୁଇବର୍ଷ ପରେ ନଚିକେତାକୁ ଆଉ ମଠ ପରିଚାଳନା ସେବା କରିବାକୁ ପଡ଼ିଲା ନାହିଁ । ମିଶନର ଦୈନିକ ଆଧ୍ୟାତ୍ମିକ ପତ୍ରିକାର ସଂପାଦକ ଶ୍ରୀପାଦ ଶୁଭବିଳାସ ଭକ୍ତିଶାସ୍ତ୍ରୀଙ୍କର ସହକାରୀରୂପେ ନିଯୁକ୍ତ କରାଗଲା । ପତ୍ରିକା ସଂଶ୍ଲିଷ୍ଟ ଅନ୍ୟାନ୍ୟ ସେବକମାନଙ୍କ ପରି ସେଥିପାଇଁ ପୃଥକ୍ ଘର, ସେବକ ଏବଂ ପ୍ରସାଦାଦିର ସ୍ୱତନ୍ତ୍ର ବ୍ୟବସ୍ଥା ଖଂଜାହେଲା । ସ୍ୱାଧୀନ ଭାବରେ ମିଶନର ସାଧାରଣ ନୀତିନିୟମର ଉର୍ଦ୍ଧ୍ୱରେ ତାକୁ ଉଚ୍ଚ ଆସନରେ ରଖାଗଲା । ଗୋସ୍ୱାମୀମାନଙ୍କ ରଚିତ ରହସ୍ୟଲୀଳା - ଗ୍ରନ୍ଥର ପଠନ, ଅନୁଶୀଳନ ଓ ତା'ର ଶୁଦ୍ଧପାଠ ପ୍ରସ୍ତୁତିର ଦାୟିତ୍ୱ ମଧ୍ୟ ତା' ଉପରେ ଅର୍ପିତ ହେଲା ।

Digitized by srujanika@gmail.com

ଏତେ କମ୍ ବୟସରେ ରୂପ-ରଘୁନାଥ-ଶ୍ରୀଜୀବ ପ୍ରଭୃତି ଗୋସ୍ୱାମୀମାନଙ୍କର ତତ୍ତ୍ୱ, ସିଦ୍ଧାନ୍ତ ଦର୍ଶନ ଗ୍ରନ୍ଥ ସହିତ ରାଧାକୃଷ୍ଣଙ୍କର ରହଃଲୀଳାଗ୍ରନ୍ଥ ପାଠ ଓ ଅନୁଶୀଳନର ଅଧିକାର ନଚିକେତା ପାଇବା ପରେ ତା'ର ଆଧ୍ୟାତ୍ମିକ ଭାବଧାରା ସଂପୂର୍ଣ୍ଣ ଭିନ୍ନ ପଥରେ ଗତି କଲା । ମିଶନର ଆଚାର୍ଯ୍ୟ ଦେବ ନଚିକେତାକୁ ଏତେ ଉଚ୍ଚ ଅଧିକାର କାହିଁକି ଦେଲେ, ସେ ଚିନ୍ତା କରିବାର ସମୟ ନଚିକେତା ପାଇ ନାହିଁ । କେବଳ ଗୁରୁଙ୍କର ଆଦେଶ ଓ ନିର୍ଦ୍ଦେଶ ଭାବି ସବୁ କରିଯାଇଛି ।

ଏହା ପରେ ପରେ ଗୁରୁଦେବଂକ ଇଚ୍ଛା ହେଲା ଗୋସ୍ୱାମୀମାନଂକର ଲୀଳାଗ୍ରନ୍ଥ ମୁଦ୍ରଣ କରିବେ । ସେଗୁଡ଼ିକର ସଂଶୋଧିତ ପାଣ୍ଡୁଲିପି ପ୍ରସ୍ତୁତିର ଦାୟିତ୍ୱ ନଚିକେତା ଓ ଆଉ ଦୁଇଜଣ ବ୍ରହ୍ମଚାରୀଙ୍କୁ ଅର୍ପିତ ହେଲା । ସେ ଗ୍ରନ୍ଥଗୁଡ଼ିକ ଢାକାର ପ୍ରେସରେ ଛପା ହେଲା । ତା'ପରେ ଶ୍ରୀମାୟାପୁରରୁ ପ୍ରକାଶିତ ମିଶନର ଦୈନିକ ମୁଖପତ୍ରର ସଂପାଦକ ଦାୟିତ୍ୱ ମଧ୍ୟ ନଚିକେତାକୁ ଦିଆଗଲା ।

ଶ୍ରୀମାୟାପୁର ମଠରେ ଗୋଟିଏ ପ୍ରେସ୍, ଜଣେ ମେସିନ୍‌ମ୍ୟାନ୍, ଛଅଜଣ କମ୍ପୋଜିଟର ଏବଂ ଅଫିସ୍ ଦାୟିତ୍ୱରେ ଜଣେ ମ୍ୟାନେଜର୍, ଜଣେ ପ୍ରୁଫ୍ ରିଡ଼ର ଓ ଜଣେ ଡେସ୍‌ପାଚର । ପ୍ରେସ୍‌ରେ କେବଳ ସେଇ ଦୈନିକ ପତ୍ରିକା (ଚାରିପୃଷ୍ଠା) ଛପା ହୁଏ । ଅଫିସ୍ ଷ୍ଟାଫ ସମସ୍ତେ ମଠବାସୀ । ପ୍ରେସ୍ କର୍ମଚାରୀ ସ୍ଥାନୀୟ ବେତନଭୋଗୀ ହିନ୍ଦୁ ଯୁବକ, ମେସିନ୍ ମ୍ୟାନ୍‌ଟି ମୁସଲମାନ ।

ଦୈନିକ ପତ୍ରିକାର ଶେଷ ୪ର୍ଥ ପୃଷ୍ଠାରେ ସାଧାରଣ ସଂବାଦ ଛପାହୁଏ । ଅନ୍ୟ ତିନିପୃଷ୍ଠାରେ କେବଳ ଶାସ୍ତ୍ରକଥା, ଗୃହସ୍ଥ ଓ ଗୃହତ୍ୟାଗୀମାନଙ୍କର ପାରମାର୍ଥିକ ଜୀବନଯାପନର ସହାୟକ ପ୍ରବନ୍ଧ, ସାଧୁ ଓ ଭଗବଦବତାରମାନଙ୍କର ଜୀବନଚରିତ କଥା ଇତ୍ୟାଦି ।

ପତ୍ରିକାଟିର ସଂପାଦକୀୟ ପୂରା ପୃଷ୍ଠା ତଥା ଅନ୍ୟ ଦୁଇ ପୃଷ୍ଠାରେ ଯାହା ଛପାହେବ, ସେ ସମସ୍ତର ବ୍ୟବସ୍ଥା କେବଳ ସଂପାଦକର ଦାୟିତ୍ୱ । ସାରା ଭାରତର ବିଭିନ୍ନ ମଠର ଉତ୍ସବାଦିର ସଂବାଦ, ମୁଖ୍ୟ ସନ୍ନ୍ୟାସୀମାନଙ୍କର ବକ୍ତୃତା ଇତ୍ୟାଦି ବ୍ୟତୀତ ଗୃହସ୍ଥ ଭକ୍ତ ଓ ମଠବାସୀ ଭକ୍ତମାନଙ୍କର ଲିଖିତ ପ୍ରବନ୍ଧାଦି ସମସ୍ତ ଲେଖାର ସଂଶୋଧନ ମଧ୍ୟ ନଚିକେତାକୁ କରିବାକୁ ପଡୁଥିଲା । ଏ ସମସ୍ତ ଦାୟିତ୍ୱ ନିର୍ଦ୍ଦୋଷ ଭାବରେ କରିବାକୁ ନଚିକେତା ପ୍ରଥମେ ଖୁବ୍ ଅଶ୍ୱସ୍ତି ଅନୁଭବ କରୁଥିଲା । କିନ୍ତୁ ସେଥିପାଇଁ ବହୁ ଶାସ୍ତ୍ର ତାକୁ ଅଧ୍ୟୟନ କରିବାକୁ ପଡୁଥିଲା । ତାହାଦ୍ୱାରା ନଚିକେତାର ଆତ୍ମବିଶ୍ୱାସ ବୃଦ୍ଧି ପାଇଲା ସତ୍ୟ, କିନ୍ତୁ ମଠବାସୀ ସନ୍ନ୍ୟାସୀ ଓ ଉଚ୍ଚ ପଦାଧିକାରୀମାନଙ୍କର ଆଚରଣ ଓ ଶାସ୍ତ୍ରବାକ୍ୟ ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କରିବାର ଅବସର ମଧ୍ୟ ସେ ପାଇଗଲା ଏବଂ ନିଜ ଲେଖାରେ

Digitized by srujanika@gmail.com

ମିଶନର ବଡ଼ବଡ଼ିଆ ବ୍ୟକ୍ତିମାନଂକ ଆଚରଣର ତ୍ରୁଟିବିଚ୍ୟୁତିକୁ ଅଂଗୁଳି ନିର୍ଦ୍ଦେଶ କରିବା ଦ୍ୱାରା କ୍ରମଶଃ ସେମାନଙ୍କର ଭଲ ନଜର ଆଉ ରହିଲା ନାହିଁ । ମିଶନର ଉଚ୍ଚପଦବୀଧାରୀ ଗୃହସ୍ଥ । କିନ୍ତୁ ମିଶନର ଅର୍ଥ, ପ୍ରତିଷ୍ଠାକୁ ନିଜ ସଂସାର, ଗୃହ ପରିଜନମାନଙ୍କର ଓ ସଂପଦ ବୃଦ୍ଧିରେ ବିନିଯୋଗ କରୁଥିବାର ବହୁ ନଜିର ନଚିକେତା ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଲେଖା ଓ ଆଲୋଚନା ମାଧ୍ୟମରେ ପ୍ରକାଶ କରିବାକୁ ପରିସ୍ଥିତିରେ ପଡ଼ି ବାଧ୍ୟ ହେଲା ।

ଧର୍ମ ପ୍ରତିଷ୍ଠାନ, ମଠ, ମନ୍ଦିର, ସଂଘ, ଆଶ୍ରମ ପ୍ରଭୃତି ବାହାରୁ ଦେଖିଲେ ଖୁବ୍ ଶୁଦ୍ଧପୂତ, ଆଦର୍ଶନିଷ୍ଠ । କିନ୍ତୁ ଭିତରଟା କେତେକ କ୍ଷେତ୍ରରେ କଳଙ୍କ, ଭ୍ରଷ୍ଟାଚାର, ବ୍ୟଭିଚାର ଓ କପଟର କେନ୍ଦ୍ର । ଆଦର୍ଶବାଦୀ ମହାତ୍ମା ଓ ମହାପୁରୁଷର ବେଶ, କିନ୍ତୁ ଅନ୍ତରେ ଗୋପନରେ ପରମଭୋଗୀ ଓ ଭ୍ରଷ୍ଟଚରିତ୍ର । ବର୍ତ୍ତମାନ କେତେକ କ୍ଷୁଦ୍ର ଭଗବାନ୍ ବୋଲି ପ୍ରଚାରିତ ବାବା, ସ୍ୱାମିଜୀ, ମହାତ୍ମା ହିସାବରେ ପ୍ରଚୁର ସଂପଦର ଅଧିକାରୀ, ରାଜନୈତିକ ନେତାମାନଙ୍କର ପୂଜ୍ୟ ମହାପୁରୁଷ- ବ୍ୟବସାୟୀ ସେତେବେଳେ ମଧ୍ୟ କମ୍ ନ ଥିଲେ । ନଚିକେତାର ବୟସ ସେତେବେଳେ ୨୩ / ୨୪ । ଏତେ କମ୍ ବୟସରେ ବଡ଼ ବଡ଼ ସ୍ୱାମିଜୀ ସନ୍ନ୍ୟାସୀ ଏବଂ ଗୃହସ୍ଥ ଭକ୍ତପ୍ରବରମାନଙ୍କ ସାନ୍ନିଧ୍ୟ ପ୍ରତି ଉଦାସୀନ ଓ ବେଖାତିର ଭାବ ଦେଖି ମିଶନର ଅଧିକାଂଶ ମୁଖ୍ୟକର୍ତ୍ତାମାନେ ଅନ୍ତରରେ ଅସନ୍ତୁଷ୍ଟ ହେଲେ ମଧ୍ୟ ମିଶନର ପ୍ରେସିଡେଣ୍ଟ ଆଚାର୍ଯ୍ୟଙ୍କ ଭୟରେ କେହି କିଛି କରିପାରୁ ନ ଥିଲେ ।

ଏହା ଭିତରେ ଆଚାର୍ଯ୍ୟଦେବ ନଚିକେତାକୁ ପୁରୀ ମଠକୁ ପଠାଇଲେ ଶ୍ରୀକ୍ଷେତ୍ର ଓ ଜଗନ୍ନାଥଙ୍କ ସଂପର୍କରେ ବଂଗଳାରେ ଗୋଟିଏ ବହି ଲେଖିବା ପାଇଁ । ଏହା ୧୯୪୪ ମାର୍ଚ୍ଚ ମାସର ଘଟଣା ।

ଏପ୍ରିଲରୁ ଜୁଲାଇ ରଥଯାତ୍ରା ପର୍ଯ୍ୟନ୍ତ ନଚିକେତା ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ସେବାପୂଜା, ପର୍ବପର୍ବାଣି, ପୁରୀର ଅନ୍ୟାନ୍ୟ ପ୍ରସିଦ୍ଧ ମଠମାନଙ୍କର ଐତିହାସିକ ଓ ଧର୍ମୀୟ ଗୌରବ ସଂପର୍କରେ ଅନୁସଂଧାନ କରି 'ଶ୍ରୀକ୍ଷେତ୍ର' ବହିଟି ୨୫୦ ପୃଷ୍ଠାରେ ସଂପୂର୍ଣ୍ଣ କଲା । ଏଥିପୂର୍ବରୁ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବଂଗଳାରେ କେତୋଟି କ୍ଷୁଦ୍ର ପୁସ୍ତକ ବ୍ୟତୀତ ବିଶେଷ ତଥ୍ୟ ଓ ତତ୍ତ୍ୱ ସଂବଳିତ କୌଣସି ଗ୍ରନ୍ଥ ପ୍ରାୟ ନ ଥିଲା । ଏଣୁ 'ଶ୍ରୀକ୍ଷେତ୍ର' ହିଁ ବଂଗଳା ଭାଷାର ଜଗନ୍ନାଥ ତତ୍ତ୍ୱ ସଂବଳିତ ପ୍ରଥମ ପୁସ୍ତକ । ଏହାପରେ ତାହା ମୁଦ୍ରଣ ନିମିତ୍ତ ଢାକା ପ୍ରେସ୍‌କୁ ପଠାଇ ଦିଆଗଲା ।

ରଥଯାତ୍ରାର ପୂର୍ବରୁ ଆଚାର୍ଯ୍ୟଦେବ ପୁରୀ ଆସି ମଠରେ ପ୍ରାୟ ମାସାଧିକ କାଳ ରହିଲେ । ମିଶନର କେତେକ ଗୋପନ ତଥ୍ୟ ଅର୍ଥାତ୍ ବିଭିନ୍ନ ମଠର ସନ୍ନ୍ୟାସୀ ବ୍ରହ୍ମଚାରୀମାନଙ୍କ ମଧ୍ୟରୁ କେତେକଙ୍କର ଚାରିତ୍ରିକ ସ୍ଖଳନ ଓ ଅର୍ଥାଦି ଆତ୍ମସାତ୍ ଘଟଣା

Digitized by srujanika@gmail.com

ତାଂକ ନିକଟରେ ପହଂଚିଲା । ଆଚାର୍ଯ୍ୟଦେବଙ୍କ ସହିତ ମୁଖ୍ୟ ସଂପାଦକ ଶ୍ରୀମତ୍ ଭକ୍ତିଶାସ୍ତ୍ରୀ ମଧ୍ୟ ଆସିଥିଲେ । ଉଭୟେ ବିଚାରବିମର୍ଶ କରି ମିଶନର ମୁଖ୍ୟ କାର୍ଯ୍ୟାଳୟରେ ଗୋଟିଏ 'ଗୋପନ ବିଭାଗ' (Confidential Unit) ଖୋଲି ତାହାର ମୁଖ୍ୟରୂପେ ଭକ୍ତିଶାସ୍ତ୍ରୀ ଏବଂ ତାଙ୍କର ସହାକାରୀ ରୂପେ ଭକ୍ତିଶାସ୍ତ୍ରୀ ଓ ନଚିକେତା ରହିଲେ ।

ଏହି ବିଭାଗର କାର୍ଯ୍ୟ ହେଲା, ଭାରତର ବିଭିନ୍ନ ଶାଖା ମଠରେ କୌଣସି ମଠବାସୀଙ୍କର ଚାରିତ୍ରିକ ସ୍ଖଳନ ଓ ଅନ୍ୟ ଗୁରୁତର ଅପରାଧର ସଂବାଦ ସଂଗ୍ରହ କରିବେ । ସେଇ ବ୍ୟକ୍ତିଙ୍କୁ କଲିକତା ମଠକୁ ଅଣାଇ ତାଙ୍କୁ ଅନ୍ୟମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ୍ ରଖି ଅପରାଧର ସତ୍ୟାସତ୍ୟ, ଗୁରୁତ୍ୱ ନିର୍ଣ୍ଣୟ କରିବେ ଏବଂ ଅନ୍ୟ ମଠବାସୀମାନଙ୍କର ଅଜ୍ଞାତରେ ତାଙ୍କୁ ଶାସ୍ତିପ୍ରଦାନ ଓ ସଂଶୋଧନ ନିମିତ୍ତ ନିର୍ଦ୍ଦିଷ୍ଟ ମଠକୁ ପଠାଇବେ । ସେଠାରେ ଯେଉଁ ବ୍ୟକ୍ତି ଦାୟିତ୍ୱରେ ଥିବେ, ତାଂକୁ ମଧ୍ୟ ସେଇ ବ୍ୟକ୍ତି ପ୍ରତି କି କି କାର୍ଯ୍ୟ ଦିଆଯିବ, କ'ଣ କ'ଣ ଖାଇବାକୁ ଦିଆଯିବ, କିପରି ବ୍ୟବହାର କରାଯିବ- ଏ ସମସ୍ତ ନିର୍ଦ୍ଦେଶ ଦେଇ, ଅପରାଧୀ ବ୍ୟକ୍ତିର ଆଚରଣ ସଂଶୋଧନ ଓ ଉନ୍ନତିର ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯିବ । ଏ ସମସ୍ତ ସଂବାଦ କେବଳ ଆଚାର୍ଯ୍ୟଦେବ ବ୍ୟତୀତ ଆଉ କେହି ଜାଣିପାରିବେ ନାହିଁ ।

ଉତ୍ସବରେ ବହୁ ଓଡ଼ିଆ ଭକ୍ତ ଶ୍ରୀଳ ଆଚାର୍ଯ୍ୟ ଦେବଙ୍କର ହରିକଥା ଶୁଣିବାକୁ ଆସିଥିଲେ । ଶ୍ରୀଳ ଆଚାର୍ଯ୍ୟଦେବ ନଚିକେତାକୁ ଓଡ଼ିଆ ଭାଷାରେ ଉକ୍ତ ସନ୍ଦର୍ଭ ବ୍ୟାଖ୍ୟା କରିବାକୁ ଆଦେଶ ଦେଲେ ।

'ଶ୍ରୀକ୍ଷେତ୍ର' ବହି ଲେଖା ଅବସରରେ ନଚିକେତା ଶ୍ରୀ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଙ୍କ ରଚିତ ଭକ୍ତି ରସାମୃତ ସିନ୍ଧୁର ଟୀକାର ଦୁଇଟି ପୋଥି ଗଂଗାମାତା ମଠ ଓ ବଡ଼ ଓଡ଼ିଆ ମଠରୁ ପାଇ ସ୍ଥାନୀୟ ବିଶ୍ୱନାଥ ମିଶ୍ର ଓ କୃଷ୍ଣଚନ୍ଦ୍ର ରାଜଗୁରୁଙ୍କ ସାହାଯ୍ୟ ନେଇ ବଂଗଳା ଅକ୍ଷରରେ ଲେଖୁଥିଲା । ଏହି ସମୟରେ ଆଚାର୍ଯ୍ୟଦେବ ଓ ଶ୍ରୀ ଭକ୍ତିଶାସ୍ତ୍ରୀ କଲିକତା ମଠକୁ ଆସିଲେ । ସେଠାରେ ଗୋପନ ବିଭାଗର ବ୍ୟବସ୍ଥା କରିସାରି ଆଚାର୍ଯ୍ୟଦେବ ମଥୁରାକୁ ଚାଲିଗଲେ । ସେ ଅଧିକାଂଶ ସମୟ ମଥୁରାରେ, ବୃନ୍ଦାବନରେ, ରାଧାକୁଣ୍ଡରେ ରହିବାକୁ ଆରମ୍ଭ କଲେ ।

ଆତ୍ମସମୀକ୍ଷାକେନ୍ଦ୍ର (Self Introspection) ହିସାବରେ ପୁରୀ ବ୍ରହ୍ମଗିରି ଏବଂ ବର୍ଦ୍ଧମାନ ଜିଲ୍ଲାର ଗୋଟିଏ ମଠକୁ ସ୍ଥିର କରାଗଲା । ସେଇ ମଠ ଦୁଇଟିର ମୁଖ୍ୟ ସେବକ ପରିବର୍ତ୍ତନ କରି ବିଶେଷ ନିର୍ଦ୍ଦେଶ ସହ ସାହସୀ, ବଳିଷ୍ଠ ଲୋକଙ୍କୁ ରଖାଗଲା ।

ଏଇ ଗୋପନ ବିଭାଗରେ ପ୍ରାୟ ଏକବର୍ଷ ରହି ନଚିକେତା ବହୁ ବିଚିତ୍ର ଚରିତ୍ର ତଥା ଧର୍ମୀୟ ସଂଘ, ମଠ ଆଶ୍ରମ ପ୍ରଭୃତିର ଆଭ୍ୟନ୍ତରୀଣ ଚିତ୍ର ସଂପର୍କରେ ଯେଉଁ ଅଭିଜ୍ଞତା

Digitized by srujanika@gmail.com

ଲାଭ କଲା, ତାହା ତାହାର ଆଧ୍ୟାତ୍ମିକ ଜୀବନକୁ ଯଥେଷ୍ଟ ପୁଷ୍ଟ କରିବାର ଉପାଦାନ ଯୋଗାଇଛି ।

ସନ୍ନ୍ୟାସୀଙ୍କ ମଧ୍ୟରୁ କେତେଜଣ ବାହାରେ ବଡ଼ବକ୍ତା, ଖୁବ୍ ସମ୍ମାନର ଅଧିକାରୀ ଥିଲେ, କିନ୍ତୁ ଗୋପନନାରୀ ସଂସର୍ଗ ଲିପ୍ତ । ସେମାନଙ୍କ ପାଇଁ କାହାକୁ ୩ ମାସ, କାହାକୁ ୬ମାସ ସଂଶୋଧନ କେନ୍ଦ୍ରରେ ଅତି ସାଧାରଣ ଖାଦ୍ୟ, ଶାରୀରିକ ଶ୍ରମ, ନିଜର ବାସନ ନିଜେ ମାଜିବା ଇତ୍ୟାଦିଦ୍ୱାରା ଅନୁତପ୍ତ ଓ ସଂଶୋଧିତ ହେବାର ସୁଯୋଗ ଦିଆଗଲା । ପରେ କେହି କେହି ମଠଛାଡ଼ି ପଳାଇଲେ, କେହିବା ଗୃହସ୍ଥାଶ୍ରମ ସ୍ୱୀକାର କଲେ, ଆଉ କେହି ବା ପରିପୂର୍ଣ୍ଣ ଶୁଦ୍ଧଚରିତ୍ର ହୋଇ ପରବର୍ତ୍ତୀ କାଳରେ ମିଶନର ଆଚାର୍ଯ୍ୟ ପସଦ ପର୍ଯ୍ୟନ୍ତ ଅଳଂକୃତ କରିଥିଲେ ।

କିନ୍ତୁ ସମସ୍ତ ବଡ଼ ବଡ଼ କର୍ମକର୍ତ୍ତା ଏଇ ପ୍ରକାର କନ୍‌ଫିଡେନ୍‌ସିଆଲ ଡିପାର୍ଟମେଣ୍ଟର କାର୍ଯ୍ୟକୁ ଅପ୍ରକାଶ୍ୟ ବିରୋଧ କରିବାକୁ ଆରମ୍ଭ କଲେ ଏବଂ ଆଚାର୍ଯ୍ୟଦେବଙ୍କୁ ମଧ୍ୟ ଅଶ୍ରଦ୍ଧା କରିବାକୁ ଲାଗିଲେ ।

ତଥାପି (Confidential) ବିଭାଗର କାର୍ଯ୍ୟ ମଧ୍ୟ ଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶରେ ଚାଲିଥାଏ । ସେଇ ସମୟରେ ନଚିକେତା ଏପରି କେତେଗୁଡ଼ିଏ ଆଭ୍ୟନ୍ତରୀଣ ଗୋପନ ବ୍ୟାପାର ଜାଣିଲା, ଯାହାଦ୍ୱାରା ମଠ ମିଶନର ବିଧି ବ୍ୟବସ୍ଥା ପ୍ରତି ତା'ର ଅତ୍ୟନ୍ତ ବିତୃଷ୍ଣା ଆସିଲା । ତାହା ପରେ ପୁନଶ୍ଚ ମାୟାପୁରର ପତ୍ରିକାର ଦାୟିତ୍ୱରେ ରହିବାକୁ ପଡ଼ିଲା । ଏତେଦିନ ପରେ ସେ ମିଶନର ବିଧିବ୍ୟବସ୍ଥା ସଂପର୍କରେ ପ୍ରକାଶ୍ୟରେ ଆଲୋଚନା, ପତ୍ରିକାରେ ଲେଖାଲେଖି କରିବାର ସାହସ କଲା । କ୍ରମଶଃ ସହ ପ୍ରକାଶ୍ୟ ଯୁକ୍ତିତର୍କ ଇତ୍ୟାଦି ଆରମ୍ଭ ହେଲା । ନଚିକେତାର ଯୁକ୍ତି ହେଲା- "ଆପଣମାନେ ଯାହା ପ୍ରଚାର କରୁଛନ୍ତି, ଆଚରଣରେ ତା'ର ଏତେ ବ୍ୟତିକ୍ରମ କରୁଛନ୍ତି କାହିଁକି ? ଆମେ ବାପା ମା'ଙ୍କୁ କନ୍ଦାଇ, ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଇ ଆସିଥିଲୁ ପରମାର୍ଥ ଲାଭ ପାଇଁ, କିନ୍ତୁ ସେଇ ପରମାର୍ଥ ଶିକ୍ଷକରୂପେ ଯେଉଁମାନଙ୍କୁ ପୂଜା କଲୁ, ସେମାନେ ଯଦି ଏତେ ବିପରୀତ ଆଚରଣ ଦେଖାନ୍ତି, ତେବେ ଆମେ କ'ଣ ଶିଖିବୁ ? ବାହାରେ ସାଧୁବେଶ ଧରି ଗୋପନରେ କଦାଚାର କରିବା କ'ଣ ପରମାର୍ଥ ? ? ଏମିତି ବିଭିନ୍ନ ବିଷୟରେ ପ୍ରଶ୍ନ ଉତ୍ଥାପନ କଲା । ବୈଷ୍ଣବ ମହାଜନ ରୂପ ସନାତନ ପ୍ରଭୃତିଙ୍କର ଆଚରଣ ଓ ଉପଦେଶ ଏତେ ଭଲ, ସେଇ ରୂପାନୁଗ ଧାରାର ସଂପ୍ରଦାୟ ମଧ୍ୟରେ ଏତେ ବିକୃତି ଆସିଲା କାହିଁକି ? ? ଯେଉଁ ସଂପ୍ରଦାୟ ନିଜକୁ ଅନ୍ୟାନ୍ୟ ଧର୍ମ ସଂପ୍ରଦାୟ ଅପେକ୍ଷା ଶୁଦ୍ଧ, ମାର୍ଜିତ, ସୁସଂସ୍କୃତ ସଦାଚାରୀ ବୋଲି ପ୍ରଚାର କରେ, ସେହି ସଂପ୍ରଦାୟ ମଧ୍ୟରେ ବି ସେହି ସେହି ଦୋଷଦୁର୍ବଳତା, ଅନାଚାର ଯଦି ପ୍ରବଳ ହେବାର ଦେଖାଯାଏ, ତେବେ

Digitized by srujanika@gmail.com

ଏମାନେ ଅନ୍ୟଙ୍କୁ କାହିଁକି ନିନ୍ଦା କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ସାହସ କରୁଛନ୍ତି ଇତ୍ୟାଦି ।

ନଚିକେତାର ଏ ସମସ୍ତ ପ୍ରକାଶ୍ୟ ଆଲୋଚନା ମିଶନର ବଡ଼ବଡ଼ିଆମାନଙ୍କୁ ବ୍ୟତିବ୍ୟସ୍ତ କରିପକାଇଲା । ଠିକ୍ ଏହି ସମୟରେ ଢାକା ପ୍ରେସ୍‌ରେ ଛପା ହୋଇଥିବା ତା'ର ଲେଖା ଶ୍ରୀକ୍ଷେତ୍ର ବହିର ଇନର ପୃଷ୍ଠାରେ ତା'ର ନାମ ଛପା ହୋଇଥିବା ଅଂଶକୁ ବାଦ୍ ଦେଇ ମିଶନର ସଂପାଦକଙ୍କ ନାମ 'ଲେଖକ' ବୋଲି ଛପାହୋଇ ବହିଟି ବନ୍ଧେଇ ହେଲା । ଏ ସମସ୍ତ ତାଂକରି ନିର୍ଦ୍ଦେଶରେ ହେଲା ।

ଏହି ପରିସ୍ଥିତି କ୍ରମଶଃ ଆହୁରି ତୀବ୍ର ହେଲା । ନଚିକେତା ଠିକ୍ କଲା ମିଶନ୍ ସହିତ ସଂପର୍କ ତ୍ୟାଗ କରିବ । ମିଶନର ପ୍ରକାଶିତ ଯେତେ ବହି ଓ ପତ୍ରପତ୍ରିକା ଲାଇବ୍ରେରୀରେ ଥିଲା, ସେ ସମସ୍ତ ଯୋଗପୀଠକୁ ପଠାଇଦେଲା । ବାଇଶି ବର୍ଷର ଦୈନିକ ପତ୍ରିକା ଓ ପ୍ରେସ୍ ବନ୍ଦ ହେଲା । ସହକର୍ମୀ ବ୍ରହ୍ମଚାରୀମାନଙ୍କୁ ସଂଗରେ ଧରି କଲିକତା ଆସି ଜଣେ ଗୃହସ୍ଥ ଶିଷ୍ୟଙ୍କ ଘରେ ବେଲଗାଛିଆରେ ରହିଲା ।

ଏ ସଂବାଦ ଆଚାର୍ଯ୍ୟଦେବଙ୍କୁ ବୋଧହୁଏ ମିଶନର ସେକ୍ରେଟାରୀ ଜଣାଇଦେଲେ । ପ୍ରାୟ ଏକ ସପ୍ତାହ ପରେ ଦିନେ ଦ୍ୱାଦଶୀ ତିଥିରେ ସକାଳେ ଆଚାର୍ଯ୍ୟଦେବ ମଥୁରାରୁ ହାଓଡ଼ା ଷ୍ଟେସନରେ ପହଂଚି ମଠକୁ ନ ଯାଇ କିଛି ନ ଖାଇ ସିଧା ସେହି ଗୃହସ୍ଥଙ୍କ ଘରେ ପହଂଚିଲେ । ସାଂଗରେ ଗୋଟିଏ ତୁଳସୀ ବୃକ୍ଷର ଛୋଟ କୁଣ୍ଡଟିଏ ନେଇଥାଆନ୍ତି । ପ୍ରଥମେ ଆମେ କାହିଁକି ମିଶନ୍ ଛାଡ଼ି ଆସିଲୁ, ତାହାର କାରଣ ପଚାରିଲେ ।

ପ୍ରାୟ ଦୁଇଘଣ୍ଟା ଆଲୋଚନା ହେଲା । ନଚିକେତା କେତେଗୁଡ଼ିଏ ପ୍ରସ୍ତାବ ଦେଲା । "ଆପଣ ଯଦି ମିଶନକୁ ସେଇ ଅନୁସାରେ ବ୍ୟାପକ ଭାବରେ ବଦଳାଇବେ, ତେବେ ଆମେ ମିଶନରେ ରହିବୁ ।" ସେ ତୁଳସୀ ସ୍ପର୍ଶ କରି କହିଲେ, "ଆଜି ଦ୍ୱାଦଶୀରେ ମୁଁ ଏ ପର୍ଯ୍ୟନ୍ତ ଜଳ ସ୍ପର୍ଶ କରି ନାହିଁ । ହାଓଡ଼ା ଷ୍ଟେସନରୁ ସିଧା ତୁମ୍ଭମାନଙ୍କ ପାଖକୁ ଆସିଛି । ତୁମେ ମାୟାପୁର ଫେରିଚାଲ । ମୁଁ ଛଅମାସ ମଧ୍ୟରେ ତୁମ କହିବା ଅନୁସାରେ ମିଶନର ବୈପ୍ଲବିକ ପରିବର୍ତ୍ତନ ଆଣିବି ।"

ତାଂକୁ ପଦସ୍ପର୍ଶ କରି ପ୍ରଣାମ କରି କିଛି ଆହାର କରାଇ ସଂଗେ ସଂଗେ କାର୍ ଭଡ଼ାକରି ନଚିକେତା ପୁନର୍ବାର ଶ୍ରୀମାୟାପୁର ଗଲା । ସେଠାରେ ଛଅମାସ ରହିଲା ; କିନ୍ତୁ କୌଣସି ପରିବର୍ତ୍ତନ ହେଲା ନାହିଁ । ମିଶନର ହେଡ୍ ଅଫିସ୍ କଲକାତା ମଠର ସେକ୍ରେଟେରିୟେଟ୍‌ର ଲୋକମାନେ କିପରି ଏକପ୍ରକାର ଅସହଯୋଗ ଦେଖାଇବାକୁ ଆରମ୍ଭ କଲେ ।

Digitized by srujanika@gmail.com

ଶ୍ରୀମାୟାପୁରରେ ଛଅମାସ ରହିବା ନଚିକେତା ପରେ ପୁନଶ୍ଚ ସମସ୍ତ ପ୍ରେସ ଷ୍ଟାଫ୍ ଧରି ପୁରୀ ଚାଲିଗଲା । ଷ୍ଟେସନ ପାଖରେ ଗୋଟିଏ ଭଡ଼ା ଘର କରି ରହିଲା । ମଥୁରାରେ ଆଚାର୍ଯ୍ୟଦେବ ଖବର ପାଇ ପୁନଶ୍ଚ ପୁରୀ ଆସିଲେ । ସେଠାରେ ମଧ୍ୟ ନିଭୃତ ଆଲୋଚନା କେତେଘଣ୍ଟା ଧରି ଚାଲିଲା । ଆମେ ମିଶନ୍ ସହିତ ସଂପର୍କ ତ୍ୟାଗ କରିଛୁ- ଏହା ପ୍ରଚାରିତ ହେଲେ ତାଙ୍କୁ ଖୁବ୍ ବାଧିବ, କାରଣ ସମଗ୍ର ମିଶନ ଜାଣନ୍ତି, ଆମେ କେଇଜଣ ତାଙ୍କର ଅତ୍ୟନ୍ତ ସ୍ନେହପୁଷ୍ଟ ଓ ବିଶ୍ୱାସୀ ।

ସେତେବେଳକୁ ଅନ୍ୟ ଦୁଇ ଟ୍ରଷ୍ଟିଙ୍କ ସହିତ ମିଶନର ସ୍ୱତ୍ୱ ନେଇ ହାଇକୋର୍ଟରେ କେଶ୍ ଚାଲିଥାଏ । ଆମେ ଯଦି ଚାଲିଯାଉ, ତେବେ ତାଂକର ବିରୋଧୀଗୋଷ୍ଠୀ ତାଙ୍କୁ ନିନ୍ଦା କରିବାର ସୁଯୋଗ ପାଇବେ ।

ଏ ସମସ୍ତ ବିଚାର ଆଲୋଚନା କରି ପ୍ରସ୍ତାବ ଦିଆଗଲା, "ଆମକୁ ଏପରି ଗୋଟିଏ ମଠ ଛାଡ଼ିଦିଅନ୍ତୁ, ଯେଉଁଠାରେ ମିଶନର ପରିଚାଳନା ସମିତିର କୌଣସି କର୍ତ୍ତୃତ୍ୱ ରହିବ ନାହିଁ । ଅଥଚ ବାହାରେ ସମସ୍ତେ ଜାଣିବେ ଯେ, ଆମେ ମିଶନରେ ଅଛୁ ।" ଏଥିରେ ଆଚାର୍ଯ୍ୟଦେବ ସମ୍ମତ ହେବାରୁ ନଚିକେତା ରାଜମହେନ୍ଦ୍ରୀର ମଠକୁ ବାଛିଲା ଏବଂ ସଂଗେ ସଂଗେ ସେଠାକୁ ଚାଲିଗଲା । ଆଚାର୍ଯ୍ୟଦେବ ମଥୁରାକୁ ଫେରିଗଲେ ।

ରାୟ ରାମାନନ୍ଦ ଓ ଚୈତନ୍ୟଙ୍କ ମିଳନସ୍ଥଳୀ

ଗୋଦାବରୀ ନଦୀର ପଶ୍ଚିମକୂଳ ପଶ୍ଚିମ ଗୋଦାବରୀ ଜିଲ୍ଲା । ରାଜମହେନ୍ଦ୍ରୀରୁ ଲଞ୍ଚ, ଡଙ୍ଗା ଇତ୍ୟାଦିରେ ପାର ହୋଇ ଯେଉଁ ଘାଟରେ ଓହ୍ଲାଇବାକୁ ହୁଏ, ସେହି ଘାଟକୂଳରେ ରାୟ ରାମାନନ୍ଦ ଓ ଚୈତନ୍ୟଙ୍କ ମିଳନ ସ୍ମୃତି ପୀଠ । ସେହି ସ୍ଥାନଟିର ପ୍ରାକୃତିକ ଦୃଶ୍ୟ ଅତୀବ ମନୋରମ । ଛୋଟ ସହରଟିଏ, ନାମ କଭ୍ଭୁର । ରାଜମହେନ୍ଦ୍ରୀରୁ ଏଲୁରୁ ପର୍ଯ୍ୟନ୍ତ ଦୈନିକ ଯାତାୟାତ ପାଇଁ ଅନେକ ଟ୍ରେନ୍ ସହିତ "ଡିଜେଲ କାର" ନାମକ ଗୋଟିକିଆ ବଗି ବହୁବାର ଯାତାୟାତ କରେ । ତା'ଛଡ଼ା କଲିକତା ମାନ୍ଦ୍ରାଜ ମେନ୍ ଲାଇନ୍ ହୋଇଥିବାରୁ ପ୍ରାୟ ସମସ୍ତ ମେଲ୍, ଏକ୍ସପ୍ରେସ୍ କଭ୍ଭୁର ଷ୍ଟେସନ୍‌ରେ ରହେ । କାରଣ ଏହା ପଶ୍ଚିମ ଗୋଦାବରୀର ଶେଷ ଷ୍ଟେସନ୍ ।

କଭ୍ଭୁର ଘାଟର ନଦୀବନ୍ଧ ତଳକୁ ମଠର ଆୟତନ ପ୍ରାୟ ଦୁଇ ଏକରରୁ ଅଧିକ । ଜମି ଖୁବ୍ ଉର୍ବର ଥିବାରୁ ପନିପରିବା ଯଥେଷ୍ଟ ହୁଏ । ରାଧାକୃଷ୍ଣଙ୍କର ସୁରମ୍ୟ ମନ୍ଦିର । ସେବକମାନଙ୍କ ରହିବା ପାଇଁ ୫ / ୬ ବଖରା ପକ୍କା ଘର । ବାଡ଼ିବଗିଚାର ଫୁଲ, ତୁଳସୀକାନନର ସୌରଭରେ ସମଗ୍ର ମଠଟି ସର୍ବଦା ସୁରଭିତ । ଅତ୍ୟନ୍ତ ପାଷାଣ ଚିତ୍ତ ମଧ୍ୟ ସେଠାରେ କିଛିଦିନ ମଧ୍ୟରେ ସ୍ନିଗ୍ଧ କୋମଳ ପ୍ରଶାନ୍ତି ନିଳୟରେ ପରିଣତ ହେବ ।

Digitized by srujanika@gmail.com

ଆଗରୁ ସେଠାରେ ୩ / ୪ ଜଣ ବ୍ରହ୍ମଚାରୀ ସେବକ ଥିଲେ । ଜଣେମାତ୍ର ଓଡ଼ିଆ, ଅନ୍ୟମାନେ ବଂଗାଳୀ । ନଚିକେତା ଓ ଅନ୍ୟ ସାତଜଣ ସେଠାରେ ପହଂଚିବା ପରେ ସେମାନଙ୍କର ଆନନ୍ଦ କହିଲେ ନ ସରେ । ମଠ ପାଖରେ ବଜାର, କଚେରି ପ୍ରଭୃତି । ଦୈନିକ ସକାଳଠାରୁ ସଂଜପର୍ଯ୍ୟନ୍ତ ତୈଲଙ୍ଗୀ ରମଣୀଗଣ ଗଭାରେ ଫୁଲମାଳ, ଗୋଡ଼ରେ ରଂଗିନ ଚଟି, କଛାମାରି, ତେରହାତ ରଂଗିନ ଶାଢ଼ୀ ପିନ୍ଧି, ହାତରେ ନଡ଼ିଆ, ମିଠାଇ, ଫୁଲଫଳ ଭରା ଚାଙ୍ଗୁଡ଼ାଟିଏ ଧରି ଜଣେ, ଦୁଇଜଣ, କେତେବେଳେ ୪ / ୫ ଜଣ ଆସି ପୂଜା ଦିଅନ୍ତି ।

ନଚିକେତା "ସ୍ୱାମୀଲୁଗାରୁ, ପ୍ରସାଦମ୍"- କେବଳ ଏତିକି ବୁଝିପାରେ ସେମାନଙ୍କ କଥାରୁ । ବାକି ତେଲେଗୁ ଶବ୍ଦର ଉଚ୍ଚାରଣ ଧରିପାରେନା, ଅର୍ଥ ବୁଝେନା । ଦିନେ ଜଣେ ଲୋକକୁ ନେଇ ବଗିଚାର ବାଡ଼ ବୁଜାଉଥିଲା । ବାଡ଼ ମଝିରେ ଗୋଟିଏ ସ୍ଥାନରେ ଆଉ ଖଣ୍ଡେ ବାଉଁଶ ପୋତିବାକୁ କହିଲା । ସେ ସେଥିରେ ଆପତ୍ତି ଜଣାଇ ଯାହା କହିଲା, ତାହା ତିନି ଚାରିଥର ଉଚ୍ଚାରଣ କରିବା ପରେ କଥାଟା ଧରିପାରିଲା - ସ୍ୱାମୀଲୁଗାରୁ 'ଇଦ୍‌ଗୋ ଅଭ୍ୟନ୍ତରମ୍ ଲେଦୁ' - ଅର୍ଥାତ୍ ମଝିରେ ଆଉ ଫାଙ୍କା ନାହିଁ ବାଉଁଶ ଦେବାର ।

'ଅଭ୍ୟନ୍ତର = ଅଭି + ଅନ୍ତରମ୍'- ଏଇ ଅଭ୍ୟନ୍ତର ଶବ୍ଦଟିକୁ ସେ ଏପରି ଉଚ୍ଚାରଣ କରୁଥିଲା ଯେ, ତାହା ସହଜରେ ଧରି ହେଲା ନାହିଁ । ତା'ଛଡ଼ା ଜଣେ ମୂଲିଆ ତତ୍‌ସମ 'ଅଭ୍ୟନ୍ତରମ୍' ଶବ୍ଦ କହିବ - ଏ ଚିନ୍ତା ମଧ୍ୟ କରି ନ ଥିଲା ।

କ୍ରମଶଃ ଦେଖିଲା, ସାଧାରଣ ତେଲେଗୁ ଜନତା ଯେଉଁ ଭାଷା କହନ୍ତି, ସେଥିରେ ପ୍ରାୟ ଶତକଡ଼ା ୭୦/୮୦ ଭାଗ ସଂସ୍କୃତ ଶବ୍ଦ, ମାତ୍ର ସେମାନଙ୍କର ଉଚ୍ଚାରଣ ଧରି ହୁଏ ନାହିଁ । ଦ୍ରାବିଡ଼ ଓ ଆର୍ଯ୍ୟ ଏହି ଦୁଇଟିକୁ ଭିନ୍ନ ସଂସ୍କୃତ ବୋଲି ଯେଉଁମାନେ କହନ୍ତି, ତାହା ଯେ ଯଥାର୍ଥ ନୁହେଁ, ଦ୍ରାବିଡ଼ ଓ ବୈଦିକ ପ୍ରାଚୀନଗୋଷ୍ଠୀର ଭାଷାଗତ ଐକ୍ୟ ହିଁ ତାହା ସୂଚାଇଦିଏ । ତେଲୁଗୁର ମୂଳ ଶବ୍ଦ 'ତ୍ରି-ନଗ' ଅର୍ଥାତ୍ ତିନୋଟି ପର୍ବତ ମଧ୍ୟରେ ଅବସ୍ଥିତ ଦେଶ-ତେଲୁଗୁଦେଶମ୍ ।

ପ୍ରତ୍ୟେକ ଦିନ ସକାଳେ ଓ ସଂଧ୍ୟା ପୂର୍ବରୁ କଭୁର ଘାଟଠାରୁ ଗୋଦାବରୀ ନଦୀର ରେଳପୋଲ ପର୍ଯ୍ୟନ୍ତ ପ୍ରାୟ ୨ / ୩ କିଲୋମିଟର ବନ୍ଧରାସ୍ତାରେ ନଚିକେତା ବୁଲିଯାଏ । ସଂଧ୍ୟାରେ ଗୋବର ଟୋକେଇ ମୁଣ୍ଡରେ ରଖି ତେଲେଗୁ ଲଳନାମାନେ ଗୋବର ଗୋଟେଇ ସାରି ଘରକୁ ଦଳ ଦଳ ହୋଇ ଫେରୁଥାଆନ୍ତି । ସମସ୍ତଙ୍କ ପାଦରେ ଚଟି, ଗଭାରେ ଫୁଲମାଳ ନିଶ୍ଚୟ ଥାଏ । ପିନ୍ଧିଥିବା ଶାଢ଼ୀଟି ବିଭିନ୍ନ ରଙ୍ଗର ଖୁବ୍ ଉଜ୍ଜ୍ୱଳ । ଗୋବର ଗୋଟେଇ ନାରୀର ଏ ରୂପସଜ୍ଜା ସହଜରେ ସେ ଦେଶର ନାରୀମାନଙ୍କର ଉନ୍ନତ ରୁଚିର ପରିଚୟ ଦିଏ ।

Digitized by srujanika@gmail.com

ସକାଳ ଆରତିଠାରୁ ଦିନ ୧ ୨ଟା ଏବଂ ଉପରଓଳି ୩ / ୪ଟା ଠାରୁ ସଂଧ୍ୟାରତି ପର୍ଯ୍ୟନ୍ତ ହାତରେ ଫୁଲ, ନଡ଼ିଆ, କଦଳୀ, ଲଡୁର ଭୋଗଚାଂଗୁଡ଼ି ଧରି ଦଳ ଦଳ ହୋଇ ନାରୀମାନେ ପୂଜା ଦେବାକୁ ଆସନ୍ତି । ସମସ୍ତଙ୍କର ଗଭାରେ ଫୁଲମାଳ ଖୋଷା ହୋଇଥାଏ, ସାଜସଜ୍ଜା ଅପୂର୍ବ । ଫୁଲ ଚାଙ୍ଗୁଡ଼ିରେ ନଡ଼ିଆ , କଦଳୀ, ଫୁଲ, ଧୂପକାଠି, କିଛି ମିଠା ନିଶ୍ଚୟ ଥିବ ।

ଭୋଗ ଦେଇସାରି ପ୍ରତ୍ୟେକ ଦ୍ରବ୍ୟରୁ ଅଧେ ରଖିବା ପ୍ରଥା । ଯେଉଁଦିନ ନଚିକେତା ଭୋଗ ଦେଇଦିଏ, ସେହିଦିନ ସେ କିଛି ରଖେନା, ପ୍ରଥା ତ ତାକୁ ଜଣା ନ ଥିଲା । କିଛି ନ ରଖିବାରେ ଯେ ପୂଜା ଆଣିଥିବା ବ୍ୟକ୍ତି ଅସନ୍ତୁଷ୍ଟ ହୁଅନ୍ତି, ତା'ମଧ୍ୟ ଜାଣି ନ ଥିଲା । କିଛି ଅଂଶ ନ ରଖିଲେ ପୂଜା ସମର୍ପଣର ଅଂଗହାନି ଘଟେ, ଏ ବିଶ୍ୱାସ ସେ ଦେଶରେ ବେଶ୍ ଜଣାଶୁଣା । ସେ ମଠର ପୁରୁଣା ସେବକମାନେ ତାହା ଜାଣନ୍ତି, ଏଣୁ ସେମାନେ ରଖନ୍ତି ।

ଦୈନିକ ଏତେ ଫଳ, କଦଳୀ, ନଡ଼ିଆ ଜମା ହୁଏ । ଅନେକ ସମୟରେ ସମାଗତ ଦର୍ଶନକାରୀ ଏବଂ ବାଳକ-ବାଳିକାମାନଙ୍କୁ ବିତରଣ କରିଦେବା ପରେବି ବହୁ କିଛି ଦ୍ରବ୍ୟ ରହିଯାଏ । ମଠର ସେବକମାନଙ୍କ ପାଇଁ ଜଳଖିଆ କିଣିବା ଦରକାର ହୁଏ ନାହିଁ ।

ନଚିକେତା ମଝିରେ ମଝିରେ ୩ / ୪ ଜଣ ବ୍ରହ୍ମଚାରୀଙ୍କୁ ନେଇ କାକିନାଡ଼ା, ସମାଲକୋଟ, ନେଡ଼ଦାଭୋଲ, ଇଲୋର ପ୍ରଭୃତି ସହରକୁ ଯାଏ । ସେହି ସ୍ଥାନମାନଙ୍କରେ ୩ / ୪ ଦିନ କେଉଁଠି ଏକ ସପ୍ତାହ ରହି ଚୈତନ୍ୟ ଚରିତାମୃତ, ଭାଗବତ, ଗୀତା ପ୍ରଭୃତି ପାଠ ଓ ଆଲୋଚନା କଲେ । ତେଲୁଗୁ ତ ଜଣାନାହିଁ । ଇଂରାଜୀ, ସଂସ୍କୃତ ମିଶାମିଶି କରି ବୁଝାଇବାକୁ ଚେଷ୍ଟା କରେ ।

ନେଡଦାଭୋଲ୍ ସହରଟି ଖୁବ୍ ଛୋଟ । ସେତେବେଳେ ପ୍ରଥମକରି ସିନେମା ଘରଟିଏ ତିଆରି ଚାଲିଥାଏ । ରେଭେନ୍‌ସା କଲେଜରେ ଫିଜିକ୍‌ସ ପ୍ରଫେସର ଶ୍ରୀଯୁକ୍ତ କେ. ଏସ୍. ଆର. ମୂର୍ତ୍ତି ଯେତେବେଳେ ପ୍ରିନ୍‌ସପାଲ ଥିଲେ, ସେତେବେଳେ ତାଂକ ସହିତ ଖୁବ୍ ବଂଧୁତା ହୋଇଥିଲା । ସେ ଖୁବ୍ ଶାସ୍ତ୍ର-ଅନୁରାଗୀ ଥିଲେ । ଦିନେ ତାଂକର ପୂର୍ବ ବାସସ୍ଥାନ ପ୍ରସଂଗ ପଡ଼ିବାରୁ ସେ ଯେ ନେଡ୍‌ଦାଭୋଲ୍‌ର ଅଧିବାସୀ ଏବଂ ସେଇ ସିନେମା ଘର ନିକଟରେ ତାଙ୍କର ଜନ୍ମିତ ପୈତୃକ ଗୃହ- ତାହା ଜାଣିଲା । ତା'ପରେ ତାଙ୍କ ସହିତ ପାରିବାରିକ ସଂପର୍କ ଖୁବ୍ ଘନିଷ୍ଠ ହୋଇଗଲା । ଓଡ଼ିଶାରେ ବିଶେଷତଃ କଟକରେ ଅବସର ଜୀବନଯାପନ କରିବାକୁ ବିଶେଷ ଆଗ୍ରହ ତାଂକର ଥିଲା । କିନ୍ତୁ ରାଜସ୍ଥାନର ମାଉଣ୍ଟଆବୁରେ ବକ୍ତୃତା ଦେବାକୁ ଯାଇ ଦିଲ୍ଲୀରେ ତାଂକର ଦେହାନ୍ତ ହୋଇଗଲା ।

Digitized by srujanika@gmail.com

କଭୁର ମଠରେ ପ୍ରାୟ ଏକବର୍ଷ ରହିବା ପରେ କୃଷ୍ଣଗୋବିନ୍ଦ ନାମକ ଜଣେ ଓଡ଼ିଆ ବ୍ରହ୍ମଚାରୀ ଶ୍ରୀମାୟାପୁର ମଠରୁ ହଠାତ୍ ଆସି ପହଂଚିଲେ । ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମଠର ସେକ୍ରେଟାରୀ ସେ ମଠକୁ ପଠାଇବେ ନାହିଁ- ଏହି ସର୍ତ୍ତ ଥିଲା, କିନ୍ତୁ ଏ ବ୍ୟକ୍ତି ଆସିବା ଦ୍ୱାରା ନଚିକେତା ପ୍ରଥମେ ଖୁବ୍ ବିରକ୍ତ ହେଲା । ସେ କିନ୍ତୁ କହିଲେ ଯେ, ତାଂକ ନାମରେ ମିଥ୍ୟା ଅଭିଯୋଗ କରି ପୋଲିସ୍‌ରେ ଏଫ୍.ଆଇ. ଆର୍. ଦିଆହୋଇଛି । ଏଣୁ ସେ ନିରୂପାୟ ହୋଇ ଆମ ପାଖକୁ ଶରଣ ପଶିବା ପାଇଁ ଆସିଛନ୍ତି । ତାଂକୁ ତ ଆଶ୍ରୟ ଦିଆଗଲା । ତାଂକ କଥା ବିଶ୍ୱାସ ହେଉନଥିଲା ।

ଏହାପରେ ମଠରୁ ସେକ୍ରେଟାରୀଙ୍କ ଟେଲିଗ୍ରାମ୍ ଆସିଲା ତାଂକୁ ମଠରୁ ବାହାର କରିଦେବା ପାଇଁ । ଏଥିରେ ନଚିକେତା ଖୁବ୍ ବିବ୍ରତ ବୋଧକଲା ଏବଂ "ସେକ୍ରେଟାରୀଙ୍କର ଆମକୁ କୌଣସି ଆଦେଶ ଦେବାର ଅଧିକାର ନାହିଁ, ଆଚାର୍ଯ୍ୟଦେବ କେବଳ ଦେଇପାରିବେ ।" ଏହା ଲେଖିଦେବାରୁ ଶେଷରେ ଜଣେ ବ୍ରହ୍ମଚାରୀ କଲିକତାରୁ ଆସି ସେହି ବ୍ରହ୍ମଚାରୀର ଅପକର୍ମ ଖୋଲି କହିଲେ । ସେ ମଠର ଗୋଟିଏ ଜମିଦାରୀର ୩,୦୦୦ ଟଂକା ଖଜଣା ଆଦାୟ କରି ଆତ୍ମସାତ୍ କରିଛି ।

ସତକଥା ଜଣାପଡ଼ିବାରୁ ଆମେ ତାକୁ ବାହାରିଯିବାକୁ କହିଲୁ । ସେ ଗୋଡ଼ତଳେ ପଡ଼ି ଅନେକ କାକୁତିମିନତି କରି ପୋଲିସ୍ କେଶ୍ ନ କରିବା ପାଇଁ ଅନୁରୋଧ କଲା । ଆମେ ସେକ୍ରେଟାରୀକୁ ପୋଲିସ୍ କେସ୍ ନ କରିବା ପାଇଁ ସର୍ତ୍ତ ରଖି ତାକୁ ମଠରୁ ବିଦାୟ ଦେଲୁ ।

ଅବଶ୍ୟ ସେହି ଏକବର୍ଷ ଭିତରେ ସେକ୍ରେଟାରୀଙ୍କ ପକ୍ଷରୁ ଅନ୍ୟ କୌଣସି ପ୍ରକାର ହସ୍ତକ୍ଷେପ ହୋଇ ନ ଥିଲା । ତଥାପି ମନ ଭାଂଗିଗଲା । ଆଉ ଏମାନଙ୍କ କଥାରେ ବିଶ୍ୱାସ ରହିଲା ନାହିଁ । ଆଚାର୍ଯ୍ୟଦେବ ତ ଏକପ୍ରକାର ମିଶନ ବ୍ୟାପାରରେ ଉଦାସୀନ ହୋଇଯିବାର ଦେଖାଗଲା ।

ଶେଷକୁ ଆଚାର୍ଯ୍ୟଦେବଙ୍କୁ ଚିଠିରେ କୃପାଭିକ୍ଷା କରି ଆଉ ମିଶନକୁ ଫେରିବୁ ନାହିଁ ଜଣାଇ କଭୁର ମଠ ତ୍ୟାଗ କରିବା ପାଇଁ ନିଷ୍ପତ୍ତି ନେବାକୁ ପଡ଼ିଲା ।

କଭୁର ମଠର ସେଇ ଶାନ୍ତ, ସ୍ନିଗ୍ଧ ପରିବେଶ, ସ୍ଥାନୀୟ ଅଧିବାସୀମାନଙ୍କର ସ୍ନେହ ବନ୍ଧନ ତ୍ୟାଗ କରି ଆସିବା ଯଥେଷ୍ଟ ବେଦନାଦାୟକ ଘଟଣା । ଯେଉଁଦିନ ବିଦାୟ ନେଲୁ ସେଦିନ ମଠରୁ ଷ୍ଟେସନ ପର୍ଯ୍ୟନ୍ତ ଅଗଣିତ ନରନାରୀମାନଙ୍କର ଅଶ୍ରୁସଜଳ ମୁଖମଣ୍ଡଳ ଏବେବି ନଚିକେତାର ଚିତ୍ତପଟରେ ଅମ୍ଳାନ ରହିଛି ।

ଶ୍ରୀଚୈତନ୍ୟ ଓ ରାୟ ରାମାନନ୍ଦଙ୍କର ମିଳନପର୍ବ ଓଡ଼ିଶାର ତାତ୍କାଳିକ ଧର୍ମୀୟ ଚେତନାର ଏକ ମାଇଲଖୁଣ୍ଟ । ଏକଦିଗରେ ଶ୍ରୀଚୈତନ୍ୟ ବର୍ଣ୍ଣରେ ସର୍ବଶ୍ରେଷ୍ଠ କୁଳୀନ

Digitized by srujanika@gmail.com

ବ୍ରାହ୍ମଣ, ଆଶ୍ରମରେ ସର୍ବଶ୍ରେଷ୍ଠ ସନ୍ନ୍ୟାସୀ, ପାଣ୍ଡିତ୍ୟରେ ଭାରତବିଖ୍ୟାତ ନୈୟାୟିକ ରଘୁନାଥ ଶିରୋମଣି ଏବଂ ବୈଦାନ୍ତିକ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ପରାଭବକାରୀ ତଥା ଦିଗ୍‌ବିଜୟୀ ପଣ୍ଡିତମାନଙ୍କର ବନ୍ଦନୀୟ । ପ୍ରେମଭକ୍ତିରେ ସର୍ବୋଚ୍ଚ ସ୍ତର ଅଧୀରୂଢ଼ ମହାଭାବର ପ୍ରମୂର୍ତ୍ତ ବିଗ୍ରହ ।

ଅନ୍ୟ ଦିଗରେ ବାହ୍ୟ ଦୃଷ୍ଟିରେ ରାୟରାମାନନ୍ଦ ଶୂଦ୍ର, ବିଷୟୀ, ରାଜମହେନ୍ଦ୍ରୀର ମିଲିଟାରୀ ଗଭର୍ଣ୍ଣର ବା ସାମରିକ ପ୍ରଶାସକ । ଅଥଚ ଶ୍ରୀଚୈତନ୍ୟ ସେଇ ରାୟରାମାନନ୍ଦଙ୍କୁ ରାଗାତ୍ମିକା ପ୍ରେମଭକ୍ତି ସାଧନାର ଗୁରୁରୂପେ ବରଣ କରି ତାଂକର ଶିଷ୍ୟତ୍ୱ ଅଂଗୀକାର ଲୀଳା କଲେ ଏବଂ ବହୁସ୍ଥଳରେ ଅତ୍ୟନ୍ତ ଉଚ୍ଛ୍ୱସିତ ଜୟଗାନ କଲେ । ଏ ସଂପର୍କରେ ଶ୍ରୀଳ ଶ୍ରୀଧର ମହାରାଜ ସ୍ୱରଚିତ "Search For Krisna, Reality The Beautiful" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ରାୟରାମାନନ୍ଦଙ୍କର ସ୍ୱରଚିତ ଜଗନ୍ନାଥବଲ୍ଲଭ ନାଟକ ଶ୍ରୀଚୈତନ୍ୟଙ୍କର ଦିବ୍ୟୋନ୍ମାଦ ଦଶାର ଅନ୍ୟତମ ଆସ୍ୱାଦନ ଲୀଳାଗ୍ରନ୍ଥ ରୂପେ ନିତ୍ୟ ପାଠ୍ୟ ହେଲା । ଯେଉଁ ରୂପାନୁଗ ପ୍ରେମଭକ୍ତି ସାଧନାକୁ ଶ୍ରୀଚୈତନ୍ୟ ରୂପସନାତନ-ଶ୍ରୀଜୀବ ପ୍ରଭୃତି ଷଡ଼ ଗୋସ୍ୱାମୀଙ୍କ ଦ୍ୱାରା ବହୁଳ ପ୍ରଚାର କରାଇଲେ, ତାହା ଯେ ସେ ରାୟରାମାନନ୍ଦଙ୍କଠାରୁ ହିଁ ଶିକ୍ଷା କରିଛନ୍ତି, ଏହା ସେ ଏକାଧିକବାର ନିଜ ମୁଖରେ ବ୍ୟକ୍ତ କରିଛନ୍ତି ।

କିନ୍ତୁ ଅତ୍ୟନ୍ତ ପରିତାପ ଓ ଶୋଚନାର ବିଷୟ ଯେ, ବର୍ତ୍ତମାନ ବଂଗାଳୀ ବୈଷ୍ଣବ ବୃନ୍ଦ ଏ କଥାର ଗୁରୁତ୍ୱ ଦେବାର ଦେଖାଯାଏ ନାହିଁ । ଏପରିକି ଉତ୍କଳବାସୀ ଓଡ଼ିଆ ଶିଷ୍ୟ ବୈଷ୍ଣବ ସନ୍ନ୍ୟାସୀ-ବ୍ରହ୍ମଚାରୀମାନେ ମଧ୍ୟ ରାୟରାମାନନ୍ଦଙ୍କ ସଂପର୍କରେ ବିଶେଷ ଭାବାବେଗ ପ୍ରକାଶ କରିଥିବାର ଦେଖାଯାଏ ନାହିଁ । ରାୟରାମାନନ୍ଦ ଯେ କେତେ ବିରାଟ ବ୍ୟକ୍ତିତ୍ୱ, ତାହା ଭକ୍ତିପଥର ସର୍ବୋଚ୍ଚ ସ୍ତରର ସାଧକ ବ୍ୟତୀତ ସାଧାରଣ ବ୍ୟକ୍ତି କଳନା କରିପାରିବେ ନାହିଁ ।

ଅନ୍ୟ ଦିଗରୁ ବିଚାର କଲେ ଗୀତଗୋବିନ୍ଦ ଓ ଜଗନ୍ନାଥବଲ୍ଲଭ ନାଟକର ସଂଗୀତଗୁଡ଼ିକୁ ଦେବଦାସୀଙ୍କ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ପରଂପରାର ସୁଦୃଢ଼ ଭିତ୍ତିଦାତା ହିସାବରେ କବି ଜୟଦେବ ଓ ରାୟରାମାନନ୍ଦ ଓଡ଼ିଆ ଜାତିର ଚିର ନମସ୍ୟ ।

ଏହି ଉନ୍ନତ ଉଜ୍ଜ୍ୱଳ ପ୍ରେମଭକ୍ତିସାଧନ ଧାରା ଶ୍ରୀଚୈତ୍ୟନଙ୍କ ଓଡ଼ିଶା ଆଗମନ ପୂର୍ବରୁ ହିଁ ଏଠାରେ ପୁଷ୍ଟିଲାଭର ଚରମସୀମା ସ୍ପର୍ଶ କରିଥିଲା ଏବଂ ଓଡ଼ିଶାର ପରବର୍ତ୍ତୀ ଦୀନକୃଷ୍ଣ, ଭକ୍ତଚରଣ, କବିସୂର୍ଯ୍ୟ ବଳଦେବ, ବଳଦେବ ବ୍ରହ୍ମା, ଅଭିମନ୍ୟୁ, ଗୋପାଳକୃଷ୍ଣ ପ୍ରଭୃତି ଭକ୍ତକବିଙ୍କ ବିପୁଳ ସୃଷ୍ଟିସମ୍ଭାର ତାହାର ସାକ୍ଷୀ । ବିଶେଷତଃ ଅଭିମନ୍ୟୁ ସାମନ୍ତସିଂହାରଙ୍କର "ବିଦଗ୍ଧ ଚିନ୍ତାମଣି" ଜୀବଗୋସ୍ୱାମୀଙ୍କ ଷଟ୍ ସନ୍ଦର୍ଭର ସିଦ୍ଧାନ୍ତ ଓ

Digitized by srujanika@gmail.com

ରୂପଗୋସ୍ୱାମୀଙ୍କର ରସ ଓ ଅଳଙ୍କାର ଶାସ୍ତ୍ରରାଜିର ଯାବତୀୟ ବିଭବର ଅପୂର୍ବ ସାମଗ୍ରିକ ସମାବେଶ ଏବଂ ଅପୂର୍ବ ପ୍ରେମଭକ୍ତି ସାଧନ ଓ ସିଦ୍ଧିର ସର୍ବୋଚ୍ଚ ସ୍ତରୀୟ ମାଧୁର୍ଯ୍ୟବୈଭବର ମଂଜୁଳ ମଂଜୁଷା ।

ପୁରୀରେ ଥିବା ସମୟରେ ଶୁଣାଗଲା, ଆଚାର୍ଯ୍ୟଦେବ କେତେକ ବ୍ରହ୍ମଚାରୀଙ୍କୁ ଗୃହକୁ ଫେରିଯାଇ ଗୃହସ୍ଥ ହୋଇ ରହିବା ପାଇଁ ଆଦେଶ ଦେଇଛନ୍ତି । କେତେକଙ୍କୁ ମିଶନର ଅଧୀନସ୍ଥ ମଠ ଛାଡ଼ି ସ୍ୱତନ୍ତ୍ର ଭଜନ ସ୍ଥଳୀରେ ରହିବା ପାଇଁ ଆଦେଶ ଦେଇଛନ୍ତି । କିଛିଦିନ ପରେ ସେ ନିଜେ ମଧ୍ୟ ମିଶନର ଆଚାର୍ଯ୍ୟ ପଦ ତ୍ୟାଗ କରି ବୃନ୍ଦାବନରେ ରାଧାକୁଣ୍ଡରେ ଭଜନକୁଟୀର ନିର୍ମାଣ କରି ଭଜନ କଲେ । ପରେ ରାଧାନାଥ, ବଳଦେବ ପ୍ରଭୃତି ଯେଉଁମାନେ ନଚିକେତାର ସମସାମୟିକ ଥିଲେ, ସମସ୍ତେ ମିଶନ ତ୍ୟାଗକରି ନିଜ ନିଜ ବ୍ୟବସ୍ଥା କଲେ ।

ନଚିକେତାକୁ ପୁରୀରେ ଘଣାମଲ୍ଲ ସାହି କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ଘର ଭଡ଼ାନେଇ ରହିବାକୁ ହେଲା । ଢିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବ । ଅଳ୍ପ କେଇଦିନ ମଧ୍ୟରେ ଏମାର ମଠ ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ, ରାଧାକାନ୍ତ ମଠ ମହନ୍ତ, ବଡ଼ ଓଡ଼ିଆ ମଠ, ଗଂଗାମାତା ମଠ, ରାଧାବଲ୍ଲଭ ମଠ, ବାସୁଦେବ ଆଶ୍ରମ ପ୍ରଭୃତିର ମହନ୍ତମାନଙ୍କ ସହିତ ପରିଚୟ ହେଲା, ସଂପର୍କ କ୍ରମଶଃ ନିବିଡ଼ ହେବାକୁ ଲାଗିଲା । ବୈଷ୍ଣବ ଦର୍ଶନ ପରିଷଦ ନାମକ ଏକ ଅନୁଷ୍ଠାନ ଗଢ଼ାହେଲା । ରାଧାକାନ୍ତ ମଠର ମହନ୍ତ ପ୍ରେସିଡେଣ୍ଟ ଓ ନଚିକେତା ସେକ୍ରେଟାରୀ ହେଲେ । ଘଣାମଲ୍ଲସାହି ବାସୁଦେବ ଆଶ୍ରମରେ ଯେଉଁ ଦୋ ମହଲା ଚାଳଘରଟିଏ ଥିଲା, ସେଇଠି ବୈଷ୍ଣବ ଦର୍ଶନ ବିଦ୍ୟାପୀଠ ନାମରେ ଗୋଟିଏ ସଂସ୍କୃତ ଚତୁଷ୍ପାଠୀ ଖୋଲା ହୋଇ ବିଭିନ୍ନ ମଠର ବାବାଜୀ, ଚେଲା ଓ ବ୍ରହ୍ମଚାରୀମାନଙ୍କୁ ହରିନାମାମୃତ ବ୍ୟାକରଣ, ବୈଷ୍ଣବ ଦର୍ଶନ କାବ୍ୟ ପ୍ରଭୃତି ପଠନ ଆରମ୍ଭ ହେଲା । ରାଧାକାନ୍ତ ମଠର ପଣ୍ଡିତ ମଦନ ମୋହନ ଦାସ ବାବାଜୀ ପ୍ରଧାନ ପଣ୍ଡିତ ରୂପେ ଅଧ୍ୟାପନା ଆରମ୍ଭ କଲେ ।

ଏମାର ମଠ ମହନ୍ତ ଶ୍ରୀଯୁକ୍ତ ଗଦାଧର ରାମାନୁଜ ଦାସ ସେତେବେଳେ ଓଡ଼ିଶା ସଂସ୍କୃତ ଆସୋସିଏସନ୍‌ର ପ୍ରେସିଡେଣ୍ଟ ଥାଆନ୍ତି । ଓଡ଼ିଶାରେ ହରିନାମାମୃତ ବ୍ୟାକରଣ ବା ଗୋସ୍ୱାମୀ ବୈଷ୍ଣବ ଦର୍ଶନର କୌଣସି ଆଚାର୍ଯ୍ୟ ଉପାଧି- ପାଠ୍ୟକ୍ରମ ନ ଥିଲା । ଏଣୁ ପ୍ରଥମେ ଛାତ୍ରମାନଙ୍କୁ ନେଇ କୋଲ୍‌କାତାରେ ବେଙ୍ଗଲ୍ ସଂସ୍କୃତ ଆସୋସିଏସନରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଗଲା । ତା'ପରବର୍ଷଠାରୁ ଓଡ଼ିଶାରେ ହରିନାମାମୃତ ବ୍ୟାକରଣ ଓ ବୈଷ୍ଣବ ଦର୍ଶନ ଶାସ୍ତ୍ରକୁ ଏକତ୍ର ନେଇ ଗୋଟିଏ ଆଚାର୍ଯ୍ୟ ଉପାଧି ପାଠ୍ୟକ୍ରମ ଖୋଲାହେଲା । ବୈଷ୍ଣବ ଦର୍ଶନ ବିଦ୍ୟାପୀଠର ଛାତ୍ରମାନଙ୍କୁ ଆଉ କଲକାତା ଯିବାକୁ

Digitized by srujanika@gmail.com

ପଢ଼ିଲା ନାହିଁ । ଆଚାର୍ଯ୍ୟ ଉପାଧି ପାଠ୍ୟକ୍ରମ ଖୋଲିବାରେ ମହନ୍ତ ମହାରାଜ ଶ୍ରୀ ଗଦାଧର ରାମାନୁଜଙ୍କର ପ୍ରଚେଷ୍ଟା ଦ୍ୱାରା ହିଁ ସମ୍ଭବ ହେଲା । ସେଇ ଆଚାର୍ଯ୍ୟ ଉପାଧି ଏବେ ମଧ୍ୟ ଚାଲୁ ରହିଛି ।

ବାରବର୍ଷ ପରେ ନଚିକେତାର ଶିକ୍ଷାଗୁରୁ ଶ୍ରୀମଦ୍ ଭକ୍ତିଶାସ୍ତ୍ରୀ (ପରବର୍ତ୍ତୀ ତ୍ରିଦଣ୍ଡୀ ସ୍ୱାମୀ ଶ୍ରୀମଦ୍ ଭକ୍ତିମୟୂଖ ଭାଗବତ ମହାରାଜ) ନଚିକେତାର ମା'ଙ୍କୁ ଗ୍ରାମରୁ ପୁରୀକୁ ଅଣାଇଲେ ଏବଂ "ମାଁ, ମୁଁ ତୁମ ପୁଅକୁ ତୁମକୁ ଫେରାଇ ଦେଲି ।" କହି ନିଜ ପାଖରେ କିଛି ଦିନ ରଖିଲେ । ଯେଉଁଦିନ ମା' ପୁରୀ ପାସେଞ୍ଜରରେ ପୁରୀରେ ପହଞ୍ଚିଲେ, ସେଦିନ ନଚିକେତା ମା'ଙ୍କୁ ଷ୍ଟେସନରୁ ପୁରୀ ବସାକୁ ଘେନି ଆସିଥିଲା । ମା' ପ୍ରାୟ ଅନ୍ଧ ହୋଇଯାଇଥିଲେ । ଆଖିକୁ ଖୁବ୍ ସାମାନ୍ୟ ଦେଖାଯାଉଥିଲା । ବାରବର୍ଷ ହେଲା ନଚିକେତାକୁ ଦେଖିନଥିଲେ । ପ୍ରଥମେ ଦୁଇ ତିନିଦିନ ନଚିକେତା ସକାଳେ ତାଙ୍କୁ ଜଗନ୍ନାଥଙ୍କ ମଂଗଳାରତି ଦର୍ଶନ ପାଇଁ ନେଇଯାଉଥିଲା । ପରେ ସେ ନିଜେ ଏକାକୀ ସ୍ୱର୍ଗଦ୍ୱାର ରୋଡ଼ ଧରି ମନ୍ଦିର ଯାତାୟାତ କରିପାରିଲେ ।

ନଚିକେତାର ବାରବର୍ଷ ଅଜ୍ଞାତବାସ ଫଳରେ ବାପା ଓ ମା'ଙ୍କର ଦୁଃଖଦୁର୍ଦ୍ଦଶା ଚରମ ସୀମାରେ ପହଂଚିଥିଲା । ସେ ପ୍ରଥମ ପୁତ୍ର ସନ୍ତାନ, ଏକମାତ୍ର ଆଶା ଭରସାର ସ୍ଥଳ ଥିଲା । ସେ ଚାଲିଯିବା ପରେ ମାନସିକ, ଆର୍ଥିକ କଷ୍ଟ ସହିତ ପଡ଼ିଶା ଆତ୍ମୀୟମାନଙ୍କ ଶତ୍ରୁତା ଓ ସର୍ବସ୍ୱ ଅପହରଣ- ଏପରିକି ବାପାଙ୍କୁ ବିଷଦେଇ ମାରିଦେଇ ଘରଡିହ ଓ ଚାଷଜମି ଗ୍ରାସ କରିବାର ଚେଷ୍ଟା ହୋଇଥିବାର ଶୁଣିଲା । ମା' ଏ ସମସ୍ତ ବର୍ଣ୍ଣନା କରି କେବଳ ଲୁହ ଝରାଉଥିଲେ । ପ୍ରାୟ ତିନି ସପ୍ତାହ ପରେ ମା'ଙ୍କୁ ନେଇ ଗ୍ରାମରେ ଛାଡ଼ିଲା ।

ବାପାଙ୍କ ସହିତ ୧୫ବର୍ଷ ପରେ ପ୍ରଥମ ଦେଖା । ବାପା ପଚାରିଲେ, 'କ'ଣ ପଢ଼ିଲୁ ?

ନଚିକେତା କହିଲା "ମାଟ୍ରିକ୍ ଓ କାବ୍ୟ-ବ୍ୟାକରଣ ପଢ଼ିଛି ।" ପୁଣି ପ୍ରଶ୍ନ- ଏଥିରେ କି ଚାକିରି ହେବ ?

ସେ କହିଲା - ଖୁବ୍ ଜୋର୍ ହାଇସ୍କୁଲର ସଂସ୍କୃତ ଶିକ୍ଷକତା ହୋଇପାରିବ ।

ତେବେ ଏଇଠି ହାଇସ୍କୁଲ୍‌ରେ ଚାକିରି ନେଇ ଘରେ ରୁହ । ଉତ୍ତର- ଠାକୁରଙ୍କୁ ସେବା କରାଯାଏ, ରାନ୍ଧିବାଢ଼ି ଭୋଗ ଦିଆଯାଏ, କିନ୍ତୁ ଠାକୁର କଥା କହନ୍ତି ନାହିଁ- ଆପଣ ମୋ ପାଖରେ ଠାକୁର । ସେବା କରିବି, ଆହାର, ବାସ, ସେବା ଇତ୍ୟାଦି ସବୁ କରିବି; କିନ୍ତୁ ଯାହା କହିବେ ତାହା କରିବି ଏପରି ବାଧ୍ୟପୁତ୍ର ମୁଁ ନୁହେଁ । ଆପଣଙ୍କ ଚଳିବା ପାଇଁ ଯାହା ଦରକାର ଦେବି । କିନ୍ତୁ ଆହୁରି ପଢ଼ିବି । ଉଚ୍ଚଶିକ୍ଷା ମୋର ଅର୍ଥ ଓ ପରମାର୍ଥ- ଦୁଇ କାର୍ଯ୍ୟରେ ଲାଗିବ । ମୁଁ ପରମାର୍ଥ ପଥ ଛାଡ଼ିବି ନାହିଁ, ଉଚ୍ଚଶିକ୍ଷାର ଯେଉଁ

Digitized by srujanika@gmail.com

ଅଭିଳାଷ ବାଲ୍ୟକାଳରୁ ଥିଲା, ତାହା ପୂରଣ କରିବି । ଗ୍ରାମରେ ଚାକିରି ନେଇ ରହିଲେ ଅର୍ଥ କିଛି ମିଳିବ- କିନ୍ତୁ ପରମାର୍ଥ ମିଳିବ ନାହିଁ । ମୋର ବର୍ତ୍ତମାନ ଉପଯୁକ୍ତ କ୍ଷେତ୍ର କଲକାତା, ମୁଁ ସେଠାରେ ଚାକିରି ଓ ପଢ଼ା- ଦୁଇ କାର୍ଯ୍ୟ କରିବି । ସାଧୁଗୁରୁଙ୍କର ସାନ୍ନିଧ୍ୟ ମଧ୍ୟ ପାଇବି, ଏଣୁ ମୁଁ ଗ୍ରାମରେ ରହିବି ନାହିଁ ।

ଏହା କହି ପୁରୀକୁ ଆସିଲା ନଚିକେତା । ପ୍ରାୟ ଅଗଷ୍ଟ ମାସରେ ଶେଷ ସପ୍ତାହ । ପୁରୀ ସରକାରୀ କଲେଜରେ ସେତେବେଳେ ଶ୍ରୀଯୁକ୍ତ ଗୋଲୋକବିହାରୀ ବାନାର୍ଜୀ- ପ୍ରିନ୍‌ସିପାଲ । ନଚିକେତା ସିଧା ତାଙ୍କୁ ଦେଖାକରି ଆଇ.ଏ.ରେ ଭର୍ତ୍ତି ହେବାକୁ କହିଲା । ସେ ଜଣାଇଦେଲା ଯେ- ଆଡ୍‌ମିଶନ୍‌ର ଶେଷ ତାରିଖ ଚାଲିଯାଇଛି । ତା'ପରେ ନଚିକେତା ଦୁଇ ଚାରିଜଣ ବ୍ରହ୍ମଚାରୀଙ୍କୁ ସାଂଗରେ ଧରି କଲକାତା ଗଲା ଏବଂ ସେଠାରେ ସେଠ୍ ଆନନ୍ଦରାମ ଜୟପୁରିଆ କଲେଜରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲା ।

ଏକା ସମୟରେ କଲେଜରେ ଆଇ.ଏ. ପାଠପଢ଼ା, ତିନୋଟି ସଂସ୍କୃତ ଚତୁଷ୍ପାଠୀରେ ଛାତ୍ର ହୋଇ ନ୍ୟାୟ, ସାଂଖ୍ୟ ବେଦାନ୍ତାଦି ପାଠ, ଭକ୍ତିବେଦାନ୍ତ ସ୍ୱାମୀଙ୍କ ଗୃହରେ ଗୃହୀ ଛାତ୍ର ଓ ବ୍ରହ୍ମଚାରୀମାନଙ୍କୁ ସଂସ୍କୃତ ବ୍ୟାକରଣ- କାବ୍ୟାଦି ପଢ଼େଇବା, ହାଇସ୍କୁଲ୍‌ରେ ବଂଗଳା ସଂସ୍କୃତ ଶିକ୍ଷକତା ଇତ୍ୟାଦି ସହିତ ରାଜନୀତି, ସଭାସମିତିରେ ବକ୍ତୃତା, ଟିଉସନ୍, ସ୍କୁଲ୍ ପାଠ୍ୟ- ବହିଲେଖା, ସବୁ ଏକତ୍ର ଚାଲିଥିଲା- ଏବେ ସେସବୁ ଚିନ୍ତା କଲେ ନଚିକେତା ବିସ୍ମିତ ହୁଏ- କେମିତି ଏତେ ପାରୁଥିଲା ?

ବାସ୍ତବ ଜୀବନରେ ଯାହା କାମ୍ୟ- ଧନସଂପଦ, ସୁନ୍ଦରୀ ନାରୀ, ଇନ୍ଦ୍ରିୟ ସୁଖଭୋଗର ପର୍ଯ୍ୟାପ୍ତ ସାମଗ୍ରୀ ଏବଂ ଏ ସମସ୍ତ ଲାଭପାଇଁ କ୍ଷମତା, ଏସବୁ ସମସ୍ତଙ୍କର କାମ୍ୟ; କିନ୍ତୁ ସମସ୍ତଙ୍କ ଭାଗ୍ୟରେ ସବୁ ସମାନ ବା ଇଚ୍ଛାନୁଯାୟୀ ଜୁଟେନା । କେହି ଏ ସମସ୍ତ ଅପର୍ଯ୍ୟାପ୍ତ ପାଇଥାଏ । କିନ୍ତୁ ଭୋଗ କରିବାର କ୍ଷମତା ନ ଥାଏ । କେହି ଚାହିଁଲେ ମଧ୍ୟ ଆଶାନୁରୂପ ପାଇପାରେନା । କେହି ବିନା ଚେଷ୍ଟା ବା ସ୍ୱଳ୍ପ ଚେଷ୍ଟାରେ ପ୍ରଚୁର ପାଏ । କେହି ଆପ୍ରାଣ ଚେଷ୍ଟା ଓ ଶ୍ରମ କରି ମଧ୍ୟ ପେଟ ପୂରାଇ ଖାଇବାକୁ ପାଏନା । କାହା ଭାଗ୍ୟରେ ଭୋଗର ସାମଗ୍ରୀର ଅଭାବ ନ ଥାଏ; କିନ୍ତୁ ଭୋଗ କରିବାର ସାମର୍ଥ୍ୟ ଆଦୌ ନ ଥାଏ ।

ନଚିକେତାର ବାଲ୍ୟ ଯୌବନକାଳ ଆଶ୍ରମର ବ୍ରହ୍ମଚାରୀ ଭାବରେ କଟିଗଲା । ସେ ଜୀବନରେ କିଛି ଚାହିଁବାର ନ ଥିଲା, ହାତ ପାହାନ୍ତାରେ ଭୋଗ୍ୟବସ୍ତୁ ଥିଲା ଅନେକ, କିନ୍ତୁ ଭୋଗ କରିବାର ପ୍ରବୃତ୍ତି ନ ଥିଲା । ଯେଉଁ ପରିବେଶ, ଯେଉଁ ଶୃଙ୍ଖଳା ମଧ୍ୟରେ ସେ ଥିଲା, ସେଥିରେ ଭେଗବାସନା ଅନାବଶ୍ୟକ- ଅପ୍ରତ୍ୟାଶିତ । ହୁଏତ ଜନ୍ମଗତ ସଂସ୍କାର ବା ଅନ୍ୟ କୌଣସି କାରଣରୁ ପ୍ରଲୋଭନର ବସ୍ତୁ ହାତପାହାନ୍ତାରେ ଥିଲେ ମଧ୍ୟ

Digitized by srujanika@gmail.com

ସେଥିପ୍ରତି ନଜର ଦେବାର ପ୍ରବୃତ୍ତି ବା ଅବସର ମଧ୍ୟ ନ ଥିଲା । ସେହି ଜୀବନଯାତ୍ରା ପଥରେ ପ୍ରଲୋଭନରେ ଆକୃଷ୍ଟ ନ ହେବାଟା ନଚିକେତା ପକ୍ଷରେ ଅତି ସାଧାରଣ ବ୍ୟାପାର ଥିଲା । ଅପରନ୍ତୁ ସେ ଅନେକ ବ୍ରହ୍ମଚାରୀଙ୍କୁ ପ୍ରଲୋଭନରୁ ନିବୃତ୍ତ କରାଇପାରୁଥିଲା ।

ଭୋଗ୍ୟବସ୍ତୁର ପ୍ରଲୋଭନ ଶକ୍ତି କେତେ ଦୁର୍ବାର, ତାହାର ଅନୁଭୂତି ନିଜ ଜୀବନରେ ଆସି ନ ଥିଲା । ସେ ଶକ୍ତି ଯେ କେତେ ପ୍ରବଳ, କେତେ ଦୁର୍ବାର ତାହା ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥାଶ୍ରମର ମଧ୍ୟବର୍ତ୍ତୀ ଅବସ୍ଥାରେ କଳନା କରିବାର ସୁଯୋଗ ମଧ୍ୟ ନ ଥିଲା । କିନ୍ତୁ ଆଶ୍ରମ ଜୀବନ ଶେଷକରି କଲେଜ ଜୀବନ ଆରମ୍ଭରେ ହିଁ ନଚିକେତା ସେ ପ୍ରଲୋଭନର ଦୁର୍ବାର ଶକ୍ତି ଅନୁଭବ କରିବାର ପରିସ୍ଥିତିର ସମ୍ମୁଖୀନ ହେଲା ।

କଠୋର ବ୍ରହ୍ମଚାରୀ ଜୀବନ ପରେ କଲେଜ ଜୀବନର ଆରମ୍ଭ । ରାଜା ନବକୃଷ୍ଣ ଷ୍ଟ୍ରିଟ୍‌ର ସେଠ ଆନନ୍ଦରାମ ଜୟପୁରିଆ କଲେଜର ପ୍ରଥମ ବାର୍ଷିକ ଆଇ.ଏ. ଛାତ୍ର ନଚିକେତା । ବୟସ ୨୪ / ୨୫ ମାଟ୍ରିକ୍ ପାସ୍ ପରେ ଦଶବର୍ଷ ଆଶ୍ରମ ଜୀବନରେ ସଂସ୍କୃତ ଟୋଲ୍ ଛାତ୍ର ହିସାବରେ ନଚିକେତା କାବ୍ୟତୀର୍ଥ ଉପାଧି ପଢ଼ିସାରିଥିଲା । ଏବେ କଲେଜର ଆଇ.ଏ., ବି.ଏ. ଇତ୍ୟାଦି ପାଠପଢ଼ା ତାର ନିଜ ଇଚ୍ଛା ଓ ପ୍ରଚେଷ୍ଟା । ଆଶ୍ରମ ଜୀବନର ଗୃହସ୍ଥ ଶିଷ୍ୟ ବା ସନ୍ନ୍ୟାସୀ ସାଧୁମାନଙ୍କଠାରୁ କୌଣସି ସାହାଯ୍ୟ ନ ନେଇ ପଢ଼ିବାର ଦୃଢ଼ ସଂକଳ୍ପ । କାରଣ ଏ ପାଠ ପରବର୍ତ୍ତୀ କାଳରେ କେବଳ ଭଗବତ୍ ସେବାରେ ଲାଗିବ- ଏହାର ସ୍ଥିରତା ନାହିଁ । ତେଣୁ ନିଜ ଖର୍ଚ୍ଚ ନିଜକୁ ଯୋଗାଡ଼ କରିବାକୁ ହେବ । କିନ୍ତୁ କଲକତାରେ ମୁଣ୍ଡ ଗୁଞ୍ଜିବାର ସ୍ଥାନ ତ ଦରକାର । ନଚିକେତାର ଶିକ୍ଷାଗୁରୁ ମହାରାଜ ତା'ର ମା'ଙ୍କୁ ଡକାଇ ନଚିକେତାକୁ ମା'ଙ୍କ ହାତରେ ସମର୍ପି ଦେଇ କହିଥିଲେ- "ତୁମ ପୁଅକୁ ଫେରାଇ ଦେଲି । ସେ ଯେତେ ପାରେ ଶିକ୍ଷା କରି ଗୃହସ୍ଥାଶ୍ରମରେ ରହି ଭଜନସାଧନ କରିବ ।"

ଏସବୁ ତ ହେବ, କିନ୍ତୁ ବର୍ତ୍ତମାନ ପ୍ରଧାନ ସମସ୍ୟା, କୋଲକାତାରେ ମୁଣ୍ଡ ଗୁଞ୍ଜିବାର ସ୍ଥାନ । ଏତେବଡ଼ କଲକାତା ସହର । ବାପାଙ୍କ ପାଖରେ ତ ସେ ଦମ୍ଭ ଦେଖାଇ କଲକାତା ଆସିଲା । ବାପା ଚାହିଁଥିଲେ କୌଣସି ହାଇସ୍କୁଲ୍‌ରେ ସଂସ୍କୃତ ଶିକ୍ଷକ ହୋଇ ଗ୍ରାମରେ ରହିଯିବା ପାଇଁ । ସେ ତ ଉତ୍ତର ଦେଇଥିଲା, ତୁମର ଟଙ୍କା ଦରକାର, ତାହା ସେ ଦେବ । ଦେବତା ପରି ସେବା କରିବ, କିନ୍ତୁ ତା' ନିଜ ପନ୍ଥାରେ ନିଜେ କରିବ ।

ବାଧ୍ୟହୋଇ ଗୁରୁଭଗ୍ନୀ ମିନତି ଦେବୀଙ୍କ ରାଜାଦୀନେନ୍ଦ୍ର ଷ୍ଟ୍ରିଟ୍‌ର ତିନିମହଲା ଘରେ ଆଶ୍ରୟ ନେବାକୁ ପଡ଼ିଲା । କୋଡ଼ିଏ ଟଂକାର ଟିଉସନଟିଏ ମଧ୍ୟ ପାଖଘରେ ମିଳିଲା ।

ମିନତି ଦେବୀ କଲିକତାରେ ନିଉ ଥିଏଟର୍‌ସର ସିନେମା ଡିରେକ୍ଟରଙ୍କର ଦେଢ଼ଶାଶୂ । ନିଜର ସନ୍ତାନ ନ ଥିବାରୁ ବଡ଼ଭଉଣୀଙ୍କ ଝିଅ ରେଖାକୁ ଆଣି ପାଖରେ

Digitized by srujanika@gmail.com

ରଖିଛନ୍ତି । ସେତେବେଳକୁ ହିଜ୍ ମାଷ୍ଟରର୍ସ ଭୟେସ୍‌ରେ ପ୍ରାୟ ତିନିଶତାଧିକ ଗାନ ରେକର୍ଡ଼ କରାଇ ସାରିଲେଣି । ୪୫ବର୍ଷ ବୟସରେ ମଧ ବୀଣାଜିଣା ସୁମଧୁର କଣ୍ଠସ୍ୱର । ସ୍ୱାମୀ ଗୋପାଳବାବୁ ବିଖ୍ୟାତ ତବଲାବାଦକ; ରେଖା ମଧ ଭଲ ସଂଗୀତ ଗାଏ । ସେ ମଧ ଶିଷ୍ୟା । ପରିବାର ଗୋଟାଯାକ ସଂଗୀତପ୍ରେମୀ ।

ନଚିକେତାର ଶୋଇବା ଘର ତଳ ମହଲାର ଗୋଟିଏ କୋଠରି । କିନ୍ତୁ ବହିପତ୍ର ରଖା ଓ ପଢ଼ାଘର ତିନିମହଲାର ଆଉ ଗୋଟିଏ କୋଠରି । ରେଖାର ବହିପତ୍ର ରଖିବାର ଥାକ ମଧ ସେଇ ଏକା କୋଠରି ।

ସକାଳ ରୋଷେଇ ସରିଲେ ନଚିକେତା ଖାଇଦେଇ କଲେଜ ଯାଏ । କଲେଜରୁ ଫେରି ପଢ଼ାଘରେ ବସି ପଢ଼ାପଢ଼ି କରେ ।

ଟିଉସନରୁ ପାଉଥିବା କୋଡ଼ିଏ ଟଙ୍କାରେ ମାସେ ଚଳିବାକୁ ହେବ । ନିଜ ରୋଜଗାରରେ ନିଜର ଗୁଜୁରାଣ ମେଣ୍ଟାଇବାର କଥା- ଜୀବନରେ ଏଇଟା ପ୍ରଥମ ଉପଲବ୍ଧି । ଏଣୁ ଆଶ୍ରମ ଜୀବନର ବିଧି-ନିଷେଧ କିଛି ପରିମାଣରେ ଶିଥିଳ କରିବାକୁ ପରିସ୍ଥିତି ବାଧ କଲା । ଯେତେବେଳେ ଯାହା ମିଳିଲା ସେତିକିରେ ଚଳେଇନେବା ପାଇଁ ଆଶ୍ରମର ବାଛବିଚାର ଛାଡ଼ିବାକୁ ପଡ଼ିଲା । ଏପରିକି ପାନ, ବିଡ଼ି, ସିଗାରେଟ, ଚା' ପ୍ରଭୃତି ସାଂଗମେଳରେ ଖାଇବାକୁ ଆରମ୍ଭ କଲା । ଏପରିକି ଆମିଷ ଭୋଜନ ମଧ ବାଦ ଗଲା ନାହିଁ । ସିନେମା- ଥିଏଟର ବି ଚାଲିଲା ।

ଏଇ ରକମ ଇଚ୍ଛାକୃତ ବ୍ୟତିକ୍ରମର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ବି ଥିଲା ।

ପ୍ରଥମତଃ ବାଛବିଚାର ଛାଡ଼ିବାଟା ପରିସ୍ଥିତି ବାଧ୍ୟ କଲା ।

ଅନ୍ୟ କାରଣଟି ହେଲା- ଏଇସବୁ ନିଷିଦ୍ଧ ଆଚରଣ ପ୍ରତି ଅନ୍ତରରେ ଅପୂର୍ଣ୍ଣବାସନା କେତେଟା ଗଭୀର ଅଛି, ସେଗୁଡ଼ିକର ଦାସ ହୋଇଯିବାର ସୁପ୍ତପ୍ରବଣତା ଅଛି କି ନାହିଁ, ତା' ପରୀକ୍ଷା କରିବାର- ନିଜକୁ ତଉଲି ନେବାର ଅଭୀପ୍ସା ଥିଲା ।

ଭୋଗ୍ୟ ବିଷୟ ନ ପାଇ ବୈରାଗ୍ୟ ଗୋଟିଏ ପ୍ରକାର; କିନ୍ତୁ ଅସଲ ପରୀକ୍ଷା ଭୋଗ୍ୟବସ୍ତୁ ପାଖରେ ଥାଇ ଭୋଗ କରିବାର ଅନିଚ୍ଛା- ଏଇଟାଇ ତ ଅସଲ ବୈରାଗ୍ୟ । ବର୍ଷେ ଦୁଇବର୍ଷ ମଧରେ ସେସବୁ ବଦଭ୍ୟାସ ଗୋଟିଏ ଗୋଟିଏ କରି ଚାଲିଗଲା ।

ବିକାର ହେତୌ ସତି ବିକ୍ରିୟନ୍ତେ
ଯେଷାଂ ନ ଚେତାଂସି ତ ଏବ ଧୀରାଃ ।

ଚିତ୍ତବିକାରର ହେତୁ ଥିଲେ ବି ଯେଉଁମାନଙ୍କର ଚିତ୍ତବିକାର ଆସେ ନାହିଁ, ସେଇମାନେ ହିଁ ପ୍ରକୃତ 'ଧୀର' ।

Digitized by srujanika@gmail.com

ଅସଲ ପରୀକ୍ଷା

ଏଥର ଆସିଲା ଅସଲ ପରୀକ୍ଷା ନଚିକେତା ଭାଗ୍ୟରେ । ରେଖାର ବୟସ ୧୯/୨୦; ମାଟ୍ରିକ୍ ପାସ୍‌କରି ଆଉ ପଢ଼ିଲା ନାହିଁ । ଭଲ ଗାଇପାରେ । ଗୋଟା ପରିବାର ତ ଗନ୍ଧର୍ବ ପରିବାର । ମଉସା କଲିକତାର ପ୍ରସିଦ୍ଧ ତବଲା ବାଦକ । ମାଉସୀ ମିନତି ଦେବୀତ ସେତେବେଳକୁ ଚାଳିଶରୁ ବେଶି ବୟସର ହେଲେବି ଷୋଡ଼ଶୀ କିଶୋରୀର ବୀଣାଜିଣା, କୋକିଳକଣ୍ଠୀ ସୁଗାୟିକା ।

ସପ୍ତାହରେ ୨/୩ ଥର ସଂଧ୍ୟାରେ ସଂଗୀତଆସର ଜମେ । ମିନତି ଦେବୀ ହାରମୋନିୟମ୍, ଗୋପାଳବାବୁ ତବଲା, ରେଖା ଏସ୍‌ରାଜ ବା ତାନପୁରା ଧରି ବସିଯାଆନ୍ତି । ଶ୍ରୋତା ମଧ୍ୟରେ ନଚିକେତା, ଆଉ ୨/ ୪ ଜଣ ତାଙ୍କ ପରିବାରର ।

ମିନତି ଦେବୀ ଦିନେ ଗାନ ଧରିଲେ

ଯଦି ଦକ୍ଷିଣା ପବନ ଆସିୟା ଫିରେ ଗୋ ଦ୍ୱାରେ
ବାଦଲ ବ୍ୟାକୁଲ ପ୍ରାଣେ ଖୁଁଜିୟା ପାବେ କି ତାରେ ??
ଦେଖି ଏ ଚାଁଦିନୀରାତେ
ନିଁଦ ନାଇଁ ଆଁଖିପାତେ......

ରେଖା ଏସ୍‌ରାଜ ଧରିଥିଲା । ବେସୁରା ହୋଇଗଲା; ଯେମିତି ନ ଦେଖିଲା ପରି, ନଚିକେତା ଆଡ଼େ ବାରବାର ଚାହୁଁଥିଲା । ମା'ର ନଜର ଆଡ଼େଇପାରିଲା ନାହିଁ ।

ନଚିକେତାର ସାଢ଼େ ନଅଟାରେ ଖାଇବା ଦରକାର ।

କ୍ରମଶଃ ଦେଖାଗଲା- ରେଖା ଖୁବ୍ ଭୋରୁ ଉଠି ରୋଷେଇଘରେ ପଶୁଛି । ନଚିକେତାର ଖାଇବାବେଳକୁ ନାନାପ୍ରକାର ରୁଚିକର ଖାଦ୍ୟ ପ୍ରସ୍ତୁତ । ରେଖା ନିଜେ ପରଷିଦିଏ । ପାଖରେ ବସେ । ଜୋରକରି ବେଶି ଖୁଆଏ ।

ଆଶ୍ରମ ଜୀବନରେ କଠୋର ବ୍ରହ୍ମଚାରୀବ୍ରତ ପାଳନରେ ଖୁବ୍ ନିଷ୍ଠା ଥିଲା । ବୟସରେ ଅନେକ ସାନ ଥିଲେ ମଧ୍ୟ ଆଶ୍ରମବାସୀ ଗୃହତ୍ୟାଗୀ ଓ ଗୃହସ୍ଥ ଶିଷ୍ୟମାନେ ନଚିକେତାକୁ ଟିକିଏ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ ଏବଂ ବ୍ୟବହାର କରୁଥିଲେ । ସେଥିରେ ସ୍ନେହ, ବାତ୍ସଲ୍ୟ, ମିତ୍ରତା ସହିତ କିଛି ସାଧ୍ୱସ- ଗୌରବ ଭାବ ମିଶ୍ରିତ ଥିଲା । ଅନେକଙ୍କର କିଛିଟା ଭୟ ମଧ୍ୟ ଥିଲା । ଶାସନ ମାନି ନେଉଥିଲେ ଅତି ପ୍ରିୟତା-ମିଶ୍ରିତ ପୂଜ୍ୟ ବୁଦ୍ଧିରେ ।

ନଚିକେତା ବାଲ୍ୟକାଳରୁ ବାପାଙ୍କଠାରୁ ସଂସ୍କୃତଶିକ୍ଷାର ଆଦ୍ୟପାଠ ସାରିଥିଲା ।

ଅଷ୍ଟମ ଶ୍ରେଣୀରୁ ସଂସ୍କୃତ ପ୍ରବଂଧ ଲେଖା ଓ ନାଟକ ଅଭିନୟରେ ଅଂଶଗ୍ରହଣ କରୁଥିଲା ।

Digitized by srujanika@gmail.com

ପରେ ଆଶ୍ରମ ଜୀବନରେ ମାସିକ ଓଡ଼ିଆ ପତ୍ରିକା ଓ ଦୈନିକ ବଂଗଳା ପତ୍ରିକାରେ ଲେଖାଲେଖି, ମୁଦ୍ରଣ ପ୍ରଭୃତିରେ ଅଭ୍ୟାସ ଥିଲା । ପଞ୍ଚମ ଶ୍ରେଣୀଠାରୁ ବଂଗଳା ପତ୍ରିକା ଓ ବହି ପଢ଼ିବାର ଅଭ୍ୟାସ ଥିଲା ।

ଆଶ୍ରମବାସ କାଳରେ ନଚିକେତାର ତିନୋଟି ପ୍ରଧାନ ସେବା ଥିଲା । ନବଦ୍ୱୀପ ଶ୍ରୀମାୟାପୁରରେ ଦୈନିକ ସଂବାଦପତ୍ରର ସଂପାଦନା, ଢାକାକୁ ଗଲେ ରୂପ-ସନାତନ ପ୍ରଭୃତି ଗୋସ୍ୱାମୀମାନଙ୍କର କୃଷ୍ଣଙ୍କର ମାଧୁର୍ଯ୍ୟଲୀଳା ଗ୍ରନ୍ଥର ପାଣ୍ଡୁଲିପି ପ୍ରସ୍ତୁତି, ଶ୍ରୀମାୟାପୁରରେ ଦୀକ୍ଷାଗୁରୁ ଆଚାର୍ଯ୍ୟ ଦେବଙ୍କର ଚିଠିପତ୍ରର ଉତ୍ତର ନିଜେ ଲେଖି ତାଂକର ସ୍ୱାକ୍ଷର କରି ପଠାଇବା ସହ ମଠର ମୁଖ୍ୟଚାଳକଙ୍କର ସହକାରୀ ଦାୟିତ୍ୱ- ଏପରି ବହୁବିଧ ସେବାଦାୟିତ୍ୱ ତୁଲାଇବାକୁ ପଡୁଥିଲା ।

ମିଶନର ଆଚାର୍ଯ୍ୟଙ୍କର ନଚିକେତା ପ୍ରତି ବ୍ୟବହାର, ସ୍ନେହପୂର୍ଣ୍ଣ ବ୍ୟବସ୍ଥା,ତା'ର ବିଭିନ୍ନ ମଠରେ ଅବସ୍ଥାନ କାଳରେ ଆହାର ଓ ବାସସ୍ଥାନର ବିଶେଷ ବ୍ୟବସ୍ଥା ପ୍ରଭୃତି ଦେଖି ଅନ୍ୟମାନେ ନଚିକେତାକୁ କିଛି ପରିମାଣରେ ଗୁରୁତ୍ୱ ଦେଉଥିଲେ । କେତେକ ମଧ୍ୟ ଈର୍ଷାନ୍ୱିତ ହୋଇ ମନେ ମନେ ବିରୂପ ଧାରଣା ବି ପୋଷଣ କରୁଥିଲେ ।

ନଚିକେତା ନିଜ ଆଚରଣ ଓ ବ୍ୟବହାରରେ ଶାସ୍ତ୍ରୀୟ ଆଚାରନିଷ୍ଠା ଓ କ୍ରିୟାକର୍ମରେ ଯଥେଷ୍ଟ ସାବହିତ ଥିବା ସଂଗେ ସଂଗେ ବିରୋଧୀ ବ୍ୟକ୍ତିମାନଙ୍କଠାରୁ ନିଜକୁ ଦୂରରେ ରଖୁଥିଲା ।

ଅନ୍ୟ ସମୟରେ ଗ୍ରନ୍ଥପାଠ, ହରିକଥା କୀର୍ତ୍ତନ ଏପରିକି ଭକ୍ତିସନ୍ଦର୍ଭ ବ୍ୟାଖ୍ୟା କରିବାର ଅଧିକାର ମଧ୍ୟ ପାଇଥିଲା- ଯାହା କି ମାତ୍ର ୨ /୪ ଜଣ ସନ୍ନ୍ୟାସୀଙ୍କ ବ୍ୟତୀତ ଅନ୍ୟମାନେ ସେ ପ୍ରକାର ସୁଯୋଗ ପାଉନଥିଲେ । ସୁତରାଂ ନଚିକେତା ନିଜ ଆଚରଣ ଶୁଦ୍ଧତା ବିଷୟରେ ଯଥେଷ୍ଟ ସଜାଗ ଥିଲା ।

ଆଦର୍ଶର ଗଣ୍ଡିରୁ ବାହାରିଯିବାର କୌଣସି ସୁଯୋଗ ଯେ ତା ପାଇଁ ନ ଥିଲା, ତାହା ନୁହେଁ । କିନ୍ତୁ ତା' ଅନ୍ତରରେ କୌଣସି ପ୍ରବଣତା ନ ଥିଲା ।

ନଚିକେତା ବି ପୁଣ୍ଡରିକ

ଜୀବନର ଯାତ୍ରା ପଥରେ ନଚିକେତାର ସମୟକ୍ରମେ ପରିବର୍ତ୍ତନ ଆରମ୍ଭ ହେଲା । ଜୀବନର ବିଭିନ୍ନ ପର୍ଯ୍ୟାୟ ସତେ କି ତାକୁ ଅପେକ୍ଷା କରିଥିଲା । ସେ କସ୍ମିନ୍ କାଳେ ଜୀବନରେ ସୁନ୍ଦରୀ ଲଳନାର ସଂଗାସ-ଅନୁଭବୀ ନ ଥିଲା ।

କଲେଜ ଜୀବନ ଆରମ୍ଭ ହେବାମାତ୍ରେ ନଚିକେତା ଜୀବନର କେତେକ ସ୍ୱାଦ ଅନୁଭବ କଲା । ଏବେ ନାରୀ, ବିଶେଷତଃ ସୁନ୍ଦରୀ ବିଦଗ୍ଧା କିଶୋରୀର ଏତେ ପାଖାପାଖି

Digitized by srujanika@gmail.com

ଚଳପ୍ରଚଳ ହେବା, ତା ପକ୍ଷରେ ପ୍ରଥମ । ଗୋଟିଏ ଘରେ ଉଭୟେ ବସି ପଢ଼ାଶୁଣା, କଥାବାର୍ତ୍ତା, ଆଳାପ ଆଲୋଚନା - ଏ ସମସ୍ତ ପରିବେଶର ଅମ୍ଳମଧୁର ଆସ୍ୱାଦନ ତା' ଜୀବନରେ ଏଇ ପ୍ରଥମ ଘଟିଲା ।

ରେଖା ସୁଯୋଗ ଉଣ୍ଡି ତା ପାଖରେ ଆସି ବସିଯାଏ, ପ୍ରୟୋଜନ ଥାଉ ନ ଥାଉ । କେତେ କ'ଣ ପ୍ରଶ୍ନ- ଆପଣ ଭବିଷ୍ୟତରେ କ'ଣ କରିବେ, ବିବାହ କରିବେ କି ନାହିଁ - ଏଇମିତି କେତେ ପ୍ରଶ୍ନ କେତେ ଆଲୋଚନା । ନଚିକେତା ଏସବୁ ପ୍ରଶ୍ନର ଉତ୍ତର ଖୋଜି ପାଏନା । କେବଳ ଆକାଶକୁ ଚାହେଁ ।

ବନିଶୀ ଥୋପୀ

ଦିନେ ରେଖା ହସି ହସି କହିଲା- "ଆପଣଙ୍କ ସ୍ୱରଟି ଖୁଉବୁ ମିଠା ।"

ଥୋପଟା ଖୁବ୍ ଲୋଭନୀୟ, ଅବ୍ୟର୍ଥ । ପିଲାବେଳେ ମାଇନର ୬ଷ୍ଠ ୭ମ ଶ୍ରେଣୀର ଛାତ୍ର ଥିଲାବେଳେ ରାସ୍ତାରେ ଯେ କେହି ନଚିକେତାକୁ ଦେଖନ୍ତି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲନ୍ତି ।

କଲିକତାର ଶିକ୍ଷକତା କାଳରେ ବହୁଗ୍ରାମ ସ୍କୁଲର ଶିକ୍ଷକ ଶ୍ରୀ ଯୋଗେଶ ମିତ୍ର ନଚିକେତା ସହିତ ରହୁଥିଲେ । ଥରେ ସେ କହୁଥିଲେ, "ତୁମ କଥାର ସ୍ୱର ଶୁଣିବା ଲୋଭରେ ଆମେ ତୁମକୁ ଦେଖିଲେ ପ୍ରଶ୍ନ ପଚାରୁଥିଲୁ । ଏବେ ଏଇ ପରିଣତ ବୟସରେ ମଧ୍ୟ କଲିକତା, ବର୍ଦ୍ଧମାନ, ନବଦ୍ୱୀପ, ଆଗରତାଲା, ଗୁଆହାଟୀ ପ୍ରଭୃତି ସଭାରେ ବଂଗଳା ବକ୍ତୃତା ଦୁଇ ଅଢ଼େଇଘଣ୍ଟା ଦେଲା ପରେ ବି ଶ୍ରୋତୃମଣ୍ଡଳୀରୁ ପ୍ରାୟ ଶୁଣୁଥିଲା "ତୃପ୍ତି ହୋଲୋ ନା, ଆରଓ ବଲୁନ । ଅନ୍ୟ ପ୍ରୋଗ୍ରାମ ବାଦ ହୋକ ।"

ସୁତରାଂ ସେ ବୟସରେ ରେଖା, କିଶୋରୀ ନବତରୁଣୀ; ତା ମୁହଁରୁ ନିଜ ସ୍ୱରର ପ୍ରଶଂସା ନଚିକେତାକୁ ଅରୁଚିକର ହେଉଥିଲା- ଏହା କହିଲେ ନିର୍ଜଳା ମିଥ୍ୟା ହେବ । ଥୋପ ଯେ ଲାଗିଛି, ତା ରେଖା ଅନୁଭବ କରି ନିଶ୍ଚୟ ବିଜୟର ମାଦକତା ଅନୁଭବ କରୁଥିବ । ରେଖାର ଅକୁହା ସ୍ୱର କ'ଣ କହୁଛି, ତା ନଚିକେତା ଆଦୌ ବୁଝି ନାହିଁ, ଏପରି ଅଭିନୟ ଯଦି ବା କଲା, ଭିତରଟା ଯେ ରଂଗ ଧରିଛି, ତା ସେ ପାରୁପର୍ଯ୍ୟନ୍ତ ଯେତେ ଲୁଚାଇଲେ ମଧ୍ୟ ଲୁଚାଇ ପାରୁନଥିଲା । ରେଖାର ରେଖା ତା ହୃଦୟରେ ଦାଗ କାଟି ସାରିଲାଣି ତା' ଅସ୍ୱୀକାରର ଯେତେ ଛଳନା କଲେ ମଧ୍ୟ ଲୁଚାଇ ପାରୁନଥିଲା । ଧରା ପଡ଼ିଯାଇଥିଲା ।

ପ୍ରାୟ ୨/ ୩ ମାସ ପର୍ଯ୍ୟନ୍ତ ସେ ବେରସିକ ଶୁଷ୍କ ବ୍ରହ୍ମଚାରୀ, ଯୁବତୀ-ବିଭାବ ସେ କିଛି ବୁଝିପାରେନା - ଏମିତି ଅଭିନୟ କରିଚାଲିଲା ।

Digitized by srujanika@gmail.com

କିନ୍ତୁ ଏ ଶୁଷ୍କ ନୀରସ ଆବରଣ- ଅଭିନୟର ଅନ୍ତରାଳରେ ତା' ଭିତରର ବନ୍ଧ ଯେ ଭାଂଗିବାକୁ ବସିଲାଣି, ତାକୁ ଅଛପା ରହିବ କିପରି ? ? ତଥାପି ଗୋପନ କରିବାର ଦୃଢ଼ତା ହରାଇ ନ ଥାଏ । ପ୍ରବଳ ମାନସିକ ଦ୍ୱନ୍ଦ୍ୱର ସଂଘାତରେ ବାତ୍ୟାବିକ୍ଷୁବ୍ଧ ନୌକାପରି ଦୋଦୁଲ୍ୟମାନ ଅବସ୍ଥାରେ କିଛିଦିନ କଟିଲା ।

ଅଭିନୟର ସ୍ଥାୟିତ୍ୱ କେତେ ???

ଦିନକର ଘଟଣା । ନଚିକେତା କଲେଜ ଯିବ ବୋଲି ଖାଇବସିଲା । ରେଖା ବାଢ଼ିଦେଇ ପାଖରେ ବସିଲା । ଏଇଟା ଖାଆନ୍ତୁ, ସେଇଟା ଖାଆନ୍ତୁ ଏମିତି କହି ଗୋଟିଏ ଶେଷ କଲେ ପୁନଶ୍ଚ ତା' ପରଷିବାକୁ ଆରମ୍ଭ କଲା । ଶେଷରେ ପାୟସ ଦେଲା । ସେତକ ଖାଇବା ପରେ ଆହୁରି ଦେବାରୁ ନଚିକେତା ଆଉ ପାରିବି ନାହିଁ କହି ଉଠିବାକୁ ଯାଉଛି- ରେଖା ହଠାତ୍ ତା'ର ଡାହାଣ ହାତଟାକୁ ଧରି ନିଜେ ପାୟସ ଆଣି ତା' ପାଟିରେ ଦେଇଦେଲା ।

ଜୀବନରେ ଯୁବତୀ ନାରୀ ସ୍ପର୍ଶ ଏଇ ପ୍ରଥମ । ଏକ ଅନାସ୍ୱାଦିତ ଶିହରଣ ନଚିକେତାର ସାରା ଦେହରେ ବିଦ୍ୟୁତ୍ ସକ୍ ପରି ଖେଳିଗଲା ।

ଖାଇସାରି ତରତର ହୋଇ କଲେଜ ଚାଲିଗଲା ନଚିକେତା । ସାରା ରାସ୍ତାଟା, କଲେଜରେ ପ୍ରଥମ ଦୁଇଟି କ୍ଲାସ କିପରି କଟିଗଲା, ତା ସେ ଜାଣିପାରିଲା ନାହିଁ । ଏଯାବତ୍ ଅନ୍ୟାନ୍ୟ ବ୍ରହ୍ମଚାରୀ, ସନ୍ନ୍ୟାସୀମାନଙ୍କର ଗୋପନ ନାରୀସଂସର୍ଗ ଶୁଣିଛି । ଦେଖିଛି, କେତେକଙ୍କୁ ସ୍ଖଳନରୁ ରକ୍ଷା ବି କରିଛି । କିନ୍ତୁ ସେ ନିଜେ ଆଡ଼ ଆଖିରେ ମଧ୍ୟ ନାରୀମୁଖକୁ ଅନାଇ ନାହିଁ । ସେଇଥିପାଇଁ ସନ୍ନ୍ୟାସୀମାନଙ୍କୁ ଅନ୍ୟମାନେ ଯେତିକି ଭକ୍ତିଶ୍ରଦ୍ଧା କରୁଥିଲେ, ନଚିକେତାକୁ ତା'ଠାରୁ ଢେର ବେଶି ଭକ୍ତି-ଶ୍ରଦ୍ଧା-ସାଧ୍ୱସ ଦେଖାଉଥିଲେ ।

ସେଇ ନଚିକେତା ଆଜି ଗୋଟିଏ କିଶୋରୀର ସ୍ପର୍ଶମାତ୍ରକେ ଏତେସରି ହେଲାଣି !!

ସେଦିନ ପ୍ରଫେସର ଶ୍ରୀଶଚନ୍ଦ୍ର ଦାସଙ୍କର କ୍ଲାସ ଥାଏ । ଭର୍ଜିନିୟା ଉଲ୍‌ଫଙ୍କର Dorothy Words Worth ପ୍ରସଂଗଟି ପଢ଼ାଉଥିଲେ- Nature, Dorothy and Words Worth were identical - Unity in diversity - Trinity ପ୍ରଭୃତି କେତେଜଣ କହି ଚାଲିଥାଆନ୍ତି ପ୍ରଫେସର ଦାସ । ସେଗୁଡ଼ିକ ନଚିକେତା କାନରେ ବାଜୁଥିଲା- କିନ୍ତୁ "Love is Blind" ଶବ୍ଦ କେଇଟି କାନରେ ପଶି ମନହୃଦୟରେ ରେଖା କାଟିଦେଲା- ରେଖା ଯେପରି ତା'ର ହୃଦୟରେ ଜମି ବସିଲା ।

Digitized by srujanika@gmail.com

କଲେଜରୁ ଫେରିଲାବେଳେ ଚିନ୍ତାକଲା ନଚିକେତା- ରେଖା କ'ଣ ଭାବୁଥିବ ! ! ଏଇ ବ୍ରହ୍ମଚାରୀଟି ଯେତେହେଲେ ଯୁବକ ତ ! ପୁରୁଷ ତ ! ବ୍ରହ୍ମଚାରୀ ହେଲା ବୋଲି କ'ଣ ନପୁଂସକ ପାଲଟିଗଲା ! !

"ନାଃ ! ଆଉ ନା, ରେଖାକୁ ଜଣାଇଦେବାକୁ ହେବ- ନଚିକେତା ପୁରୁଷ; ପୌରୁଷ ତା'ର ସ୍ୱାଭିମାନର ଶ୍ରେଷ୍ଠ ସନ୍ତକ । ପୌରୁଷପ୍ରତି, ସ୍ୱାଭିମାନ ପ୍ରତି ଅବଜ୍ଞା ତ ଅସହ୍ୟ ! ନଚିକେତା ପୁରୁଷ, ତା'ର ହୃଦୟ ଅଛି, ମନ ଅଛି- ପ୍ରେମର ପ୍ରତିଦାନ- ପ୍ରେମର ସ୍ୱୀକୃତି- ଏସବୁ ତା'ର ଉପାଦାନ" ଏହିପରି ଅନେକ କଥା ।

କେତେବେଳେ ସେ ଘରେ ଆସି ପହଞ୍ଚିଗଲାଣି; ତିନିମହଲାର ଛୋଟ ଘରଟି ତା'ର ପଢ଼ାପଢ଼ିର ଘର । ଘରେ ପଶି ବହି କେଇଟା ଥାକ ଉପରେ ଫୋପାଡ଼ି ଦେଇଛି, ହଠାତ୍ ରେଖା ପଶିଆସି ପଛଆଡୁ ଜାବୁଡ଼ି ଧରିଛି । ନଚିକେତା ବୁଲିପଡ଼ି ରେଖାର ହାତ ପାପୁଲିଟି ଧରି କହିଲା- ଏ କି କରଲେ ? ?

ରେଖା ଉତ୍ତର- "ତୁମି ଯା ଚେୟେଛିଲେ !"

ଏତିକି କହି ରେଖା - ତା'ର ପଦଧୂଳି ମୁଣ୍ଡରେ ମାରି ତଳେ ବସିପଡ଼ିଲା ।

ସୁଅ ମୁହଁରେ ପତର

ବନ୍ଧ ଦେଇ ନଦୀର ସ୍ରୋତକୁ ବାନ୍ଧି ରଖାଯାଏ । ତା କିଛି ସମୟ ପାଇଁ ନିଷ୍କ୍ରିୟ ଥିବାପରି ଜଣାପଡ଼େ, କିନ୍ତୁ କୌଣସି ଜାଗାରେ ବନ୍ଧ ଭାଂଗିଗଲେ ସେତେବେଳେ ତା'ର ବିକ୍ରମ ଓ ଗତିର ଉଦ୍ଦାମତା ଦେଖିହୁଏ ।

ନଚିକେତା ଏଯାବତ୍ ରେଖାର ବ୍ୟବହାରରେ ସଂଯମ ଦେଖିଛି, ସ୍ନିଗ୍ଧତା ଦେଖିଛି, କମନୀୟତା ଦେଖିଛି, କିନ୍ତୁ ମାଦକତା ଓ ଉଦ୍ଦାମତା ଦେଖି ନ ଥିଲା ।

ଏବେଠାରୁ ରେଖାର ବ୍ୟବହାରରେ ବାଧାବନ୍ଧନ ରହିଲା ନାହିଁ । ସିଡ଼ିରେ ବାରଣ୍ଡାରେ ଘରେ- ଟିକିଏ ଏକୁଟିଆ ଦେଖିଲେ ଚୁମ୍ବନ । ସ୍ଥାନ କାଳର ବିଚାର ଭୁଲିଗଲା ସେ । ସେ ଭୁଲିଯିବାକୁ ବସିଲା ଯେ ପାଖ ଘରେ ତା'ର ବାପା, ମା, କକେଇ କେହି ନା କେହି ଥାଇପାରନ୍ତି । ତା' ମା'ଙ୍କର ତ କଡ଼ା ଦୃଷ୍ଟି ରହିଥିବାର ସେ କେତେବାର ଦେଖି ମଧ୍ୟ, ଜାଣି ମଧ୍ୟ ରେଖାର ବ୍ୟବହାର ଏଣିକି ଆହୁରି ବେପରୁଆ, ଆହୁରି ନିଃସଂକୋଚ ହୋଇଗଲା । ନଚିକେତା ସହିତ ତା'ର କଥାବାର୍ତ୍ତା, ତା'ର ବ୍ୟବହାରରେ ଯେତିକି ବେପରୁଆଭାବ, ଯେତିକି ନିଃସଂକୋଚ ଭାବ ପ୍ରକାଶ ପାଇଲା, ନଚିକେତାର ଦୁଶ୍ଚିନ୍ତା- ଉଦ୍‌ବେଗ ସେତିକି ବଢ଼ିବାକୁ ଲାଗିଲା । ଏପର୍ଯ୍ୟନ୍ତ କୌଣସି ଦୁଶ୍ଚିନ୍ତା, କୌଣସି ଦ୍ୱନ୍ଦ୍ୱ, କୌଣସି ଘଟଣା ତାକୁ ଏତେ ଦୋହଲାଇ ପାରି ନ ଥିଲା ।

Digitized by srujanika@gmail.com

ଶ୍ରୀମାୟାପୁର ମଠକୁ ଆସି ସେ ମାତ୍ର ୯ମାସ ହେଲା ରହିଛି । ଦିନେ ସକାଳେ ଦୁଇଶତ ଲାଠିଧରି ନଦୀୟାର ଗୋଆଲା (ଗୋପାଳ ଜାତି) ମଠ ଆକ୍ରମଣ କଲେ । ସେମାନଙ୍କର ଲାଠିମାଡ଼ରେ ୧୦/୧୨ ଜଣ ବ୍ରହ୍ମଚାରୀ ଟଳିପଡ଼ିଲେ । ଜଣେ ମରିଗଲା, ପ୍ରାୟ ୧୫ଜଣ ସରିକି ଆହତ ହେଲେ । କାଶୀନାଥ ମହାପାତ୍ର ନାମକ ଜଣେ ଛଅଫୁଟିଆ ବଳିଷ୍ଠ ସୁଠାମ ବ୍ରହ୍ମଚାରୀଙ୍କ ଅବସ୍ଥା ସାଂଘାତିକ; କିନ୍ତୁ କୃଷ୍ଣକୃପାରୁ ସେ ବଂଚିଗଲେ । ଏତେବଡ଼ ଭୟାନକ ଦୃଶ୍ୟ ଦେଖି ଏଇ ବିପଜ୍ଜନକ ପରିସ୍ଥିତିରେ ବି ସେ ଟିକିଏ ହେଲେ ଦବିଯାଇ ନ ଥିଲା, କିନ୍ତୁ ସାମାନ୍ୟ ଗୋଟିଏ କିଶୋରୀର ସଂସ୍ପର୍ଶ ଓ ସାନ୍ନିଧ ତାକୁ ଏତେ ବିବ୍ରତ କଲା, ଏତେ ମାନସିକ ଯନ୍ତ୍ରଣା ଦେଲା ତା' ଭାଷାରେ ବ୍ୟକ୍ତ କରିବା ଅସମ୍ଭବ ।

କଥାବାର୍ତ୍ତା ପ୍ରସଂଗରେ ରେଖା ନଚିକେତାକୁ ପ୍ରସ୍ତାବ ଦେଲା-

"ମୋତେ ଅନ୍ୟ କେଉଁଠିକି ନେଇଚାଲ । ମୁଁ ତୁମ ସାଂଗରେ ଯେକୌଣସି କଷ୍ଟ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି ।"

ସେତେବେଳେ ନଚିକେତାର ବୟସ ୨୪/୨୫; ଯୌବନର ପ୍ରଥମ ଜୁଆର କେତେବେଳେ ଆସି ଚାଲିଯାଇଛି, ତା' ଆଶ୍ରମବାସ କାଳରେ ସେ ଜାଣି ବି ପାରି ନାହିଁ । ଏ ବୟସରେ ପ୍ରେମ କିଛି ପରିମାଣରେ ଭଲମନ୍ଦ, ସୁବିଧା ଅସୁବିଧା ବିଚାର-ବିବେଚନା କରିବା ସ୍ତରକୁ ଆସିଯାଇଥାଏ ।

ସେ ରେଖାକୁ କହିଲା- ମୁଁ ଯଦି ୨୧ବର୍ଷ ଯୁବକ ହୋଇଥାନ୍ତି, ତେବେ ହୁଏତ ଏ ପ୍ରସ୍ତାବ ମୁଁ ତୁମକୁ ଆଗରୁ ଦେଇଥାଆନ୍ତି । ଏବେତ ସେ ବୟସର ଉନ୍ମାଦନା ଚାଲିଯାଇଛି । ସବୁ ଦିଗ ବିଚାର କରିବାର ସ୍ଥିରତା କିଛି ଆସିଯାଇଛି । ତୁମେ ଧନୀ ଘରର ଆଦରର ଦୁଲାଳୀ । ମୁଁ ଚାକିରି କଲେ ସ୍କୁଲର ସଂସ୍କୃତ ଶିକ୍ଷକ ହୋଇ ୭୦/୮୦ ଟଂକା ମାସକୁ ପାଇବି । ସେଥିରେ ଯେଉଁ ସୁଖରେ ଚଳିବ ତା କଳ୍ପନା କରୁଥିବ । କିଛିଦିନ ସେଇ ଦୁରବସ୍ଥା ମଧ୍ୟରେ ରହିଲେ ତୁମ ମନର ଏ ରଂଗ- ଏ ଉଚ୍ଛୁଳା ପ୍ରେମ ରହିବ ନାହିଁ । ଅଭାବର ତାଡ଼ନାରେ ଅନୁଶୋଚନା, ଅନୁତାପ ଆସିବ । ତୁମେ ଥୟଧରି ରୁହ । ମୁଁ ବି.ଏ. ପାସ୍ କରିସାରି ଜୀବନରେ ସୁ- ପ୍ରତିଷ୍ଠିତ ହେଲେ ତୁମକୁ ବିବାହ କରି ନିଜ ପାଖକୁ ନେଇଯିବି । ପ୍ରଥମେ ହୁଏତ ତୁମ ବାପା ରୁଷ୍ଟ ହେବେ । ପରେ ତାଂକ ମନକୁ ସଜାଡ଼ି ନେବାର ଚେଷ୍ଟା କରିବି । ତୁମେ ବର୍ତ୍ତମାନ ତୁମ ମାଆଙ୍କ ମନ ନେଇ ଚଳ । ଏପରି ଅଭିନୟ କର ଯେ, ସେମାନେ ଭାବିବେ- ତୁମେ ମୋତେ ଭୁଲିଯାଉଛ ।

ଆପାତତଃ ବାହାର ଝଡ଼ଝଞ୍ଜାର ସମାଧାନ ହେଲା । କିନ୍ତୁ ନଚିକେତାର ଭିତରର ଅସ୍ଥିରତା, ଆଶଂକା ବଢ଼ିବାକୁ ଲାଗିଲା । ଉଭୟର ଯେଉଁ ସଂକୋଚ ଟିକକ ଦୁଇ ଦେହକୁ ଅଲଗା କରି ରଖିଥିଲା, ସେ ସଂକୋଚ ତ ଗଲା ! ମନର ପୂର୍ବ ଦୃଢ଼ତା ଆଉ ନାହିଁ । ସେ ନିଜ ଭୟରେ ନିଜେ ହିଁ ଆତଙ୍କିତ ହେଲା ।

Digitized by srujanika@gmail.com

ଦୀର୍ଘ ୮/୯ ବର୍ଷ କାଳ ଅତୁଟ ବ୍ରହ୍ମଚର୍ଯ୍ୟରେ ରହିଆସିଛି । କୌଣସି ଦୁର୍ବଳ ମୁହୂର୍ତ୍ତରେ ଦୁଇ ଦେହ ଏକ ହେଲେ ତା'ର କିଛି ହେବ ନାହିଁ, କାରଣ ସେ ପୁରୁଷ । କିନ୍ତୁ ଧନୀଘରର ଏଇ ଅବିବାହିତା ଯୁବତୀର ଜୀବନରେ ଏକ ଅଭିଶାପ ଆଂକିଦେବା ଯେ କେତେଦୂର ଅମାନୁଷିକତା, ତା ବିବେଚନା କରିବାର ଚିତ୍ତସ୍ଥିରତା ଥିଲେ ମଧ ନିଜକୁ ଆଉ ବିଶ୍ୱାସ କରିପାରିଲା ନାହିଁ ନଚିକେତା । ନିଜ ଦୁର୍ବଳତା ହିଁ ନିଜ ଆଶଙ୍କାର କାରଣ ହେଲା ।

ଘିଅ ନିଆଁ ପାଖାପାଖି...

ଅନେକ ଭାବିଚିନ୍ତି ସେ ସ୍ଥିର କଲା- ଏଠି ରହି ଘିଅ ଓ ନିଆଁକୁ ଏତେ ପାଖାପାଖି ରଖି ଚଳିହେବ ନାହିଁ । ନିଜକୁ ନାରୀର ନିକଟ ସାନ୍ନିଧ୍ୟରୁ ଦୂରେଇ ରଖିବାକୁ ହିଁ ହେବ ।

ଗ୍ରୀଷ୍ମଛୁଟି ହେବାମାତ୍ରେ ତା ପରଦିନ ବୀରଭୂମ ଜିଲ୍ଲାର ସିଉଡ଼ି ଚିନପାଇ ଆଶ୍ରମକୁ ଚାଲିଯିବ । ଛୁଟିରୁ ଫେରି ଅନ୍ୟତ୍ର ଘର ନେଇ ରହିବ । ଏ ଘରକୁ ଆଉ ଆସିବ ନାହିଁ ।

ପ୍ରସ୍ତୁତି ପର୍ବଟା ରେଖାର ନଜର ଏଡ଼ାଇପାରିଲା ନାହିଁ । ସେ କିଛିଟା ବିମନା ଓ ନିରାଶ ହେବାର ଲକ୍ଷ୍ୟ କଲା ନଚିକେତା । ସେ ରାତିରେ ସବୁ ବନ୍ଧାବନ୍ଧି କରି ତଳଘରେ ବିଛଣାରେ ଶୋଇପଡ଼ିଲା । ହଠାତ୍ କାହାର ପାଦଶବ୍ଦ ଶୁଣି ନିଦ ଭାଂଗିଗଲା । କାନ ପାଖରେ ରେଖାର କିଛି ଅସ୍ପଷ୍ଟ ଶବ୍ଦ । ଠିକ୍ ସେତିକିବେଳେ କାହାର କାଶିବାର ଏବଂ ସଂଗେ ସଂଗେ ଦୋମହଲାର ଘର ଖିଡ଼ିକି ଖୋଲାର ଶବ୍ଦ ଶୁଣି ରେଖା କୁଦାମାରି ତୀରବେଗରେ ବାଥ୍‌ରୁମରେ ପଶି ପାଣି ଢାଳିବାର ଶବ୍ଦ କଲା । ରେଖାର ମା' 'କେ' କହିବାରେ ରେଖା କହିଲା "ଆମି ବାଥ୍‌ରୁମେ ଏସେଛି ।"

ସେଇ ପ୍ରଭୁ ଧନ୍ୟ

ଗୁରୁ କୃଷ୍ଣଙ୍କର ଦୟାର ସୀମା ନାହିଁ । ନଚିକେତା ପଥଚ୍ୟୁତ ଅବାଟରେ ଗଲା । ସର୍ବନାଶ ହେବାର ଠିକ୍ ପୂର୍ବ ମୁହୂର୍ତ୍ତରେ ତାକୁ ଟାଣିଧରିଲେ । ସାମୟିକ ମାୟାଜାଲରେ ଛନ୍ଦି ହେଉ ହେଉ ରକ୍ଷା କଲେ । ଏବେମଧ ଅଜାତପକ୍ଷ ଶାବକକୁ ମା'ରକ୍ଷା କଲାଭଳି ରକ୍ଷାକରି ଚାଲିଛନ୍ତି । ସେ ଯେ ତା'ର କେତେ ନିକଟରେ ଥାଇ ଅତଳ ଜଳରେ ବୁଡ଼ି ଯାଉ ଯାଉ ଟେକି ନେଇଛନ୍ତି - କରୁଣାବରୁଣାଳୟ ପ୍ରଭୁଙ୍କର ଏଇ ଅପାର କରୁଣା ଉପଲବ୍‌ଧି କରି ନଚିକେତାର ଯୁଗପତ୍ ଆନନ୍ଦ- ବିଷାଦରେ ଅଶ୍ରୁ ଝରିଆସିଲା । ଯେଉଁ ପରିସ୍ଥିତିର ସମ୍ମୁଖୀନ ସେ ହୋଇଥିଲା, ସେ ପରିସ୍ଥିତିରେ ନିଜକୁ ସମ୍ଭାଳିନେବା ତା'

Digitized by srujanika@gmail.com

ପକ୍ଷରେ ଅସମ୍ଭବ । ବିଶ୍ୱାମିତ୍ର ସୌଭରିମାନଙ୍କ ପରି ମହା ମହା ଋଷି-ମୁନିମାନେ ମଧ୍ୟ ସେ ପରିସ୍ଥିତିରେ ପଡ଼ି ବର୍ତ୍ତିପାରି ନ ଥିଲେ । ନଚିକେତା କେଉଁ ଛାର !!!

ଯେଉଁ ପରିସ୍ଥିତିରେ ସେ ପଡ଼ିଥିଲା, ସେ ମୁହୂର୍ତ୍ତରେ ନିଜକୁ ସମ୍ଭାଳି ରଖିବା ଅସମ୍ଭବ ଜାଣି ଶରଣାଗତବତ୍ସଳ ପ୍ରଭୁ ଅଦୃଶ୍ୟ ହସ୍ତ ପ୍ରସାରଣ କରି ତାକୁ ରକ୍ଷା କରିଛନ୍ତି । ଅପ୍ରକଟ ହୋଇ ମଧ୍ୟ ସେ ତାରି ପାଖେ ପାଖେ ଅଛନ୍ତି-

ଦୁର୍ଦ୍ଦୈବେ ସେବକ ଯଦି ଯାଏ ଅନ୍ୟ ସ୍ଥାନେ
ସେଇ ପ୍ରଭୁ ଧନ୍ୟ ତାକେ ଚୁଲେ ଧରି ଆନେ । - ଚୈତନ୍ୟ ଚରିତାମୃତ

ଏକଥା ଜୀବନରେ ଅନୁଭବ କରିବାର ଆଉ ବାକି ରହିଲା କ'ଣ ? ଗୁରୁକୃଷ୍ଣଙ୍କର ଦୟାର ସୀମା ନାହିଁ ।

କୃଷ୍ଣଙ୍କ ଦୟା ବା ସେବକବାତ୍ସଲ୍ୟ କେତେଦୂର ପର୍ଯ୍ୟନ୍ତ ଯାଇପାରେ ତା କଳ୍ପନାତୀତ ।

ବାଧ୍ୟମାନୋଽପି ମଦ୍‌ଭକ୍ତୋ ବିଷୟୈରଜିତେନ୍ଦ୍ରିୟଃ ।
ପ୍ରାୟଃ ପ୍ରଗଲ୍‌ଭୟା ଭକ୍ତ୍ୟା ବିଷୟୈର୍ନାଭିଭୂୟତେ ।।

ମୋର ଭକ୍ତ ଯଦି କୌଣସି ପରିସ୍ଥିତିରେ ଇନ୍ଦ୍ରିୟ ବିଷୟରେ ଅସାବଧାନତାବଶତଃ ଅସୁବିଧାରେ ପଡ଼ିଥାଏ, ତେବେ ଇନ୍ଦ୍ରିୟର ବିଷୟ ତାକୁ ପୂରାପୂରି କାବୁ କରିପାରେ ନାହିଁ ।

"ଧୁନୋତି ସର୍ବଂ ହୃଦି ସନ୍ନିବିଷ୍ଟଃ"

କୃଷ୍ଣ ଯେତେବେଳେ ଦେଖନ୍ତି, ତାଙ୍କ ଶରଣାଗତର ହୃଦୟରେ ମଇଳା - କାମନା ବାସନା ମୋହ ଜମି ଆସୁଛି, ସେ ତା'ର ହୃଦୟରେ ଥାଇ ସବୁ ଧୋଇ ସଫା କରିଦିଅନ୍ତି । ନିଜ ଶରଣାଗତକୁ ପ୍ରାୟଶ୍ଚିତ୍ତ କରିବାକୁ ଦିଅନ୍ତି ନାହିଁ ।

କଲେଜରେ ଛାତ୍ର ଜୀବନ

ନଚିକେତା କଲେଜରେ ଆଇ.ଏ. ପ୍ରଥମବର୍ଷରେ ନାମ ଲେଖାଇଛି ମାତ୍ର ୩୬ ଟଙ୍କା ଦେଇ । ତା' ମଧ୍ୟ ଜଣେ ସନ୍ନ୍ୟାସୀଙ୍କଠାରୁ ଧାର କରି । ପରେ ଟିଉସନ ଟଂକାରୁ ସେ ଧାର ଶୋଧ କଲା । କଲେଜ ଫି' ଛାଡ଼ କରିବା ପାଇଁ ପ୍ରିନ୍‌ସିପାଲଙ୍କୁ ଅଫିସରେ ଦେଖାକଲା । ପ୍ରିନ୍‌ସପାଲ ଭାଇସ୍ ପ୍ରିନ୍‌ସପାଲଙ୍କ ସହିତ କ'ଣ ଆଲୋଚନା କରୁଥିଲେ, ନଚିକେତାକୁ ଚାହିଁ କହିଲେ- ଲେଖିକରି ଭାଇସ୍ ପ୍ରିନ୍‌ସିପାଲଙ୍କୁ ଦିଅ । ନଚିକେତା ଆଗରୁ ଲେଖା ନେଇ ଯାଇଥିଲା । ଭାଇସ୍ ପ୍ରିନ୍‌ସିପାଲ ସେଇ ଲେଖା ଆଦୌ ନ ପଢ଼ି Full free studentship granted ବୋଲି ଲେଖି କହିଲେ- ଅଫିସ୍‌ରେ ଦେଇଦିଅ ।

Digitized by srujanika@gmail.com

ଅଗଷ୍ଟ ମାସରେ ଛାତ୍ର ଇଉନିୟନ୍‌ର ନିର୍ବାଚନରେ ନଚିକେତା ପତ୍ରିକା ସଂପାଦକ ରୂପେ ନିର୍ବାଚିତ ହେଲା । ତା ବିରୋଧରେ ମାତ୍ର ୪ଟା ଭୋଟ ପଡ଼ିଥିଲା । ଦ୍ୱିତୀୟ ବର୍ଷରେ ସେ ବିନା ଭୋଟରେ ପତ୍ରିକାର ସଂପାଦକ ହେଲା । ଆଇ.ଏ. ପ୍ରଥମ ବର୍ଷରେ ହାତଲେଖା ପତ୍ରିକା ୩ ଟି ପ୍ରକାଶିତ ହୋଇଥିଲା । ନଚିକେତାର ବଂଗଳା ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ତାରି ହାତରେ ତିନୋଟିଯାକ ପତ୍ରିକା ଲେଖାହୋଇଥିଲା ।

ସୁବିମଲ ମୁଖାର୍ଜୀ କଲେଜ ଇଉନିଅନ୍‌ର ପ୍ରେସିଡେଣ୍ଟ ଥିଲେ । କଲିକତାରେ ସେତେବେଳେ ଇଉନିୟନର ଜେନେରାଲ ସେକ୍ରେଟାରୀ ମୁଖ୍ୟ । ଅଧ୍ୟାପକମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତିରେ ପ୍ରେସିଡେଣ୍ଟ କେବଳ ଆଳଙ୍କାରିକ ମୁଖ୍ୟ ।

କଲେଜର କିରାଣି ପତ୍ରିକା ଛପାଇବାର ଅଗ୍ରିମ ଟଙ୍କା ନଚିକେତାକୁ ଦେଲେ ନାହିଁ । ଫଳରେ ପୂରା ଇଉନିୟନ ଇସ୍ତଫା ଦେଲେ ।

ପ୍ରଫେସର ମୁଖାର୍ଜୀଙ୍କ ସଭାପତିତ୍ୱରେ ଇଉନିୟନର ସାଧାରଣ ସଭା ବସିଲା । ପ୍ରଫେସର ମୁର୍ଖାଜୀ ସମସ୍ତଙ୍କୁ ବୁଝାବୁଝି କରି ଇସ୍ତଫା ପତ୍ର ପ୍ରତ୍ୟାହାର କରାଇଲେ ଏବଂ ପତ୍ରିକା ସଂପାଦକକୁ (ନଚିକେତାକୁ) ଟଙ୍କା ଦେବା ପାଇଁ କ୍ୟାସିୟରଙ୍କୁ ଆଦେଶ ଦେଲେ ।

ସେଇ ସଭାରେ ମୁଖାର୍ଜୀ ସାର୍ ଇଂରାଜୀ ବାକ୍ୟ ଗୋଟିଏ ଏକାଧିକବାର ଉଚ୍ଚାରଣ କଲେ । ସେଇ ବାକ୍ୟଟି ନଚିକେତାର ହୃଦୟରେ ପଥରଗାର ହୋଇ ରହିଲା ଏବଂ ସେଇ ବାକ୍ୟଟି ପାଇଁ ସେ ଜୀବନରେ କେତେ ଯେ ପ୍ରତାରିତ ହୋଇଛି, ଶୋଷିତ ହୋଇଛି, କେତେ ଯେ କ୍ଷତି ସହିଛି; ଉପକାର ଓ ସାହାଯ୍ୟର ପ୍ରତିଦାନରେ କେତେ ଯେ ଉତ୍‌ପୀଡ଼ନ ସହିଛି, ତାର ହିସାବ ନାହିଁ ।

କେତେବାର ପ୍ରତିଜ୍ଞା କରିଛି - ଆଉ କୌଣସି ନୂଆ ଲୋକକୁ ଭଲ ବୋଲି ଧରିନେଇ ସମ୍ପର୍କ ଯୋଡ଼ିବ ନାହିଁ । କିନ୍ତୁ-

ସ୍ୱଭାବୋ ନୈବ ମୁଚ୍ୟତେ ।

ପ୍ରଫେସର ମୁଖାର୍ଜୀଙ୍କର ବାକ୍ୟଟି ଏମିତି- "It is better to be cheated by believing others than to commit a sin against God by disbelieving others".

ଅର୍ଥାତ୍ ଅନ୍ୟକୁ ବିଶ୍ୱାସ କରି ପ୍ରତାରିତ ହେବା ବରଂ ଭଲ, କିନ୍ତୁ ଅନ୍ୟକୁ ଅବିଶ୍ୱାସ କରି ଭଗବାନ୍‌ଙ୍କ ନିକଟରେ ଅପରାଧୀ ହେବା ଉଚିତ ନୁହେଁ ।

ନଚିକେତାର ଗୃହସ୍ଥ ଜୀବନରେ ସବୁଠାରୁ ତୀବ୍ର ତିକ୍ତ ଅନୁଭୂତିର ବିଷୟଟି ଯଦି କିଛି ଥାଏ, ତେବେ ତାହା- ଥରକୁ ଥର ପ୍ରତାରିତ ହେବା । ପ୍ରତି କର୍ମକ୍ଷେତ୍ରରେ କିଛି ବନ୍ଧୁ, ଛାତ୍ର, ସ୍ତୁତିକାରୀ ଜୁଟନ୍ତି, ତା ମଧ୍ୟରେ ଜଣେ ଦିଜଣ ଅତି ସୁଚତୁର, ବୁଦ୍ଧିମାନ୍,

Digitized by srujanika@gmail.com

ଧୂର୍ତ୍ତ ବ୍ୟକ୍ତି ଥାଆନ୍ତି । ନଚିକେତାକୁ ଦେଖିବା ମାତ୍ରେ ଆଭୂମି ପ୍ରଣାମ, ପଦଧୂଳି ଗ୍ରହଣ, ପରମାର୍ଥ ବା ସାହିତ୍ୟରେ ବିଶେଷ ଅନୁରାଗ ଦେଖାନ୍ତି; ଆନ୍ତରିକ ଆଗ୍ରହ ଓ ନିଷ୍ଠା ଦେଖାଇ ବେଶ୍ କିଛି ସମୟ ସାମର୍ଥ୍ୟ, ଅର୍ଥ ଶୋଷି ନିଅନ୍ତି । କେବଳ ସେତିକିରେ ଛାଡ଼ନ୍ତି ନାହିଁ, କାମ ହାସଲ କରିସାରିବା ପରେ ତାରି ସାହାଯ୍ୟରେ ତା'ଠାରୁ ବହୁ ଗୁଣରେ ଧନଧାନ୍ୟ,ପ୍ରତିପତ୍ତି, ପଦବୀର ଅଧିକାରୀ ହୋଇସାରିଲା ପରେ ସେମାନଙ୍କର ପ୍ରଥମ କାମ ହୁଏ, ନଚିକେତାକୁ ନିଶ୍ଚିହ୍ନ କରିଦେବା ।

ଏ ପ୍ରକାର ଦୁରାଗ୍ରହ ସେମାନଙ୍କୁ ଘାରିବସେ- ମୂଷିକରୁ ବ୍ୟାଘ୍ର ହୋଇଥିବା ପ୍ରାଣୀ ପ୍ରଥମେ ମୁନିକୁ ଧ୍ୱଂସ କରିବାକୁ ଚାହିଁବା ପରି । ତାର କାରଣ, ସେ ଯେ ଦିନେ ଅତି ହୀନ, ଦୁଃସ୍ଥ, ଦରିଦ୍ର ଥିଲେ- ତାର ସାକ୍ଷୀ ଏକମାତ୍ର ନଚିକେତା । ସେମାନଙ୍କର କପଟ-କୋମଳତାର ଅନ୍ତରାଳରେ ଏଇ ହିଂସ୍ର ପ୍ରଚେଷ୍ଟା ଦ୍ୱାରା ତାର ଏପରି ଅବସ୍ଥା ଆସେ- ଏଇ ବୋଧହୁଏ ଶେଷ ହୋଇଗଲା । କିନ୍ତୁ ଶେଷରେ କେଜାଣି କୌଣସି ଅଦୃଶ୍ୟ ଶକ୍ତି ଶୂନ୍ୟରୁ ହାତ ବଢ଼ାଇ ବୁଡ଼ିଯିବା ଅବସ୍ଥାରୁ ତାକୁ ଉଠାଇ ନିଏ ।

ଏହି ଅଭିଜ୍ଞତା ପୁନଃ ପୁନଃ ହେବା ଦ୍ୱାରା ସେ ମଧ୍ୟ ଅତ୍ୟନ୍ତ ବେପରୁଆ ବେଧଡ଼କ ହୋଇଗଲା । କ୍ଷତି କରିବେ ତ ? - କେତେ ଆଉ !! କିଛି ଧନ, କିଛି ସୁନାମ, କିଛି ସାମର୍ଥ୍ୟ - ଏଇତ !!! କିନ୍ତୁ ତାର ଆତ୍ମାକୁ ସ୍ପର୍ଶ କରିବାର ଅଧିକାର ସେମାନଙ୍କର ନାହିଁ, ସେଠାରେ ପ୍ରବେଶ ମଧ୍ୟ ନାହିଁ । ବିସ୍ମୟର ବିଷୟ, ତାର ସର୍ବନାଶ ଚେଷ୍ଟାକାରୀ ବ୍ୟକ୍ତିମାନେ ହିଁ ପୁନଶ୍ଚ ସେମାନଙ୍କର ନିଜର ପ୍ରୟୋଜନ ବେଳେ ତାରି ସାହାଯ୍ୟ ନିଅନ୍ତି । ସେ ମଧ୍ୟ ଅକପଟ ଚିତ୍ତରେ ସେମାନଙ୍କୁ ସାହାଯ୍ୟ କରେ । ତାର ଜନ୍ମଦାତା ଓ ଦୀକ୍ଷାଦାତାଙ୍କ ବିଚାର ଧାରାରେ ଏହାହିଁ ସେମାନଙ୍କ ପ୍ରତି ଶାସ୍ତି ।

ପରବର୍ତ୍ତୀ ଜୀବନରେ ନଚିକେତା ରେଭେନ୍‌ସା କଲେଜରେ ଅଧ୍ୟାପକ ଥିଲାବେଳେ ଜଣେ ଅଧ୍ୟାପକ ଅନ୍ୟ ଏକ କଲେଜରୁ ବଦଳି ହୋଇ ଆସିଲେ । ପାରିବାରିକ ଅବସ୍ଥା ଏପରି, ଯେ କେହି ତାଙ୍କ ପ୍ରତି ସଦୟ ହେବାକୁ ପଛାଇବ ନାହିଁ । ବୋଧହୁଏ ଅନ୍ୟଠାରୁ ନଚିକେତା ବିଷୟରେ ଶୁଣି ଦୈନିକ ସକାଳ ହେବାମାତ୍ରେ ତା ଘରେ ହାଜର । ଏଠାରେ ଅଜଣା ଅଶୁଣା ଲୋକ ସିଏ । ଦୁଇ ଚାରିମାସ ମଧ୍ୟରେ ନଚିକେତା ସହିତ ସର୍ବତ୍ର ଯାଇ ଖୁବ୍ ପରିଚିତ ହୋଇଗଲେ । ତା ପାଖରୁ ଶ୍ରୀଚୈତନ୍ୟ ଚରିତାମୃତ ଶୁଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କଲେ । ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଯାଇ ନଚିକେତା ତାଙ୍କ ବଦଳି ଆଦେଶ ରଦ୍ଦ କରାଗଲା ।

ତା'ପରେ ହିଁ ଆରମ୍ଭ ହୋଇଗଲା ନଚିକେତାର ସର୍ବନାଶ କରିବାର ବହୁବିଧ ଜାଲ । ବାହାରେ କିନ୍ତୁ ସେ ତାର ଅତି ଅନୁଗତ, ତା ପିଲାମାନଂକର ହିତୈଷୀ କକା,

Digitized by srujanika@gmail.com

ଯେତେବେଳେ ଚାରିଆଡୁ ବିପଦ ଜାଲ ତାକୁ ଘେରିଗଲା । ସର୍ବଶେଷରେ ଜଣାଗଲା ସବୁରି ମୂଳରେ ଉକ୍ତ ଅଧ୍ୟାପକବଂଧୁ ।

ସେକ୍‌ସପିଅର ଇୟାଗୋ ଚରିତ୍ର ଓ ଫକୀର ମୋହନ ମଂଗରାଜ ଚରିତ୍ର ସୃଷ୍ଟି କରି ହୁଏତ ବଢ଼ିଆ ଖଳନାୟକ ଚରିତ୍ର ସୃଷ୍ଟି ପାଇଁ ତୃପ୍ତି ଅନୁଭବ କରିଥିବେ । କିନ୍ତୁ ଏ ବ୍ୟକ୍ତିର ଖଳ ପ୍ରକୃତି ଦେଖିଲେ ସେମାନେ ମଧ ଲଜ୍ଜିତ ହେବେ ।

ଏ କ୍ଷେତ୍ରରେ ବି କୌଣସି ଅଦୃଶ୍ୟ ହସ୍ତର କୃପାରେ ସବୁ ବିପଦ କ୍ଷଣକେ ମିଳାଇଗଲା । ନଚିକେତା ନିଜକୁ ସମୀକ୍ଷା କରି ଦେଖିଲା ଯେ, ଏ ଯୁଗରେ "He is the wisest fool" ବଣର ହିଂସ୍ରଜନ୍ତୁମାନଙ୍କୁ ବିଶ୍ୱାସ କରି ହେବ, କାରଣ ସେମାନଙ୍କର ଅନ୍ତରଭାବ ଚକ୍ଷୁ- ମୁଖରେ ପ୍ରକାଶ ପାଏ । କିନ୍ତୁ ମନୁଷ୍ୟର ଅନ୍ତରର ଭାବ ଗୋପନ କଲେ ନଚିକେତା ପରି ବୋକା ଜାଣିବା ଅସମ୍ଭବ । 'ଏଣୁ ଯେତେ ପାରେ, ମନୁଷ୍ୟ ସଂସର୍ଗ ଏଡ଼ାଇ ଚାଲିବି', ଏ ପ୍ରତିଜ୍ଞା କେବଳ ପ୍ରସୂତି ବୈରାଗ୍ୟ ପରି ହେଲା, କାରଣ ତାହା ତା' ଜୀବନରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସମ୍ଭବ ହୋଇପାରିଲା ନାହିଁ । ସଭାସମିତିକୁ ଯିବା ଛାଡ଼ି ଦେଲା; ଲୋକସମ୍ପର୍କ କମାଇବା ପାଇଁ ସମୟ ବିଶେଷରେ ଅଭଦ୍ରତା, ନିର୍ମମତା, ଅଶିଷ୍ଟାଚାର ପ୍ରଦର୍ଶନ କରିବାକୁ ଲାଗିଲା । ତଥାପି ଏକାବେଳେ ନିଃସଙ୍ଗ ହୋଇପାରିଲା ନାହିଁ ।

ଆଇ.ଏ. ପଢ଼ିଲାବେଳେ କଲେଜ ପତ୍ରିକାରେ 'ବୈଷ୍ଣବ ସାହିତ୍ୟରେ ନାୟକ ନାୟିକା' ଶୀର୍ଷକ ପ୍ରବନ୍ଧରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ କଟାକ୍ଷ କରି ଆକ୍ଷେପ କରିଥିଲା ନଚିକେତା । ସମ୍ପାଦକୀୟରେ ଆଧୁନିକ ବଂଗଳା ସାହିତ୍ୟକୁ Virgini Wolf ଙ୍କ ଭାଷାରେ ଖୁବ୍ ଜୋର ଭବିଷ୍ୟତର note book ବୋଲି ନ୍ୟୂନ କରି ଲେଖିଥିଲା । କେବଳ ମାତ୍ର ଗୋଟିଏ Casting Vote ରେ ହିନ୍ଦୀକୁ ରାଷ୍ଟ୍ରଭାଷା କରାଇ ନେବାରେ ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ପ୍ରତି ଯଥେଷ୍ଟ କଟୁଭାଷା ପ୍ରୟୋଗ କରିଥିଲା । ପ୍ରୁଫଗୁଡ଼ିକ ପଢ଼ି ବଂଗଳା ସାହିତ୍ୟର ମୁଖ୍ୟ ପ୍ରଫେସର ଶ୍ୟାମସୁନ୍ଦର ବାନାର୍ଜୀ ଏଗୁଡ଼ିକ ଛପାଇବାକୁ ଆପତ୍ତି କଲେ । ନଚିକେତା ତା' ଜିଦ୍‌ରେ ଅଟଳ ରହିଲା, "ପତ୍ରିକା ଛାତ୍ରମାନଙ୍କର, ତେଣୁ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଆମର ଅଛି ।" ଏକଥା ରୋକ୍‌ଠୋକ୍ ଶୁଣାଇଦେଲା ।

ଶେଷ ପର୍ଯ୍ୟନ୍ତ ଠିକ୍ ହେଲା ଇଂରାଜୀ ପ୍ରଫେସର ଶ୍ରୀଶଚନ୍ଦ୍ର ଦାସଙ୍କୁ ପ୍ରୁଫ ଦେଖାଇବା । ସେ ଯଦି ଅନୁମତି ଦିଅନ୍ତି ତେବେ ଛପା ହେବ । ଶ୍ରୀଶ ଦାସ ଇଂରାଜୀ ପ୍ରଫେସର ହେଲେ ମଧ ମୋହିତଲାଲ ମଜୁମଦାରଙ୍କ ଛାତ୍ର ଏବଂ ବଂଗଳା ସାହିତ୍ୟରେ ତାଙ୍କ ଲେଖା ବହି ଏମ୍.ଏ. କ୍ଲାସର ପାଠ୍ୟ, ସେତେବେଳେ ଓଡ଼ିଆ ଏମ୍.ଏ., ଅନର୍ସ ଛାତ୍ରମାନେ ମଧ ତାଙ୍କ ବହି 'ସାହିତ୍ୟ ସନ୍ଦର୍ଶନ' ପଢୁଥିଲେ ।

Digitized by srujanika@gmail.com

ତୋମାର ଏତବଡ଼ ସାହସ୍ !!

ଷ୍ଟାଫ୍ କମନରୁମରେ ପ୍ରଫେସର ଦାସ ଏକାକୀ ବସିଥିଲେ । ପ୍ରୁଫଗୁଡ଼ିକ ନେଇ ନଚିକେତା ତାଙ୍କୁ ଦେଖାଇ ନିଜର ଅଭିମତ ମଧ୍ୟ ଜଣାଇଲା । ଆପତ୍ତିଜନକ ଅନୁଚ୍ଛେଦଗୁଡ଼ିକ ପଢ଼ିସାରି ଅତ୍ୟନ୍ତ ବିସ୍ମୟରେ ତାକୁ ଚାହିଁ ପ୍ରଫେସର ଦାସ କହିଲେ-

"ତୋମାର ଏତ ବଡ଼ ସାହସ !! ତୁମି ରବୀନ୍ଦ୍ରନାଥକେ ପ୍ରାକୃତକବି, ବାଂଲା ସାହିତ୍ୟକେ ଭବିଷ୍ୟତେର ନୋଟବୁକ୍ ବଲେ ଗାଲା ଗାଲି ଦିଯେଛ ? ଠିକ୍ ବଲେଛ । ଏସବ୍ କିଛୁ କାଟା ହବେ ନା, କେବଲ ପ୍ରଧାନମନ୍ତ୍ରୀର ପ୍ରତି ଏତ କଡ଼ା କଥା ନା ବଲେ ଏକଟୁ ନରମ ସୁରେ କିଛୁ ଲିଖ । ଜାନତ, ଏଟା ଜୟପୁରିଆ ପରିବାରେର କଲେଜ, ତାରା କ୍ଷୁଣ୍ଣ ହବେ ।"

ଖୁବ୍ ସ୍ନେହରେ ନଚିକେତାର ମୁଣ୍ଡରେ ହାତ ରଖି ଆଧୁନିକ ବଂଗଳା ସାହିତ୍ୟକୁ ଭବିଷ୍ୟତର ନୋଟବୁକ୍ ବୋଲି ଲେଖିଥିବାରୁ ଖୁବ୍ ପ୍ରଶଂସା କଲେ । ସେ ଯେ ଏଥିରେ ସମ୍ପୂର୍ଣ୍ଣ ଏକମତ, ତାହା ସ୍ପଷ୍ଟ ଭାଷାରେ ପ୍ରକାଶ କରି କହିଲେ, "କାଲ ଆମାର ବାଡ଼ୀ ଏସ । ତୋମାକେ ଆମି ବାଂଲା ସାହିତ୍ୟ ଶେଖାବ ।"

ତା' ପରଦିନ ନଚିକେତା ତାଂକର ଛକୁ ଖାନସାମା ଲେନ୍-ସ୍ଥିତ ଘରକୁ ଗଲା । ଭିତରକୁ ଡାକିନେଇ ଗାଲିଚା ଉପରେ ବସାଇ ନିଜେ ଯାଇ ଗୋଟିଏ ପ୍ଲେଟ୍‌ରେ ଅନେକ ମିଠା, ଗୋଟିଏ ଗ୍ଲାସ୍‌ରେ ପାଣି ନିଜେ ଆଣି ତା ସାମନାରେ ରଖି ବସିଲେ । ଅତ୍ୟନ୍ତ ସଂକୋଚରେ ନଚିକେତା ଖାଇଲା ପରେ ସେ ନିଜେ ପ୍ଲେଟ ଓ ଗ୍ଲାସ ଉଠାଇ ନେଇ ଅନ୍ୟତ୍ର ରଖି ତା ପାଖରେ ବସି କଥାବାର୍ତ୍ତା ଆରମ୍ଭ କଲେ । ଏତେ ବଡ଼ ଖ୍ୟାତନାମା ଶିକ୍ଷକ, ସାହିତ୍ୟ ସମାଲୋଚକ, ପୂଜ୍ୟ ବ୍ୟକ୍ତି; ଆଉ ନଚିକେତା ଜଣେ ଓଡ଼ିଆ, ବୟସରେ ତାଙ୍କର ଛାତ୍ର କେବଳ । ତାଙ୍କ ବ୍ୟବହାର ନଚିକେତାର ଚିନ୍ତାର ଅତୀତ!!! ଏମିତି ଶିକ୍ଷକ ବି ଥାଆନ୍ତି !!!

ନଚିକେତା ପ୍ରାୟ ପ୍ରତିଦିନ ତାଙ୍କ ଘରକୁ ଯାଏ । ତାଙ୍କ ମା, ସ୍ତ୍ରୀ, ଭାଇ, ପୁତ୍ର କନ୍ୟା- ସମସ୍ତଙ୍କର ଅକୁଣ୍ଠ ଅନାବିଳ ସ୍ନେହ ତା' ଉପରେ ଅଯାଚିତ ଭାବରେ ଅଜାଡ଼ି ହୋଇ ପଡ଼ିଲା । ତାଂକଠାରୁ ବାଂଲା ସାହିତ୍ୟ ଶିକ୍ଷା ତ ଚାଲିଲା, କଲେଜର ବହିପତ୍ର ସବୁ ମିଳିଲା । ତାର ଖର୍ଚ୍ଚ ତୁଲାଇବା ପାଇଁ ଟିଉସନ ଯୋଗାଡ଼ କରିଦେଲେ- ଜଣେ ବି.ଏ. ପଢୁଥିବା ଛାତ୍ରୀକୁ ବାଂଲା ସାହିତ୍ୟ ପଢ଼ାଇବା ପାଇଁ ଠିକ୍ କରିଦେଲେ ଏବଂ ସେ ଯେ ଆଇ.ଏ. କ୍ଲାସ୍‌ର ଛାତ୍ର, ଏକଥା ସେଠାରେ ପ୍ରକାଶ ନ କରିବା ପାଇଁ କହିଲେ । ସମ୍ପର୍କ ଏତେ ଘନିଷ୍ଠ ହୋଇଯାଇଥିଲା ଯେ ବି.ଏ. ପାସ୍ ପରେ ନଚିକେତା ବିବାହ କରି

Digitized by srujanika@gmail.com

ସସ୍ତ୍ରୀକ ତାଙ୍କ ଘରକୁ ଗଲା । ତାଙ୍କଂ ମା' ପନ୍ଦର ଦିନ ତାଙ୍କ ଘରେ ଦୁଇ ଜଣଙ୍କୁ ରହିବାକୁ କହିଲେ । ସ୍ତ୍ରୀଙ୍କୁ ପୂର୍ବବଂଗୀୟ ବିଭିନ୍ନ ପ୍ରକାର ରନ୍ଧା ଶିଖାଇଲେ । ଯଥେଷ୍ଟ ଲୁଗାପଟା ମଧ୍ୟ ଦୁଇଜଣଙ୍କ ପାଇଁ କରାଗଲା । ସେ ନଚିକେତାର ପ୍ରଥମ କନ୍ୟା ଗାୟତ୍ରୀର ସାତମାସରେ ଅନ୍ନପ୍ରାଶନ୍ନ କରାଇଲେ । ସତେ ଯେପରି ଏମାନେ ସ୍ୱପରିବାରର ପୁଅ, ବୋହୂ ଓ ନାତୁଣୀ ।

ପ୍ରଫେସର ଶ୍ରୀଶଦାସଙ୍କ ଜନ୍ମସ୍ଥାନ ଢାକା ସହର ନିକଟସ୍ଥ ବାରଦୀ ନାମକ ଗ୍ରାମ । ପାରିବାରିକ ଆଳାପ ଢାକାଇ ବାଂଗାଲ ଭାଷା, ଅନେକ ସମୟରେ ବୁଝିବାକୁ କଷ୍ଟ ହୁଏ । ପ୍ରଫେସର ଦାସ ଅନ୍ୟ ସହିତ କଥାବାର୍ତ୍ତାବେଳେ ଶୁଦ୍ଧ ବଂଗଳା ଭାଷା କହନ୍ତି । ଛାତ୍ର ଜୀବନରେ ସେ ମୋହିତଲାଲ ମଜୁମଦାରଙ୍କ ଅତି ପ୍ରିୟ ଛାତ୍ର ଥିଲେ । ମୋହିତଲାଲ ହୁଗୁଳି ଜିଲ୍ଲାର ଲୋକ, ଢାକା ବିଶ୍ୱବିଦ୍ୟାଳୟର ବାଂଲା ପ୍ରଫେସର । ସମସ୍ତ ଛାତ୍ର ତାଙ୍କର ବାଙ୍ଗାଲ । ଦିନ ରାତି ବାଙ୍ଗାଲମାନଙ୍କର ଭାଷାଜ୍ଞାନ ନାହିଁ ବୋଲି ଗାଳି ଦେଉଥିବେ । ନିଜ ପିଲାମାନଙ୍କୁ ମଧ୍ୟ ଢାକାରେ ସ୍କୁଲ କଲେଜରେ ପଢ଼ାଇଲେ ନାହିଁ । କାଳେ ଖରାପ ବାଂଗାଲ ଭାଷା ଶିଖିଯିବେ । ଅଥଚ ସେଇ ବାଂଗାଲ ଛାତ୍ରମାନଙ୍କର ସେ ଅତି ପ୍ରିୟ, ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିଥିଲେ । ତାଙ୍କ ଗାଳିକୁ ଛାତ୍ରମାନେ ବେଶ୍ ଉପଭୋଗ କରୁଥିଲେ । ମୋହିତଲାଲ ମଜୁମଦାର ରବୀନ୍ଦ୍ରନାଥଙ୍କର ସମସାମୟିକ, ତାଙ୍କ ପରେ ବଂଗଳା ସାହିତ୍ୟର ଶ୍ରେଷ୍ଠ କବି ଏବଂ ସାହିତ୍ୟ ସମାଲୋଚକ ହିସାବରେ ସେ କାଳରେ ଭାରତର ଅଦ୍ୱିତୀୟ ରଥୀ ମୋହିତଲାଲ ।

ପ୍ରଫେସର ଦାସ ମୋହିତଲାଲଙ୍କ ମୃତ୍ୟୁର ଏକବର୍ଷ ପୂର୍ବରୁ ଥରେ ମାତ୍ର ନଚିକେତାକୁ ତାଂକ ପାଖକୁ ନେଇ ପରିଚିତ କରାଇ ଦେଇଥିଲେ । ମୋହିତଲାଲଙ୍କର ପ୍ରାୟ ସମସ୍ତ ପୁସ୍ତକ ତାକୁ ପଢ଼ିବା ପାଇଁ ଦେଇଥିଲେ । ଦୁଇଜଣଙ୍କର ସାହିତ୍ୟଶୈଳୀରେ ଅନୁପ୍ରାଣିତ ହୋଇ ନଚିକେତାର ବଂଗଳା ସାହିତ୍ୟ ଚର୍ଚ୍ଚା ଏକ ଭିନ୍ନ ମୋଡ଼ ନେଇଥିଲା ।

ମହାନ୍ ମହତ୍ୟେବ କରୋତି ବିକ୍ରମମ୍

ମୋହିତଲାଲଙ୍କର ମୃତ୍ୟୁ ପରେ ସ୍ମୃତି ଉପଲକ୍ଷେ ସ୍ୱଲିଖିତ ଗୋଟିଏ ପ୍ରବନ୍ଧର ଅଂଶଟି ତାର ବେଶ୍ ମନେଥିଲା, "ବିଶ୍ୱକବି ରବୀନ୍ଦ୍ରନାଥଙ୍କର ସବୁଠାରୁ କଟୁ ସମାଲୋଚକ ଯଦି କେହି ଥାଆନ୍ତି, ସେ ହେଉଛନ୍ତି ମୋହିତଲାଲ । ରବୀନ୍ଦ୍ର ସାହିତ୍ୟର ସବୁଠାରୁ ରସବେତ୍ତା ଯଦି କେହି ଥାଆନ୍ତି, ସେ ହେଉଛନ୍ତି ମୋହିତଲାଲ । ବିଶ୍ୱକବିଙ୍କର ସବୁଠାରୁ ରସଗ୍ରାହୀ ଅନୁରକ୍ତ ଯଦି କେହି ଥାଆନ୍ତି ସେ ହେଉଛନ୍ତି ମୋହିତଲାଲ । ରବୀନ୍ଦ୍ରୋତ୍ତର ଯୁଗର ଶ୍ରେଷ୍ଠ କବି ଏବଂ ଭାରତୀୟ ସାହିତ୍ୟର ଅଦ୍ୱିତୀୟ ସମାଲୋଚକ ମୋହିତଲାଲ ହିଁ

Digitized by srujanika@gmail.com

ରବୀନ୍ଦ୍ରନାଥଙ୍କୁ କଟୁ ସମାଲୋଚନା କରିବାର ଅଧିକାରୀ, କାରଣ, "ମହାନ୍ ମହତ୍ୟେବ କରୋତି ବିକ୍ରମମ୍ ।" ସିଂହ ହିଁ ସିଂହ ପ୍ରତି ବିକ୍ରମ ପ୍ରକାଶ କରିପାରେ । ଏଥିରେ କାହାରି ମର୍ଯ୍ୟାଦା ଲାଘବ ହୁଏନା, ଅନ୍ୟ ଯେଉଁମାନେ ରବୀନ୍ଦ୍ରନାଥଙ୍କର ଅନୁକରଣ କରି ତାଙ୍କରି ଉଚ୍ଛିଷ୍ଟ-ପୁଷ୍ଟ ହୋଇ ଟିକିଏ ପ୍ରତିଷ୍ଠା ପାଇଲା ପରେ ତାଙ୍କ ଋଣ ଗୋପନ କରିବା ପାଇଁ ତାଂକର ନିନ୍ଦା କରନ୍ତି, ସେମାନେ ଖୁବ୍ ଜୋର ଜୁଳୁଜୁଳିଆପୋକ, ଏମାନେ ରବିରଶ୍ମିର ଉଦ୍‌ଭାସ୍ୱର ଜ୍ୟୋତିରେ ଏକାନ୍ତ ନିଷ୍ପ୍ରଭ ।"

ନଚିକେତା ଯେତେବେଳେ ୭ମ ଶ୍ରେଣୀରେ ପଢୁଥିଲା, ସେତେବେଳେ ଥରେ ଇନ୍‌ସପେକ୍ଟର ଭକ୍ତକବି ମଧୁସୂଦନ ରାଓଙ୍କ ପୁତ୍ର ସୁକାନ୍ତ ରାଓଙ୍କ ପରିଦର୍ଶନ ଉପଲକ୍ଷେ ସ୍କୁଲରେ ଦୁଇତିନୋଟି ମନୋରଂଜନ କାର୍ଯ୍ୟକ୍ରମ ହୋଇଥିଲା । ସେଥିରେ ଗୋଟିଏ ଏକାଙ୍କିକାରେ ନଚିକେତା ଜଣେ ଦରିଦ୍ର ଚାଷୀର ଅଭିନୟ କରି ଅନେକ ପୁରସ୍କାର ଓ ପ୍ରଶଂସାପତ୍ର ପାଇଥିଲା । ଗୋଟିଏ ଦୃଶ୍ୟରେ ଜଣେ ବାଳକର ଗୋଟିଏ ଗାନର ପଦଟିଏ ତାର ମନେ ରହିଗଲା ।

"କହିଥିଲେ ବ୍ୟାସଦେବ ଦିନେ ଏଇ ଓରେକ୍‌ଲ
କଲେଜ ଲାଇଫ୍ ମ୍ୟାରେଜ ପାଇଁ ଟାଇମ୍ ବଡ଼ ସୁଟେବ୍‌ଲ ।"

କିନ୍ତୁ ନଚିକେତାର କଲେଜ ଲାଇଫ ବେଳକୁ ବୟସ ଛବିଶ, ମ୍ୟାରେଜ ସ୍ୱପ୍ନଠାରୁ 'ଅନ୍ନଚିନ୍ତା ଚମତ୍କାର'ର ଦଂଶନ ଅତି ତୀବ୍ର ଥିଲା । ତେଣୁ ଏକାସାଂଗରେ ସକାଳେ ଟିଉସନ, ଦିନରେ ସ୍କୁଲ ଶିକ୍ଷକ ଓ କଲେଜ ଛାତ୍ର, ସନ୍ଧ୍ୟାରେ ଟୋଲର ପଣ୍ଡିତ ଏବଂ ଛାତ୍ର - ଏତେଗୁଡ଼ିଏ କର୍ମସୂଚୀ ସହିତ କଲେଜ ଲାଇଫର ଯେଉଁ ବେଧଡ଼କ ଲଗାମଛଡ଼ା ମତୁଆଲା ଭାବ, ତାହା ତାର ଚିନ୍ତାର ବାହାରେ । ସୁତରାଂ ରେଖାର ସମସ୍ତ ଆବେଦନର ଢେଉ ପୁରୀ ସମୁଦ୍ର ବେଳାରେ କଚାଡ଼ି ହୋଇ ମିଳାଇ ଯାଉଥିବା ଢେଉମାନଂକ ପରି ଅକାରଣ ହୋଇଯାଉଥିଲା ।

ନଚିକେତା ଗ୍ରୀଷ୍ମଛୁଟିରେ ଯାଇ ଝାଡ଼ଗ୍ରାମରେ ନିଜର ଶିକ୍ଷାଗୁରୁ ଭାଗବତ ମହାରାଜଙ୍କ ଆଶ୍ରମରେ କଟାଇଲା । ତାଂକୁ ରାଜା ଦୀନେନ୍ଦ୍ର ଷ୍ଟ୍ରୀଟର ରେଖାର କଥା କିଛି କହିଲା ନାହିଁ । ପରେ ସେ ମଧ୍ୟ କୋଲକାତାରେ ରେଖାର ଘରେ ଅନ୍ୟ ବ୍ରହ୍ମଚାରୀମାନଂକ ସହିତ କିଛି ଦିନ ଥିଲେ । କିନ୍ତୁ ନଚିକେତାର ସମ୍ପର୍କର ଗନ୍ଧ କେହି ପାଇ ନ ଥିଲେ । ଏହା ତା' ପକ୍ଷରେ ଏକପ୍ରକାର ଆଶ୍ୱସ୍ତିକର ହୋଇଥିଲା ।

Digitized by srujanika@gmail.com

ସାତନମ୍ବର ସୀତାକାନ୍ତ ବ୍ୟାନାର୍ଜୀଲେନ; ଅଭୟଦା- (ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ)

ନଚିକେତା ଝାଡ଼ଗ୍ରାମରୁ ଫେରି ଏଠିସେଠି ରାତିଏ ଦୁଇରାତି କଟାଇଲା । ତା'ର ଶିକ୍ଷାଗୁରୁ ଶ୍ରୀ ଭକ୍ତିରକ୍ଷକ ଶ୍ରୀଧର ଦେବ ଗୋସ୍ୱାମୀ ମହାରାଜ ନବଦ୍ୱୀପ କୋଲେରଗଂଜର ଶ୍ରୀଚୈତନ୍ୟ ସାରସ୍ୱତ ମଠ ନାମରେ ଛୋଟିଆ ଆଶ୍ରମଟିଏ କରି ଭଜନ ସାଧନ କରୁଥିଲେ । କୋଲକାତା ବାଗ୍‌ବଜାର ୭ନମ୍ବର ସୀତାକାନ୍ତ ବ୍ୟାନାର୍ଜୀ ଲେନର ଅଧିବାସୀ ଶ୍ରୀ ଅଭୟ ଚରଣ ଦେ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଂକ ଶିଷ୍ୟ; ଗୃହସ୍ଥ ! କୋଲକାତା ଓ ଏଲାହାବାଦରେ ଔଷଧର ବ୍ୟବସାୟ । ଏହି ଅଭୟଦା ହିଁ ପରବର୍ତ୍ତୀ କାଳରେ ସନ୍ନ୍ୟାସ ଗ୍ରହଣ ପରେ ଏ.ସି. ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ନାମରେ ବିଶ୍ୱବ୍ୟାପୀ ଇସ୍‌କନ୍‌ର ପ୍ରତିଷ୍ଠାତା ।

ତାଙ୍କରି ୭ନମ୍ବର ସୀତାକାନ୍ତ ବ୍ୟାନାର୍ଜୀଲେନର ଭଡ଼ାଘର ଦୋମହଲାର ଚାରୋଟି କୋଠରିକୁ ଶ୍ରୀଳ ଶ୍ରୀଧର ମହାରାଜଙ୍କୁ କୋଲକାତାର ଶାଖା ମଠ ହିସାବରେ ବ୍ୟବହାର କରିବାକୁ ଦେଇଥାଆନ୍ତି । ଶ୍ରୀଳ ଶ୍ରୀଧର ମହାରାଜ ତାଂକର ଚାରିପାଂଚଜଣ ବ୍ରହ୍ମଚାରୀ ଛାତ୍ରଙ୍କୁ ରଖାଇ ସେଠାରେ ଗୋଟିଏ ସଂସ୍କୃତ ଚତୁଷ୍ପାଠୀ ସ୍ଥାପନ କଲେ ଏବଂ ବ୍ରହ୍ମଚାରୀମାନଙ୍କୁ ହରିନାମାମୃତ ବ୍ୟାକରଣ, କାବ୍ୟ, ଛନ୍ଦ, ଅଳଂକାର ପ୍ରଭୃତି ପଢ଼ାଇବା ପାଇଁ ନଚିକେତାକୁ କହିଲେ । ସେଠାରେ ଶିକ୍ଷକ ଥାଇ ସେ ଅନ୍ୟ ବିଭିନ୍ନ ଚତୁଷ୍ପାଠୀରେ ଛାତ୍ରରୂପେ ନ୍ୟାୟ, ଦର୍ଶନ ପ୍ରଭୃତି ଅଧ୍ୟୟନ କରୁଥାଏ ।

ସୀତାକାନ୍ତ ବ୍ୟାନାର୍ଜୀଲେନର ଶ୍ରୀଚୈତନ୍ୟ ସାରସ୍ୱତ ମଠର ଶାଖା ଚତୁଷ୍ପାଠୀରେ ଛାତ୍ରମାନଂକ ମଧ୍ୟରେ ଶ୍ରୀ ଗୌରେନ୍ଦୁ ବ୍ରହ୍ମଚାରୀ, ଶ୍ରୀ ହରିଚରଣ ବ୍ରହ୍ମଚାରୀ ପ୍ରଭୃତି ପାଂଚଛଅ ଜଣ ବ୍ରହ୍ମଚାରୀ ଥିଲେ । ସେମାନଙ୍କ ମଧ୍ୟରେ ଶ୍ରୀ ଗୌରେନ୍ଦୁ ଏକ ବିସ୍ମୟଜନକ ପ୍ରତିଭା । ଯେ କୌଣସି ଛନ୍ଦ ବା ସୂତ୍ର, ବୁଝାଇଦେଲେ ତାହା ତତ୍‌କ୍ଷଣାତ୍ ମନେରଖି ଦିନେ ଦୁଇଦିନ ପରେ ସେଇ ଛନ୍ଦରେ ଶ୍ଳୋକ ରଚନା କରିପାରୁଥିଲେ । ସ୍ମରଣଶକ୍ତି ଖୁବ୍ ପ୍ରଖର । ଏପରି ପ୍ରତିଭା ପ୍ରାୟତଃ ଦେଖାଯାଏନା । ସୁମଧୁର କଣ୍ଠସ୍ୱର । ମୃଦଙ୍ଗ ବାଦନ ସହ ତାଙ୍କର ପଦାବଳୀ କୀର୍ତ୍ତନ ସମସ୍ତଙ୍କୁ ମୁଗ୍ଧ କରୁଥିଲା । ଅଭୟଦା କୋଲକାତା ଘରେ ଥିବା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ଆସି କୀର୍ତ୍ତନରେ ଯୋଗ ଦେଉଥିଲେ । ପ୍ରଧାନ ଆକର୍ଷଣ ଗୌରେନ୍ଦୁର କୀର୍ତ୍ତନ । ଏହି ଗୌରେନ୍ଦୁ ହିଁ ପରବର୍ତ୍ତୀ କାଳରେ ଶ୍ରୀଧର ମହାରାଜଙ୍କର ଉତ୍ତରାଧିକାରୀ ହୋଇ ତାଙ୍କ ସ୍ଥଳାଭିଷିକ୍ତ ହେବ- ଏହା ଶ୍ରୀଧର ମହାରାଜ କଥାରେ କାର୍ଯ୍ୟରେ ବ୍ୟକ୍ତ କରିସାରିଥିଲେ ।

Digitized by srujanika@gmail.com

ଶ୍ରୀଳ ସରସ୍ୱତୀ ଠାକୁରଙ୍କର ଅନ୍ୟାନ୍ୟ ସନ୍ନ୍ୟାସୀ ଓ ବ୍ରହ୍ମଚାରୀ ଶିଷ୍ୟଗଣ ଶ୍ରୀଧର ମହାରାଜଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ । ତାଂକର ଆଚରଣ, ତତ୍ତ୍ୱଜ୍ଞାନ ଓ ଭକ୍ତି-ରହସ୍ୟାନୁଭୂତି ତାଂକପ୍ରତି ଶ୍ରଦ୍ଧା, ଭକ୍ତି କରିବାର ମୁଖ୍ୟ କାରଣ ଥିଲା । ସେମାନେ ଓ ଅଭୟଦା ମଧ୍ୟ ଗୌରେନ୍ଦୁ ପ୍ରତି ସ୍ନିଗ୍ଧ ମନୋଭାବ ପୋଷଣ କରୁଥିଲେ । ତା ଛଡ଼ା ଗୌରେନ୍ଦୁର ବିଚକ୍ଷଣ ବୁଦ୍ଧି, ଅକପଟ ଆନ୍ତରିକ ଭକ୍ତି ଓ ତତ୍ତ୍ୱରହସ୍ୟ ଗ୍ରହଣରେ ପ୍ରତ୍ୟୁତ୍ପନ୍ନମତି ସମସ୍ତଙ୍କର ତା ପ୍ରତି ଆକର୍ଷଣର ହେତୁଥିଲା । ସେଇ ଗୌରେନ୍ଦୁ ହିଁ ଚୈତନ୍ୟ ସାରସ୍ୱତ ମଠ ଓ କୃଷ୍ଣାନୁଶୀଳନ ସଂଘର ସଭାପତି ଆଚାର୍ଯ୍ୟପ୍ରବର ଶୀଳ ଭକ୍ତି ସୁନ୍ଦର ଗୋବିନ୍ଦ ଦେବ ଗୋସ୍ୱାମୀ ମହାରାଜ । ସେ ମଧ୍ୟ ଇହଲୀଳା ସାଂଗ କରିଛନ୍ତି ।

ଅଭୟଦାଂକ ସହିତ ନଚିକେତାର ମଝିରେ ମଝିରେ ଅନ୍ତରଂଗ ଆଳାପ ହେଉଥିଲା । ସଂସ୍କୃତ, ବ୍ୟାକରଣ ବା ସାହିତ୍ୟରେ ତାଂକର ଗଭୀର ଜ୍ଞାନ ନ ଥିଲେ ମଧ୍ୟ ସାଧାରଣ ଭାବରେ ସେ ବହୁ ସଂସ୍କୃତ ଶ୍ଳୋକର ମର୍ମାର୍ଥ ଅନୁଭବ କରିପାରୁଥିଲେ । ହୁଏତ ଗୁରୁକୃପା ଦ୍ୱାରା ସମ୍ଭବ ହୋଇଥିଲା । ତାଂକର ବୟସ ସେତେବେଳେ ବୋଧହୁଏ ୪୫-୫୦ । ନଚିକେତାଠାରୁ ସେ ବୟସରେ ଅନେକ ବଡ଼; ତଥାପି ତା ପ୍ରତି ତାଂକର କିଛିଟା ଗୌରବବୋଧ ଥିଲା । ତେଣୁ ସମମର୍ମୀ ଭାବରେ ବିଶ୍ରମ୍ଭାଳାପରେ ବାଧା ନ ଥିଲା ।

'ପଂଗୁ ଲଂଘୟତେ ଗିରିଂ', କାକେରେ ଗରୁଡ଼ କରେ ଐଛେ ଦୟାମୟ- ଦିନେ ଏଇ ଦୁଇ ପଙ୍କ୍ତି ନେଇ ଆଲୋଚନା ଚାଲିଥିଲା । ଅଭୟଦା କାନ୍ଥକୁ ଆଉଜି ତଳକୁ ମୁହଁ କରି ବସି ଶୁଣୁଥିଲେ । ହଠାତ୍ କହିଉଠିଲେ- "ପଣ୍ଡିତ ମହାଶୟ! ଏଟା କି ସମ୍ଭବ ?" ପ୍ରଶ୍ନ ଶୁଣି ନଚିକେତା କହିଲା- ଗୁରୁକୃପା ଓ ଭଗବତ୍ କୃପା ହେଲେ ସବୁ ସମ୍ଭବ । ଅସମ୍ଭବ କିଛି ନାହିଁ (ମହତ୍ କୃପୟା ଏବ; ଭଗବତ୍ କୃପାଲେଶାଦ୍ ବା)

ଆମେ ଯେ କିଛି କିଛି କରୁ ତା' କଣ ଆମ ଯୋଗ୍ୟତା ଦ୍ୱାରା ହୁଏ ? ତା ଯଦି ହେଉଥାନ୍ତା, ତେବେ ଆମେ ସମୟ ସମୟରେ ସାମାନ୍ୟ ହାୱାରେ ଏତେ ଦୋହଲି ଯାଆନ୍ତୁ କାହିଁକି ? ବେଳେବେଳେ ଆମ ଯୋଗ୍ୟତା ଦ୍ୱାରା ସମ୍ଭବ କାର୍ଯ୍ୟ ମଧ୍ୟ ବିଫଳ ହୁଏ କାହିଁକି ?

ନଚିକେତା ନିଜ ଅନ୍ତର ବେଦନାର କ୍ଷୀଣସ୍ୱର ବୋଧହୁଏ ଏ କଥାରେ ପ୍ରଚ୍ଛନ୍ନ ଥିଲା । ଅଭୟଦା ଟିକିଏ ହସିଲେ । ସେ ନିଜ କଥା ହିଁ ଭାବୁଥିଲେ ।

Digitized by srujanika@gmail.com

East and West can meet : When ??

"ପୃଥିବୀ ପର୍ଯ୍ୟନ୍ତ ଯତ ଆଛେ ଦେଶ ଗ୍ରାମ
ସର୍ବତ୍ର ସଂଚାର ହଇବେକ ମୋର ନାମ ।"

ଏ କଥା ତ ଆଜିଠାରୁ ପ୍ରାୟ ୫୦୦ ରୁ ଅଧିକ ବର୍ଷ ପୂର୍ବେ ଶ୍ରୀଚୈତନ୍ୟ ମହାପ୍ରଭୁ କହିଥିଲେ । ତାର ସୂଚନା ମାତ୍ର ତ ଏବେ ମଧ୍ୟ ଦେଖାଯାଉ ନାହିଁ । ଏ କଥାରେ ଅଭୟଦାଙ୍କର ଆଶା ନିରାଶାର ମିଶ୍ରିତ ସ୍ୱର ନଚିକେତା ଅନୁଭବ କରିପାରିଲା । ଉତ୍ସାହିତ ହୋଇ କହି ପକାଇଲା-

କାହିଁକି ? କିଏ ଜାଣେ ? ଆପଣଂକ ଦ୍ୱାରା ମୋ ଦ୍ୱାରା, ଗୌରେନ୍ଦୁ ଦ୍ୱାରା ବା ଆଉ କାହା ଦ୍ୱାରା କୃଷ୍ଣ ତାଂକ କାର୍ଯ୍ୟ କରାଇ ନେଇପାରନ୍ତି । ଆମେ କ'ଣ ନିଜର ନିଜତ୍ୱ, ଅହଂ, (ଇଗୋ) ଛାଡ଼ି ତାଂକ ହାତରେ ନିଜକୁ ସମର୍ପି ଦେଇପାରିଛୁ ? ଅନ୍ୟକୁ ଉପଦେଶ ତ ପ୍ରଚୁର ଦେଉଛୁ; କିନ୍ତୁ ନିଜ ବେଳକୁ କ'ଣ ତା' ମନେ ପଡୁଛି ? ହାତୀ ଗାଧୋଇ ସାରି ପୁଣି ବାଲି, କାଦୁଅ ବୋଳି ହେଲା ପରି ଆମେ ତ ଥରକୁଥର ମାୟାର ରଂଗ ବୋଳି ହୋଇ ସୁଆଙ୍ଗ କରୁଛୁ । ପରିପୂର୍ଣ୍ଣ ଶରଣାଗତି, ଆତ୍ମସମର୍ପଣ ଆମର କାହିଁ ? ଆପଣ ବା ଏତେ ନିରାଶ ହେଉଛନ୍ତି କାହିଁକି ? ଏଇତ ସେଦିନ କେନ୍ଦ୍ରାପଡ଼ା ଛୋଟି ଗ୍ରାମର ସିଦ୍ଧପୁରୁଷ କେଦାରନାଥ ଦତ୍ତ (ଗ୍ରାମର ଡାକ ନାମ ବାଲୁଆବାବୁ) ଭକ୍ତି ବିନୋଦ ଠାକୁର ମଧ୍ୟ ସେଇ କଥାର ପୁନରାବୃତ୍ତି କରିଛନ୍ତି । ସେ କେନ୍ଦ୍ରାପଡ଼ା ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ, କଟକ ଭକ୍ତମଧୁ ବିଦ୍ୟାପୀଠର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଏବଂ ଭଦ୍ରକ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ତାପରେ ରେଭେନ୍‌ସା (Theoder Edwin Ravenshaw) ସାହେବ୍ ଯିଏ କି ସେତେବେଳେ ଓଡ଼ିଶାର ଗଭର୍ଣ୍ଣର ଥିଲେ, ସେଇ ରେଭେନ୍‌ସା ସାହେବ ମଧ୍ୟ ଭକ୍ତି ବିନୋଦଠାକୁରଙ୍କୁ ଶ୍ରଦ୍ଧା ଭକ୍ତି କରୁଥିଲେ । ତାଙ୍କରି ସୁପାରିସ୍‌ରେ କେଦାରନାଥ ଦତ୍ତ ବିନୋଦପୁରୀର ଡେପୁଟି କଲେକ୍‌ଟର ଏବଂ ଶ୍ରୀମନ୍ଦିର ଭକ୍ତ ପ୍ରଥମ (Temple Administrator) ହୋଇପାରିଥିଲେ । ସେ ଗୋଟିଏ ପତ୍ରିକାରେ ଲେଖିଥିଲେ-

"ଆହା, ଯେଉଁ ଦିନ ଇଂଲଣ୍ଡରେ, ଫ୍ରାନ୍ସରେ, ଋଷିୟାରେ, ପ୍ରୁସିଆରେ ଓ ଆମେରିକାରେ ସେଇ ଦେଶର ଭାଗ୍ୟବାନ୍ ପୁରୁଷମାନେ ନିଶାଣ- ଡଙ୍କା- ଖୋଳ- କରତାଳ ଆଦି ନେଇ ମୁହୁର୍ମୁହୁଃ ନିଜ ନିଜର ନଗରରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ନାମ ଉଲ୍ଲେଖ ପୂର୍ବକ ହରିନାମ ସଂକୀର୍ତ୍ତନର ତରଂଗ ଉଠାଇବେ; ସେଦିନ କେବେ ହେବ, ଆହା ! ଯେଉଁଦିନ ଏକ ଦିଗରୁ ପାଶ୍ଚାତ୍ୟ ଶ୍ୱେତବର୍ଣ୍ଣ ପୁରୁଷମାନେ ଜୟ ଶ୍ରୀ

Digitized by srujanika@gmail.com

ଶଚୀନନ୍ଦନ ଜୟ- ଏହିପରି ଧ୍ୱନି କରି ପ୍ରସାରିତ-ବାହୁ ହୋଇ ଅନ୍ୟ ଦିଗରେ ଆମ ଦେଶର ଭକ୍ତବୃନ୍ଦଙ୍କ ସହ ଆଲିଙ୍ଗନପୂର୍ବକ ଭ୍ରାତୃଭାବ କରିବେ ।"

ନଚିକେତା ଭକ୍ତିବିନୋଦ ଠାକୁରଂକ ପ୍ରବନ୍ଧର ଏଇ ଅନୁଚ୍ଛେଦଟି ପଢ଼ି ଶୁଣାଇଲା । କହିଲା,- "ମାତ୍ର ୮୦ / ୯୦ ବର୍ଷ ପୂର୍ବେ ଭକ୍ତିବିନୋଦ ଠାକୁର ଏକଥା ଲେଖିଥିଲେ । ତାଂକର ପୁତ୍ର ଓ ଶିଷ୍ୟ ପୁରୀ ଶ୍ରୀକ୍ଷେତ୍ରରେ ଆବିର୍ଭୂତ ଆମର ଗୁରୁଦେବ ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀଠାକୁର ସେ କାର୍ଯ୍ୟ ଆରମ୍ଭ କରିଛନ୍ତି ! ତିନି ଚାରିଜଣ ସନ୍ନ୍ୟାସୀ ପାଶ୍ଚାତ୍ୟ ଦେଶକୁ ଯାଇ ହରିନାମ ପ୍ରଚାର କାର୍ଯ୍ୟରେ ମୂଳଦୁଆ ପକାଇଲେଣି । ଭାଗବତଧର୍ମ ଓ ଶ୍ରୀଜଗନ୍ନାଥଙ୍କ ମହିମା ତ ସେ ଦେଶରେ ପ୍ରଚାର ହେଲାଣି । ଏଣିକି ବାକି କାମ ଆପଣମାନେ କରୁ ନାହାନ୍ତି ? ତାଂକ କାମ ସିଏ କରିବେ, ଆମେ ତ ନିମିତ୍ତ ମାତ୍ର" ।

ଅଭୟଦା ଶୁଣି ହସିଲେ । ସେ ହସରେ କେବଳ ନଚିକେତା କଥାର ପରିହାସ ଛଡ଼ା ଅନ୍ୟ କିଛି ନ ଥିଲା । ଅଭୟଦାଙ୍କ ସମ୍ପର୍କ ଏତିକିରେ ଶେଷ ହେଲା ।

ରେଭେନ୍ସା କଲେଜରେ ଅଧ୍ୟାପକ ଥିଲା ବେଳେ ୧୯୭୧-୭୨ରେ ଇଲସଟ୍ରେଟେଡ୍ ଉଇକ୍‌ଲି ଅଫ ଇଣ୍ଡିଆ ଏବଂ ଅନ୍ୟ ଏକ ପତ୍ରିକାରୁ ନଚିକେତା ଜାଣିଲା- "Backingham Palace Passes Sleepless Night" । ଘଟଣାଟି ହେଲା ଜଗନ୍ନାଥଙ୍କ ରଥକୁ ଲଣ୍ଡନ ପୋଲିସ୍ ଟ୍ରାଫାଲଗାର ସ୍କୋୟାରରେ ଅଟକାଇ ଦେବାରୁ ବିଦେଶୀ ଭକ୍ତମାନେ ରାସ୍ତାରେ ଅବରୋଧ କରିବସିଛନ୍ତି- "Jagannath is Lord of the Universe. He must go" ରାଧାକୃଷ୍ଣ ବିଗ୍ରହ ହରିନାମ କୀର୍ତ୍ତନ ପ୍ରଭୃତିର ସମ୍ବାଦ ମଧ୍ୟ ପଢ଼ିଲା । ଏ ସବୁ କାର୍ଯ୍ୟ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ନାମକ ଜଣେ ଭାରତୀୟ ସନ୍ନ୍ୟାସୀ କରୁଛନ୍ତି । କୌତୂହଳ ହେଲା- "ମୋରି ଗୁରୁଦେବ ସମ୍ପର୍କୀୟ କେହି ବ୍ୟକ୍ତି ଏଇ ଭକ୍ତିବେଦାନ୍ତ ସ୍ୱାମୀ ହୋଇଥାଇ ପାରନ୍ତି"- ବୋଲି ନଚିକେତାର ଧାରଣା ହେଲା ।

ଆଶ୍ରମର ବ୍ରହ୍ମଚାରୀ ଜୀବନ ପରେ ନଚିକେତା ସହିତ ଆଉ ଦୁଇଜଣ ମଧ୍ୟ ଗୃହସ୍ଥ ଜୀବନ ଆରମ୍ଭ କରିଥିଲେ । ଜଣେ ମେଦିନୀପୁରର ଚାଟାର୍ଡ୍ ଏକାଉଣ୍ଟାଣ୍ଟ ରାଧାନାଥ ଭୂୟାଁ । ୧୯୬୦ ପରଠାରୁ ରାଧାନାଥଙ୍କ ସହିତ ସାକ୍ଷାତ୍ ହୋଇ ନ ଥିଲା । ୧୯୭୨ରେ ରାଧାନାଥ ବାବୁ ରେଭେନ୍ସା କଲେଜକୁ ଆସି ନଚିକେତାର ଘର ଠିକଣା ନେଇ ତା ଘରେ ପହଞ୍ଚିଲେ ଏବଂ ୩/୪ ଦିନ ରହିଲେ । କଥା ପ୍ରସଂଗରେ ତାଙ୍କୁ ଭକ୍ତି ବେଦାନ୍ତ ସ୍ୱାମୀ କିଏ ପଚାରିବାରୁ ସେ କହିଲେ-

ଆପନି ଜାନେନ ନା ? ତିନି ଆମାଦେର ଅଭୟ ଦା ! ଅର୍ଥାତ୍ ୭ ନମ୍ବର ସୀତାକାନ୍ତ ବ୍ୟାନାର୍ଜୀ ଲେନର ଅଭୟ ଚରଣ ଦେ ମହୋଦୟ । ଅଭୟବାବୁ ସନ୍ନ୍ୟାସ ନେଇ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ନାମ ଗ୍ରହଣ କରି ଆମେରିକା ଯାଇ "ଆନ୍ତର୍ଜାତିକ

Digitized by srujanika@gmail.com

କୃଷ୍ଣଚେତନା ସଂଘ" (ଇସକନ୍) ପ୍ରତିଷ୍ଠା କରି ସାରା ପୃଥିବୀରେ ଏତେ ସବୁ ପ୍ରଚାର କରୁଛନ୍ତି ।"

ଏହାପରେ ଓଡ଼ିଆ ମାସିକ ପୌରୁଷ ପତ୍ରିକାରେ ଭକ୍ତିବେଦାନ୍ତ ସ୍ୱାମୀ ଓ ଇସକନ୍ ସମ୍ପର୍କରେ କେତୋଟି ପ୍ରବନ୍ଧ ନଚିକେତା ଲେଖିଥିଲା । ଆଜି ଯେଉଁ ଇସକନ୍ (International Society for Krisna Consciousness) ଏବଂ ଚୈତନ୍ୟ ସାରସ୍ୱତ କୃଷ୍ଣାନୁଶୀଳନ ସଂଘ ପ୍ରଭୃତି ସାରା ପୃଥିବୀରେ ରାମ, କୃଷ୍ଣ, ଜଗନ୍ନାଥଙ୍କ ଭକ୍ତି ଓ ହରିନାମ କୀର୍ତ୍ତନ ପ୍ରଚାର କରି ଚହଳ ପକାଇଲେଣି; ଏପରିକି କମ୍ୟୁନିଷ୍ଟ ଋଷିୟାରେ ହଜାର ହଜାର ଭକ୍ତ ହେଲେଣି, ସେଇ ଅନୁଷ୍ଠାନମାନଂକର ମୂଳ ପୁରୁଷଦ୍ୱୟ ଶ୍ରୀ ଭକ୍ତିବିନୋଦ ଠାକୁର କେନ୍ଦ୍ରାପଡ଼ା ଛୋଟିଗ୍ରାମର ବାଲୁଆବାବୁ (କେଦାରନାଥ ଦତ୍ତ) ଏବଂ ତାଂକରି ପୁତ୍ର ଓ ଶିଷ୍ୟ ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀଠାକୁର ପୁରୀ ଶ୍ରୀକ୍ଷେତ୍ରରେ ଆବିର୍ଭୂତ, ଏକଥା ଅଣଓଡ଼ିଆ ଭକ୍ତ ତ ଜାଣନ୍ତି ନାହିଁ; ଓଡ଼ିଶାରେ ମଧ୍ୟ ଖୁବ୍ କମ୍ ବ୍ୟକ୍ତି ଜାଣନ୍ତି । ଅଧୁନା ଡକ୍ଟର ଫକୀରମୋହନ ଦାସ ବାବାଜୀ ଶ୍ରୀ ଭକ୍ତିବିନୋଦ ଠାକୁରଙ୍କ ଜୀବନୀ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରକାଶ କରି ବହୁ ଅଜ୍ଞାତ ତଥ୍ୟ ଆବିଷ୍କାର କରିଛନ୍ତି ।

ରେଖାର ରେଖା- ଅଲିଭା ରେଖା

କଲେଜରେ ଅଧ୍ୟୟନ, ସ୍କୁଲରେ ଶିକ୍ଷକତା, ଟୋଲରେ ଅଧ୍ୟାପନା, ଟିଉସନ, ସଭାସମିତିରେ ଭାଷଣ ଇତ୍ୟାଦି ବ୍ୟସ୍ତତା ମଧ୍ୟରେ ରେଖାକୁ ମନରୁ ପୋଛି ଦେଇପାରିଥିଲା ବୋଲି ଭାବୁଥିଲା ନଚିକେତା; କିନ୍ତୁ ରେଖାର ରେଖା ପୋଛି ହୋଇ ଯାଇ ନ ଥିଲା । ହୃଦୟ ମଧ୍ୟରେ ରେଖା ଯେଉଁ ରେଖା କାଟିଥିଲା, ତାହା ପାଣିର ଗାର ନୁହେଁ । ତାକୁ ଲିଭାଇବା ପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼ିଲା ।

ମନରେ ସେ ଭାବିଲା- "ମୁଁ ସିନା ନିଷ୍ଠୁର ହୋଇ ଚାଲିଆସିଲି, ପ୍ରତିଜ୍ଞା କଲି ଆଉ ସେଠାକୁ ଯିବି ନାହିଁ; କିନ୍ତୁ ସେ ତ ନାରୀ, ତା ଜୀବନରେ ମୁଁଇ ତ ପ୍ରଥମ ପୁରୁଷ; କାବ୍ୟରେ ପଢ଼ିଛି, ପଢ଼ାଉଛି- "ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା," ରେଖା ଏକମାତ୍ର ଆଶ୍ରୟ ତରୁଟିଏ ପ୍ରଥମଥର ପାଇଁ ପାଇଥିଲା । ତାହାକୁ ତ ମୁଁ ଛିନ୍ନମୂଳ କରିସାରିବା ଉପରେ । ଏତେ ନିର୍ଦ୍ଦୟ ହେବା ତ ସାଧାରଣ ମାନବିକତା ଦୃଷ୍ଟିରୁ ହୃଦୟହୀନତା । ତାର ଅବସ୍ଥା କଣ ହେଉଥିବ, ଜାଣିବା ପାଇଁ ମନରେ ଅସ୍ଥିରତା ଥାଏ । ନିଜେ ଯିବି ନାହିଁ, ଚିଠିପତ୍ର ମଧ୍ୟ ଦେବି ନାହିଁ । କିନ୍ତୁ ବିଶ୍ୱାସୀ ଅନ୍ତରଂଗ ବନ୍ଧୁଟିଏ ପାଇଲେ, ତାକୁ ପଠାଇ କିଛି ସମ୍ବାଦ ଆଦାନ-ପ୍ରଦାନ କରି ହୁଅନ୍ତା; ମୋ କଥା ତାକୁ

Digitized by srujanika@gmail.com

ଜଣାନ୍ତା; ତାର କିଛି ଖବର ମଧ୍ୟ ମୁଁ ପାଆନ୍ତି । ମୁଁ ନିଜ ଗୋଡ଼ରେ ଠିଆହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଲାଗି ତାକୁ ପରାମର୍ଶ ଦିଆଯାଇପାରନ୍ତା ।

"ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା" । ନଚିକେତାର ପ୍ରିୟ ଅନ୍ୟ ବ୍ରହ୍ମଚାରୀ ଛାତ୍ର ପୂର୍ଣ୍ଣେନ୍ଦୁ । ଚତୁରତା, ସ୍ନିଗ୍ଧତା, ବିଶ୍ୱସ୍ତତା-ସବୁ ଗୁଣ ତାଠାରେ ଅଛି । ସେ ଛାତ୍ର, ନଚିକେତା ତାର ଅଧ୍ୟାପକ-କାବ୍ୟ, ଛନ୍ଦ, ଅଳଙ୍କାର ଇତ୍ୟାଦି ପଢ଼ାଏ, ରସେଇ ମଜେଇ ବ୍ୟାଖ୍ୟା କରେ । ସେ ମଧ୍ୟ ବିଦଗ୍ଧ ରସିକ ଛାତ୍ର । ବୟସରେ ୧୦/୧୨ ବର୍ଷ ସାନ ହେଲେ ମଧ୍ୟ କ୍ରମଶଃ ବନ୍ଧୁତ୍ୱ ପର୍ଯ୍ୟାୟକୁ ସମ୍ପର୍କଟା ଆସି ଯାଇଥିଲା । ସଖ୍ୟଟା ବିଶ୍ରମ୍ଭସଖ୍ୟରେ ପରିଣତ ହେବାକୁ ବେଶିଦିନ ଲାଗିଲା ନାହିଁ ।

କାବ୍ୟ ମଧ୍ୟରେ ମେଘଦୂତ ମଧ୍ୟ ପଢ଼ାଉଥାଏ । ଏହାପୂର୍ବରୁ ନଚିକେତା ଉଦ୍ଧବ ସନ୍ଦେଶ, ହଂସଦୂତ, ମେଘଦୂତ ଇତ୍ୟାଦି ଦୂତକାବ୍ୟ ଭଲ ଭାବରେ ପଢ଼ିଛି, ପଢ଼ାଇଛି । ପୂର୍ଣ୍ଣେନ୍ଦୁକୁ ମେଘଦୂତର "ତ୍ୱାମାଲିଖ୍ୟ ପ୍ରଣୟକୁପିତାଂ" ଶ୍ଳୋକଟି ବ୍ୟାଖ୍ୟା କରୁ କରୁ ନିଜ ଅଜାଣତରେ ନଚିକେତାର ଆଖିରୁ ଲୁହ ଝରିଯାଇଛି ।

ପୂର୍ଣ୍ଣେନ୍ଦୁ ତା ଲକ୍ଷ୍ୟ କରିଛି । ସେ ଧରି ନେଇଛି- ଏଇଟା ସାମୟିକ ଭାବାବେଗ ନୁହେଁ । ନିଶ୍ଚୟ କିଛି ଆନ୍ତରିକ ବେଦନାବୋଧ ରହିଛି । ତା ପରେ ଚାଲିଲା ତାର ଗୁଡ଼େଇ ତୁଡ଼େଇ ପ୍ରଶ୍ନ । ଟିକିଏ ଫାଙ୍କା ପାଇଲେ ଖୋଳିତାଡ଼ି କଥା ବାହାର କରିବାର ଅଦମ୍ୟ କୌତୂହଳ ।

ବିଶ୍ୱସ୍ତ ଦରଦୀ ବନ୍ଧୁଟିଏ ପାଇଲେ ହୃଦୟର ଦରଜା ଆପେ ଆପେ ଖୋଲିଯାଏ । ନଚିକେତା ପୂର୍ଣ୍ଣେନ୍ଦୁକୁ ସବୁ ଖୋଲି କହିଲା । ତାର ନବତାରୁଣ୍ୟ, ତା ସହିତ ଚାତୁର୍ଯ୍ୟରେ ସେତ କମ୍ ନୁହେଁ । ସେ ବି ସ୍ୱପ୍ନରାଜ୍ୟର ପରୀଟିଏ ପରି ତାର ମର୍ମବେଦନାରେ ବ୍ୟଥିତ ହେଲା; ନିଜେଇ ରେଖା ନିକଟକୁ ଯିବା ଲାଗି ଆଗ୍ରହ ପ୍ରକାଶ କଲା । ନଚିକେତା ମନର ଗୁରୁଭାର କିଞ୍ଚିତ୍ ଲାଘବ ହେଲା ।

ନରମାଂସଲୋଭୀ କାମୁକର କୌଣସି ଭାବନା ଚିନ୍ତା ନ ଥାଏ । ସେ ଛାଗ, କୁକ୍କୁଟ ଭଳି କେବଳ ଦେହର ଖୋଜରେ ଥାଏ । ନାରୀ ତା' ନିକଟରେ କାମ ତୃପ୍ତିର ଏକ ଯନ୍ତ୍ର ମାତ୍ର । କିନ୍ତୁ ହୃଦୟରେ କୋମଳ ବୃତ୍ତି ଥିବା ଦରଦୀ ବ୍ୟକ୍ତି ହିଁ କେବଳ ଆଘାତ ପାଏ, ଆଘାତ ସହେ; କିନ୍ତୁ ଆଘାତ ଦେବାର ନିର୍ମମତା ତାର ନ ଥାଏ । ସେ ନିଜେ କଷ୍ଟ ପାଏ, କିନ୍ତୁ ଅନ୍ୟକୁ କଷ୍ଟ ଦେବାକୁ ସେ ଚାହେଁନା । ଅନ୍ୟର ସାମାନ୍ୟ ସୁଖପାଇଁ ସେ ନିଜର ଦ୍ୱିଗୁଣ ଦୁଃଖକୁ ମଧ୍ୟ ହସି ହସି ସହିଯାଏ ।

"ରେଖାକୁ ଅସହାୟ ଅବସ୍ଥାରେ ଛାଡ଼ି ନିଶ୍ଚିନ୍ତ ରହିବି ନାହିଁ । ସେ ସୁଖରେ ରହୁ; ମୋତେ ଛାଡ଼ି ମଧ୍ୟ ସେ ଯଦି ସୁଖରେ ଥାଏ, ତେବେ ମୋର ଅଧେ ଚିନ୍ତା

Digitized by srujanika@gmail.com

କମିଗଲା", ରେଖା ଚିନ୍ତାରୁ ସେ ମୁକ୍ତ ହେଲା ସିନା, ବର୍ତ୍ତମାନ ଅବସ୍ଥାରେ ଏକ ନାରୀର ବୋଝ କେବଳ ବୋଝ - ଯାହାକୁ କହନ୍ତି "ବିବାହ" ବି- ଉପସର୍ଗ , ବହ ଧାତୁ (ବୋଝ ବୋହିବା) ରେ ଘଢ଼୍ ପ୍ରତ୍ୟୟ । ଅର୍ଥାତ୍ ବିଶେଷ ଭାବରେ ବୋଝ ମୁଣ୍ଡାଇ ଚାଲିବା । ଯାଇ ଅଣ୍ଟା ଜୋର ଅଛି, ସେ ମହଣେ ଓଜନ ମୁଣ୍ଡରେ ଲଦି ସଳଖ ହୋଇ ବାଟ ଚାଲିପାରେ । ନିଜ ଅଣ୍ଟାର ଜୋର (ଅର୍ଥକ୍ଷମତା) କେତେ, ତା' ତ ତାକୁ ବେଶ୍ ଜଣା । ଏଣୁ ବୋଝକୁ ନିଜ ମୁଣ୍ଡକୁ ନେଇ ନେବାର ପ୍ରଶ୍ନ ଉଠୁ ନାହିଁ ।

ପୂର୍ଣ୍ଣେନ୍ଦୁର ଦୌତ୍ୟକର୍ମରେ ଆଗ୍ରହ ଓ ଉତ୍ସାହ ଦେଖି ସେ କି ଭାବରେ ସେଠାକୁ ଯିବ, କି ପରିଚୟ ଦେବ, ପ୍ରସଙ୍ଗ କି ଭାବରେ ଉତ୍ଥାପନ କରିବ- ଆର୍ଥିକ ସ୍ଥିତି ଲାଭ କରିବା ପର୍ଯ୍ୟନ୍ତ ରେଖା ଧୈର୍ଯ୍ୟ ଧରି ଅପେକ୍ଷା କରିବା ଇତ୍ୟାଦି ବହୁ କଥା ତାକୁ କହି ପଠାଇଲା । ପୂର୍ଣ୍ଣେନ୍ଦୁ ପ୍ରଥମବାର ଫେରିଆସି ଯାହା କହିଲା- ସେଥିରେ ଉଲ୍ଲାସ ବା ବେଦନା- କିଛି ଅନୁଭବ କରିବାର ନ ଥିଲା । ଏହାପରେ ପୂର୍ଣ୍ଣେନ୍ଦୁ ବହୁବାର ସେଠାକୁ ଯାତାୟାତ କଲା । ସର୍ବଶେଷରେ ସେ ତାର ସଂକ୍ଷିପ୍ତ ସମୀକ୍ଷା ଜଣାଇ ଦେଲା- ସେମାନେ ବା ରେଖା କେହି ଆଉ ତା' ପ୍ରତି ଆଗ୍ରହୀ ନୁହନ୍ତି । ବରଂ ତାର ସ୍ୱାର୍ଥପରତାରେ କିଞ୍ଚିତ୍ କ୍ଷୁଣ୍ଣ ଓ ବିମନା ।

ପୂର୍ଣ୍ଣେନ୍ଦୁ ସେଠାକୁ ବାରବାର ଯାଇ କଣ କହୁଛି, କଣ କରୁଛି, ତାହା ଜାଣିବାର ଉପାୟ ନଚିକେତା ନିକଟରେ ନ ଥିଲା । ସେ ତ ପ୍ରତିଜ୍ଞା କରିଛି, ନିଜ ଗୋଡ଼ରେ ନିଜେ ଠିଆ ନ ହେବା ପର୍ଯ୍ୟନ୍ତ କୌଣସି ଭାବାବେଗକୁ ପ୍ରଶ୍ରୟ ଦେବ ନାହିଁ । ସେଠାକୁ ଯିବ ନାହିଁ । ଏପରି ପ୍ରତିଜ୍ଞା କରିବାର ଗୋଟିଏ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ମଧ୍ୟ ଥିଲା । ପ୍ରାକୃତ ପ୍ରେମ ଓ ଦିବ୍ୟ ଅପ୍ରାକୃତ ପ୍ରେମ ସମ୍ପର୍କରେ ତାର କୌଣସି ପୂର୍ବାନୁଭୂତି ନ ଥିଲା । ଅପ୍ରାକୃତ ପ୍ରେମର ଅନୁଭୂତି ଲାଭର ସ୍ତର ପର୍ଯ୍ୟନ୍ତ ତାର ସାଧନା ପାଇପାରି ନାହିଁ । କିନ୍ତୁ ସଂସ୍କୃତ କାବ୍ୟ, ନାଟକ, ଅଳଙ୍କାର ଶାସ୍ତ୍ର, ରସଶାସ୍ତ୍ର ରୂପ, ସନାତନ, ରଘୁନାଥ, କୃଷ୍ଣଦାସ କବିରାଜ ଗୋସ୍ୱାମୀ, ଦୀନକୃଷ୍ଣ, ଅଭିମନ୍ୟୁ ପ୍ରଭୃତି ସିଦ୍ଧ କବିମାନଙ୍କର ଲୀଳା ଗ୍ରନ୍ଥରୁ ଲୀଳାବର୍ଣ୍ଣନ ଓ ପ୍ରେମ ଦର୍ଶନର ତାତ୍ତ୍ୱିକ ଆଲୋଚନା ସେ ବୟସରେ ମଧ୍ୟ ଯଥେଷ୍ଟ କରିସାରିଥିଲା । ତେଣୁ ପ୍ରାକୃତ ଓ ଅପ୍ରାକୃତ ପ୍ରେମର ସଂଜ୍ଞା, ବିଭାବ ଆଦିର ତାତ୍ତ୍ୱିକ ଜ୍ଞାନ ବା Theory ସମ୍ପର୍କରେ ସେ ପ୍ରବୀଣ ପଣ୍ଡିତ ହୋଇସାରିଥିଲା । ଉଭୟ ପ୍ରେମର ବ୍ୟାଖ୍ୟା, ବିଶ୍ଳେଷଣ, ତାରତମ୍ୟ ପ୍ରଭୃତି ତତ୍ତ୍ୱ ଆଲୋଚନାରେ ଯଥେଷ୍ଟ ପାରଦର୍ଶିତା ଥିଲା ।

Digitized by srujanika@gmail.com

ପ୍ରକୃତ ପ୍ରେମର ସଂଜ୍ଞା କ'ଣ ?

"ସର୍ବଥା ଧ୍ୱଂସରହିତଂ ସତ୍ୟପି ଧ୍ୱଂସକାରଣେ ।
ଯଦ୍ ଭାବବନ୍ଧନଂ ଯୂନୋଃ ସ ପ୍ରେମା ପରିକୀର୍ତ୍ତିତଃ ॥"

ଯୁବକ- ଯୁବତୀଙ୍କର ଯେଉଁ ହୃଦୟ ବନ୍ଧନ ଛିନ୍ନ ହେବାର ଶତାଧିକ କାରଣ ଥାଇ ସୁଦ୍ଧା କୌଣସି କାଳରେ ଛିନ୍ନ ହୁଏ ନାହିଁ, ସେଇ ଭାବ-ବନ୍ଧନ ହିଁ ପ୍ରେମ ପଦବାଚ୍ୟ ।

ରେଖାର ପ୍ରେମର ଐକାନ୍ତିକତା ପରୀକ୍ଷା କରିବା ହିଁ ନଚିକେତାର ଗୁପ୍ତ ଉଦ୍ଦେଶ୍ୟ ଥିଲା । କିନ୍ତୁ ପୂର୍ଣ୍ଣେନ୍ଦୁ ନିକଟରେ କେବଳ ତାର ବ୍ୟାକୁଳତା ହିଁ ପ୍ରଦର୍ଶନ କରିଥିଲା । ରେଖା ଯେ ତା ସ୍ଥାନରେ ଅନ୍ୟକୁ ବସାଇ ସାରିଛି ଏହି ସମ୍ବାଦ ପୂର୍ଣ୍ଣେନ୍ଦୁଠାରୁ ପାଇବା ପରେ ନଚିକେତାର ମନେହେଲା ଗୋଟାଏ ହିମାଳୟ ପର୍ବତ ତା ଉପରୁ ଓହ୍ଲାଇ ଯାଇଛି । ଏତେ ମୁକ୍ତ, ଏତେ ସ୍ୱାଧୀନ, ଏତେ ନିଶ୍ଚିନ୍ତ, ଆଉ କେବେ ସେ ଅନୁଭବ କରି ନ ଥିଲା ।

ଚଲାପଥର ଗୋଟିଏ ଅମ୍ଳ- ମଧୁର ଅଧ୍ୟାୟ ନଚିକେତାର ଜୀବନରୁ ଶେଷ ହେଲା । କିନ୍ତୁ ସେ ଅଧ୍ୟାୟ ତାକୁ ସାଧନା ପଥରୁ ବିଚ୍ୟୁତ କରି ନାହିଁ । ପରନ୍ତୁ ଭବିଷ୍ୟତ ଜୀବନ ପାଇଁ ଏକ ବଜ୍ର ସଦୃଶ ରକ୍ଷାକବଚ ଆଣିଦେଲା । ନାରୀ ତାକୁ ଆଉ କେବେ ପ୍ରଲୋଭିତ କରିପାରି ନାହିଁ । ସମୟ ବିଶେଷରେ ସେ ପକ୍ଷରୁ ଆକର୍ଷଣକୁ ଏଡ଼ାଇ ଚଳିବାର ଦୃଢ଼ତା ଆଣିଦେଲା । ଓଡ଼ିଆ ହୋଇ ମଧ୍ୟ କଲିକତାରେ ଥିବା ସମୟରେ ଅବିବାହିତ ଓ ବିବାହିତ ଅବସ୍ଥାରେ ଲକ୍ଷପତି-କୋଟିପତିମାନଙ୍କର ଯୁବତୀ ଅବିବାହିତା, ବିବାହିତା କନ୍ୟା, ପୁତ୍ରବଧୂ- ଷୋଡ଼ଶୀ କିଶୋରୀଠାରୁ ଆରମ୍ଭ କରି ୪୫ବର୍ଷର ମହିଳାଙ୍କ ନିଷ୍ଠିତରେ ନିର୍ବିକାରରେ ବଂଗଳା ଓ ସଂସ୍କୃତ ସାହିତ୍ୟର ଏମ୍.ଏ. ପର୍ଯ୍ୟନ୍ତ ଘରୋଇ ଶିକ୍ଷକରୂପେ ସେ ପଢ଼ାଇଛି । ବଡ଼ ଘରର ଛାତ୍ରୀ ପଢ଼ାଇବାର ମାର୍କେଟ ଏକପ୍ରକାର ତାର ଏକଚାଟିଆ ହୋଇଥିଲା । ସପ୍ତାହରେ ଦିନେ ଦୁଇଦିନ ଗଲେ ବି ତାକୁ ହିଁ ଦରକାର । ସେତେବେଳେ ଟ ୧୦୦ରୁ କମ୍ ନେଉ ନ ଥିଲା, ତଥାପି ଅବସର ମିଳୁ ନ ଥିଲା । ସେଠାରେ ୪୦/୫୦ ବର୍ଷ ବଂଗଳା ସଂସ୍କୃତ ଶିକ୍ଷକ ୩/୪ଜଣ ନଚିକେତାର ସହକର୍ମୀ ଥିବା ସତ୍ତ୍ୱେ ନଚିକେତାର ଭାଉ କମି ନ ଥିଲା ।

Digitized by srujanika@gmail.com

ପ୍ରଥମ ଚାକିରି

କଲେଜର ଆଇ.ଏ. ପଢ଼ାର ଦ୍ୱିତୀୟ ବର୍ଷରେ ନଚିକେତା ଗୋଟିଏ ଚାକିରି ଯୋଗାଡ଼ କରିନେଲା । ୱେଲିଙ୍ଗଟନ୍ (ସୁବୋଧ ମଲ୍ଲିକ) ସ୍କୋୟାରର ଉତ୍ତରପଟେ ଲ'ବୁକ୍ ସୋସାଇଟି ନାମକ ପ୍ରକାଶନ ସଂସ୍ଥାର ମେନେଜର ପୋଷ୍ଟ । ସଂସ୍ଥାର ମାଲିକ ଜଣେ ବ୍ରାହ୍ମ: ବୟସ ୬୫ରୁ ବେଶି, କେବଳ ପିଅନ ଓ ନଚିକେତା ବ୍ୟତୀତ ଅନ୍ୟ ସମସ୍ତେ ଯୁବତୀ ଝିଅ, କେହି ବି.ଏ. ପାସ, କେହି ଆଇ.ଏ. ପାସ । ତା' ମଧ୍ୟରେ ଜଣେ ଶ୍ୟାମାଙ୍ଗୀ ଗ୍ରାଜୁଏଟ୍ ମିସ୍ ଘୋଷ ବରାବର ବାହାର ଟୁର୍‌ରେ ମାଲିକଙ୍କ ସହିତ ଯାଏ, ଓଡ଼ିଶାର ଅନୁଗୁଳ ପୋଲିସ ଟ୍ରେନିଂ କଲେଜକୁ ମଧ୍ୟ ସେ ଆସିଛି ।

ମିସ୍ ଘୋଷର ଆଧିପତ୍ୟ ଅଫିସ୍‌ରେ ବେଶି । ତେବେ ସେ କାହାରିକୁ କଡ଼ା କଥା କହେ ନା । ମିଠା କଥା କହି ସିନେମା ଦେଖା, ରେଷ୍ଟୁରେଣ୍ଟରେ ଖିଆପିଆ ଇତ୍ୟାଦି ସମସ୍ତଙ୍କର ଚାନ୍ଦାରେ ଉଠାଏ । ପିଅନଟିର ବୟସ ୨୦/୨୧ । ତାରି ଉପରେ ସମସ୍ତଙ୍କର ଜୁଲୁମ । ସେ କିନ୍ତୁ ଏଇ ସୁମଧୁର ଅତ୍ୟାଚାର ଓ ଜୁଲୁମରେ ଖୁବ୍ ଖୁସି । ପୁରୁଷ ବୋଲି ଅନ୍ୟ ଜଣକ ନଚିକେତା । କିନ୍ତୁ ଅନ୍ୟମାନେ ତା' ପାଖ ମାଡିବାକୁ ସାହସ କରନ୍ତି ନାହିଁ । କେବଳ ମିସ୍ ଘୋଷ ମଝିରେ ମଝିରେ ଆସି- "ଆଜକେ ସିନେମା ଚଲୁନ୍, ନିଉ ମାର୍କେଟ ଚଲୁନ୍ " ଏମିତି ହସି ହସି କହେ । ସେ ମଧ୍ୟ ଅଳ୍ପ ହସେ, ସେତିକି ।

ତଥାପି ଦିନେ ବାଧ ହୋଇ ନିଉମାର୍କେଟ୍ ଗଲା । ମିସ୍ ଘୋଷ ପ୍ରତ୍ୟେକ ଷ୍ଟଲ ପାଖରେ ଠିଆହୋଇ ହାତରେ ଏଇଟା ସେଇଟା ଧରି ଦେଖେ, କହେ- ଏଟି ଆମାର ଛୋଟ ବୋନ ଭାଲ ବାସେ ।·ଏଟି ଆମାର ଛୋଟ ଭାଇ ଖୁବ୍ ଭାଲ ବାସେ, ଏଟି ଆମି ଖୁବ୍ ପଛନ୍ଦ କରି ଇତ୍ୟାଦି । ଅର୍ଥ ହେଲା- ନଚିକେତା "ନିଜେ ଆଗତୁରା ପକେଟରୁ ଟଙ୍କା କାଢ଼ିଦିଅନ୍ତା । କିନ୍ତୁ ଦୁଇଘଣ୍ଟା ଧରି ସାରା ମାର୍କେଟ ବୁଲି ବୁଲି ଦୁଇଜଣ ଅଫିସ ଫେରିଲେ । ଦିନେ ମଧ ସିନେମା ବା ରେଷ୍ଟୁରେଣ୍ଟ୍ ଯିବା ହେଲା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ-ମିସ୍ ଘୋଷ କୌଣସି ସମୟରେ ତା ପ୍ରତି ଅନାଦର ବା ବିତୃଷ୍ଣା ଦେଖାଇ ନାହିଁ । ସବୁବେଳେ ମିଠା କଥା, ମିଠା ହସ ।

ଆଇ.ଏ. ଟେଷ୍ଟ ପରୀକ୍ଷା ସରିଲା । ନଚିକେତା ଫାଇନାଲ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଛୁଟି ମାଗିଲା । ମାଲିକ ଦେଲେ ନାହିଁ । ରେଜିଗ୍‌ନେସନ୍ ଲେଟର ପକେଇ ଦେଇ ଚାଲି ଆସିଲା । ବାକି ଥିବା ତାହାର ପ୍ରାପ୍ୟ ଟ୧୦୦ଙ୍କା ରହିଗଲା ।

ଇତିମଧ୍ୟରେ ସେ ଶ୍ରୀଧର ମହାରାଜଙ୍କର ୭ ସୀତାକାନ୍ତ ବ୍ୟାନାର୍ଜୀଲେନ୍ ଛାଡ଼ି ବୋଷ ପାଡ଼ାଲେନ୍ କେଶବ ମହାରାଜଙ୍କ ଭଡ଼ାଘରେ ରହୁଥାଏ । ସେଠାରେ ମଧ ୪/

Digitized by srujanika@gmail.com

୫ ଜଣ କେଶବ ମହାରାଜଙ୍କ ବ୍ରହ୍ମଚାରୀ ଶିଷ୍ୟଙ୍କୁ କାବ୍ୟ, ହରିନାମାମୃତ ବ୍ୟାକରଣ ପଢ଼ାଉଥାଏ ।

ଅର୍ଥାଭାବ ଘଟିଲା, ଚିନ୍ତାକଲା ମିସ୍ ଘୋଷଙ୍କୁ ଧରିଲେ ବାକି ଟଙ୍କାଟା ମିଳିଯିବ । କିନ୍ତୁ ତାକୁ ତ ଦିନକ ପାଇଁ ମଧ୍ୟ ସିନେମା ଦେଖେଇ ନେଇ ନାହିଁ କି ରେଷ୍ଟୁରେଣ୍ଟରେ ଖୁଆଇ ନାହିଁ । ତେଣୁ ନିରୂପାୟ ହୋଇ ଦିନେ ଯାଇ ମିସ୍ ଘୋଷଙ୍କୁ ନିମନ୍ତ୍ରଣ କରି ଆସିଲା, ସନ୍ଧ୍ୟାରେ ତା' ବସାକୁ ଆସିବାକୁ । ସେଠାରୁ ଉଭୟେ ଯାଇ କୌଣସି ରେଷ୍ଟୁରେଣ୍ଟରେ ବସି କଥାବାର୍ତ୍ତା ହେବେ । ସେଇ ଅବସରରେ ବାକି ଟଙ୍କାଟା ଆଦାୟ କରିଦେବାକୁ ଅନୁରୋଧ କରିବ ।

ସେଦିନ ଗ୍ରାମରୁ ନଚିକେତାର ବାଲ୍ୟବନ୍ଧୁ ଆଉ ଜଣେ ବାଲ୍ୟବନ୍ଧୁ ଓ ତାଂକ ପତ୍ନୀଙ୍କୁ ଧରି ଆସିଥାଆନ୍ତି । ତାର ବିବାହର ପ୍ରସ୍ତାବ ମଧ୍ୟ ଦେଲେ । ସେ କିନ୍ତୁ ମନାକରି କହିଲା- ବି.ଏ. ପାସ୍ ନ କରି ବିବାହ କରିବ ନାହିଁ । ଠିକ୍ ଏଇ ଆଲୋଚନା ପରେ ପରେ ମିସ୍ ଘୋଷ ଆସି ପହଂଚିଗଲା ।

ତାର ବେଶଭୂଷା, ସାଜସଜ୍ଜା ଏକ ଅଭିସାରିକା ପରି- ଏୟାର ହୋଷ୍ଟେସଙ୍କ ପରି ଯେତେଦୂର ସମ୍ଭବ ମେକ୍‌ଅପ୍ କରାଯାଇପାରେ । ନଚିକେତା ବନ୍ଧୁଙ୍କ ସହିତ ପରିଚୟ କରାଇଦେଲା- , "ଏ ମିସ୍ ଘୋଷ ମୋର ସହକର୍ମିଣୀ" ବନ୍ଧୁଙ୍କୁ ଗୋପନରେ ଡାକି ମିସ୍ ଘୋଷ କାହିଁକି ଆସିଛି ବୁଝାଇଦେଲା । ତିନିଜଣଯାକ ବାହାରିଯାଇ ଅପର ସାର୍କୁଲାର ରୋଡ୍‌ର ଗୋଟିଏ ବଡ଼ ରେଷ୍ଟୁରେଣ୍ଟ୍‌ରେ ବସିଲେ । ଯୋଗକୁ ସେଦିନ ନଚିକେତାର ଏକାଦଶୀ, ବନ୍ଧୁଙ୍କ ପେଟ ଖରାପ । ତେଣୁ କେବଳ ଜଣଙ୍କ ପାଇଁ ଚପ୍, କଟଲେଟ ମିଠା ଇତ୍ୟାଦି ଅର୍ଡ଼ର ଦେଲା । ମିସ୍ ଘୋଷ ଭଦ୍ରତା ଖାତିରରେ "ଆପନାରା କିଛୁଇ ଖେଲେନ୍ ନା ଯେ"- ଏତିକି କହି ନିଃସଙ୍କୋଚରେ ସେତକ ଖାଇ ଶେଷ କଲା । ପରେ ନଚିକେତା ତାର ପ୍ରାପ୍ୟ ଟଙ୍କା କଥା କହିବାରୁ ସେ ତା ପରଦିନ ଅଫିସକୁ ଯିବାକୁ କହିଲା । ଯଥାସମୟରେ ଯିବା ସଂଗେ ସଂଗେ ଟଙ୍କାଟି ଧରାଇଦେଲା । ଧନ୍ୟବାଦ ଦେଇ ଚାଲି ଆସିବାବେଳେ ସେ ତାଙ୍କ ଘରକୁ ଯିବାକୁ ବାରବାର ଅନୁରୋଧ କଲା । ନଚିକେତା କଥା ଦେଇ ବିଦାୟ ନେଲା; କିନ୍ତୁ ଆଉ ଯାଇ ନାହିଁ । ମିସ୍ ଘୋଷ ସହିତ ଆଉ ଦେଖା ମଧ୍ୟ ହୋଇ ନାହିଁ ।

ବନ୍ଧୁଗଣ ୨/୪ ଦିନ ପରେ ବିଦାୟ ନେଲେ । କିନ୍ତୁ ଗ୍ରାମ ସାରା ପ୍ରଚାର କରିଦେଲେ- ନଚିକେତା ମିସ୍ ଘୋଷଙ୍କୁ ବିବାହ କରିବ, ଏଣୁ ତା' ବିବାହ ପାଇଁ ଘରେ ବ୍ୟସ୍ତ ହେବା ଦରକାର ନାହିଁ । ସେମାନେ ବହୁତ ବୁଝାଇଛନ୍ତି, କିନ୍ତୁ ତାଙ୍କ କଥା ରହିଲା ନାହିଁ- ଇତ୍ୟାଦି ।

Digitized by srujanika@gmail.com

ସବୁ ଆଖି ଦେବା କ'ଣ ସତ ??

ଘଟଣା, ପରିବେଶ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଂଗକୁ ଆଖି ଆଗରେ ରଖି ଆମେ ଅନେକ ସମୟରେ ଏପରି ଗୋଟିଏ ଗୋଟିଏ ସ୍ଥିର ସିଦ୍ଧାନ୍ତ କରି ବସୁ ଏବଂ ତାକୁ ପ୍ରଚାର ମଧ କରୁ । କିନ୍ତୁ ସବୁ ସମୟରେ ତାହା ସମ୍ପୂର୍ଣ୍ଣ ମିଥ୍ୟା, ପ୍ରକୃତ ସତ୍ୟର ପୂରାପୂରି ବିପରୀତ ।

ଅନ୍ୟର ସମ୍ପର୍କରେ ଯାହା ବେଳେବେଳେ ସତ୍ୟ ବୋଲି ଧରି ନେଇଥାଏ, କିଛି ଦିନ ପରେ ଜଣାଯାଇଛି, ତାହା ବାସ୍ତବ ନୁହେଁ ।

ନଚିକେତା ସମ୍ପର୍କରେ ସେଇଆ ହେଲା । ନୀରବରେ ଏ ଦୁର୍ନାମ ସହି ରହିଲା । ବି.ଏ. ପାସ୍ ପରେ ବନ୍ଧୁ ଯେଉଁ ପ୍ରସ୍ତାବ ନେଇ ଆସିଥିଲେ, ଅନ୍ୟପକ୍ଷରୁ ସେଇ ପ୍ରସ୍ତାବ ଆସିଲା ଏବଂ ତାହା ଯେ ବନ୍ଧୁଙ୍କର ପୂର୍ବ ପ୍ରସ୍ତାବ, ବିବାହର ପରେ ପରେ ଜଣା ପଡ଼ିଲା ।

ନରନାରୀର ବିବାହ ବନ୍ଧନ ବିଧିନିର୍ଦ୍ଦିଷ୍ଟ, ଆମେ ବହୁତ ଦୌଡ଼ ଧାପଡ଼ କରୁ, କିନ୍ତୁ ବିଧି ନିର୍ଦ୍ଦେଶ ହିଁ ଶେଷରେ ଘଟିଥାଏ ।

"ଘରେ ଆଇବୁଡ଼ୋ ମେୟେ ଆଛେ"- (ଘରେ ଅଭିଆଡ଼ୀ ଝିଅ ଅଛି)

କୋଲକାତାରେ ଯୁବକ ହୋଇ ଅବିବାହିତ ରହିବାର ମଧୁର-ଜ୍ୱାଳା ଯେ ଅନୁଭବ ନ କରିଛି, ସେ ବୁଝିପାରିବ ନାହିଁ । ପ୍ରଥମରେ ତ ଘରଭଡ଼ା ମିଳିବ ନାହିଁ । ଯେଉଁଠି ପଚାର, ପରିବାର (ସ୍ତ୍ରୀ) ନ ଥିଲେ ଘରଭଡ଼ା ଦେବେ ନାହିଁ । ପଚାରିଲେ କହିବେ'- "ଆଇବୁଡ଼ୋ ମେୟେ ଘରେ ରୟେଛେ" ଅର୍ଥାତ୍ ଘରେ ଅଭିଆଡ଼ୀ ଝିଅ ଅଛି । ବାସ୍ ସେତିକି । ଏତିକି ଉତ୍ତର ନଚିକେତା ବହୁବାର ଶୁଣିଛି ।

ଜଣେ ଶିକ୍ଷକ ବନ୍ଧୁଙ୍କର ହାସ୍ୟକର କରୁଣ କାହାଣୀ । ବନ୍ଧୁଜଣକ ମଫସଲ ଗାଁର ଶିକ୍ଷକ, କୌଣସି ପ୍ରୟୋଜନରେ କଲିକତା ଆସି କାମ ସାରୁ ସାରୁ ରାତି ୮/୯ଟା, କୋଉଠି କିଛି ଖାଇଦେଇ କାହା ବାରଣ୍ଡାରେ ଶୋଇ ଭୋର ଟ୍ରେନ୍ ଧରିବେ ବୋଲି ଠିକ୍ କଲେ । ଜଣକ ଘରେ କବାଟ ବାଡ଼େଇବାରୁ ଜଣେ ମହିଳା ଆସି ପ୍ରଶ୍ନ କଲେ- କି ଦରକାର ? ବନ୍ଧୁ କହିଲେ ରାତିଟା କଟାଇ ସକାଳୁ ଚାଲିଯିବି । ଆପଣଙ୍କ ଦାଣ୍ଡଘରେ ବା ବାହାର ବାରଣ୍ଡାରେ ଟିକିଏ ରାତିଟା କଟାନ୍ତି ।

ଉତ୍ତର ପାଇଲେ- "ହବେ ନା; ଘରେ ଆଇବୁଡ଼ୋ ମେୟେ ଆଛେ ।" ୩/୪ଟା ଘରୁ ଠିକ୍ ଏ ପ୍ରକାର ଉତ୍ତର ପାଇ ବନ୍ଧୁବର ବିରକ୍ତ ହୋଇ ଠିକ୍ କଲେ- ଏତେ କଥା ପ୍ରଶ୍ନ-ଉତ୍ତର ନ କରି ସିଧା ପଚାରିଦେବି- ହଁ ନା ଶୁଣି ଚାଲିଯିବି ।

Digitized by srujanika@gmail.com

ପରବର୍ତ୍ତୀ ଘରେ କବାଟ ବାଡ଼େଇବାରୁ ଜଣେ ପ୍ରୌଢ଼ା ମହିଳା କବାଟ ଖୋଲି ପଚାରିଲେ- କି ଦରକାର ? ବନ୍ଧୁଜଣକ ପଚାରିଦେଲେ- ଆପନାର ଘରେ ଆଇବୁଡ଼ୋ ମେୟେ ଆଛେ ?

ଚଢ଼ାଗଳାରେ ପ୍ରଶ୍ନ ହେଲା "କେନ ?" ବନ୍ଧୁଜଣକ କହିଲେ- ଆମି ଏକଟୁ ଶୋବ । (ମୁଁ ଟିକିଏ ଶୋଇବି)

ଆଉ ଯିବେ କୁଆଡ଼େ ? ଯାହା ଗାଳି ଶୁଣିଲେ, ତାର କଂଚା ଓଡ଼ିଆ ହେଲା- "ଯୋଗଣୀଖିଆ, ଗାତପଶା, ଅଭିଆଡ଼ୀ ଝିଅ ନ ହେଲେ ବାବୁର ନିଦ ହେଉ ନାହିଁ । ଯା ଯା ନିମତଲା ମଶାଣୀ ଘାଟକୁ ଯା, ସେଇଠି ଶୋଇବୁ" ।

ଇଏ ତ ଗଲା ଘରଭଡ଼ା କଥା । ଏହାଠାରୁ ବେଶି ଉତ୍ପାତ ହେଲା ଘଟକମାନଙ୍କର ଦୌରାତ୍ମ୍ୟ । ଜୋକ ପରି ଲାଗିଥିବେ । ଦୈନିକ ସକାଳୁ ଆସି ନମସ୍କାର ପକାଇ ପଚାରିବେ- ଦାଦା ! କେମନ ଆଛେନ ?

ପ୍ରତ୍ୟେକ ପଡ଼ାରେ ଗୋଟିଏ ଲେଖାଏଁ ଘଟକ ଅଫିସ୍ । ଅବିବାହିତ ପୁଅ ଝିଅମାନଙ୍କ ନାଡ଼ୀ ନକ୍ଷତ୍ର ସବୁ ସେମାନଙ୍କୁ ଜଣା । ନଚିକେତା ସେମାନଙ୍କର ଶ୍ୟେନ ଦୃଷ୍ଟିରୁ ବାଦ୍ ପଡ଼ି ନ ଥିଲା । କେତେ ଘରକୁ ଯାଇଛି । ଖିଆ-ପିଆ କରିଛି ଶେଷରେ ମନା କରି ଦେଇ ଆସିଛି କୌଣସି ଗୋଟିଏ କାରଣ ଦେଖାଇ ।

ଥରେ ରାସବିହାରୀ ଏଭିନିୟୁର ଜଣେ ଇଂଜିନିୟରଙ୍କ ଶାଳୀକୁ ଦେଖିବାକୁ ଯିବାକୁ ବାଧ ହେଲା । ଖିଆପିଆ ପରେ କନ୍ୟାଦେଖା ପର୍ବ । କନ୍ୟା ନଚିକେତାଠାରୁ ଚାଖେଣ୍ଡେ ଡେଙ୍ଗୀ । ହାତ ଦୁଇଟିର ଯେତିକି ଖୋଲା ଦେଖାଯାଉଥିଲା, ସେଥିରେ କଳା ଲୋମ ଭର୍ତ୍ତି । ଯୌତୁକ ୨୫ ବିଘା ଜମି, କୋଠାଘର ୩୦ ଭରି ସୁନା, ନଗଦ ୧୦ ହଜାର ଟଙ୍କା (ସେତକ ଘଟକଙ୍କର ତା' ଠାରୁ ପ୍ରାପ୍ୟ, ସେ ପକ୍ଷରୁ ନିଶ୍ଚୟ କିଛି ଥିବ) । ପରେ ଖବର ଦେବି କହି ସେ ଯାତ୍ରାରୁ ରକ୍ଷା ପାଇଲା । ଆଉଥରେ ମଧ୍ୟ ଘଟକଙ୍କ ସହିତ ଚିନ୍‌ସୁରାକୁ ଯିବାକୁ ପଡ଼ିଲା । ଖାଇ ପିଇ ଫେରିଲା । ଘଟକଙ୍କୁ ବହୁ ନିବେଦନ କରି କହିଲା- "ଘରେ ବାପା ମା' ରାଜି ହେବେ ନାହିଁ ବଂଗାଳୀ ଝିଅକୁ ବୋହୂ କରିବା ପାଇଁ ।" ଘଟକ ମହାଶୟ ଆଉ ଆସିଲେ ନାହିଁ ।

ପୂର୍ବରୁ କହିଛି, ନଚିକେତା ଟେଷ୍ଟ ପରୀକ୍ଷା ପରେ ପବ୍ଲିକେଶନ କମ୍ପାନୀରୁ ଚାକିରି ଛାଡ଼ିଲା । ପରୀକ୍ଷା ଶେଷ ପର୍ଯ୍ୟନ୍ତ କୌଣସି ପ୍ରକାରେ ଚଳିଗଲେ । ପରୀକ୍ଷା ସମୟରେ ସଂସ୍କୃତ ପଣ୍ଡିତ ରାମଶାସ୍ତ୍ରୀଙ୍କର ପୁତ୍ର କେଶବ ଭଟ୍ଟାଚାର୍ଯ୍ୟ ହାଇସ୍କୁଲ୍ ଶିକ୍ଷକ ଥାଇ.ଆଇ.ଏ. ପରୀକ୍ଷା ତା ସହିତ ଦେଲେ । ତାଂକରି ବହି ଧରି ନଚିକେତା ତାଙ୍କୁ ପଢ଼ାଏ, ସେ ପ୍ରତ୍ୟହ ପରୀକ୍ଷା ପୂର୍ବଦିନ ଆସନ୍ତି । ତାପରେ ଦୁଇଜଣ ସାଂଗ ହୋଇ ବୋଷପଡ଼ା ବସାରୁ ପରୀକ୍ଷାହଲ୍‌କୁ ଯାଉ ।

Digitized by srujanika@gmail.com

ଶେଷ ପରୀକ୍ଷା ଦିନ ନଚିକେତା ବସାକୁ ଆସିଲା । ଖାଇବା ପାଇଁ କିଛି ନାହିଁ । ପକେଟରେ ମାତ୍ର ଚାରିପଇସା, ଚୁପ୍‌ଚାପ୍ ଶୋଇଗଲା । ସକାଳୁ ଜଣେ ଓଡ଼ିଆଙ୍କ ଦୋକାନରୁ ଚାରିପଇସାର ଚୁଡ଼ା କିଣି ଖାଇଲା ସେତିକି ।

ଉପର ଓଳି ସନ୍ଧ୍ୟାପୂର୍ବରୁ କେଶବ ଆସି ପହଞ୍ଚିଲା । ନଚିକେତାର ଶୁଖିଲା ମୁହଁରେ ସେ ହସ ଦେଖି କ'ଣ ହୋଇଛି ପଚାରିଲା । ହାତରେ ପଇସା ନାହିଁ ଏଣୁ କିଛି ଖାଇ ନାହିଁ କହିବାରୁ ସେ ଅତ୍ୟନ୍ତ ବିବ୍ରତ ହୋଇପଡ଼ିଲା । ନିଜ ପକେଟ ଦେଖିଲା, ମାତ୍ର ଚାରିଅଣା । ବେଲେଘାଟାରେ ତାର ଘର । ଟ୍ରାମଭଡ଼ା, ବାସଭଡ଼ା ଚାରିଅଣା । କ'ଣ କରିବ କିଛି ଚିନ୍ତା କରି ନପାରି ଶେଷକୁ କହିଲା- ତୋର ପୁରୁଣା ବହି କ'ଣ ଅଛି ବାହାର କର । ନିଜେ ଖୋଜି ଝାଡ଼ିଝୁଡ଼ି ପାଂଚ ସାତ ଖଣ୍ଡ ବହି ହାତରେ ଧରି ନଚିକେତାକୁ ସାଂଗରେ ଧରି ଶ୍ୟାମବଜାର ରୋଡ଼ରୁ କର୍ଣ୍ଣୱାଲିସ୍ ଷ୍ଟ୍ରୀଟ ବର୍ତ୍ତମାନ ବିଧାନ ସରଣୀ ଧରି ପୁରୁଣା ବହି ଦୋକାନମାନଙ୍କରେ ଦର କଲା । ମାତ୍ର ଅଢ଼େଇ ଟଙ୍କାରୁ କେହି ବେଶି ଦେବାକୁ ଚାହିଁଲେ ନାହିଁ । ନଚିକେତା ଶେଷକୁ ଦେଖିଲେ ଏଇ ଅଢ଼େଇ ଟଙ୍କା ନେଇ ରେଶନ ଆଣିଲେ ତାର ସପ୍ତାହେ ଚଳିଯିବ । ତେଣୁ ବାଧହୋଇ ଅଢ଼େଇ ଟଙ୍କା ନେଇ ବହିଗୁଡ଼ିକ ଦେଇଆସିଲା ।

ମଠ, ଆଶ୍ରମରୁ ଅଲଗା ହୋଇ ନିଜ ଗୋଡ଼ରେ ଠିଆ ହେବାର ଚେଷ୍ଟାର ଶେଷ ଏଇ ପର୍ଯ୍ୟନ୍ତ ଗଲା । ଚାରିଦିନ ପରେ ଖାଇ ବସିଛି, ଜଣେ ଅପରିଚିତ ଭଦ୍ରବ୍ୟକ୍ତି ଆସି ତା ନାମ ପଚାରିଲେ । ଏହା ମଧ୍ୟରେ ଗୋଟିଏ ସ୍କୁଲର ବଂଗଳା ସଂସ୍କୃତ ଶିକ୍ଷକ ପାଇଁ ବିଜ୍ଞାପନ ଦେଖି ଦରଖାସ୍ତ କରିଥିଲା, ମନେ ନ ଥିଲା ।

ସେହି ଦରଖାସ୍ତ ଖଣ୍ଡିକ ଦେଖାଇ ଭଦ୍ରବ୍ୟକ୍ତି ନିଜର ପରିଚୟ ଦେଲେ; ସେ ସ୍କୁଲର ପ୍ରଧାନ ଶିକ୍ଷକ ଓ ସହ-ସମ୍ପାଦକ; ତେଣୁ ନିଯୁକ୍ତିପତ୍ର ଦେଇ ସାଂଗରେ ନେଇ ଯିବାପାଇଁ ଆସିଛନ୍ତି । ଦୁଇଦିନ ପରେ ଯିବି କହି ତାଂକଠାରୁ ସେଇ ସ୍କୁଲର ଯିବା ବାଟ ଇତ୍ୟାଦି ଜାଣି ବିଦାୟ ଦେଲା । ଯଥାସମୟରେ ହାଓଡ଼ା ଜିଲ୍ଲାର ଆମତା ଷ୍ଟେସନରେ ଓହ୍ଲାଇ ସ୍କୁଲର ପ୍ରେସିଡ଼େଣ୍ଟଙ୍କ ଘରେ ପହଂଚିଲା । ତାକୁ ପାଇ ସେ ମହାଶୟ ଅତ୍ୟନ୍ତ ଆଦର ସତ୍କାର କଲେ ଏବଂ ଖାଇବା ପିଇବାର ବନ୍ଦୋବସ୍ତ କରି ସ୍କୁଲକୁ ନେଇ ସମସ୍ତଙ୍କ ସହିତ ପରିଚୟ କରାଇଦେଲେ ।

ଶିକ୍ଷକ ଜୀବନର ଆରମ୍ଭ

ଆଗରୁ ସଂସ୍କୃତ ଟୋଲର ପଣ୍ଡିତଗିରି ପରେ ସାଧାରଣ ଶିକ୍ଷା ସଂସ୍ଥାନରେ ଶିକ୍ଷକତା ବୃତ୍ତି ଏଇଠୁ ଆରମ୍ଭ ହେଲା । ହାଓଡ଼ା ଷ୍ଟେସନରୁ ଫୁଲେଶ୍ୱର ଷ୍ଟେସନ ତେଇଶ ମାଇଲ ।

Digitized by srujanika@gmail.com

ସେଠାରୁ କେନାଲରେ ଛଅ ମାଇଲ ଗଲେ ବନହରିଶପୁର ହାଇସ୍କୁଲ୍, କେନାଲ ବନ୍ଧରେ ଗୋଟିଏ ଲମ୍ବା ଟାଇଲ ଛାତର ପକ୍କାଘର । ଅନେକ ରୁମ୍, ଦୁଇ ତିନିଟା ଖାଲି ପଡ଼ିଥାଏ । ସେଇଥିରୁ ଗୋଟିଏ ରହିବା ଘର । ତା' ସହିତ ରୋଷେଇଶାଳ ଇତ୍ୟାଦି ।

ଗ୍ରାମକୁ ଯାଇ ମା'ଙ୍କୁ ନେଇଆସି ସେଇ ଘରେ ନଚିକେତା ରହିଲା । ପ୍ରତି ଶନିବାର କଲିକତା ଚାଲିଆସେ । ଏଣେ ସାତନମ୍ବର ସୀତାକାନ୍ତ ବ୍ୟାନାର୍ଜୀ ଲେନ୍‌ର ଚୈତନ୍ୟ ସାରସ୍ୱତ ମଠର ଶାଖାରେ ସଂସ୍କୃତ ଟୋଲର ଅଧ୍ୟାପନା, ନିଜେ ପୁରାଣ ଦାସ ଅଷ୍ଟତୀର୍ଥ, ପଣ୍ଡିତ ରାମଶାସ୍ତ୍ରୀ, ପଣ୍ଡିତ ପଂଚାନନ ଶାସ୍ତ୍ରୀ ପ୍ରଭୃତିଙ୍କ ଟୋଲରେ କେଉଁଠି ନ୍ୟାୟ, କେଉଁଠି ବେଦାନ୍ତ ଇତ୍ୟାଦିର ଛାତ୍ର; ତା ଉପରେ ମହାରାଜ ମଣୀନ୍ଦ୍ର କଲେଜରେ ସନ୍ଧ୍ୟାରେ ବି.ଏ. ଶ୍ରେଣୀର ଛାତ୍ର । ଏସବୁର ରୁଟିନବନ୍ଧା ବ୍ୟସ୍ତତା ଭିତରେ ବି ନଚିକେତାକୁ କେବେ ମଧ୍ୟ ଦୁଶ୍ଚିନ୍ତା ଘାରି ନାହିଁ ।

ବନହରିଶପୁର ମାହିଷ୍ୟ ଜାତିର ଲୋକଙ୍କର ବାସ । ପ୍ରାୟ ସମସ୍ତେ ପ୍ରଚୁର ଧାନଜମି ଓ ପାନ ବରଜର ମାଲିକ, ଲକ୍ଷପତି, କିନ୍ତୁ ଶିକ୍ଷିତ ଲୋକ ଜଣେ ଅଧେ । ଅଧିକାଂଶ କେବଳ ନାମ ଦସ୍ତଖତ କରିପାରନ୍ତି । କିନ୍ତୁ ମୁସଲମାନ ଅଧିବାସୀଙ୍କ ମଧ୍ୟରେ ଶିକ୍ଷିତ ସଂଖ୍ୟା ବେଶି । ଗ୍ରାମରେ ହିନ୍ଦୁ, ମୁସଲମାନ ଦୁଇ ଦଳ; ଫେର ହିନ୍ଦୁଙ୍କ ଭିତରେ ଦୁଇଦଳ; ମୁସଲମାନମାନଙ୍କ ଭିତରେ ଦୁଇ ଦଳ; ଏଇ ଚାରି ଗୋଷ୍ଠୀଙ୍କୁ ମନେଇ ନେଇ ସେଠାରେ କାର୍ଯ୍ୟ କରିବାକୁ ହେଲା ।

କ୍ରମଶଃ ସ୍ଥାନୀୟ ଅଧିବାସୀମାନେ ନଚିକେତାକୁ ଗୋପନରେ ଜଣାଇଲେ- ପ୍ରଧାନ ଶିକ୍ଷକ ସେଠାରେ ବାରବର୍ଷ ରହିଲେଣି । ସେ ପୂର୍ବବଂଗର ଉଦ୍‌ବାସ୍ତୁ; ଆଉ କେଇଜଣ ଉଦ୍‌ବାସ୍ତୁଙ୍କୁ ଆଣି ସ୍କୁଲ୍‌ର ମାଲିକ ହୋଇ ବସିଛନ୍ତି । ସ୍କୁଲ୍ ଟଙ୍କାରେ କଲିକତାରେ କୋଠାଘର କଲେଣି । ସ୍କୁଲ୍ କମିଟିର ପ୍ରେସିଡେଣ୍ଟ, ସେକ୍ରେଟାରୀ, ସ୍ଥାନୀୟ ଅଧିବାସୀ, ତାଙ୍କୁ ତାଙ୍କ ଦଳ ସହିତ ସ୍କୁଲ୍‌ରୁ ବିଦାୟ କରିଦେଇ ତାଂକ କବଳରୁ ସ୍କୁଲ୍‌କୁ ରକ୍ଷା କରିବାକୁ ବ୍ୟାକୁଳ । ଶେଷରେ ନଚିକେତା କେବଳ ସେମାନଂକର ନିଜ ଲୋକ । ତା ସାହାଯ୍ୟରେ ସେମାନେ ସାହସ ବାନ୍ଧି ସ୍କୁଲ୍‌ରୁ ପୂର୍ବବଂଗର ରିଫ୍ୟୁଜି ପ୍ରଧାନ ଶିକ୍ଷକ ଓ ତାଂକ ସହକାରୀମାନଂକୁ ବିଦାୟ ଦେଇ ତା ଉପରେ ସ୍କୁଲ୍ ଚଳାଇବାର ଯାବତୀୟ ଦାୟିତ୍ୱ ଦେବାପାଇଁ ଆଗ୍ରହୀ ।

କ୍ରମଶଃ ପ୍ରଧାନ ଶିକ୍ଷକଙ୍କୁ ପ୍ରକାଶ୍ୟ ବିରୋଧ କରିବାର ସାହସ ସଂଚୟ କରି କମିଟି ମେମ୍ବର ଓ ସ୍ଥାନୀୟ ଅଧିବାସୀ ହିନ୍ଦୁ ଓ ମୁସଲମାନ ମୁରବିମାନେ ସାଧାରଣ ସଭା ଡାକିଲେ ଏବଂ ନଚିକେତା ଉପରେ ସ୍କୁଲ୍‌ର ଯାବତୀୟ ଦାୟିତ୍ୱ ଦେବାର ନିଷ୍ପତ୍ତି ଘୋଷଣା କଲେ ।

Digitized by srujanika@gmail.com

ପ୍ରଧାନ ଶିକ୍ଷକ ନଚିକେତାକୁ ବିଦେଶୀ ମନେକରି ତାଙ୍କୁ ସହଯୋଗିତା କରିବ, ଏଇ ଉଦ୍ଦେଶ୍ୟରେ ଆଣିଥିଲେ । କିନ୍ତୁ ପରିସ୍ଥିତି ଏପରି ହେଲା ଯେ, ତାଂକୁ ନିଜ ଗୋଷ୍ଠୀ ସହିତ ବହିଷ୍କାର କରିବାର ପ୍ରଧାନ ଅସ୍ତ୍ର ନଚିକେତାକୁ ହେବାକୁ ପଡ଼ିଲା ।

ଶେଷରେ ସେ ନଚିକେତାକୁ ଅଯୋଗ୍ୟ ପ୍ରମାଣ କରିବାକୁ ଯାଇ କହିଲେ- "ସେ ଓଡ଼ିଆଲୋକ, ବଂଗଳା ଭଲ ପଢ଼ାଇପାରନ୍ତି ନାହିଁ । ଏଣୁ ତାକୁ ବହିଷ୍କାର କରାଯାଉ ।"

ଇତିମଧ୍ୟରେ ବଂଗଳା ସାହିତ୍ୟର କେତୋଟି ଗଦ୍ୟ, ପଦ୍ୟ କ୍ଲାସ ନଚିକେତା ନେଇ ସାରିଥିଲା, ସେଥିରେ ସବୁ ଶ୍ରେଣୀର ଛାତ୍ର ତ ମୁଗ୍ଧ ହୋଇ ତା ପକ୍ଷ ଗ୍ରହଣ କରିସାରିଥିଲେ । ସାଧାରଣ ସଭାରେ ପ୍ରଧାନ ଶିକ୍ଷକ ତାର ବଂଗଳା ସାହିତ୍ୟ ଜ୍ଞାନ ସମ୍ପର୍କରେ ପ୍ରଶ୍ନ ଉଠାଇବାରୁ ସେ ମଧ୍ୟ ପ୍ରକାଶ୍ୟ ସଭାରେ ଘୋଷଣା କଲା- "ପ୍ରଧାନ ଶିକ୍ଷକ ତାଙ୍କର ପରିଚିତ ବଂଗଳା ସାହିତ୍ୟ ଶିକ୍ଷକଙ୍କୁ ଆଣି ପୂର୍ବରୁ ପ୍ରସ୍ତୁତ ହୋଇ ଯେକୌଣସି କବିତା ବା ଗଦ୍ୟ ପଢ଼ାନ୍ତୁ । ତା'ପରେ ସେ ବିନା ପ୍ରସ୍ତୁତିରେ ଛାତ୍ରମାନଙ୍କ ନିର୍ବାଚିତ ଯେକୌଣସି କବିତା ବା ଗଦ୍ୟ ପଢ଼ାଇବ । ତା'ପରେ ଛାତ୍ରମାନଙ୍କର ଅଭିମତ ନିଆଯିବ । ତାର ଅଧ୍ୟାପନାରେ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କଲେ ସେ ନିଜେ ଚାଲିଯିବ ।"

ତେବେ ଏତେ ପର୍ଯ୍ୟନ୍ତ କଥା ଗଲା ନାହିଁ । ସମସ୍ତେ ଏକ ସ୍ୱରରେ କହିଲେ, "ଆମେ ନଚିକେତା ଶର୍ମାଙ୍କ ଉପରେ ଦାୟିତ୍ୱ ଦେଲୁ ଏବଂ ସେଇ ମର୍ମରେ ସମସ୍ତେ ପ୍ରସ୍ତାବ ଗ୍ରହଣ କଲେ । ପ୍ରଧାନ ଶିକ୍ଷକ ତା ପରଦିନ ତାଂକର ସମସ୍ତ ସହଯୋଗୀମାନଂକୁ ନେଇ ସ୍କୁଲ ଛାଡ଼ି ଚାଲିଗଲେ- ଉଦ୍ଦେଶ୍ୟ ସ୍କୁଲ୍ ଅଚଳ ହେବ, ନଚିକେତା କଦାପି ସମ୍ଭାଳିପାରିବ ନାହିଁ, ଇତ୍ୟାଦି ।

କିନ୍ତୁ ତା' ପରଦିନ ନଚିକେତା କୋଲକାତା ଯାଇ ଜଣେ ବଂଗଳା ଏମ୍.ଏ., ଜଣେ ଅର୍ଥଶାସ୍ତ୍ର ଏମ୍.ଏ., ଜଣେ ବି.ଏସ୍‌ସି. ଏବଂ ଆଉ ଜଣେ ଗ୍ରାଜୁଏଟ୍‌କୁ ଧରି ପହଂଚିଗଲା । ଗ୍ରାମବାସୀମାନଙ୍କର ଆନନ୍ଦ କହିଲେ ନ ସରେ । ସେମାନେ ଯେ ବାରବର୍ଷର ଶୋଷଣରୁ ରକ୍ଷା ପାଇପାରିଛନ୍ତି, ଏଥିପାଇଁ କେତେ ଦିନ ଧରି ଆନନ୍ଦ ଉତ୍ସବ ଚାଲିଲା; କିନ୍ତୁ ମାତ୍ର କେଇ ମାସ ପରେ ସେଥିରେ ବାଧା ପଡ଼ିଲା ।

ଚିତ୍ତରଂଜନ ଏଭିନ୍ୟୁସ୍ଥିତ ଶ୍ରୀବିଦ୍ୟାନିକେତନ ନାମକ ସ୍କୁଲରେ ବଂଗଳା ସଂସ୍କୃତ ଶିକ୍ଷକ ପଦ ପାଇ ନଚିକେତା ଯୋଗ ଦେଲା । କାରଣ କୋଲକାତାରେ ତାର କର୍ମକ୍ଷେତ୍ର ବହୁ ବ୍ୟାପକ ହୋଇଯାଇଥିଲା । ପ୍ରତି ଶୁକ୍ରବାର ଦିନ ବନହରିଶପୁର ଯାଏ, ସ୍କୁଲର କଥା ବୁଝାସୁଝା କରେ, ସୋମବାର କୋଲକାତା ଚାଲିଆସେ । ତାର ଚାଲିଆସିବା

Digitized by srujanika@gmail.com

ଦ୍ୱାରା ସ୍ଥାନୀୟ ଏକତା ରହିଲା ନାହିଁ । ଚାରିଗୋଷ୍ଠୀ ପରସ୍ପର ପ୍ରତି ବିରୋଧୀ ହୋଇଗଲେ । ସ୍କୁଲର ଅବସ୍ଥା ମଧ୍ୟ ଅସମ୍ଭାଳ ହୋଇପଡ଼ିଲା । ବହୁ ଚେଷ୍ଟା କଲା ସମସ୍ତଙ୍କୁ ମିଳାଇବା ପାଇଁ; କିନ୍ତୁ ସେ ନିଜେ ରହିଥିଲେ ଯାହା ହୋଇଥାଆନ୍ତା ତାହା ଅନ୍ୟ ଶିକ୍ଷକମାନେ କରାଇପାରିଲେ ନାହିଁ ।

ଏ ମଧ୍ୟରେ ନଚିକେତା ଆଇ.ଏ. ପାସ୍ କରିସାରିଥିଲେ । ଶ୍ରୀ ବିଦ୍ୟାନିକେତନରେ ବଂଗଳା ସଂସ୍କୃତ ଶିକ୍ଷକ ଥାଇ ଶ୍ୟାମବଜାର ମହାରାଜ ମଣୀନ୍ଦ୍ର କଲେଜରେ ସନ୍ଧ୍ୟାରେ ବି.ଏ. ଶ୍ରେଣୀରେ ନାମ ଲେଖାଇଲା, ଶ୍ରୀବିଦ୍ୟାନିକେତନରେ ଯୋଗ ଦେବାର ୬/ ୭ ଦିନ ପରେ ଦିନେ, ୯ମ ଶ୍ରେଣୀରେ ବଂଗଳା ବ୍ୟାକରଣ ପଢ଼ାଉଛି, ବୋର୍ଡ଼ରେ କାରକ ବିଭକ୍ତିର ନିଜସ୍ୱ ସଂକ୍ଷିପ୍ତ ସୂତ୍ର ଲେଖି ପିଲାମାନଙ୍କୁ ବୁଝାଉଛି । ହଠାତ୍ ଫେରିଯିବାର ଜୋତା ଶବ୍ଦ ଶୁଣି ଦରଜା ଆଡ଼କୁ ଅନାଇଲା । ସ୍କୁଲର ସେକ୍ରେଟାରୀ, ପ୍ରଧାନ ଶିକ୍ଷକ ଓ ଜଣେ ସଭ୍ୟ ପଛକରି ଚାଲି ଯାଉ ଯାଉ ସେକ୍ରେଟେରୀଙ୍କ ସ୍ୱର ଶୁଭିଲା । "He is a born teacher" ଛାତ୍ରମାନଙ୍କୁ ପଚାରି ବୁଝିଲା ସେମାନେ class inspection କରିବାକୁ ଆସିଥିଲେ, ବାହାରେ ଛିଡ଼ାହୋଇ ୫ମିନିଟ୍ ରହି ଚାଲିଗଲେ । ନଚିକେତା ସେ ଆଡ଼କୁ ଅନାଇ ନାହିଁ- ଏଣୁ ଦେଖିପାରି ନାହିଁ ।

"Born teacher" କଥାଟା ଏପରି ଗୋଟିଏ ମାନସିକ ସ୍ଥିତି ତା ଭିତରେ ଆଣି ଦେଇଥିଲା, ଯାର ପ୍ରଭାବ ସାରା ଜୀବନପଥକୁ ନିୟନ୍ତିତ କରିଥିଲା । କୋଲକାତାରେ ଚାକିରି କରିବା ସହିତ ରାଜନୀତି, ବହି ବ୍ୟବସାୟ, ସପ୍ଲାଇ ବିଜିନେସ୍ ଏସବୁର ସ୍ୱାଦ ଚାଖିଲା, ସବୁଥିରେ ଫେଲ ମାରିଲା । ୧୯୬୨ରେ ପାରାଦ୍ୱୀପରେ କଣ୍ଟ୍ରାକ୍ଟରୀ ମଧ୍ୟ ଅନ୍ୟମାନଙ୍କ ନାମରେ କରାଇଲା । ଏପରି ପରିସ୍ଥିତି ଆସିଲା ତାକୁ ଅଧ୍ୟାପକ ଚାକିରି ଛାଡ଼ି ପାରାଦ୍ୱୀପରେ ରହି କଣ୍ଟ୍ରାକ୍ଟରୀ କରିବାକୁ ହେବ । ତା'ହେଲେ ବର୍ଷ ଗୋଟାକରେ ସେ ଲକ୍ଷ ଲକ୍ଷ ଟଂକାର ମାଲିକ ହୋଇପାରିବ । ତିନି ରାତି ନିଦ ହେଲା ନାହିଁ- ନଚିକେତା ଶର୍ମା କଣ୍ଟ୍ରାକ୍ଟର ହେବ ନା ଶିକ୍ଷକ ହେବ; ଯଦି କଣ୍ଟ୍ରାକ୍ଟର ହେବ ତେବେ ସଂସ୍କୃତରେ ଏତେ ଦର୍ଶନ ଶାସ୍ତ୍ର, ବୈଷ୍ଣବ ଶାସ୍ତ୍ର; ତିନି ତିନିଟା ଏମ.ଏ. ଡିଗ୍ରୀ ଏସବୁ କାହିଁକି ? କି ଦରକାର ଥିଲା ? ଏମିତି ଚିନ୍ତାରେ ୩ଦିନ ପରେ ଦେଖିଲା- ମୁଣ୍ଡରେ ବାଳ ପାଚିବାକୁ ଆରମ୍ଭ କଲାଣି । ଶେଷରେ ଠିକ୍ ହେଲା ଏ ଶର୍ମା ଶିକ୍ଷକ ହିଁ ରହିବ ଜୀବନର ଶେଷ ପର୍ଯ୍ୟନ୍ତ । ଚାଷୀକି ବଣିଜ ଅଡୁଆ ।

Digitized by srujanika@gmail.com

ବି ପୂର୍ବକ ବହଧାତୁ

ଶ୍ରୀ ବିଦ୍ୟାନିକେତନରେ ମାତ୍ର ୫/୬ ମାସ ରହିବା ପରେ ହାଓଡ଼ା ଷ୍ଟେସନର ଉତ୍ତର ସାଲକିଆ ଏ.ଏସ. ସ୍କୁଲରେ ସେଇ ବଂଗଳା ସଂସ୍କୃତ ଶିକ୍ଷକ ରୂପେ ନଚିକେତାକୁ ନିଯୁକ୍ତି ମିଳିଗଲା । ଶହେ କୋଡ଼ିଏ ବର୍ଷର ସ୍କୁଲ୍, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ; ପ୍ରତ୍ୟେକ ଶ୍ରେଣୀରେ ୪/୫ଟି ସେକ୍‌ସନ; ଶିକ୍ଷକ ସଂଖ୍ୟା ୬୫ । ସକାଳ ବାଳିକା ବିଭାଗରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୦; ମୋଟ ଛାତ୍ରସଂଖ୍ୟା ପ୍ରାୟ ୪ହଜାର । ଚତୁର୍ଥଶ୍ରେଣୀ କର୍ମଚାରୀ ୮/୧୦ ଜଣ; ସମସ୍ତେ ଓଡ଼ିଆ । ଶିକ୍ଷକ ମଧ୍ୟରେ ନଚିକେତା ଶର୍ମା ଏକ ମାତ୍ର ଓଡ଼ିଆ ।

ମାସ ୨/୩ଟା ମଧ୍ୟରେ ବଂଗଳା-ସଂସ୍କୃତ ଶିକ୍ଷକ ଓ ବକ୍ତା ହିସାବରେ ତା' ନାଁଟା ଜୋର ପ୍ରଚାର ହୋଇଗଲା । ଟିଉସନ୍ ହେବାପାଇଁ ପ୍ରଚୁର ଛାତ୍ରଛାତ୍ରୀ ଆସିଗଲେ । ଗତ ୨ବର୍ଷ ଧରି ଅର୍ଥାଭାବର ପୀଡ଼ନରୁ ସେ ରକ୍ଷା ପାଇଲା । ବି.ଏ.ପାସ୍ ମଧ୍ୟ ହୋଇଗଲା । ସାଲକିଆରେ ନଚିକେତା ନିଜେ, ତା ମା' ଏବଂ ତା'ର ପୂର୍ବ ଶିକ୍ଷକ ବଡ଼ଚଣା ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ମିତ୍ର- ଏଇ ତିନିଜଣଂକୁ ନେଇ ତାର ଅଧା ଗୃହସ୍ଥାଳୀ; କାରଣ ଗୃହିଣୀ ସେତେବେଳ ପର୍ଯ୍ୟନ୍ତ ଆସିବାର କୌଣସି ଇଚ୍ଛା ବା ଯୋଜନା ତାର ନ ଥିଲା । ଏକମାତ୍ର ନିଶା ତାକୁ ଘାରିଥିଲା ଯେତେପାରେ ଡିଗ୍ରୀ ହାସଲ କରିବ । ପୁନଶ୍ଚ ସଂସ୍କୃତରେ ଅନର୍ସ ନେଇ ପାସ୍ କରି ଏମ୍.ଏ. ପାଇଁ ପ୍ରସ୍ତୁତ ହେଉଥିଲା ।

ମା'କୁ ସାହାଯ୍ୟ କରିବା ପାଇଁ ଝି (ଚାକରାଣୀ) ର ବ୍ୟବସ୍ଥା କଲା । ସେ ଦୁଇବେଳା ଆସି ଘରର ସବୁ କାମ କରି ଦେଇଯାଏ । ମା' କେବଳ ରନ୍ଧାବଢ଼ା କରେ । କିନ୍ତୁ ସବୁବେଳେ ମୁହଁ ଶୁଖାଇ ବସିଥାଏ । କାହିଁକି ଏମିତି ବସିଛୁ ପଚାରିଲେ ଯାହା ଉତ୍ତର ଦିଏ, ତାର ମର୍ମ ହେଲା- ଘରକୁ ବୋହୂଟିଏ ଦରକାର । ମିଛରେ କହେ ମୁଁ ଏତେ କାମକୁ ପାରୁ ନାହିଁ ଇତ୍ୟାଦି । କଥାଟା ବୁଝିବାକୁ ବିଳମ୍ବ ହେଲା ନାହିଁ ।

ଅର୍ଥାଭାବରୁ ସିନା ମୁକ୍ତି ମିଳିଲା- ମା'ଚିନ୍ତା ବଡ଼ ବିବ୍ରତ କଲା । ବିବାହ କଥା ଚିନ୍ତା କରି ଥଳ-କୂଳ ପାଇଲା ନାହିଁ । ଆଶ୍ରମର ବ୍ରହ୍ମଚାରୀ ଜୀବନରେ ଯେଉଁ ଅଭ୍ୟାସ, ଜୀବନଚର୍ଯ୍ୟା, ରୀତି-ନୀତିରେ ଏତେ କାଳ ବଢ଼ିଆସିଛି ବିବାହ କରି ପୂରାସଂସାରୀ ହୋଇ ସେସବୁ ରଖିପାରିବ କି ନାହିଁ । ପରମାର୍ଥ ଜୀବନର ଯେଉଁ ସାମାନ୍ୟ ଆଲୋକ ରଶ୍ମିଟିକକ ସାଧୁଗୁରୁ କୃପାରୁ ପାଇଛି, ସେତକ ରହିବ କି ନା, ଯେଉଁ ନାରୀ ତାର ସାରା ଜୀବନର ସଂଗିନୀ ହେବ, ସେ ଯଦି ପୂରାପୂରି ଜଣେ ସାଧାରଣ ଦେହ-ଗେହରେ ଆସକ୍ତା

Digitized by srujanika@gmail.com

ଯୌନ ଜୀବନର ମାଂସପିଣ୍ଡଟିଏ କେବଳ ହୁଏ, ତା' ମଧ୍ୟରେ ଯଦି କିଛି ମାତ୍ର ଅନାସକ୍ତି ଭକ୍ତି ଭାବନା ନ ଥାଏ, ତେବେ ତାର ବାରବର୍ଷର ତପସ୍ୟା ଶୁଖୁଆପୋଡ଼ାରେ ଯିବ ।

ବ୍ରହ୍ମଚର୍ଯ୍ୟ ଆଶ୍ରମ ପରେ ଗୃହସ୍ଥାଶ୍ରମ- ଏହା ତ ମୁନିଋଷିମାନଙ୍କର ଆଶ୍ରମ ବ୍ୟବସ୍ଥା; ଗୃହସ୍ଥ ଜୀବନ ମଧ୍ୟ ଏକ ଆଶ୍ରମ ଜୀବନ । ଯଦି ଅନ୍ୟମାନଂକ ପରି ସାଧାରଣ ସଂସାରୀ ଜୀବନଯାପନ କରିବାକୁ ହୁଏ, ତା ପକ୍ଷରେ ଆତ୍ମହତ୍ୟା ହିଁ ହେବ- ଏମିତି କେତେ କ'ଣ ଚିନ୍ତା ଅନବରତ ତାକୁ ପୀଡ଼ା ଦେଲା ।

ଏମିତି ସମୟରେ ଯୋଗେଶବାବୁଙ୍କର ପୂର୍ବ ହାଇସ୍କୁଲର ଜଣେ ଶିକ୍ଷକ ତାଂକ ପାଖକୁ ଗୋଟିଏ ବିବାହ ପ୍ରସ୍ତାବ ପଠାଇଲେ ନଚିକେତା ପାଇଁ । ଆଗରୁ ବାପାଙ୍କୁ ନିଷେଧ କରି ସେ ଲେଖି ଦେଇଥିଲା- ସେ କୌଣସିଠାରେ ପୂରା ଜବାବ ଦେବେ ନାହିଁ ଯେ ପର୍ଯ୍ୟନ୍ତ ସେ ନିଜେ ନ ଦେଖିଛି । ବାପା ମଧ୍ୟ ସେ ବିଷୟରେ ଯଥେଷ୍ଟ ସଂସ୍କାରମୁକ୍ତ ଥିଲେ । କନ୍ୟାପକ୍ଷ କୋଲକତା ଆସି ଯୋଗେଶବାବୁଙ୍କ ସହ କଥାବାର୍ତ୍ତା କଲେ ଏବଂ କନ୍ୟା ଦେଖିଯିବା ପାଇଁ ଦିନ ସ୍ଥିର କରାଇ ଚାଲିଗଲେ । କଥା ହେଲା ନଚିକେତା ନିଜେ ଓ ଯୋଗେଶବାବୁ ଯିବେ । ଆଉ କେହି ଯିବା ଦରକାର ନାହିଁ । କିନ୍ତୁ ଯିବାଦିନ ଯୋଗେଶବାବୁ ଶଯ୍ୟାଶାୟୀ ହୋଇପଡ଼ିଲେ । ଶେଷରେ ସେ ଏକାକୀ ସନ୍ଧ୍ୟାରେ ପୁରୀ ଏକ୍‌ସପ୍ରେସ୍‌ରେ ଚଢ଼ି ବାଲେଶ୍ୱର ଷ୍ଟେସନରେ ଓହ୍ଲାଇଲା । ରାତି ପ୍ରାୟ ୨ଟା ବେଳେ ଷ୍ଟେସନ ପାଖରେ ଜଣେ ବନ୍ଧୁଙ୍କ କ୍ୱାର୍ଟରରେ ଭୋର ପର୍ଯ୍ୟନ୍ତ ବିଶ୍ରାମ କରି ପ୍ରଥମ ବସରେ ରେମୁଣା ଗଲା କ୍ଷୀରଚୋରା ଗୋପୀନାଥଙ୍କ ଦର୍ଶନ ପାଇଁ । ଉଦ୍ଦେଶ୍ୟ ଗୋପୀନାଥଙ୍କଠାରୁ ଯଦି କୌଣସି ଅନୁକୂଳ ଇଂଗିତ ପାଏ ତେବେ ଜାଣିବ, ଏ ବିବାହ ତାର ପାରମାର୍ଥିକ ଜୀବନର ବାଧକ ହେବ ନାହିଁ । ତା ଯଦି ନ ପାଏ, ତେବେ ଏ ସମ୍ବନ୍ଧ ଶୁଭ ହେବ ନାହିଁ । ଏଇଠୁ କଲିକତା ଫେରିଯିବ ।

ଗୋପୀନାଥଂକ ମନ୍ଦିରରେ ପହଂଚି ଦେଖିଲା ମଂଗଳ ଆରତି ହେଉଛି, ପୂଜକ ବ୍ୟତୀତ ଅନ୍ୟ କେହି ନାହାନ୍ତି । ବିଗ୍ରହ ସମ୍ମୁଖରେ ନତଜାନୁ ହୋଇ ଶ୍ରୀମୁଖକୁ ଅନାଇ ବସିଲା । ଆରତି ଶେଷ ହେଲା । ପୂଜକ ତାକୁ ପ୍ରଦୀପ ସ୍ପର୍ଶ କରାଇ ବିଗ୍ରହ ସମ୍ମୁଖରେ ପ୍ରଦୀପ ରଖିଲେ । ସେ ପୂର୍ବବତ୍ ଅନାଇ ରହିଥାଏ । ହଠାତ୍ ବିଗ୍ରହଂକ ଶ୍ରୀଅଂଗରୁ ଗୋଟିଏ ବଡ଼ ଫୁଲମାଳ ଖସି ପଡ଼ିଲା । ପୂଜକ ସେଇ ମାଳାଟି ଆଣି ତାକୁ ଦେଇ କହିଲେ- "ଆପଣ କିଛି ଆଜ୍ଞା ମାଗିଥିଲେ କି ? ନିଅନ୍ତୁ ଏଇ ଆଜ୍ଞାମାଳା, ଠାକୁରେ ଜାଣି ଏଇ ମାଳା ଆପଣଙ୍କୁ ଦେଲେ ।"

ନଚିକେତା ଆଖିରୁ ଲୁହ ଝରି ଆସିଲା । ପୂଜକଙ୍କୁ ଦକ୍ଷିଣା ଦେଇ ମାଳାଟି ଧରି ଷ୍ଟେସନକୁ ଫେରିଲା । ସେଠାରୁ ବସ୍‌ଷ୍ଟାଣ୍ଡ, ଆଗରୁ ଖବର ଦିଆଯାଇଥିଲା । ବସ୍‌ଷ୍ଟାଣ୍ଡକୁ

Digitized by srujanika@gmail.com

ଲୋକ ଆସିଥିଲେ । ପୂର୍ବରୁ କେହି କାହାକୁ ନ ଦେଖିଥିଲେ ମଧ୍ୟ ଚିହ୍ନା ପରିଚୟ ହୋଇଗଲା ।

ଭାବୀ ଶ୍ୱଶୁରଘରେ ପହଂଚି ଖିଆପିଆ ପରେ କଥାବାର୍ତ୍ତା ଆରମ୍ଭ ହେଲା । ଭାବୀ ଶ୍ୱଶୁର, ଭାବୀ ପତ୍ନୀ, ତା'ଙ୍କ ସାନଭଉଣୀ ଗୋଟିଏ ଖଟରେ ବସିଲେ । ନଚିକେତା ସାମନାରେ ଆଉ ଗୋଟିଏ ଖଟରେ ବସିଥାଏ । ବିଭିନ୍ନ ଆଳାପ ଚାଲିଲା । ନଚିକେତା ପ୍ରକାରାନ୍ତରେ ଶୁଣାଇଦେଲା ସେ ନିରାମିଷଭୋଜୀ । ଲଗାମ ଛଡ଼ା, ଅତ୍ୟନ୍ତ ଶୁଷ୍କ ନୀରସ ବ୍ୟକ୍ତିଟିଏ; ଖାଇ ପିଇ ମଉଜ କରିବା ଲୋକ ନୁହେଁ । ଏପରି ଗୋଟିଏ ବେରସିକ ଶୁଷ୍କ ବ୍ରହ୍ମଚାରୀକୁ ବିବାହ କରିବା ପାଇଁ ଆଧୁନିକା କୌଣସି କିଶୋରୀ ମନ ବଳାଇବା ତାର ଏକପ୍ରକାର ଦୁର୍ଭାଗ୍ୟ । ପ୍ରାୟ ୨/୩ ଘଣ୍ଟା ନାନା ପ୍ରକାର ଆଲୋଚନା ପରେ ମଧ୍ୟାହ୍ନ ଭୋଜନ ତା'ପରେ କିଛି ସମୟ ବିଶ୍ରାମ ପରେ ବିଦାୟ ।

ଭାବୀ ଶ୍ୱଶୁର ଗାଡ଼ିରେ ଉଠାଇଦେଲା ବେଳେ ପଚାରିଲେ,- "ଆପଣଂକ ମତାମତ କିଛି ଜଣାଇଲେ ନାହିଁ ?? ଉତ୍ତର ଦେଲା- ଆପଣଂକ କନ୍ୟାଙ୍କୁ ପଚାରି ବୁଝନ୍ତୁ । ସେ ଯଦି ରାଜି ଥାଆନ୍ତି, ତେବେ ମୋର କୌଣସି ଆପତ୍ତି ନାହିଁ । ସେ କହିଲେ, ମୁଁ ତାଂକର ଅନୁକୂଳ ମତ ନେଇସାରିଛି । " ତେବେ ଆନୁଷ୍ଠାନିକ କଥାବାର୍ତ୍ତାରେ ଅଗ୍ରସର ହୁଅନ୍ତୁ"- ଏତିକି କହି ନଚିକେତା ଫେରିଆସିଲା ।

ପତ୍ରାଳାପରେ ଠିକ୍ ହେଲା- ଗୋଟିଏ ନିର୍ଦ୍ଦିଷ୍ଟ ତାରିଖରେ ଭାବୀ ଶ୍ୱଶୁର ପୁରୀ ଏକ୍ସପ୍ରେସରେ କୋଲକାତା ଯିବେ । ସେଇଠାରେ ନଚିକେତାର ଅଭିଭାବକ ଯୋଗେଶବାବୁ ଓ ବାପାଙ୍କ ସହିତ ବିବାହ ଦିନ ସ୍ଥିର ହେବ । ବାପାଙ୍କୁ ସେଇ ତାରିଖରେ ପୁରୀ ଏକ୍ସପ୍ରେସରେ କୋଲକାତା ଆସିବା ପାଇଁ ଯୋଗେଶବାବୁ ପତ୍ର ଦେଲେ ।

ନିର୍ଦ୍ଦିଷ୍ଟ ତାରିଖ ସକାଳେ ଦେଖାଗଲା, ବାପା ଓ ଶ୍ୱଶୁର ଦୁଇ ଜଣ ଏକତ୍ର ଆସି ପହଂଚିଲେ । ପୂର୍ବେ କେହି କାହାକୁ ଦେଖି ନ ଥିଲେ । ହାଓଡ଼ା ଷ୍ଟେସନରେ ଓହ୍ଲାଇ ଟାକ୍ସିଷ୍ଟାଣ୍ଡ୍ ପାଖରେ ଠିଆ ହୋଇ ଓଡ଼ିଆ ଲୋକର ପୂର୍ବବର୍ଣ୍ଣିତ ଚେହେରା ଦେଖିଲେ ଶ୍ୱଶୁରଙ୍କ ନାମ ଧରି ଥରେ ଡାକି ଦିଅନ୍ତି; ଏଇଭାବରେ ଦୁଇ ଜଣଙ୍କର ଭେଟ ହେଲା । ସାଲକିଆ ବସା ମଧ୍ୟ କେହି ପୂର୍ବେ ଦେଖି ନ ଥିଲେ, ପଚାରି ବୁଝି ଆସି ଉଭୟେ ଉପସ୍ଥିତ । ଏ ବି ଏକପ୍ରକାର ଈଶ୍ୱରନିର୍ଦ୍ଦିଷ୍ଟ ଯୋଗାଯୋଗ ।

ବିବାହ ଦିନ ସ୍ଥିର ପରେ ଶ୍ୱଶୁର ଦେବାନେବା କଥା ପ୍ରକାରାନ୍ତରେ ଉଠାଇଲେ । ନଚିକେତା ହାବ-ଭାବ ଦେଖି ତାକୁ କୌଣସି କଥା ସ୍ପଷ୍ଟ ପଚାରିବାକୁ ସାହସ କଲେ ନାହିଁ । ନଚିକେତାର ଅସାକ୍ଷାତ୍‌ରେ ବାପାଙ୍କୁ ଦବା-ନବା କଥା ପଚାରିବାରୁ ବାପା ଶୁଣାଇ ଦେଲେ-

Digitized by srujanika@gmail.com

"ମୋ ପୁଅ ବାପଠାରୁ ପଇସାଟିଏ ମଧ୍ୟ ଗ୍ରହଣ କରି ନାହିଁ । ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ତା' ଗଳାରେ ଦିନେ ତୁଳସୀମାଳା ଦେଖି ଟିକିଏ ବିଦ୍ରୂପାତ୍ମକ କଥା କହିବାରୁ ସେ ପ୍ରତିଜ୍ଞା କଲା- "ତୁମଠାରୁ ପଇସାଟିଏ ମଧ୍ୟ ନେବି ନାହିଁ ।" ସେ ପ୍ରତିଜ୍ଞା ଆଜି ବିବାହ ବ୍ୟାପାରରେ ମଧ୍ୟ ରକ୍ଷା କରିଛି । ଗ୍ରାମରୁ ମୁଁ ବରଯାତ୍ରୀ ହିସାବରେ ଯେଉଁମାନଂକୁ ଆଣିବି, ସେ ସମସ୍ତଙ୍କର ଯାତାୟାତ ଖର୍ଚ୍ଚ ମଧ୍ୟ ସେ ମୋତେ ଦେଇସାରିଛି । ଏ ପୁଅକୁ ତୁମେ କ'ଣ ଦେବ ?"

ଦବାନବା କଥା ସେଇଠି ରହିଲା । ତଥାପି ଶ୍ୱଶୁର ମହାଶୟ ଯୋଗେଶବାବୁଙ୍କ ସହ କ'ଣ କଥାବାର୍ତ୍ତା କରିଥିଲେ ତା ନଚିକେତା ଶୁଣି ନ ଥିଲା ।

କଟକରୁ ବରଯାତ୍ରୀ ଯେଉଁମାନେ ଯାଇଥିଲେ ସେମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଲାଇବ୍ରେରିୟାନ୍ ଶ୍ରୀଯୁକ୍ତ ସୁଧାଂଶୁ ଘୋଷ, ଡକ୍ଟର କୈଳାସ ରାଓଙ୍କ ପୁତ୍ର ଶିବେଶ ରାଓ ଓ ବଡ଼ଚଣା ହାଇସ୍କୁଲ୍‌ର ଛାତ୍ର ଶ୍ରୀ ଯଦୁନାଥ ମହାପାତ୍ର ଥିଲେ । କାରଣ ସେ ଓ ଶିବେଶ, ଯୋଗେଶବାବୁଙ୍କ ଛାତ୍ର ଥିଲେ ।

ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ କ୍ୱାର୍ଟରରେ ବରଯାତ୍ରୀମାନଙ୍କର ସାମୟିକ ରହଣି ହେଲା । ସେଇଠୁ ବରଯାତ୍ରୀ ପ୍ରୋସେସନରେ ବିବାହ ମଣ୍ଡପକୁ ଯିବେ । ନଚିକେତା ଜିଦ୍ ଧରିଲା- ସେ ଉପବାସ କରିପାରିବ ନାହିଁ ଅରୁଆ ଅନ୍ନ ଖାଇବ । ଏଣୁ ଶ୍ୱଶୁରଘର ଠାକୁର ମେଲାରେ ତା' ପାଇଁ ପୃଥକ ରୋଷେଇ ହେବ । ସେ ଯାଇ ସେଇଠି ଖାଇବ । ଅନ୍ୟାନ୍ୟ ବରଯାତ୍ରୀ ଶ୍ୱଶୁରଘର ରୋଷେଇରେ ଭୋଜି ଖାଇବେ ବୋଲି ସ୍ଥିର ହେଲା ।

ବର ଗାଧୋଇ ସାରି ଦୁର୍ଗାମେଲାକୁ ଯିବାପୂର୍ବରୁ ବାଟରେ ମହାଦେବ ମନ୍ଦିର ପଡ଼େ; ମନ୍ଦିର ସାମନାରେ ପହଂଚି ଦେଖିଲା ପାଖ କୂଅରୁ ଗରାଏ ପାଣି ବାଢ଼ି ମନ୍ଦିର ଦରଜାରେ ରଖିଦେଇ ଜଣେ କିଶୋରୀ ଦୌଡ଼ି ପଳାଇଲେ । ବର ନିର୍ବିକାରରେ ସେଇ ଗରାରୁ ପାଣି ଢାଳି ଗୋଡ଼ ଧୋଇ ଶିବଙ୍କୁ ପ୍ରଣାମ କରି ଦୁର୍ଗାମେଲାକୁ ଚାଲିଗଲା ।

ନଚିକେତା ପରେ ଶୁଣିଲା, ସେଇ କିଶୋରୀ ମହାଦେବଙ୍କ ସ୍ନାନ ପାଇଁ ପାଣି କାଢ଼ିଥିଲେ । ସେଇ ପାଣିରେ ଜଣେ କିଏ ଗୋଡ଼ ଧୋଇବା ଦେଖି ମନେ ମନେ ରାଗି ଯାଇଥିଲେ । ପରେ ଯେତେବେଳେ ଉକ୍ତ କିଶୋରୀ ଜାଣିଲେ ଯେ ତାଙ୍କ ଶିବପୂଜାର ବଳରେ ତାଙ୍କରି ଭାବୀ ପତି ହିଁ ଗୋଡ଼ ଧୋଇଛନ୍ତି, ସେତେବେଳେ ତାଂକୁ କିଛି ପରିହାସ ବାକ୍ୟ ଶୁଣିବାକୁ ହୋଇଥିଲା ।

ରାଗିବାର ଯଥେଷ୍ଟ ଯୌକ୍ତିକତା ଥିଲା । ନିଜ ବିବାହ ତିଥିରେ ଜଣେ କିଶୋରୀ କେତେ କ'ଣ ମନାସି ଶିବଙ୍କ ମସ୍ତକରେ ଜଳଢାଳି ପୂଜା କରିବାକୁ ଯାଉଛି । ସେଇ

Digitized by srujanika@gmail.com

ଜଳ ଯଦି ଅନ୍ୟ ଜଣେ ପୁରୁଷ, ହୁଅନ୍ତୁ ନା ସେ ବରଯାତ୍ରୀ, ଗୋଡ଼ ଧୋଇ ଚାଲିଯିବା ଅକ୍ଷମଣୀୟ ଅପରାଧ । ମନ କ୍ଷୁର୍ଣ୍ଣ ହେବା ସ୍ୱାଭାବିକ । ବିବାହ ପରେ ପତ୍ନୀଙ୍କଠାରୁ ଏ ଘଟଣା ଶୁଣି ହସିହସି ଉଭୟେ ଘଟଣାର ବିରୋଧାଭାସ ଉପଭୋଗ କଲ ।

ବିବାହ ତ ସରିଲା । ବର୍ତ୍ତମାନ ପୂରାପୂରି ସଂସାରୀ । ଆଶ୍ରମରେ ବ୍ରହ୍ମଚାରୀ ଜୀବନରେ ଶାସ୍ତ୍ରସମ୍ମତ ଆଚରଣ, ଆଦର୍ଶନିଷ୍ଠା ସାଧନ ପ୍ରତି ଆନ୍ତରିକ ନିଷ୍ଠା ଇତ୍ୟାଦି ଯଥାସମ୍ଭବ ସାଧୁଗୁରୁଙ୍କ ପ୍ରତ୍ୟକ୍ଷ ସଂଗ ଓ ନିରନ୍ତର ନିୟାମକତ୍ୱରେ ଚାଲିଥିଲା । ସୁତରାଂ ସ୍ଖଳନ, ବିପଦ ଇତ୍ୟାଦିର କୌଣସି ଆଶଂକା ତ ନ ଥିଲା । ବରଂ ନଚିକେତା ଭଳି ସାହସୀ ନିର୍ଭୀକ ବ୍ରହ୍ମଚାରୀ ଖୁବ୍ କମ୍ ଥିଲେ । ମିଶନର ବଡ଼ ବଡ଼ ନାମଜାଦା ସନ୍ନ୍ୟାସୀ ପ୍ରଚାରକମାନେ ମଧ୍ୟ ତାକୁ ଭୟ କରୁଥିଲେ । ତାର କାରଣ ସେମାନଙ୍କ ମଧ୍ୟରେ କେହି କେହି ବାହ୍ୟ ସାଧୁତ୍ୱର, ସନ୍ନ୍ୟାସୀ ବା ଗୃହତ୍ୟାଗୀ ବେଶର ଅନ୍ତରାଳରେ ଗୋପନରେ କାମିନୀ- କାଂଚନ- ପ୍ରତିଷ୍ଠା-ବାସନା ଚରିତାର୍ଥ କରିବାକୁ ଲଜ୍ଜାବୋଧ କରୁ ନ ଥିଲେ । ନଚିକେତା ମଧ୍ୟ ସେମାନଂକୁ ଯଥାବିହିତ ଶିଷ୍ଟାଚାର- ପ୍ରଣାମାଦି କଲେ ମଧ୍ୟ ଆନ୍ତରିକ ମିଳାମିଶା କରୁ ନ ଥିଲା । କିନ୍ତୁ ବିବାହ ପରେ ତାର ନିଜର ଅସଲ ପରୀକ୍ଷା ବେଳ ଆସିଗଲା ।

ସ୍ତ୍ରୀ ପାଠ ପଢ଼ିଥିଲେ ମାଇନର ପର୍ଯ୍ୟନ୍ତ । କୋଲକାତାରେ ବଂଗଳା ଶିଖାଇ ଗୋଟିଏ ବାଳିକା ହାଇସ୍କୁଲରେ ୮ମ ଶ୍ରେଣୀରେ ନାମ ଲେଖାଇଦେଲା । ଇଚ୍ଛା ଥିଲା ମାଟ୍ରିକ୍ ପାସ କରି ଟ୍ରେନିଂ ଦେଇ କୌଣସି ସ୍କୁଲ୍‌ରେ ଶିକ୍ଷୟିତ୍ରୀ ପଦଟିଏ କରାଇ ଦେବ । ସେ ପ୍ରକାର ସୁବିଧା ମଧ୍ୟ ଥିଲା । କିନ୍ତୁ ସ୍ତ୍ରୀ ଦିନକ ପାଇଁ ସ୍କୁଲ ମାଡ଼ିଲେ ନାହିଁ । ଯିଏ ଅଗ୍ନିକୁ ସାକ୍ଷୀ ରଖି ଚୁକ୍ତିବଦ୍ଧ ହୋଇ ବୋଝ ହେବାପାଇଁ ଆସିଥାଆନ୍ତି, ତାଙ୍କଠାରୁ ବୋଝ ହାଲୁକା କରିବାର ସୁବିଧା ମିଳିବା କଥା ନୁହେଁ ।

ଗ୍ରାମରେ ଘରେ ବାପା, ମା', ସାନଭାଇ, ତାର ସ୍ତ୍ରୀ- ଏଇ ଚାରିଜଣଙ୍କର ଖର୍ଚ୍ଚ ମଧ୍ୟ ନଚିକେତାକୁ ପଠାଇବାକୁ ପଡ଼ିଲା । ଏକା ବାପାଙ୍କର ହାତଖର୍ଚ୍ଚ ସେତେବେଳେ ଦିନକୁ ପାଞ୍ଚଟଙ୍କା । ଗ୍ରାମର ଜମିରୁ ଉତ୍ପନ୍ନ ଚାଉଳ, ଡାଲି ବା ନଡ଼ିଆଟିଏ ମଧ୍ୟ ନଚିକେତା ପାଖକୁ ଯାଏନା । ଦିନେ ଦୁଇଦିନ ପାଇଁ ଗ୍ରାମକୁ ଗଲେ ବାପା ହିସାବ ଦିଅନ୍ତି ୩/୪ ଶହ ଟଂକା ଦରକାର । ଟଂକା ଦେଇ ସେ କଲିକତା ଚାଲିଯାଏ । ମାସକ ପରେ ବାପାଙ୍କର ଚିଠି ଆସେ - ଟଂକା ପଠାଅ । ଏପରିକି ସ୍ତ୍ରୀର ଗହଣା ବିକି ମଧ୍ୟ ବାପାଙ୍କୁ ଟଂକା ପଠାଏ । ବାପା କହନ୍ତି ତୁ ତ ଟଂକାଗଛ, ଝାଡ଼ିଲେ ପଡ଼େ ।

ଯୋଗେଶବାବୁ ପ୍ରଥମେ ଜମିଦାର ଥିଲେ । ପରେ ସର୍ବସ୍ୱାନ୍ତ ହେଲେ । ତାଂକୁ ନେଇ କୋଲକାତାରେ ଫିଲସଫି ଏମ.ଏ. କ୍ଳାସ୍‌ରେ ନାମ ଲେଖାଇଦେଲା । କୋଲକାତା

Digitized by srujanika@gmail.com

ବିଶ୍ୱବିଦ୍ୟାଳୟର ଏମ୍.ଏ. ଦ୍ୱିତୀୟ ବର୍ଷରେ ସାଂଘାତିକ ରୋଗ ତାଂକୁ ଧରିଲା । ୩/୪ ମାସ ଶଯ୍ୟାଶାୟୀ । ତାଙ୍କ ଚିକିତ୍ସା ସେବା ଖର୍ଚ୍ଚ, ତାଙ୍କ ଘରକୁ ତାଙ୍କ ବାପା ମା'ଙ୍କ ପାଇଁ ଖର୍ଚ୍ଚ ଇତ୍ୟାଦି ପଠାଇବାକୁ ହେଲା । ନଚିକେତା ତ ଏବେ ବ୍ରହ୍ମଚାରୀ ନୁହେଁ, ବିବାହ କରିଛି । ବିଶେଷ ରୂପେ ବହନ କରିବାର କଥା ।

ପିଲାଦିନେ ମାମୁ ଖୁବ ସ୍ନେହ କରୁଥିଲେ । ସେ ମରିଯିବା ପରେ ବିଧବା, ମାଇଁର ଖର୍ଚ୍ଚ, ଜମିବାଡ଼ି, ଖଜଣା, ତା'ର ଦାୟିତ୍ୱ ମଧ୍ୟ ଏବେ ନେବାକୁ ପଡ଼ିଲା । ବିବାହ ଶବ୍ଦର ପ୍ରକୃତି ପ୍ରତ୍ୟୟଗତ ବି ପୂର୍ବକ ବହ୍ନ ଧାତୁ ସାର୍ଥକ ହୋଇଛି ।

ନିୟତ କୁରୁ କର୍ମାଣି

କର୍ମ ଜୀବନର କ୍ଷେତ୍ର ଗୃହସ୍ଥାଶ୍ରମ । ବ୍ରହ୍ମଚାରୀ ବା ସନ୍ନ୍ୟାସ ଆଶ୍ରମରେ କର୍ମ ଯୋଗର ବ୍ୟବସ୍ଥା ଖୁବ୍ ସଂକ୍ଷିପ୍ତ । ଯେଉଁ ବ୍ୟକ୍ତି ପରମାର୍ଥ ପଥ ଗ୍ରହଣ କରିଛି ତାର କର୍ମ ଜୀବନ ଓ ସାଧାରଣ ଗୃହସ୍ଥର କର୍ମ ଜୀବନ ଏକ ପର୍ଯ୍ୟାୟଭୁକ୍ତ ହେବା ଉଚିତ ନୁହେଁ । ଏ ସମସ୍ତ ବିଚାରବିମର୍ଶ ତ ନଚିକେତାର ବିବାହ ପୂର୍ବରୁ କରାହୋଇଥିଲା । ସଭାସମିତିରେ ଭାଷଣ ମଧ୍ୟ ଦିଆଯାଉଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଯାହା କହୁଥିଲା ତାହା ନିଜ ଆଚରଣ, ବିଚାର ଓ କର୍ମ ଜୀବନରେ ପ୍ରତିଫଳିତ ହେଉଛି କି ନା ପରୀକ୍ଷା କରିବାର - ଆତ୍ମସମୀକ୍ଷା କରିବାର କ୍ଷେତ୍ର ମିଳିଲା ବିବାହ ପରେ ।

ପ୍ରଥମରୁ ଠିକ୍ କରିନେଲା ଅର୍ଥାଗମର କେଉଁ କେଉଁ ପନ୍ଥାଗୁଡ଼ିକ ସ୍ୱୀକାର କରିବ, କେଉଁ କେଉଁ ଗୁଡ଼ିକୁ ଆଡ଼େଇ ଯିବ । ବର୍ତ୍ତମାନ ଅନ୍ୟ ସମସ୍ତଙ୍କ ପରି ତାକୁ ମଧ୍ୟ ଜଣେ ସାଧାରଣ ବ୍ୟକ୍ତି ହିସାବରେ ପରିଚିତ ହେବାକୁ ହେବ । ନିଜର କୌଣସି ବାହ୍ୟ ପାର୍ଥକ୍ୟ ରଖିବାକୁ ହେବ ନାହିଁ । ନିଜର ଭିତରଟାକୁ ଗୋପନ ରଖି ଚଳିବାକୁ ହେବ । ଅଥଚ ନିଜର ସ୍ୱତନ୍ତ୍ର ବିଚାର ତ ଛାଡ଼ି ହେଉ ନାହିଁ ।

'ଶୁକ୍ଳବିତ୍ତ'- ଶବ୍ଦଟି ଶାସ୍ତ୍ରରୁ ଶୁଣିଥିଲା । ଭଜନକାରୀ ଗୃହସ୍ଥ ଶୁକ୍ଳବିତ୍ତ ଦ୍ୱାରା ନିଜର ଆହାର- ପରିଚ୍ଛଦ ଓ ବାସସ୍ଥାନର ବ୍ୟବସ୍ଥା ପ୍ରୟୋଜନ ଅନୁସାରେ ଯେତିକି ଦରକାର, କେବଳ ସେତିକି କରିବେ ।

ସ୍ୱଭାବୋ ନୈବ ମୁଚ୍ୟତେ

ସୁତରାଂ ଖାଇପିଇ ମଉଜ ମଜଲିସ କରିବାର ଲାଳସା ତ ମୂଳରୁ ନ ଥିଲା । ନିଜ ପରିଶ୍ରମରେ ଯେତିକି ମିଳିବ ସେଇଥିରେ ଚଳିବାର ସହଜ ସ୍ୱଭାବ ପୂର୍ବରୁ ଥିଲା । ଗୃହସ୍ଥ ଜୀବନରେ ମଧ୍ୟ ତାହାହିଁ ରହିଲା । ଯାହା ମିଳିଲା ତାହା ସଂଚୟ କରି ରଖିବାର

Digitized by srujanika@gmail.com

ଅବସର ନ ଥିଲା । କାରଣ ଅତି କମ୍‌ପକ୍ଷରେ ଯେତେବେଳେ ଯେତିକି ମିଳୁଥିଲା, ଅତି ପ୍ରୟୋଜନୀୟ ବସ୍ତୁ ସଂଗ୍ରହ ପକ୍ଷରେ ସେତକ ପର୍ଯ୍ୟାପ୍ତ ନଥିଲା । ଏଣୁ କୋଲକାତାର ଚାକିରି ବେତନର ବାହାରେ ପ୍ରଥମେ ଟିଉସନ୍ କରିବାକୁ ପଡ଼ିଲା । ମୁଖ୍ୟତଃ ସଂସ୍କୃତ ଓ ବଂଗଳା ଭାଷା ସାହିତ୍ୟର ଛାତ୍ରଛାତ୍ରୀ ପଢ଼ାଇବା ଆରମ୍ଭ କଲା । ଶ୍ରେଣୀରେ ପାଠ ପଢ଼ାଇବାର ମାସେ ଦୁଇ ମାସ ମଧ୍ୟରେ ତାର ବକ୍ତା ହିସାବରେ ଖ୍ୟାତି ଖୁବ୍ ଚଂଚଳ ବ୍ୟାପିଗଲା । ଅନର୍ସ ଏମ୍.ଏ. ପର୍ଯ୍ୟନ୍ତ ଛାତ୍ର ବିଶେଷତଃ ଛାତ୍ରୀ ହିଁ ବେଶି ଜୁଟିଲେ । ପନ୍ଦର ବର୍ଷର କିଶୋରୀଠାରୁ ଆରମ୍ଭ କରି ପଂଚାବନ ବର୍ଷର ପ୍ରୌଢ଼ା ମଧ ତାର ଛାତ୍ରୀ ହେଲେ । ସପ୍ତାହରେ ଦିନେ, ଦୁଇ ବା ତିନିଦିନ ପଢ଼ାଇବ । ସ୍ଥାନୀୟ ଧନୀ, ଅଭିଜାତ ଶ୍ରେଣୀର ବ୍ୟକ୍ତିମାନଂକର ଝିଅ-ବୋହୂଙ୍କୁ ପଢ଼ାଇବାର ଆହ୍ୱାନ ବହୁତ ମିଳିଲା । ମାସ ମଧ୍ୟରେ ପ୍ରାୟ ଦୈନିକ କିଛି ଟଂକା ହାତକୁ ଆସିଲା । ତେଣୁ ସଂଚୟ ନ କରିବାର ସାହସ ବଢ଼ିଗଲା । ଯାହା ପାଇଲା, ନିଜ ଖର୍ଚ୍ଚ ବାଦେ ଅଭାବୀ ଛାତ୍ର, ଅନ୍ୟ ଗୁରୁମାନଂକର ବ୍ରହ୍ମଚାରୀ ଶିଷ୍ୟମାନଂକୁ ସାହାଯ୍ୟ କରିବାରେ ଲାଗିଲା । ପ୍ରାୟ ସବୁବେଳେ ଶୂନ୍ୟ ହସ୍ତ, ତେଣୁ ଆକସ୍ମିକ ଅସୁବିଧା ହେଲେ ଅଭାବର ଦଂଶନ ମଧ ଲାଗିରହିଲା । ତଥାପି ସ୍ୱଭାବ ବଦଳିଲା ନାହିଁ । ଏବେ ମଧ ବଦଳି ନାହିଁ । ସେଇ ଅବସ୍ଥା । ମାସକୁ ଯେତେବେଳେ ନଅଶହ ଟଂକା ଆୟ ଥିଲା ସେତେବେଳେ ଯାହା, ମାସକୁ ନଅହଜାର ଆୟ ସମୟରେ ମଧ ସେଇ ଅବସ୍ଥା । ତେବେ ତା ଭିତରେ ଗଳି ପୋଛି ପରିସ୍ଥିତିରେ ପଡ଼ି କିଛି ଘରଡିହ ବିଭିନ୍ନ କର୍ମସ୍ଥଳରେ ପ୍ରାୟ ଛଅ ଜାଗାରେ ହୋଇଯାଇଥିଲା ।

ହଠାତ୍ ଦିନେ ଚିନ୍ତା ହେଲା- ଗୃହସ୍ଥ ଜୀବନରେ ଏତେ ଜାଗାରେ ଜମି ରହିଲେ ଚିନ୍ତା ଧାରା ମଧ ସେତେ ଜାଗାରେ ବିଭକ୍ତ ହେବ, କାରଣ ତାହାହିଁ କାର୍ଯ୍ୟତଃ ହେଲା;ବିରକ୍ତ ହୋଇ କୋଲକାତା ଘର ତ ବିକ୍ରି ହୋଇ ସାରିଥିଲା । ଅନ୍ୟ ଜମିକୁ ପାଣି ଦରରେ ବିକ୍ରି କରିଦେଲା । କେବଳ କଟକରେ ଦୁଇଟି ଓ ଗ୍ରାମର ଘର ଜମି ରହିଯାଇଛି ପୁଅମାନଙ୍କ ଅନୁରୋଧରେ ।

ଜୀବନର ଶେଷପ୍ରାନ୍ତରେ ସିଂହାବଲୋକନ କରି ଦେଖାଗଲା- ସେ ଗୃହସ୍ଥ ହୋଇପାରି ନାହିଁ । ଯେପରି ଯାହା ହେବାର ସାଧାରଣ କଥା, ତାହା ମଧ୍ୟ ହେଲା ନାହିଁ । ତଥାପି ଏକ ଅଦୃଶ୍ୟ ହସ୍ତର କ୍ରୀଡ଼ନକ ହୋଇ ସର୍ବପ୍ରକାର ପରିସ୍ଥିତିରେ ଯେଉଁ ଉପଲବ୍ଧି ହେଲା, ତାହାର ବ୍ୟାବହାରିକ ମୂଲ୍ୟ କମ୍ ହୋଇପାରେ । ଆଧାତ୍ମିକ ଦୃଷ୍ଟିରୁ ତାହା ଯେ ବୃଥା ହୋଇ ନାହିଁ, ଏତିକି ମାତ୍ର ନଚିକେତା ସ୍ୱସ୍ତି ଅନୁଭବ କଲା ।

Digitized by srujanika@gmail.com

ଆତ୍ମସନ୍ତୋଷ : ନିଷେଧ ଓ କାମ୍ୟ

ବ୍ୟାବହାରିକ ଜୀବନରେ ସୁଖ-ସମ୍ଭୋଗ, ଆରାମ - ଆୟାସ ଇତ୍ୟାଦିରେ ଅତୃପ୍ତି ଅଧିକରୁ ଅଧିକ ସେଥିରେ ଆବଦ୍ଧ ହୋଇଯିବାର କାରଣ । କିନ୍ତୁ ପାରମାର୍ଥିକ ଜୀବନର ଅତୃପ୍ତି ହିଁ ସେ ପଥରେ ଅଗ୍ରସର ହେବାରେ- ଉନ୍ନତ ଭୂମିକାକୁ ଯିବାରେ ସହାୟକ ହୋଇଥାଏ । ଏଥିରେ ଯଦି ତୃପ୍ତି ଆସିଗଲା, ତେବେ ଯେଉଁଠି, ସେଇଠି, ବରଂ ପଛକୁ ଯିବାକୁ ହେବ, ଆଗେଇବାର ସମ୍ଭାବନା ନାହିଁ ।

ଭକ୍ତିପଥରେ ଯେ ଯେତେ ଉନ୍ନତ, ତାଂକର ନିଜକୁ ଅଯୋଗ୍ୟବୋଧ ସେତେ ବେଶି । "ଏ ବୋଧରେ ମୁଁ ସିଦ୍ଧ ହୋଇଛି, ମୋର ଐଶ୍ୱରିକ କ୍ଷମତା ଆସିଛି"- ଏ ପ୍ରକାର ଉଦ୍ଭଟ ଭାବନା ତାଂକର କେଉଁଠୁ ଆସିବ ? 'ମୋର କିଛି ହେଲା ନାହିଁ, କିଛି ପାଇଲି ନାହିଁ - ଏ ପ୍ରକାର ବ୍ୟାକୁଳତା, ଆର୍ତ୍ତି ବା ଅଭାବବୋଧ ଯେ ପ୍ରକୃତ ଭକ୍ତ, ତାଂକରିଠାରେ ହିଁ ଦେଖାଯାଏ ।

ଜ୍ଞାନଯୋଗାଦି ସାଧନ ପନ୍ଥାରେ ସାଧକ କିଛି ଅଗ୍ରସର ହେଲେ କିଛି Occult Power- ଅଲୌକିକ ଶକ୍ତି ପାଏ । ସେ ଅନୁଭବ କରେ "ମୁଁ କିଛି ହେଲିଣି; ମୋର କିଛି ହେଲାଣି ।" ଏଇ ଚିନ୍ତାଧାରା ସାଧକକୁ ବିପଥଗାମୀ କରାଏ । ଶ୍ରୀମଦ୍ ଭଗବଦ୍ ଗୀତାରେ "ଅନ୍ତରାୟା ଭବନ୍ତ୍ୟେତେ କାଳକ୍ଷେପଣ- ହେତବଃ" ଏହି ସତର୍କବାଣୀ ସେ ଭୁଲିଯାଏ ।

ଯୋଗ ଓ ଜ୍ଞାନ ପଥର ସାଧକଗଣ ଯେଉଁ ଅଣିମାଦି ସିଦ୍ଧି ଲାଭ କରନ୍ତି, ସେ ସିଦ୍ଧିଗୁଡ଼ିକ ପରମାର୍ଥ ଲାଭ ପଥରେ ବାଧା (ଅନ୍ତରାୟାଃ) ଓ "କାଳକ୍ଷେପଣ ହେତବଃ" ଅର୍ଥାତ୍ ବୃଥା ସମୟ ନଷ୍ଟ ମାତ୍ର । କିନ୍ତୁ ପ୍ରଲୋଭିତ ସାଧକ ସେଥିରେ ମଜ୍ଜିଯାଏ ଓ ପଥଭ୍ରଷ୍ଟ ହୁଏ । କ୍ରମଶଃ ଅନ୍ୟାଭିଳାଷୀ କିଛି ବ୍ୟକ୍ତି ଶିଷ୍ୟ ଓ ଅନୁଗାମୀ ହୋଇ ତାଂକୁ ଭଗବାନ୍‌ଙ୍କ ଆସନରେ ବସାଇ ଦିଅନ୍ତି । ସେ ମଧ୍ୟ ନିଜକୁ ଭଗବାନ୍‌ଙ୍କ ଅବତାର, କେହି ସାକ୍ଷାତ୍ ଭଗବାନ୍ ବୋଲି କହିବାକୁ ଆରମ୍ଭ କରନ୍ତି । ପ୍ରଥମେ ପ୍ରଥମେ ଦୁଇ ଚାରିଟା କ୍ଷେତ୍ରରେ ଯେଉଁ ଅଲୌକିକ କ୍ଷମତା ଦେଖାଇ ଥାଆନ୍ତି, ସେଇ ଘଟଣାବଳୀ ଅନୁଗାମୀ ସ୍ୱାର୍ଥଲିପ୍ସୁଗଣ ଚାରିଗୁଣ କରି ପ୍ରଚାର କରନ୍ତି । ହଜାର ହଜାର ଶିଷ୍ୟ ଜୁଟନ୍ତି; ମଠ, ମନ୍ଦିର, କୋଠାବାଡ଼ି, ଗାଡ଼ି ଘୋଡ଼ା, ଧନସମ୍ପତ୍ତି ବଢ଼ିଚାଲେ, ରାଜନେତା ଭକ୍ତସଂଖ୍ୟା ବଢ଼ିବାକୁ ଲାଗେ । ଟର୍ଚ୍ଚ ବ୍ୟାଟେରୀଭଳି ଭଗବାନ୍ ଗୁରୁଙ୍କର ଅଲୌକିକ କ୍ଷମତା ଶେଷ ହୋଇଯାଇଥିଲେ ମଧ୍ୟ ପ୍ରଚାର ଜୋରରେ ଅନେକ ଆସନ୍ତି ।

Digitized by srujanika@gmail.com

କାକତାଳୀୟ ନ୍ୟାୟରେ ଶତସଂଖ୍ୟାରୁ ଦୁଇ ଚାରି ଜଣ ଉପକୃତ ହେଲେ ମଧ୍ୟ ଗୁରୁଙ୍କର ଭଗବତ୍ତା ଖୁବ୍ ବ୍ୟାପିଯାଏ । ଫଳରେ ଅଜସ୍ର ଅର୍ଥ, ପ୍ରତିପତ୍ତି ବି ମିଳେ । ପରମାର୍ଥ ସାଧନାର ସେଇଠି ପରିସମାପ୍ତି ଘଟେ ।

ସାଲକିଆର ଶିକ୍ଷକ - ଜୀବନ

ସାଲକିଆ ସ୍କୁଲ୍‌ରେ ଗୋଟିଏ ବର୍ଷ ପଢ଼ାଇବା ପରେ ଜଣେ ବଂଗଳା ଶିକ୍ଷକ ବେଲୁଡ ବି.ଇଡ଼ି. କଲେଜକୁ ଅଧ୍ୟାପକ ହୋଇ ଚାଲିଗଲେ । ସେ ଷ୍ଟାଫକାଉନ୍‌ସିଲ୍‌ର ସେକ୍ରେଟେରୀ ଥିଲେ । ବିଦାୟ ସମ୍ବର୍ଦ୍ଧନା ସଭାରେ କହିଗଲେ ମୋ ପରେ ନଚିକେତା ଶର୍ମାଙ୍କୁ ସେକ୍ରେଟେରୀ କର । ପରେ ଇଲେକ୍‌ସନ୍ ହେଲା । ଆଉ ଜଣେ ନମିନେସନ ଦେଇ ପରେ ଓହରିଗଲେ । ନଚିକେତା ବିନା ନିର୍ବାଚନରେ ସର୍ବସମ୍ମତିକ୍ରମେ ସେକ୍ରେଟେରୀ ହେଲା ।

ଷ୍ଟାଫ୍ କମନରୁମ୍ ଦୁଇଟି ଗୋଟିଏ ବୟସ୍କମାନଂକ ପାଇଁ, ଆଉ ଗୋଟିଏ ଯୁବକ ଶିକ୍ଷକମାନଂକ ପାଇଁ । ନଚିକେତାକୁ ଦୁଇ କମନ ରୁମରେ ବସିବାକୁ ହୁଏ । ବୃଦ୍ଧମାନଂକ ସହିତ ସମାନ ଥଟ୍ଟା ପରିହାସ, ଯୁବକମାନଂକ ସହିତ ମଧ୍ୟ ସେହିପରି । ଯଦି ବୟସ୍କମାନଂକ ରୁମ୍‌ରେ ବେଶି ସମୟ ରହିଗଲା, ତେବେ ଯୁବକମାନଂକ ମଧ୍ୟରୁ କେହି ହେଲେ ଆସି ଟାଣି ଘୋଷାରି ନେଇଯିବେ ।

ଆଇ. ସି. ଏସ୍

ଦିନେ ଜଣେ ବାଇଓଲୋଜିର ଏମ୍. ଏସସି. ପ୍ରଥମ କରି କାର୍ଯ୍ୟରେ ଯୋଗ ଦେଲେ । ସେ ଫାଷ୍ଟକ୍ଲାସ୍‌ରେ ତୃତୀୟ ସ୍ଥାନରେ ପାସ କରିଥିଲେ । ନାମ..... ସାହା । ମଧ୍ୟାହ୍ନ ଛୁଟି ସମୟରେ ଯୁବକ ଶିକ୍ଷକ ମଧ୍ୟରୁ ଜଣେ ନଚିକେତାକୁ ତାଂକ ସହିତ ପରିଚୟ କରାଇଲେ । "ଇନି ନଚିକେତା ଶର୍ମା, ଆମାଦେର ସେକ୍ରେଟେରୀ ।" ସେହି ନବାଗତ ଯୁବକ ଜଣକ ନମସ୍କାର ଜଣାଇ କହିଲେ,- "ଶୁନେଛି ଆପନି ଉଡ଼ିଶ୍ୟାର ଲୋକ, ଆପନାରା ସବ ତ ଆଇ.ସି.ଏସ୍ ।"

ପ୍ରଥମେ ଆଇ.ସି.ଆଇ.ଏସ୍.ର ଅର୍ଥ ନଚିକେତା ଠଉରେଇ ପାରିଲା ନାହିଁ । ଟିକିଏ ପରେ ମନେପଡ଼ିଲା ଆଇ.ସି.ଏସ୍. ମାନେ ଇଣ୍ଡିଆନ୍ କୁକିଂ ସର୍ଭିସ୍ । ନଚିକେତା କିଛି କହିବା ଆଗରୁ ଯେଉଁମାନେ ତା ସହିତ ପରିଚୟ କରାଇ ଦେଇଥିଲେ, ସେମାନେ ଲଜ୍ଜା ଓ କ୍ରୋଧରେ ଉଠିଯାଇ ହେଡ଼ମାଷ୍ଟରଂକୁ ଏକଥା କହିଲେ ।

Digitized by srujanika@gmail.com

ସେ ମଧ୍ୟ ଖୁବ୍ ରସିକ । ଏମାନଂକୁ ସାନ୍ତ୍ୱନା ଦେଇ କହିଲେ- "ଆରେ ସେତ ସାହା, ଶୁଣୀ; ପଚେଇ ମଦେର କାରବାର କରେ । ତାକେ ତୋମରା ଆଇ.ପି.ଏସ୍. ଇଣ୍ଡିୟାନ୍ ପଚେଇ ସର୍ଭିସ୍; ଆଇ.ଏ.ଏସ୍. ଆଲକହଲ ସର୍ଭିସ ଉପାଧି ଦିଏ ଦାଓ ।"

ସେଇ ଦିନଠାରୁ ଯୁବକ ଶିକ୍ଷକମାନେ ସେଇ ନବାଗତ ଶିକ୍ଷକକୁ ଆଇ.ପି.ଏସ୍. ଆଇ. ଏ.ଏସ୍. ଉପାଧି ଦେଇ ଏତେ ବିବ୍ରତ କଲେ ଯେ, ସେ ଇସ୍ତଫା ଦେଇ ଚାକିରି ଛାଡ଼ି ପଳେଇଗଲା ।

ଆଉ ଜଣେ ବଂଗଳା ଶିକ୍ଷକ ଅନ୍ୟତ୍ର ଚାଲିଗଲେ । ଶନିବାର ଚାରିଟି କ୍ଲାସ୍‌ରୁ ଶେଷ ଦୁଇଟି କ୍ଲାସ୍ ଏକାଦଶ ଶ୍ରେଣୀରେ ଟିଉଟୋରିଆଲ ହୁଏ । ଯେଉଁମାନେ ଟିଉଟୋରିଆଲ୍ ନିଅନ୍ତି ସେମାନଂକୁ ଅଧିକ ୪୦ଟଂକା ଏଲାଉନ୍‌ସ ଦିଆଯାଏ । ବିଦାୟୀ ଶିକ୍ଷକ ବଂଗଳା ଟିଉଟୋରିଆଲ କ୍ଲାସ ନେଉଥିଲେ । ତାଂକ ପରେ ସେ କ୍ଲାସକୁ କାହାକୁ ଦିଆଯିବ ଆଲୋଚନା ଚାଲିଥାଏ । ଦିନେ ସ୍କୁଲ୍ ଛୁଟି ପରେ ନଚିକେତା ତା ବସାରେ ଅଛି, ଦୁଇଜଣ ଯୁବକ ଶିକ୍ଷକ ହସିହସି ଆସି ବସାରେ ହାଜର । ଖବର ଦେଲେ ହେଡ଼ମାଷ୍ଟର ଓ ସୁପରିନ୍‌ଟେଣ୍ଡେଣ୍ଟ ଦୁଇଜଣ ମିଳି ସେଇ ଟିଉଟୋରିଆଲ୍ କ୍ଲାସ୍ ତାକୁ ଦେଇଛନ୍ତି ବୋଲି କହି ସ୍ତ୍ରୀଙ୍କୁ କହିଲେ, "ବୌଦି, ମିଷ୍ଟି ଖାଓୟାଓ ।"

ସେମାନେ ଚାଲିଗଲା ପରେ ନଚିକେତା ଚିନ୍ତିତ ହୋଇ ପଡ଼ିଲା । ସେଠାରେ ୪୦/୪୫ ବର୍ଷ ବଂଗଳା- ଭାଷା- ସାହିତ୍ୟ ପଢ଼ାଉଥିବା ବୃଦ୍ଧ ଶିକ୍ଷକ ଆହୁରି ୪/୫ ଜଣ ଅଛନ୍ତି । ନଚିକେତା ଏକେ ତ ଓଡ଼ିଆ, ପୁଣି ମାତ୍ର ୩ ବର୍ଷ ଚାକିରି କରିଛି । ୪୦ଟାଙ୍କା ରେମ୍ୟୁନରେସନ୍ ସେ ଯୁଗରେ କମ୍ ନୁହେଁ । ସେମାନଂକୁ ନ ଦେଇ ତାକୁ ସେ କ୍ଲାସ୍ ଦେବାରେ ସେମାନେ କ୍ଷୁଣ୍ଣ ହୋଇପାରନ୍ତି ।

ଏମିତି ଚିନ୍ତାଗ୍ରସ୍ତ ହୋଇ ତା ପରଦିନ ଯଥାସମୟରେ ସ୍କୁଲ୍‌କୁ ଗଲା । ବିରସ ବଦନରେ ଷ୍ଟାଫରୁମ୍‌କୁ ଯାଉ ଯାଉ ସେହି ପ୍ରାଚୀନ ବଂଗଳା ଶିକ୍ଷକମାନେ ଏକ ସ୍ୱରରେ ଆନନ୍ଦରେ ହସି ହସି କହିଲେ- "ଶର୍ମା, ଶୁନେଛ, ଓଇ ଟିଉଟୋରିଆଲ୍ କ୍ଲାସ୍‌ଟି ତୋମାକେ ଦେଓୟା ହୟେଛେ, ଭାଲ ହୟେଛେ, ତୁମି ବିଦେଶୀ, ତୋମାର ସୁବିଧା ହବେ ।"

ଶୁଣି ହତବାକ୍ ହୋଇଗଲା ନଚିକେତା । ସେ ଯେଉଁମାନଂକୁ ମନେ ମନେ ଭୟ କରୁଥିଲା, ଟିଉଟୋରିଆଲ୍ ତାକୁ ଦେବାରେ ସେମାନେ କ୍ଷୁର୍ଣ୍ଣ ହେବେ- ଆଉ ହସହସ ମୁହଁରେ ତାକୁ ପାଖରେ ବସାଇବେ ନାହିଁ, ସେଇମାନଂକଠାରୁ ଏ ଆନନ୍ଦ- ଅଭ୍ୟର୍ଥନା ପାଇ- ମନେ ହେଲା, ଏ ଜାତିର ଆଭିଜାତ୍ୟ ପୋଖତ ହେଲାଣି । ସ୍ଥଳବିଶେଷରେ ଓଡ଼ିଆମାନଂକୁ ନିମ୍ନଚକ୍ଷୁରେ, ଘୃଣାଚକ୍ଷୁରେ ଦେଖିବାର ଉଦାହରଣ ଅଛି, ଶୁଣିଛି; କିନ୍ତୁ ତା ବେଳକୁ ତାର ବିପରୀତ ହେଲା । ଆହୁରି ଶୁଣିଛି, ପ୍ରଫେସର୍ ଜିତେନ୍ଦ୍ର

Digitized by srujanika@gmail.com

ମହାନ୍ତି (ଫିଲସଫି), ପ୍ରଫେସର ସର୍ବେଶ୍ୱର ଦାଶ (ଇଂରାଜୀ)- ଏ ଦୁଇଜଣ ଓଡ଼ିଶାବାସୀଙ୍କୁ କୋଲକାତାର ଶିକ୍ଷାବିତ୍ ଓ ଛାତ୍ରଗଣ ଦେବତା ସଦୃଶ ଭକ୍ତି କରନ୍ତି ।

ଏହା ପରେ ୧୧ ବର୍ଷ ଅର୍ଥାତ୍ ୧୯୬୧ ପର୍ଯ୍ୟନ୍ତ ଯେତେବାର ସେକ୍ରେଟେରୀ ପଦ ପାଇଁ ନିର୍ବାଚନ ହେବାର ସମୟ ଆସିଛି, ଆଉ ନିର୍ବାଚନ ହୋଇ ନାହିଁ । ନଚିକେତା ସେଠାରୁ ରିଜାଇନ୍ କରି ଓଡ଼ିଶାକୁ ଆସିବା ପର୍ଯ୍ୟନ୍ତ ଷ୍ଟାଫ୍ କାଉନ୍‌ସିଲର ସେକ୍ରେଟେରୀ ରହିଲା । ବୟସ୍କ, ଯୁବକ, ସମସ୍ତ ଶିକ୍ଷକ ଅନ୍ୟ କାହାରି କଥା ଚିନ୍ତା ମଧ୍ୟ କରି ନାହାନ୍ତି । ଯାବତୀୟ ବ୍ୟାପାରରେ ସେ ଯାହା କହିବ, ସମସ୍ତେ ଏକସ୍ୱରରେ ହଁ କହିବେ, ଆଉ ଦ୍ୱିତୀୟ କଥା ନାହିଁ । କେବଳ ଥରେ ଗୋଟିଏ କଥାରେ ତା ସହିତ ଯୁବକମାନେ ଏକମତ ହୋଇ ନ ଥିଲେ; ମାତ୍ର ୫/୬ ଦିନ ପାଇଁ କଥାବାର୍ତ୍ତା ବନ୍ଦ ହୋଇଥିଲା । କିନ୍ତୁ ସେଇମାନେ ହିଁ ବନ୍ଧ ଭାଂଗିଲେ । ତା ସହିତ କଥାବାର୍ତ୍ତା ନ କରି ବେଶି ଦିନ ରହିପାରିଲେ ନାହିଁ ।

ସାଲକିଆ ସ୍କୁଲ ଛାତ୍ର ସଂଖ୍ୟା ପ୍ରାୟ ତିନିହଜାର, ସକାଳେ ବାଳିକା ହାଇସ୍କୁଲ; ତାର ଛାତ୍ରୀ ଛଅ ସାତ ଶହ; ଏଥିରେ ମଧ୍ୟ ଦୁଇଟି ଚାରିମହଲା କୋଠା ଅଣ୍ଟିଲା ନାହିଁ । ଆଉ ଗୋଟିଏ କୋଠା ଭଡ଼ାରେ ନିଆହୋଇ ସାଉଥ ବ୍ରାଞ୍ଚ ନାମ ଦେଇ ଆଉ ଗୋଟିଏ ଶାଖା ଖୋଲାଗଲା । ନଚିକେତା ସେଇ ସାଉଥ ବ୍ରାଞ୍ଚ କୋଠାକୁ ସନ୍ଧ୍ୟାରେ ଭଡ଼ା ନେଇ ବାରଜଣ ଶିକ୍ଷକଙ୍କୁ ନେଇ ଗୋଟିଏ କଲେଜ ଆରମ୍ଭ କଲା । ଏଥି ମଧ୍ୟରେ ସେ ସଂସ୍କୃତରେ ଅନର୍ସ ଓ ଏମ୍.ଏ. ଡିଗ୍ରୀ ପାଇସାରିଥାଏ । ସାଉଥବ୍ରାଞ୍ଚର ହେଡ୍‌ମାଷ୍ଟରଙ୍କୁ ପ୍ରିନ୍ସିପାଲ୍ କରି ସେ ଭାଇସ୍ ପ୍ରିନ୍ସିପାଲ୍ କମ୍ ସେକ୍ରେଟାରୀ ହିସାବରେ କଲେଜର ଯାବତୀୟ ପରିଚାଳନା ଦାୟିତ୍ୱ କୋଲକାତାରୁ ଓଡ଼ିଶାକୁ ଆସିବା ପର୍ଯ୍ୟନ୍ତ ବହନ କରିଥିଲା ।

ସାଲକିଆରେ ଯେତେ ବଂଗଳା ଓ ହିନ୍ଦୀ ହାଇସ୍କୁଲ୍ ଥିଲା, ସେ ସମସ୍ତଙ୍କର ଗୋଟିଏ ସଂଘ ଗଢ଼ାହେଲା ଏବଂ ତାର ମଧ୍ୟ ସେ ଜେନେରାଲ ସେକ୍ରେଟାରୀ ପଦରେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଲା ।

ଏଣେ ଏ.ବି.ଟି.ଏ. (ଅଲ ବେଙ୍ଗଲ ଟିଚର୍ସ ଆସୋସିଏସନ୍) ସ୍ଥାନୀୟ ଶାଖାର ସେକ୍ରେଟାରୀ ହେବାକୁ ପଡ଼ିଲା । ଏ ଅନୁଷ୍ଠାନ କାର୍ଯ୍ୟତଃ କମ୍ୟୁନିଷ୍ଟ ଅନୁଷ୍ଠାନ । ସ୍ୱର୍ଗତ ସତ୍ୟପ୍ରିୟ ରାୟ ଏହାର ସଭାପତି ଏବଂ ଶ୍ରୀଯୁକ୍ତା ଅନିଲା ଦେବୀ ସାଧାରଣ ସମ୍ପାଦିକା ଥିଲେ । ପରିସ୍ଥିତି ଚାପରେ ପଡ଼ି ନଚିକେତା କମ୍ୟୁନିଷ୍ଟ ପାର୍ଟିର ସକ୍ରିୟ ସଭ୍ୟରୂପେ ପ୍ରକାଶ୍ୟ ସଭାସମିତିରେ ଭାଷଣ ଦେବା ନିର୍ବାଚନରେ ଅଂଶଗ୍ରହଣ କରିବା ଇତ୍ୟାଦିରେ ମାତିଲା । ଶ୍ରୀଯୁକ୍ତ ସମର ମୁଖାର୍ଜୀ ସେତେବେଳେ ଯୁବକ । ପ୍ରଥମଥର ପାଇଁ ସେ ସାଲକିଆରୁ ଏମ୍.ଏଲ.ଏ. ସିଟ୍ ପାଇଁ ଛିଡ଼ା ହୋଇ ଜିତିଲେ ।

Digitized by srujanika@gmail.com

କମ୍ୟୁନିଷ୍ଟ ସଭ୍ୟ, ସଭ୍ୟାମାନଂକ ସହିତ ପ୍ରାୟ ବାହାରକୁ ଯିବାକୁ ହେଉଥିଲା । ବାହାରେ କୌଣସି ଡାକବଂଗଳା ବା ସ୍କୁଲ୍ କଲେଜ ଘରେ ରାତ୍ରିଯାପନ କରିବାକୁ ହୁଏ । ସକାଳ ୪ଟାରୁ ଉଠି ନିତ୍ୟକର୍ମ ସାରିବା ତ ତାର ବାଲ୍ୟକାଳରୁ ଅଭ୍ୟାସ । ଶୌଚାଦି ପରେ ତାକୁ ଜପ, ପାଠ, ସ୍ତବ, ସ୍ତୋତ୍ରାଦି କରିବା ଦେଖି କମ୍ୟୁନିଷ୍ଟ ବନ୍ଧୁବାନ୍ଧବୀମାନେ ମନେ ମନେ କ'ଣ ଭାବନ୍ତି; କିନ୍ତୁ କିଛି କହିବାର ସାହସ କରନ୍ତି ନାହିଁ । ସେମାନଂକ ହସରୁ ସେ ତାଂକ ଚିନ୍ତାଧାରା ବୁଝେ ।

ବୈଦିକ ସାମ୍ୟବାଦ

ଦିନେ ଖୋଲାଖୋଲି ତା' ଚିନ୍ତାଧାରା ବ୍ୟକ୍ତ କଲା । ତୁମର ମାର୍କସ, ଏଙ୍ଗେଲ ସାମ୍ୟବାଦର ଅଧେ ମାତ୍ର କହିଛନ୍ତି । କେବଳ ଦେହ ଓ ମନ ସମ୍ବନ୍ଧୀୟ ସାମ୍ୟବାଦ ପ୍ରଚାର କରିଛନ୍ତି । ମନୁଷ୍ୟ କିନ୍ତୁ ଦେହ, ମନ ଓ ଆତ୍ମାର ସମଷ୍ଟି । ଆତ୍ମା ସମ୍ପର୍କରେ ମାର୍କସ, ଏଙ୍ଗେଲ୍‌ଙ୍କର ଚାଷ ନାହିଁ, ସେ ଚାଷର ଉପାଦାନ ଭାରତ ବ୍ୟତୀତ ଋଷିୟା ବା ଅନ୍ୟ ମାଟିରେ କ୍ୱଚିତ୍ ହୁଏ । ତେଣୁ ସେ ଦେଶର ମନୁଷ୍ୟ ମସ୍ତିଷ୍କରେ କାହୁଁ ଆସିବ । ପ୍ରକୃତ ସାମ୍ୟଦର୍ଶନ, ସମଦର୍ଶନ ଏଇ ଭାରତରେ ଥିଲା, ଅଛି ଏବଂ ଥିବ; ଭାରତର ମାଟି ସେଥିପାଇଁ ଯଥେଷ୍ଟ ଉର୍ବର, ବେଦର ସମାନ ମନ୍ତ୍ରଃ ସମିତିଃ ସମାନି; ଈଶୋପନିଷଦର ଈଶାବାସ୍ୟମିଦଂ ସର୍ବମ୍ ଏବଂ ଶ୍ରୀମଦ୍ ଭାଗବତର ୭ମ ସ୍କନ୍ଧର- ନାରଦ ଯୁଧିଷ୍ଠିର ସମ୍ବାଦ- (ଭା ୭/୧୪/୭-୮) ବ୍ୟକ୍ତିସ୍ୱତ୍ୱ (Individual Ownership)

ଦିବ୍ୟଂ ଭୌମଂ ଚାନ୍ତରୀକ୍ଷଂ ବିତ୍ତମଚ୍ୟୁତ ନିର୍ମିତଂ ।
ତତ୍ ସର୍ବମୁପଭୁଞ୍ଜାନ ଏତତ୍ କୁର୍ଯ୍ୟାତ୍ ସ୍ୱତୋ ବୁଧଃ ॥ ୭ ॥
ଯାବଦ ଭ୍ରିୟେତ ଜଠରଂ ତାବତ୍ ସ୍ୱତ୍ୱଂ ହି ଦେହିନାମ୍
ଅଧିକଂ ଯୋଭିମନ୍ୟେତ ସ ସ୍ତେନୋ ଦଣ୍ଡମର୍ହତି ॥ ୮ ॥

ପ୍ରଭୃତି ସୂକ୍ତ ତାର ଅକାଟ୍ୟ ପ୍ରମାଣ ।

ଅର୍ଥାତ୍ ବେଦରେ ଯେଉଁ ସମଭାବନା, ସମକର୍ମ ଓ ସମଉଦ୍ଦେଶ୍ୟର କଥା କୁହାଗଲା, ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ସେଇ ଭାବନାକୁ ଆଉଟିକିଏ ସ୍ପଷ୍ଟ ଭାବରେ କୁହାଗଲା ଈଶୋପନିଷଦରେ ଈଶାବାସ୍ୟ ମନ୍ତ୍ରରେ - "ଏଇ ଜଗତରେ ଯାହା କିଛି ଦେଖୁଛ, ସମସ୍ତ ଈଶ୍ୱରଂକ ଦ୍ୱାରା ସୃଷ୍ଟ, ସେ ଯେତିକି ତୁମକୁ ଦେବେ, ସେତିକି ଗ୍ରହଣ କର; ଅନ୍ୟର ଭାଗଟିକୁ ନିଜେ ମାରି ନିଅନା ।"

ପୁନଶ୍ଚ ଉପନିଷଦ ଯୁଗର ପ୍ରାୟ ପାଂଚହଜାର ବର୍ଷ ପରେ ଶ୍ରୀମଦ୍ ଭାଗବତରେ ଆଉ ଟିକିଏ ସ୍ପଷ୍ଟ ଭାଷାରେ ପ୍ରାଚ୍ୟ ଦର୍ଶନର ସାମ୍ୟବାଦକୁ ଦୃଢ଼ୀଭୂତ କରାଗଲା- ଦିବ୍ୟଂ

Digitized by srujanika@gmail.com

ଭୌମଂ ଶ୍ଲୋକରେ-

ଆକାଶ, ପୃଥିବୀ ଏବଂ ଭୂଗର୍ଭରେ ଯେଉଁଠି ଯେତେ ସମ୍ପଦ ରହିଛି, ସେ ସମସ୍ତ ମନୁଷ୍ୟ ସୃଷ୍ଟି କରି ନାହିଁ । ନିଜେ ମନୁଷ୍ୟ ଯାହାଙ୍କଦ୍ୱାରା ସୃଷ୍ଟ, ସେହି ଅଚ୍ୟୁତ ହିଁ ସେଇ ସମ୍ପଦ ସମୂହ ସୃଷ୍ଟିକରି ମନୁଷ୍ୟ ପାଇଁ ଗଚ୍ଛିତ ରଖିଛନ୍ତି । ମନୁଷ୍ୟ ଜୀବନଧାରଣ ପାଇଁ ସେଇ ସମ୍ପଦରୁ ଯେତିକି ଦରକାର, ସେତିକି ନେବାକୁ ହକ୍‌ଦାର । ଯେହେତୁ ସେ ଈଶ୍ୱରଂକର ସନ୍ତାନ, ତେବେ କେତେ ନେବ ? Individual Ownership ବା ବ୍ୟକ୍ତିଗତ ସ୍ୱତ୍ୱ କେତେ ନେବ ବା ରଖିପାରିବ ?

ଏହାର ଉତ୍ତରରେ କହିଲେ- "ଯାବତ୍‌, ଭ୍ରିୟେତ ଜଠରଂ"- ଅର୍ଥାତ୍‌ ଆହାର, ପରିଚ୍ଛଦ ଓ ବାସସ୍ଥାନ (ରୋଟି, କପଡ଼ା ଔର ମକାନ) ଯାହାର ଯେତିକି ପ୍ରୟୋଜନ, କେବଳ ସେତିକି ସେ ଭୋଗ କରିପାରିବ ।

ଏଇ ପ୍ରୟୋଜନ ପ୍ରାଣୀ ବିଶେଷରେ ସମପରିମାଣ ନୁହେଁ । ହାତୀର ଖୋରାକ, ଠେକୁଆର ଖୋରାକ କି ପିମ୍ପୁଡ଼ିର ଖୋରାକ ସମାନ ହେବ ନାହିଁ । ଡାଇରିଆ ରୋଗୀର ପଥ୍ୟ ଏବଂ ପ୍ଳୁରେସି ରୋଗୀର ପଥ୍ୟ ସମାନ ହେବ ନାହିଁ । ସ୍ଥୂଳଦୃଷ୍ଟିରେ ସାମ୍ୟବାଦ ଅର୍ଥେ ସମସ୍ତଙ୍କୁ ସମାନ ଖାଦ୍ୟ, ବସ୍ତ୍ର ବା ବାସସ୍ଥାନ ଦେବା ଠିକ୍‌ ନୁହେଁ; ତାହା ହେଲେ ତ ଉଭୟେ ମରିବେ । ଏଣୁ କୁହାଗଲା ଯାବତ୍‌ ଭ୍ରିୟେତ୍‌ ଜଠରଂ- ଯାହାର ଯେତିକି ଦରକାର । ଏଇ ନେବାଟା- ଅନ୍ୟ କୌଣସି ବାହ୍ୟ ଶକ୍ତି ତାକୁ ନିୟମରେ ବାନ୍ଧି ଯାହା ଦେବ, ତାହାହିଁ ସେ ନେବାକୁ ବାଧ କି ?

ଶାସ୍ତ୍ର କହିଲେ - ଜୋର ଜବରଦସ୍ତି କରି ଅନ୍ୟ ବାହ୍ୟ ଶକ୍ତି ତା ଉପରେ ନଦି ଦେବ ନାହିଁ । ସେଥିପାଇଁ କହିଲେ, "ଏତତ୍‌ କୁର୍ଯ୍ୟାତ୍‌ ସ୍ୱତୋ ବୁଧଃ ସ୍ୱେଚ୍ଛାରେ ଯାହା ପ୍ରୟୋଜନ, ତାହା ନିଜେ ନେଇ ନେବ; ଯେହେତୁ ତାର ଜନ୍ମଗତ ଅଧିକାର (Birth Right) ଅଛି । କିନ୍ତୁ କଦାପି ନିଜ ପ୍ରୟୋଜନରୁ ଅଧିକ ନେବ ନାହିଁ ବା ସଂଚୟ କରି ରଖିବ ନାହିଁ । ଯଦି ନିଏ ବା ଲୋଭବଶତଃ ସଂଚୟ କରି ରଖେ, ସେ ବାସ୍ତବରେ ଆଉ ଜଣେ ଅଭାବୀ ବ୍ୟକ୍ତିକୁ ବଂଚିତ କରୁଛି ଯାହାର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇପାରୁ ନାହିଁ । ତେଣୁ ଶାସ୍ତ୍ର କହିଲେ- 'ସେ ଚୋର, ଦଣ୍ଡର ଯୋଗ୍ୟ ।' ଅର୍ଥାତ୍‌ ବିବେକୀ ବ୍ୟକ୍ତି ସ୍ୱେଚ୍ଛାରେ ବିବେଚନା କରି ନେବ; ବେଶି ନେଲେ କିନ୍ତୁ ସେ ଚୌର୍ଯ୍ୟ ଅପରାଧରେ ଅପରାଧୀ ହେବ ଏବଂ ଶାସନଶକ୍ତି ତାକୁ ଶାସ୍ତି ଦେଇପାରିବ ।

ମାର୍କ୍‌ସ୍‌ଙ୍କର ନିରୀଶ୍ୱର ସାମ୍ୟବାଦ ମତରେ ବ୍ୟଷ୍ଟିମାନବର ସ୍ୱତନ୍ତ୍ର ଇଚ୍ଛାକୁ ଏକାବେଳକେ ଅସ୍ୱୀକାର କରାଯାଇଛି ଏହା ନୁହେଁ, କିନ୍ତୁ ଋଷିଆ, ପୂର୍ବ ଜର୍ମାନୀ ପ୍ରଭୃତି ଦେଶରେ ହୋଇଥିଲା । ଜୋରଜବରଦସ୍ତିର ସାମ୍ୟବାଦ ମାତ୍ର ୭୦ ବର୍ଷରେ ବିଫଳ

Digitized by srujanika@gmail.com

ପ୍ରମାଣିତ ହେଲା । କିନ୍ତୁ ଭାଗବତରେ- ଭାରତୀୟ ଶାସ୍ତ୍ରରେ କଥିତ ସେଶ୍ୱର- ସାମ୍ୟବାଦର ନୀତି ଅଭ୍ରାନ୍ତ ଏବଂ ତାହାର ଦର୍ଶନ ଖଣ୍ଡନ ହୋଇପାରି ନାହିଁ ବା ତା ଭୁଲ ପ୍ରମାଣିତ ହୋଇ ନାହିଁ ।

ନଚିକେତାର ଏ ସମସ୍ତ ଆଲୋଚନା ଶୁଣି କମ୍ୟୁନିଷ୍ଟ ସହକର୍ମୀଗଣ ତାକୁ ଆଉ ମାର୍କସ- ଏଙ୍ଗେଲ ଦର୍ଶନରେ ଦୀକ୍ଷିତ କରିବାକୁ ସାହସ କରି ନାହାନ୍ତି । ବରଂ ଦେଖାଗଲା- ମଝିରେ ମଝିରେ ବିଭିନ୍ନ କମ୍ୟୁନିଷ୍ଟ ପରିବାରରେ ତାକୁ ନିମନ୍ତ୍ରଣ ଆସିଲା- ଆଜି ସାବିତ୍ରୀ ଅମାବାସ୍ୟା, କାଲି ସରସ୍ୱତୀ ପୂଜା ତ ଆଉ ଦିନେ ଜନ୍ମାଷ୍ଟମୀ । ଦେଖିଲା ପରିବାରର ସମସ୍ତେ କମ୍ୟୁନିଷ୍ଟ, ଅଥଚ ସମସ୍ତେ ଉପବାସ, ଓଷା, ପୂଜା ଇତ୍ୟାଦି ବ୍ରତ ନିମୟ ପାଳନ କରୁଛନ୍ତି ।

କମ୍ୟୁନିଷ୍ଟମାନଂକ ସହିତ ଏହି ଘନିଷ୍ଟତା କର୍ମ କ୍ଷେତ୍ରରେ ବାଧା ଆଣିବ- ଏ ଆଶଙ୍କା ମଧ୍ୟ ନଚିକେତାର ହେଲା । ସ୍କୁଲଟି ଶହେ ବର୍ଷରୁ ବେଶି ପୁରୁଣା । ଶ୍ରୀ... ମୁଖାର୍ଜୀ ସେତେବେଳର ସେକ୍ରେଟାରୀ, ସାଲକିଆର ଅଧେ ଜମିର ମାଲିକ, ନିଜର ଫାକ୍ଟରୀ, ନିଜେ କଂଗ୍ରେସର ନେତା, ବିଧାନ ରାୟଙ୍କ ଦକ୍ଷିଣ ହସ୍ତ, ଆସେମ୍ଳି ସ୍ପିକର, ଅର୍ଥମନ୍ତ୍ରୀ- କେତେ କଣ । ପୁରୁଷାନୁକ୍ରମେ ତାଂକରି ବଂଶହିଁ ସେକ୍ରେଟାରୀ ହୋଇ ଆସିଛନ୍ତି । ଅଥଚ ନଚିକେତା ତାଂକରି ଅଧୀନରେ ଚାକିରି କରି ତାଂକରି ଶତ୍ରୁ କମ୍ୟୁନିଷ୍ଟମାନଂକର ସହଯୋଗୀ । ଖାଲି ସେତିକି ନୁହେଁ ସ୍କୁଲ୍‌ରେ ସେ ଯେଉଁ ଆଦେଶ ଦେବେ ନଚିକେତା ତାର ବିପରୀତ କାର୍ଯ୍ୟ କରିବ, ସମସ୍ତ ଷ୍ଟାଫ୍ ନଚିକେତାର କଥାରେ ସମସ୍ୱରରେ ତାଳ ଦେଇ ନାଚିବେ ।

ମୁଖାର୍ଜୀ ସ୍କୁଲ୍‌ର ଗୋପନ ସମ୍ବାଦ ନେବା ପାଇଁ ତାଂକରି ବାଲ୍ୟ ଶିକ୍ଷକ ଜଣେ ବୃଦ୍ଧଙ୍କୁ ଧର୍ମଶିକ୍ଷା ପିରିଅଡ୍ କରି ନିଯୁକ୍ତି ଦେଲେ । କିନ୍ତୁ ଫଳରେ ବିପରୀତ ହେଲା । ସେ ବୃଦ୍ଧ ନଚିକେତାର ଅତି ବିଶ୍ୱସ୍ତ ବନ୍ଧୁ ପାଲଟିଗଲେ । ମୁଖାର୍ଜୀଙ୍କର ଗୋପନ କଥା ତାକୁ ଜଣାଇ ସାହାଯ୍ୟ କଲେ । ନିର୍ବାଚନ ବେଳେ ସେ ପ୍ରକାଶ୍ୟରେ ମୁଖାର୍ଜୀଙ୍କର ପ୍ରତିଦ୍ୱନ୍ଦ୍ୱୀ କମ୍ୟୁନିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରି ସଭାସମିତିରେ ଭାଷଣ ଦେଲା ।

ଶତ୍ରୁକୁ ନିପାତ କରିବାର ଆଉ ଏକ ଅସ୍ତ୍ର ତାଂକର ଥିଲା- ସାଲକିଆର କୁଖ୍ୟାତ ଦାଗୀ 'ଲଂକାଗୁଣ୍ଡା' । ସେ ତ ଜେଲ୍‌ରେ ଥାଏ । ଇଲେକ୍‌ସନ୍‌ର ୪/୫ ମାସ ଆଗରୁ ତାକୁ ମୁକୁଳାଇ ଆଣନ୍ତି, ସେ ଧମକ ଦେଇ ମୁଖାର୍ଜୀଙ୍କ ପାଇଁ ଭୋଟ ଯୋଗାଡ଼ କରିଦିଏ । ଦୁର୍ଯୋଗକୁ ନଚିକେତା ଲଂକାଗୁଣ୍ଡା ଘରର ସାମନା ଗୋଟିଏ ଘରେ ଭଡ଼ାରେ ଥାଏ । କାରଣ ରାମରାଜାତଲାର ନିଜ ଘର ଦୂର ବୋଲି ଭଡ଼ା ଦେଇ ସ୍କୁଲ୍ ପାଖରେ ପିଲାପିଲି ନେଇ ରହୁଥିଲା ।

Digitized by srujanika@gmail.com

ଦିନେ ହଠାତ୍ ଦେଖିଲା ଲଙ୍କାଗୁଣ୍ଡା ରାସ୍ତାରେ ନିଜ ଘର ବାରଣ୍ଡାରେ ବସିଛି । ୨/୪ ଦିନ ହେବ ଜେଲ୍‌ରୁ ଆସିଛି ମୁଖାର୍ଜୀର ପ୍ରକାଶ୍ୟ ଶତ୍ରୁ ନଚିକେତା; କେଉଁ ଦିନ ହୁଏତ ମୁଖାର୍ଜୀ ଲଂକାଗୁଣ୍ଡାକୁ କହିବେ ନଚିକେତାଂକୁ ସାବାଡ଼ କରିବା ପାଇଁ । ଖୁବ୍ ଭୟ ହେଲା- କିନ୍ତୁ ମନୋବଳ ହରାଇଲା ନାହିଁ । ଲଂକାଗୁଣ୍ଡା ବାରଣ୍ଡାରେ ଦେଖି ଖାଲି ଏତିକି କହିଛି- "ଲଂକା ବାବୁ ! ଗୋଟିଏ ଅନୁରୋଧ ଥିଲା" । ଏତିକିରେ ସେ ଆଭୂମି ପ୍ରଣାମ କରି ଛାତି ବାଡ଼େଇ କହିଲା- "କୁଛ ପରୋଆ ନେଇ । ଆପଣ ଘର ଖୋଲା ରଖି ଶୋଇବେ । ମୋ ପଡ଼ାରେ କାହାକୁ ପଶିବାକୁ ଦେବି ନାହିଁ ।"

ଶୁଣିଲି ସେଠାରେ ଗୁଣ୍ଡା ସର୍ଦ୍ଦାର ମାନଂକର ନୀତି ହେଲା- ତାଂକ ନିଜ ପଡ଼ାରେ କୌଣସି ଅସାମାଜିକ କାର୍ଯ୍ୟ ସେମାନେ ନିଜେ ତ କରିବେ ନାହିଁ; ଅନ୍ୟ କାହାକୁ ମଧ କରିବାକୁ ଦେବେ ନାହିଁ । ଏହା ସେମାନଂକର ମର୍ଯ୍ୟାଦାର ପ୍ରଶ୍ନ । ତେବେ ତାଂକର ବ୍ୟକ୍ତିଗତ ଶତ୍ରୁକୁ ସେମାନେ ବଂଚିବାକୁ ଦେବେ ନାହିଁ ।

ଏହା ଭିତରେ ମୁଖାର୍ଜୀଙ୍କର ବଡ଼ଭାଇ ନଚିକେତାକୁ ତାଂକ ଝିଅକୁ ବଂଗଳା ଅନର୍ସ ପଢ଼ାଇବା ପାଇଁ ଟିଉଟର ରୂପେ ନିୟୋଗ କରିଥାନ୍ତି । ସପ୍ତାହରେ ତିନିଦିନ; ପ୍ରାୟ ଖବର ଆସେ ଆଜକେ ମାମାର ବାଡ଼ୀ, କାଲକେ ସିନେମା ଇତ୍ୟାଦି । ତେଣୁ ସପ୍ତାହରେ ଦିନେ ବା ଦୁଇଦିନ ମାତ୍ର ଯିବାକୁ ହୁଏ ।

ଦିନେ କମ୍ୟୁନିଷ୍ଟ ସଭାରେ ନଚିକେତା ଭାଷଣ ଦେଉଛି; ଦେଖିଲା ଶ୍ରୋତା ମଧରେ ....ମୁଖାର୍ଜୀ । ସଂଗେ ସଂଗେ ରବୀନ୍ଦ୍ରନାଥଙ୍କ "ରୁଷିଆର ଚିଠି"ର ପଙ୍‌କ୍ତି ଉଲ୍ଲେଖ କରି ଭାଷଣର ମୋଡ଼ ବଦଳାଇ ଦେଲା । କିଛି କ୍ଷଣ ପରେ ଦେଖିଲା ମୁଖାର୍ଜୀ ଉଠି ପଳାଇଲେ ।

ଘରକୁ ଆସି ନଚିକେତା ଭାବିଲା ଶହେ ଟଂକାର ଟିଉସନ୍‌ଟା ଗଲା ବୋଧହୁଏ । ତାରି ଝିଆରୀକୁ ତାରି ଘରକୁ ଯାଇ ପଢ଼ାଉଛି; ଅଥଚ ସଭାରେ ତାରି ବିରୋଧରେ ଭାଷଣ ଦେଉଛି! କିନ୍ତୁ କିଛି ତ ହେଲା ନାହିଁ; ଓଲଟି ଯେଉଁ ଦିନ କୋଲକାତା ଛାଡ଼ି କେନ୍ଦ୍ରାପଡ଼ା କଲେଜକୁ ଆସିବା ସ୍ଥିର କଲା, ସେଦିନ ସେଇ ଝିଅ ଓ ତାର ବାପାଙ୍କୁ ବିଦାୟ ମାଗିଲା । ଅଶ୍ରୁସଜଳ ନେତ୍ରରେ ଝିଅର ବାପା କହିଲେ, "ମାଷ୍ଟରେ ମଶାୟ, ଆମାର ମେୟେର ବୋଧହୟ ବାଂଗଲା ଅନର୍ସ ଥାକ୍‌ବେ ନା । ଏଖାନେ ଆର ବିଶ୍ୱାସୀ ଲୋକ କୋଥାୟ ପାବୋ ।"

୧୯୬୨ ଇଲେକ୍‌ସନର ହାଓୟା ଆରମ୍ଭ ହେଲା ୧୯୬୧ ମାର୍ଚ୍ଚ-ଏପ୍ରିଲ ମାସଠାରୁ । ହଠାତ୍ ଦିନେ ଷ୍ଟାଫ୍ ମିଟିଂରେ ପ୍ରସ୍ତାବ ହେଲା- "ନଚିକେତା ଆସେମ୍ବ୍ଲି ପାଇଁ ସ୍ୱାଧୀନ ପ୍ରାର୍ଥୀରୂପେ ଛିଡ଼ା ହେବ । ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ମୁଖାର୍ଜୀଙ୍କୁ ହରାଇବା

Digitized by srujanika@gmail.com

ପାଇଁ । କମ୍ୟୁନିଷ୍ଟ ପାର୍ଟିରୁ ବୀରେନ ବ୍ୟାନାର୍ଜୀ ତ ପ୍ରାର୍ଥୀ ହେବେ । ତିନି ହଜାର ଓଡ଼ିଆ ଭୋଟ ନଚିକେତା ପାଇବ । ତା ବ୍ୟତୀତ ଯେଉଁମାନେ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ପ୍ରତି ନିରପେକ୍ଷ, ସେମାନେ ତାକୁ ଭୋଟ ଦେବେ । ତା ଉପରେ ହିନ୍ଦୀ ସ୍କୁଲଗୁଡ଼ିକର ଶିକ୍ଷକମାନେ ମଧ୍ୟ ତା ପାଇଁ ପ୍ରଚାର କରିବେ ।"

ଏ ପ୍ରସ୍ତାବ ଶୁଣି ନଚିକେତା ଚମକି ପଡ଼ିଲା । କହିଲା, "ଆମାର ଟାକା କୋଥାୟ ଯେ ନିର୍ବାଚନ ଲଡବୋ ।" ସମସ୍ତ ଶିକ୍ଷକ ଏକସ୍ୱରରେ କହିଉଠିଲେ- "ଆମରା ଚାନ୍ଦା କରେ ଦିବ । ତା' ଛାଡ଼ା ପ୍ରତ୍ୟେକ ବର୍ଷ ୫୦୦ ଜନ ଛାତ୍ର ପାସ କରେଗେଛେ; ତାରାଓ ଆପନାର ଜନ୍ୟ ପ୍ରଚାର କରବେ ।"

କଥାଟା ଖୁବ୍ ଚଂଚଳ ରାଷ୍ଟ୍ର ହୋଇଗଲା । ....ମୁଖାର୍ଜୀ କାନକୁ ଗଲା । ଫୋନ୍ ଉଠାଇ ତାର ପୁତୁରା, ସ୍କୁଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ..... ବାବୁଙ୍କୁ ପଚାରିଲେ- "....! ଶୁନ୍‌ଛି ତିନି ଇଲେକ୍‌ସନେ ଦାଁଡ଼ାଛେନ ? ...ବାବୁ ନଚିକେତାକୁ ଖୁବ୍ ଭଲ ପାଉଥିଲେ । ସେ ସବୁ ଦିଗ ବଚେଇ ହଁ, ନା ଓ ରକମ କିଛୁନା" ବୋଲି କହି ଫୋନ ରଖିଦେଲେ ।

ଭାବିଲା, ଚାକିରିଟା ବୋଧହୁଏ ଗଲା । କିନ୍ତୁ କିଛି ହେଲା ନାହିଁ, ସବୁ ଠିକ୍ ରହିଲା । ଓଲଟା ମାସର ପହିଲାରେ ଦରମା ନେଇସାରି ଯଦି ହଜାରେ ଧାର ମାଗିଲା ତା ମଧ୍ୟ ତାକୁ ମିଳିଗଲା ।

ଏ ମଧ୍ୟରେ ନଚିକେତା ଗୋଟିଏ ଓଡ଼ିଆ ଏମ୍.ଇ. ସ୍କୁଲ ଖୋଲିଦେଇଥିଲା ସାଲକିଆରେ । ସେଠାରେ ଓଡ଼ିଆ ଲୋକ ଅନେକ ଥାଆନ୍ତି । ସେମାନେ ସେମାନଂକର ପୁଅ, ପୁତୁରା, ଭଣଜା ବା ଗ୍ରାମର ପିଲାମାନଂକୁ ଚାକିରି ଦେବାପାଇଁ ଆଣି ନିଜ ସାଂଗରେ ରଖନ୍ତି । କିନ୍ତୁ ସବୁ ଅଫିସରେ ପିଅନ ଚାକିରି ପାଇଁ ମାଇନର ସାର୍ଟିଫିକେଟ୍ ଦରକାର ହୁଏ । ଅଧିକାଂଶଙ୍କର ନ ଥାଏ । ଏଣୁ ବଡ଼ ଅସୁବିଧାରେ ଥାନ୍ତି । ସ୍ଥାନୀୟ ଓଡ଼ିଆମାନଂକ ଅନୁରୋଧରେ ନଚିକେତାର ଘରେ ଏମ୍.ଇ. ସ୍କୁଲ୍ ଖୋଲାହେଲା । ସପ୍ତମ ଶ୍ରେଣୀରେ ସେମାନଂକର ନାମଲେଖାଇ ସାର୍ଟିଫିକେଟ୍ ଦିଆଗଲା । ଫଳରେ ଅନେକ ବେକାର ପିଲା ଚାକିରି ପାଇଲେ । ଓଡ଼ିଆମାନଂକର ସନ୍ଧ୍ୟାସ୍କୁଲ ଡେଲହାଉସି ଓ ଶିବପୁରରେ ଥାଏ । ସେ ଦୁଇଟି ବହୁଦିନରୁ ଚଳି ଆସୁଥିଲା । ସେଥିରେ ସମ୍ପର୍କ ମଧ୍ୟ ରହିଲା ।

ଦିନେ ସନ୍ଧ୍ୟାରେ ଜଣେ ଅପରିଚିତ ଭଦ୍ରବ୍ୟକ୍ତି କିଛି ଫଳ ଧରି ନଚିକେତା ବସାରେ ପହଞ୍ଚିଲେ । ପରିଚୟରୁ ଜାଣିଲା ସେ ଖଡ୍‌ଗପୁର ଓଡ଼ିଆ ହାଇ-ସ୍କୁଲ୍‌ର ସେକ୍ରେଟାରୀ । ତାଂକ ସ୍କୁଲ୍‌ର ପ୍ରଥମ ବ୍ୟାଚ୍ ମ୍ୟାଟ୍ରିକ ପରୀକ୍ଷା ଦେଇଥିଲେ । କିନ୍ତୁ ପାସ ଫଳ ଭଲ ହୋଇନଥିଲା । ଏଥର ଦ୍ୱିତୀୟ ବ୍ୟାଚରେ ୧୬ଜଣ ପରୀକ୍ଷା ଦେଇଛନ୍ତି । ଫଳ ଭଲ ହେବା ଦରକାର । ନଚିକେତା ସେତେବେଳେ ସେକେଣ୍ଡାରୀ ବୋର୍ଡ଼ରେ

Digitized by srujanika@gmail.com

ସଂସ୍କୃତ ପରୀକ୍ଷକ, ମୁଖ୍ୟ ପରୀକ୍ଷକ ଇତ୍ୟାଦି ହୋଇ ସାରିଥାଏ । ବୋର୍ଡ଼ର ସହକାରୀ ସେକ୍ରେଟାରୀଙ୍କ ସହ ବନ୍ଧୁତ୍ୱ ଜମିଥାଏ । ଉକ୍ତ ଭଦ୍ରବ୍ୟକ୍ତି ଶ୍ରୀ ଜୟକୃଷ୍ଣ ମିଶ୍ର (ଇଂରାଜୀ ଅଧ୍ୟାପକ ଦେବ ଷଡ଼ଙ୍ଗୀଙ୍କ ଶ୍ୱଶୁର) ବହୁତ ଅନୁରୋଧ କଲେ । ନଚିକେତା ତାଂକୁ ଭରସା ଦେଇ ବିଦାୟ ଦେଲା । ବୋର୍ଡ଼ ଅଫିସକୁ ଯାଇ ସହସମ୍ପାଦକ ପରିତୋଷବାବୁଙ୍କୁ ଓଡ଼ିଆ ହାଇସ୍କୁଲ୍ ସମ୍ପର୍କରେ ପଚାରିବାରୁ ସେ ଯେପରି ଆନନ୍ଦରେ ନାଚିଉଠିଲେ । ଓଡ଼ିଆ ଭାଷାରେ ଉତ୍ତର ଖାତା ଦେଖିବାର ପରୀକ୍ଷକ ନ ପାଇ ବ୍ୟସ୍ତ ଥିଲେ । ନଚିକେତା ଯେ ଓଡ଼ିଆ ଏହା ଜାଣି ଓଡ଼ିଆ ପିଲାଙ୍କର ସବୁ ଖାତାର ଦାୟିତ୍ୱ ତାକୁ ଦେଇ ନିଶ୍ଚିନ୍ତ ହେଲେ । ବିଜ୍ଞାନ, ଇତିହାସ, ଭୂଗୋଳ, ଅଙ୍କ ଖାତା ପରୀକ୍ଷା କରିବା ପାଇଁ ପରୀକ୍ଷକ ଖୋଜିଲା ନଚିକେତା, ତା ପୂର୍ବରୁ ଓଡ଼ିଶାରୁ କେତେକ ମେଧାବୀ ମାଟ୍ରିକ ପାସ୍ କରିଥିବା ଛାତ୍ରଙ୍କୁ ନେଇ ରାମକୃଷ୍ଣ ମିଶନରେ ଛାତ୍ରନିବାସରେ ରଖି ଉଚ୍ଚଶିକ୍ଷା ଲାଭ କରିବାର ବ୍ୟବସ୍ଥା କରିଥାଏ । ସେମାନେ ବିଭିନ୍ନ କଲେଜରେ କେହି ବିଜ୍ଞାନ, କେହି କମର୍ସ, କେହି ଲ ଇତ୍ୟାଦି ପଢୁଥାନ୍ତି । ସେଇମାନଂକୁ ଯା ଦ୍ୱାରା ଯା' ହୋଇପାରିବ, ସେଇ ଭାବରେ ଖାତାଗୁଡ଼ିକ ପରୀକ୍ଷା କରାଇ ନେଲା । ପରୀକ୍ଷାଫଳ ବାହାରିବା ପରେ ଜଣାଗଲା, ଖଡ଼ଗପୁର ଓଡ଼ିଆ ହାଇସ୍କୁଲ୍ର ୧୬ଜଣ ଯାକ ଛାତ୍ର ସମସ୍ତେ ସେକେଣ୍ଡ ଡିଭିଜନରେ ପାସ୍ କରିଛନ୍ତି ।

ଖଡ଼ଗପୁର ଓଡ଼ିଆ ହାଇସ୍କୁଲ ସମ୍ପର୍କରେ ଏତକ ହେବା ଫଳରେ ହାଓଡ଼ାରେ ଗୋଟିଏ ଓଡ଼ିଆ ହାଇସ୍କୁଲ ଆରମ୍ଭ କରିବାର ଇଚ୍ଛା ହେଲା । ହାଓଡ଼ା ଷ୍ଟେସନ୍‌ର ଦକ୍ଷିଣ ଶିବପୁରରେ ଗୋଟିଏ ଓଡ଼ିଆ ନାଇଟ ସ୍କୁଲ ଥିଲା । ଗୋପ ନିର୍ବାଚନ ମଣ୍ଡଳୀର ସେତେବେଳର ଏମ.ଏଲ.ଏ. ଶ୍ରୀରାମଚନ୍ଦ୍ର ମଲ୍ଲିକ ନୂଆକରି ଏମ.ଏଲ.ଏ. ହୋଇଥାନ୍ତି । ସେ ପ୍ରଥମେ ଦୁଇଟଂକା ଦରମାରେ ଶିବପୁରର ସେଇ ନାଇଟ ସ୍କୁଲରେ ଶିକ୍ଷକରୂପେ କୋଲକାତାରେ କର୍ମଜୀବନ ଆରମ୍ଭ କରିଥିଲେ । ପରେ ସେ ସେଠାରେ ରେଲୱେ କଣ୍ଟ୍ରାକ୍ଟରୀ କରି, ଲିଲୁଆରେ ରେଲ ସ୍ଲିପର କାରଖାନା କରିଥିଲେ । ତାଂକୁ ଗୋପବନ୍ଧୁ ନାଇଟ ସ୍କୁଲକୁ ହାଇସ୍କୁଲ କରିବାର ପ୍ରସ୍ତାବ ଦେବାରୁ ସେ ମଧ୍ୟ ସାହାଯ୍ୟର ଭରସା ଦେଲେ । ପ୍ରସ୍ତୁତି ଚାଲିଲା, କିନ୍ତୁ ନଚିକେତା ଓଡ଼ିଶାକୁ ଫେରିଆସିବା ପରେ ଆଉ କେତେଦୂର କ'ଣ ହେଲା ଖବର ରଖିପାରିଲା ନାହିଁ ।

ଓଡ଼ିଶାର ଗୋଟିଏ କଲେଜରେ ଓଡ଼ିଆ ସଂସ୍କୃତ ଅଧ୍ୟାପକ ପଦ ପାଇଁ ସମାଜରେ ବିଜ୍ଞାପନ ଦେଖି, ନଚିକେତା ଗୋଟିଏ ଦରଖାସ୍ତ ଦେଇଥିଲା । ତା ମଧ୍ୟ ତାର ମନେ ନ ଥିଲା । ହଠାତ୍ ଇଣ୍ଟରଭିଉ ପାଇଁ ପତ୍ରଟିଏ ପାଇଲା । ଗ୍ରୀଷ୍ମ ଛୁଟି ହେଲେ ତ ସେ ପ୍ରତ୍ୟେକ ବର୍ଷ ପୁରୀକୁ ଆସେ । ଏ ବର୍ଷ ମଧ୍ୟ ଆସିଲା । ଛୁଟିରେ-ସେକ୍ରେଟାରୀ ଓ

Digitized by srujanika@gmail.com

ପ୍ରେସିଡେଣ୍ଟଙ୍କ ସହ ସାକ୍ଷାତ୍ ହେଲା ପ୍ରେସିଡେଣ୍ଟଙ୍କର ବାସଭବନରେ । "ଆପଣ ଆସନ୍ତୁ । କଲେଜରେ ଗୀତା ପାଠ କରି ପିଲାଙ୍କୁ ଧର୍ମଶିକ୍ଷା ମଧ୍ୟ ଦେବେ । ଆପଣଙ୍କୁ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ କରିଦିଆଯିବ"- ଇତ୍ୟାଦି ଏତେ ଆଶା ଭରସାର ସ୍ୱପ୍ନ ଦେଖାଇଲେ ଯେ, ସେ କୋଲକାତା ଯାଇ ଏକାବେଳକେ ଚାକିରିରୁ ଇସ୍ତଫା ଦେଇଦେଲା । ଅନେକେ ମନା କରୁଥିଲେ- "ଛୁଟି ନେଇ ଯାଅ । ଭଲ ନ ଲାଗିଲେ ଚାଲିଆସିବ ।" କାହାରି କଥା ନ ମାନି ଦେଇ ଦେଲା । କୋଲକାତା ଛାଡ଼ିବା ପୂର୍ବଦିନ ସନ୍ଧ୍ୟାରେ ଏକତ୍ର ହେଲେ ଯିଏ ଉଠିଲେ କିଛି କହିବା ପାଇଁ ପଦେ ଦୁଇପଦ କହି କାନ୍ଦି ବସି ପଡ଼ିଲେ । ଶେଷରେ ନଚିକେତାକୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ହେଲା । ତାର ଅବସ୍ଥା ମଧ୍ୟ ତଦ୍ରୂପ ।

ରବୀନ୍ଦ୍ରନାଥଙ୍କ ଭାଷାରେ-

"ଯାବାର ବେଲାୟ ଏଇ କଥାଟି ବଲେ ଯେତେ ଚାଇ
ଯା ଦେଖେଛି, ଯା ପେୟେଛି, ତୁଲନା ତାର ନାଇଁ ।"

ଏତିକି କହି ଆଉ କିଛି କହିପାରିଲା ନାହିଁ । ଖାଇବା ପରେ ମଧ୍ୟ ରାତି ୧ଟା ପର୍ଯ୍ୟନ୍ତ କେହି ଉଠିବାକୁ ଚାହିଁଲେ ନାହିଁ । "କାଲ ଥେକେ ତ ଆଁର ଏ ମୁଖଟି ଦେଖତେ ପାବନା, ପ୍ରାଣଭରେ ଶେଷବାରେର ମତ ଦେଖେ ନିଇ ।" ଏଇ କଥା ସମସ୍ତଙ୍କ ମୁଖରେ । ବହୁ ଅନୁରୋଧ କରି ସମସ୍ତ ବିଦାୟ ଦେଇ ଘରକୁ ଆସିଲା ରାତି ପ୍ରାୟ ଦେଢ଼ଟା ପରେ । ତାପର ସନ୍ଧ୍ୟାରେ ସାଲକିଆର ଅନ୍ୟାନ୍ୟ ବଂଗଳା-ହିନ୍ଦୀ-ସବୁ ସ୍କୁଲ୍‌ରୁ ବିଦାୟ ସମ୍ବର୍ଦ୍ଧନା ଦେଲେ । ସେଇ ସଭାରେ ସଭାପତି ହେଲେ ସାଲକିଆ ସ୍କୁଲର ହେଡ୍‌ମାଷ୍ଟର । ସଭାପତିଙ୍କ ଅଭିଭାଷଣରେ ସେ ତ ଅନେକ କଥା କହିଲେ । ଗୋଟିଏ କଥା ନଚିକେତାର ମନେରହିଲା;

"ଶର୍ମା ମଶାୟ ଆଇ.ଏ. କାବ୍ୟତୀର୍ଥ ପାସ କରେ ଏଖାନେ ଚାକିରି ଆରମ୍ଭ କରେନ,ତା ପରେ ବି.ଏ.ଅନର୍ସ,ଏମ.ଏ.ପାସ କରଲେନ । ଜମି କିନେ ଘର ଦୋର କରଲେନ;ବଇ ଲେଖାର ବ୍ୟବସାୟ କରଲେନ । କିନ୍ତୁ ତାକେଁ ଏକ ଦିନଓ ନିଜେର କାଜେ ବ୍ୟସ୍ତ ଥାକତେ ଦେଖିନି । ସବ ସମୟ ଏର କାଜ, ଓର କାଜ ଏ ସମିତି ଓ ସମିତି । ତାଁର ନିଜେର ଯା କିଛୁ କରେଛେନ,ତା ଏମନି ଘଟନାଚକ୍ରେ ଆପନା ଆପନି ହୟେଗେଛେ ।"

ନଚିକେତା ଏକଥା ଶୁଣି ନିଜ ସମ୍ପର୍କରେ ଚିନ୍ତା କଲା- ସତେ ତ ! ତାର ଯେ ଏମିତି ଗୋଟାଏ ସ୍ୱଭାବ ଅଛି- ସେ ସମ୍ପର୍କରେ ସେ ନିଜେ କେବେହେଲେ ଚିନ୍ତାକରି

Digitized by srujanika@gmail.com

ସଚେତନ ହେବାର ଅବସର ପାଇ ନାହିଁ । ନିଜର ଘରଦ୍ୱାର, ଆରାମ ଆୟାସ ଇତ୍ୟାଦି ହେତୁ ହେଲାଦିନରୁ ତ ଭାବି ନ ଥିଲା । ଯେତେବେଳେ ଯେଉଁଠି ଯେଉଁ ଅବସ୍ଥାରେ ରହି ଆସିଛି, ସେଇ ପରିବେଶର ସମ୍ପର୍କୀୟ ବ୍ୟକ୍ତିମାନଂକୁ ସେ ଭଲ ପାଇଛି, ସେମାନେ ମଧ୍ୟ ତାକୁ ଭଲ ପାଇଛନ୍ତି । କେହି କାହାକୁ ଛାଡ଼ିବାକୁ ଚାହିଁ ନାହାନ୍ତି । କିନ୍ତୁ ପରିସ୍ଥିତି ତାକୁ ଢାକାଠାରୁ ଗୁଣ୍ଟୁର ରାଜମହେନ୍ଦ୍ରୀ, ବେଜଓ୍ୱାଡ଼ା, ଗୋରଖପୁର, ଆଗରତାଲା ପର୍ଯ୍ୟନ୍ତ ଘୂରାଇଛି । କେଉଁଠି ଦୁଇବର୍ଷ, କେଉଁଠି ଆଠବର୍ଷ, କେଉଁଠି ଦୁଇ ମାସ, କେଉଁଠି ଦଶଦିନ ମଧ୍ୟ । ଯେଉଁଠିକି ଯାଇଛି, ଏପରି କିଛି କର୍ମ ଜୁଟିଯାଏ ପହଞ୍ଚିବା ସଂଗେ ସଂଗେ, ସେଇଥିରେ ମାତିଯାଏ, ନିଜ କଥା ମନେ ପକାଇବାର ଅବସର ମିଳେନା । ଆହାର, ବାସସ୍ଥାନ, ଲୁଗାପଟା କଣ ମିଳିଲା, କେତେ ମିଳିଲା କି ପ୍ରକାର ମିଳିଲା ଏସବୁ ଚିନ୍ତା ତ ତା' ଭିତରେ ପିଲାଟି ଦିନରୁ ପଶିନାହିଁ ।

ଏ ଦେହଟାର କିଛି ଯତ୍ନ କରିବାକୁ ହେବ- ଏମିତି ଧାରଣା ନ ଥିଲା । ଦେହତ ଈଶ୍ୱର ଇଚ୍ଛାରେ ମିଳିଛି, ଈଶ୍ୱର ଇଚ୍ଛାରେ ରହିବ- ସେ କାହିଁକି ତା ପାଇଁ ବ୍ୟସ୍ତ ହେବ- ଏମିତି ଗୋଟିଏ ଚିନ୍ତାଧାରା ତାକୁ କେହି ଶିଖାଇ ନ ଥିଲେ । ତେବେ ହେତୁ ହେଲା ଦିନଠାରୁ ତା ଦେଖୁଛି । ଏହାର କୁଫଳ ଏବେ ଅନୁଭବ କରୁଛି । ଦେହ ତ ଗୋଟାଏ ଯନ୍ତ୍ର, ତାର କିଛି ଖୋରାକ ଦରକାର । ନ ଦେଲେ ଯେ ଯନ୍ତ୍ରଟା ତିରିଶ ବର୍ଷ କାର୍ଯ୍ୟକ୍ଷମ ଥାଆନ୍ତା, ତା' ତ ପନ୍ଦର ବର୍ଷରେ ଅକ୍ଷମ ହୋଇଯାଏ । କୋଡ଼ିଏ ବର୍ଷ ଆଗରୁ ସେ ଅନୁଭବ କରିସାରିଲାଣି- ଏ ଦେହ ଆଉ ଏତେ ଖଟିପାରିବ ନାହିଁ । ତେଣୁ ଏନ୍‌ଗେଜ୍‌ମେଣ୍ଟ କମେଇବାକୁ ବାଧ୍ୟ ହୋଇଛି । ସଭା ସମିତିକୁ ଯିବା, ଖାଇବା, ଶୋଇବାର ଅନିୟମିତତା ଆଉ ସହ୍ୟ ହେଉ ନାହିଁ । ସବୁ ପ୍ରାୟ ଛାଡ଼ିଦେବାକୁ ବାଧ୍ୟ ହେଇଛି ।

ଏ ଅବସ୍ଥାରେ ଆଉ ଏକ ପ୍ରକାର ବିଚାରଧାରା ଗ୍ରହଣ କରି ସେ ଆଶ୍ୱସ୍ତ ହେଲା । ଭଗବାନ୍ ଯେତେଦିନ ଇଚ୍ଛା କିଛି ସାମର୍ଥ୍ୟ ଦେଇ ତାଂକ କାର୍ଯ୍ୟ କରାଇ ନେଲେ । ତାର ମଧ୍ୟ ପ୍ରାରବ୍ଧ ଖଣ୍ଡାଇ ନେଲେ । ଏଣିକି ସେ ସାମର୍ଥ୍ୟ ସେ ନେଇ ନେଲେ । ସେଥିପାଇଁ ତାର ଦୁଃଖିତ ହେବାର କିଛି କାରଣ ନାହିଁ । ସେ ହୁଏତ ଭାବୁଛି- ସେ ଆଉ କିଛି କରି ସମାଜକୁ ତାର ଚିନ୍ତାଧାରା ରଖିଯାଇଥାଆନ୍ତା । ଏ ବିଷୟରେ ମଧ୍ୟ କିଂଚିତ୍ 'ଅହଂ' ବା କର୍ତ୍ତୃତ୍ୱାଭିମାନ ରହୁଛି । ସେଟା ନଷ୍ଟ କରିବା ପାଇଁ ବୋଧହୁଏ ସେ ତାର ଶାରୀରିକ ସାମର୍ଥ୍ୟ ଟିକକ ଯାହା ଥିଲା, ତା ନେଇ ନେଲେ । ସେ ଯାହା କରିଥାଆନ୍ତା ତାହା କରିବାକୁ ବହୁ ବ୍ୟକ୍ତି ଯୋଗ୍ୟ ହେଲେଣି ଏବଂ ତାଂକ କାମ ସେ କରାଇ ନେଉଛନ୍ତି । ସେ କରିପାରି ନାହିଁ ବୋଲି ବିବ୍ରତ ହେବାର ତ କିଛି ମାତ୍ର କାରଣ ନାହିଁ ।

Digitized by srujanika@gmail.com

ସାମାଜିକ ହେଉ ବା ପାରମାର୍ଥିକ ହେଉ ତାର ଯଦି କିଛି ଯୋଗ୍ୟତା ଥିଲା, ତା ତ ତାର ନୁହେଁ, ତା ଯିଏ ଦେଇଥିଲେ, ସେ ନେଇ ନେଲେ ।

ମନୁଷ୍ୟ ସାଧାରଣତଃ ଦେହବଳ, ଧନବଳ, ଲୋକବଳ ଓ ପଦବୀବଳ- ଏହି ଚାରିଟିରୁ କାହାର ଗୋଟିଏ ବା ଦୁଇଟି କାହାର ବା ସବୁଗୁଡ଼ିକ ବଳ ଥାଏ । ବଳ ଥିବା ପର୍ଯ୍ୟନ୍ତ ନିଜର ଦମ୍ଭ, ଅଭିମାନ ବହୁତ ଦେଖାଏ; କିନ୍ତୁ ଏପରି ଏକ ସମୟ ଆସେ- ଏ ସବୁ ବଳ ଥାଇ ମଧ୍ୟ ମନୁଷ୍ୟ ଅସହାୟ, ନିର୍ଜୀବ ହୋଇଯାଏ । ବଂଚିଥାଇ ମଧ୍ୟ ମଲାପରି ପଡ଼ିରହେ ।

ଇରାନର ସାହା, ଇଦି ଆମିନ, ସଂଜୟ ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ଜିଆ ଉଲ ହକ, ମାର୍କୋସ ପ୍ରଭୃତିଙ୍କର କୌଣସି ବଳର ଅଭାବ ନ ଥିଲା । ତଥାପି କି ଅସହାୟ ଭାବରେ ସେମାନେ ଏ ଜଗତରୁ ବିଦାୟ ନେଲେ । କୌଣସି ବଳ ମଧ୍ୟ ସେମାନଂକୁ ସଂକଟ ମୁହୂର୍ତ୍ତରେ ରକ୍ଷା କରିପାରିଲା ନାହିଁ ।

ଏସବୁ କିଏ ବା ନ ଜାଣେ, ନ ବୁଝେ । ତଥାପି ଅଢ଼େଇ ଦିନର ପଦଗର୍ବ ମନୁଷ୍ୟକୁ ଅନ୍ଧ କରି ଦିଏ । ପଦବୀର ରଥରେ ବସି ବୀର ଦର୍ପରେ ମାଡ଼ିଚାଲେ । କେତେ ଯେ ନିର୍ଦ୍ଦୋଷ, ନିରୀହ, ସାଧୁ ସଜ୍ଜନ ସେ ରଥର ଚକତଳେ ପେଷି ହୋଇଯାଆନ୍ତି । ଆରୋହୀର ସେଥିପ୍ରତି ନିଘା ନଥାଏ । ଆଖିରେ ତ ରଂଗିନ୍ ଚଷମା-

ଦେଖଇ ନେତ୍ର ଯାହା ଚଉଦିଗର
ସେ ସର୍ବର ଅଟଇ ମୁଁ ଅଧୀଶ୍ୱର
ମହିମଣ୍ଡଳେ ନାହିଁ ଏମନ୍ତ ଜନ
ମୋ ଅଧିକାର ସଂଗେ କରିବ ରଣ ।

(ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

I am the monarch of all I survey
my rights there is none to dispute.

(Alexander Shelkerk)

ଏ ମଦ ନିଶାର ଘୋର କେବେହେଲେ କଟେନା । କିନ୍ତୁ କେତେ ଉଷ୍ଣ ନିଶ୍ୱାସ ତପ୍ତଅଶ୍ରୁର ଅଦୃଶ୍ୟ ପ୍ରଭାବ କ୍ରମଶଃ ସଂଚିତ ହୋଇ ଚାଲିଥାଏ । ଠିକଣା ସମୟରେ ସେ ତାର କରାମତି ଦେଖାଏ- ଯାହା ହେଲା ଗତ ଦଶବର୍ଷ ମଧ୍ୟରେ ପୃଥିବୀର କେତେ ଜଣ ରାଷ୍ଟ୍ରନେତାଂକର ଭାଗ୍ୟର ବିଡ଼ମ୍ବିତ ଦୁଃଖଦ ପରିଣତି ।

Digitized by srujanika@gmail.com

ଓଡ଼ିଶାରେ ଶିକ୍ଷକ ଜୀବନ

ନଚିକେତା କଲେଜରେ ଯୋଗ ଦେଲା ଓଡ଼ିଆ-ସଂସ୍କୃତ ଅଧ୍ୟାପକ ଭାବରେ । ଚାରିମାସ ପରେ ଛୁଟିରେ କୋଲକାତା ଗଲା ସାମ୍ୟାଦିକତା ଏମ.ଏ. ପରୀକ୍ଷା ଦେବା ପାଇଁ । ସେଇ ବର୍ଷ ଜୁନ୍ ମାସରୁ ତ କୋଲକାତା ବିଶ୍ୱବିଦ୍ୟାଳୟର ସାମ୍ୟାଦିକତାର ଦୁଇବର୍ଷର ପାଠ ଶେଷ ହୋଇଥିଲା । ପରୀକ୍ଷା ପରେ ହାଓଡ଼ାର ଘରଟି ବିକ୍ରିକରି ଦେଇ ଆସିଲା ।

କୋଲକାତାର ଆଶ୍ରମ ଜୀବନ, ଛାତ୍ରଜୀବନ, ଗୃହସ୍ଥ ଜୀବନ ମିଶି ତେଇଶବର୍ଷର ମୋହ, ମମତା ସବୁ ତୁଟାଇ ଦେଲା । ମନର ଉଲ୍ଲାସରେ ମତୁଆଲା ହୋଇଗଲା । ‘ମୋ ଜନ୍ମ ମାଟିକୁ ମୁଁ ଫେରିଆସିଛି” ।

କିନ୍ତୁ ଏ ନିଶା ବେଶି ଦିନ ରହିଲା ନାହିଁ । ଅଳ୍ପ କେତୋଟି ମାସରେ ଜାଣିଲା, କଲେଜର ଇଟା ଖଣ୍ଡେ ମଧ୍ୟ ନାହିଁ । ଇଞ୍ଜିନିୟରିଂ ସ୍କୁଲର ଗୋଟିଏ ଆଜବେଷ୍ଟସ୍ ସେଡ୍ ନେଇ କଲେଜ ଚାଲିଛି । ହଷ୍ଟେଲର ନାମ ଗନ୍ଧ ନାହିଁ । ମାସିକ ବେତନ ମାତ୍ର ୧୮୦ ଟଂକା । ଆଉ ପଇସାଟିଏ ନାହିଁ । ଚଳିବ କେମିତି ? ପ୍ରେସିଡେଣ୍ଟଙ୍କୁ ଦେଖା କଲା- ଯାହା ଯାହା କହିଥିଲେ, ଆଶାଭରସା ଦେଇଥିଲେ, ସବୁ ଶୁଣାଇଲା । ପ୍ରେସିଡେଣ୍ଟ ବସ୍‌ସୁଲଭ ଗମ୍ଭୀର ମୁହଁ ଓ ସ୍ୱରରେ କହିଲେ, ଆମେ କ’ଣ କହିଥିଲେ ମନେ ନାହିଁ ।

ପ୍ରାକ୍ତନ ମନ୍ତ୍ରୀ, ଜନପ୍ରତିନିଧି ନିଜ ଦଳ ଓ ସରକାରରେ ଅଖଣ୍ଡ ପ୍ରତିପତ୍ତି, ଅଥଚ କଥାର ଦାମ୍ ଏମିତି ! ମୋହ ତ ଭାଙ୍ଗିଲା । ସାଲକିଆର ପ୍ରବଳ ପ୍ରତାପୀ ଜମିଦାର, ଜନପ୍ରତିନିଧି, ବିଧାନ ରାୟଙ୍କ ଦକ୍ଷିଣ ହସ୍ତ ମୁଖାର୍ଜୀ ମଧ୍ୟ ଭାରି ଦାମ୍ଭିକ, ଅହଂକାରୀ, କିନ୍ତୁ ତାଂକ ଅହଂକାର ଭିନ୍ନ ଧରଣର । ନିଜ କଥାର ଟିକିଏ ବ୍ୟତିକ୍ରମ ତ ଦୂରକଥା, ବରଂ ଶୁଣିଛି,- “ଯେ ଦିନ ଶୁନ୍‌ବୋ ଆମାର ଶିକ୍ଷା ପ୍ରତିଷ୍ଠାନେ ମାସେର ପଇଲା ତାରିଖେ ବେତନ ଦେଓୟା ହୟନାଇ, ସେ ଦିନଇ ସେକ୍ରେଟାରୀ ପଦ ଛେଡ଼େ ଦେବୋ ।”

ନଚିକେତା ତ ତାଙ୍କର ପୂରା ଶତ୍ରୁ ଥିଲା । ଅଥଚ ଦିନକ ପାଇଁ ତା ବିରୋଧରେ ପଦେ କଥା କହିବାର ବା କିଛି ଅସୁବିଧା କରିବାର ସେ ଦେଖି ନାହିଁ । ସଭାସମିତିରେ ତାଂକୁ ସମାଲୋଚନା, ସ୍କୁଲର ଷ୍ଟାଫକାଉନ୍‌ସିଲ ସେକ୍ରେଟାରୀ ଭାବରେ ତାଂକର ଆଦେଶକୁ ପୂରାପୂରି ଲଂଘନ କରିବା ଇତ୍ୟାଦି ସହିତ ତାଂକରି ଘରକୁ ଯାଇ ତାଂକରି ନାତୁଣୀଙ୍କୁ ବି.ଏ. ଅନର୍ସ ପାଠ ପଢ଼ାଇବା ଇତ୍ୟାଦି ସବୁ ଚାଲିଥିଲା । ଦିନକ ପାଇଁ ତାର ବିରୋଧ ବା ଅସୁବିଧା କରିବାର କୌଣସି ଚେଷ୍ଟା ତାଂକଠାରେ ନଚିକେତା ଦେଖିବାକୁ ପାଇ ନାହିଁ ।

Digitized by srujanika@gmail.com

ଓଡ଼ିଶାର କେତେକ ନେତା ଓ ଅଫିସରଙ୍କ ଚରିତ୍ର ଠିକ୍ ଓଲଟା । ଏମାନେ ନିଜମୁହଁ କଥା ଅସ୍ୱୀକାର କରିବାକୁ ଲଜ୍ଜାବୋଧ ତ କରନ୍ତି ନାହିଁ, ବରଂ ଗୌରବ ବୋଧ କରନ୍ତି । ନିଜର ପ୍ରଭୁତ୍ୱ ଯେ ଜାହିର କରିପାରିଛନ୍ତି, ତଳିଆ ଲୋକକୁ ହଇରାଣ କରି, ସେଥିପାଇଁ ଆତ୍ମତୃପ୍ତିରେ ମସ୍‌ଗୁଲ ହୋଇ ଥାଆନ୍ତି ।

ନଚିକେତାର ଆଶାର ସୌଧ ଭାଂଗି ଚୂର୍‌ମାର୍ ହୋଇଗଲା । କୋଲକାତାରୁ ଆସିଲାବେଳେ ବନ୍ଧୁମାନେ କହିଥିଲେ,- "ତୁମି ବିଦେଶୀ ହୟେ ଏଖାନେ ଯା ଶ୍ରଦ୍ଧା, ସ୍ନେହ, ସମ୍ମାନ ପେୟେଛ, ତୋମାର ନିଜେର ଦେଶେ ଗେଲେ କତ ଯେ ପାବେ, ତାଇ ଚିନ୍ତାକରେ ଆମରା ଆନନ୍ଦିତ, ଯଦିଓ ତୋମାକେ ହାରିୟେ ଦୁଃଖ କମ୍ ନୟ ।"

ସବୁ ଓଲଟା ହେଲା । ମୂଳରୁ ଭୁଲ ହୋଇଗଲା । "ଏ ମୋର ଜନ୍ମମାଟି"- ଏତିକି ତୃପ୍ତି ବ୍ୟତୀତ ଆଉ ସବୁ ବିପରୀତ ହୋଇଗଲା ।

ଅଳ୍ପ ଦିନରେ ସୁନାମ ହୋଇଗଲା । ତାହାହିଁ ହେଲା କାଳ । ଖ୍ୟାତିର ବିଡ଼ମ୍ବନା ଏଯାବତ୍ ଅନୁଭୂତ ହୋଇ ନ ଥିଲା । ଆଶ୍ରମ ଜୀବନ, ଛାତ୍ର ଜୀବନ ଓ ଗୃହସ୍ଥ ଜୀବନ ମିଶି କୋଲକାତାରେ ତେଇଶ ବର୍ଷ କଟିଲା । କେବଳ ପ୍ରଶଂସା, ବନ୍ଧୁତ୍ୱ, ସ୍ନେହ, ସମ୍ମାନ ଭରପୂର । ନିନ୍ଦୁକ ମାତ୍ର, ଜଣେ ଥିଲା ବୋଲି ମନେ ପଡ଼େ । ସେ ନଚିକେତାଠାରୁ ପ୍ରଚୁର ଉପକାର ପାଇଥିଲା । ତାହାର ଛଳନା ଓ କପଟତା ବୁଝିପାରି ଯେତେବେଳେ ଦୂରେଇ ଗଲା, ସେତେବେଳେ ବଢ଼ିଆ ଶିକାର ହାତଛଡ଼ା ହୋଇଗଲା ବୋଲି ଯେ ପରିମାଣରେ କ୍ରୋଧ, ଆକ୍ରୋଶ ହେବା ସ୍ୱାଭାବିକ, ତାହା ତାର ହୋଇଥିଲା । ତେବେ ତାର ନିନ୍ଦା ବୁମେରାଂ ହୋଇ ତାକୁ ହିଁ ଗ୍ରାସ କଲା । ତେଇଶ ବର୍ଷରେ ଏଇ ଗୋଟିଏ ମାତ୍ର ତିକ୍ତ ଅଭିଜ୍ଞତା ।

କିନ୍ତୁ ଓଡ଼ିଶାରେ, ନିଜ ଜନ୍ମମାଟିରେ ପ୍ରଶଂସା, ଖ୍ୟାତି କିଛି ଲୋକଙ୍କୁ ଶତ୍ରୁ କରାଇଲା । ସେଇ ମାତ୍ସର୍ଯ୍ୟର ଦଂଶନ ବଡ଼ ପୀଡ଼ାଦାୟକ । ତଥାପି ଯେଉଁମାନେ ସେ ପଥ ନେଲେ ସେମାନେ ଦୈବ ଦଣ୍ଡ ପାଇଲେ । ଶେଷରେ ସେମାନେ ହିଁ ନଚିକେତାର ସାହାଯ୍ୟ ମାଗିଲେ । ଅକୁଣ୍ଠ ଚିତ୍ତରେ ସେମାନଂକୁ ସେ ସାହାଯ୍ୟ ମଧ୍ୟ କଲା । ନିନ୍ଦୁକ, ଶତ୍ରୁତା ଆଚରଣକାରୀଂକ ପ୍ରତି କି ମନୋଭାବ ପୋଷଣ କରିବାକୁ ହେବ ତା ରବୀନ୍ଦ୍ରନାଥଙ୍କର 'ପ୍ରଶ୍ନ' କବିତାଟିରୁ ପାଇ ନିଜକୁ ସାନ୍ତ୍ୱନା ଦେଇଥିଲା । କବିତାଟି ଏଇ-

ଭଗବାନ୍ ତୁମି ଦୂତ ପାଠାଏଛ ବାରେ ବାରେ ଦୟାହୀନ ସଂସାରେ
ତାରା ବଲେ ଗେଲ-କ୍ଷମା କରୋ, ଭାଲବାସୋ ଅନ୍ତରହତେ ବିଦ୍ୱେଷ ବିଷ ନାଶୋ

Digitized by srujanika@gmail.com

ସ୍ମରଣୀୟ ଯାରା ବରଣୀୟ ଯାରା ତବୁ ଓ ବାହାର ଦ୍ୱାରେ
ଆଜି ଦୁର୍ଦ୍ଦିନେ ଫିରାନୁ ସବାରେ ବ୍ୟର୍ଥ ନମସ୍କାରେ ।

× × ×

ଯାହାରା ତୋମାର ବିଷାଇଛେ ବାୟୁ ନିଭାଇଛେ ତବ ଆଲୋ
ତୁମି କି ତାଦେର କ୍ଷମା କରିଆଛୋ ? ତୁମି କି ବେସେଛ ଭାଲୋ ? ?

ଏଇ କବିତାଟି କେତେ ଆଶାଭରସା ଦେଲା । ଏହି ଚିନ୍ତାକରି ସବୁ ଅବସ୍ଥାରେ ଶାନ୍ତ ନିର୍ବିକାର ରହିବାକୁ ଚେଷ୍ଟା କଲା । ନିନ୍ଦୁକର ନିନ୍ଦା, ଶତ୍ରୁତା, ଅନିଷ୍ଟ କରିବା ପ୍ରବୃତ୍ତିର ଶରବ୍ୟ ହେଲେ ସ୍ୱଭାବତଃ ତା ପ୍ରତି ଯେସାକୁ ତେସା ନୀତିରେ ପ୍ରତିଶୋଧ ନେବାର ପ୍ରବଣତା ଅନ୍ୟ ସମସ୍ତଙ୍କ ପରି ତାର ମଧ୍ୟ ଥିଲା, ଅଛି; ସେ ପୂରାପୂରି ଏ ସବୁରୁ ଊର୍ଦ୍ଧ୍ୱକୁ ଉଠି ଯାଇଛି, ଏହା ନୁହେଁ । କିନ୍ତୁ ଯେତେବେଳେ ସେଇ ପ୍ରକାର ମାନସିକ ସଂକଟ ଆସିଛି, ନିନ୍ଦୁକ ବା ଅନିଷ୍ଟକାରୀର ଅନିଷ୍ଟ କରି ପ୍ରତିଶୋଧ ନେବାର ସୁଯୋଗ ଆସିଛି, ଠିକ୍ ସେତିକିବେଳେ ଚିନ୍ତା ଆସିଛି-

"ମୁଁ ଯଦି ସମସ୍ତଙ୍କର ପରି ଯେସାକୁ ତେସା ନୀତି ଗ୍ରହଣ କରେ, ତେବେ ଆଶ୍ରମ ଜୀବନରେ ଏତେ ସଦୁପଦେଶ ସାଧୁ ଶାସ୍ତ୍ରରୁ ଶୁଣିବା ଏବଂ ସାରା ଜୀବନ ଅନ୍ୟକୁ ଉପଦେଶ ଦେଇ ସଭାସମିତିରେ ଭାଷଣ ଦେବା କେବଳ ଭଣ୍ଡାମି, ହିପୋକ୍ରାସି, ଛଳନା ହିଁ ହେବ । କୌଣସି ଶାସ୍ତ୍ରରେ ଶତ୍ରୁମିତ୍ର କାହାରି ଅନିଷ୍ଟ କରିବାର ଉପଦେଶ ତ ନାହିଁ, ବରଂ ପ୍ରତିଶୋଧ ନେବାର କ୍ଷମତା ଥିଲେ ମଧ୍ୟ କ୍ଷମା, ସହିଷ୍ଣୁତା, ସ୍ନେହ, ମଂଗଳ କାମନା କରିବାର ନିର୍ଦ୍ଦେଶ ରହିଛି । ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଭାଷଣ ଦେଇ ନିଜ ଜୀବନରେ ତାହା ପ୍ରୟୋଗ କରିବାର ସୁଯୋଗ ଆସିଲେ କ'ଣ କରାଯିବ, କି ପ୍ରକାର ବିଚାର ଓ ଆଚରଣ କରିବାକୁ ହେବ, ତାହାର ପରୀକ୍ଷା ବେଳ ଆସିବାଟା ତ ଈଶ୍ୱରଂକ କରୁଣା ।

ସୁତରାଂ ଅନ୍ୟର ଶତ୍ରୁତା ଆଚରଣ ମଧ୍ୟରେ ଈଶ୍ୱରଙ୍କର ପ୍ରଚ୍ଛନ୍ନ କରୁଣାହିଁ କାର୍ଯ୍ୟ କରେ । ଶତ୍ରୁ ବା ନିନ୍ଦୁକ କେବଳ ଅସ୍ତ୍ର, ନିମିତ୍ତ ମାତ୍ର । ଅନିଷ୍ଟ ବା ନିନ୍ଦା ଅପଯଶ ଯଦି କିଛି ହୋଇଥାଏ, ତାହା ତ ତାର ପ୍ରାରବ୍ଧ କର୍ମର ଫଳରୂପେ ପ୍ରାପ୍ୟ ଥିଲା । ସେ କାହିଁକି ନିନ୍ଦୁକ ବ୍ୟକ୍ତିକୁ ଦାୟୀ କରି ତାର ଅନିଷ୍ଟ କରିବାରେ ସମୟ ଓ ସାମର୍ଥ୍ୟ ନିୟୋଗ କରିବ ? ପୁନଶ୍ଚ ତାହା କରୁ କରୁ ଯଦି ତାର ପ୍ରାଣବାୟୁ ଚାଲିଯାଏ, ତେବେ ଶେଷ ନିଶ୍ୱାସ ତ୍ୟାଗ ବେଳେ ଭଗବତ୍ ଚିନ୍ତା ନ କରି ଅନ୍ୟ ଚିନ୍ତା କରିବା ଦ୍ୱାରା ତାର ଯେଉଁ ପରଜନ୍ମ ଲାଭ ହେବ, ତାହାତ ତାକୁ ବେଶ୍ ଭଲ ଭାବରେ ଜଣା । ଶତାଧିକ ଶାସ୍ତ୍ରବଚନ ତ ଏ ସମ୍ପର୍କରେ ପଢ଼ିଛି, ଶୁଣିଛି, ଲୋକଙ୍କୁ ଶୁଣାଇଛି, ବୁଝାଇଛି ।

Digitized by srujanika@gmail.com

ମନୁଷ୍ୟ ସାରା ଜୀବନ ଯେଉଁ କର୍ମରେ ଆସକ୍ତ ହୋଇ ନିରନ୍ତର ଚିନ୍ତା କରେ, ମରଣ କାଳରେ ସେଇ ଚିନ୍ତାହିଁ ତାର ହୁଏ; ଅନ୍ୟ କିଛି ମନକୁ ଆସେନା । ଏ ବିଷୟରେ ଗୋଟିଏ ଗଳ୍ପ ଅଛି ।

ଥରେ ଜଣେ ଲୋକର ମରଣ କାଳରେ ତାର ପୁତ୍ର, ପରିବାର ତାକୁ ବେଢ଼ି ବସିଲେ । ସମସ୍ତେ କହିଲେ- "କୁହ 'କୃଷ୍ଣ', 'କୃଷ୍ଣ' । ସେଇ ବ୍ୟକ୍ତିଟି ଅସ୍ପଷ୍ଟ ସ୍ୱରରେ ଥଙ୍ଗେଇ ଥଙ୍ଗେଇ କହିଲା "ମୁଁ- ଏ-ତେ-କ-ଥା-କ-ହି-ପା-ରି-ବି-ନା-ହିଁ । "କୃଷ୍ଣ" ଏଇ ଦୁଇଟି ଅକ୍ଷର କହିପାରିବି ନାହିଁ- ବୋଲି ବାରଟି ଅକ୍ଷର ଉଚ୍ଚାରଣ କଲା । ନଚିକେତା ଚିନ୍ତାକଲା- "ଶତ୍ରୁର ପ୍ରତିଶୋଧ ନେଉ ନେଉ ନିଜର ଶେଷ ସମୟ ପହଂଚିଗଲେ ତାର ତ ଏମିତି ହୋଇପାରେ । ଏସବୁ ଚିନ୍ତାକରି ସେ ଜୀବନରେ ଅନେକ ଆଘାତ ସହିଛି, କାହାକୁ ଆଘାତ ଦେଇ ନାହିଁ । କିନ୍ତୁ ଆତ୍ମରକ୍ଷା କରିବାକୁ ଯାଇ, ଯେତେ କମ୍ ସମ୍ଭବ ପ୍ରତିବିଧାନ କରିବାକୁ ଯାଇ, କ୍ଷେତ୍ର ବିଶେଷରେ ପ୍ରତି ପକ୍ଷରେ ଯେତିକି କ୍ଷତି ହୋଇଛି, ସେତକ ତାକୁ ପରବର୍ତ୍ତୀ ସମୟରେ, ସେମାନେ ନତ ହେବା ପରେ, ଭରଣା କରିବାକୁ ପଡ଼ିଛି ।

ଓଡ଼ିଶାକୁ ଆସି କଲେଜରେ ଯୋଗ ଦେବା ପରେ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେଲା । ପାସ କଲା ପରେ ଓ.ୟୁ.ଏ.ଟି. ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ପଦ ପାଇଲା ଏବଂ ରେଭେନ୍ସା ସାନ୍ଧ୍ୟ କଲେଜରେ ଓଡ଼ିଆ ଅଧ୍ୟାପକ ରୂପେ ଯୋଗ ଦେଲା । ସେତେବେଳକୁ ବୟସ ୪୦ ଉପରେ । ଭାବିଲା ଏଇ ବୟସରେ, It is better to be a tail of a lion than to be head of a dog.

ରେଭେନ୍ସା ବିରାଟ କଲେଜ; ସେ ତ ଅତି କ୍ଷୁଦ୍ର, ସମସ୍ତଙ୍କ ଠାରୁ ଜୁନିୟର । ସୁତରାଂ ତାକୁ କେହି ଚିହ୍ନିବେ ନାହିଁ, ଭାରି ସୁବିଧା ହେବ । ନୀରବରେ ନିଜର ପାଠ ପଢ଼ାଇବା ଦାୟିତ୍ୱ ସରିଲେ ନିଶ୍ଚିନ୍ତ । ଖ୍ୟାତିର ବିଡ଼ମ୍ବନାର ସ୍ୱାଦ ତ ଚାଖିସାରିଛି ।

କିନ୍ତୁ ବାସ୍ତବ କ୍ଷେତ୍ରରେ ଓଲଟା ହେଲା । ଦୁଇତିନିମାସ ପଢ଼ାଇବା ପରେ ସେଇ କଥା- ବକ୍ତା ବୋଲି ଖ୍ୟାତି । ପ୍ରିନ୍‌ସିପାଲମାନେ କେହି ତାଂକ ଅଧୀନସ୍ଥ କର୍ମଚାରୀ ବୋଲି ବ୍ୟବହାର ନ କରି ଓଲଟା ସେମାନଂକର ସମକର୍ମୀ ହିସାବରେ ଦେଖିଲେ ଏବଂ ସେଇ ଭାବରେ ବ୍ୟବହାର ମଧ୍ୟ କଲେ । ସଭାସମିତିକୁ ଯିବାର ଆହ୍ୱାନ ସପ୍ତାହରେ ଦୁଇତିନି ଥର । ଗଲେ ମଧ୍ୟ କେହି ଆପତ୍ତି କଲେ ନାହିଁ । ଥରେ ବିଧାନସଭାରେ ପ୍ରଶ୍ନ ହୋଇଥିଲା- 'ନଚିକେତା ଶର୍ମା ବିଦ୍ୟାର୍ଥୀ ପରିଷଦ (ଆର.ଏସ୍.ଏସ.)ର ସଭାକୁ ଯାଇଛନ୍ତି । ଆଉଥରେ ଉପରସ୍ତରରୁ ଚିଠି ଆସିଥିଲା- କେଉଁଠି କମ୍ୟୁନିଷ୍ଟମାନଂକ ସଭାକୁ ଯାଇଛି ବୋଲି । ସଭାରେ ସାହିତ୍ୟ ବା ଶାସ୍ତ୍ର ଆଲୋଚନା ତ କରେ । କେଉଁମାନେ ସଭାର ଆୟୋଜନ କଲେ,- ଏତେ ଚିନ୍ତା ସେ କରୁ ନ ଥିଲା ।

Digitized by srujanika@gmail.com

ଥରେ ଜଣେ ଭାବୀ ମୁଖ୍ୟମନ୍ତ୍ରୀ କଟକରୁ ବିଧାନସଭା ପାଇଁ ପ୍ରାର୍ଥୀ ଥିଲେ । ଗୋଟିଏ ସାଂସ୍କୃତିକ ସଭାରେ ସଭାପତି ରୂପେ ନଚିକେତା ଭାଷଣ ଦେଇଥିଲା । ସରକାରୀ ଚାକିରି କରି ନିର୍ବାଚନ ସଭାରେ ଭାଷଣ ଦେଇଛି ବୋଲି କିଛି ସମାଲୋଚନା ହୋଇଥିଲା । ପ୍ରକୃତରେ ତାହା ନିର୍ବାଚନ ସଭା ନ ଥିଲା । ସେ ମଧ୍ୟ ନିର୍ବାଚନ ସମ୍ପର୍କୀୟ କିଛି କହି ନ ଥିଲା । ତେବେ ସେ ସମସ୍ତ ସେତିକିରେ ରହିଗଲେ । ତା ଉପରେ କୌଣସି ଅଙ୍କୁଶ ଲଗାଇବାର କୌଣସି ଦିଗରୁ କିଛି ହୋଇ ନ ଥିଲା ।

ଏହା ମଧ୍ୟରେ ପିଏଚ୍.ଡ଼ି. ପାଇଁ ରେଜିଷ୍ଟ୍ରେସନ୍ କଲା । ମାତ୍ର ଏକବର୍ଷ ଚାରିମାସରେ ଥିସିସ ବନ୍ଧା ସରିଥିଲା । ଦୁଇବର୍ଷ ପରେ ଥିସିସ୍ ଦାଖଲ କରିବା ନିୟମ । ସେ ଛଅମାସ ଆଗରୁ ଦାଖଲ କରିବା ପାଇଁ ପ୍ରାର୍ଥନା ଜଣାଇଲା । ମଂଜୁର ହୋଇଗଲା । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଦରଖାସ୍ତ ମଂଜୁର କଲେ । କିନ୍ତୁ ସର୍ତ୍ତ ଦେଲେ ଜଣେ ପରୀକ୍ଷକ ଭାରତ ବାହାର ଲୋକ ହେବେ । ପ୍ରଥମେ ଲଣ୍ଡନ ସ୍କୁଲ୍ ଅଫ୍ ଇଣ୍ଡିଆନ୍ ଷ୍ଟଡିଜର୍ କ୍ଲାର୍କଙ୍କୁ ପରୀକ୍ଷକ ରୂପେ ସ୍ଥିର କରାଗଲା । ସେ ନିଜେ ନ ରହି ପ୍ରଫେସର୍ ବୋଲ୍‌ଟନ୍‌ଙ୍କ ନାମ ଦେଲେ । ଶେଷରେ ଜର୍ଜ ବୋଲ୍‌ଟନ୍ ଏବଂ କୋଲକାତାର ଅମ୍ବିକା ପ୍ରସାଦ ବ୍ୟାନାର୍ଜୀ ଶାସ୍ତ୍ରୀ ପରୀକ୍ଷକ ରୂପେ ରହିଲେ । ନଚିକେତାର ଗାଇଡ୍ ଡକ୍ଟର କାହ୍ନୁଚରଣ ମିଶ୍ର । ନଚିକେତା .... ଅଧୀନରେ ପିଏଚ୍.ଡ଼ି ପାଇଁ ପ୍ରଥମ ଛାତ୍ର । ସେ ତ ପ୍ରତିଦିନ ସକାଳୁ ଆସି ହାଜର- କେତେ ଲେଖାହେଲା । ତାଂକରି କାବୁଲିଓ୍ୱାଲା ତାଗିଦ୍ କାରଣରୁ ହିଁ ଥିସିସ୍ ମାତ୍ର ବର୍ଷେ ଚାରି ମାସରେ ଦାଖଲ କରିବା ପାଇଁ ପ୍ରସ୍ତୁତ ହୋଇଗଲା । ଦୁଇତିନିମାସ ମଧ୍ୟରେ ରିପୋର୍ଟ ଆସିଗଲା; ପୂଜା ଛୁଟିରେ ମୌଖିକ ପରୀକ୍ଷା ହେଲା । ବୋଲ୍‌ଟନ୍ ଆସିପାରିଲେ ନାହିଁ । ତାଂକ ବଦଳରେ ଆଉ ଜଣେ ପରୀକ୍ଷକ ଆସିଲେ । ଏଣୁ ତାର ଥିସିସର ପରୀକ୍ଷକ ହେଲେ ଚାରିଜଣ ।

ପରୀକ୍ଷକ କିଏ କେଉଁଠି ରହିଲେ, ଖାଇଲେ ତାକୁ ଜଣା ନ ଥିଲା । ପରୀକ୍ଷା ଆରମ୍ଭ ହେଲା ୧୧ଟାରେ । ଭାବିଥିଲା ବାରଟା, ଗୋଟାଏ ବେଳକୁ ଶେଷ ହେବ । କିନ୍ତୁ ସବୁ ଶେଷ ହେଲା ବେଳକୁ ସାଢ଼େ ଦୁଇଟା । ନଚିକେତା ବାହାରି ଆସିବା ପରେ ଜଣକ ହାତରେ ଛଅ କପ୍ ଚା' ମଗାଇଲା । ତିନିକପ୍ ଭିତରକୁ ପଠାଇ ଦେଲା । ସେମାନେ ରିପୋର୍ଟ ଲେଖି ବାହାରକୁ ଆସିଲେ । ନଚିକେତା ବାରଣ୍ଡା ସଂଲଗ୍ନ ରୁମରୁ ବାହାରି ୮୦ ବର୍ଷର ବୃଦ୍ଧ ଅମ୍ବିକା ପ୍ରସାଦ ବ୍ୟାନାର୍ଜୀ ଶାସ୍ତ୍ରୀଙ୍କ ପଦସ୍ପର୍ଶ କରି ପ୍ରଣାମ କଲା । ତାକୁ ଅନାଇ କହିଲେ- Well Mr, Sharma, No, No, I should say Dr. Sharma ଆପନାର ଥିସିସ୍ ଖୁବ୍ ଭାଲ ହୟେଛେ । ଆରଓ ଏ ସମ୍ପର୍କେ ଲେଖାଲେଖି କରୁନ ।"

Digitized by srujanika@gmail.com

ତାପରେ ଡକ୍ଟର ମିଶ୍ରଙ୍କୁ ଅନାଇ କହିଲେ, "ଆମି ପ୍ରହ୍ଲାଦକେ (ପ୍ରଫେସର ପ୍ରହ୍ଲାଦ ପ୍ରଧାନ) ବଲେଛି, କୁଞ୍ଜକେ ବଲେଛି (ଡକ୍ଟର କୁଞ୍ଜବିହାରୀ ଦାଶ), ଏଁର ଥିସିସ୍ ..... ର ଥିସିସ୍ ଚେୟେ ଅନେକ ଭାଲ ହୟେଛେ ।"

ଏଇ କଥା ଖୁବ୍ ବଡ଼ପାଟିରେ କହିଲେ । ଅଫିସର୍ ଦୁଇତିନି ଜଣ ଶୁଣିଲେ । ବୋଧହୁଏ କଥାଟା ପ୍ରଚାରିତ ହୋଇଗଲା । କଥାଟା ତାଂକ କାନକୁ ମଧ୍ୟ ଯାଇଥିବ ।

ପୁନଶ୍ଚ ଖ୍ୟାତିର ବିଡ଼ମ୍ବନା ! ! ସେଇ ବ୍ୟକ୍ତି ତାର ପ୍ରିୟ ବନ୍ଧୁ ଥିଲେ । ତାଂକ ଥିସିସ୍‌ର ମୁଖ୍ୟ ଉପାଦାନ ନଚିକେତା ଯୋଗାଡ଼ କରିଦେଇଥିଲେ । ଅଥଚ ସେ ତା'ର ନାମ ମଧ୍ୟ ତାଂକ ଥିସିସ୍‌ରେ ଉଲ୍ଲେଖ କରି ନାହାନ୍ତି । ଅଧିକନ୍ତୁ ସେ ନିଜେ ଯାଇ ମଠରୁ ସଂଗ୍ରହ କରି ଆଣିଛନ୍ତି ବୋଲି ମୁଖବନ୍ଧରେ ଲେଖିଛନ୍ତି । ସେ ମଠ ସେ ଦେଖି ବି ନାହାନ୍ତି । ଉକ୍ତ ଦିନଠାରୁ ବିଶ୍ୱବିଦ୍ୟାଳୟର ଓଡ଼ିଆ ପୁସ୍ତକ ତାଲିକାରେ ନଚିକେତାର ବହିର ନାମ ଆଉ ରହିଲା ନାହିଁ । ଦେଖାହେଲେ କଥାବାର୍ତ୍ତା ମଧ୍ୟ ହେଲା ନାହିଁ । ତାଂକ ଅଜଣାରେ ଓଡ଼ିଆ ଏମ୍.ଏ. ଛାତ୍ରମାନେ ଗୋଟିଏ ସେମିନାରରେ ଆଲୋଚନା ପାଇଁ ନିମନ୍ତ୍ରଣ କରିଥିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିନର ପୂର୍ବ ରାତ୍ରି ନ'ଟାରେ ଜଣେ ଛାତ୍ର ଭୁବନେଶ୍ୱରରୁ ଆସି ଖବର ଦେଲା, "ସେମିନାର ବନ୍ଦ ରହିଲା । ଏଣୁ ତା'ର ଯିବା ଦରକାର ନାହିଁ ।" କାରଣଟା ପରେ ଶୁଣିଲା, ଠିକ୍ ବୁଝିଲା, ଉକ୍ତ ବନ୍ଧୁ ପିଲାଙ୍କୁ କହିଲେ,- "ସେ କ'ଣ ଆଲୋଚନା ଏଠି କରିବ ।"

ସେ ଥିବା ପର୍ଯ୍ୟନ୍ତ ନଚିକେତା କୌଣସି ପୁସ୍ତକର ନାମ ଓଡ଼ିଆ ଏମ୍.ଏ. ବା ଅନର୍ସ ତାଲିକାରେ ରହିଲା ନାହିଁ । ଅଥଚ ଇତିହାସ ଅନର୍ସ ଓ ଏମ୍.ଏ. ପାଠ୍ୟ ତାଲିକାରେ ତା'ର ବହିର ନାମ ବହୁଦିନ ଦେଖିଛି ।

ଉକ୍ତ ବନ୍ଧୁଙ୍କର ବ୍ୟବହାରର ପ୍ରତିକ୍ରିୟା ତା ମନକୁ ନିଶ୍ଚୟ ବିଷାକ୍ତ କରିଛି- କିନ୍ତୁ ରବୀନ୍ଦ୍ରନାଥଙ୍କର- "ଯାହାରା ତୋମାର ବିଷାଇଛେ ବାୟୁ ନିଭାଇଛେ ତବଆଲୋ । ତୁମିକି ତାଦେର କ୍ଷମା କରିଆଛୋ ? ତୁମିକି ବେସେଛୋ । ଭାଲୋ- ଏହି କଥାଗୁଡ଼ିକୁ ଯେତେ ମନ ମଧ୍ୟରେ ଆବୃତ୍ତି କଲେ ମଧ୍ୟ ମନରୁ ବିଷାକ୍ତ କାଳିମା ଦୂର ହୋଇ ନାହିଁ । ଏଇଟା ହିଁ ତାର ବ୍ୟର୍ଥତା । ତେବେ ସେ ବ୍ୟକ୍ତିଙ୍କ ସମ୍ପର୍କରେ ଅନ୍ୟ କେହି ନିନ୍ଦାବି କଲେ ମଧ୍ୟ ସେ ତାଂକର ଗୁଣର ପ୍ରଶଂସା କରିଛି । ତାଂକର ନିଜର କେହି କେବେ ଦେଖାହେଲେ କୁଶଳ ପ୍ରଶ୍ନ ପଚାରିଛି । ନବଦ୍ୱୀପରୁ ଫେରିବା ପରେ ଶୁଣିଲା- ସେ ବନ୍ଧୁ ଆଉ ନାହାନ୍ତି । ମନରେ ଅଶ୍ୱସ୍ତି ରହିଗଲା- "ମୁଁ ତ ତାଂକ ପାଖକୁ ଯାଇ ତାଂକୁ ପ୍ରଣାମ କରିବାର ସୁଯୋଗ ଗ୍ରହଣ କରି ନାହିଁ । ମୋ ଠାରୁ ସେ ବୟସରେ ସାନ ହେଲେ ମଧ୍ୟ ମୋର ନମସ୍ୟ"- ନଚିକେତାର ମନରେ ଏ ପ୍ରକାର ଭାବନା ଉଦ୍ରେକ ହେଲା । ସେ

Digitized by srujanika@gmail.com

ବୁଝିଲା- ଯେଉଁ ଭାବନା ଏଯାବତ୍ ବାଧା ଦେଇଥିଲା ତାହା ସଦ୍‌ଭାବନା ନୁହେଁ - ଶାସ୍ତ୍ରସମ୍ମତ ବିଚାରଧାରା ନୁହେଁ ।

ଭାବିଥିଲା- ଏଇ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ହୋଇ ଆଉ କେଇଟା ବର୍ଷ କଟାଇଦେବ । ସରକାରୀ ଚାକିରି କରିବ ନାହିଁ । ଚାକିରି କରିବା ତାକୁ ପୋଷେଇବ ନାହିଁ । କିନ୍ତୁ ଭାଗ୍ୟର ବିଡ଼ମ୍ବନା । ରେଭେନ୍ସା ସାନ୍ଧ୍ୟକଲେଜ ସରକାରଙ୍କ ଅଧୀନକୁ ଚାଲିଗଲା । ଆରମ୍ଭ ହେଲା ଅଭାବର ସଂସାର । ଦୁଇବର୍ଷ ଲାଗିଲା ଏ.ଜି. ଅଫିସ୍‌ରୁ ପେସ୍ଲିପ୍ ପାଇବାକୁ, ତା ପୁଣି ମୂଳ ବେସିକ୍, ଷ୍ଟାଟିଂପେ । ପେ ପ୍ରୋଟେକ୍‌ସନ୍ ହେବାକୁ ଆହୁରି ବର୍ଷେ ଲାଗିଲା । ବିନା ବେତନରେ ଏତେ ମାସ କିପରି କଟିଲା ତାହା ବର୍ଣ୍ଣନା କରିବାର ଭାଷା ନାହିଁ । ସେଇ ସମୟରେ ମଧ୍ୟ କିଛି ଦୁର୍ଯୋଗ, ସ୍ତ୍ରୀଙ୍କର ରୋଗ, ଗ୍ରାମର ସମ୍ପତ୍ତି ଓ କଟକ ଜମି ନେଇ ଅକାରଣ ୩/୪ଟି କେସ୍ । ଯେଉଁମାନଙ୍କୁ ଦୟା ଦେଖାଇ ସେ ସାହାଯ୍ୟ କରିଥିଲା, ସେଇମାନେ ହିଁ ମିଳିମିଶି ଗ୍ରାମରେ ଘରବାଡ଼ି ସମ୍ପତ୍ତି ଦଖଲ କଲେ । ଗ୍ରାମର ପିଲାମାନଙ୍କ ପ୍ରତି ଅତ୍ୟାଚାର କଲେ । କଟକରେ ସେ ୨୦ ଡେସିମିଲ୍ ଜମି ଖରିଦ୍ କରିଥିଲା ଜଣେ ଗରିବ ଲୋକଙ୍କୁ କନ୍ୟା ଦାୟରୁ ମୁକ୍ତ କରିବା ପାଇଁ । ଜମି ବିକ୍ରି କରି ସମସ୍ତ ଟଙ୍କା ରେଜଷ୍ଟ୍ରି ଅଫିସରେ ନେଇ ସାରି ଜମିରେ ଥିବା ଚାଳଘର ଖାଲିକରି ଯିବାକୁ ମାସେ ସମୟ ନେଇ ଘର ତ ଛାଡ଼ିଲା ନାହିଁ । ତାହା ଆଉ ଜଣକୁ ବିକ୍ରି କରିବାକୁ ବସିଲା । ନଚିକେତା ଦେଖିଲା କେଶ୍ କଲେ ସେ ଦଶବର୍ଷରେ ସୁଦ୍ଧା ତାକୁ ଉଠାଇପାରିବ ନାହିଁ । ବୁଦ୍ଧି ପ୍ରୟୋଗ କରିବାକୁ ପଡ଼ିଲା ।

ଶେଷରେ ସେ ଗୋଡ଼ତଳେ ପଡ଼ି ଘରର କବାଟ, ଚଉକାଠ ନେଇ ଘର ଛାଡ଼ିଲା । କିନ୍ତୁ ଦୁଇ ବର୍ଷ ପରେ ଟାଇଟଲ ସୁଟ କଲା । ସେ କେଶ୍‌ରେ ଦୁଇବାର ହାରିଲା; ଯେଉଁ ଓକିଲ ତା'ର କେଶ୍ ନେଇଥିଲା ସେ ହଠାତ୍ ମୋଟର ସାଇକେଲରୁ ପଡ଼ି ମରିଗଲା । ସମସ୍ତ କେଶ୍ ଡିସ୍‌ମିସ୍ ହେଲା । ନଚିକେତା ଇଚ୍ଛା କରିଥିଲେ କ୍ଷତିପୂରଣ ଦାବି କରି ତା'ର ବାକି ଜମି ଓ ଘର ନେଇପାରିଥାଆନ୍ତା । କିନ୍ତୁ ବିବେକ କହିଲା,-"ସେ ଯେତେ ଖରାପ ଲୋକ ହେଲେ ସୁଦ୍ଧା ସଂସାରରେ ମୁଣ୍ଡ ଗୁଞ୍ଜି ରହିବାର ଅଧିକାରରୁ ମୁଁ ତାକୁ ବଞ୍ଚିତ କରିବି ନାହିଁ ।" ସେ ତା'ର ପଡ଼ିଶା ହୋଇ ରହିଲା । ଶେଷ ଜୀବନରେ ବହୁ କଷ୍ଟ ପାଇଲା- ତା'ର ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଲେଖାଲେଖି କରି ବ୍ୟବସ୍ଥା ହେଲା । ପ୍ରାୟ ପ୍ରତ୍ୟେକ ଦିନ ନଚିକେତାର ପିଲାମାନେ ତାକୁ ଚା' ଜଳଖିଆ ଇତ୍ୟାଦି ଦେଉଥିଲେ । ସେ କିଛିଦିନ ରୋଗ ଭୋଗି ଚିର ଦିନ ପାଇଁ ବିଦାୟ ନେଲା ।

ତାକୁ ଲୋକେ ପ୍ରଶଂସା କଲେ କି ନିନ୍ଦା କଲେ- ଏହାଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା- ସେ ସଦ୍‌ବିଚାରରେ କେତେ ଦୂର ଅନ୍ତରରେ ପ୍ରତିଷ୍ଠିତ ହୋଇପାରିଛି- ତାର

Digitized by srujanika@gmail.com

କାର୍ଯ୍ୟ, କଥା ଓ ଆଚରଣରେ ସଦୁପଦେଶଗୁଡ଼ିକ କେତେ ଦୂର ସାର୍ଥକ କରିପାରିଛି । ଅନ୍ୟ କେହି ତାହା ଜାଣିଲେ କି ନାହିଁ,- ଏ ଚିନ୍ତା ମଧ୍ୟ ନିରର୍ଥକ । ନିଜ ସାଧୁତାର ପରିପ୍ରଚାର କରିବାର ପ୍ରଚ୍ଛନ୍ନ ପ୍ରଚେଷ୍ଟା ହିଁ ପ୍ରତାରଣା । ଏ ପ୍ରତାରଣା ଅନ୍ୟ କେହି ଧରି ନ ପାରିଲେ ମଧ୍ୟ ତା ନିକଟରେ, ତା ବିବେକ ନିକଟରେ ଅଛପା ରହିବ କିପରି ? ଜନସମାଜରୁ ପ୍ରଶଂସା, ପୁରସ୍କାର, ଆଓ୍ୟାର୍ଡ଼ ପାଇବା ନିମିତ୍ତ ପ୍ରକାଶ୍ୟ ବା ଗୋପନ ଚେଷ୍ଟା, ନିଜେ ନ କରି ଅନ୍ୟକୁ ଦେଇ କୁହାଇବାରେ ଯେଉଁ ଲାଭ ମିଳେ ଏବଂ ସେତକ ପାଇ ସମାଜ ପ୍ରତି ତା'ର ସେବାର ପ୍ରତିଦାନ ସେ ପାଇଲା ବୋଲି ଯେଉଁ ତୃପ୍ତି, ଆତ୍ମସନ୍ତୋଷ ଲାଭ, ଏହା ଯଦି ସଚରାଚର ଶତ ପ୍ରତିଶତ କ୍ଷେତ୍ରରେ ସତ୍ୟ ହୋଇଥାଏ, ସେ ସେମାନଂକ ମଧ୍ୟରେ ଜଣେ ହେବାର ଯେଉଁ ବାସନା ତାହା ଯୌବନାବସ୍ଥାରେ କିଛି ଥିଲା । କିନ୍ତୁ ସେତେବେଳେ ମଧ୍ୟ ବୁଝିଥିଲା ଏହା ତା ପକ୍ଷରେ ଉଚିତ ଭାବନା ନୁହେଁ । କାରଣ ସେ ବାଲ୍ୟକାଳରୁ ଯେଉଁ ଶିକ୍ଷା ପାଇଥିଲା ଏ ପ୍ରକାର ବାସନା ତାର ଅନୁକୂଳ ପ୍ରବୃତ୍ତି ନୁହେଁ । ଏ ପ୍ରବୃତ୍ତିରୁ ଊର୍ଦ୍ଧ୍ୱକୁ ଯିବା ହିଁ ସଦ୍‌ବିଚାର । ତାର ଊର୍ଦ୍ଧ୍ୱକୁ ସେ ଯାଇଛି ବୋଲି କହିପାରିବ ନାହିଁ- କିନ୍ତୁ ପ୍ରତିଷ୍ଠାଲାଭ ଚେଷ୍ଟାରୁ ନିବୃତ୍ତ ରହିଛି । ଯଦି କେତେବେଳେ କେମିତି ସେ ବାସନା ଉଙ୍କି ମାରିଛି ସେତେବେଳେ ସେ ପ୍ରଲୋଭନରୁ ନିଜକୁ ଜୋର କରି ଦୂରେଇ ନେଇଛି । ଯଦି କିଛି ସ୍ୱୀକୃତି ପ୍ରତିଷ୍ଠା ପାଇବାର ବ୍ୟବସ୍ଥା ଈଶ୍ୱରଂକ ଇଚ୍ଛାରେ ଘଟେ ଘଟୁ, ସେଥିପାଇଁ ତାର କୌଣସି ପ୍ରଯତ୍ନ, ପ୍ରୟାସର ପ୍ରୟୋଜନ ନାହିଁ । ପରିସ୍ଥିତିର ଚାପରେ ପଡ଼ି ହୁଏତ କେତେବେଳେ କିଛି, ପ୍ରତିଷ୍ଠାକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି ଅନ୍ୟମାନଙ୍କର ସନ୍ତୋଷ ଓ ତୃପ୍ତି ପାଇଁ । ସେ ସମୟରେ ମଧ୍ୟ ବୁଝିଛି, ଏହା ପାଇବାର ଯୋଗ୍ୟତା ତାର ନାହିଁ, ଅଧିକାର ମଧ୍ୟ ନାହିଁ । ପରମାର୍ଥ ବା ଭକ୍ତି ବିଚାରରେ ପ୍ରତିଷ୍ଠା ଲାଭ ଚେଷ୍ଟାର ସମର୍ଥନ ନାହିଁ ।

ପ୍ରତିଷ୍ଠା ସ୍ୱଭାବ ଏଇ ଜଗତେ ବିଦିତ
ଯେ ନ ବାଞ୍ଛେ ତାର ହୁଏ ବିଧାତା ନିର୍ମିତ ।

ଏଇ ବିଧାତା ନିର୍ମିତ ପ୍ରତିଷ୍ଠା ପ୍ରାପ୍ତି ସାଧକର ଭାଗ୍ୟରେ ନ ଚାହିଁଲେ ମଧ୍ୟ ଜୁଟେ । ସମାଜରେ ଯେଉଁମାନେ ନିଷ୍ଠାପର ସାହିତ୍ୟ ସେବୀ ଓ ସାହିତ୍ୟ ସ୍ରଷ୍ଟା, ସେମାନଂକର ଯଶକାମନା ତ ସ୍ୱାଭାବିକ ଏବଂ ସେମାନଂକ ପକ୍ଷରେ ଯଶ,ପ୍ରତିଷ୍ଠା, ସ୍ୱୀକୃତି ସେମାନଂକର ପ୍ରେରଣାର ଉତ୍ସ । କିନ୍ତୁ ପରମାର୍ଥ ପଥର ପଥିକ ଗୃହୀ, ବ୍ରହ୍ମଚାରୀ ବା ସନ୍ନ୍ୟାସୀ ପକ୍ଷରେ ପ୍ରତିଷ୍ଠା "ଶୂକରୀବିଷ୍ଠା" ଓ "ପ୍ରତିଷ୍ଠାଲାଭର ଲାଳସା" ଧୃଷ୍ଟା ଶ୍ୱପଚରମଣୀ ସଂଗକାମନା- ଏହାହିଁ ସାଧୁ ଉପଦେଶ ।

Digitized by srujanika@gmail.com

ପରମାର୍ଥ ବିଚାରଧାରାରେ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସୀ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଇତ୍ୟାଦି ଆଶ୍ରମ ଓ ବର୍ଣ୍ଣଗତ ଭେଦ ଦୃଷ୍ଟି ନାହିଁ । ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ସାକ୍ଷାତ୍ ଉପଦେଶ-

ନାହଂ ବିପ୍ରୋ ନ ଚ ନରପତିର୍ନାପି ବୈଶ୍ୟୋ ନ ଶୂଦ୍ରୋ
ନାହଂ ବର୍ଣ୍ଣୀ ନ ଚ ଗୃହପତି ର୍ନ ବନସ୍ଥୋ ଯତି ର୍ବା ।
କିନ୍ତୁ ପ୍ରୋଦ୍ୟନ୍ନିଖିଳପରମାନନ୍ଦପୂର୍ଣ୍ଣାମୃତାବ୍ଧେ
ର୍ଗୋପୀଭର୍ତ୍ତୁଃ ପଦକମଳୟୋ ର୍ଦାସଦାସାନୁଦାସଃ । ।

ପରମାର୍ଥପଥିକର ଜାତି ନାହିଁ, ବର୍ଣ୍ଣ ନାହିଁ, ପଦବୀ ନାହିଁ- ଜାଗତିକ କିଛି ମାତ୍ର ନାହିଁ, ତାହାର କେବଳ ଗୋଟିଏ ମାତ୍ର ପରିଚୟ-

ଜୀବେର ସ୍ୱରୂପ ହୟ କୃଷ୍ଣେର ନିତ୍ୟ ଦାସ ।

କିନ୍ତୁ ଏଇ ଦାସ-ଭାବନା ଜାଗତିକ ଦାସତ୍ୱ-ଭାବନାର ସମପର୍ଯ୍ୟାୟ ନୁହେଁ ।

ଅଳ୍ପ କରି ନ ମାନିବ ଦାସ ସମ ନାମ
ଅଳ୍ପ ଭାଗ୍ୟେ ଦାସ ନାହିଁ କରେ ଭଗବାନ ।

ମୁଁ କୃଷ୍ଣଦାସ- ଏ ଦାସ ପରିଚୟ ସର୍ବାପେକ୍ଷା ଗୌରବର ପରିଚୟ । ଏ ପରିଚୟ କମ୍ ଭାଗ୍ୟର କଥା ନୁହେଁ ।

ଥରେ ଜଣେ ବାନପ୍ରସ୍ଥ ବୈଷ୍ଣବ କହିଲେ- "ଶୁଣିଲେଣି, ଅମୁକର ପତନ ହୋଇଗଲା । ସେ ବିବାହ କଲା ।"

ବ୍ରହ୍ମଚାରୀ ଆଶ୍ରମରେ ଥିଲା । ଚବିଶ ବର୍ଷ ପରେ ସେ ଗୃହସ୍ଥାଶ୍ରମ ସ୍ୱୀକାର କଲା । ଏ ପୁଣି ପତନ ହେଲା କିପରି, ନଚିକେତା ବୁଝିପାରିଲା ନାହିଁ । ବାହ୍ୟ ବେଶରେ ସନ୍ନ୍ୟାସୀ କିମ୍ବା ବାବାଜୀ ହୋଇ ଗୋପନରେ ନାରୀ- ସଂସର୍ଗରୂପ ପ୍ରଚଣ୍ଡ ବ୍ୟଭିଚାର ଅପେକ୍ଷା ବିବାହ ଦ୍ୱାରା ଗୃହସ୍ଥାଶ୍ରମ ସ୍ୱୀକାର କରି ସାଧନଭଜନ କରିବା ଶ୍ରେୟସ୍କର । ଏକଥା ତାକୁ ବୁଝାଇବାରୁ ସେ ବୁଝିଗଲେ ।

ମଠ, ଧର୍ମସଂପ୍ରଦାୟ ସଂଘମାନଙ୍କରେ ଗୃହତ୍ୟାଗୀ ସନ୍ନ୍ୟାସୀ ବ୍ରହ୍ମଚାରୀମାନେ ଗୃହୀସାଧକ ଓ ଭକ୍ତମାନଙ୍କୁ ଟିକିଏ ନିମ୍ନ ଦୃଷ୍ଟିରେ ଦେଖନ୍ତି । ଏହା ଯେ ସାଧୁ ଚରିତ୍ରର ଯଥାର୍ଥ ବିଚାର ନୁହେଁ ; ଏ କଥା ବହୁ କ୍ଷେତ୍ରରେ ଦେଖି ମଧ୍ୟ ସେମାନଂକ ମନରୁ ସେଇ ଅହଂଭାବ- ସୁପିରିଅରଟି କମ୍ପ୍ଲେକ୍ସ (Superiority Complex) ଦୂର କରି ହେବ ନାହିଁ । ତେବେ ନଚିକେତା ପ୍ରତି ସେ ପ୍ରକାର ବାଛବିଚାର କେହି କରିବାର ସାହସ କରି ନାହାନ୍ତି । ଗୌଡ଼ୀୟ ମିଶନ୍, ମଠ, ଇସ୍କନ୍ ରାମଦାସ ବାବାଜୀ ମହାରାଜ ପ୍ରଭୃତି ବୈଷ୍ଣବ ସଂଘମାନଂକରେ ବୈଷ୍ଣବ ସାଧୁ ସନ୍ନ୍ୟାସୀ, ଆଚାର୍ଯ୍ୟବୃନ୍ଦ ସମସ୍ତେ ତାର ଗୁରୁ

Digitized by srujanika@gmail.com

ଭ୍ରାତାମାନଂକର ଶିଷ୍ୟ, ପ୍ରଶିଷ୍ୟ । ସେମାନଂକର ଗୁରୁମାନେ ନଚିକେତା ପ୍ରତି ଗୌରବମିଶ୍ରିତ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ସେମାନଂକର ଶିଷ୍ୟ, ପ୍ରଶିଷ୍ୟ ତା ନିକଟରେ ନମ୍ରତା ପ୍ରଦର୍ଶନ କରିଥାଆନ୍ତି । କିନ୍ତୁ ଅଜଣା ଅଚିହ୍ନା ବ୍ରହ୍ମଚାରୀମାନଂକର ନିଜ ସମ୍ପର୍କରେ ଖୁବ୍ ହାମବଡ଼ା ମନୋଭାବ ଲକ୍ଷ୍ୟ କରିହୁଏ । ବୈଷ୍ଣବତାର ପ୍ରାଥମିକ ସୋପାନ ହେଲା-

ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦା ହରିଃ ।

ତୃଣାଦପି, ସୁନୀଚ, ତରୁସମ ସହିଷ୍ଣୁ, ଅମାନୀ ଓ ମାନଦ- ଏଇ ଚାରୋଟି ଗୁଣ ନିଜ ମଧ୍ୟରେ ଆଣିବା ପାଇଁ ପରମାର୍ଥ ସାଧକର ସର୍ବାଦୌ କର୍ତ୍ତବ୍ୟ । ମୁଁ ବଡ଼, ମୁଁ ସାଧୁ, ମୁଁ ଜ୍ଞାନୀ, ମୁଁ ପଣ୍ଡିତ- ଅନ୍ତର ମଧ୍ୟରେ ଏପରି ଅହଂଭାବ ରଖି ବାହାରେ ଲୋକଦେଖାଣିଆ ବିନୟ, ନମ୍ରତାକୁ କେତେ ଦିନ ବା ଚଳାଇ ହେବ ! ଦିନେ ନା ଦିନେ ତାହା ପଦାରେ ପଡ଼ିଯିବ । ଆମ ଦେଶରେ ଯେତେସବୁ ଧର୍ମସଂଘ, ବାବା, ମା ପ୍ରଭୃତିଙ୍କର ସମ୍ପ୍ରଦାୟ ହେଲାଣି, ସେମାନେ ଅଧିକାଂଶ ସହରମାନଂକରେ ବିଶାଳ ମନ୍ଦିର, ରାଜପ୍ରାସାଦୋପମ କୋଠାବାଡ଼ି ଇତ୍ୟାଦି କରି ବେଶ୍ ସୌଖୀନ, ବିଳାସିତା ପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି । ତାଂକ ଚାରି ପାଖରେ ଶତ ଶତ ଶିଷ୍ୟ ଶିଷ୍ୟା ଘେରି ରହିଥାଆନ୍ତି । ହରିକଥା, ହରିନାମ, କୀର୍ତ୍ତନ, ଯାଗଯଜ୍ଞ, ପ୍ରବଚନ, ବିଭିନ୍ନ ମହୋତ୍ସବ ଇତ୍ୟାଦି ଲାଗି ରହିଥାଏ । ବହୁବ୍ୟକ୍ତି ଅନ୍ତତଃ କିଛି ସମୟ ପାଇଁ ସାଧୁସଂଗ ଲାଭ କରି କିଛି ସୁକୃତି ଅର୍ଜନ କରନ୍ତି । କିନ୍ତୁ ଯେଉଁ କଥାଗୁଡ଼ିକ ଆଲୋଚନା କଲେ ହୃଦୟର ମନ୍ଦଗୁଣଗୁଡ଼ିକ ପ୍ରତି, ସଂସାର ପ୍ରତି ଆସକ୍ତି କମିବ, ବୈରାଗ୍ୟ ଆସିବ, ସେ ପ୍ରକାର କଥା ପ୍ରାୟ ହୁଏ ନାହିଁ । ଫଳରେ ଅସଦ୍‌ଉପାୟରେ ଅର୍ଥ ଉପାର୍ଜନ, ପରପୀଡ଼ନ, ନିଜର ପ୍ରଭୁତ୍ୱ ଦ୍ୱାରା ଅନ୍ୟ ପ୍ରତି ନିଗ୍ରହ- ଏଇ ମନ୍ଦଗୁଣ ଗୁଡ଼ିକ ଲାଘବ ହେବାର କମ୍ ଦେଖାଯାଏ । ବହୁ ଶାସ୍ତ୍ରଜ୍ଞାନ ଅର୍ଜନ, ପ୍ରଚାର ଇତ୍ୟାଦି କରି ଯେଉଁମାନେ ସେଇ ସମସ୍ତ ଧର୍ମ ସଂଘମାନଂକରେ ଖୁବ୍ ଉଚ୍ଚ ଉଚ୍ଚ ପଦବୀରେ ଥାଆନ୍ତି, ମୂଳ ପ୍ରତିଷ୍ଠାତା ଗୁରୁଙ୍କର ଅପ୍ରକଟ ପରେ ପରେ ସେଇ ସମସ୍ତ ପ୍ରତିଷ୍ଠାନରେ ମୁଖ୍ୟ ପଦବୀ ଲାଗି, ଗୁରୁ ହେବା ଲାଗି, ମଠ, ମନ୍ଦିର ଦଖଲ ଲାଗି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା, ଗୋଷ୍ଠୀ ବିବାଦ, ସଂଘର୍ଷ ଏପରିକି ମାଲି ମୋକଦ୍ଦମା ଓ ହତ୍ୟା ପର୍ଯ୍ୟନ୍ତ ଘଟିଥାଏ । ପରମାର୍ଥ ସାଧକମାନଂକର ଏ ପ୍ରକାର ଆଚରଣରୁ ବୁଝାଯାଏ, ଉଭୟ ବିବଦମାନ ଗୋଷ୍ଠୀ ହିଁ ପ୍ରକୃତ ପରମାର୍ଥ ସାଧକ ହୋଇପାରି ନାହାନ୍ତି । କୌଣସି ସତ୍‌ସାଧକ କଦାପି ମଠ, ମନ୍ଦିର ସମ୍ପତ୍ତି, ଗୁରୁ ପଦବୀ ଇତ୍ୟାଦି ନିମିତ୍ତ ସଂଘର୍ଷର ପକ୍ଷ ହୋଇ ସମୟ ଓ ସାମର୍ଥ୍ୟର ଅପଚୟ କରନ୍ତି ନାହିଁ । ଏ ପ୍ରକାର ପରିସ୍ଥିତି ଉପୁଜିଲେ ସେ ସଂଘର୍ଷରତ ଗୋଷ୍ଠୀମାନଂକଠାରୁ ଦୂରେଇ ଯାଇ ଏକାନ୍ତ ନିଃସଂଗ ଓ ନିର୍ଜନ ସ୍ଥାନକୁ

Digitized by srujanika@gmail.com

ବରଂ ବାଛି ନିଅନ୍ତି- ସାଧନ ଭଜନର ଅନୁକୂଳ ସ୍ଥଳ, ପରିବେଶ ଓ ସଂଗ ବାଛିନେଇ ନିର୍ଲିପ୍ତ ଭାବରେ ଜୀବନ ଯାପନ କରନ୍ତି ।

କିନ୍ତୁ ଯେଉଁ ପ୍ରକାର ଓ ଯେଉଁ ପରିମାଣର ରୋମହର୍ଷଣକାରୀ ଗୋଷ୍ଠୀବିବାଦ ଚାଲେ, ତାହା ଯେକୌଣସି ଜାଗତିକ ଗୋଷ୍ଠୀ ସଂଘର୍ଷଠାରୁ କେଉଁ ଗୁଣରେ ଊଣା ତ ନୁହେଁ, ବରଂ ପରିସ୍ଥିତି ବିଶେଷରେ ଅତ୍ୟନ୍ତ ନିନ୍ଦନୀୟ ଘଟଣା । ପ୍ରାୟ ଅଧିକାଂଶ ମଠ, ମିଶନ, ସଂଘମାନଙ୍କରେ ଏ ପ୍ରକାର ନାରକୀୟ ସଂଘର୍ଷ ଘଟିବାର ଦେଖାଯାଉଛି । ଏହାର ବ୍ୟାଖ୍ୟା, ବିଶ୍ଳେଷଣ ଯାହା ହେଉ ନା କାହିଁକି, ଯେକୌଣସି ଧର୍ମ ପ୍ରତିଷ୍ଠାନ ପକ୍ଷରେ ଏହା ଏକାନ୍ତ ଅନଭିପ୍ରେତ ଆଚରଣ ।

ସମାଜର ସାଧାରଣ ବ୍ୟକ୍ତି ନିଜ ନିଜ ସଂସାରର ତେଲ ଲୁଣ ଚିନ୍ତାରୁ ଟିକିଏ ନିଜକୁ ଅଲଗା ରଖି, କିଛି ସମୟ ସାଧୁ ସଂଗରେ ଭଗବତ୍ ସାନ୍ନିଧ ପାଇବା ପାଇଁ ମଠ, ମନ୍ଦିର, ସଂଘ, ଆଶ୍ରମ ପ୍ରଭୃତିକୁ ଆସନ୍ତି । ସେମାନେ ଯଦି ଦେଖନ୍ତି ମଠ, ମନ୍ଦିର, ସଂଘ, ଆଶ୍ରମବାସୀ ଗୃହତ୍ୟାଗୀ ବ୍ରହ୍ମଚାରୀ, ବାବାଜୀ, ସନ୍ନ୍ୟାସୀମାନେ ସଂସାରାସକ୍ତମାନଂକ ପରି ଧନ, ସମ୍ପଦ, କୋଠାବାଡ଼ି, ପଦପଦବୀ ଲାଭ ପାଇଁ ଏତେ ତଳକୁ ଯାଇପାରନ୍ତି, ତାହା ହେଲେ ଗୃହୀ ସାଧନ ଭକ୍ତି ପିପାସୁଗଣ ଆଉ କେଉଁଠାରୁ ଟିକିଏ ରାହା ପାଇବେ ? ?

ଏପରି ବିଡ଼ମ୍ବିତ ପରିସ୍ଥିତିର ପରିବର୍ତ୍ତନ ଏକାନ୍ତ ପ୍ରୟୋଜନ । ମଠ, ମନ୍ଦିର, ଧର୍ମସଂଘ, ଆଶ୍ରମ ପ୍ରଭୃତି ପ୍ରତିଷ୍ଠାନର ମୁଖ୍ୟଗଣ ବାହ୍ୟ ଷ୍ଟ୍ରକ୍‌ଚରକୁ ରଖିବା ପାଇଁ ଯେତିକି ଧ୍ୟାନ ଦେଉଛନ୍ତି, ପ୍ରତିଷ୍ଠାନର ଆନ୍ତରସ୍ୱାସ୍ଥ୍ୟ ଏବଂ ଆଶ୍ରିତ ସାଧକମାନଂକର ଆନ୍ତରସାଧନା ପ୍ରତି ତାହାଠାରୁ ଅଧିକ ଧ୍ୟାନ ଦେବା ଯେ ଏକାନ୍ତ ଆବଶ୍ୟକ- ଏହା କହିବା ବାହୁଲ୍ୟ ମାତ୍ର ।

ପ୍ରତ୍ୟେକ ସଂଘ ଓ ପ୍ରତିଷ୍ଠାନର କେତେଗୁଡ଼ିଏ ବାହ୍ୟ ଆଚାର ଓ ବିଧି-ନିଷେଧ ରହିଛି । ସର୍ବତ୍ର ପ୍ରାୟ ଦେଖାଯାଏ, ସେହି ବାହ୍ୟ ଆଚାର ଓ ବେଶାଶ୍ରୟଗୁଡ଼ିକ ହିଁ ଅଧିକାଂଶଙ୍କର ଏକମାତ୍ର ସମ୍ବଳ । ସେଇଗୁଡ଼ିକରୁ କେହି ଟିକିଏ ବିଚ୍ୟୁତ ହେଲେ ଭୀଷଣ କଟାକ୍ଷ ଓ କଟୁ ସମାଲୋଚନା; କିନ୍ତୁ ଅନ୍ତଃଶୁଦ୍ଧି ନିର୍ମଳତା କେତେ କଣ ହେଲା, ସେଥିପ୍ରତି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଆଖିବୁଜି ଦିଅନ୍ତି । ଉଦାହରଣସ୍ୱରୂପ- କୌଣସି ଧର୍ମ ସଂଘରେ ଚା ବା ପାନ ଖାଇବା ନିଷିଦ୍ଧ । ଯଦି କେହି ଖାଇଦେଲା, ତେବେ ତା ପ୍ରତି ଅନ୍ୟମାନଙ୍କର ଅଶ୍ରଦ୍ଧା ପ୍ରକାଶ ପାଏ । କିନ୍ତୁ ବାହାରେ ତ୍ୟାଗୀର ବେଶ ଧରି, ପରିଷ୍କାର ସାଧୁବେଶ ଧରି ଗୋପନରେ ନାରୀ ସଂସର୍ଗକୁ ସମସ୍ତେ ଆଖି ବୁଜି ଦିଅନ୍ତି; କାରଣ ଯଦି ଅଧିକାଂଶ ସେଇ ଚରିତ୍ରର ଥାଆନ୍ତି, ତେବେ କାହାରି କାହାକୁ କିଛି କହିବାର ସାହସ ନ ଥାଏ । "ଆଲୋ ମୁତୁରୀ ଶୋଇବା, ତୁ ତ ମୁତୁରୀ , ମୁଁ ତ ମୁତୁରୀ ହେଁସ କାହିଁପାଇଁ ଧୋଇବା ।"

Digitized by srujanika@gmail.com

ପ୍ରତ୍ୟେକ ଶ୍ରେଣୀର ଜନତା ମଧ୍ୟରେ ପ୍ରତ୍ୟେକର ଗୋଟିଏ ଦୁଇଟି ଦୋଷ, ଗୁଣ ଥାଏ । କେହି ହୁଏତ ଅତି କ୍ରୋଧୀ, କେହି ଅତି ଦାମ୍ଭିକ, କେହି ଅତି କପଟୀ, କେହି ଅତି ନିନ୍ଦୁକ । କେହି ଅତିମାତ୍ରାରେ ଭାବପ୍ରବଣ, କେହି ସଦା ସନ୍ଦେହୀ, କେହି ଅତ୍ୟନ୍ତ ସରଳ ବିଶ୍ୱାସୀ, କେହି ଅତ୍ୟନ୍ତ ପରୋପକାରୀ ତ କେହି ଅତ୍ୟନ୍ତ ସ୍ୱାର୍ଥପର, କେହି ମିଷ୍ଟଭାଷୀ ତ କେହି ଅତ୍ୟନ୍ତ ରୁକ୍ଷ ଭାଷୀ ଇତ୍ୟାଦି ।

ଏହି ବ୍ୟକ୍ତିମାନଂକ ମଧ୍ୟରୁ କେତେକ ବିଶେଷ ବିଶେଷ ବିଭିନ୍ନ କାରଣରୁ ବିଭିନ୍ନ ଧର୍ମସଂଘ ଆଶ୍ରମ, ମିଶନ ପ୍ରଭୃତିରେ ଯୋଗଦାନ କରି ସେଇ ସେଇ ଅନୁଷ୍ଠାନର ନୀତିନିୟମ, ବେଶ ଆଚାର ପ୍ରଭୃତି ପାଳନ କରି ପାଂଚବର୍ଷ, ଦଶବର୍ଷ, ପଚାଶବର୍ଷ କେହି ବା ଆଜୀବନ ଗୃହତ୍ୟାଗୀ ହୋଇ ବାସ କରନ୍ତି । ସେମାନଂକ ମଧ୍ୟରେ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ସତ୍ ସାଧକ ହୋଇ ନିଷ୍ଠାପର ସାଧୁ ଜୀବନଯାପନ କରନ୍ତି । ନିଜ ସଂଘ ଓ ଗୁରୁଙ୍କର ଉପଦେଶ ଅନୁସାରେ ନିଜ ଜୀବନଯାତ୍ରା ନିମିତ୍ତ ଅକପଟ ଯତ୍ନ କରନ୍ତି । ପ୍ରତ୍ୟେକ ସଂଘ, ଆଶ୍ରମ, ମିଶନରେ ଏପରି ନିଷ୍ଠାପର ଐକାନ୍ତିକ ସାଧକ ନିଶ୍ଚିତ ରୂପରେ କିଛି କିଛି ଅଛନ୍ତି ।

କିନ୍ତୁ ଅଧିକାଂଶ କେବଳ ବେଶାଶ୍ରୟୀ ମାତ୍ର । ସ୍ୱ ସ୍ୱ ସଂଘର ସିଦ୍ଧାନ୍ତ ତତ୍ତ୍ୱଗୁଡ଼ିକ ଭଲ ଭାବରେ ବ୍ୟାଖ୍ୟା କରନ୍ତି, ଉପଦେଶ ଦିଅନ୍ତି । ବହୁ ଲୋକଙ୍କୁ ଆକୃଷ୍ଟ କରି ବହୁ ଅର୍ଥ ଆଦାୟ କରି ସଂଘର ବାହ୍ୟ Structure ଟିକୁ ବେଶ୍ ଚଳାଇ ରଖନ୍ତି । କିନ୍ତୁ ନିଜର ବ୍ୟକ୍ତିଗତ ଅନ୍ତରର ସାଧୁତା ପ୍ରତି ସେମାନଂକର ନିଷ୍ଠା ନ ଥାଏ । ସାଧାରଣ ଲୋକ ହୋଇ ରହିଥିବା ବେଳେ ସେମାନଂକର ଯେଉଁ ଯେଉଁ ଦୋଷ, ଦୁର୍ବଳତା ଥିଲା, ତାହା ପୂରାପୂରି ସାଧୁବେଶରେ ବି ରହିଯାଇଥାଏ । ଏମାନେ ଯଦି ନିଜର ଯୋଗ୍ୟତା ଅନୁଯାୟୀ କାୟିକ ବା ବୌଦ୍ଧିକ ଶ୍ରମ ବିନିମୟରେ ଅର୍ଥ ଉପାର୍ଜନ କରୁଥାନ୍ତେ, ତେବେ ଏତେ ବଡ଼ଲୋକୀ ଥାଟରେ ବିଳାସୀ ଜୀବନ ପାଇଁ ସେ ଅର୍ଥ ଅଣ୍ଟନ୍ତା ନାହିଁ ।

ବିନା ଶ୍ରମରେ ଅସଦୁପାର୍ଜିତ ଅର୍ଥର କିଛି ଅଂଶ ବଳେବଳେ ହାତକୁ ଆସିଲେ ବିଳାସବ୍ୟସନମୟ ଜୀବନ ଯାପନ ସ୍ପୃହା ଜାଗେ । ସାଧୁ ବେଶାଶ୍ରୟୀ ପକ୍ଷରେ ବିଳାସୀ ଜୀବନ ସାଧନାର ବାଧକ । ରାଜନୈତିକ ନେତା ଚରିତ୍ରରେ ଯାହା ଦେଖାଯାଉଛି- ଅତି ସାଧାରଣ ବ୍ୟକ୍ତିଟିଏ ନିଜ ଯୋଗ୍ୟତା ଅନୁଯାୟୀ ଚାକିରିଟିଏ କଲେ ହୁଏତ କୌଣସି ପ୍ରକାରେ ତେଲଲୁଣ ଖର୍ଚ୍ଚ ମେଣ୍ଟାଇବା ପାଇଁ ଆବଶ୍ୟକ ଅର୍ଥ ପାଇ ଅତି ସରଳଜୀବନ ଯାପନ କରୁଥାନ୍ତା । କିନ୍ତୁ କୌଣସି ଉପାୟରେ ଏମ୍.ଏଲ୍.ଏ.; ଏମ୍.ପି. ବା ମନ୍ତ୍ରୀ ହୋଇଯିବା ପରେ ଦେଖାଯାଏ, ସେ ବର୍ଷେ ଦୁଇ ବର୍ଷରେ ଲକ୍ଷପତି ବା କୋଟିପତି ହୋଇଯାଇ ବହୁ ଆଡ଼ମ୍ବରପୂର୍ଣ୍ଣ ବିଳାସୀ ଜୀବନଯାପନ କରୁଛନ୍ତି । ଧର୍ମସଂଘ, ଆଶ୍ରମ ପ୍ରଭୃତିରେ ମଧ୍ୟ ସେଇ ଏକପ୍ରକାର ଅବସ୍ଥା ଦେଖାଯାଉଛି ।

Digitized by srujanika@gmail.com

ନଚିକେତା ବ୍ରହ୍ମଚାରୀ ଜୀବନରେ ବିଭିନ୍ନ ଦାୟିତ୍ୱରେ ଥିଲା । ଦେଖିଛି ତାର ଦୀକ୍ଷା ଗୁରୁଙ୍କର ବିଚାରଧାରା । ତାଂକୁ ବହୁ ଧନୀ ଗୃହସ୍ଥ ଶିଷ୍ୟ ତାଂକର ବ୍ୟକ୍ତିଗତ ବ୍ୟବହାର ପାଇଁ ମୂଲ୍ୟବାନ୍ ଶାଲ, ଲୁଗାପଟା ପ୍ରଭୃତି ଦିଅନ୍ତି । ସେଗୁଡ଼ିକ ଜମା ହୋଇ ରହିଥାଏ । ୩/୪ ମାସରେ ଥରେ ତାକୁ ଡାକି ସେଗୁଡ଼ିକୁ ଗରିବ ଲୋକଙ୍କୁ ବିତରଣ କରିବାକୁ କହନ୍ତି । ଗୃହସ୍ଥମାନଙ୍କ ଭିତରେ ଯେଉଁମାନେ "ଶୁକ୍ଳବିତ୍ତ" ଅର୍ଥାତ୍ କେବଳ ସତ୍‌ଉପାୟରେ ଅର୍ଥ ରୋଜଗାର (White money, not black money) କରନ୍ତି ବୋଲି ତାଂକର ବିଶ୍ୱାସ ଥାଏ, ତାଂକରି ପ୍ରଦତ୍ତ ଶାଲ ବା ଲୁଗା, ଜାମା ନଚିକେତାର ନିଜ ବ୍ୟବହାର ପାଇଁ ଦିଅନ୍ତି ।

ଅନେକ ଶିଷ୍ୟ ତ ପ୍ରତ୍ୟେକ ଦିନ ବହୁ ଭଲ ଭଲ ଖାଦ୍ୟପଦାର୍ଥ ଆଣି ଥାଆନ୍ତି । ସେଥିମଧ୍ୟରୁ କାହାର କାହାର ଦେବା ଦ୍ରବ୍ୟ ତ ନିଜେ ଖାଆନ୍ତି ନାହିଁ, ଠାକୁରଂକୁ ଭୋଗ ଦେବା ପରେ ସେ ପ୍ରସାଦ ମଧ୍ୟ ମଠବାସୀ ବ୍ରହ୍ମଚାରୀମାନଙ୍କୁ ନ ଦେଇ ବାହାର ଲୋକମାନଂକୁ ଦେଇ ଦେବାକୁ କହନ୍ତି । ବରଂ କହନ୍ତି- "ଏ ବିଷ କେବଳ ଠାକୁରଇ ହଜମ କରିତେ ପାରେନ, ତୋମରା ପାରବେ ନା ।" ଆଣ୍ଠୁଲୁଚା ଲୁଗା, ଖଣ୍ଡେ ବହିର୍ବାସ, ଚାଦର ଖଣ୍ଡେ, ଖଣ୍ଡେ ସତରଂଜ- ଏତିକି ମାତ୍ର ନିଜସ୍ୱ । ତକିଆ ଗୋଟିଏ ବି ନ ଥାଏ, ସାଧାରଣ ଖଟ ଖଣ୍ଡେ, ତା ଉପରେ ଗଦି ନ ଥାଏ । ଅଥଚ ସେ ସମଗ୍ର ଭାରତବର୍ଷରେ ୬୦/୭୦ ଟି ମଠର ମୁଖ୍ୟ ଆଚାର୍ଯ୍ୟ, ଲକ୍ଷ ଲକ୍ଷ ଶିଷ୍ୟ ତାଂକର ।

ମାନବ ଜୀବନରୁ ଦୁଇଟି ଦୃଷ୍ଟିକୋଣରୁ ଦର୍ଶନ କରାଯାଏ । ଗୋଟିଏ ଦୃଷ୍ଟି ହେଲା ଏହା ଜନ୍ମରୁ ଶେଷ ପର୍ଯ୍ୟନ୍ତ କେବଳ ଦୁଃଖ ତ୍ରିତାପ, ଦହନ, ଜ୍ୱାଳା ଇତ୍ୟାଦି । ଅନ୍ୟ ଗୋଟିଏ ଦର୍ଶନ ହେଲା- ଏଇ ଦୁର୍ଲଭ ସର୍ବଶ୍ରେଷ୍ଠ ପ୍ରାଣୀ ଜୀବନରେ ସର୍ବୋତ୍ତମ ପ୍ରାପ୍ତି ସହଜ ଅନାୟାସଲବ୍ଧ, ଏ ଜୀବନ ସୁନ୍ଦର, ସ୍ରଷ୍ଟାଙ୍କର ଯାବତୀୟ ପ୍ରକୃତି ବୈଚିତ୍ର୍ୟ ସୁନ୍ଦର ।

ପ୍ରଥମ ଦର୍ଶନଟି ମର୍ମେ ମର୍ମେ ଅନୁଭୂତ ହୋଇଛି । ପ୍ରତି ପଦକ୍ଷେପରେ, ପ୍ରତି ମୁହୂର୍ତ୍ତରେ ତାର ତୀବ୍ରତା ଅନ୍ତରକୁ ବେଶ୍ ଭେଦିଯାଇଛି । ଦ୍ୱିତୀୟ ଦର୍ଶନଟି ବାଲ୍ୟକାଳରୁ ଶୁଣୁଛି- ପଢୁଛି, କହୁଛି; ଏହା ଯେ ବାସ୍ତବ ସତ୍ୟ ତା ବିଶ୍ୱାସ କରୁଛି । ସେ ବିଶ୍ୱାସରେ ପ୍ରତିବାଦୀ ଯୁକ୍ତି ଖଣ୍ଡନ କରିବାର ଯଥେଷ୍ଟ ଉପକରଣ ଈଶ୍ୱର ତା ଭିତରେ ଦେଇଛନ୍ତି । ସେ ଦର୍ଶନରେ ଅବିଚଳ ରହିବାର ଦୃଢ଼ତା ମଧ୍ୟ ଅଛି । କାରଣ ଅତି ସ୍ଥୂଳ ଚକ୍ଷୁରେ ମଧ୍ୟ ଈଶ୍ୱରଙ୍କର କରୁଣା ସର୍ବତ୍ର ରହିଛି । ଏହା ଜଣେ ଅନ୍ଧ ବି ପ୍ରତ୍ୟକ୍ଷ କରିପାରିବ ଯଦି ନରପଶୁ ନ ହୁଏ ।

Digitized by srujanika@gmail.com

ଥରେ ଜଣେ ତର୍କନିଷ୍ଠ ବନ୍ଧୁ ପଚାରିଲେ- "ଆପଣ ତ ଏତେ ଶାସ୍ତ୍ର କଥା କହୁଛନ୍ତି, ପଢ଼ିଛନ୍ତି, କିନ୍ତୁ ଈଶ୍ୱରଙ୍କୁ ଦେଖିଛନ୍ତି କି ?"

ନଚିକେତା ତାଂକୁ କହିଲା, "- ଆପଣଂକ ପ୍ରଶ୍ନର ଉତ୍ତର ମାତ୍ର କେତୋଟି ବାକ୍ୟରେ ଦେବା ସମ୍ଭବ ନୁହେଁ । ମୁଁ ଈଶ୍ୱରଂକୁ ଦେଖି ନାହିଁ- ଏହା ଯେତିକି ସତ୍ୟ; ସର୍ବତ୍ର ଈଶ୍ୱରଂକର ସତ୍ତା ବିଦ୍ୟମାନ- ଏହା ସେତିକି ସତ୍ୟ । ଈଶ୍ୱର ଯେ ସର୍ବତ୍ର ବିଦ୍ୟମାନ, ଏହାର ପ୍ରମାଣ ଆପଣ ନିଜେ; ତାଂକର କରୁଣାର ହସ୍ତ ଆପଣଂକୁ ଓ ମୋତେ ଛଅ ପାଉଣ୍ଡ ମାଂସପିଣ୍ଡୁଳାରୁ ଏତେ ବଡ଼ ଆକାର ଦୁଇଟିରେ ବଢ଼ାଇ ବଢ଼ାଇ ଆଜି ଉଭୟଙ୍କର ଏଇ ଆଲୋଚନାର ବୁଦ୍ଧି ଓ ଯୋଗ୍ୟତା ଦେଇଛନ୍ତି । ଛଅ ପାଉଣ୍ଡ ଓଜନର ଯେଉଁ ଶିଶୁଟି ଜନ୍ମ ନେଇ ଏତେ ବଡ଼ ହେଲା, ତା ନିଜ ବଳ, ନିଜ ସମ୍ବଳ, ନିଜ ଚେଷ୍ଟାରେ ହୋଇ ନାହିଁ ସେଥିପାଇଁ ଯେଉଁ ବ୍ୟକ୍ତି ବା ପରିବେଶ ଦାୟୀ, ସେଇମାନେ ହିଁ ଈଶ୍ୱରଂକ କରୁଣାର ମାଧ୍ୟମ ରୂପେ ଈଶ୍ୱରଂକ ପ୍ରେରଣାରେ ତାହା କରିଛନ୍ତି । ଈଶ୍ୱର ନାହାନ୍ତି- ଏ ବିଚାରବୁଦ୍ଧି ମଧ୍ୟ ଆପଣ ନିଜେ ନିଜେ ଅର୍ଜନ କରି ନାହାନ୍ତି । ଏଇ ବିଚାରବୁଦ୍ଧିକୁ ଠିକ୍ ବାଟରେ ଚଳାଇଲେ ବୁଝିବେ- ଆପଣ କର୍ତ୍ତା ନୁହନ୍ତି ଯାହାସବୁ ଆପଣଂକର ଏ ଜୀବନରେ ଘଟିଛି ସେ ସବୁ କେବଳ ଆପଣଙ୍କ ଚେଷ୍ଟାରେ ଘଟି ନାହିଁ; ସେଥିରେ ଆପଣଙ୍କର ଭୂମିକା ଖୁବ୍ ଅଳ୍ପ । କୌଣସି ଅଦୃଶ୍ୟ ଶକ୍ତି ବା ବ୍ୟକ୍ତି ଓ ପଦାର୍ଥକୁ ଆପଣଂକର ଆନୁକୂଲ୍ୟ କରିବାରେ ପ୍ରେରିତ କରିଛି; ଚାଳିତ କରିଛି ।

ଆମ ନିଜର ଯେତିକି ଟିକିଏ ଶକ୍ତି ବା କ୍ଷମତା ଅଛି ବୋଲି ଦାବି କରୁ, ତାହା ମଧ୍ୟ ନିଜର ନୁହେଁ, ଆମ ମଧ୍ୟରେ ପ୍ରଦତ୍ତ । କାରଣ ବ୍ୟକ୍ତି ଓ କ୍ଷମତା ଥାଇ ମଧ୍ୟ ବେଳେ ବେଳେ ସେ ସବୁ ବୃଥା ପ୍ରମାଣିତ ହୋଇଯାଏ । ସଂଜୟ ଗାନ୍ଧି, ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି ଏବଂ ଆହୁରି ଅନେକ ଯେଉଁମାନଙ୍କର ଶକ୍ତି ଓ କ୍ଷମତା ଆମଠାରୁ ସହସ୍ରଗୁଣ ଅଧିକ ଥାଇ ମଧ୍ୟ ଯଥାସମୟରେ ସେଗୁଡ଼ିକ ବୃଥା ପ୍ରମାଣିତ ହୋଇଛି । ସୁତରାଂ ଜ୍ଞାନ, ବୁଦ୍ଧି, ବିବେକ, କର୍ମକ୍ଷମତା, ଇନ୍ଦ୍ରିୟ ବୃତ୍ତି ଥାଇ ମଧ୍ୟ ଯେଉଁମାନଂକ ମନରେ ଏବେ ବି ଈଶ୍ୱରଂକ ଅସ୍ତିତ୍ୱ ସମ୍ପର୍କରେ ମୀମାଂସା ହୋଇ ନାହିଁ, ସେମାନେ କେବଳ- "ଭଲ କାମ କରି ଭଲ ମଣିଷ ହେବା"- ଏତିକି କଲେ ଯଥାସମୟରେ ନିଜେ ନିଜେ ସବୁ ବୁଝିବେ ।

ଗତ ୩୦/୪୦ ବର୍ଷରେ ଆମ ଦେଶର ସମାଜ, ରାଷ୍ଟ୍ର, ରାଜନୀତି, ଧର୍ମୀୟ ବିଚାରଧାରା, ଦେଶର ଧର୍ମଭିତ୍ତିକ ବିଭାଜନ, ପରବର୍ତ୍ତୀ କାଳରେ ପଞ୍ଜାବ, ନାଗାଲାଣ୍ଡ, ମେଘାଳୟ, କାଶ୍ମୀର ପ୍ରଭୃତି ପ୍ରଦେଶ ଯେଉଁଗୁଡ଼ିକ ଏକ ସାର୍ବଭୌମ ଭାରତବର୍ଷର ଏକ ଅବିଚ୍ଛେଦ୍ୟ ଅଂଗ ହୋଇ ରହି ମଧ୍ୟ କେବଳ ଧର୍ମାନ୍ତର କାରଣରୁ ପୁନର୍ବାର ଦେଶ ଖଣ୍ଡ ବିଖଣ୍ଡ ହେବାର ଅଶୁଭ ଶକୁନ ଦେଖି ମନେହେଉଛି, ଯେତେ ଅନ୍ତଃସାରଶୂନ୍ୟ ହେଉ

Digitized by srujanika@gmail.com

ପଛକେ ହିନ୍ଦୁଧର୍ମ ସଂଘ, ମଠ ମନ୍ଦିର, ଆଶ୍ରମ ପ୍ରଭୃତି କିଛି ନ ହେଉ ଅନ୍ତତଃପକ୍ଷେ ଲକ୍ଷ ଲକ୍ଷ, କୋଟି କୋଟି ଲୋକଙ୍କୁ ଗୋଟିଏ ଧର୍ମରେ, ଗୋଟିଏ ଜାତିରେ, ଗୋଟିଏ ସଂସ୍କୃତିରେ ବାନ୍ଧି ରଖିପାରିଛନ୍ତି । ବୈଦିକ ଯୁଗରୁ ଆରମ୍ଭ କରି ଏଯାବତ୍ ଭାରତର ତଥା ସମଗ୍ର ମାନବ ଜାତିର ଅମୂଲ୍ୟ ସମ୍ପଦ ରୂପେ ଯେଉଁ ଶାସ୍ତ୍ର ଗ୍ରନ୍ଥ, ସଂସ୍କୃତି ପରମ୍ପରା ଏପର୍ଯ୍ୟନ୍ତ ତିଷ୍ଠି ରହିଛି, ତାହା ତ ଏଇ ଧର୍ମ ସମ୍ପ୍ରଦାୟଗୁଡ଼ିକ ରକ୍ଷା କରି ଆସୁଛନ୍ତି । ଧର୍ମାନ୍ତରିତ ସମାଜ ତ ସେଗୁଡ଼ିକୁ ପରିତ୍ୟକ୍ତ ବସ୍ତୁ ପରି ଫିଙ୍ଗି ଦେଇଛନ୍ତି ।

ସେହି ସମସ୍ତ ସଂଘ, ମଠ-ମନ୍ଦିର, ଆଶ୍ରମ, ବାବାମାନଂକର ଅନୁଗାମୀ କିଛ ନ କରନ୍ତୁ ପଛେ, ହିନ୍ଦୁଧର୍ମ ତ୍ୟାଗ କରି ଧର୍ମାନ୍ତର ଗ୍ରହଣ କରିବା ପ୍ରବୃତ୍ତି ରଖି ନାହାନ୍ତି- ଏତିକି ଲାଭ ତ କମ୍ ନୁହେଁ । ସେମାନେ ତ କେବେହେଲେ ଭାରତରୁ ଅଲଗା ହେବା ଚିନ୍ତାଧାରାକୁ ପ୍ରଶ୍ରୟ ଦେବେ ନାହିଁ । ଏଣୁ ସେ ସବୁ ରହିଥାଉ । ଯାହା ଚାଲିଛି ଚାଲିଥାଉ । ସ୍ୱଳ୍ପ ବୁଦ୍ଧି ବ୍ୟକ୍ତି ଅଦାବେପାରୀ-ଜାହାଜ ମୂଲ କରିବାର ଧୃଷ୍ଟତା ନ କରୁ ।

ଗୋଧୂଳି ଲଗ୍ନ

ସରକାରୀ ଚାକିରିରୁ ଅବସର ନେବା ପରେ ନଚିକେତାର ମନେ ହେଲା ସେ ଏବେ ମୁକ୍ତ ବିହଙ୍ଗ । ସୁନା ପଞ୍ଜୁରିରେ ଆବଦ୍ଧ ପକ୍ଷୀ ନୁହେଁ । କିନ୍ତୁ ଅବସର ହେଲା କେଉଁଠି ! ଆଗେ ବରଂ ଚାକିରି କରୁଛି; ଚାକିରି ବାହାନାରେ କେଉଁଠିକି ଯିବାକୁ, ସଭାସମିତିକୁ ଯିବାକୁ ଡାକିଲେ ମନା କରିବାର ସୁଯୋଗ ଥିଲା । ଏବେ ତ ଆଉ କୌଣସି କାରଣ ଦେଖାଇବାର ଉପାୟ ନ ଥିଲା । ତେଣୁ ପ୍ରାୟ ପ୍ରତ୍ୟେକ ଦିନ ସଭାସମିତି ବା ଅନ୍ୟ ବ୍ୟକ୍ତିର କାମରେ ମନ୍ତ୍ରୀ, ଅଫିସ୍, ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ହେଲା । ତା ଉପରେ ବନ୍ଧୁମାନଂକ ଅନୁରୋଧରେ ୩/୪ଟି କଲେଜର ପ୍ରିନ୍ସିପାଲ୍ ହେବାକୁ ପଡ଼ିଲା । ଏମିତି ପ୍ରାୟ ୧୪ବର୍ଷ କଟିଗଲା । କିନ୍ତୁ ଶେଷରେ ଦେହ ଆଉ ସହିଲା ନାହିଁ । ଯାତାୟାତ ଶ୍ରମ, ଖାଇବା ଶୋଇବାର ଅନିୟମ ଦେହରେ ଗଲା ନାହିଁ ।

ଏହା ମଧ୍ୟ ସେହି କରୁଣାମୟଙ୍କର କରୁଣାର ସଂକେତ । ଶାରୀରିକ ରୋଗ ଓ ମାନସିକ ବ୍ୟଥା ସ୍ଥୁଳତଃ ଦୁଃଖଦାୟକ କର୍ମଫଳ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ଟିକିଏ ତଳେଇ ଦେଖିଲେ ଏହା ଯେ ଜାଗତିକ ସୁଖସମୃଦ୍ଧିର ଅପର ପାଖ- ଗୋଟିଏ ମୁଦ୍ରାର ଦୁଇଟି ପାଖ; ପୁନଶ୍ଚ ଏହି ଜାଗତିକ ସୁଖ ଦୁଃଖ, ଲାଭକ୍ଷତି, ମାନଅପମାନ- ଏ ସମସ୍ତ ହିଁ ଭଗବତ କରୁଣାର ନିଦର୍ଶନ ।

ଜୀବନର ଶେଷ ପାଦରେ ଯେ ପାଦ ଥାପିଛି, ତାର ଅଧିକ ଅର୍ଥ; ଅଧିକ ସମ୍ପତ୍ତି, ଅଧିକ ସୁଖସ୍ୱାଚ୍ଛନ୍ଦ୍ୟ, ଅଧିକ ଯଶ-ପ୍ରତିଷ୍ଠା ଇତ୍ୟାଦିର ଆଶା-ଆକାଙ୍କ୍ଷା ଥିବା ନିରର୍ଥକ ।

Digitized by srujanika@gmail.com

କାରଣ ସେ ସମସ୍ତ ଲାଭ କରିବାର ଚେଷ୍ଟା କରୁ କରୁ ମଝିରେ ହୁଏତ ଶେଷ ଡାକରା ଆସି ଯାଇପାରେ । ସୁତରାଂ ବାଲ୍ୟକାଳର ସେହି ଶ୍ଳୋକଟି ନଚିକେତାଙ୍କୁ ସେ ଇଚ୍ଛାରୁ ନିବୃତ୍ତ କରାଏ ।

କୃଷ୍ଣ ! ତ୍ୱଦୀୟ ପାପପଙ୍କଜ-ପଞ୍ଜରାନ୍ତଂ
ଅଦ୍ୟୈବ ମେ ବିଶତୁ ମାନସରାଜହଂସଃ ।
ପ୍ରାଣ ପ୍ରୟାଣ ସମୟେ କଫବାତପିତ୍ତୈଃ
କଣ୍ଠାବରୋଧନ ବିଧୌ ସ୍ମରଣଂ କୁତସ୍ତେ ।।

ଅନ୍ୱୟ- ହେ କୃଷ୍ଣ ! ଅଦ୍ୟ ଏବ ମେ (ମମ) ମାନସ ରାଜହଂସଃ ତ୍ୱଦୀୟ ପାଦ ପଙ୍କଜ ପଂଜରାନ୍ତଂ ବିଶତୁ । ପ୍ରାଣ ପ୍ରୟାଣ ସମୟେ କଫବାତ ପିତ୍ତୈଃ କଣ୍ଠ ଅବରୋଧନ ବିଧୌ, କୁତଃ ତେ ସ୍ମରଣମ୍ ?

ଅସ୍ୟାର୍ଥ- ହେ କୃଷ୍ଣ ! ଆଜିଠାରୁ ମୋର ମନରୂପକ ରାଜହଂସ କେବଳ ତୁମରି ପାଦପଦ୍ମରେ ସଦ୍ୟ ନିମଗ୍ନ ରହୁ । କାରଣ ମୃତ୍ୟୁ କାଳରେ ଯେତେବେଳେ କଫ, ବାତ, ପିତ୍ତ ଦ୍ୱାରା ମୋର କଣ୍ଠ ଅବରୁଦ୍ଧ ହେବ, ସେତେବେଳେ ତୁମର ସ୍ମରଣ ହେବ କିପରି ?

ଜୀବନର ଗୋଧୂଳି ଲଗ୍ନରେ ରବୀନ୍ଦ୍ରନାଥଙ୍କର ଏଇ କବିତାଟି କେବଳ ସ୍ମୃତି ପଥରେ ଆସେ । - (ଗୀତାଞ୍ଜଳି)

ଯା ଦିୟେଛ ଆମାର ଏ ପ୍ରାଣ ଭରି
ଖେଦ ରବେନା ଏଖନ ଯଦି ମରି ।।
ରଜନୀ ଦିନ କତ ଦୁଃଖେ ସୁଖେ
କତ ଯେ ସୁର ବେଜେଛେ ଏଇ ବୁକେ
କତ ବେଶେ ଆମାର ଘରେ ଢୁକେ-
କତ ରୂପେ ଦିୟେଛ ମନ ଭରି
ଖେଦ ରବେ ନା ଏଖନ ଯଦି ମରି ।।
ଜାନି ତୋମାୟ ନିଇନି ପ୍ରାଣେ ବରି
ପାଇନି ଆମାର ସକଳ ପୂର୍ଣ୍ଣ କରି ।
ଯା ପେୟେଛି ଭାଗ୍ୟ ବଲେ ମାନି
ଦିୟେଛ ତୋ ତବ ପରଶଖାନି
ଆଛ ତୁମି ଏଇ ଜାନା ତୋ ଜାନି
ଯାବ ଧରି ସେଇ ଭରସାର ତରୀ
ଖେଦ ରବେ ନା ଏଖନ ଯଦି ମରି ।।

Digitized by srujanika@gmail.com

ଏ ଜୀବନ ଚିତ୍ର ଗୃହୀ ବା ଗୃହତ୍ୟାଗୀ ସନ୍ନ୍ୟାସୀର ନୁହେଁ, କାରଣ ସନ୍ନ୍ୟାସୀ ଜୀବନ ଯାପନ କରିବାର ଯୋଗ୍ୟତା ନଚିକେତାର ନାହିଁ । ଦୈନନ୍ଦିନ ଦୈହିକ ଓ ମାନସିକ ଅବସ୍ଥା ଯାହା ତାହା ସନ୍ନ୍ୟାସୀ ଜୀବନର ଅନୁକୂଳ ନୁହେଁ । ଦେହଟା ନିଜର ଗ୍ରାସାଚ୍ଛାଦନ ପାଇଁ ପରନିର୍ଭରଶୀଳ - ଟିକିଏ ବ୍ୟତିକ୍ରମ ହେଲେ ଅସୁସ୍ଥତା- ଦେହଟା ଏକାବେଳକେ ନିୟମ ତାନ୍ତ୍ରିକ ଯନ୍ତ୍ର ହୋଇଯାଇଛି । କୌଣସି ବ୍ୟତିକ୍ରମ ସହି ନେବାର କ୍ଷମତା ହରାଇଛି ।

ଏ ଗୃହୀ ଜୀବନ ମଧ୍ୟ ନୁହେଁ । ଗୃହୀର ଯେଉଁ ଧରାବନ୍ଧା ନିୟମ- ଅର୍ଥାଗମର ଉଦ୍ୟମ ଓ ଅବ୍ୟାହତ ପ୍ରଯତ୍ନ, ତାହା କୌଣସି କାଳରେ ନ ଥିଲା । ବିବାହ ପୂର୍ବରୁ ଓ ପରେ ଏପର୍ଯ୍ୟନ୍ତ ବ୍ରହ୍ମଚାରୀ, ସନ୍ନ୍ୟାସୀ ତା ଘରକୁ ଆସିବା, ରହିବା, ଖାଇବା- ସବୁ ଚାଲିଛି । ଏବେ ତ ପାଶ୍ଚାତ୍ୟ ବୈଷ୍ଣବ ଗୃହୀ ଓ ସନ୍ନ୍ୟାସୀ ଭକ୍ତଗଣଙ୍କର ମଧ୍ୟ ନିର୍ବିଚାରରେ ନଚିକେତା ଘରେ ରହଣି ଓ ଖିଆପିଆ ସବୁ ଚାଲିଛି । ତେଣୁ ସେ ଗୃହୀ କି ଗୃହତ୍ୟାଗୀ- ତାର ସୀମାରେଖା ତା ନିକଟରେ, ତା ପରିବାର ନିକଟରେ ତଥା ଅନ୍ୟମାନଙ୍କ ନିକଟରେ ଅବାନ୍ତର ହୋଇଯାଇଛି ।

ଏ ଲେଖା ଆତ୍ମଜୀବନୀ ନୁହେଁ । ବାଲ୍ୟକାଳରୁ ଗୋଟିଏ ଜୀବନ ପିତାମାତା, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ନିଜ ଭାଷାଭାଷୀ- ସମସ୍ତଙ୍କୁ ଛାଡ଼ି ୩୦୦ ମାଇଲ, କେତେବେଳେ ୧୦୦୦ ମାଇଲ ଅଜଣା ଅଶୁଣା ସ୍ଥଳରେ ଦୀର୍ଘକାଳ କକ୍ଷଚ୍ୟୁତ ଧୂମକେତୁ ପରି ନିରାଲମ୍ବ ଆକାଶରେ ଘୂରି ଘୂରି ଜୀବନର ତୃତୀୟ ପାଦ ପର୍ଯ୍ୟନ୍ତ ଅତିବାହିତ କରି ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ଯେଉଁ ତିକ୍ତ ମଧୁର ଅନୁଭୂତି ଲାଭ କରିଛି, ସେଇ ଅନୁଭୂତିର କେତୋଟି ବିକ୍ଷିପ୍ତ ଖଣ୍ଡାଂଶ ମାତ୍ର । ଏହା ପାଠ କରି କିଏ କ'ଣ ଭାବିବେ, ତାହା ଚିନ୍ତା କରିବାର ଅବସର ନାହିଁ । ଜୀବନର ଶେଷ ପ୍ରାନ୍ତରେ ସେଇ ସିଂହାବଲୋକନ ହୁଏତ ନିଜକୁ ଦେଖିବାର ଖଣ୍ଡେ ଦର୍ପଣ ମାତ୍ର; ଏ ଦର୍ପଣ ଯଦି ଭାବୀ ଜୀବନର ମୁହୂର୍ତ୍ତଗୁଡ଼ିକ ପାଇଁ କିଛି ଦିଗ୍‌ଦର୍ଶନ ଦେଇପାରେ- ଏତିକି ।

ଦୋଳପୂର୍ଣ୍ଣିମା ଖ୍ରୀ.୨୦୦୦

Digitized by srujanika@gmail.com

Digitized by srujanika@gmail.com

ସାରସ୍ୱତ ସ୍ମୃତିଲିପି

Digitized by srujanika@gmail.com

Digitized by srujanika@gmail.com

ଜ୍ଞାନତପସ୍ୱୀ ଡକ୍ଟର ଅଧ୍ୟାପକ ଦୋଳଗୋବିନ୍ଦ ଶାସ୍ତ୍ରୀ

ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ

"ଫଳଭରେ ଅବନତ ଯଥା ତରୁଗଣ"- ସେହିପରି ନିଷ୍ଠାପର ଗବେଷକ, ପ୍ରଭାବଶାଳୀ ପ୍ରାବନ୍ଧିକ, ପ୍ରଚଣ୍ଡ ବାଗ୍ମୀ, ଛାତ୍ରପ୍ରିୟ ଅଧ୍ୟାପକ, ମହାବିଦ୍ୟାଳୟର ଅଧ୍ୟକ୍ଷ, ବର୍ଷୀୟାନ ଆଜୀବନ ସାରସ୍ୱତ ସାଧକ ପଣ୍ଡିତ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ପରି ନମନୀୟ ବ୍ୟକ୍ତିତ୍ୱ ଆମର ଭଦ୍ରସମାଜରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । କ୍ଷୀଣଶରୀରଧାରୀ ଜ୍ଞାନପାଗଳ ଦୋଳଗୋବିନ୍ଦ ଶାସ୍ତ୍ରୀ ମହୋଦୟ ମୋର ନମସ୍ୟ ଓ ପରମପ୍ରିୟ ବନ୍ଧୁ । ଜୀବନର ପ୍ରଥମ ସକାଳ ଅତିବାହିତ ହୋଇଥିଲା କଲିକତା ନଗରୀରେ । ସଂସ୍କୃତ, ବଂଗଳା, ଇଂରାଜୀ ଓ ଓଡ଼ିଆ ଭାଷାରେ ତାଂକର ଅପରିସୀମ ଦକ୍ଷତା ରହିଛି ବୋଲି ଜଣାଯାଏ । ସାମ୍ବାଦିକତା କ୍ଷେତ୍ରରେ ସେ ହେଉଛନ୍ତି ଉଚ୍ଚ ଡିଗ୍ରୀଧାରୀ । ପ୍ରଥମ କାଳର କର୍ମମୟ ଜୀବନ କଲିକତା ନଗରୀରେ ଶିକ୍ଷାବିଭାଗରେ ଅତିବାହିତ ହୋଇଥିଲା । ପରେ ସେ ଓଡ଼ିଶାର ଶିକ୍ଷାବିଭାଗରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପକ ହୋଇ ନିଜର ନିପୁଣ ଅଧ୍ୟାପନା କୌଶଳ ଏବଂ ଗବେଷଣା ମନୋବୃତ୍ତିର ଉଜ୍ଜ୍ୱଳ ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତି, ଧର୍ମ, ଆଧ୍ୟାତ୍ମିକ ପ୍ରସଂଗ ଉପରେ ଏକାଧିକ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ରଚନା କରି ସେ ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ନାଥଧର୍ମ ବିଷୟରେ ଗବେଷଣା ନିବନ୍ଧ ପାଇଁ ସେ ପି.ଏଚ୍.ଡ଼ି. ଡିଗ୍ରୀରେ ଭୂଷିତ ହୋଇଥିଲେ । ନାଥଧର୍ମ ସଂପର୍କରେ ପୂର୍ବରୁ କେତେକ ଗବେଷଣା ନିବନ୍ଧ ପ୍ରକାଶିତ ହୋଇଥିଲେ ହେଁ ଦୋଳଗୋବିନ୍ଦ ବାବୁ ଏହି ବିଭାଗରେ ନୂତନ ଓ ମୌଳିକ ସତ୍ୟର ଉଦ୍‌ଘାଟନ କରି ଅତ୍ୟନ୍ତ ଗୌରବାନ୍ୱିତ ।

ପାଣ୍ଡିତ୍ୟର ଅଧିକାରୀମାନେ ସାଧାରଣତଃ ଅହଂକାରୀ, ବ୍ୟକ୍ତିମନସ୍କ, ବୃଥା ଅଭିମାନୀ ଓ ସର୍ବୋପରି ଈର୍ଷାକାତର ହୋଇଥାଆନ୍ତି । ଅଧ୍ୟାପକ ଓ ପଣ୍ଡିତ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ପରି ଶାନ୍ତ, ଧୀର, ବନ୍ଧୁବତ୍ସଳ ଓ ପ୍ରେମୀ ବ୍ୟକ୍ତିତ୍ୱଟିଏ ସର୍ବଦା ବାରିହୋଇପଡ଼ନ୍ତି । ପରିଣତ ବୟସରେ ପଦାର୍ପଣ କରିଥିଲେ ହେଁ ଆଜୀବନ ଶୃଙ୍ଖଳିତ ଜୀବନଚର୍ଯ୍ୟା ଯୋଗୁଁ

Digitized by srujanika@gmail.com

ସେ ଦୀର୍ଘ ଅବସର ଜୀବନରେ ମଧ୍ୟ ସର୍ବଦା ଚଂଚଳ, ନିରବଚ୍ଛିନ୍ନ ବହୁଶାସ୍ତ୍ର ଅଧ୍ୟୟନ ଏବଂ ଲେଖନୀଚାଳନାରେ ଅବିରତ ଅଭିନିବିଷ୍ଟ । ଶ୍ରୀଯୁକ୍ତ ଶାସ୍ତ୍ରୀ ବନ୍ଧୁପାଗଳ ଏବଂ ସେମାନଂକର ସୁଖଦୁଃଖରେ ସର୍ବଦା ସମଭାଗୀ । ନିଜ ଗୃହରେ ବନ୍ଧୁମାନଂକୁ ଆପ୍ୟାୟିତ କରିବାରେ ତାଂକର ଅସୀମ ଆନନ୍ଦ । କଟକରୁ ସମ୍ବଲପୁର ଏକାଧିକବାର ବସଯାତ୍ରାରେ ଶାସ୍ତ୍ରୀଜୀଙ୍କର ସଖ୍ୟଲାଭର ସୌଭାଗ୍ୟ ମୋର ଆଜୀବନ ସ୍ମୃତି ହୋଇ ରହିଛି । ଆମେ ଦୁହେଁ ଏକାଧିକବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ମଡ଼ରେସନବୋର୍ଡ଼ରେ କାର୍ଯ୍ୟ କରିଥିଲୁ ଏବଂ ଓଡ଼ିଆ ଉପାଧ୍ୟୁତ୍ତର ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଏକତ୍ର ସମାରୋହରେ ଭାଷଣ ପ୍ରଦାନର ସୁଯୋଗ ପ୍ରାପ୍ତ ହୋଇଥିଲୁ ।

ଅବସର ଗ୍ରହଣ ପରେ ଅଧିକାଂଶ ଅଧ୍ୟାପକ ମନ୍ଥର ହୋଇଯାଆନ୍ତି । ନୈରାଶ୍ୟରେ ଭାଂଗି ପଡ଼ନ୍ତି । କର୍ମହୀନ ଜୀବନରେ ସମୟ ହୁଏ ଅସରନ୍ତି । ସେମାନେ ଲେଖାପଢ଼ାରେ କୌଣସି ଆଗ୍ରହ ରଖନ୍ତି ନାହିଁ । କିପରି ଏକ ନିଃସଂଗ ଓ କର୍ମହୀନ ଜୀବନ ମଧ୍ୟରେ ଛଟପଟ ହେଉଥାଆନ୍ତି । ଅଧ୍ୟାପକ ଶାସ୍ତ୍ରୀଙ୍କ ନିକଟରେ ବୟସ ହାର ମାନି ଯାଇଛି । ଆଳସ୍ୟ ତାଂକ ପାଖରେ ପ୍ରବେଶ କରିପାରି ନାହିଁ । ଅନୁସନ୍ଧିତ୍ସା, ଅଧ୍ୟୟନ, ଆଲୋଚନା ଓ ଅନୁଶୀଳନରେ ନିମଗ୍ନ ଏହି ପଣ୍ଡିତ ଅଧ୍ୟାପକଙ୍କ ନିକଟରେ ନୈରାଶ୍ୟର କୁହୁକିନୀ ମାୟା ଏକ ପ୍ରକାର ଅସହାୟ । ପୁତ୍ର, କନ୍ୟା ଓ ପୁତ୍ରବଧୂ ମାନଂକର ସହୃଦୟ ପରିବାରରେ ଦୋଳଗୋବିନ୍ଦବାବୁ ଅତ୍ୟନ୍ତ ସୁଖମୟ ଜୀବନର ଅଧିକାରୀ । ପ୍ରଭୁ ଶ୍ରୀଜଗନ୍ନାଥ ଦୋଳଗୋବିନ୍ଦ ବାବୁଙ୍କୁ ପବିତ୍ର, ଅନାମୟ ଜୀବନ ପ୍ରଦାନ କରି ଏକଶତ ଶରତର ଜ୍ୟୋତ୍ସ୍ନାଲୋକରେ ପ୍ଳାବିତ କରନ୍ତୁ । ଜଣେ ସହୃଦୟ ବନ୍ଧୁଭାବରେ ଏତିକି କାମନା କରି ରହୁଛି ।

■

କେନ୍ଦୁଝର କଲୋନୀ, କଟକ

Digitized by srujanika@gmail.com

ସ୍ମୃତି ସାନ୍ତ୍ୱନା ଓ ଆତ୍ମବିକାଶର ମର୍ମଲିପି

ନଚିକେତାର ଚୈତ୍ୟ

ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ

॥ ଏକ ॥

ଅନାଦି ଅନନ୍ତ ସମୟର କୁକ୍ଷୀରେ ମଣିଷର ଜୀବନ ସତେ କେତେ ସୀମିତ! ସତେ କେତେ କ୍ଷଣଭଂଗୁର!! ଅଥଚ ଏଇ ମଣିଷ ନିଜକୁ ସକଳର କର୍ତ୍ତା ମନେ କରି କେତେ ଅହଂକାର ପ୍ରକାଶ ନ କରେ!!! ଅହଂପ୍ରମତ୍ତ ମଣିଷ ଧରାକୁ ସରା ମନେ କରେ । କେତେ କେତେ ଛଳନା ଓ କୌଶଳର ଆଶ୍ରୟ ନେଇ ନିଜର ବିଜୟ ବାନା ଉଡ଼ାଏ । ଅନେକଙ୍କୁ ଅନୁଗତ କରାଇ ଆପଣାର ମହିମା ପ୍ରଚାର କରେ । ସେ ହୋଇଯାଏ ମାନନୀୟ । ଅଥଚ ସେ ଗୀତାର ବାଣୀ 'ଅହଂକାର ବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ'କୁ ବୁଝେ ନାହିଁ । କର୍ତ୍ତା ଜଣେ । ସେ ସର୍ବସମର୍ଥ ସର୍ବଜ୍ଞ ସର୍ବବିଦ୍ୟମାନ । ସେ ହିଁ ମଣିଷ ଭିତରେ ରହି କରାନ୍ତି । ମଣିଷ ହିଁ କାରଣ । ଯେଉଁ ମଣିଷ ଏଇ ସତ୍ୟକୁ ବୁଝିଛି, ଯିଏ ଜାଣିଛି- 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ/ଜ୍ଞାନଂ ଲବ୍‌ଧ୍ୱା ପରାଂ ଶାନ୍ତି- ମଚିରେଣାଧିଗଚ୍ଛତି'-ସେହି ହିଁ ଠିକ୍ ଭାବରେ ହୃଦୟଙ୍ଗମ କରିଛି- ଏହି ସଂସାରରେ ଜ୍ଞାନ ପରି ଆଉ କୌଣସି ବସ୍ତୁ ନାହିଁ । ସେ ହୁଏ ଶ୍ରଦ୍ଧାଶୀଳ, ବ୍ରହ୍ମନିଷ୍ଠ, ସଂଯତେନ୍ଦ୍ରିୟ । ସେ ପରାଶାନ୍ତି ବା ପରମ ଶାନ୍ତି ଲାଭ କରେ । ସେ ଜୀବିତ ଥାଇ ମଧ୍ୟ ଜୀବନ ପ୍ରତି ମୋହମୁକ୍ତ ହୁଏ, ମୃତ୍ୟୁକୁ ଅମୃତ ମନେକରେ । ଅନ୍ୟ ଅର୍ଥରେ ଜୀବନ ଓ ମୃତ୍ୟୁ ତା' ପାଇଁ ହୋଇଯାଏ ସମାନ । ସେ ଯୋଗସ୍ଥ ହୁଏ । ସିଦ୍ଧି ଅସିଦ୍ଧିକୁ ସେ ସମାନ ଭାବେ । ସେ କର୍ମ କରିଯାଏ । କର୍ମ ସନ୍ନ୍ୟାସ ହୁଏ ତାର ବ୍ରତ । ସିଏ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସହିତ ସ୍ୱର ମିଳାଇ ଗାଏ-

ଘରେଇ ଯାରା ଯାବାର ତାରା
କଖନ ଗେଛେ ଘରପାନେ

Digitized by srujanika@gmail.com

ପାରେ ଯାରା ଯାବାର ଗେଛେ ପାରେ;
ଘରେ ଓ ନହେ ପାରେ ଓ ନହେ;
ଯେ ଜନ ଆଛେ ମାଝ୍‌ଖାନେ
ସନ୍ଧ୍ୟାବେଲା କେ ଡେକେ ନେୟ ତାରେ !
ଫୁଲେର ବାର ନାଇଁକୋ ଆର;
ଫସଲ ଯାର ଫଲଲ ନା-
ଚୋଖେର ଜଲ ଫେଲତେ ହାଁସିପାୟ
ଦିନେର ଆଲୋ ଯାର ଫୁରାଲ
ସାଁଝେର ଆଲୋ ଜ୍ୱଲଲ ନା;
ସେଇ ବସେଛେ ଘାଟେର କିନାରାୟ
ଓରେ ଆୟ,
ଆମାୟ ନିୟେ ଯାବି କେ ରେ
ବେଲାଶେଷେର ଶେଷ ଖେୟାୟ ।

ଏହିପରି ଜଣେ ଜ୍ଞାନତପସ୍ୱୀ ସଂଯମି-ହୃଦୟ ମରମୀ ମଣିଷଟିଏ ପ୍ରଫେସର ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ । ଏବେ ସେ ଘାଟ ତୀରରେ ଉପବିଷ୍ଟ । ସେ ପଟକୁ ଦୃଷ୍ଟି । ପଛରେ ପଡ଼ିରହିଛି ଦୀର୍ଘ ବୟାନବେ ବର୍ଷର ଜୀବନ । କେତେ ବ୍ୟଥା, କେତେ ବ୍ୟର୍ଥତା, କେତେ ସଂଘର୍ଷ, କେତେ ସାଧନା, କେତେ ସିଦ୍ଧିର ସେ ଜୀବନ । କେତେ ସ୍ମୃତି, କାରୁଣ୍ୟ ଓ ସାନ୍ତ୍ୱନାର ସେ ଜୀବନ । କେତେ ସ୍ନେହ, ପ୍ରୀତି, ମାନବିକତା ଓ ଲୋକଚିକିତ୍ସାର ସେ ଜୀବନ । ଅଥଚ ଟିକିଏ ହେଲେ ଅଭିମାନ ନାହିଁ, ଅହଂକାର ନାହିଁ; ଅଛି ସ୍ୱାଭିମାନ, ଯୋଗୀସୁଲଭ ଧୀ ଓ ଧୀଷଣା । ଏହି ଜ୍ଞାନତପସ୍ୱୀ ମଣିଷଟି ସେଦିନ କେନ୍ଦ୍ରାପଡ଼ାର ଏକ ଅଖ୍ୟାତ ପଲ୍ଲୀରୁ ଜ୍ଞାନର ଅନ୍ୱେଷଣରେ ବାହାରି ଯାଇଥିଲେ ସୁଦୂର କଲିକତା, କଲିକତାର କେତେ ମଠ, କେତେ ମନ୍ଦିର, କେତେ ସାଧୁସନ୍ଥଙ୍କ ସମ୍ପର୍କରେ ଆସି ଅଧ୍ୟୟନକୁ ବ୍ରତ କରି ନେଲେ, ସଂସ୍କୃତ ଭାଷା ଓ ସାହିତ୍ୟରେ କେତେ ଡିଗ୍ରୀ ନେଲେ, ବଂଗଳା ପଢ଼ିଲେ, ଶିକ୍ଷକ ହେଲେ, ଉଚ୍ଚଶିକ୍ଷା ଲାଭ କଲେ, ପୁଣି ଫେରିଆସିଲେ ଓଡ଼ିଶା, କେନ୍ଦ୍ରାପଡ଼ା କଲେଜରୁ ରେଭେନ୍‌ସା କଲେଜ, ପୁଣି କେତେ କେତେ କଲେଜ, କେଉଁଠି ଅଧ୍ୟାପକ, କେଉଁଠି ଅଧ୍ୟକ୍ଷ, ତାରି ଭିତରେ ଅଧ୍ୟୟନ ଓ ଗବେଷଣା- ଦୀର୍ଘ ପଥ, ନଚିକେତା ପରି ସତ୍ୟର ସନ୍ଧାନ । ସେ ହେଲେ ସତ୍ୟର ଆଲୋକରେ ଆଲୋକିତ । ତେଣୁ ସେ ବ୍ରହ୍ମଭୂତ ପ୍ରସନ୍ନାତ୍ମା । ତାଂକର ସଂପ୍ରତି ଶୋଚନା ନାହିଁ କି ଆକାଂକ୍ଷା ନାହିଁ । ଏକ ନିର୍ବିକାର ଅବସ୍ଥାରେ ସେ ଉପନୀତ । ତଥାପି ତାଂକର

Digitized by srujanika@gmail.com

ଅଭୀପ୍ସା ଓଡ଼ିଆ ସାହିତ୍ୟର ଉନ୍ନତି । ଏ ଦିଗରେ ସେ ପ୍ରେରଣା ଦେଉଛନ୍ତି ଉତ୍ତର ପିଢ଼ିଙ୍କୁ ଓ ନିଜେ ସାଇତି ରଖିଥିବା ଉପାଦାନଗୁଡ଼ିକୁ ବିତରଣ କରି ଦେଉଛନ୍ତି କିଛି କରିବା ପାଇଁ ।

ନଚିକେତାର ଚୈତ୍ୟ : ଏକ ସଂକ୍ଷିପ୍ତ ଆକଳନ

ଡଃ ଶାସ୍ତ୍ରୀଙ୍କର 'ନଚିକେତାର ଚୈତ୍ୟ' ଏକ ଭିନ୍ନ ଧରଣର ଆତ୍ମଲିପି । ଏହା ଠିକ୍ ଆତ୍ମଚରିତ ନୁହେଁ; ସ୍ମୃତି ଚିତ୍ର ବା ସଂସ୍କରଣ ସହିତ ଆତ୍ମବିକାଶର ଏକ ମାର୍ମିକ ଆଲେଖ୍ୟ । ଏଯାବତ୍ ଓଡ଼ିଆ ସାହିତ୍ୟରେ ପ୍ରାୟ ଦୁଇଶତ ପାଖାପାଖି ଆତ୍ମଚରିତ ପ୍ରକାଶ ପାଇସାରିଛି । ପ୍ରାୟ ଅଧିକାଂଶରୁ ଲେଖକଙ୍କର ଆତ୍ମବିସ୍ତାର ଓ ଆତ୍ମପ୍ରତିଷ୍ଠାର ଅଭିଳାଷଟି ସ୍ପଷ୍ଟ ବାରି ହୋଇପଡ଼େ । କେତେକରେ ଆତ୍ମସ୍ୱୀକୃତି ନାମରେ ଅଯଥା ଅପ୍ରାସଂଗିକ କଥାଗୁଡ଼ିକ ବର୍ଣ୍ଣିତ ହୋଇଛି ଯାହା ଗୋଟାଏ ଜାତୀୟ ଜୀବନ ବା ଜାତିର ସାଂସ୍କୃତିକ ପ୍ରାଣପ୍ରବାହ ପାଇଁ କୌଣସି ପ୍ରେରଣା ଦିଏ ନାହିଁ । ଡଃ ଶାସ୍ତ୍ରୀଙ୍କ ଏହି ଆତ୍ମଲିପିଟି ସଂକ୍ଷିପ୍ତ ହେଲେହେଁ ତାହା ଜାତି ପାଇଁ ଅଖଣ୍ଡ ପ୍ରେରଣାପ୍ରଦ । ଏଥିରେ ଲେଖକ ଆତ୍ମପୁରୁଷରେ ବର୍ଣ୍ଣନା ନ କରି ନୈର୍ବ୍ୟକ୍ତିକ ଦୃଷ୍ଟିକୋଣରୁ ବର୍ଣ୍ଣନା କରି କହିଛନ୍ତି ଠିକ୍ ଭୁବନେଶ୍ୱର ବେହେରାଙ୍କ 'ଗାଁର ଡାକ' ପରି । 'ଗାଁର ଡାକ'ରେ ନାୟକ ସ୍ୱୟଂ ଲେଖକ । ଅଥଚ ତାହା ଏପରି ଭାବରେ ବର୍ଣ୍ଣିତ ଯେ, ପାଠକ ମନେ କରେ ସେ ଯେପରି ଏକ ରମ୍ୟ ଉପନ୍ୟାସ ପାଠ କରୁଛି । ଠିକ୍ ଏହିପରି ଡକ୍ଟର ଶାସ୍ତ୍ରୀଙ୍କ 'ନଚିକେତାର ଚୈତ୍ୟ' । ଏହାର ନାୟକ ନଚିକେତା । କଠୋପନିଷଦର ବାଳକ ନଚିକେତା ଋଷିପିତା ବାଜଶ୍ରବାଂକ ନିଷ୍ଠୁର ଗୋଦାନକୁ ଦେଖି ପ୍ରତିକ୍ରିୟା ପ୍ରକାଶ କରିଛି ଓ କାରୁଣ୍ୟ ମଣ୍ଡିତ ତାଂକ ହୃଦୟରୁ ପ୍ରଶ୍ନ ସୃଷ୍ଟି ହୋଇଛି ତାକୁ ପିତା କାହାକୁ ଦାନ କରିବେ । ବାରମ୍ବାର ଏହି ପ୍ରଶ୍ନରେ କ୍ଷୁବ୍‌ଧ ହୋଇ ଯମଙ୍କୁ ଦେବା ପାଇଁ ପିତା କହନ୍ତେ ସେହି ମୁହୂର୍ତ୍ତରେ ସେ ଯମପୁରକୁ ଚାଲିଯାଇଛି ଓ ତିନିଦିନ ପରେ ଯମଙ୍କ ସହିତ ତାର ହୋଇଛି ସାକ୍ଷାତ୍ । ନଚିକେତାର ତେଜୋଦୀପ୍ତ ମୁଖମଣ୍ଡଳକୁ ଦେଖି ଯମ ପ୍ରଭାବିତ ହୋଇଛନ୍ତି ଓ ତାଂକୁ ତିନୋଟି ବର ପ୍ରଦାନ କରିବା ପାଇଁ କହିଛନ୍ତି । ନଚିକେତାର ଜିଜ୍ଞାସା ଶାଣିତ ହୋଇଉଠିଛି । ଦୂରେଇ ଯାଇଛି ସଂକଟ । ପରିଣତିରେ ସେ ଲାଭ କରିଛନ୍ତି ଆତ୍ମପରିଚୟ । ଏହି ଆତ୍ମପରିଚୟ ଉପଲବ୍ଧି କରିବା ହିଁ ଅନୁସନ୍ଧିତ୍ସୁ ମଣିଷର ଶ୍ରେଷ୍ଠ ଚିନ୍ତନ । ଯିଏ ଏହି ଆତ୍ମପରିଚୟ ଲାଭ କରେ, ଅନ୍ୟ ଅର୍ଥରେ ଯାହାର ଆତ୍ମସାକ୍ଷାତ୍‌କାର ହୁଏ, ସିଏ ନିଜ ସହିତ ମିତ୍ର ହୋଇଯାଏ । ମିତ୍ର ଦୃଷ୍ଟିରେ ଜଗତକୁ ଦେଖେ । ତାକୁ ଆଉ କ୍ଷୁଦ୍ରତା ସ୍ପର୍ଶ କରେ ନାହିଁ । ସେ ହୁଏ ଅହଂକାର ବିନିର୍ମୁକ୍ତ ଚିତ୍ତ । ଜଗତର

Digitized by srujanika@gmail.com

କଲ୍ୟାଣ ପାଇଁ ତାର ବ୍ୟକ୍ତିତ୍ୱ ହୁଏ ଅଭିପ୍ରେତ । ଆଲୋଚ୍ୟ ଗ୍ରନ୍ଥରେ ନଚିକେତା ଅନ୍ୟ କେହି ନୁହେଁ, ସ୍ୱୟଂ ଲେଖକ ।

ନଚିକେତା (ଡକ୍ଟର ଶାସ୍ତ୍ରୀ) ଜୀବନର ଗୋଧୂଳି ଲଗ୍ନରେ ଅତୀତକୁ ମନେ ପକାଇଛନ୍ତି । ଝାପ୍‌ସା ଝାପ୍‌ସା ଦେଖାଯାଇଛି ଅତୀତ । ତାରି ଭିତରୁ ଶୁକ୍ରତାରା ପରି କିଛି କିଛି ଅନୁଭୂତି ଶୁଭ୍ରତର ହୋଇ ଦେଖାଦେଇଛି । ବାଲ୍ୟ ଅବସ୍ଥାରେ ମା'ର କ୍ଷୀର ନ ହେବାରୁ ଅନ୍ୟ ଏକ ପ୍ରସୂତୀର ସ୍ତନ୍ୟ ପାନ କରି ଜୀବନ ବଂଚିଥିବାରୁ ପରବର୍ତ୍ତୀ ସମୟରେ ଏହି ଘଟଣା ତାଂକ ଭିତରେ ଗୋଟାଏ ସୁସ୍ଥ ବିଚାରଧାରା ସୃଷ୍ଟି କଲା, ଯାହା ତା' ଭିତରେ ଧ୍ୱନିତ ହେଲା- "ତା'ର ଜୀବନ ତା ନିଜ ପାଇଁ ନୁହେଁ, ଅନ୍ୟ ପାଇଁ" । ଏଇ ଅଶରୀରୀ ଅନ୍ତର୍ବାଣୀ ଫଳରେ ସେ ସିଦ୍ଧାନ୍ତ କଲେ- ଦେହଧାରଣ ପାଇଁ ଯେତିକି ଦରକାର ସେତିକି ବ୍ୟତୀତ ଅଧିକ ଗ୍ରହଣ କରିବ ନାହିଁ । ଯାହା କିଛି ଅଧିକ ଆସିବ ତାହାକୁ ସେ ବିନିଯୋଗ କରିବେ ଅନ୍ୟର କଲ୍ୟାଣ ପାଇଁ । ଏହି ସିଦ୍ଧାନ୍ତ ସେଦିନର ବାଳକ ମନରେ ଯେଉଁ ଭାବ ସୃଷ୍ଟି କରିଥିଲା, ତାହାକୁ ସେ ପରବର୍ତ୍ତୀ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଓ ହୋଇଯାଇଛନ୍ତି ଏକ ପରିପୂର୍ଣ୍ଣ ମଣିଷ । ସେଇ ବାଣୀ ଓ ସେଇ ଭାବଟିର ପ୍ରମୂର୍ତ୍ତ ବାଣୀ ବିଗ୍ରହ ଶ୍ରୀମଦ୍ ଭାଗବତର ୭ମ ସ୍କନ୍ଧ ୧୪ ଅଧ୍ୟାୟ ୮ମ ଶ୍ଳୋକ-

ଯାବଦ୍ ଭ୍ରିୟେତ୍ ଜଠରଂ ତାବତ୍ ସ୍ୱତ୍ୱଂ ହି ଦେହିନାମ୍ ।
ଅଧିକଂ ଯୋଽଭି ମନ୍ୟେତ ସ ସ୍ତେନୋ ଦଣ୍ଡମର୍ହତି ।।

ନଚିକେତା ପରି ଏଇ ନବ ନଚିକେତାର ସୃଷ୍ଟି ହେଲା ଜିଜ୍ଞାସା ପରେ ଜିଜ୍ଞାସା । ସ୍କୁଲ୍ ଜୀବନରେ ସେ ଦେଖିଲା ମହାମାନବ ମହାତ୍ମା ଗାନ୍ଧୀଙ୍କୁ । ତାଂକ ହାତକୁ ତମ୍ବା ପଇସାଟିଏ ବଢ଼ାଇ ଦେଇ ତାଂକ ହାତକୁ ଧରିଛି ଓ ଅନୁଭବ କରିଛି ଏକ ଅନନୁଭୂତ ଦିବ୍ୟ ଭାବ । ସେ ମନେ କରିଛି ସତେ ଯେମିତି ସେ ଭଗବାନ୍‌ଙ୍କୁ ଦେଖିଲା । ବୟସ ବୃଦ୍ଧି ସଂଗେ ସଂଗେ ବିଶେଷତଃ ଭାରତର ସ୍ୱାଧୀନତା ଲାଭ ପରେ ପରେ ଧର୍ମନିରପେକ୍ଷତା ନାମରେ ଯେଉଁ ରାଜନୀତିକ ହଟଚମଟ ଚାଲିଛି ତାହାକୁ ସେ ଆଦୌ ପସନ୍ଦ କରିପାରି ନାହାନ୍ତି । ଏହି ଧର୍ମ ନିରପେକ୍ଷ ଚକ୍ରବ୍ୟୂହରେ ହିନ୍ଦୁମାନଂକର ବିପର୍ଯ୍ୟସ୍ତ ଅବସ୍ଥାକୁ ଲକ୍ଷ୍ୟ କରି ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ହିନ୍ଦୁର ସହନଶୀଳତା ଓ ବିଶ୍ୱତୋମୁଖୀ ଭାବ ତାଂକୁ ଏକ ଭିନ୍ନ ମଣିଷରେ ପରିଣତ କଲା ।

କଟକ ମିଶନ ସ୍କୁଲରେ ଅଧ୍ୟୟନ, ନାଟକରେ ଅଭିନୟ, ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଉଚ୍ଚତର ଜ୍ଞାନ ଅନ୍ୱେଷଣ ପାଇଁ କଲିକତା ଯାତ୍ରା ଓ ବିଭିନ୍ନ ସ୍ଥାନ ଭ୍ରମଣ, ବଂଗଳା ଭାଷାରେ ଲେଖାଲେଖି, କଲିକତାରେ ଆଇ.ଏ. ଅଧ୍ୟୟନ, ବଂଗଳା ଓ ଓଡ଼ିଆ ଭାଷାରେ ରଚିତ ନାନା ପୁସ୍ତକ ପାଠ, ବହୁ ସାଧୁସନ୍ଥ ଓ ସନ୍ନ୍ୟାସୀଙ୍କ ସାନ୍ନିଧ୍ୟ

Digitized by srujanika@gmail.com

ଲାଭ, ବ୍ରହ୍ମଚାରୀ ଜୀବନଯାପନ, ଶ୍ରୀଚୈତନ୍ୟଙ୍କ ଜନ୍ମସ୍ଥାନ ଶ୍ରୀଧାମ ମାୟାପୁରରେ ଅବସ୍ଥାନ, ଚୈତନ୍ୟ ମଠର ସହକାରୀ ପରିଚାଳକ, ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦନା, ରାଧାକୃଷ୍ଣ ତତ୍ତ୍ୱ, ବୈଷ୍ଣବ ଦର୍ଶନ ଅଧ୍ୟୟନ, ପୁରୀ ବୈଷ୍ଣବ ମଠକୁ ଆଗମନ ଓ କାର୍ଯ୍ୟ, ମଠାଧୀଶ ଓ ବୈଷ୍ଣବ ଆଚାର୍ଯ୍ୟମାନଙ୍କର କାର୍ଯ୍ୟକଳାପ ପ୍ରତି ସମାଲୋଚନା, ଦାକ୍ଷିଣାତ୍ୟର କଭୁର ମଠରେ ଅବସ୍ଥାନ, ପୁରୀରେ ଅବସ୍ଥାନ ସମୟରେ ଗ୍ରାମରୁ ଆସିଥିବା ମା'ଙ୍କ ସହିତ ଭେଟ, ଦୀର୍ଘ ପନ୍ଦର ବର୍ଷ ପରେ ବାପାଙ୍କ ସହିତ ସାକ୍ଷାତ୍, କଲିକତାରେ ଟିଉସନ ଟଂକାରେ ଗୁଜୁରାଣ ମେଣ୍ଟାଇବା ସହିତ ଉଚ୍ଚଶିକ୍ଷା ଲାଭ, ପ୍ରେମର ପହିଲି ଅନୁଭୂତି, କଠୋର ସଂଯମ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପ୍ରତି ଗୋଟିଏ ପ୍ରବନ୍ଧରେ କଟାକ୍ଷ, ଅଭୟଦା ବନାମ ଏ.ସି. ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦଂକ ସହିତ ନିବିଡ଼ ସମ୍ପର୍କ, ପ୍ରେମମୟୀ ରେଖାର ଅଲିଭା ସ୍ମୃତି, ଘରୋଇ ଶିକ୍ଷକ ଭାବରେ କାର୍ଯ୍ୟ ଓ ଅଧ୍ୟୟନ, କଲିକତାରେ ଶିକ୍ଷକ ଜୀବନ ଓ ଖ୍ୟାତି, ବିନା ଯୌତୁକରେ ବିବାହ, ବ୍ରହ୍ମଚାରୀ ଜୀବନ ପରେ ଗୃହସ୍ଥାଶ୍ରମ, କମ୍ୟୁନିଷ୍ଟ ପାର୍ଟିରେ ସକ୍ରିୟ ସଭ୍ୟ, ମାର୍କସୀୟ ସାମ୍ୟବାଦ ଉପରେ ଅନାସ୍ଥା, ଧର୍ମଭିତ୍ତିକ ସମାଜବାଦ ଉପରେ ନିଷ୍ଠା, କଲିକତାରେ ଓଡ଼ିଆ ସ୍କୁଲ ସ୍ଥାପନ ଓ ଅନ୍ୟାନ୍ୟ ଲୋକହିତକର କାର୍ଯ୍ୟ, ବି.ଏ. ଅଧ୍ୟୟନ, ସଂସ୍କୃତରେ କାବ୍ୟ-ପୁରାଣ- ବ୍ୟାକରଣାଚାର୍ଯ୍ୟ ଓ ଅନ୍ୟାନ୍ୟ ଡିଗ୍ରୀ ଲାଭ, ଓଡ଼ିଆ ଏମ୍.ଏ. ଓ ସାମ୍ବାଦିକତାରେ ଏମ୍.ଏ. ଉପାଧି ଲାଭ, କଲିକତାରୁ ଓଡ଼ିଶା ଆଗମନ ଓ କେନ୍ଦ୍ରାପଡ଼ା, କଲେଜରେ ଅଧ୍ୟାପକ ଥାଇ ଓଡ଼ିଆ ଏମ୍.ଏ. ପାସ୍, ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ, ରେଭେନ୍ସା ସାନ୍ଧ୍ୟ କଲେଜ, ବି.ଜେ.ବି. କଲେଜ ଇତ୍ୟାଦିରେ ଅଧ୍ୟାପକ ଭାବରେ କାର୍ଯ୍ୟ, ଡକ୍ଟରେଟ୍ ଡିଗ୍ରୀ, ଅବସର ପ୍ରାପ୍ତି ପରେ କେତେକ ଘରୋଇ କଲେଜରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସଂପ୍ରତି ମହାନଦୀ ବିହାରସ୍ଥ ବାସଭବନରେ ଅବସ୍ଥାନ କରୁଅଛନ୍ତି ।

ଡକ୍ଟର ଶାସ୍ତ୍ରୀ ବହୁ ଗୌରବର ଅଧିକାରୀ । ବହୁ ସମ୍ମାନ ସେ ପାଇଛନ୍ତି । ମାତ୍ର ସେ ପାରମାର୍ଥିକ ଚିନ୍ତାରେ ମଗ୍ନ ରହିବାରୁ ପ୍ରତିଷ୍ଠା ପାଇବା ପାଇଁ ଆଗ୍ରହ ପ୍ରକାଶ କରି ନାହାନ୍ତି । ଯେଉଁ ପ୍ରତିଷ୍ଠା ବିଧାତା ନିର୍ମିତ ତାହା ସ୍ୱତଃ ମଣିଷ ଲାଭ କରେ । ଏଥିପାଇଁ ଉଦ୍ୟମ ଦରକାର ହୁଏ ନାହିଁ । କୌଶଳ କରିବାକୁ ହୁଏ ନାହିଁ । ନିଷ୍ଠାପର ସାହିତ୍ୟସେବୀ ଓ ସାହିତ୍ୟ ସ୍ରଷ୍ଟା ଈଶ୍ୱରଂକ ଇଚ୍ଛାରେ ପ୍ରତିଷ୍ଠା ପାଆନ୍ତି । ଯିଏ ପରମାର୍ଥୀ ତା'ପକ୍ଷରେ ପ୍ରତିଷ୍ଠା ଶୂକରୀବିଷ୍ଠା ସଦୃଶ । ଡଃ ଶାସ୍ତ୍ରୀ ଏହା ଜାଣନ୍ତି । ତେଣୁ ସେ ପ୍ରତିଷ୍ଠା ପଛରେ ଧାଇଁ ନାହାନ୍ତି । ବରଂ ପ୍ରତିଷ୍ଠା ତାଂକୁ ଅନୁସରଣ କରିଛି । ସାଧୁ ସନ୍ନ୍ୟାସୀମାନଙ୍କର ଚାରିତ୍ରିକ ଅବକ୍ଷୟ ତାଂକୁ ବ୍ୟଥିତ କରିଛି । ଗୃହୀ ସଂସାରୀ ମଣିଷ ଟିକିଏ ଶାନ୍ତି ପାଇଁ ସାଧୁସନ୍ନ୍ୟାସୀଙ୍କ ପାଖକୁ ଯାଏ, ମଠ ଓ ମନ୍ଦିରକୁ ଯାଏ । ଯେତେବେଳେ ଏସବୁ ସ୍ଥାନ

Digitized by srujanika@gmail.com

କଳୁଷିତ ଓ ଅବକ୍ଷୟ ପୀଡ଼ିତ, ସେତେବେଳେ ସେ ଆଉ କେଉଁଠିକୁ ଯିବ ? ବେଶାଶ୍ରୟୀ ଓ ଭେକାଶ୍ରୟୀ ସାଧୁସନ୍ଥଙ୍କୁ ସେ ସମାଲୋଚନା କରିଛନ୍ତି । ଛଳନାସର୍ବସ୍ୱ ଜ୍ଞାନୀ, ଲେଖକ ଓ ରାଜନେତାମାନେ ମଧ୍ୟ ତାଂକ ସମାଲୋଚନାର ଶରବ୍ୟ ।

ନଚିକେତା ଶୁକ୍ଳବିଭ । ଜୀବନର ଆରମ୍ଭରୁ ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ସେ ଏହି ଆଦର୍ଶର ପଥିକ । ସେ ଗଭୀର ଈଶ୍ୱର ବିଶ୍ୱାସୀ । ଉପନିଷଦୀୟ ଓ ଗୀତା ପରଂପରାରେ ସେ ଈଶ୍ୱରଂକୁ ମାନନ୍ତି ଓ ବିଚାର କରନ୍ତି । ଭଲ ମଣିଷ ହୋଇ ଭଲ କାମ କରିବା ହିଁ ଈଶ୍ୱର ଭାବ ବୋଲି କହନ୍ତି । ନଚିକେତାଂକ ଜୀବନ ସଂପୂର୍ଣ୍ଣ ବ୍ରହ୍ମଚାରୀର ଜୀବନ ନୁହେଁ; ନୁହେଁ ମଧ୍ୟ ସଂପୂର୍ଣ୍ଣ ଗୃହୀ ଜୀବନ । ଏ ଦୁଇଟିର ଏକ ଅପୂର୍ବ ମିଶ୍ରରାଗ ତାଂକର ଜୀବନ । ଏହା ତାଂକର ଆତ୍ମଜୀବନୀ ନୁହେଁ । ସଂପୂର୍ଣ୍ଣ ସ୍ମୃତିଚିତ୍ର ମଧ୍ୟ ନୁହେଁ । ଏଥିରେ ତାଂକର ପ୍ରତିଷ୍ଠା ଲାଳସା ନାହିଁ; ନାହିଁ ମଧ୍ୟ ଆତ୍ମବିସ୍ତାରର ଆକାଂକ୍ଷା । ସର୍ବତ୍ର ଅଛି ଆତ୍ମ ବିଶ୍ଳେଷଣ ଓ ଆତ୍ମସମୀକ୍ଷା । ଆତ୍ମ ଶ୍ଳାଘା ମଧ୍ୟ ନାହିଁ । ନିଜେ ଯାହା ତାହାହିଁ ଦେଖାଇବାର ଅଛି ଆନ୍ତରିକ ଆଗ୍ରହ । ଏହା ତାଂକ ସାଧନା-ଜୀବନର ଏକ ମର୍ମଲିପି, ଜ୍ଞାନ ଅନ୍ୱେଷାର ଏକ ଆତ୍ମିକ ଉଚ୍ଚାରଣ ।

॥ ଦୁଇ ॥

ଏହି କର୍ମଯୋଗୀ ଜ୍ଞାନତପସ୍ୱୀ ନଚିକେତାଂକ ଜୀବନର ଯାତ୍ରା ପଥ ବନ୍ଧୁର । ଅଥଚ ସେ କେଉଁଠି ନଇଁ ଯାଇ ନାହାନ୍ତି । ସର୍ବତ୍ର 'ଚରୈବେତି' ତାଂକର ଆଦର୍ଶ । ଛାତ୍ର ଜୀବନରୁ ବ୍ରହ୍ମଚାରୀ ଜୀବନ ଏକ ବିପୁଳ ଅଭିଜ୍ଞତାର ପଥ । ଏହି ଜୀବନରେ ବୈଷ୍ଣବ ଧର୍ମ ଓ ଦର୍ଶନରେ ହୋଇଛନ୍ତି ଗଭୀର ଅବଗାହୀ । କେତେ କେତେ ଜ୍ଞାନୀ ଗୁଣୀ ଓ ସାଧୁସନ୍ଥଙ୍କ ସଂପର୍କରେ ଆସିଛନ୍ତି । ଏହା ପରେ ଶିକ୍ଷକ ଜୀବନ ଓ ଅଧ୍ୟାପକ ଜୀବନ । ଛାତ୍ର ଜୀବନରେ ଲେଖାଲେଖି ପ୍ରତି ଆଗ୍ରହ । ଜଣେ ଗବେଷକ ଭାବରେ ସେ ପ୍ରତିଷ୍ଠା ଲାଭ କରିଛନ୍ତି କ୍ରମଶଃ । ନାଥ ଧର୍ମ ଓ ନାଥ ସାହିତ୍ୟ ସଂପର୍କରେ ତାଂକର ଗବେଷଣା ମୌଳିକ । ଓଡ଼ିଶାକୁ ବ୍ରାତ୍ୟ ଭୂମି ଭାବରେ ପ୍ରତିପାଦନ କରିବାରେ ତାଂକର ଭୂମିକା ଅନନ୍ୟ । ନାଥଧର୍ମ ଓ ଦର୍ଶନ, ବ୍ରାତ୍ୟ ସଂସ୍କୃତି ଓ ଦର୍ଶନ ତାଙ୍କର ଏ ଦିଗରେ ପ୍ରମୁଖ ଅବଦାନ । ସେ ମଧ୍ୟ ଜଗନ୍ନାଥ ସଂସ୍କୃତି ଓ ଦର୍ଶନ, ବୈଦିକ ଦର୍ଶନ, ବୈଷ୍ଣବ ଦର୍ଶନ ଓ ଯୋଗତତ୍ତ୍ୱ ସମ୍ପର୍କରେ ଅନେକ ପ୍ରବନ୍ଧ ଲେଖିଛନ୍ତି । ତାଂକର ଅନ୍ୟତମ କୃତି 'ଖାରବେଳ ଲୀଳାଲେଖ'ର ସମ୍ପାଦନା ଓ ତାହା ଉପରେ ଆଲୋଚନା । ନାଥଧର୍ମର କ୍ରମବିକାଶ ଗ୍ରନ୍ଥ ପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧି ପାଇଥିଲେ । ବୌଦ୍ଧ ଜାତକ, ସାହିତ୍ୟ ଓ ଦର୍ଶନ, ସାମ୍ୟାଦିକତା ପ୍ରବେଶିକା ଇତ୍ୟାଦି ତାଂକର ନାନା ଗ୍ରନ୍ଥ ତାଂକୁ ଗୌରବାନ୍ୱିତ କରିଅଛି ।

Digitized by srujanika@gmail.com

ବିଗତ ଅର୍ଦ୍ଧ ଶତାବ୍ଦୀର ବିଭିନ୍ନ ପତ୍ରପତ୍ରିକାରେ ତାଂକର ପ୍ରଜ୍ଞାଦୀପ୍ତ ଲେଖାମାନ ପ୍ରକାଶ ପାଇ ପାଠକମାନଂକୁ ଅନୁପ୍ରାଣିତ କରିଅଛି । ସାହିତ୍ୟ, ଧର୍ମ ଓ ଦର୍ଶନ ସମ୍ପର୍କୀୟ ଲେଖା ବ୍ୟତୀତ ମଧ୍ୟ ସେ ରଚନା କରିଛନ୍ତି କେତେ ସମାଜନିଷ୍ଠ ଫିଚର ଓ ପ୍ରବନ୍ଧ । ଅଗ୍ନିଶର୍ମା ନାମରେ ମଧ୍ୟ ସେ ରଚନା କରିଛନ୍ତି ଅନେକ ଫିଚରଧର୍ମୀ ବ୍ୟଙ୍ଗ୍ୟ ପ୍ରବନ୍ଧ ।

ବାସ୍ତବରେ ଡଃ ଶାସ୍ତ୍ରୀ କଠୋପନିଷଦର ସତ୍ୟ ଓ ଜ୍ଞାନଅନ୍ୱେଷୀ ନଚିକେତା । ସେ ଚାଲିଛନ୍ତି ଆଗକୁ ଆଗକୁ । ସବୁଠି ଭେଟିଛନ୍ତି କେତେ କେତେ ଜ୍ଞାନୀଗୁଣୀ ବିଦ୍ୱାନଂକୁ, କେତେ କେତେ ସାଧୁସନ୍ଥଙ୍କୁ । ସବୁଠି ଚିନ୍ତା ବିନିମୟ କରିଛନ୍ତି । ଆପଣାର ସତ୍ୟରେ ଅଟଳ ରହିଛନ୍ତି । ବିଚାର ଦେଇଛନ୍ତି ତାଂକ ଅନ୍ତରର ସ୍ନେହ ଶ୍ରଦ୍ଧା ଓ ମମତାକୁ ।

ନଚିକେତାଙ୍କର ଜୟ ହେଉ ।
ନଚିକେତା ଆହୁରି ଆଗକୁ ଚାଲନ୍ତୁ ।
ଅନ୍ଧାର ମାଡ଼ି ଆସୁଛି ସତ ତାରି ଭିତରେ ଆଲୋକ ଦେଖାନ୍ତୁ ।
ସେ ଆଲୋକ ହେଉ ମାନବିକତାର ଆଲୋକ, ବିବେକର ଆଲୋକ ।
ମୃତ୍ୟୁରୁ ଅମୃତକୁ ସେ ବାଟ ଦେଖାନ୍ତୁ ।
ଅସତ୍ୟରୁ ସତ୍ୟକୁ ମାର୍ଗ ବଢ଼େଇ ଦିଅନ୍ତୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

■

ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ
ଚାଉଳିଆଗଞ୍ଜ, ନୂଆବଜାର, କଟକ

Digitized by srujanika@gmail.com

ସ୍ପର୍ଦ୍ଧା ଓ ପାଣ୍ଡିତ୍ୟର ସାରସ୍ୱତ ସାଧକ
ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ଡକ୍ଟର ବାସୁଦେବ ଦାସ

ଘରୋଇ ଭାବରେ ଓଡ଼ିଆ ଏମ୍.ଏ.ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ କୃତବିଦ୍ୟ ହେବା ଉତ୍ତାରୁ ମୋର ଶାଳକ ସ୍ୱର୍ଗତ ବିଷ୍ଣୁପ୍ରସାଦ ବାହାଲିଆ ମୋତେ ଗବେଷଣା ଦିଗରେ ପ୍ରେରଣା ଦେଇଥିଲେ । ବିଷ୍ଣୁଭାଇ ମୋତେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କୁ ଏହି ବିଷୟରେ ପତ୍ର ଲେଖାଇବା ସଙ୍ଗେସଙ୍ଗେ ମୁଁ ତାଙ୍କର ସାନ ଭିଣୋଇ ବୋଲି ପରିଚୟ ମଧ୍ୟ ଉଲ୍ଲେଖ କରିଥିଲେ । ସେ ଥାଆନ୍ତି ତିର୍ତ୍ତୋଲ କଲେଜର ଅଧ୍ୟକ୍ଷ । ଦୁର୍ଗାପୂଜା ଛୁଟି । ମୁଁ ଛୁଟିଟି ସେଠାରେ ପ୍ରାୟ ଅତିବାହିତ କରିଥିଲି । ମୋ ପତ୍ରର ଉତ୍ତର ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ମହାଶୟ ସପ୍ତାହକ ମଧ୍ୟରେ ଦେଇ ପଠାଇଲେ । ମୋର ଜିଜ୍ଞାସା ଚରିତାର୍ଥ ନିମନ୍ତେ ଅଭୟ ଆଶିଷ ମିଳିଲା । ନିର୍ଦ୍ଦେଶ ଥିଲା- "ଆପଣ କେନ୍ଦ୍ରାପଡ଼ା ବଳଦେବଜୀଉ"ଙ୍କ ବିଷୟରେ ଏକ ନିବନ୍ଧ ରଚନା କରି ପନ୍ଦର ଦିନ ମଧ୍ୟରେ ସାକ୍ଷାତ କରନ୍ତୁ । ବିଷ୍ଣୁଭାଇ କହିଲେ ଯା, ଜଣେ ସମର୍ଥ ଓ ସାର୍ଥକ ଗୁରୁ ପାଇଲୁ, ଏବେ ଲାଗିପଡ଼ ।

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ କେନ୍ଦ୍ରାପଡ଼ା ତଥା ସମଗ୍ର ଓଡ଼ିଶାର ଜଣେ ବରେଣ୍ୟ ବିଦ୍ୱାନ୍ । କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅଧ୍ୟାପକ ଥିଲେ । ମୁଁ ଅତ୍ୟନ୍ତ ଆଗ୍ରହର ସହିତ ବାଞ୍ଛିତ ପ୍ରବନ୍ଧ ରଚନାରେ ଲାଗିପଡ଼ିଲି । ମୋର କଲେଜ ଜୀବନରେ 'ସୁରୂପା ଗୋବରୀ' କାବ୍ୟରଚନା ଏକ ବିଶେଷ କୃତିତ୍ୱ । ତାହାକୁ ଉପଜୀବ୍ୟ କରି ଏକ ଅଠଚାଳିଶି ପୃଷ୍ଠା ସମ୍ବଳୀ ନିବନ୍ଧ ରଚନା କରି ଯଥା ସମୟରେ ଡଃ ଶାସ୍ତ୍ରୀଙ୍କ ପାଖରେ ଉପସ୍ଥିତ ହେଲି । ନିବନ୍ଧ ପାଠକରି ସହାସ୍ୟ ବଦନରେ କହିଲେ- ଆପଣଙ୍କ୍ 'ଥିସ୍‌ସ' ଏହାରି ଉପରେ ହେବ । ଉକ୍ତ ନିବନ୍ଧ ଭିତ୍ତିରେ ଅନୁଚ୍ଛେଦୀକରଣ କରି ଶୀର୍ଷକ ଦେଲେ- "ଓଡ଼ିଆ ସାହିତ୍ୟ, ଧର୍ମ ଓ ସଂସ୍କୃତିରେ ତୁଳସୀ କ୍ଷେତ୍ର" । ସେ ଦିନଟି ଥିଲା ୧୯୮୦ ମସିହା ଅକ୍ଟୋବର ୨୧ ତାରିଖ । ଗୁରୁଦେବଙ୍କର ମଙ୍ଗଳାଶିଷ ନେଇ କାର୍ଯ୍ୟରେ ଲାଗିପଡ଼ିଲି ।

Digitized by srujanika@gmail.com

ଏହି ସମୟ ସୁଦ୍ଧା କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର କେହି ଅଧ୍ୟାପକ ଡକ୍ଟରେଟ୍ ଡିଗ୍ରୀ ଲାଭ କରି ନଥିଲେ । ଇଂରାଜି ଓ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଯେଉଁ ସାର୍ କାର୍ଯ୍ୟ କରିଥିଲେ, ସେମାନେ (ପ୍ରଫେସର ବେଣୁଧର ପ୍ରଧାନ, ପ୍ରଫେସର ପି.ଜି. ରାମାରାଓ) ବିଶ୍ୱବିଦ୍ୟାଳୟ- ବାଣୀବିହାରରେ ଯୋଗଦାନ କରି ସାରିଥିଲେ । କେନ୍ଦ୍ରାପଡ଼ାରେ ଆଶାନୁରୂପ ସହଯୋଗ ମିଳିଲା ନାହିଁ । ତଥ୍ୟ ସଂଗ୍ରହ ନିମନ୍ତେ ଡଃ ଶାସ୍ତ୍ରୀ କନିକା ଲାଇବ୍ରେରୀ, ଷ୍ଟେଟ ପାଠାଗାର, ରାଜ୍ୟ ଅଭିଲେଖାଗାର, ପୁରୀର ରଘୁନନ୍ଦନ ଲାଇବ୍ରେରୀ ଓ କନିକା ରାଜବାଟୀ ପତ୍ର ସହ ମୋତେ ପଠାଇ ଥିଲେ । ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ନାମ ଓ ବ୍ୟକ୍ତିତ୍ୱର ଏକ ସ୍ୱତନ୍ତ୍ର ମାଧୁର୍ଯ୍ୟ ମୁଁ ଅନୁଭବ କରିଲି । ମୋତେ ଆଦର ମିଳିଲା । ମୋର ଡକ୍ଟରେଟ୍ ଉପାଧି ଲାଭ ବୋଧହୁଏ ଓଡ଼ିଶାରେ ପ୍ରଥମ- ଜଣେ ଶିକ୍ଷକ ଭାବେ । ପ୍ରଥମ ଅନୁଚ୍ଛେଦକୁ ମନେରଖି ସପ୍ତମ ଅଧ୍ୟାୟ ଲେଖିଲାବେଳକୁ ଗୋଳମାଳ ହୋଇଯାଉଥାଏ । ଯାହାହେଉ, ଦେଢ଼ ବର୍ଷ ବିତି ଯିବା ଭିତରେ ମୁଁ ଗୋଟିଏ ପରେ ଗୋଟିଏ ଅଧ୍ୟାୟ ଲେଖି ସାରଙ୍କ ପାଖକୁ ଯାଇ ଦେଖାଏ ଓ ସ୍ନେହ ଶ୍ରଦ୍ଧା ପାଏ । ରେଭେନ୍ସା ମହାବିଦ୍ୟାଳୟର କେହି କେହି ଅଧ୍ୟାପକ ବହୁ ପୂର୍ବରୁ ନାମପଞ୍ଜୀକରଣ କରିଥିଲେ ମଧ୍ୟ ଏତେ ଅଗ୍ରଗତି କରି ନଥିବାରୁ ସାରଙ୍କ ଠାରୁ ଶୁଣିଛି ଏବଂ ମୋର ପ୍ରଶଂସା ମଧ୍ୟ ଶୁଣାଇଛନ୍ତି । ଥିସିସ୍ ପୂର୍ଣ୍ଣାଙ୍ଗ ହେବାପରେ ସାରଙ୍କ ଝିଅ ସାବିତ୍ରୀ ମୋତେ ଆଶାତୀତ ଭାବେ ସାହାଯ୍ୟ କରିଥିଲା । ଉଭୟ ବସି ଫର୍ଦ୍ଦ ପରେ ଫର୍ଦ୍ଦ ପାଠକରି ସଂଶୋଧନ କରୁ । ଆବଶ୍ୟକସ୍ଥଳେ ସାର ତଥ୍ୟଗୁଡ଼ିକ ଗ୍ରନ୍ଥ ସହ ମିଳାଇ ଥାଆନ୍ତି । କେତେଦିନ ତାଙ୍କ ପାଖରେ ରହି- ତାଙ୍କ ଘରେ ଖାଇ କାମ ସାରିଲି । ସାରଙ୍କ ଘରେ ପ୍ରାଚୀ ପ୍ରତିଷ୍ଠାନର ପ୍ରେସ ଥିଲା । ସେତେବେଳେ ଡିଟିପି କିମ୍ବା କମ୍ପ୍ୟୁଟର ଭାରତରେ ପ୍ରଚଳିତ ନ ଥିଲା । ତାଙ୍କ ପ୍ରେସରେ ମୁଁ କଭର ଛପାଇ, ଉତ୍ତମ ରୂପେ ବନ୍ଧାଇ ଛ'ଶହ ଛଷଠୀ ପୃଷ୍ଠା ସମ୍ବଳୀ ସନ୍ଦର୍ଭ ପ୍ରସ୍ତୁତ କରି ସାରଙ୍କ ପାଖରେ ପୈଠ କଲି । ଯୋଗକୁ ମୋର ଜଣେ ପୂର୍ବତନ ଶିକ୍ଷକ ଶ୍ରୀଯୁକ୍ତ ନଟବର ସାମଲ ମୋ ସାଥିରେ ଥାନ୍ତି । ସାର ପୁନର୍ବାର ମୋର ସନ୍ଦର୍ଭ ତନ୍ଖି କରି ଚାଲିଲେ । ସାବିତ୍ରୀ, ମୁଁ ନଟଗୁରୁଜୀ ଓ ନିଜେ ଡଃ ଶାସ୍ତ୍ରୀ ଖଣ୍ଡିଏ ଲେଖା କପି ଧରି ଶୁଦ୍ଧପାଠ କରିବାରେ ଲାଗିଲୁ । ଶେଷକୁ ଦୁଇଟି ବନାନ ଭୁଲ ଓ ଗୋଟିଏ ପଦ ପରିବର୍ତ୍ତନ ବ୍ୟାକରଣ ଗତ ତ୍ରୁଟି ସାରଙ୍କ ଦୃଷ୍ଟିକୁ ଆସିବାରୁ ସାର କ୍ରୁଦ୍ଧ ହୋଇ ପଚାରିଲେ, 'ସନ୍ନିବେଶ'ର ପଦ ପରିବର୍ତ୍ତନ କଲେ କ'ଣ ହେବ ? ମୁଁ ଲେଖିଥିଲି 'ସନ୍ନିବେଶିତ' କହିଲାବେଳେ 'ସନ୍ନିବିଷ୍ଟ' କହିଲି । ସେ ଆହୁରି ବିରକ୍ତଭାବ ପ୍ରକାଶ କରିବାରୁ କହିଦେଲି 'ସନ୍ନିବେଶିତ' 'ସାର୍ ବହିରେ ବି ଲେଖାଯାଇଛି' । ଆଉ ଏଥର ସମ୍ଭାଳେ କିଏ ?

Digitized by srujanika@gmail.com

"ଆପଣ ତ୍ରୁଟି କରିଛନ୍ତି, ପୁନର୍ବାର ତ୍ରୁଟି ସପକ୍ଷରେ ଯୁକ୍ତି କରୁଛନ୍ତି ? ୟୁ ଆର ମ୍ୟାଡ୍ ମ୍ୟାନ, ୟୁ କ୍ୟାନଟ୍ ଗେଟ୍ ଥିସିସ୍, ୟୁ ଗେଟ୍ ଆଉଟ୍ ।"

ଏହା କହି ଥିସି୍ସ୍ ଫିଙ୍ଗିଦେଲେ ଏବଂ କହିଲେ- ଆପଣ ଆସିଛନ୍ତି ଦୋଳଗୋବିନ୍ଦ ଶାସ୍ତ୍ରୀର ବଦନାମ କରିବାକୁ ? ଲୋକେ କହିବେ ଦୋଳଗୋବିନ୍ଦ ଶାସ୍ତ୍ରୀକୁ ଫାମ୍ପୁଲା ଫାମ୍ପୁଲି କରି ଡକ୍ଟରେଟ୍ ପାଇଯାଇଛି ।

ଛାତିରେ ମୋର ଗୋଟା ଶକ୍ତ ଆଘାତ ଲାଗିଲା । ହାଇସ୍କୁଲର ପରିଚାଳନା କମିଟି ମୋର ଗବେଷଣା ବିରୋଧ କରୁଥାଏ । ସେମାନଙ୍କର ଧାରଣା ଏ ଡକ୍ଟରେଟ୍ ଡିଗ୍ରୀ ପିଲାଙ୍କର କାମରେ ଲାଗିବ ନାହିଁ । ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି ଗବେଷଣା ପାଇଁ । ସାର୍‌ଙ୍କ କଟୁକ୍ତି ଯୋଗୁ ଆଖିରେ ଲୁହ ଆସିଲା । ବିଷାଦଗ୍ରସ୍ତ ହୋଇ ଭାବିଲି ଆଉ ଅଧିକ ଆଗକୁ ନଯାଇ ଫେରିଯିବି । ଆଜି ନଟବର ସାମଲଙ୍କ ପାଖରେ ଋଣୀ, ସେ ଥିସିସ୍ ତଳୁ ଉଠାଇ ଆଣିଲେ । ସାବିତ୍ରୀ ମୋର ସାନଭଉଣୀ ବହୁ ସାନ୍ତ୍ୱନା ଦେଲା । ସେ ଦୁଇଜଣ ସଂଶୋଧନ କଲା ଉତ୍ତାରୁ ମୁଁ ସପ୍ତାହକ ପରେ ନେଇ ଦାଖଲ କଲି । ତଥାପି ଏହା ଭିତରେ କୋକୁଆ ଭୟ ରହିଗଲା । ଉତ୍କଳ ୟୁନିଭରର୍ସିଟିରେ ୩ କପି ଥିସିସ୍ ପୈଠ କରି ଫେରିଲୁ ।

ସେଦିନ ଥିଲା, ମୌଖିକ ପରୀକ୍ଷା । ପ୍ରଫେସର କାହ୍ନୁଚରଣ ମିଶ୍ର ଓ ପ୍ରଫେସର ଡଃ ଗଙ୍ଗାଧର ବଳ ଥାନ୍ତି ମୋର ପରୀକ୍ଷକ । ପ୍ରାଚୀନ 'ଚେଲିତାଳ' ବନ୍ଦରର ଅବସ୍ଥିତି ଓ ଭାଷା ଦୃଷ୍ଟିରୁ ଚେଲିତୋଳା/ଚେଇଁ ତୋଳା/ଚାଇଁନ୍ତୋଳ/ଚାନ୍ଦୋଳରେ ପରିଣତ ହୋଇଛି । ଅନ୍ୟ ଏକ ବାକ୍ୟ ଥିଲା ଜାରା ଶବର ଆଉ କେଉଁ କୃଷ୍ଣଙ୍କୁ ନିଧନ କରିପାରିଥାଏ ମାତ୍ର ଭାଗବତ ଧର୍ମର ବାସୁଦେବ କୃଷ୍ଣଙ୍କୁ ହତ୍ୟା କରାଯାଇ ନାହିଁ ଯଦି ଏହାକୁ ସ୍ୱୀକାର କରାଯାଏ, ତେବେ ଆମକୁ ମାନି ନେବାକୁ ପଡ଼ିବ ଯେ, ଭାରତ ବର୍ଷରୁ ବ୍ରାହ୍ମଣ୍ୟ ଧର୍ମ ବିଲୁପ୍ତ ହୋଇଯାଇଛି । ଏବେ ଯେତେ ପ୍ରଶ୍ନ ମୋତେ ପଚାରିଥିଲେ, ତାହାର ଉତ୍ତର ସନ୍ତୋଷଜନକ ଥିଲା । ମାତ୍ର ପ୍ରୋକ୍ତ ଦୁଇଟି ବିଷୟ ବିନ୍ୟାସ ଉପରେ ତର୍କ ହେଲା । ମୁଁ କିନ୍ତୁ ମୋ ଯୁକ୍ତିରେ ଅଟଳ ଥିଲି । ସେଦିନ ଡକ୍ଟର ଶାସ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ମୋତେ ଉଚ୍ଚାଟିତ କରିଥିଲା । "ମୋ ସ୍କଲାରର ଆତ୍ମ ପ୍ରତ୍ୟୟକୁ ଆପଣମାନେ ଦେଖନ୍ତୁ ।"

ଏଇଠି ଉପସଂହାର ପଡ଼ିଥିଲା ମୋ ପରୀକ୍ଷାର । ୧୯୮୩ ମସିହା ଡିସେମ୍ବର ୨୩ ତାରିଖରେ ସଫଳତାର ବିଜ୍ଞାପନ ପ୍ରକାଶ ପାଇଥିଲା ।

ଡକ୍ଟର ଶାସ୍ତ୍ରୀଙ୍କ ପରିବାର ଏକ ଆତ୍ମୀୟତାର ପରିବାର । ତାଙ୍କ ଭଳି ଛାତ୍ରବତ୍ସଳ ସ୍ନେହୀ ଦରଦୀ ଗୁରୁ ବିରଳ । ତାଙ୍କ ଦିଗ୍‌ଦର୍ଶନ ମୋତେ ସାରାଜୀବନ ଆଲୋକ ଦାନ

Digitized by srujanika@gmail.com

କରିଛି । ଯେତେବେଳେ କିଛି ବିପଦ ଆସିଛି, କେମିତି କ'ଣ ମୋ ପାଖରେ ପହଞ୍ଚି ଯାଆନ୍ତି । ଭକ୍ତ ଓ ଭଗବାନଙ୍କ ସଂପର୍କ ଭଳି ମୋର ତାଙ୍କ ସହିତ ଥିଲା ଅଭିବ୍ୟକ୍ତ ଭାଗବତ ସଂପର୍କ ।

ଗବେଷଣାର ଅର୍ଥ ଗୋରୁ ଖୋଜିବା, ଜ୍ଞାନାନ୍ୱେଷଣ କରିବା ଓ ଈଶ୍ୱରାଭିମୁଖୀ ହେବା । ବାସ୍ତବିକ ତିନିଟି ସ୍ତରରେ ଗବେଷଣା ଚରିତାର୍ଥ ହୁଏ । ପ୍ରଥମେ ସାଧାରଣ ଅର୍ଥରେ ହଜି ଯାଇଥିବା ଗୋମାତାର ସଂଧାନରେ ପଚାରି ପଚାରି ଜନପଦରେ ବା ବଣବିଲରେ ଘୂରିବାକୁ ହୋଇଥାଏ । ଦ୍ୱିତୀୟରେ ଗୋ ସନ୍ଧାନର ଅନୁଭୂତିରୁ ଅନେକ ଜ୍ଞାନ ଲାଭ ହୋଇଥାଏ । ତାହାର ବିଶ୍ଳେଷଣ ଦ୍ୱାରା ବିମଳ ଆନନ୍ଦ ମିଳିଥାଏ । ଜ୍ଞାନ ହିଁ ଈଶ୍ୱର । ଜ୍ଞାନ ଦ୍ୱାରା ପରମାର୍ଥ ଲାଭ ହୁଏ । ସବୁଗୁଡ଼ିକ ଗୁରୁଙ୍କର ଦିଗ୍‌ଦର୍ଶନ ତଥା ଆଶୀର୍ବାଦରୁ ମିଳେ । ଆଜିକାଲି ଗୁରୁ ବହୁ ସଂଖ୍ୟାରେ ହୁଏତ ମିଳିପାରନ୍ତି, ଯାହାଙ୍କର ଗୁରୁତ୍ୱ କିଛି ନଥାଏ । ଗରୀୟାନ ଓ ଜ୍ଞାନଦୀପ୍ତ ନଥିଲେ ସେ ଗୁରୁ ପଦବାଚ୍ୟ ହୋଇପାରନ୍ତି ନାହିଁ । ମୁଁ ପରମ ଭାଗ୍ୟବାନ ଯେ ଡକ୍ଟର ଶାସ୍ତ୍ରୀଙ୍କୁ ମୋର ଗୁରୁ ଓ ଦିଗ୍‌ଦର୍ଶକ ଭାବେ ପାଇପାରିଛି । ତାଙ୍କର ଜ୍ଞାନ ବା ପାଣ୍ଡିତ୍ୟ ଅପେକ୍ଷା ଅମଳିନ ବ୍ୟକ୍ତିତ୍ୱ, ଆନ୍ତରିକ ଶ୍ରଦ୍ଧା, ସମବେଦନା ଓ ନିର୍ଲୋଭଣ ମାନବିକତା ଶୀର୍ଷ ଦେଶରେ ଥିଲା । ତାଙ୍କ ସଂପର୍କରେ ଆସିଥିବା ବ୍ୟକ୍ତି ବିଶେଷଙ୍କ ଏ ନିଶ୍ଚୟ ଅନୁଭବ କରିଥିବେ । କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ସେ ଦୁଇବର୍ଷରୁ ଅଧିକ କାଳ ଓଡ଼ିଆ ଓ ସଂସ୍କୃତ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ପିଏସ୍.ସି. ପରୀକ୍ଷା ଦେଇ କୃତକାର୍ଯ୍ୟ ହେବାପରେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟାପକ ପଦରେ ଅଭିଷିକ୍ତ ହୋଇ ଅବସର ଗ୍ରହଣ କରିଥିଲେ । ତାଙ୍କର ଶିକ୍ଷା କଲିକତା, ଢାକା, ନବଦ୍ୱୀପ ଓ ଉତ୍କଳରେ ସଂପନ୍ନ ହୋଇଥିଲା । ତାଙ୍କର ପିତୃଦତ୍ତ ନାମ ଥିଲା ଦୁର୍ଗାପ୍ରସାଦ ଏବଂ ତାଙ୍କର ଜନ୍ମପୀଠ ତତ୍କାଳୀନ କଟକ ଜିଲ୍ଲାର ଦାନପୁର, ନିକଟସ୍ଥ ନରସିଂହପୁର ୧ ୯ ୨ ୦ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁ ଯେ ଦିନେ ଭାଷା ସାହିତ୍ୟ ଓ ଧର୍ମ ସଂସ୍କୃତିର ମହାନଗୁରୁ ହେବେ ତାହା କେହି ଜାଣି ନଥିଲେ । ଆର୍ଥିକ ଅସ୍ୱଚ୍ଛଳତାରୁ ସେ ମଧୁସୂଦନ ଦାସଙ୍କ ପରି କଲକତା ମାଟିକୁ ଆଶ୍ରା କରି ଚାଲିଗଲେ । ସମସ୍ତ ଉଚ୍ଚଶିକ୍ଷା ଲାଭ କରିବା ସହ ଭକ୍ତି, ବେଦାନ୍ତ, ବ୍ୟାକରଣ ଓ ସାମ୍ୟାଦିକତା କ୍ଷେତ୍ରରେ କୃତିତ୍ୱ ଅର୍ଜନ କଲେ । ଗୌଡ଼ୀୟ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହୋଇ ସେ ଦୀକ୍ଷା ଗ୍ରହଣ କରି ତାଙ୍କର ପାଣ୍ଡିତ୍ୟ ଓ ଉପାଧିଯୁକ୍ତ କରି ତାଙ୍କର ଗୁରୁ ନାମକରଣ କରିଥିଲେ ଦୋଳଗୋବିନ୍ଦ ଶାସ୍ତ୍ରୀ । ମାଟି ମା'ର ଆକର୍ଷଣ ତାଙ୍କୁ ଫେରାଇ ଆଣିଲା କଲିକତାରୁ । କେନ୍ଦ୍ରାପଡ଼ା ଓ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ଶିକ୍ଷାଦାନ କରି ଗୁରୁ-ଛାତ୍ର ମହଲରେ ଖୁବ ଲୋକପ୍ରିୟ

Digitized by srujanika@gmail.com

ହୋଇପାରିଥିଲେ । କେନ୍ଦ୍ରାପଡ଼ାରେ ଅବସ୍ଥାନ କାଳରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବାମାଚରଣ ମିତ୍ର, ତତ୍କାଳୀନ ସବ୍‌ଡିଭିଜନାଲ ଅଫିସର ପ୍ରାଣକୃଷ୍ଣ ମିଶ୍ର, ଅନନ୍ତଚରଣ ପଣ୍ଡା ପ୍ରମୁଖ ମିଶି ମଙ୍ଗଳବାରିଆ ସାହିତ୍ୟ ଆସର କରୁଥିଲେ । ଏଥିରେ ଅନନ୍ତଚରଣ ଚାଟାର୍ଜୀ, ଶ୍ରୀଧର ସାହୁ, ବ୍ରହ୍ମାନନ୍ଦ ଦାସ, ବି.ଡ଼ି.ଓ. ପ୍ରଶାନ୍ତ ପଟ୍ଟନାୟକ ପ୍ରାୟ ଯୋଗ ଦେଉଥିଲେ । ଆଜିର ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ମୂଳଦୁଆ ଏସ୍‌ଡିଓ ପ୍ରାଣକୃଷ୍ଣ ମିଶ୍ର, ଡାକ୍ତର ସରୋଜକାନ୍ତ କାନୁନ୍‌ଗୋ ଓ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ପକାଇଥିଲେ ଏବଂ ସଙ୍ଗୀତ ଶିକ୍ଷକ ଭାବେ ଭଜନ ସମ୍ରାଟ ଭିକାରି ବଳଙ୍କୁ ମାସିକ ଦଶ ଟଙ୍କାରେ ନିଯୁକ୍ତି ଦେଇଥିଲେ ।

୧୯୮୦ ମସିହାରୁ ଅବସର ଗ୍ରହଣ ପରେ ସେ ନିରଳସ ଶିକ୍ଷାସେବା ଓ ଅନୁଷ୍ଠାନ ଗଠନ କରି ଚାଲିଛନ୍ତି । ଦୀର୍ଘ ୨୦ ବର୍ଷ ଧରି ବିଭିନ୍ନ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ତାଙ୍କର ତପସ୍ୟା । ଡେରାବିଶ କଲେଜ, କନ୍ଦରପୁର କଲେଜ, ମହାନଦୀ ବିହାର କଲେଜ, ମହତାବ ସଂସ୍କୃତ କଲେଜ ଆଦିର ପ୍ରାଣ ପ୍ରତିଷ୍ଠାତା ଭାବେ ତାଙ୍କର ଗୌରବ ରହିଛି । ଏହି ସମୟ ଖଣ୍ଡରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପାଠ୍ୟ ପରିଚାଳନା ସମିତିର ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହାଛଡ଼ା ପାଠ୍ୟପୁସ୍ତକ ପ୍ରଣୟନ, ସଂକଳନ, ନିର୍ବାଚନ, ସଂଶୋଧନ ଓ ପରୀକ୍ଷଣ ଆଦି ଦାୟିତ୍ୱ ସଂପାଦନ କ୍ଷେତ୍ରରେ ସେ ସ୍ମରଣୀୟ । ବିଶ୍ୱବିଦ୍ୟାଳୟର ସଂସ୍କୃତ, ହିନ୍ଦୀ ବିଷୟରେ ଭିଜିଟିଂ ପ୍ରଫେସର ହୋଇ ବାହାରେ ଶିକ୍ଷା ବିସ୍ତାର କରିବା ଅନ୍ୟତମ କୃତିତ୍ୱ । ଏହି ଦୃଷ୍ଟିରୁ ଡକ୍ଟର ଶାସ୍ତ୍ରୀ ଓଡ଼ିଶା ବାହାରେ ବିହାର, ଝାଡ଼ଖଣ୍ଡ, ବାଙ୍ଗଲାଦେଶ ଓ କଲିକତାରେ ସୁପରିଚିତ ଅଧାପକ ଓ ଭିଜିଟିଂ ପ୍ରଫେସର୍ ଥିଲେ । ସାରସ୍ୱତ କୃତି ଓ କୃତିତ୍ୱ ଦୃଷ୍ଟିରୁ ତାଙ୍କ ରଚନାକୁ ଦୁଇଟି ପର୍ଯ୍ୟାୟଭୁକ୍ତ କରାଯାଇପାରେ- ମୌଳିକ ସୃଷ୍ଟି ବା ଗଳ୍ପ ରଚନା ଏବଂ ଗବେଷଣା ଲବ୍ଧ ନିବନ୍ଧ ଓ ପ୍ରବନ୍ଧାବଳୀ । ଏକଦା ପୌରୁଷ ପତ୍ରିକାରେ କଥାକାର ସୁରେନ୍ଦ୍ର ମହାନ୍ତିଙ୍କର ଗଳ୍ପରେ ଯୌନଚର୍ଯ୍ୟାର ବିଫଳତା ଓ ବିକୃତି ପ୍ରକାଶ ପାଇବାବେଳେ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ଶତାଧିକ ଗଳ୍ପରେ ସୁରେନ୍ଦ୍ର ଗଳ୍ପର ବିରୋଧାଭାସ ତଥା ସାଫଲ୍ୟ ପ୍ରତିଫଳିତ ହେଉଥାଏ । ଶ୍ରୀକୃଷ୍ଣ ଚରିତ, ଗାନ୍ଧିଙ୍କ ଜୀବନଚର୍ଯ୍ୟା ଓ ସୌଭରୀ ଆଦି ମଧ୍ୟରେ ରହିଛି ଯୌନ ବୃତ୍ତିର ସାର୍ଥକ ଅଭିବ୍ୟକ୍ତି ଓ ଉତ୍କର୍ଷ ।

ମୁଁ ମଧ୍ୟ ଚାକିରି କ୍ଷେତ୍ରରେ ନିବିଷ୍ଟ ରହି ଦିନ ଗଡ଼ିଗଲା । ଡାଇଅଟ-କଟକ-ଡୋଲିପୁରରୁ ଟିଚର ଏଡୁକେଟର ପୋଷ୍ଟରୁ ଶିକ୍ଷାସେବା ସରିଗଲା । କିନ୍ତୁ ମୋ କଲମ ଚାଳନା ବନ୍ଦ କରି ନଥାଏ । ପ୍ରଧାନଶିକ୍ଷକ ହେବାରୁ ଭାରାକ୍ରାନ୍ତ ହୋଇ ଧିମେଇ ଗଲା ଲେଖନୀ । ମଝିରେମଝିରେ ଖଣ୍ଡେ ଅଧେ ବହି ବାହାରିଛି । ମାତ୍ର ଡଃ ଶାସ୍ତ୍ରୀଙ୍କ ମନକୁ

Digitized by srujanika@gmail.com

ଛୁଇଁବା ଭଳି ବହି କାହିଁ ? ସେ ଆଧୁନିକ-ପ୍ରଗତିଶୀଳ କବିତାରେ ସନ୍ତୁଷ୍ଟ ନୁହଁନ୍ତି । ଏକଥା ମୋତେ ଜଣା । ଯାହାହେଉ ସଂସ୍କୃତିଭିତ୍ତିକ ଉଣେଇଶଟି ପ୍ରବନ୍ଧ ଓ ଆଲୋଚନାକୁ ଗ୍ରଥିତ କରି କେନ୍ଦ୍ରାପଡ଼ା ସାହିତ୍ୟ ପରିଷଦକୁ ଦେଲି । ଆତ୍ମପ୍ରକାଶ କଲା 'ଆମ ସଂସ୍କୃତି ଓ ଆମ ସ୍ୱୀକୃତ' ଏବଂ ୨୦୦୮ ମସିହା ମକର ସଂକ୍ରାନ୍ତି ଦିନ ପରିଷଦର ସମାବର୍ତ୍ତନ ଉତ୍ସବରେ ଏହି ପୁସ୍ତକ ଉନ୍ମୋଚିତ ହୋଇଥିଲା ଡକ୍ଟର କବି ସୀତାକାନ୍ତ ମହାପାତ୍ରଙ୍କର କରକମଳରେ । ଉକ୍ତ ପୁସ୍ତକଟିକୁ ଭକ୍ତିଅର୍ଘ୍ୟ ଭାବେ ଉତ୍ସର୍ଗ କରାଯାଇଛି ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କୁ । ହେଲେ ତାଙ୍କର ଶ୍ରୀହସ୍ତରେ ଅର୍ପଣ କରିବାର ସୁବିଧା ସୁଯୋଗ ମୋ ପାଇଁ ଆସିନି । ପୁନର୍ନବା ସାହିତ୍ୟାନୁଷ୍ଠାନ (ଚାନ୍ଦୋଳ)ର ପର୍ବରେ ଏହି ବହିଟି ଡକ୍ଟର ଶାସ୍ତ୍ରୀଙ୍କୁ ଅର୍ପଣ କରି ମୋ ମନର ଶୂନ୍ୟତାକୁ ପୂର୍ଣ୍ଣ କଲି । ଆତ୍ମପ୍ରସାଦ ଅନୁଭୂତ ହେଲା । ବହିଟି ଓଲଟପାଲଟ କରି ଆକଳନ ପୂର୍ବକ ସାଧୁବାଦ ଓ ଆଶୀର୍ବାଦ ଦେଇଥିଲେ ।

କେତେ ମାସ ପରେ ଖଣ୍ଡିଏ ଚିଠି ମିଳିଲା । ଲଫାପାର ଉପରେ ଲିଖିତ ଠିକଣାରୁ ଜାଣିଗଲି ଡକ୍‌ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ସାର୍ କିଛି ମନ୍ତବ୍ୟ ଦେଇଥିବେ । ଅନୁମାନ ସତ୍ୟ, ତାହା ଏଠାରେ ଲିପିବଦ୍ଧ କରିବାକୁ ଶ୍ରେୟ ମନେକରେ । ଯେଉଁ ସ୍ମୃତି-ପଖାଳି ନିବନ୍ଧ ଆରମ୍ଭ କରିଥିଲି- ତାହାର ତାତ୍ପର୍ଯ୍ୟ ଏଠାରେ ସହଜେ ବୁଝାପଡ଼ିପାରେ ।

୧୦୪୭, ମହାନଦୀ ବିହାର
କଟକ-୪

ପରମ ପ୍ରୀତ୍ୟାସ୍ପଦେଷୁ,

ମୋର ଅନ୍ତର ପ୍ରୀତି ଓ ଶୁଭକାମନା ସହ ପୂର୍ବର ଗୋଟିଏ ଦିନର ସ୍ମୃତି ଭୁଲିବାର ନୁହେଁ ।

ସେଦିନ ସନ୍ଦର୍ଭ ଲେଖାରେ କିଛି ବର୍ଣ୍ଣାଶୁଦ୍ଧି ଦେଖି କଟୁବାକ୍ୟ ପ୍ରୟୋଗ କରିଥିଲି । ଆପଣଙ୍କ ମୁଖମଣ୍ଡଳରେ ଅତ୍ୟନ୍ତ ପୀଡ଼ା କାତରତା ଓ ଚକ୍ଷୁ ଯୁଗଳରୁ ଦୁଇବିନ୍ଦୁ ଅଶ୍ରୁ ଝରି ଆସୁଥିବା ଲକ୍ଷ୍ୟ କରି ମୁଁ ନିଜେ ମଧ୍ୟ ବହୁତ ବ୍ୟଥିତ ବେଦନା ଅନୁଭବ କରିଥିଲି । କିନ୍ତୁ ସେଇ ଦୁଇ ଅଶ୍ରୁବିନ୍ଦୁ ଯେ ଆପଣଙ୍କ ସୃଷ୍ଟିରେ ଅମୂଲ୍ୟ ମୁକ୍ତାରେ ପରିଣତ ହୋଇସାରିଛି- ଏହା ପ୍ରଦତ୍ତ ପୁସ୍ତକର ପ୍ରତି ପରିଚ୍ଛେଦରେ ପ୍ରତି କାବ୍ୟରେ ଦେଖି ମୁଁ ନିଜେ ଯେଉଁ

Digitized by srujanika@gmail.com

ଉଲ୍ଲାସ ଅନୁଭବ କଲି, ସେଇ ଦିବ୍ୟ ତୃପ୍ତିର ପରିପ୍ରକାଶ ଆପଣଙ୍କ ନିକଟରେ ଏ ପର୍ଯ୍ୟନ୍ତ ସାକ୍ଷାତରେ ବ୍ୟକ୍ତ କରିବାର ସୁଯୋଗ ଆସିଲା ନାହିଁ ।

କାର ବ୍ୟତୀତ ଯିବାର କ୍ଷମତା ନାହିଁ । ତଥାପି ଏଇ ଆଗାମୀ ମାସର ପ୍ରଥମ ସପ୍ତାହରେ କେନ୍ଦ୍ରାପଡ଼ା ଗଲେ ମୋର ଜାମାତା ଅଧ୍ୟାପକ ଶ୍ରୀ ରାଜକିଶୋରଙ୍କର ତିନି ମୁହାଣି ବାସଗୃହରେ ଆପଣଙ୍କ ସାକ୍ଷାତ ପାଇବି, ଆଶା ରଖି ରହିଲି । ଇତି ।

ପ୍ରୀତିଧନ୍ୟ
ଦୋଳଗୋବିନ୍ଦ ଶାସ୍ତ୍ରୀ
୨୯/୯/୦୯

ଏହି ହସ୍ତାଙ୍କିତ ପତ୍ର ଖଣ୍ଡିକ ଯେକୌଣସି ଅନୁଷ୍ଠାନର ପ୍ରଶସ୍ତି ପତ୍ର ଓ ପୁରସ୍କାରଠାରୁ ଢେର ଗୁଣ ଉତ୍କୃଷ୍ଟ ଓ ଆହ୍ଲାଦ ଦାୟକ । ମୁଁ କାହିଁକି, ଯେ କେହି ଲେଖକ ଏପରି ଜଣେ ପ୍ରାଜ୍ଞ ପ୍ରବୀଣ ଓ ପ୍ରତିଷ୍ଠିତ ଗୁରୁଙ୍କଠାରୁ ପତ୍ର ପାଇଲେ ଉତ୍ସାହରେ କୁଦି ପଡ଼ିବେ । ପୁନଶ୍ଚ ଚକ୍ଷୁଯୁଗଳ ଅଶ୍ରୁଳ ହୋଇପଡ଼ିଲା ଅବ୍ୟକ୍ତ ଆନନ୍ଦରେ ।

ଏଠାରେ ଦୁଇଟି ସ୍ମରଣୀୟ ଘଟଣା ଅବତାରଣା କରାଯାଇପାରେ-

ପ୍ରଫେସର ଡକ୍ଟର କାହ୍ନୁଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡ. ଶାସ୍ତ୍ରୀ ନାଥ ଧର୍ମର ବିକାଶ ଓ ଉତ୍ତରଣ ଉପରେ ଗବେଷଣା କରିଥିଲେ । ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ କାହ୍ନୁଚରଣଙ୍କର ପ୍ରଥମ ସ୍କଲାର । କାହ୍ନୁଚରଣ ମିଶ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପ୍ରଫେସର ହୋଇ ଯିବା ମୂଳରେ ଅନ୍ୟତମ ସଫଳତା ଡ. ଶାସ୍ତ୍ରୀଙ୍କ ଗବେଷଣା ବିବେଚିତ ହୋଇଥିଲା । ତେଣୁ ଡ. କାହ୍ନୁଚରଣ ମିଶ୍ର ଶାସ୍ତ୍ରୀଙ୍କୁ ଏ କଥାଟି ପ୍ରସଙ୍ଗକ୍ରମେ କହିବାର ମୁଁ ନିଜେ ଶୁଣିଛି ।

୧୯୮୨ ମସିହାରେ ଡେରାବିଶ କଲେଜର ଅଧ୍ୟକ୍ଷ ଥାନ୍ତି । ରାତ୍ରିରେ ପ୍ରଳୟଙ୍କର ବାତ୍ୟା ସମଗ୍ର କଟକ ଜିଲ୍ଲାକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥାଏ । ମୁଁ ତାଙ୍କ ଘରୁ ଫେରି ଛତା ଛକରେ ପହଞ୍ଚି ସାର୍‌ଙ୍କୁ ଭେଟିଲି । ଗାଡି ଅପେକ୍ଷାରେ ଥାଆନ୍ତି । ଦୈବାତ୍ ଗୋଟିଏ ଗାଡ଼ି ଆସିଲା, ମାତ୍ର ସାର୍ ସେଥିରେ ଗଲେ ନାହିଁ । ସାର୍‌ଙ୍କୁ ଉଠାଇବା ପାଇଁ ବ୍ୟସ୍ତ ହେଲି, ମାତ୍ର ସାର୍ ସେ ଗାଡ଼ିରେ ଗଲେ ନାହିଁ । କାରଣ ଭୁବନେଶ୍ୱର ବନାନ ଭୁଲ

Digitized by srujanika@gmail.com

ଥିଲା । ମୁଁ ଆଶ୍ଚର୍ଯ୍ୟ ହେଲି । କହିଲେ ମୋ ଜାତିର ସ୍ୱାଭିମାନ ମୋର ବ୍ୟକ୍ତିଗତ ସୁବିଧା ପାଇଁ ନଷ୍ଟ କରିଦେବି । ପରେ ଟ୍ରକ୍‌ରେ ଗଲେ । ମୁଁ ଅଶ୍ରୁଳ ନେତ୍ରରେ ଏହି ମହାପୁରୁଷଙ୍କୁ ପଛରେ ଚାହିଁଥାଏ ।

ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସୌଭାଗ୍ୟ ସେ ଦେଖିପାରିଲେ ନାହିଁ । କିନ୍ତୁ ସେ କହିଥିଲେ- "ଉତ୍କଳ ସର୍ବପ୍ରାଚୀନ ଦେଶ ଓ ଓଡ଼ିଆ ସର୍ବପ୍ରାଚୀନ ଭାଷା ।" ତାଙ୍କ ପ୍ରବନ୍ଧରେ ସେ ପ୍ରମାଣିତ କରିଛନ୍ତି ।

■

Digitized by srujanika@gmail.com

ଧ୍ୟେୟ ଓ ଶ୍ରେୟବୋଧର ସାରସ୍ୱତ ସାଧକ ଦୋଳଗୋବିନ୍ଦ : ଏକ ଆକଳନ

ଡକ୍ଟର ସନ୍ତୋଷ ତ୍ରିପାଠୀ

॥ ଏକ ॥

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ-ନାମଟି ସଶ୍ରଦ୍ଧ ଓ ସସମ୍ମାନ ଉଚ୍ଚାରଣ କରିବା ମାତ୍ରକେ ଓଡ଼ିଆ ଭାଷା-ସାହିତ୍ୟ ଶିକ୍ଷା/ଅଧ୍ୟାପନା/ ଆଲୋଚନା କ୍ଷେତ୍ରରେ ଏକ ନୈତିକ ଓ ମୂଲ୍ୟାବୋଧାତ୍ମକ ତରଂଗ ଖେଳିଯାଏ । ନାହିଁ, ନାହିଁ, ନୋହିବ, ନୋହିବ- ସବୁଦିଗରୁ ଏକପ୍ରକାର ନକାରାତ୍ମକ ପ୍ରତିକୂଳ ପରିସ୍ଥିତିକୁ ସ୍ୱକୀୟ ସାଧନା ଓ ଆଶାବାଦୀୟ ଆତ୍ମଶକ୍ତି ବଳରେ ରଚନାତ୍ମକ ଅନୁକୂଳ ପରିସ୍ଥିତିରେ ରୂପାନ୍ତରିତ କରିଦେଇ ଡକ୍ଟର ଶାସ୍ତ୍ରୀ ଆଫଂଳୋଦୟକର୍ମା ବ୍ୟକ୍ତିତ୍ୱର ପରିଚୟ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ଶୈକ୍ଷିକ-ସାହିତ୍ୟିକ ରଂଗଭୂମିରେ ଦେଇପାରିଛନ୍ତି ।

ଡକ୍ଟର ଶାସ୍ତ୍ରୀଙ୍କ ଜୀବନ ବଂଚିବାପଣରେ ଶୈଳୀଟି ଏକ ମୂଲ୍ୟବୋଧାତ୍ମକ ଉଦାହୃତ ଧର୍ମୀ ଢଙ୍ଗର ନମୁନା । ଅଭାବବୋଧ ଓ ଆତ୍ମଉପଲବ୍ଧି ପୂର୍ବକ ନିଜ ସାମର୍ଥ୍ୟରେ ନିଜ ପାଇଁ ଆତ୍ମପରିଚିତିର ସ୍ୱତନ୍ତ୍ର ପର୍ବଟିଏ ସୃଷ୍ଟି କରିବା-ଏହି ପ୍ରକାର ଆସ୍ପର୍ଦ୍ଧାସମ୍ପନ୍ନ ମାନସିକତାରୁ ଦୋଳଗୋବିନ୍ଦଙ୍କ ଜୀବନଯାତ୍ରା ନେତି ନେତିରୁ ଆରମ୍ଭ ହୋଇ ଆସ୍ତିବାଚକ ପରିପୂର୍ଣ୍ଣତା ପ୍ରାପ୍ତ ହୋଇଛି । ୧୯୩୯ ମସିହାରେ ମିସନ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ୧୯୫୦ ମସିହା ପର୍ଯ୍ୟନ୍ତ ପ୍ରାଣପାଚୁର୍ଯ୍ୟର ସନ୍ଧାନ କରିଚାଲିଛି । ଜଗତରେ ବିଷୟାଭିମୁଖୀ ହୋଇ ବଂଚିବା ଓ ବିଷୟୋତ୍ତର ହୋଇ ଆତ୍ମୋପଲବ୍ଧିର ମାର୍ଗରେ ଚାଲିବା ଏ ପ୍ରକାର ଜିଜ୍ଞାସା ଓ ଅନ୍ୱେଷାରୁ ଜୀବନଧର୍ମର ବୃହତ୍ତର ସତ୍ୟ ଭାବରେ ସେ ଜ୍ଞାନ ଆହରଣ ଓ ବିତରଣକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରାପଡ଼ାର ଉପାନ୍ତ ଗାଁର ମାୟାକୁ କାଟି, କଟକ ନଗରେ ତାତ୍‌କାଳିକ ସଭ୍ୟତା ସୂଚକ ନାଗରୀ ଆକର୍ଷଣକୁ ଭୁଲି ଶ୍ରୀମାୟାପୁର, ନଦୀଆ ନବଦ୍ୱୀପର ଆଶ୍ରମ ଜୀବନ ଅତିବାହିତ କରିବାକୁ ଉଚିତ ମନେ କରିଛନ୍ତି ।

Digitized by srujanika@gmail.com

ସେଠାରେ ଭାରତୀୟ ପରମାର୍ଥ କାବ୍ୟ, ବୈଦ୍ଧିକ-ସଂସ୍କୃତ କାବ୍ୟ, ପୁରାଣ, ବେଦ, ବେଦାନ୍ତ, ଉପନିଷଦ, ସଂହିତା, ସାଂଖ୍ୟ, ବ୍ୟାକରଣ, ନ୍ୟାୟଦର୍ଶନ, ବୈଷ୍ଣବ ଦର୍ଶନ, ବୌଦ୍ଧଦର୍ଶନ, ଜୈନଦର୍ଶନ, ଶୈବଦର୍ଶନ, ପ୍ରାଚୀନ ଭାରତୀୟ ସଂସ୍କୃତିର ଇତିହାସ ସମ୍ପର୍କରେ ବିବିଧ ଜ୍ଞାନ ଅଧ୍ୟୟନ ପୂର୍ବକ ଆୟତ୍ତ କରିଛନ୍ତି । ୧୯୫୨ ରୁ ୧୯୬୦ ମସିହା ମଧ୍ୟରେ କପର୍ଦ୍ଦକଶୂନ୍ୟ ବସ୍ତୁମୋହ- ରହିତ ସଂସାରବିରାଗୀ ତରୁଣ ଦୋଳଗୋବିନ୍ଦ ନିଜ ଶ୍ରମ ଓ ସାଧନାରେ ସଂସ୍କୃତ ସମ୍ମାନ ବିଷୟ (ଅନର୍ସ)ରେ ବି.ଏ, ଏମ୍.ଏ. (ସଂସ୍କୃତ) ପାସ୍ କରିବା ପରେ କୋଲକାତା ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତାରେ ଏମ୍.ଏ. ପାସ୍ କଲେ । ଟୋଲରେ ପ୍ରାଥମିକ ସଂସ୍କୃତ ଶିକ୍ଷକତାରୁ ପାଠଦାନ ଦାୟିତ୍ୱ ଆରମ୍ଭ କରି ସେ କଲିକତା କଲେଜରେ ବଂଗଳା ଓ ସଂସ୍କୃତରେ ଅଧ୍ୟାପକ ହୋଇପାରିଥିଲେ । ଦୁର୍ଭାଗ୍ୟର ବିଷଦାନ୍ତକୁ ଭାଂଗି ଅଭାବର ମଥାକୁ ଅବନତ କରାଇ ସିଦ୍ଧି ଓ ସୌଭାଗ୍ୟର ଶିଢ଼ି ଉଚ୍ଚମନା, ଶୃଙ୍ଖଳିତମନା ଓ ଶ୍ରମଶୀଳ ବ୍ୟକ୍ତି ଆରୋହଣ କରିପାରିଥାଏ- ଏହା ଦୋଳଗୋବିନ୍ଦ ଜୀବନରେ ପ୍ରମାଣିତ କରିପାରିଛନ୍ତି- ଯେତେବେଳେ ସେ ରେଭେନ୍ସା କଲେଜର (ସାନ୍ଧ୍ୟ) ଅଧକ୍ଷ ଓ ଭାରତୀୟ ଜ୍ଞାନପୀଠ ପୁରସ୍କାର ସମିତିର ସଭ୍ୟ ଆସନରେ ବସିପାରିଛନ୍ତି । ୧୯୬୧ ମସିହାରୁ ୧୯୮୦ ମସିହା ମଧ୍ୟରେ ଜଣେ ଆଦର୍ଶ, ନୀତିବାନ୍, ମୂଲ୍ୟବୋଧ ସର୍ଜନଶୀଳ ଶିକ୍ଷାବିତ୍ ଭାବରେ ଭାଷା-ସାହିତ୍ୟ ଅଧ୍ୟୟନ ପରମ୍ପରାରେ ତାଂକର ଦୃଶ୍ୟମାନ ଅବଦାନ ସ୍ୱତନ୍ତ୍ର ସ୍ୱାଦ ଓ ସ୍ୱୃତି ବିଦ୍ୟାର୍ଥୀ-ଶିକ୍ଷକ-ଶିକ୍ଷାନୁରାଗୀ-ଭାଷା ସାହିତ୍ୟପ୍ରାଣ ବୁଦ୍ଧିଜୀବୀଙ୍କ ନିକଟରେ ଶତମୁଖରେ ସମର୍ଥିତ ଓ ପ୍ରଶଂସିତ ହୋଇଛି ।

॥ ଦୁଇ ॥

ଶିକ୍ଷକ ସାରସ୍ୱତ ସାଧକର ଭୂମିକାରେ ଅବତୀର୍ଣ୍ଣ ହେଲେ ସାହିତ୍ୟର ମଂଚଭୂମିଟି ବହୁଚିତ୍ରଧର୍ମୀ ଭାବ ଉଜ୍ଜୀବିତ-ତତ୍ତ୍ୱପ୍ରବୋଧନ ଦୃଶ୍ୟସଜ୍ଜାରେ, ଅଦୃଷ୍ଟ ପୂର୍ବ ଅଭିନୟାତ୍ମକ ଯାଦୁରେ ସରସ ଓ ଇଂଗିତମୟ ହୋଇଉଠିବ । ଦୋଳଗୋବିନ୍ଦଙ୍କ ଅନୁବାଦକଳା, ରାଜନୀତିକ ବ୍ୟଞ୍ଜନକଳା, ଭାରତୀୟ ମୂଲ୍ୟବୋଧାନୁସାରୀ ଗଳ୍ପକଳା ଏବଂ ସାହିତ୍ୟ ସମାଲୋଚନାର ଆକଳନଭଂଗୀ ଶିକ୍ଷକ-ସାଧକ ଲେଖନୀ ସ୍ପର୍ଶରେ ସ୍ୱାତନ୍ତ୍ର୍ୟମଣ୍ଡିତ ହୋଇଉଠିଛି । ସେ ଯେଉଁ ସମୟ ଖଣ୍ଡରେ ଶିକ୍ଷକତା ଓ ସାହିତ୍ୟ ସାଧନା ଓଡ଼ିଶାରେ (କେନ୍ଦ୍ରାପଡ଼ା-କଟକ-ଭୁବନେଶ୍ୱର-ପୁରୀ ବଳୟ ଭିତରେ ପ୍ରାୟତଃ) କରୁଥିଲେ ସେତେବେଳେ ତାଂକ ପ୍ରେରଣାର କାରଣ ରୂପେ ପଛଭୂମିରେ ଥିଲେ- ବାଳକୃଷ୍ଣ କର, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସୁନନ୍ଦ କର, ହରେକୃଷ୍ଣ ମହତାବ, ବନମାଳୀ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, କାଳିନ୍ଦୀଚରଣ, ମାୟାଧର,

Digitized by srujanika@gmail.com

ରାଧାମୋହନ, କୁଞ୍ଜବିହାରୀ, ଗୋଲକବିହାରୀ, ଜାନକୀବଲ୍ଲଭ, ଜୟକୃଷ୍ଣ, ନୀଳମଣି, ପଠାଣି, ଗଂଗାଧର, ତାରିଣୀଚରଣ, ନାରାୟଣମୋହନ, ଶ୍ରୀଧର, ନନ୍ଦିନୀ ଦେବୀ, ସତ୍ୟନାରାୟଣ, ବିଚିତ୍ରାନନ୍ଦ, ଜାନକୀବଲ୍ଲଭ (ଭରଦ୍ୱାଜ), ବଂଶୀଧର ମହାନ୍ତି, କାହ୍ନୁଚରଣ ମିଶ୍ର, ଗୋପାଳଚନ୍ଦ୍ର ପ୍ରମୁଖ ସତୀର୍ଥ, ସମଧର୍ମୀ, ସମବ୍ୟଥୀ ଓ ଉଦାର-ପ୍ରୋତ୍ସାହନକାରୀ ଶିକ୍ଷକ ଓ ସାହିତ୍ୟିକମାନେ । ସାହିତ୍ୟ ସାଧନା ପାଇଁ କାହା ଠାରୁ ଅନୁଗୃହୀତ ହେବା, ସମ୍ମାନ ଆଶା କରିବା, ପ୍ରଚାରିତ ହେବା- ଏ ପ୍ରକାର ହେତୁଗତ ସ୍ୱାର୍ଥସର୍ବସ୍ୱ ପୁରୁଷକାରଙ୍କୁ ଶାସ୍ତ୍ରୀ ପସନ୍ଦ କରି ନାହାନ୍ତି । ବରଂ ନିଜ ସ୍ୱାଧୀନ ମନନେଇ ନିଜର ବାଗରେ ନିଜର ସର୍ବୋତ୍କୃଷ୍ଟ ସମୟକୁ ନିଜ ସାମର୍ଥ୍ୟ ଓ ସୁବିଧା କ୍ରମେ ଶତଭାଗ ସାହିତ୍ୟ ନିର୍ମାଣରେ ଓ ଆୟୋଜନରେ ବିନିଯୋଗ କରିଛନ୍ତି । ସାହିତ୍ୟ ସମ୍ପର୍କରେ ସ୍ମୃତିଚାରଣ କରି ଏହି ମର୍ମରେ ଡକ୍ଟର ଶାସ୍ତ୍ରୀ ଅନ୍ତରଂଗ ଆଳାପ ଭିତରେ କୁହନ୍ତି- "ସହକାର ପତ୍ରିକା ବାଳକୃଷ୍ଣଙ୍କ ତତ୍ତ୍ୱାବଧାନରେ ତରୁଣ ପିଢ଼ିର ନୂତନ ସ୍ୱରମାନଂକୁ ବଧ ଉତ୍ତେଜିତ କରି ରଖିଥିଲା । ୧୯୩୪-୩୫ ସମୟକୁ ଅନ୍ୟ ପତ୍ରିକାଗୁଡ଼ିକ ପ୍ରତିଷ୍ଠିତଙ୍କୁ ଖୋଜିଲୋଡ଼ି ଚାଲିଥିବା ବେଳେ ତରୁଣମାନେ ବାଳକୃଷ୍ଣଙ୍କ ଭରସା ଓ ପ୍ରୋତ୍ସାହନରେ ନୂଆ ଦେଖାଇବାର ଉନ୍ମାଦନାରେ ମାତି ଉଠିଥିଲେ । ସେ ଉନ୍ମାଦନା ମୋ ଭିତରେ ବି କିଛି ପରିମାଣରେ ଖେଳି ଉଠିଥିଲା । ସେହି ସମୟରେ ତରୁଣମାନେ ତ ପରବର୍ତ୍ତୀ କାଳରେ ସୁରେନ୍ଦ୍ର, ମାୟାଧର, ସଚ୍ଚିଦାନନ୍ଦ, ମନମୋହନ, ଅନନ୍ତ, ନିତ୍ୟାନନ୍ଦ, କୁଞ୍ଜବିହାରୀ, ରାଧାମୋହନ, ବୈକୁଣ୍ଠ, କାଳିନ୍ଦୀଚରଣ ଓ ଗୋଦାବରୀଶ ପ୍ରମୁଖ । ଏମାନେ ଆଗେଇଗଲେ, ମୁଁ ପଛରେ ଧାଇଁଲି । ପରେ ବିଚିତ୍ରାନନ୍ଦ କରଙ୍କ ଆଦର ସାହିତ୍ୟାନୁରାଗର ଶିଶୁ ବୃକ୍ଷଟିକୁ ବଢ଼େଇବାକୁ କମ୍ ସହଯୋଗ ମୋ କ୍ଷେତ୍ରରେ କରି ନାହିଁ । ହରେକୃଷ୍ଣ ମହତାବ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରେରଣା ମଧ୍ୟ ସ୍ମରଣୀୟ ।" ପୁନଶ୍ଚ ଆଲୋଚନା କ୍ଷେତ୍ରରେ ଶ୍ରୀଯୁକ୍ତ ଶାସ୍ତ୍ରୀ କାହ୍ନୁଚରଣ, କୁଞ୍ଜବିହାରୀ ଓ ବଂଶୀଧରଙ୍କ ପ୍ରେରଣାକୁ ମଧ୍ୟ ସ୍ମରଣ କରନ୍ତି । ଗାଳ୍ପିକ ଭାବରେ ଜୀବନରେ ପ୍ରଣୟ ଓ ଆବେଗର ଉନ୍ମାଦନା ତଥା ଆବଶ୍ୟକତାକୁ ଯାହା ସତୀର୍ଥ ସୁରେନ୍ଦ୍ରବାବୁ ତାଂକ ... ୀବିଯୁଗୀୟ ଗଳ୍ପରେ ଦର୍ଶାଇଥିଲେ ତାହାର ପ୍ରତିକ୍ରିୟାରେ ଶ୍ରୀଯୁକ୍ତ ଶାସ୍ତ୍ରୀ ସାଂସାରିକ ପ୍ରେମବୋଧ ମଧ୍ୟରେ ପାରମାର୍ଥିକ ଇନ୍ଦ୍ରିୟୋତ୍ତର ଆକର୍ଷଣ ଓ ପ୍ରାଚୁର୍ଯ୍ୟକୁ ଅବିକଳ ସୁରେନ୍ଦ୍ରଙ୍କ ପରି ନିରାଡମ୍ବର ଭାଷା ମାଧ୍ୟମରେ ପ୍ରକାଶ କରି ଚମକ ଖେଳାଇ ଦେଇଥିଲେ । ଏ କ୍ଷେତ୍ରରେ ପୌରୁଷ, ନବରବି ଇତ୍ୟାଦି ପତ୍ରିକାରେ ପ୍ରକାଶିତ ମୋ ପ୍ରାଣନାଥ ଅଛି ପାଶେ, ବିଲ୍ୱମଂଗଳ, ରୁଚି ଓ ବିପୁଳ ଉର୍ମିଳାର ପ୍ରତୀକ୍ଷା ଶର୍ମିଷ୍ଠା ଆଦି ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ପ୍ରାୟତଃ ସହକାର, ନବରବି, ପୌରୁଷ ଆଦି ପତ୍ରିକାରେ ପ୍ରକାଶିତ ୩୦ରୁ ଉର୍ଦ୍ଧ୍ୱ ଗଳ୍ପରେ ଶାସ୍ତ୍ରୀଙ୍କ ଗଳ୍ପମାନସ ଆଳଙ୍କାରିକ ଧ୍ୱନ୍ୟାତ୍ମକ ପ୍ରଣୟ ଚେତନାମୂଳକ ଏବଂ ଐତିହ୍ୟବାଦୀ ଉଦ୍‌ବୋଧନୀ ପ୍ରବଣତା ଭିତ୍ତିକ ବିଷୟବିନ୍ୟାସ ଓ ଭାବସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିଛନ୍ତି ଯାହା ସଂଗ୍ରହ କରି ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖୁଛି । ଏଠାରେ ଗୋଟିଏ ଦୃଷ୍ଟାନ୍ତ ମାତ୍ର ଉଦ୍ଧାରଯୋଗ୍ୟ- "ନଶ୍ୱର ଦେଶର ଫୁଲକୁ ନ ଚାହିଁ ଆକାଶ ବିପୁଳ କୁସୁମାୟିତ ନୀଳିମାକୁ ଥିରେ ଦୃକ୍‌ପାତ କର ଆର୍ଯ୍ୟ ! ନୟନର ସୀମା ଭିତରେ ପରମପାବନୀ ପ୍ରଣୟର ତରଂଗ ଜୁଆର ଉଠିବ ।" ଏସବୁ ଉଚ୍ଚାରଣ ଭିତରେ ସନ୍ନ୍ୟାସୀର ଦୃଷ୍ଟିଭଂଗୀ ଓ ନୀତିନିଷ୍ଠ କଳାବିଶ୍ୱସ୍ତ ମାନସିକତା ସ୍ପଷ୍ଟ ଉପଲବ୍ଧ ହୁଏ ।

॥ ତିନି ॥

ଅଗ୍ନିଶର୍ମା ଛଦ୍ମନାମରେ ସମକାଳୀନ ସମାଜର ଅପସଂସ୍କୃତି , ରାଜନୀତିକ ଶୋଷଣ, କ୍ଷମତାର ଛଳନା, ଗାନ୍ଧୀବାଦ ନାମରେ ଭ୍ରଷ୍ଟାଚାର ପ୍ରିୟାପ୍ରୀତି ତୋଷଣକୁ ନେଇ ଯେଉଁ ବ୍ୟଙ୍ଗ ଓ ବିଦ୍ରୁପମୂଳକ ଚଳନ୍ତିକାର ପ୍ରବନ୍ଧ(ଫିଚର) ଶାସ୍ତ୍ରୀ ମହାଶୟ ଲେଖିଛନ୍ତି, ତାହା ଭିତରେ ରଚନାତ୍ମକ ଓ ନୈତିକ ମୂଲ୍ୟବୋଧ ପ୍ରତି ଅଂଗୀକାର ବଦ୍ଧତାର ସ୍ୱର ତୀବ୍ର ଓ ନୈତିକ କଟାକ୍ଷସୂଚକ ହୋଇଉଠିଛି । ଅନୁରୂପ ଭାବରେ ଦର୍ଶନ ଓ ଜୀବନର ଅନୁକୂଳତା ପ୍ରତି ପ୍ରୋତ୍ସାହନ ମୂଳକ ପ୍ରବନ୍ଧଗୁଡ଼ିକରେ (ପ୍ରାୟତଃ ୫୦୦ରୁ ଅଧିକ ପ୍ରବନ୍ଧ ପ୍ରକାଶିତ) ଡକ୍ଟର ଶାସ୍ତ୍ରୀ ଭାରତୀୟ ଦର୍ଶନର ଆଶାବାଦୀ ଓ ଉର୍ଦ୍ଧ୍ୱାୟିତ ଚେତନାର ଉତ୍ତରଣ ଆଭିମୁଖ୍ୟକୁ ବିଶ୍ଳେଷଣ କରିଛନ୍ତି । ଶକ୍ତିବାଦ, ବୈଦିକ ସୌନ୍ଦର୍ଯ୍ୟ, ବ୍ରାତ୍ୟସଂସ୍କୃତି, ନାଥ ସମ୍ପ୍ରଦାୟର ଐତିହ୍ୟ, ଯୋଗତତ୍ତ୍ୱର ଜୀବନାନୁରକ୍ତ ପ୍ରୟୋଗିକତା, ଦର୍ଶନର ତାତ୍ତ୍ୱିକ ଦିଗଗୁଡ଼ିକୁ ଜୀବନ ଆଚରଣରେ ରୂପାନ୍ତରିତ କରିବାର ମାର୍ଗ ନିରୂପଣ; ବୈଷ୍ଣବ ସଂସ୍କୃତି, ଜଗନ୍ନାଥ ଚେତନା, ଭାଗବତୀୟ ସଂସ୍କୃତି, ପୁରାଣ ସଂସ୍କୃତି ଓ ତା'ର ଆବେଦନ, ଜୀବନ ଓ ଜଗତର ସତ୍ୟ-ଶିବ-ସୁନ୍ଦରମୟ ଉତ୍ଥାନ ନିମନ୍ତେ ତାଂକ ପ୍ରବନ୍ଧରୁ ପ୍ରବୋଧନାଗୁଣର ନିର୍ଯାସ ୧୯୫୮ରୁ ୧୯୯୦ ମସିହା ପର୍ଯ୍ୟନ୍ତ ପାଠକମାନେ ପାଇ ଆସିଛନ୍ତି । ଏ କ୍ଷେତ୍ରରେ ପତଞ୍ଜଳିଙ୍କ ଯୋଗମାର୍ଗର ପ୍ରୟୋଗିକତା, ବ୍ରାତ୍ୟ ସଂସ୍କୃତିର ବିକାଶ ଓ ବୈଶିଷ୍ଟ୍ୟ, ଦର୍ଶନ ଏକ ମାନସିକ କସରତ, ପାରମାର୍ଥିକ ଜୀବନର ଲକ୍ଷ୍ୟ, କାଳୀଶକ୍ତିର ଅନ୍ୟରୂପ, କାଳାତୀତର କାଳ ନିର୍ଣ୍ଣୟ, ବୈଷ୍ଣବ ସାହିତ୍ୟର ନାୟକ-ନାୟିକା, ତନ୍ତ୍ର ଓ ଜୀବନ, ସଂହିତାର ପ୍ରୟୋଜନ, ଶ୍ରୀମଦ୍ ଭାଗବତ୍, ଆଦି ଶଙ୍କରଚାର୍ଯ୍ୟ, ଶାରଦୀୟ ଦୁର୍ଗାପୂଜାର ଐତିହ୍ୟ, ମତ-ପଥ ଓ ପ୍ରାପ୍ତିର ସମୀକ୍ଷା, ହରିନାମ ସତ୍ୟ ହେ, ଜଗନ୍ନାଥ ଓ କୃଷ୍ଣ, ନାଥ ସାହିତ୍ୟର ଦାର୍ଶନିକ ଦିଗ, ଅରୂପ-ପ୍ରତୀକ-ପ୍ରମୂର୍ତ୍ତ, ନିଗ୍ରୋ ଔପନ୍ୟାସିକାର

Digitized by srujanika@gmail.com

ଜୀବନବୋଧ, ଗୋରଖନାଥଙ୍କ ଆଦିଶିଷ୍ୟ ସତ୍ୟନାଥ ଓ ତତ୍ତ୍ୱାତୀତର ତତ୍ତ୍ୱନିର୍ଣ୍ଣୟ, କେତୋଟି ପ୍ରବନ୍ଧ ଉଲ୍ଲେଖଯୋଗ୍ୟ, ତାହାର ଆବେଦନ ରଷିକ-ଉଚ୍ଚାରଣ ସ୍ୱାଦ ଓ ମୂର୍ଚ୍ଛନା ଦେଇଥାଏ ।

॥ ଚାରି ॥

ଓଡ଼ିଆ ସାହିତ୍ୟରେ ଅନୁସୃଜନ ପରମ୍ପରାରେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ଅବଦାନ ଏକ ଭିନ୍ନ ଦୃଷ୍ଟିର ଆଦି ସଂକେତ । "ସାଂସ୍କୃତିକ ଭାବ ବିନିମୟ ଓ ଅନ୍ୟ ସାହିତ୍ୟର ବୈଚିତ୍ର୍ୟ ରଚନା ସମ୍ଭବ ହୋଇଥାଏ" ବୋଲି- ସିଦ୍ଧାନ୍ତ ଉପରେ ଆସ୍ଥାବାନ୍ ଡକ୍ଟର ଶାସ୍ତ୍ରୀଙ୍କ ଭିନ୍ନ ଦୃଷ୍ଟିଟି ହେଉଛି ସେ ସଂସ୍କୃତ, ଇଂରାଜୀ, ପ୍ରାକୃତ ଓ ହିନ୍ଦୀ ଭାଷା-ସାହିତ୍ୟର ଓଡ଼ିଆ ଅନୁବାଦ କରିଥିଲେ ମଧ୍ୟ ବିଶେଷ ଭାବରେ ଓଡ଼ିଆ ଓ ଇଂରାଜୀ ଭାଷାର ଉପାଦେୟ ଓ ଦୁଷ୍ପ୍ରାପ୍ୟ ପ୍ରାଚୀନ କୃତିମାନଂକୁ ଅନ୍ୟ ଭାଷାରେ (ବଂଗଳା, ସଂସ୍କୃତରେ) ଅନୁବାଦ କରିଛନ୍ତି । ତାଂକର ପ୍ରଥମ ଅନୁବାଦ ଗ୍ରନ୍ଥ 'ବୌଦ୍ଧଜାତକ' । ଏହି ମର୍ମରେ ଓଡ଼ିଆ ପାଠକ ଓ ବିଦ୍ୱାନ୍ ଇତିହାସପ୍ରେମୀଙ୍କୁ ପାଲୀଭାଷାରେ ଲିଖିତ ଥିବା ବୌଦ୍ଧଦର୍ଶନ ଓ ବୁଦ୍ଧଜୀବନ ସମ୍ପର୍କିତ ରହସ୍ୟମୟ କାହାଣୀକୁ ନିଜ ଭାଷାରେ ନିଜ ଅନୁଭବ ଓ ଗ୍ରାହ୍ୟଶକ୍ତି ଅନୁକୂଳ କରି ଯୋଗାଇଦେଲା । 'ସିଦ୍ଧ-ସିଦ୍ଧାନ୍ତ-ପଦ୍ଧତି'ର ଇଂରାଜୀ, ଓଡ଼ିଆ ଓ ବଂଗଳା ଭାଷାରେ ଅନୁବାଦ ଓ 'ଗୋରକ୍ଷ ସଂହିତା'ର ଅନୁବାଦ ଓଡ଼ିଶାର ନାଥଧର୍ମର ଐତିହ୍ୟ ଓ ନାଥ ସାହିତ୍ୟର ଅନ୍ତଃସୌନ୍ଦର୍ଯ୍ୟକୁ ଓଡ଼ିଶାର ନାଥ ସମ୍ପ୍ରଦାୟୀ ଓ ନାଥପ୍ରେମୀ ବୁଦ୍ଧିଜୀବୀ ତଥା ସାଧାରଣବର୍ଗଙ୍କୁ ପ୍ରମୋଦିତ କରିପାରିଛି ।

॥ ପାଞ୍ଚ ॥

ଶିକ୍ଷାକ୍ଷେତ୍ରରେ ଭାଷା ଓ ସାହିତ୍ୟ ସମ୍ପର୍କିତ ଶୁଦ୍ଧପାଠର ସମ୍ପାଦନା, ସଂକଳନ, ବ୍ୟାକରଣ ଶିକ୍ଷାର ପ୍ରସାର, ଭାଷାକୋଷ ଓ ଶବ୍ଦକୋଷର ପ୍ରସ୍ତୁତି ନିମନ୍ତେ ତାଂକର ଅବଦାନ ସ୍ମରଣଯୋଗ୍ୟ । ଉଚ୍ଚମାଧ୍ୟମିକ ବିଦ୍ୟାର୍ଥୀଙ୍କ ନିମନ୍ତେ ଓଡ଼ିଆ ବ୍ୟାକରଣ ସମ୍ପାଦନା କରି ବ୍ୟାକରଣ ପାଠର ସହଜୀକରଣ ସୂତ୍ରଟିକୁ ସଂସ୍କୃତ ଅପେକ୍ଷା ଓଡ଼ିଆଭିମୁଖୀ କରି ଗଢ଼ିତୋଳିବାରେ ତାଂକର ବିଚାରବିମର୍ଶ ସ୍ୱତନ୍ତ୍ର ଓ ମୌଳିକ । ସାମ୍ବାଦିକ ଶିକ୍ଷାର ମାନକ ପୁସ୍ତକ ଓଡ଼ିଶାରେ ଆଦୌ ନ ଥିବାବେଳେ ଶାସ୍ତ୍ରୀମହୋଦୟ 'ସାମ୍ବାଦିକତା ପ୍ରବେଶିକା' ପୁସ୍ତକ ରଚନା କରି ସମ୍ବାଦ-ସାହିତ୍ୟ-କଳାର ତାତ୍ତ୍ୱିକ ଓ ପ୍ରୟୋଗିକ ଦିଗପ୍ରତି ଓଡ଼ିଆ ଜିଜ୍ଞାସୁମାନଂକୁ ସଚେତନ କରିପାରିଛନ୍ତି । ଶିକ୍ଷା-ବ୍ୟବସ୍ଥାର ବିବିଧ ଆନୁଷ୍ଠାନିକ ପରିଚଳନା ଧାରାରେ ସକ୍ରିୟ ସଭ୍ୟ ଭାବରେ ରହି ବିଦ୍ୟାର୍ଥୀ-ବୋଧଜ୍ଞାନ ଅନୁକୂଳ

Digitized by srujanika@gmail.com

ପାଠ୍ୟପୁସ୍ତକ, ପରୀକ୍ଷାପଦ୍ଧତି, ପ୍ରଶ୍ନ-ଉତ୍ତରସମୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥାକୁ ତାଂକର ମାର୍ଗନିର୍ଦ୍ଦେଶ ଏଯାବତ୍ ପରୋକ୍ଷରେ ପ୍ରଭାବିତ କରିଚାଲିଛି ।

॥ ଛଅ ॥

ଏହି ପର୍ଯ୍ୟାୟରେ ଓଡ଼ିଆ ଭାଷା-ସାହିତ୍ୟ ଇତିହାସର ସମାଲୋଚନା ଧାରାରେ ଡକ୍ଟର ଦୋଳାଗୋବିନ୍ଦ ଶାସ୍ତ୍ରୀଙ୍କର ବିଶେଷତ୍ୱକୁ ଆକଳନ କରିବା ପୂର୍ବରୁ ତାଂକ ଆଲୋଚନାତ୍ମକ ସିଦ୍ଧି ଓ ପଦ୍ଧତି ସମ୍ପର୍କରେ ଅଭିମତ ଦେଇଥିବା ତିନିଜଣ ବିଶିଷ୍ଟ ବିଦ୍ୱାନ୍‌ଙ୍କ ଅଭିମତ ଏଠାରେ ଉଦ୍ଧାରଯୋଗ୍ୟ-

(କ) "ନାଥଧର୍ମ ଓ ଦର୍ଶନ, ନାଥଧର୍ମର କ୍ରମବିକାଶ, ସାହିତ୍ୟ ଓ ଦର୍ଶନ, ଖାରବେଳ ଶିଳାଲେଖ- ଏହି ଗ୍ରନ୍ଥଗୁଡ଼ିକୁ ପର୍ଯ୍ୟାଲୋଚନା କଲାବେଳେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଅନୁଶୀଳନାତ୍ମକ ଦୃଷ୍ଟିଭଂଗୀଟି ଇତିହାସ ତଥ୍ୟଧର୍ମିତା ଓ ଦାର୍ଶନିକ ବୌଦ୍ଧିକତାର ବିଚିତ୍ରର ସମନ୍ୱୟ ରକ୍ଷା କରିଥିବାର ଲକ୍ଷ୍ୟ କରାଯାଏ ।"

- ଡକ୍ଟର ଅସିତ କବି

(ଖ) "ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ସାଂସ୍କୃତିକ ଇତିହାସର ଧର୍ମକେନ୍ଦ୍ରିକ ବିକାଶ ସମ୍ପର୍କରେ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ତଥ୍ୟାତ୍ମକ ଓ ତତ୍ତ୍ୱନିଷ୍ଠ ବିଚାର ଅନ୍ୟାନ୍ୟ ଆଲୋଚନାମାନଂକୁ ଅନେକ ପରିମାଣରେ ଆଲୋକିତ କରିପାରିଛି ।"

- ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି

(ଗ) "ସାହିତ୍ୟକୁ ଦାର୍ଶନିକ ଜଟିଳତାରେ ନ ଦେଖି ଜୀବନର କଲ୍ୟାଣକର ପ୍ରୟୋଜନ ଭାବରେ ଶ୍ରୀଯୁକ୍ତ ଶାସ୍ତ୍ରୀ ବିବେଚନା କରିଛନ୍ତି ।"

- ଗୌରୀକୁମାର ବ୍ରହ୍ମା

ପ୍ରୋକ୍ତ ମନ୍ତବ୍ୟରୁ ଏହା ସ୍ପଷ୍ଟ ବୋଧହୁଏ ଯେ ସମକାଳୀନ ବିଦ୍ୱାନ୍‌ମାନେ ଶ୍ରୀଯୁକ୍ତ ଶାସ୍ତ୍ରୀଙ୍କର ସାହିତ୍ୟ ପ୍ରତି ଥିବା ଦୃଷ୍ଟିଭଂଗୀକୁ- ଇତିହାସର ତଥ୍ୟାତ୍ମକ ପରିବେଷଣ, ନୂତନ ସତ୍ୟର ଉଦ୍‌ଭାସନ ଓ ଜୀବନଧର୍ମୀ ଆବଶ୍ୟକତା ଦିଗରୁ ସମର୍ଥନ କରିଛନ୍ତି । 'ସାହିତ୍ୟ ଓ ଦର୍ଶନ' ପୁସ୍ତକରେ ଡକ୍ଟର ଶାସ୍ତ୍ରୀ ସାହିତ୍ୟ ଏକ କଲ୍ୟାଣକର, ହିତସାଧକ ଓ ଜୀବନ, ସମାଜ, ସଂସ୍କୃତିର ବାସ୍ତବ ଚିତ୍ର ବୋଲି ଅନୁଧ୍ୟାନ କରିଛନ୍ତି । ସାହିତ୍ୟ ପୁରୁଷକାର ଫଳ, ପରମାର୍ଥ ଅନ୍ୱେଷା, ଈଶ୍ୱରଂକ ପ୍ରତି ଶ୍ରଦ୍ଧାର୍ପଣ ସହିତ ଆନନ୍ଦ ପ୍ରଦାନ କରୁଥିବା ବିଦ୍ୟା ଭାବରେ ଏହି ଗ୍ରନ୍ଥରେ ପର୍ଯ୍ୟାଲୋଚିତ ହୋଇଛି । ଦର୍ଶନ ଏବଂ ବୌଦ୍ଧିକ ତତ୍ତ୍ୱ ସାଧାରଣଙ୍କ ନିମନ୍ତେ ଜଟିଳ । ଦର୍ଶନର ବୁଦ୍ଧିବାଦୀ ବିଚାର ଓ ସିଦ୍ଧାନ୍ତକୁ ସାହିତ୍ୟ ମାଧ୍ୟମରେ

Digitized by srujanika@gmail.com

ପ୍ରାୟୋଗିକ ସ୍ତରକୁ ଅଣାଯାଇପାରେ- ଏ ପ୍ରକାର ଏକ ଉଚ୍ଚ ବିଚାରବୋଧ ଏହି ଗ୍ରନ୍ଥରେ ବିଶ୍ଳେଷିତ । "ନାଥଧର୍ମ ଓ ଦର୍ଶନ' ଗ୍ରନ୍ଥରେ ଲେଖକ ନାଥଧର୍ମକୁ ଉତ୍କଳୀୟ ସଂସ୍କୃତିର ଓ ବୈଦିକ ତତ୍ତ୍ୱଦର୍ଶନର ଏକ ବିକଶିତ ଓ ଅନୁରୂପ ଧାରା ଭାବରେ ତର୍ଜମା କରିଛନ୍ତି । ଯୋଗ, ପିଣ୍ଡବ୍ରହ୍ମାଣ୍ଡ, ସାଧନା, ତନ୍ତ୍ରବୋଧ, ଶକ୍ତିବୋଧ, ଶୈବସିଦ୍ଧାନ୍ତ, ବ୍ରାତ୍ୟ-ସାଂସ୍କୃତିକ- ବିଚାର ମଧ୍ୟରେ ନାଥଧର୍ମର ବୈଚିତ୍ର୍ୟକୁ ଏକ ସମନ୍ୱୟମାର୍ଗୀ ଦର୍ଶନଧାରା ଭାବରେ ଏଥିରେ ପ୍ରତିପାଦିତ କରାଯାଇଛି । ଚଞ୍ଚକତାଶୂନ୍ୟ, ମିଥ୍ୟା ତଥ୍ୟାଶ୍ରିତ ସାମ୍ବାଦିକତା ଦେଶର, ଜାତିର ପ୍ରଗତିର ଓ ମାନବିକତାର ଶତ୍ରୁ ଭାବରେ ଉପଲକ୍ଷ୍ୟ ଦେଇ ସାମ୍ବାଦିକ କଳାର ବୈଶିଷ୍ଟ୍ୟ ପ୍ରସାର, ପରିସର- ସାମ୍ବାଦିକତା ପ୍ରବେଶିକା ଗ୍ରନ୍ଥରେ ପାଠ୍ୟଦାନ ଛଳରେ ପ୍ରତିପାଦନ କରି ଶ୍ରୀଯୁକ୍ତ ଶାସ୍ତ୍ରୀ ପ୍ରତିବଦ୍ଧତାର ମନୋଭାବ ଓ ଦୃଷ୍ଟିଭଂଗୀର ପରିଚୟ ଦେଇଛନ୍ତି । କେଦାରନାଥ ମହାପାତ୍ର, ନବୀନ ଚନ୍ଦ୍ର ସାହୁ, ହରେକୃଷ୍ଣ ମହତାବ, ସତ୍ୟନାରାୟଣ ରାଜଗୁରୁ, କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ହାତୀଗୁମ୍ଫା ଶିଳାଲେଖ ପରେ ନିଜ ନିଜର ସିଦ୍ଧାନ୍ତ ଦେବା ପରେ ଡକ୍ଟର ଶାସ୍ତ୍ରୀ ହାତୀଗୁମ୍ଫା ଶିଳାଲେଖ ପରେ ନିଜ ନିଜର ସିଦ୍ଧାନ୍ତ ଦେବା ପରେ ଡକ୍ଟର ଶାସ୍ତ୍ରୀ ହାତୀଗୁମ୍ଫା ଶିଳାଲେଖର ବର୍ଣ୍ଣ, ଲିପି, ଧ୍ୱନି, ବ୍ୟାକରଣ, ଶବ୍ଦବସାଣ ପ୍ରକ୍ରିୟାକୁ ବିଶ୍ଳେଷଣ କରି ଶୈଳୀ ବିଜ୍ଞାନୀର - ଦୃଷ୍ଟିଭଂଗୀ ମଧ୍ୟରେ ଏହାର ତଥ୍ୟ ଓ ଐତିହାସିକ ବିଷୟ ପ୍ରଖ୍ୟାପନ ଉପରେ ଆଲୋକପାତ କରି କହିଛନ୍ତି । ଖାରବେଳଙ୍କ ଶାସନକୁ ବ୍ରାତ୍ୟ ସଂସ୍କୃତିର ଶାସନ ଓ ଶିଳାଲିପିର ଭାଷାକୁ ପାଲି ପ୍ରାକୃତ ଓଡ୍ର ବିଭାଷାର ତଥା ଆଧୁନିକ ଓଡ଼ିଆ ଭାଷାର ପ୍ରାକ୍ତନରୂପ ସଂକେତ ଭାବରେ ସେ ଉତ୍‌ଥାପନ କରିଛନ୍ତି ।

ଖାରବେଳ ଶିଳାଲେଖର ଗଦାଶୈଳୀ, ବେଦ, ଉପନିଷଦ, ପାଲି, ତ୍ରିପିଟକ, ଜୈନ, ଆଗମ ପ୍ରଭୃତିର ଗଦ୍ୟଶୈଳୀଠାରୁ ସଂପୂର୍ଣ୍ଣ ପୃଥକ୍ । ଏହାର ବିଶିଷ୍ଟ ଶୈଳୀ ଭାରତର ଗଦ୍ୟ ସାହିତ୍ୟର ଏକ ନବଯୁଗର ଆବାହନୀ ଏହି କାବ୍ୟିକ ଗଦ୍ୟଶୈଳୀ ପରବର୍ତ୍ତୀ କାଳରେ ସଂସ୍କୃତ ଓ ପ୍ରାକୃତିକ ସାହିତ୍ୟର ପ୍ରେରଣା ଯୋଗାଉଛି- ଏହା ନିଃସନ୍ଦେହରେ କୁହାଯାଇପାରେ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ-ପ୍ରଥମ ଶତାବ୍ଦୀର ଏହି ଗଦ୍ୟଶୈଳୀ ସମ୍ଭବତ ପରବର୍ତ୍ତୀ ଶ୍ରେଷ୍ଠ କବି କାଳିଦାସ ପ୍ରଭୃତିଙ୍କର ଉପମା-ଅନୁପ୍ରାସ ପ୍ରାଚୁର୍ଯ୍ୟ ସମ୍ବଳିତ କାବ୍ୟସୃଷ୍ଟିର ପଟ୍ଟଭୂମି ରୂପେ ବିବେଚିତ ହେବା ଅସମୀଚୀନ ନୁହେଁ ।

ସାର୍ଥକ କାବ୍ୟରେ ବ୍ୟଞ୍ଜନାହିଁ ପ୍ରଧାନ ଲକ୍ଷଣ । ଏ ଦୃଷ୍ଟିରୁ ଏହି ଶିଳାଲେଖଟି ବ୍ୟଞ୍ଜନା ସମୃଦ୍ଧ ଗଦ୍ୟ-କାବ୍ୟ । 'ମଂଚିତ ସାରଂଚ' । ଯଦି ଉତ୍କୃଷ୍ଟ ପ୍ରକାଶ ଭଂଗୀ ହୁଏ, ତାହା ହେଲେ ଏଥିରେ ସଂକ୍ଷେପରେ ମାତ୍ର ସତରପଂକ୍ତିରେ ଓଡ଼ିଶାର ତତ୍କାଳୀନ ରାଜନୀତି, ଧର୍ମନୀତି, ରାଷ୍ଟ୍ରନୀତି, ବିଜୟ ଗୌରବ ଓ ସାମାଜିକ ଜୀବନ ସଂସ୍କୃତି

Digitized by srujanika@gmail.com

ସଂପର୍କରେ ଯାହା ବ୍ୟକ୍ତ ହୋଇଛି ତାହାର ବହୁପ୍ରଶ୍ନ ବ୍ୟଞ୍ଜନାରେ ଗର୍ଭିତ ହୋଇ ରହିଅଛି; ତାହାକୁ ପଲ୍ଲବିତ କଲେ ସହସ୍ର ପୃଷ୍ଠା ସମ୍ବଳିତ ପୁସ୍ତକ ଲିଖିତ ହୋଇପାରିବ ।

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ସର୍ବୋତ୍ତମ ବିଚାର ପରିଚିତ ଗ୍ରନ୍ଥ ହେଉଛି ତାଂକ ଗବେଷଣାତ୍ମକ ନିବନ୍ଧ "ନାଥଧର୍ମର କ୍ରମବିକାଶ" । ଓଡ଼ିଶୀ ଧର୍ମକୈନ୍ଦ୍ରିକ ଜାତୀୟ ସଂସ୍କୃତିର ଅସ୍ମିତା ଆକଳନ ଓ ପ୍ରତିଷ୍ଠାକାରୀ ଏହି ଗ୍ରନ୍ଥର ବୈଶିଷ୍ଟ୍ୟ ହେଉଛି-

- ଓଡ଼ିଶାର ସଂସ୍କୃତିକୁ ବ୍ରାତ୍ୟ ସଂସ୍କୃତି ଓ ଶୈବାଚାର ସର୍ବସ୍ୱ ନାଥ ସଂସ୍କୃତି ଭାବରେ ବିବେଚନା ।

- ବୈଦିକ ସୂତ୍ର, ଉପନିଷଦୀୟ ଉତ୍ସ, ପୌରାଣିକ ଭିତ୍ତି ଓ ଐତିହାସିକ ତଥ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି ଯେ, ଓଡ଼ିଶାର ଧର୍ମ ସଂସ୍କୃତି ମୁଖ୍ୟତଃ ଯୋଗମାର୍ଗୀ ନାଥଧର୍ମ ଦର୍ଶନ ଉପରେ ପ୍ରତିଷ୍ଠିତ । ସହଜତତ୍ତ୍ୱ, ତନ୍ତ୍ରସାଧନା, ଅଷ୍ଟାଙ୍ଗଯୋଗ, ହଠଯୋଗ, ପ୍ରାଣାୟାମ ତତ୍ତ୍ୱ, ପିଣ୍ଡବ୍ରହ୍ମାଣ୍ଡ ରହସ୍ୟ, ଶୂନ୍ୟବାଦ, ପରତତ୍ତ୍ୱ, ଶୈବଚେତନା, ପ୍ରକୃତି-ପୁରୁଷ ତତ୍ତ୍ୱ, ପରତତ୍ତ୍ୱ, ଶକ୍ତିତତ୍ତ୍ୱ, ସାକାର-ନିରାକାର-ନିର୍ଗୁଣ-ସଗୁଣ ବିଚାର, ମଠ ସଂସ୍କୃତି, ବିଷୟୋତ୍ତର ଯୋଗୀତ୍ୱ-ସଂସ୍କାର ଇତ୍ୟାଦି ପରମ ଆଧ୍ୟାତ୍ମିକ ଦର୍ଶନ ଓ ସାଂସ୍କୃତିକ ବିଚାରବୋଧଗୁଡ଼ିକୁ ଯାହା ସବୁ ପ୍ରାଚୀନ ଉତ୍କଳର ତଥା ନବ-ଓଡ଼ିଶାର ଐତିହ୍ୟ ଭାବଦ୍ୟୋତକ ପ୍ରାଣଉତ୍ସ ତାହା ସମସ୍ତ ଓଡ଼ିଶାର ପରମ୍ପରା ଓ ଜୀବନଚର୍ଯ୍ୟାକୁ ନାଥଧର୍ମ ଓ ଦର୍ଶନର ଅବଦାନ ।

- ନାଥପନ୍ଥୀ ସିଦ୍ଧମାନଂକର ଯୋଗମାର୍ଗୀ ଦର୍ଶନ ବୈଦିକ ଓ ଉପନିଷଦମୂଳକ, ବୌଦ୍ଧ-ତନ୍ତ୍ରମୂଳକ ନୁହେଁ, ପରେ ଏହା ସମନ୍ୱିତ ମାନସ ଦେଇ ଯୋଗମାର୍ଗୀ ନାଥଧର୍ମରେ ଆଶ୍ରୟ ନେଇଛି ।

- ସାଂଖ୍ୟାଦି ଷଡ଼ଦର୍ଶନ, ବୌଦ୍ଧ-ଶାକ୍ତ-ଜୈନ-ଶୈବ- ଜ୍ଞାନମାର୍ଗୀ ବୈଷ୍ଣବ ଆଦି ଯାବତୀୟ ଧର୍ମଧାରାରେ ଅପୂର୍ବ ଓ ସାର୍ଥକ ସମନ୍ୱୟ ନାଥଧର୍ମରେ ପରିଦୃଷ୍ଟ ହୁଏ ଏବଂ ନାଥ ଧର୍ମହିଁ ଓଡ଼ିଶାର ଜାତୀୟ ଦେବତାଂକୁ 'ନାଥ' ସମ୍ବୋଧନ କରି ଜାଳନ୍ଧରୀ ନାଥ, ମତ୍ସ୍ୟେନ୍ଦ୍ରନାଥ ଓ ଗୋରଖନାଥ ସମୟକୁ (ଦଶମରୁ-ଏକାଦଶ ଶତାବ୍ଦୀ) ଶ୍ରୀ ଜଗନ୍ନାଥ ଶୂନ୍ୟବ୍ରହ୍ମ ଭାବରେ ପ୍ରତିପାଦନ କରିପାରିଛି ।

ସ୍ଥୂଳତଃ ଧ୍ୟେୟ ଓ ଶ୍ରେୟବୋଧର ସ୍ମରଣୀୟ ସାହିତ୍ୟସାଧକ ଭାବରେ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସାଧନା ଓଡ଼ିଶାର ନବପିଢ଼ିମାନଂକୁ ସାଂସ୍କୃତିକ ସଚେତନଶୀଳ ବିଚାରବତ୍ତା, ଅସ୍ମିତା ଅନ୍ୱେଷଣଧର୍ମୀ ମନୋଭାବ, ଐତିହାସିକ ସିଦ୍ଧାନ୍ତଧର୍ମୀ ଦୃଷ୍ଟିଭଂଗୀ ଓ ହେତୁରହିତ ଦାୟବଦ୍ଧତାର ବୀଜମନ୍ତ୍ର ପ୍ରେରଣାସୂତ୍ରରେ ଦେଉଛି ଓ ଦେବ, ଏହାହିଁ ଆମ ସାହିତ୍ୟ ପରମ୍ପରାର ଗୌରବର ପ୍ରସଂଗ ।

Digitized by srujanika@gmail.com

ଅବସର ଜୀବନ:-

୧୯୮୧ ଖ୍ରୀ: ଜାନୁଆରୀ ୧ ତାରିଖରେ ସରକାରୀ ଅଧ୍ୟାପକ ଦାୟିତ୍ୱରୁ ମୁକ୍ତ ହେବା ପରେ ଡେରାବିଶ କଲେଜ, ମହାନଦୀ ବିହାର ମହିଳା କଲେଜ, କନ୍ଦରପୁର କଲେଜ ଓ ଡକ୍ଟର ହରେକୃଷ୍ଣ ମହତାବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷରୂପେ କାର୍ଯ୍ୟ କରି ୧୯୯୯ ରୁ କର୍ମ ଜୀବନରୁ ପୂର୍ଣ୍ଣ ଅବସର ଗ୍ରହଣ କରିବା ପରେ ଶ୍ରୀ ଦୋଳଗୋବିନ୍ଦ ଶାସ୍ତ୍ରୀ ବୃନ୍ଦାବନ-ରାଧାକୁଣ୍ଡରୁ ବାଲ୍ୟକାଳର ଦୀକ୍ଷାଗୁରୁଙ୍କ ଉତ୍ତରାଧିକାରୀ ରାଧାକୁଣ୍ଡ-ଗୌରଧାମର ପୂର୍ବତନ ଅଧ୍ୟକ୍ଷ ୧୧୫ ବର୍ଷ ବୟସ୍କ ବାବାଜୀ ଶ୍ରୀ ବ୍ରଜସୁନ୍ଦର ଦାସ ମହାରାଜଙ୍କ ଠାରୁ ପରମହଂସ ବେଶାଶ୍ରୟ କରି ଶ୍ରୀ ଶାସ୍ତ୍ରୀ ବର୍ତ୍ତମାନ ଶ୍ରୀମଦ୍ ଭାଗବତ ମଧ୍ୟରେ ସ୍ୱରଚିତ ନିବନ୍ଧ "ନାଥଧର୍ମର କ୍ରମବିକାଶ"ର ବଂଗଳାନୁବାଦ କଲିକତା ଶୈବ ଭାରତୀ ପତ୍ରିକାରେ ଗତ ଦୁଇ ବର୍ଷ ଧରି ପ୍ରକାଶିତ ହେଉଛି ।

ଆନ୍ତର୍ଜାତୀୟ ଚୈତନ୍ୟ ସାରସ୍ୱତ କୃଷ୍ଣାନୁଶୀଳନର ଆମେରିକା (San Jose, California ରୁ ପ୍ରକାଶିତ ଶ୍ରୀଳଶ୍ରୀଧର ଗୋସ୍ୱାମୀଠାକୁରଙ୍କ ଲିଖିତ The Golden Volcano of Divine Love (Short Life and Teachings of Sri Chaitanya Dev) ର ବଂଗଳା ଅନୁବାଦ ଦ୍ୱିତୀୟଭାଗ ୧୯୯୩ରେ ଏବଂ ପ୍ରଥମ ଭାଗ ୨୦୦୭ ରେ ପ୍ରକାଶିତ ହୋଇଛି । ଏହା ବ୍ୟତୀତ ଓଡ଼ିଆ ଭକ୍ତିସାହିତ୍ୟ ଏବଂ ପୃଥିବୀ ସର୍ବପ୍ରାଚୀନ ବ୍ରାତ୍ୟ ସଭ୍ୟତାର ବୈଦିକ ଶାସ୍ତ୍ରାଦିରୁ ପ୍ରମାଣସହ ସର୍ବଶ୍ରେଷ୍ଠତା ଓ ସର୍ବପ୍ରାଚୀନତାର ପ୍ରତ୍ନତାତ୍ତ୍ୱିକ ଉଦାହରଣ ସହ ପ୍ରବନ୍ଧାଦି ମାଧ୍ୟମରେ ପ୍ରକାଶ କରୁଛନ୍ତି । ବର୍ତ୍ତମାନ ୯୨ ବର୍ଷ ବୟସରେ ମଧ୍ୟ ବିଭିନ୍ନ ସାହିତ୍ୟ ଓ ଶାସ୍ତ୍ରାନୁରାଗୀ ଆଲୋଚନା ଅବ୍ୟାହତ ରଖିଛନ୍ତି ।

ନିଜର ବର୍ତ୍ତମାନ ଚିନ୍ତାଧାରା ସମ୍ପର୍କରେ ପ୍ରଶ୍ନ କଲେ ଏତିକିମାତ୍ର କହନ୍ତି- "ମୁଁ ଏଯାବତ୍ ନିଜେ ସେଲ୍‌ଫମେଡ୍ (Self Made) ରୂପେ ଖୁବ୍ - ଆତ୍ମପ୍ରସାଦ ବିଭୋର ଥିଲି । କିନ୍ତୁ ଭଗବତ୍ ଗୀତାର ୧୫ଶ ଅଧ୍ୟାୟର ୧୩-୧୪ ଶ୍ଳୋକ ଦୁଇଟି ସେ ମୋହ ଭାଂଗି ଦେଇଛି । ୫ ଫୁଟ ଲମ୍ବ ଓ ୫୫ କେ.ଜି ଓଜନର 'ମୁଁ' ନାମକ ବ୍ୟକ୍ତିଟିର ପ୍ରଥମ ଆକାର ଓ ମାତୃଗର୍ଭପ୍ରବିଷ୍ଟ ପରମାଣୁଟିଏ-ଯା ସ୍ଥୂଳଚକ୍ଷୁରେ ମଧ୍ୟ ଦୃଶ୍ୟ ହୁଏନା, ସେଇ ପରମାଣୁ ମାତୃଗର୍ଭରେ ୮/୯ ମାସରେ ପରିପୂର୍ଣ୍ଣ ଶିଶୁ, ଜନ୍ମଠାରୁ ୨୦/୨୧ ବର୍ଷ ପର୍ଯ୍ୟନ୍ତ ଦେହ ମନର ପୁଷ୍ଟିଲାଭ ପରେ - କହୁଛି ମୁଁ ଏତେ ସେତେ । କିନ୍ତୁ ଏତକ ଅଭିବୃଦ୍ଧି ପାଇଁ ସେଇ ମୁଁ ଟିର କେତେଟିକିଏ ଅବଦାନ ଅଛି ? ଜନ୍ମରୁ ଏଯାବତ୍ ଯେତେ ପରିମାଣର ଅନ୍ନ, ଜଳ, ବାୟୁ ଆତ୍ମସାତ୍ କରିସାରିଥିବା ମୁଁଟିର ଅବଦାନ କେତେ ? ?

ସୁତରାଂ ଯଦି କିଛି ସାହିତ୍ୟ, ସମାଜ ପାଇଁ କରାଯାଇଥାଏ, ତା ତ ଋଣୀ ହୋଇଥିବା ବ୍ୟକ୍ତି, ବସ୍ତୁ ଓ ପ୍ରକୃତିଦତ୍ତ ପଦାର୍ଥର ଋଣ ଶୋଧ ଲକ୍ଷ ଭାଗରୁ ୧ ଭାଗ ବି ନୁହେଁ ।

Digitized by srujanika@gmail.com

ତଥାପି ଯେ ସମାଜ ସମ୍ବର୍ଦ୍ଧନାଦି ଦେଉଛନ୍ତି ତା ତ ସେମାନଂକ ମହନୀୟତା- ଉଦାରତା- ଗୁଣଗ୍ରାହିତା । ମୋର ଯେଉଁ ଗୁଣ ଉଲ୍ଲେଖ କରାହେଉଛି, ମୁଁ ନିଜ ଭିତରଟାକୁ ଭଲ କରି ଦେଖିଛି, ସେ ସବୁ ମୋ ଭିତରେ ନାହିଁ ।"

■

ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା

Digitized by srujanika@gmail.com

ବାଗ୍ମୀ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ଡକ୍ଟର ଧରଣୀଧର ନାଥ

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଜଣେ ନିଷ୍ଠାପର ଗବେଷକ, ବହୁଭାଷାବିତ୍ ସାରସ୍ୱତ ସାଧକ, ପ୍ରଚଣ୍ଡ ବାଗ୍ମୀ, ସମାଲୋଚକ, ଶିକ୍ଷାବିତ୍, ମାନବିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖୁଥିବା ମଣିଷ ଭାବରେ ଓଡ଼ିଶା, କୋଲକାତା ଏବଂ ଆସାମରେ ଏକ ପରିଚିତ ହସ୍ତାକ୍ଷର । ଶ୍ରେଣୀ କକ୍ଷଠାରୁ ସଭାକକ୍ଷ ଓ ମୁକ୍ତ ମଂଚର ଶ୍ରୋତାଙ୍କୁ ବିମୁଗ୍ଧ ବ୍ୟାକୁଳ କରିବାରେ ତାଂକ ପ୍ରତିଭା ସର୍ବବିଦିତ । ଜୀବନର ନାନା ଘାତ-ପ୍ରତିଘାତ, ଆହ୍ୱାନ-ପ୍ରତିଆହ୍ୱାନ, ଉତ୍ଥାନ- ପତନ ଭିତରେ ସ୍ୱକୀୟ ସାଧନା ସଂକଳ୍ପ ବଳରେ ଡକ୍ଟର ଶାସ୍ତ୍ରୀ ଆପଂଲୋଦୟକର୍ମୀ ବ୍ୟକ୍ତିତ୍ୱର ପରିଚୟ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ଶୈକ୍ଷିକ-ସାହିତ୍ୟିକ ରଂଗଭୂମିରେ ଦେଇପାରିଛନ୍ତି । ଡକ୍ଟର ଶାସ୍ତ୍ରୀଙ୍କର ସଂଯତପୂର୍ଣ୍ଣ ଭାବପ୍ରକାଶ, ଭାଷାଶୈଳୀର ସାବଲୀଳତା, ବୌଦ୍ଧିକ ଉତ୍କର୍ଷ ଛାତ୍ରଛାତ୍ରୀ ଏବଂ ଶ୍ରୋତାମାନଂକୁ ମୁଗ୍ଧବିଭୋର କରିରଖେ । ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ବାଗ୍ମୀତାର ଚୁମ୍ବକୀୟ ଆକର୍ଷଣ ସଂପର୍କରେ ଆଲୋଚନା କଲାବେଳେ ତାଂକର ଅଗାଧ ପାଣ୍ଡିତ୍ୟ ଆମକୁ ବିସ୍ମିତ କରିଥାଏ । ଇତିହାସରୁ ଜଣାଯାଏ ଯେ, ଗ୍ରୀସ୍‌ର ଡେମୋସ୍ଥେନିସ୍ (Demosthenes-383- 322 B.C.) କବି ହୋମର ଏବଂ ନାଟ୍ୟକାର ସେକ୍‌ସପିଅରଂକ ପରି ଜଣେ ପ୍ରସିଦ୍ଧ ବାଗ୍ମୀ ଥିଲେ । ପ୍ରଥମେ ସେ ଭଲ କହି ପାରୁନଥିଲେ । ତେଣୁ ସେ ବିଖ୍ୟାତ ଐତିହାସିକ ଥୁଡ଼ିଡ଼ିସେସ୍ (Thudidises)ଙ୍କ ରଚନାଗୁଡ଼ିକୁ ଭାଷଣର ଚମତ୍କାରିତାରେ ବାନ୍ଧି ରଖିପାରିଥିଲେ । ତେବେ ଭଲ ଭାଷଣ ଦେବା ନିମିତ୍ତ କ'ଣ ଦରକାର ? ଏ ସମ୍ପର୍କରେ ଆରିଷ୍ଟଟଲ୍‌ଙ୍କ ରେଟେରିକ୍ (Rhetoric), ସିସିରୋଡିଅରେଟୋରେ (De Oratore) ଏବଂ କୁଇଣ୍ଟିଲିଆନଙ୍କ (Quintilian) ଇନ୍‌ଷ୍ଟିଚୁଟ୍‌ସିଓ (Institutio Oratoria) କୁ ଅନୁଧ୍ୟାନ କଲେ ଜଣେ ଭଲ ବକ୍ତା ବା ବାଗ୍ମୀତା ହାସଲ କରିବାକୁ ହେଲେ ଯେଉଁ ଗୁଣଗୁଡ଼ିକ ଦରକାର ସେଗୁଡ଼ିକ ହେଉଛି:-

Digitized by srujanika@gmail.com

ବିଷୟବସ୍ତୁ

ଭାଷଣର ବିଷୟବସ୍ତୁ ଅତି ବ୍ୟାପକ । ବିଷୟବସ୍ତୁ ଉପରେ ବକ୍ତାର ସଂପୂର୍ଣ୍ଣ ଦଖଲ ରହିବା ଦରକାର । ଦକ୍ଷ ବକ୍ତାଙ୍କ ଆବେଗଭରା ଓଜସ୍ୱୀ ବକ୍ତବ୍ୟ ବେଳେବେଳେ ଶ୍ରୋତାମାନଂକୁ ମନ୍ତ୍ରମୁଗ୍ଧ କରିଥାଏ । କିନ୍ତୁ ବକ୍ତାଙ୍କ ଚାରିତ୍ରିକ ଶୃଙ୍ଖଳା ନ ଥିଲେ ଶ୍ରୋତାମାନଂକୁ ତାହା ପ୍ରଭାବିତ କରିପାରେ ନାହିଁ । ସେଥିପାଇଁ ସିସିରୋ ଏବଂ କ୍ୟୁଣ୍ଟିଲିଆନ ବକ୍ତାଙ୍କର ଉତ୍ତମ ଚରିତ୍ର ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଗାନ୍ଧୀ ଯେତେବେଳେ କହୁଥିଲେ ବିଶ୍ୱବାସୀ ତାହାକୁ ଶୁଣୁଥିଲେ । ଗୌତମ ବୁଦ୍ଧଙ୍କ ବକ୍ତବ୍ୟରେ ଏହିପରି ବିମୋହନ ଶକ୍ତି ଥିଲା ।

ବିଷୟବସ୍ତୁର ତଥ୍ୟ

ବକ୍ତା ଯେଉଁ ବିଷୟରେ ବକ୍ତବ୍ୟ ପ୍ରଦାନ କରିବେ ସେଥିପାଇଁ ଦରକାର ହେଉଥିବା ତଥ୍ୟଗୁଡ଼ିକର ସଜ୍ଜୀକରଣ ଦରକାର । ଉପଯୋଗୀ ଶ୍ଳୋକ ବା ଉଦ୍ଧୃତିର କ୍ରମ କେଉଁଠି ରହିବ, ତାହା ବକ୍ତା ଠିକ୍ କରିବେ । ଏ କ୍ଷେତ୍ରରେ ଆରିଷ୍ଟଟଲଙ୍କ ମତରେ ବକ୍ତବ୍ୟର କ୍ରମ ହେଉଛି - ଉପକ୍ରମଣ, ବିଷୟର ଉପସ୍ଥାପନା, ପ୍ରମାଣ ଏବଂ ଶେଷ ବକ୍ତବ୍ୟ ।

ଶୈଳୀ

ପ୍ରତ୍ୟେକ ବାଗ୍ମୀପୁରୁଷର ନିଜସ୍ୱ ଶୈଳୀ ଥାଏ । କାରଣ Style is the dress of thought (Chester Field) । ଠିକ୍ ଜାଗାରେ ଉପଯୋଗ ଶବ୍ଦର ବ୍ୟବହାର (Style is the faithful copy of his/her mind (Goethe) । ଏ କ୍ଷେତ୍ରରେ ଆରିଷ୍ଟଟଲ୍ ଏବଂ ଥିଓଫ୍ରେଟସ୍ (Theophratus) ମଧ୍ୟ ଶ୍ରୋତା ଏବଂ ବିଷୟବସ୍ତୁ ଅନୁସାରେ ବିଭିନ୍ନ ଶୈଳୀ ଉପରେ ଗୁରୁତ୍ୱ ଦେଇଛନ୍ତି ।

ସ୍ମରଣ ଶକ୍ତି

ବାଗ୍ମୀତାର ଅନ୍ୟ ଏକ ବିଶେଷ ଗୁଣ ହେଲା ସ୍ମରଣଶକ୍ତି । ଏହାଦ୍ୱାରା ବକ୍ତବ୍ୟର ବିଷୟ ନିମିତ୍ତ ଦରକାର ଉପାଦାନଗୁଡ଼ିକ ଯୁକ୍ତିସମ୍ମତଭାବେ ଉପସ୍ଥାପନ କରାଯାଇପାରିବ । ଏହା ଅର୍ଥ ନୁହେଁ ଯେ ସମସ୍ତ ବିଷୟ ମନେରଖିବା । କହିବାପାଇଁ ଦରକାର ହେଉଥିବା ବିଷୟର କେତେକ ମୁଖ୍ୟ ଧାଡ଼ି ମନେରଖିବା । ଏହା ଦ୍ୱାରା ଶବ୍ଦ ଏବଂ ବାକ୍ୟ ଗଠନ ଆପେ ଆପେ ହୋଇଥାଏ । ଗଭୀର ଅଧ୍ୟୟନ ଦ୍ୱାରା ମଧ୍ୟ ବକ୍ତାମାନେ ଉପଯୁକ୍ତ ଶ୍ଳୋକର ଉଦ୍ଧାର କରି ତାହାର ବ୍ୟାଖ୍ୟା କରିଥାନ୍ତି ।

Digitized by srujanika@gmail.com

ପରିବେଷଣ

ଜଣେ ବକ୍ତା ଭାଷଣ ଦେବା ନିମିତ୍ତ ନିଜ ସ୍ୱର ଏବଂ ଅଂଗଭଂଗୀର ପ୍ରଦର୍ଶନ ଉପରେ ନିୟନ୍ତ୍ରଣ ରହିବା ଦରକାର । ଆଜିକାଲି ଏହା ବଡି ଲାଙ୍ଗୁଏଜ୍ ଭାବେ କଥିତ । ବକ୍ତବ୍ୟ ପ୍ରଦାନ ସଂପର୍କରେ ଟମାସ ସେରିଡ଼ାନ ନିଜ ପୁସ୍ତକ ଲେକ୍‌ଚରସ୍ ଅନ ଏଲୋକ୍ୟୁସନ (Lectures on Elocution)ରେ ଉଲ୍ଲେଖ କରିଥିବା ଗୁଣଗୁଡ଼ିକ ହେଲା:- ସ୍ପଷ୍ଟ କଥନ (Articulation), ଉଚ୍ଚାରଣ (Pronounciation), ଶବ୍ଦ ଉଚ୍ଚାରଣର ଢଙ୍ଗ (Accent), ସ୍ୱର ପରିବର୍ତ୍ତନ (Tone), ବିରତି (Pause) ଏବଂ ମନୋଭାବସୂଚକ ଅଂଗଭଂଗୀ (Gesture) । ଶ୍ରୋତାମାନଂକ ମନୋଭାବ ଦେଖି ଉପରିବର୍ଣ୍ଣିତ ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟବହାର କଲେ ସାଧାରଣତଃ ଜଣେ ବାଗ୍ମୀରୂପେ ବିବେଚିତ ହୋଇଥାଏ । ଏ ସମସ୍ତ ମାନକର ବହୁ ଊର୍ଦ୍ଧ୍ୱରେ ଥିଲେ ଡଃ. ଶାସ୍ତ୍ରୀ । ଏହାର ବହୁଧା କାରଣ ଅଛି । ଡଃ. ଶାସ୍ତ୍ରୀ ଓଡ଼ିଆ, ସଂସ୍କୃତ, ବଂଗଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ଜଣେ ବଡ଼ ବିଦ୍ୱାନ୍ ଥିଲେ ।

ଡଃ ଶାସ୍ତ୍ରୀ ୧୯୨୦ ମସିହା ଜୁନ୍ ୨୮ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ଗହଗା ନରସିଂହପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଂକ ପିତୃଦତ୍ତ ନାମ ଥିଲା ଦୁର୍ଗାଚରଣ ନାଥଶର୍ମା । ପିତାଂକ ନାମ ଥିଲା ନିଶାମଣି ନାଥଶର୍ମା ଏବଂ ମାତାଂକ ନାମ ପଦ୍ମାବତୀ । ଗାଁର ପ୍ରାଥମିକ ସ୍କୁଲ୍‌ରୁ ପ୍ରାଥମିକ ଶିକ୍ଷା ସମାପ୍ତିର ବହୁଗ୍ରାମ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୩୯ ମସିହାରେ ମିଶନ ସ୍କୁଲ, କଟକରୁ ମେଟ୍ରିକ ପରୀକ୍ଷା ଶେଷ ପରେ ଏକାକୀ କୋଲକାତା ଟ୍ରେନ୍‌ରେ ଚାଲିଗଲେ । ପ୍ରଥମେ କୋଲକାତା ମଠ ତାପରେ ନଦିଆ, ମାୟାପୁର ଏବଂ ପରେ ପୂର୍ବବଂଗ ଢାକା ମଠକୁ ଯାଇ ପ୍ରାୟ ଏକବର୍ଷ ପରେ ଶ୍ରୀ ମାୟାପୁର ଆଶ୍ରମରେ ଅବସ୍ଥାନ କଲେ । ଶ୍ରୀଧାମ ମାୟାପୁରରେ ଶ୍ରୀଚୈତନ୍ୟ ମଠରେ ଅବସ୍ଥାନ କାଳରେ ମିଶନର ଆଧାତ୍ମିକ ପତ୍ରିକାର ସଂପାଦକ ଶ୍ରୀପାଦ ଶୁଭବିଳାସ ଭକ୍ତି ଶାସ୍ତ୍ରୀଙ୍କ ସହକାରୀ ରୂପେ ନିଯୁକ୍ତି ପାଇଲେ । ପ୍ରାୟ ୨୦/୨୧ ବର୍ଷ ବୟସରେ ଡଃ. ଶାସ୍ତ୍ରୀ ରୂପ-ରଘୁନାଥ-ଶ୍ରୀଜୀବ ପ୍ରଭୃତି ଗୋସ୍ୱାମୀ ମାନଂକର ତତ୍ତ୍ୱ, ସିଦ୍ଧାନ୍ତ, ଦର୍ଶନ ଗ୍ରନ୍ଥ ସହ ରାଧାକୃଷ୍ଣଙ୍କର ଇହଲୀଳା ଗ୍ରନ୍ଥ ପାଠ ଓ ଅନୁଶୀଳନରେ ଅଧିକାର ପାଇଥିଲେ । ଗୁରୁଦେବଙ୍କର ଆଦେଶ ବଳରେ ସେ ଗୋସ୍ୱାମୀମାନଙ୍କର ଲୀଳାଗ୍ରନ୍ଥ ରଚନା କରିଥିଲା । ଏହି ସମୟରେ ମଧ୍ୟ ଡଃ ଶାସ୍ତ୍ରୀ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବାପୂଜା, ପର୍ବପର୍ବାଣି, ପୁରୀର ଅନ୍ୟାନ୍ୟ ପ୍ରସିଦ୍ଧ ମଠମାନଂକ ଉପରେ ଅନୁଧ୍ୟାନ କରି 'ଶ୍ରୀକ୍ଷେତ୍ର' ପୁସ୍ତକ ବଂଗଳା ଭାଷାରେ ରଚନା କଲେ ଯାହାକି ବଂଗଳା ଭାଷାରେ ଜଗନ୍ନାଥ ତତ୍ତ୍ୱ ସମ୍ବଳିତ ପ୍ରଥମ ପୁସ୍ତକ । ମଠରେ

Digitized by srujanika@gmail.com

ରହିବା ସମୟରେ ଡଃ.ଶାସ୍ତ୍ରୀ ଭାରତୀୟ ପରମାର୍ଥ କାବ୍ୟ, ବୌଦ୍ଧିକ- ସଂସ୍କୃତ କାବ୍ୟ, ପୁରାଣ, ବେଦ, ବେଦାନ୍ତ, ଉପନିଷଦ, ସଂହିତା, ସାଂଖ୍ୟ, ବ୍ୟାକରଣ, ନ୍ୟାୟଦର୍ଶନ, ବୈଷ୍ଣବଦର୍ଶନ, ବୌଦ୍ଧଦର୍ଶନ ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ଇତିହାସ ସଂପର୍କରେ ଅଗାଧ ପାଣ୍ଡିତ୍ୟ ହାସଲ କରିଥିଲେ । ଆନ୍ଧ୍ରର କଭୁରମଠର ଦାୟିତ୍ୱରେ ଥିବାବେଳେ ସେ ବ୍ରହ୍ମଚାରୀମାନଙ୍କୁ ନେଇ କାକିନଡ଼ା, ସାମଲକୋଟ, ନେଡ଼ଦ୍ୟଭୋଲ, ଇଲୋର ପ୍ରଭୃତି ସ୍ଥାନମାନଂକରେ ଚୈତନ୍ୟ ଚରିତାମୃତ, ଭାଗବତ, ଗୀତା ପ୍ରଭୃତି ପାଠ ଓ ଆଲୋଚନା କରୁଥିଲେ । କୋଲକାତାର ରାଜା ନବକୃଷ୍ଣ ଷ୍ଟ୍ରିଟ୍‌ର ସେଠ୍ ଆନନ୍ଦରାମ ଜୟପୁରିୟା କଲେଜରୁ ଆଇ.ଏ. ପାସ୍ କରିଥିଲେ । କୋଲକାତାର ସାତ ନମ୍ବର ସୀତାକାନ୍ତ ବାନାର୍ଜୀ ଲେନ୍‌ର ଅଧିବାସୀ ଶ୍ରୀ ଅଭୟଚରଣ ଦେଙ୍କ ଦୋମହଲାର ଚାରୋଟି କୋଠରିକୁ ଡଃ. ଶାସ୍ତ୍ରୀଙ୍କ ଶିକ୍ଷାଗୁରୁ ଶ୍ରୀ ଭକ୍ତରକ୍ଷକ ଶ୍ରୀଧର ଦେବ ଗୋସ୍ୱାମୀ ମହାରାଜଙ୍କୁ କୋଲକାତାର ମଠ ହିସାବରେ ବ୍ୟବହାର ପାଇଁ ଦେଇଥିଲେ । ଶ୍ରୀଧର ମହାରାଜ ଚାରି/ ପାଂଚଜଣ ବ୍ରହ୍ମଚାରୀଙ୍କୁ ଏଠାରେ ରଖାଇ ଗୋଟିଏ ସଂସ୍କୃତ ଚତୁଷ୍ପାଠୀ ସ୍ଥାପନ କଲେ । ଡଃ.ଶାସ୍ତ୍ରୀ ଏହି ବ୍ରହ୍ମଚାରୀମାନଂକୁ ହରିନାମାମୃତ, ବ୍ୟାକରଣ, ଛନ୍ଦ, କାବ୍ୟ, ଅଳଙ୍କାର ପ୍ରଭୃତି ପଢ଼ାଉଥିଲେ । ଏହାବ୍ୟତୀତ ସେ ଅନ୍ୟ ବିଭିନ୍ନ ଚତୁଷ୍ପାଠୀର ଛାତ୍ରରୂପେ ନ୍ୟାୟ, ଦର୍ଶନ ପ୍ରଭୃତି ଅଧ୍ୟୟନ କରୁଥିଲେ । ଅଭୟ ଦେ କୋଲକାତା ଘରେ ଥିବା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ଆସି କୀର୍ତ୍ତନରେ ଯୋଗ ଦେଉଥିଲେ । ଅଭୟ ଦେଙ୍କ ସହ ଡଃ.ଶାସ୍ତ୍ରୀଙ୍କର ଅନେକ ସମୟରେ ସଂସ୍କୃତ ବ୍ୟାକରଣ ଉପରେ ଆଲୋଚନା ହେଉଥିଲା । ପରବର୍ତ୍ତୀ କାଳରେ ସେ ହେଲେ ଇସ୍‌କନ୍‌ର ପ୍ରତିଷ୍ଠାତା ଏ.ସି.ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ । ଡଃ. ଶାସ୍ତ୍ରୀ ଶ୍ରୀ ବିଦ୍ୟା ନିକେତନର ବଂଗଳା ସଂସ୍କୃତ ଶିକ୍ଷକ ଥାଇ ଶ୍ୟାମବଜାରସ୍ଥିତ ମହାରାଜା ମଣୀନ୍ଦ୍ର କଲେଜରୁ ବି.ଏ. ପାସ୍ କରିଥିଲେ । ବନହରିଶପୁର ହାଇସ୍କୁଲ୍, ଚିତ୍ତରଂଜନ ଏଭେନିୟୁ ସ୍ଥିତ ଶ୍ରୀ ବିଦ୍ୟାନିକେତନ, ସାଲକିଆର ଏ.ଏସ୍. ସ୍କୁଲ୍‌ରେ ଶିକ୍ଷକତା କଲେ । ଡଃ. ଶାସ୍ତ୍ରୀ ଓଡ଼ିଶା ଫେରିଆସିବା ପରେ କେନ୍ଦ୍ରାପଡ଼ା କଲେଜରେ ଓଡ଼ିଆ-ସଂସ୍କୃତ ଅଧ୍ୟାପକ ଭାବେ ଯୋଗଦାନ କଲେ । କେନ୍ଦ୍ରାପଡ଼ା ଅବସ୍ଥାନ କାଳରେ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ବାମାଚରଣ ମିତ୍ର, ଏସ୍.ଡ଼ି.ଓ ପ୍ରାଣକୃଷ୍ଣ ମିଶ୍ର, ଅନନ୍ତ ଚରଣ ପଣ୍ଡା ପ୍ରମୁଖ ମିଶି ମଂଗଳବାରିଆ ସାହିତ୍ୟ ଆସର କରୁଥିଲେ । ଏଥିରେ ଅନନ୍ତ ଚରଣ ଚାଟାର୍ଜୀ, ଶ୍ରୀ ଶ୍ରୀଧର ସାହୁ ପ୍ରମୁଖ ଯୋଗ ଦେଉଥିଲେ । ଆଜିର ଗୋକୁଳ ଚନ୍ଦ୍ର ସଂଗୀତ ସଦନର ମୂଳଦୁଆ ପ୍ରାଣକୃଷ୍ଣ ମିଶ୍ର, ସରୋଜକାନ୍ତ କାନୁନ୍‌ଗୋ ଓ ଡଃ.ଶାସ୍ତ୍ରୀ ପକାଇଥିଲେ । କେନ୍ଦ୍ରାପଡ଼ାରେ ଅଧ୍ୟାପକ ଥିବା ସମୟରେ ସାମ୍ବାଦିକତା ଓ ଓଡ଼ିଆରେ ଏମ୍.ଏ. ପାସ୍ କରିଥିଲେ । ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ରେଭେନ୍‌ସା କଲେଜ ଓ ବି.ଜେ.ବି.

Digitized by srujanika@gmail.com

କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ରେଭେନ୍‌ସା କଲେଜରେ ଅଧ୍ୟାପକ ଥିଲାବେଳେ ଡଃ. ଶାସ୍ତ୍ରୀ ଜଣେ ସୁବକ୍ତା ଭାବେ ସୁବିଦିତ ଥିଲେ । ଅବସରପ୍ରାପ୍ତି ପରେ କନ୍ଦରପୁର କଲେଜ, ଡେରାବିଶ୍ କଲେଜ, ମହାନଦୀ ବିହାର ମହିଳା ମହାବିଦ୍ୟାଳୟ, ହରେକୃଷ୍ଣ ମହତାବ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଭାବରେ ବି କାର୍ଯ୍ୟ କରିଥିଲେ । ଏହି ସମୟରେ ଅନେକ ସେମିନାର୍, ସମ୍ମିଳନୀ, ଆୟୋଜନ କରି ଛାତ୍ରଛାତ୍ରୀମାନଂକ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥିଲେ ।

ଡଃ.ଶାସ୍ତ୍ରୀ ଯେଉଁ ସମୟରେ ଓଡ଼ିଶାରେ ଅଧ୍ୟାପନା ଓ ସାହିତ୍ୟ ଚର୍ଚ୍ଚା କରୁଥିଲେ ସେତେବେଳେ ତାଂକ ପ୍ରେରଣାର ପଟ୍ଟଭୂମିରେ ଥିଲେ ବାଳକୃଷ୍ଣ କର, ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, କାଳିନ୍ଦୀଚରଣ, ମାୟାଧର ମାନସିଂ,ରାଧାମୋହନ ଗଡ଼ନାୟକ, ପଠାଣି ପଟ୍ଟନାୟକ, ଗଂଗାଧର ବଳ, ବିଚିତ୍ରାନନ୍ଦ, ବଂଶୀଧର ମହାନ୍ତି, କାହ୍ନୁଚରଣ ମିଶ୍ର ପ୍ରମୁଖ ସତୀର୍ଥ, ସମଧର୍ମୀ ଓ ଉଦାର ପ୍ରୋତ୍ସାହନକାରୀ ସାହିତ୍ୟିକମାନେ ।

ବୈଷ୍ଣବ ଦର୍ଶନ, ଚୈତନ୍ୟ ଚରିତାମୃତ ଆଲୋଚନା କ୍ଷେତ୍ରରେ ଡଃ. ଶାସ୍ତ୍ରୀଙ୍କର ଅନନ୍ୟ ପାଣ୍ଡିତ୍ୟ ଥିଲା । ସେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ । ବୈଷ୍ଣବତାର ପ୍ରାଥମିକ ସୋପାନ ହେଉଛି-

ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦାହରିଃ ।

ତୃଣାଦପି ସୁନୀଚ, ତରୁସମସହିଷ୍ଣୁ, ଅମାନୀ ଓ ମାନଦ- ଏହି ଚାରୋଟି ଗୁଣର ସେ ଅଧିକାରୀ ଥିଲେ । ଆନ୍ତର୍ଜାତୀୟ ଚୈତନ୍ୟ ସାରସ୍ୱତ କୃଷ୍ଣାନୁଶୀଳନର ଆମେରିକାରୁ ପ୍ରକାଶିତ ଶ୍ରୀଳ ଶ୍ରୀଧର ଗୋସ୍ୱାମୀ ଠାକୁରଂକର ଲିଖିତ ଦି ଗୋଲଡେନ୍ ଭଲକାନୋ ଅଫ୍ ଡିଭାଇନ୍ ଲଭ୍ The Golden Volcano of Divine Love (Short Life and Teachings of Sri Chaitanya Dev)ର ବଂଗଳା ଅନୁବାଦ ଡଃ. ଶାସ୍ତ୍ରୀ ହିଁ କରିଛନ୍ତି ଏବଂ ଏହା ପ୍ରକାଶିତ ହୋଇଛି । ଶ୍ରୀଚୈତନ୍ୟ ଓ ରାୟ ରାମାନନ୍ଦଙ୍କ ସଂପର୍କରେ ଆଲୋଚନା ସମୟରେ ସେ ପ୍ରମାଣିତ କରିଛନ୍ତି ଯେ ଉଭୟଙ୍କ ମିଳନ ପର୍ବ ଓଡ଼ିଶାର ତାତ୍କାଳିକ ଧର୍ମୀୟ ଚେତନାର ଏକ ମାଇଲ୍ ଖୁଣ୍ଟ । "ଏକ ଦିଗରେ ଶ୍ରୀଚୈତନ୍ୟ ସର୍ବଶ୍ରେଷ୍ଠ କୁଳୀନ ବ୍ରାହ୍ମଣ, ସର୍ବ ଶ୍ରେଷ୍ଠ ସନ୍ନ୍ୟାସୀ, ପାଣ୍ଡିତ୍ୟରେ ଭାରତ ବିଖ୍ୟାତ ନୈୟାୟିକ ରଘୁନାଥ ଶିରୋମଣି ଏବଂ ବୈଦାନ୍ତିକ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ପରାଭବକାରୀ ତଥା ଦିଗ୍‌ବିଜୟୀ ପଣ୍ଡିତମାନଂକର ବନ୍ଦନୀୟ । ପ୍ରେମଭକ୍ତିରେ ସର୍ବୋଚ୍ଚ ସ୍ତର ଅଧିରୂଢ଼ ମହାଭାବର ପ୍ରମୂର୍ତ୍ତ ବିଗ୍ରହ । ଅନ୍ୟଦିଗରେ ବାହ୍ୟ ଦୃଷ୍ଟିରେ ରାୟରାମାନନ୍ଦ

Digitized by srujanika@gmail.com

ବିଷୟୀ, ରାଜମହେନ୍ଦ୍ରୀର ପ୍ରଶାସକ । ଅଥଚ ଶ୍ରୀଚୈତନ୍ୟ ସେହି ରାୟ ରାମାନନ୍ଦଙ୍କୁ ରାଗାତ୍ମିକା ପ୍ରେମଭକ୍ତି ସାଧନାର ଗୁରୁରୂପେ ବରଣ କରି ତାଂକର ଶିଷ୍ୟତ୍ୱ ଅଂଗୀକାର ଲୀଳା କଲେ ଏବଂ ବହୁସ୍ଥଳରେ ଅତ୍ୟନ୍ତ ଉଚ୍ଛ୍ୱସିତ ଜୟଗାନ କଲେ । ରାୟ ରାମାନନ୍ଦଙ୍କ ସ୍ୱରଚିତ ଜଗନ୍ନାଥବଲ୍ଲଭ ନାଟକ ଶ୍ରୀଚୈତନ୍ୟଙ୍କର ଦିବ୍ୟୋନ୍ମାଦଦଶାର ଅନ୍ୟତମ ଆସ୍ୱାଦନ ଲୀଳାଗ୍ରନ୍ଥରୂପେ ନିତ୍ୟପାଠ୍ୟ ହେଲା । ଯେଉଁ ରୂପାନୁଗ ପ୍ରେମଭକ୍ତି ସାଧନାକୁ ଶ୍ରୀଚୈତନ୍ୟ, ରୂପ, ସନାତନ, ଶ୍ରୀ ଜୀବ ପ୍ରଭୃତି ଗୋସ୍ୱାମୀଙ୍କ ଦ୍ୱାରା ବହୁଳ ପ୍ରଚାର କରାଇଲେ, ତାହା ଯେ ସେ ରାୟରାମାନନ୍ଦଙ୍କ ଠାରୁ ହିଁ ଶିକ୍ଷା କରିଛନ୍ତି, ଏହା ସେ ଏକାଧିବାର ନିଜ ମୁଖରେ ବ୍ୟକ୍ତ କରିଛନ୍ତି ।

"ପ୍ରଭୁ କହେ ଆଇଲାମ ଶୁନି ତୋମାର ଗୁଣ
କୃଷ୍ଣକଥା ଶୁନି ଶୁଦ୍ଧ କରାଇତେ ମନ
ଯୈରେ ଶୁନିଲୁ ତେଛେଦେଖିନୁ ତୋମାର ମହିମା
ରାଧାକୃଷ୍ଣ ପ୍ରେମର ସଂଜ୍ଞା ନେଇ ତୁମି ସୀମା ।
ଅନ୍ୟତ୍ର-ପ୍ରଭୁକହେନ କୃଷ୍ଣକଥା ଆମି ନାହିଁ ଜାନି
ସନେ ରାମାନନ୍ଦ ଜାନେ ତା'ର ମୁଖେ ଶୁନି
ଅନ୍ୟତ୍ର- ରାମାନନ୍ଦ ରାୟର କଥା ଶୁନି ସର୍ବଜନ
କହିବାର ନହେ ଯାହା ଆଶ୍ଚର୍ଯ୍ୟ କଥନ
ଏକେ ଦେବଦାସୀ ଆର ସୁନ୍ଦରୀ ତରୁଣୀ
ତାହା ଦେଇ ସର୍ବସେବା କରେନ ଆପନି ।
ସ୍ନାନାଦି କରାୟ ପରାୟ ବାସ ବିଭୂଷଣ
ଗୁହ୍ୟ ଅଂଗ ଯତ ତା'ର ଦର୍ଶନ ସ୍ପନ୍ଦନ ।
ସବୁ ନିର୍ବିକାର ରାୟରାମାନନ୍ଦେର ମନ
ନାନା ଭାବୋଦ୍‌ଗମ ତାରେ କରାୟ ଶିକ୍ଷଣ ।
ନିର୍ବିକାର ଦେହମନ କାଷ୍ଠ ପାଷାଣ ସମ
ଆଶ୍ଚର୍ଯ୍ୟ ତରୁଣୀ ସ୍ପର୍ଶେ ନିର୍ବିକାର ମନ ।
ଏକ ରାମାନନ୍ଦେର ହୟ ଏଇ ଅଧିକାର
ତାତେ ଜାନି ଅପ୍ରାକୃତିକ ଦେହ ତାହାର ।
ତାହାର ମନେର ଭାବ ତ୍ୟୋହଜାନେ ମାତ୍ର
ତାହା ଜାନିବାରେ ଆର ଦ୍ୱିତୀୟ ନାହିଁ ପାତ୍ର ।

Digitized by srujanika@gmail.com

କିନ୍ତୁ ଶାସ୍ତ୍ର ଦୃଷ୍ଟ୍ୟ କରି ଏକ ଅନୁମାନ
ଶ୍ରୀଭାଗବତଶାସ୍ତ୍ର ତାହାତେ ପ୍ରମାଣ ।
ରାଗାନୁଗମାନେ ଜାନି ରାୟେର ଭଜନ
ସିଦ୍ଧ ଦେହତୁଲ୍ୟ ତାତେ ପ୍ରାକୃତି ନହେ ମନ ।

× × ×

ରାମାନନ୍ଦ ରାୟ କୃଷ୍ଣର ସେଇ ନିଧାନ
ତେଁହ ଭାନାଇଲା କୃଷ୍ଣ ସ୍ୱୟଂ ଭଗବାନ ।
ଏ ସବ ଶିଖାଇଲା ମୋରେ ରାୟ ରାମାନନ୍ଦ
ସେସବ ଶୁନିତେହୟ ପରମ ଆନନ୍ଦ ।
କହନ ନା ଯାୟ ରାକାନନ୍ଦେର ପ୍ରଭାବ
ରାୟ ପ୍ରସାଦେ ଜାନିଲୁ ବ୍ରଜେର ଶୁଦ୍ଧଭାବ ।"

(ଚୈତନ୍ୟ ଚରିତ୍ରାମୃତ)

କିନ୍ତୁ ଅତ୍ୟନ୍ତ ପରିତାପ ଓ ଶୋଚନାର ବିଷୟ ଯେ ବର୍ତ୍ତମାନ ବଂଗାଳୀ ବୈଷ୍ଣବ ବୃନ୍ଦ ଏକଥାର ଗୁରୁତ୍ୱ ଦେବାର ଦେଖାଯାଏ ନାହିଁ । ଏପିରିକି ଉତ୍କଳବାସୀ ଓଡ଼ିଆ ଶିଷ୍ୟ ବୈଷ୍ଣବ ସନ୍ନ୍ୟାସୀ ବ୍ରହ୍ମଚାରୀମାନେ ମଧ ରାୟ ରାମାନନ୍ଦଙ୍କ ସଂପର୍କରେ ବିଶେଷ ଭାବାବେଗ ପ୍ରକାଶ କରିବାର ଦେଖାଯାଏ ନାହିଁ । ରାୟ ରାମାନନ୍ଦ ଯେ କେଡ଼େ ବିରାଟ ବ୍ୟକ୍ତିତ୍ୱ, ତାହା ଭକ୍ତପଥର ସର୍ବୋଚ୍ଚ ସ୍ତରର ସାଧକ ବ୍ୟତୀତ ସାଧାରଣ ବ୍ୟକ୍ତି କଳ୍ପନା କରିପାରିବ ନାହିଁ । ଅନ୍ୟ ଦିଗରୁ ବିଚାର କଲେ ଗୀତଗୋବିନ୍ଦ ଓ ଜଗନ୍ନାଥବଲ୍ଲଭ ନାଟକର ସଂଗୀତଗୁଡ଼ିକୁ ଦେବଦାସୀଂକ ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ପରମ୍ପରାର ସୁଦୃଢ଼ ଭିତ୍ତିଦାତା ହିସାବରେ କବି ଜୟଦେବ ଓ ରାୟରାମାନନ୍ଦ ଓଡ଼ିଆ ଜାତିର ଚିର ନମସ୍ୟ । ଏହି ଉଜ୍ଜ୍ୱଳ ପ୍ରେମଭକ୍ତି ସାଧନଧାରା ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପୂର୍ବରୁ ହିଁ ଏଠାରେ ପୁଷ୍ଟିଲାଭ କରି ଚରମ ସୀମା ସ୍ପର୍ଶ କରିଥିଲା ଏବଂ ଓଡ଼ିଶାର ପରବର୍ତ୍ତୀ ଦୀନକୃଷ୍ଣ, ଭକ୍ତଚରଣ, କବିସୂର୍ଯ୍ୟ ବଳଦେବ, ସଦାନନ୍ଦବ୍ରହ୍ମା, ଅଭିମନ୍ୟୁ, ଗୋପାଳକୃଷ୍ଣ ପ୍ରଭୃତି ଭକ୍ତକବିଙ୍କ ବିପୁଳ ସୃଷ୍ଟି ସମ୍ଭାର ତାହାର ସାକ୍ଷୀ । ବିଶେଷତଃ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବିଦଗ୍ଧ ଚିନ୍ତାମଣି, ଜୀବ ଗୋସ୍ୱାମୀଙ୍କ ଷଟ୍ ସନ୍ଦର୍ଭର ସିଦ୍ଧାନ୍ତ ଓ ରୂପଗୋସ୍ୱାମୀଙ୍କର ରସ ଓ ଅଳଙ୍କାର ଶାସ୍ତ୍ରରାଜୀର ଯାବତୀୟ ବିଭବର ଅପୂର୍ବ ସାମଗ୍ରିକ ସମାବେଶ ଏବଂ ଅପୂର୍ବ ପ୍ରେମଭକ୍ତ ସାଧନ ଓ ସିଦ୍ଧିର ସର୍ବୋଚ୍ଚ ସ୍ତରୀୟ ମାଧୁର୍ଯ୍ୟ ବୈଭବର ମଂଜୁଳ-ମଂଜୁଷା । (ନଚିକେତାର ଚୈତ୍ୟ -ଡଃ. ଶାସ୍ତ୍ରୀ) ଡଃ. ଶାସ୍ତ୍ରୀଙ୍କର ଯୁକ୍ତି କେତେ ଅକାଟ୍ୟ, ତଥ୍ୟନିଷ୍ଠ

Digitized by srujanika@gmail.com

ତାହା ଏଥିରୁ ଅନୁମେୟ । କଲିକତାର ଶ୍ରୀ ଚୈତନ୍ୟ ସାରସ୍ୱତ ଅନୁଶୀଳନ ମଠ, କେନ୍ଦ୍ରାପଡ଼ା ସାହିତ୍ୟ ସଂସଦ, ଉତ୍କଳ ସାହିତ୍ୟ ସମାଜ, ପ୍ରାଚ୍ୟ ପରିଷଦର ବୈଠକ ପ୍ରଭୃତିରେ ତାଂକର ଏହି ଯୁକ୍ତିନିଷ୍ଠ ବକ୍ତବ୍ୟର ସରହଦ ବ୍ୟାପକ ଓ ବୈଚିତ୍ର୍ୟ ମଣ୍ଡିତ । ବକ୍ତବ୍ୟ ପ୍ରଦାନ ବେଳେ ଚୈତନ୍ୟ ଚରିତ୍ରାମୃତର ଅନେକ ଉକ୍ତିର ବ୍ୟାଖ୍ୟା ଶ୍ରୋତାମାନଂକୁ ବିମୁଗ୍ଧ କରିଥାଏ ।

'ଶ୍ରୀରାଧା'ଙ୍କ ସଂପର୍କରେ ବିଭିନ୍ନ ସଭାସମିତିରେ ଆଲୋଚନା ମାଧ୍ୟମରେ ଡଃ. ଶାସ୍ତ୍ରୀ ପ୍ରତିପାଦନ କରିଛନ୍ତି ଯେ, ଶ୍ରୀରାଧାଙ୍କ ଆତ୍ମସମର୍ପଣ ଓ ଆତ୍ମ ନିବେଦନ ମଧ୍ୟରେ ତାଂକର ଆତ୍ମ ପରିଚୟ ଓ ଆତ୍ମ ପ୍ରତିଷ୍ଠା ଘଟିଛି । ଶ୍ରୀକୃଷ୍ଣ, ଶ୍ରୀରାଧାଙ୍କ ନିକଟରେ ସତେ ଯେପରି ତାଂକର ସକଳ କାମନାର ସାରାଂଶ ଏବଂ ତାଂକରି ପ୍ରେମପାଇଁ ସତେ ଯେପରି କୃଷ୍ଣଙ୍କର ଜନ୍ମ ଓ ମର୍ତ୍ତ୍ୟଲୀଳା । ପଦ୍ୟାବଳୀ ସାହିତ୍ୟରେ ଶ୍ରୀରାଧା ଚରିତ୍ର ସେହି ଦିବ୍ୟପ୍ରେମ, ଗରିଷ୍ଠ ପ୍ରେମର ପ୍ରତିଭୂ । ମଧ୍ୟଯୁଗୀୟ ଭାରତୀୟ ସାହିତ୍ୟର ବୈଷ୍ଣବ କବିମାନଂକର ପଦ୍ୟାବଳୀରେ ରାଧାକୃଷ୍ଣଙ୍କ ପ୍ରଣୟ ଚିତ୍ର ଯେପରି ବୈଚିତ୍ର୍ୟ ଓ ବର୍ଣ୍ଣୋଜ୍ଜ୍ୱଳତା ଧାରଣ କରିଛି, ଯେପରି ଅନନ୍ୟ ସେହିପରି ଅନବଦ୍ୟ । ବିଦ୍ୟାପତି, ଚଣ୍ଡୀଦାସ, ଜ୍ଞାନଦାସ, ସୁରଦାସ, ମୀରାବାଈ, ବଳଦେବ ରଥ ଓ ଗୋପାଳକୃଷ୍ଣ ପ୍ରଭୃତି କବିବୃନ୍ଦ ଅକ୍ଷୟ କାବ୍ୟ ଯଶର ଅଧିକାରୀ ଏବଂ ଅମର ସ୍ମରଣୀୟ । କୃଷ୍ଣଙ୍କ ଉଦ୍ଦେଶ୍ୟରେ ରାଧାଚରିତର ଆତ୍ମ ନିବେଦନମୂଳକ ଯାହା କିଛି ଆକୂତି ଓ ଉତ୍‌କଣ୍ଠା ତତ୍ତ୍ୱତଃ ଭଗବାନଂକ ଉଦ୍ଦେଶ୍ୟରେ ଭକ୍ତ ଚିତ୍ତର ଚିରନ୍ତନ ଆତ୍ମ ନିବେଦନ ଓ ଆତ୍ମ ସମର୍ପଣର ତାହା ଗୋଟିଏ ବିଶିଷ୍ଟ ରୂପ ।

ଶ୍ରୀରାଧାଙ୍କ ହ୍ଲାଦିନୀରୂପ ଶ୍ରୀକୃଷ୍ଣଙ୍କ ଚରମୋତ୍‌କର୍ଷପ୍ରାପ୍ତା ଶକ୍ତିମାତ୍ର । ବିଶ୍ୱନାଥ ଚକ୍ରବର୍ତ୍ତୀ ଉପମା ଦେଇ ବୁଝାଇଛନ୍ତି- ରାଧା-କୃଷ୍ଣ ଗୋଟିଏ ମୃଣାଳ ମଧ୍ୟରୁ ସମୁଦ୍‌ଗତ ଗୋଟିଏ ନୀଳ ଓ ଗୋଟିଏ ପୀତ ପଦ୍ମ ସଦୃଶ ନିତ୍ୟ ମିଳିତ ।

ଏକାତ୍ମନୀହ ରସପୂର୍ଣ୍ଣତମେର୍ତ୍ୟଗାଧେ
ଏକସୁ ସଂଗ୍ରଥିତମେବ ତନୁଦ୍ୱୟଂ ନୌ ।
କସ୍ମିଂଶ୍ଚିଦେକ-ସରସୀବ ଚକା ଶଦେକ
ନାଳୋତ୍‌ଥମ୍‌ବ୍‌ଜଯୁଗଳଂମ ଖଲୁନୀଳ- ପୀତମ୍ ।

ଭାଗବତ ଗୀତା, ଭାଗବତ, ଉପନିଷଦ ଆଦି ଗ୍ରନ୍ଥରେ ତାଂକର ଅଗାଧ ପାଣ୍ଡିତ୍ୟ ଥିଲା । ଉକ୍ତ ସମସ୍ତ ଗ୍ରନ୍ଥ ତଥା ବ୍ୟାକରଣ ସମ୍ବନ୍ଧୀୟ ସମସ୍ତ ପ୍ରକାରର ଅର୍ଥକୁ ସରଳ ଭାବରେ ବୁଝାଇବାରେ ପାରଙ୍ଗମ ଥିଲେ । ଶ୍ଳୋକ ଉଦ୍ଧାର କରି ମୋହ ଓ ଦୁଃଖର ମୂଳ କାରଣ କ'ଣ ତାହା ସେ ଆଲୋଚନା କରୁଥିଲେ । ଅନୁଗୋଳଠାରେ ରାଜସ୍ୱ କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ଭାଗବତ ସପ୍ତାହ ହେଉ ବା ଜଗତପୁରରେ ସ୍ୱାମିଜୀ

Digitized by srujanika@gmail.com

ନିଜାନନ୍ଦ ସରସ୍ୱତୀଙ୍କ ଶ୍ରୁତି ବିଦ୍ୟାମନ୍ଦିର ବା ମହାନଦୀବିହାରର ଶ୍ରୀ କିଶନଲାଲ ଭରତିଆଂକ ବାସଭବନରେ ଅନୁଷ୍ଠିତ ଗୀତା ପାରାୟଣ ହେଉ ସବୁଠି ତାଂକ ଆଲୋଚନା ଶ୍ରୋତାମାନଂକୁ ପ୍ରଭାବିତ କରେ, ଅନୁପ୍ରାଣିତ କରେ ।

ଡଃ. ଶାସ୍ତ୍ରୀଙ୍କ ମତରେ ଭାଗବତ ଗ୍ରନ୍ଥ ଭାରତୀୟ ଧାର୍ମିକ ପରମ୍ପରାରେ ଅଦ୍ୱିତୀୟ । ବେଦ ହେଉଛି କର୍ମ ପ୍ରଧାନ । ଉପନିଷଦ ହେଉଛି ଜ୍ଞାନମାର୍ଗ । ଏହା କେବଳ ବିଦ୍ୱାନ୍‌ମାନଂକ ପାଇଁ । କିନ୍ତୁ ଭାଗବତ ହେଉଛି ପ୍ରେମ ପ୍ରଧାନ । ଭକ୍ତିର ମାର୍ଗ । ସାଧାରଣ ଲୋକଙ୍କ ପାଇଁ ସରଳ । କାୟ ମନୋବାକ୍ୟରେ ଇନ୍ଦ୍ରିୟ ବା ନିଜ ବୁଦ୍ଧି ବା ସ୍ୱଭାବ ଅନୁସାରେ ଯାହା କିଛି କରିବ, ସେ ସମସ୍ତ ନାରାୟଣଂକୁ ସମର୍ପଣ କରିବ ।

"କାୟେନ ବାଚା ମନସା ଇନ୍ଦ୍ରିୟୈଃ ବା ବୁଦ୍ଧ୍ୟଂତ୍ମନା ବ୍ୟନୁସୃତ ସ୍ୱଭାବାତ୍
କରୋତିଯତ୍ ଯତ୍ ସକଳଂ ପରସ୍ମୈ ନାରାୟଣାୟେତି ସମର୍ପୟେତ୍ ।"

ସେ ପୁନଶ୍ଚ ଦୃଢ଼ତାର ସହ କହନ୍ତି ଯେ, ଏହି ଆତ୍ମ ସମର୍ପଣ ଭାବହିଁ ଭଗବାନ୍‌ଙ୍କୁ ପାଇବାର ଏକମାତ୍ର ଆଶ୍ରୟ । ତାଂକ ଛଡ଼ା ଅନ୍ୟ କେହି ନାହିଁ ।

ଡଃ. ଶାସ୍ତ୍ରୀଙ୍କ ମତରେ ଭାଗବତ ଗ୍ରନ୍ଥ ହେଉଛି କୃଷ୍ଣମୟ । ଭାଗବତର ଏପରି କୌଣସି ସ୍କନ୍ଧ ନାହିଁ, ଯେଉଁଥିରେ କି ଶ୍ରୀକୃଷ୍ଣଙ୍କର ନାମ, ଲୀଳା ଓ ଗୁଣାବଳୀର ବର୍ଣ୍ଣନା କରାଯାଇ ନାହିଁ ।

କୃଷ୍ଣ ! ତ୍ୱଦୀୟଂ ପାପପଙ୍କଜ- ପଞ୍ଜରାନ୍ତଂ
ଅଦୈବମେ ବିଶତୁ ମାନରାଜହଂସଃ
ପ୍ରାଣପ୍ରୟାଗ ସମୟେ କଫବାତପିତ୍ତୈଃ
କଣ୍ଠାବରୋଧନ ବିଧୌ ସ୍ମରଣଂ କୁତସ୍ତେ ।

ହେ କୃଷ୍ଣ ! ଆଜିଠାରୁ ମୋର ମନରୂପକ ରାଜହଂସ କେବଳ ତୁମରି ପାଦପଦ୍ମରେ ସଦ୍ୟ ନିମଗ୍ନରହୁ । କାରଣ ମୃତ୍ୟୁକାଳରେ ଯେତେବେଳେ କଫ, ବାତ, ପିତ୍ତ ଦ୍ୱାରା ମୋର କଣ୍ଠ ଅବରୋଧ ହେବ ସେତେବେଳେ ତୁମର ସ୍ମରଣ ହେବ କିପରି ? ଉଦ୍ଧବଙ୍କୁ ଉପଦେଶ ଦେବା ଛଳରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ଯୋଗ ସାଧନ ଦ୍ୱାରା ମୋତେ ଲାଭ କରାଯାଇପାରେ ନାହିଁ । ସାଂଖ୍ୟ ତତ୍ତ୍ୱ ଦ୍ୱାରା ନୁହେଁ, ସ୍ୱଧ୍ୟାୟ, ତପସ୍ୟା ଓ ତ୍ୟାଗ ଦ୍ୱାରା ନୁହେଁ କେବଳ ଭକ୍ତି ଦ୍ୱାରା ହିଁ ମୋତେ ଲାଭ କରାଯାଇପାରେ । ଦ୍ୱାଦଶ ସ୍କନ୍ଧର ଦ୍ୱାଦଶ ଅଧ୍ୟାୟରେ କୁହାଯାଇଛି- ଯେଉଁ କଥା ଭଗବାନ୍‌ଂକ ଗୁଣାବଳୀରେ ପୂର୍ଣ୍ଣ ତାହା ମନୋହନ, ରୁଚିର, ନିତ୍ୟ ନବୀନ ଓ ରସମୟ ତାହା ମନକୁ ସର୍ବଦା ଆନନ୍ଦ ଦିଏ ।

ତଦେବ ରମ୍ୟମ୍ ରୁଚିରମ୍ ନବଂ ନବଂ
ତଦେବ ଶଶ୍ୱନ୍‌ମନସୋ ମହୋତ୍ସବମ୍

Digitized by srujanika@gmail.com

ତଦେବ ଶୋକାର୍ଣ୍ଣବଶୋଷଣଂ ନୃଣାଂ
ଯଦୁତ୍ତମଶ୍ଳୋକ ଯଶୋଽନୁଗୀୟତେ ।

ତେଣୁ ଭଗବାନ୍‌ଂକଠାରେ ଭକ୍ତି ଜାତ ହେବା ପରେ ସାଧୁପୁରୁଷର ଆଉ କୌଣସିଥିରେ ଆବଶ୍ୟକତା ନ ଥାଏ । ଭକ୍ତ ପ୍ରହ୍ଲାଦ ହେଉ ବା ମାର୍କଣ୍ଡେୟ ଋଷି ଭଗବାନ୍‌ଙ୍କ ଠାରୁ ଭକ୍ତି ଛଡ଼ା ଅନ୍ୟ କିଛି ମାଗେ ନାହିଁ । ଭକ୍ତି ନଅ ପ୍ରକାର । ପ୍ରହ୍ଲାଦ ନିଜ ପିତା ହିରଣ୍ୟକଶିପଙ୍କୁ ନବଧା ଭକ୍ତିର କଥା କହିଛନ୍ତି ।

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋ ସ୍ମରଣଂ ପାଦସେବନଂ
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନଂ ।

ଭଗବାନ୍‌ଙ୍କର ନାମ, ଲୀଳା ଆଦିର ଶ୍ରବଣ, କୀର୍ତ୍ତନ ଓ ସ୍ମରଣ, ପଦସେବା, ପୂଜାର୍ଚ୍ଚନା, ବନ୍ଦନ ନିଜକୁ ଭଗବାନ୍‌ଙ୍କର ଦାସ ରୂପେ ବା ସଖାରୂପେ କଳ୍ପନା କରିବା ଏବଂ ତାଂକଠାରେ ଆତ୍ମସମର୍ପଣ କରିବା । ଶୁକଦେବ କହିଛନ୍ତି ଯେ- ଏହାମଧ୍ୟରୁ ଭଗବାନ୍‌ଂକ ନାମ, ରୂପ, ଗୁଣାଦିର ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ସବୁଠାରୁ ସହଜ । ନିଜେ ରାଜା ପରୀକ୍ଷିତ ଭାଗବତ ଶ୍ରବଣଦ୍ୱାରା ମୋକ୍ଷଲାଭ କଲେ । ନାରଦ ସର୍ବଦା ଭଗବାନଂକର ନାମ କୀର୍ତ୍ତନ କରନ୍ତି । ବୈଷ୍ଣବ ଭକ୍ତମାନେ ଭଗବାନ୍‌ଙ୍କର ନାମ କୀର୍ତ୍ତନ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି । ଅଜାଣତରେ ଭଗବାନ୍‌ଙ୍କର ନାମ ସ୍ମରଣି କରି ପାପୀ ଅଜାମିଳ ମୋକ୍ଷ ହୋଇଗଲା । ଡକ୍ଟର ଶାସ୍ତ୍ରୀଙ୍କ ବିଭିନ୍ନ ବକ୍ତବ୍ୟର ଶ୍ରେଷ୍ଠତା ହେଉଛି ଭାଷାର ସରଳତା, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ଲାଳିତ୍ୟ ଦୃଷ୍ଟିରୁ ଭାଗବତ ଏକ ଶ୍ରେଷ୍ଠ କାବ୍ୟ । ଭାଗବତ ମହାପୁରାଣ ଏବଂ ପରମହଂସୀ ସଂହିତା ।

ଡଃ.ଶାସ୍ତ୍ରୀ "ଖାରବେଳ ଶିଳାଲେଖ" ପୁସ୍ତକରେ ବର୍ଣ୍ଣଲିପି, ଧ୍ୱନି, ବ୍ୟାକରଣ ଶବ୍ଦବସାଣ, ପ୍ରକ୍ରିୟାକୁ ବିଶ୍ଳେଷଣ କରି ଶୈଳୀବିଜ୍ଞାନୀର ଦୃଷ୍ଟିଭଂଗୀ ମଧ୍ୟରେ ଏହାର ତଥ୍ୟ ଓ ଐତିହାସିକ ବିଷୟ ପ୍ରଖ୍ୟାପନ ଉପରେ ଆଲୋକପାତ କରିଛନ୍ତି । ଖାରବେଳ ଶିଳାଲେଖ ଥିଲା ତାଂକ ଉପାଧ୍ୟୁତ୍ତର ଗବେଷଣାର ବିଷୟବସ୍ତୁ । ଏହି ଆଲୋଚନାର କେତୋଟି ବିଷୟ ଡଃ.ଶାସ୍ତ୍ରୀ କୋଣାର୍କ ଓ ଝଙ୍କାର ପତ୍ରିକାରେ ପ୍ରକାଶିତ ହୋଇଥିଲା । କିଛି ଆଲୋଚନା ରେଡ଼ିଓରେ ମଧ୍ୟ ପ୍ରଚାରିତ ହୋଇଥିଲା । ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ରାଜତ୍ୱର ୧୩ବର୍ଷର ବିବରଣୀ ଖୋଦିତ । ଡଃ. ଶାସ୍ତ୍ରୀଙ୍କ ପୂର୍ବରୁ ଶିଳାଲେଖ ସଂପର୍କରେ ଯେଉଁମାନେ ଲୋକଲୋଚନକୁ ଆଣିଥିଲେ ସେମାନେ ହେଉଛନ୍ତି-

୧୮୨୦- ଏ. ଷ୍ଟାରଲିଂ ଓ କର୍ଣ୍ଣେଲ ମାକେଞ୍ଜି
୧୮୩୭- ଜେମ୍‌ସ ପ୍ରିମ୍‌ସେପ ଓ ମେଜର କିଟୋ
୧୮୭୭- ଜେନେରାଲ କନିଂହାମ୍

Digitized by srujanika@gmail.com

୧୮୮୦- ରାଜେନ୍ଦ୍ରଲାଲ ମିତ୍ର
୧୮୮୫- ଡକ୍ଟର ଭଗବାନ ଲାଲ ଇନ୍ଦ୍ରାଜୀ
୧୮୯୫- ଜି. ୟୁଲହର
୧୯୧୦- ଜେ.ଏଫ୍. ଫ୍ଲିଟ୍
୧୯୧୭- କେ.ପି. ଜୟସ୍ୱାଲ ।

ଏହା ବ୍ୟତୀତ ଶ୍ରୀ ରାଖାଲ ଦାସ ବାନାର୍ଜୀ, ଆର୍.ପି. ଚନ୍ଦ, ସିଲଭାନ୍ ଲେଭି, ରମେଶ ଚନ୍ଦ୍ର ମଜୁମଦାର, ଡକ୍ଟର ବେଣୀ ମାଧବ ବରୁଆ, ଦିନେଶ ଚନ୍ଦ୍ର ସରକାର, ଡକ୍ଟର ନବୀନ କୁମାର ସାହୁ, କେଦାର ନାଥ ମହାପାତ୍ର, ଡକ୍ଟର ହରେକୃଷ୍ଣ ମହତାବ, କୁଞ୍ଜବିହାରୀ ତ୍ରିପାଠୀ, ଡକ୍ଟର ବେଣିମାଧବ ପାଢ଼ୀ ପ୍ରମୁଖ ବିଶାରଦଗଣ ପାଠୋଦ୍ଧାର ଓ ଗବେଷଣା ଦ୍ୱାରା ଓଡ଼ିଶା ଓ ଓଡ଼ିଆ ଜାତିର ଏକ ଗୌରବୋଜ୍ଜ୍ୱଳ ଐତିହ୍ୟ ଲୋକଲୋଚନକୁ ଆସିପାରିଛି କିନ୍ତୁ ଡଃ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ପାଠୋଦ୍ଧାର ଅନୁବାଦ ଏବଂ ଅନ୍ୟାନ୍ୟ ଆଲୋଚନା ଆଜିବି ଅଭ୍ରାନ୍ତ ।

ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ ଐରବଂଶୋଦ୍ଭବ ବୋଲି ପରିଚିତ କରିବାକୁ ଯାଇ 'ଐରେଣ' ପଦ ପ୍ରୟୋଗ କରିଛନ୍ତି । ପଣ୍ଡିତ କେଦାରନାଥ ମହାପାତ୍ର, ଡଃ ବରୁଆ, ଡଃ. ସୁକୁମାର ସେନ, ଡଃ ସାହୁ ପ୍ରମୁଖ, "ଐର" ଶବ୍ଦର ଆର୍ଯ୍ୟଅର୍ଥ ଗ୍ରହଣ କରିଛନ୍ତି । କିନ୍ତୁ ଡଃ.ଶାସ୍ତ୍ରୀ ଯୁକ୍ତିର ସହ ଦର୍ଶାଇଛନ୍ତି ଯେ- ଆର୍ଯ୍ୟଅର୍ଥ ଯୁକ୍ତ ଐର ଶବ୍ଦ ସମଞ୍ଜସ ନୁହେଁ । ଶିଳାଲେଖରେ କଳିଙ୍ଗନଗରୀର ଉଲ୍ଲେଖ ସାତଥରରୁ ଅଧିକ ହୋଇଛି । ଡଃ.ଶାସ୍ତ୍ରୀଙ୍କ ମତରେ ତନସୁଲୀ ବା ତଉସୁଲୀ ଅର୍ଥାତ୍ ଧଉଳିଗିରି, ରାଜଧାନୀ କଳିଙ୍ଗନଗରୀ ଓ କୁମାରୀ ପର୍ବତ ବା ଖଣ୍ଡଗିରି ଉଦୟଗିରି ଏ ସମସ୍ତ ସ୍ଥାନ ପରସ୍ପରର ସଂଲଗ୍ନ ବା ନିକଟବର୍ତ୍ତୀ । ସୁତରାଂ ଯେଉଁ ଐତିହାସିକ ଓ ଗବେଷକମାନେ କଳିଙ୍ଗ ନଗରୀକୁ କଳିଙ୍ଗପତ୍ତନମ୍, ପଶ୍ଚିମବଂଗର ବର୍ଦ୍ଧମାନ ଓ ମହାନଦୀ ତୀରବର୍ତ୍ତୀ ସ୍ଥାନ ସହିତ ଅଭିନ୍ନ ବୋଲି ମତବ୍ୟକ୍ତ କରିଛନ୍ତି ତାହା ଶିଳାଲେଖ ଉଦ୍ଧୃତି ଅନୁସାରେ ଅତି ଅବାସ୍ତବ ଓ ଯୁକ୍ତିହୀନ । (ଖାରବେଳ ଶିଳାଲେଖ)

ଡକ୍ଟର ଶାସ୍ତ୍ରୀଙ୍କ ମତରେ ଖାରବେଳ ଶିଳାଲେଖ ଗୋଟିଏ ଅଳଙ୍କାର ସମୃଦ୍ଧ ରସୋତ୍ତୀର୍ଣ୍ଣ ଗଦ୍ୟକାବ୍ୟ । ଏହି ଗଦ୍ୟଶୈଳୀ ବେଦ, ଉପନିଷଦ, ପାଲି, ତ୍ରିପିଟକ, ଜୈନ ଆଗମ ପ୍ରଭୃତିର ଗଦ୍ୟ ଶୈଳୀଠାରୁ ସମ୍ପୂର୍ଣ୍ଣ ପୃଥକ । ଏହାର ବିଶିଷ୍ଟ ଶୈଳୀ ଭାରତର ଗଦ୍ୟ ସାହିତ୍ୟର ଏକ ନବଯୁଗର ଆବାହନୀ । ଏହି କାବ୍ୟିକ ଗଦ୍ୟଶୈଳୀ ପରବର୍ତ୍ତୀ କାଳରେ ସଂସ୍କୃତ ଓ ପ୍ରାକୃତ ସାହିତ୍ୟର କବିସ୍ରଷ୍ଟାମାନଂକୁ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ପ୍ରେରଣା ଯୋଗାଇଛି । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ-ପ୍ରଥମ ଶତାବ୍ଦୀର ଏହି ଗଦ୍ୟଶୈଳୀ ସମ୍ଭବତଃ

Digitized by srujanika@gmail.com

ପରବର୍ତ୍ତୀ ଶ୍ରେଷ୍ଠ କବି କାଳିଦାସ ପ୍ରଭୃତିଙ୍କର ଉପମା ଅନୁପ୍ରାସ ପ୍ରାଚୁର୍ଯ୍ୟ ସମ୍ବଳିତ କାବ୍ୟ ସୃଷ୍ଟିର ପଟ୍ଟଭୂମି ରୂପେ ବିବେଚିତ ହେବା ଅସମୀଚୀନ ନୁହେଁ । (ଖାରବେଳ ଶିଳାଲେଖ- ପୃ-୫୨)

ସାର୍ଥକ କାବ୍ୟରେ ବ୍ୟଞ୍ଜନାହିଁ ପ୍ରଧାନ ଲକ୍ଷଣ । ଏହି ଦୃଷ୍ଟିରୁ ଏହି ଶିଳାଲେଖଟି ବ୍ୟଞ୍ଜନାସମୃଦ୍ଧ ଗଦ୍ୟକାବ୍ୟ । 'ମିତଂ ଚ ସାରଂ ଚ' ଯଦି ଉତ୍କୃଷ୍ଟ ପ୍ରକାଶଭଂଗୀ ହୁଏ, ତାହାହେଲେ ଏଥିରେ ସଂକ୍ଷେପରେ ମାତ୍ର ସତରଟି ପଂକ୍ତିରେ ଓଡ଼ିଶାର ତତ୍କାଳୀନ ରାଜନୀତି, ଧର୍ମନୀତି, ରାଷ୍ଟ୍ରନୀତି, ବିଜୟ ଗୌରବ ଓ ସାମାଜିକ ସଂସ୍କୃତି ସଂପର୍କରେ ଯାହା ବ୍ୟକ୍ତ ହୋଇଛି ତାହାର ବହୁଗୁଣ ବ୍ୟଞ୍ଜନାରେ ଗର୍ଭିତ ହୋଇ ରହିଅଛି, ତାହାକୁ ପୁଲକିତ କରି ଶତଶତ ପୃଷ୍ଠା ସମ୍ବଳିତ ବହୁଗ୍ରନ୍ଥ ଲିଖିତ ହୋଇ ସାରିଲାଣି ତଥାପି ଏ ଶିଳାଲେଖରେ ସଂଚିତ ତଥ୍ୟ ଭଣ୍ଡାର ନିଃଶେଷ ହୋଇ ନାହିଁ । ଶିଳାଲେଖର ଲିପି ଓ ଭାଷା ଉପରେ ବିଶଦ ଆଲୋଚନା କରି ଡକ୍ଟର ଶାସ୍ତ୍ରୀ ଖାରବେଳ, ଶିଳାଲେଖର ଭାଷାକୁ 'ଉଡ୍ରଜା ପ୍ରାକୃତ' କହିବା ହିଁ ଯୁକ୍ତସମ୍ମତ । ଏହା ଅନ୍ୟାନ୍ୟ ପ୍ରାକୃତ ତଥା ପାଲି ପ୍ରଭୃତି ଭାଷାଠାରୁ ସ୍ୱତନ୍ତ୍ର ।

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କର ଓଜସ୍ୱିନୀ ଭାଷଣର ଅନ୍ୟ ଏକ ବିସ୍ତାରିତ ଦିଗନ୍ତ ଥିଲା ନାଥଧର୍ମ ଓ ଦର୍ଶନ । ନାଥଧର୍ମର ପ୍ରଚାର ଓ ପ୍ରସାର ପାଇଁ ୧୯୬୮ରେ ଡକ୍ଟର ଶାସ୍ତ୍ରୀ ସ୍ଥାପନ କରିଥିଲେ ଯୋଗାଶ୍ରମ ସଂଘ । ଏହାର ମୁଖପତ୍ର ଥିଲା ଯୋଗାଶ୍ରମ ବାଣୀ । ଭୁବନେଶ୍ୱରର କପାଳିମଠରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କାହ୍ନୁଚରଣ ମିଶ୍ର, ଅଧ୍ୟାପକ ବୈଷ୍ଣବ ଚରଣ ସାମଲ ପ୍ରମୁଖ ବିଦ୍ୱାନ୍‌ମାନେ ଅଂଶ ଗ୍ରହଣ କରୁଥିଲେ । ନାଥ ଧର୍ମ ଓ ଦର୍ଶନ ଉପରେ ଗବେଷଣା ଏବଂ ଆଲୋଚନା କ୍ଷେତ୍ରରେ ଯୋଗାଶ୍ରମ ସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଡକ୍ଟର ହରେକୃଷ୍ଣ ମହତାବ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତି ପ୍ରଫେସର ପ୍ରହ୍ଲାଦ ପ୍ରଧାନ, ରେଭେନ୍‌ସା ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ କବିରାଜ ବନମାଳୀ ଦାସ ପ୍ରମୁଖ ସଂଘର କାର୍ଯ୍ୟ ସହ ଜଡ଼ିତ ଥିଲେ । ବାଲେଶ୍ୱର ଜିଲ୍ଲାର ତ୍ରିଲୋଚନପୁର ଠାରେ ଅନୁଷ୍ଠିତ ଏକ ବିରାଟ ସମାରୋହରେ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଯୋଗଦାନ କରିଥିଲେ । ଜଗତ୍‌ସିଂହପୁର ଜିଲ୍ଲାର ଛପଡ଼ା ଠାରେ ଥିବା ଗୋରକ୍ଷ ଗାଦୀରେ ପ୍ରତି ବର୍ଷ ଯୋଗାଶ୍ରମ ସଂଘ ଗୋରଖନାଥଙ୍କ ଜୟନ୍ତୀ ବୈଶାଖ ପୂର୍ଣ୍ଣମୀ ଦିନ ଆୟୋଜନ କରିଥାଏ । ଅଗ୍ନି ପୂର୍ଣ୍ଣମା ଦିନ ଏଠାରେ ବହୁ ଗ୍ରାମବାସୀ ଏକତ୍ର ହୋଇ ସାରା ରାତ୍ରି ଭଜନ କୀର୍ତ୍ତନରେ କଟାଇଥାନ୍ତି । ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଉଦ୍ୟମରେ କେୟାରବାଙ୍କ ମଠରେ ୧୯୮୦ ମସିହାରେ ନାଥ ଧର୍ମ ଓ ଦର୍ଶନ ଉପରେ ଏକ ବିରାଟ ସମାରୋହ ଅନୁଷ୍ଠିତ ହୋଇଥିଲା ।

Digitized by srujanika@gmail.com

